ପ୍ରାଚୀ ଗ୍ରନ୍ଥମାଳା (୯)

UTKAL UNIVERSITY

ରସକଲ୍ଲୋଳ

ଦୀନକୃଷ୍ଣ ଦାସ

Digitized by srujanika@gmail.com

An Authenticated Edition of

RASAKALLOL

By

DEENAKRUSHNA DAS.

Edited by

Rai Bahadur A. B. Mohanty, M. A.,

with different readings, introduction and notes.

ଭକ୍ତକବି ଦୀନକୃଷ୍ଣ ଦାସଙ୍କ ବିରଚିତ

ରସକଲ୍ଲୋଳ

ବହୁପାଠ, ମୂଲ୍ୟୁଚ ମୁଖବନ୍ଧ ଓ କଲ୍ଲୋଳବୋଧିନୀ ଟୀକା ସହ

ରେଭେନ୍ସା କଲେଜର ଅଧ୍ୟାପକ

ରାୟବାହାଦୁର ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି ଏମ୍. ଏ.ଙ୍କ ଦ୍ୱାରା

ସଙ୍କଳିତ

ଦ୍ୱିତୀୟ ସଂସ୍କରଣ

ପ୍ରକାଶକ—

ଉତ୍କଳ ବିଶ୍ୱବିଦ୍ୟାଳୟ

କଟକ

୧୯୫୩

ମୂଲ୍ୟ—ତିନି ଟଙ୍କା

Digitized by srujanika@gmail.com

ଛାନ୍ଦମାନଙ୍କର ସୂଚିପତ୍ର

ବିଷୟ		ପୃଷ୍ଠା
୧ ।	କର ସାଧୁଜନମାନେ ମନକୁ ଏକ ...	୧
୨ ।	କର ଅହେ ସାଧୁଜନମାନେ ମନ ଏକତାନ	୩
୩ ।	କର୍ଣ୍ଣେ ନନ୍ଦସୁତ ହେବା ଶୁଣିଲେ	୭
୪ ।	କର୍ଣ୍ଣ ଦେଇ ଶୁଣ ଅହେ ସାଧୁଜନେ	୧୨
୫ ।	କୃଷ୍ଣ ବାଳକଲୀଳା ଏକମନେ	୧୬
୬ ।	କର୍ଣ୍ଣ ମନ ଦେଇ ଶ୍ରଦ୍ଧାବନ୍ତ ହୋଇ	୨୩
୭ ।	କମଳ-ନୟନ କୃଷ୍ଣ ଶ୍ରୀନନ୍ଦନନ୍ଦନ	୨୯
୮ ।	କହୁଥିବ ହଂସ ପକ୍ଷୀପ୍ରେ ଗମନ	୩୫
୯ ।	କର ସାଧୁଜନମାନେ ଏକମନ କର୍ଣ୍ଣ ଦେଇ କୃଷ୍ଣ କଥାକୁ	୩୯
୧୦ ।	କୁମୁଦନନ୍ଦନୀ ସଖୀଗଣ ହେନ	୪୩
୧୧ ।	କର୍ଣ୍ଣେ ଶୁଣ ସୁଜନେ କୃଷ୍ଣକଥା	୪୫
୧୨ ।	କୁସୁମ ସମୟ ହୋଇଲା ଉଦୟ	୫୨
୧୩ ।	କଳ୍କଙ୍କ ରହିତ କଳାକରଜାତ	୫୭
୧୪ ।	କୁସୁମକାଳ କାହାକୁ କାଳ ପ୍ରାୟେ ହୋଇଲା ପ୍ରତେ	୬୪
୧୫ ।	କ୍ରମେ ମଧୁ ଶେଷ ହୋଇଲା ପ୍ରବେଶ	୬୯
୧୬ ।	କ୍ରମେ ଗ୍ରୀଷ୍ମ ହୋଇଲା ଶେଷ	୭୫
୧୭ ।	କ୍ରମେ ପ୍ରବେଶ ହୋଇଲା ଶରଦ	୮୩
୧୮ ।	କରଚନ୍ଦ୍ର ଦେବେ ଏକଦୃଷ୍ଟି ...	୮୬
୧୯ ।	କ୍ରୀଡ଼ା ଶେଷେ ଗୋପନାରୀ ...	୮୯
୨୦ ।	କୁଞ୍ଜକୁଟୀରେ ଫୁଲଶେଯ ଉପରେ	୯୩
୨୧ ।	କିଶୋର ଅଂଶରେ ବସ ମାନସରେ	୯୮
୨୨ ।	କଲେ ଯାଇ ଅବଲୋକ	୧୦୬
୨୩ ।	କୃଷ୍ଣଙ୍କୁ ଦେଖି ଗୋପୀ ହେଲେ ଯାହା	୧୧୦
୨୪ ।	କନ୍ଦର୍ପର କର ମନ୍ଦ ନୁ ଅନ୍ତର	୧୧୫

Digitized by srujanika@gmail.com

ବିଷୟ		ପୃଷ୍ଠା
୨୫ । ଜର ସାଧୁ ବିବେକ ଜନେ କାତର		୧୧୭
୨୬ । କୃଷ୍ଣ କଂସନଗର ଯିବା ଶୁଣି		୧୨୫
୨୭ । କର୍ଣ୍ଣେ ଦେଇ କୃଷ୍ଣ କଥା		୧୩୨
୨୮ । କୃଷ୍ଣ ବିଜୟେ ମଥୁରା ଦାଣ୍ଡେ	...	୧୪୦
୨୯ । ଜୟ ଦେବତାଙ୍କ କାର୍ଯ୍ୟ କରୁଣାନିଧି	...	୧୪୩
୩୦ । କମଳନେତ୍ର କଂସ କଟକେ ଥାଇ	...	୧୪୭
୩୧ । କଣ୍ଠୋଦ୍ଧାରତନ ବ୍ୟଥା ବିରହେ		୧୫୦
୩୨ । କୃଷ୍ଣ ଦୂତକୁ ବସାଇ ପାଖେ		୧୫୫
୩୩ । ଚର୍ଚ୍ଚିତ୍ର ଉଦ୍ଧବ କେବେବେହେଁ ମାଧବ		୧୬୦
୩୪ । କଂସ-କର-କଣ୍ଠୀରବ କେଶବ		୧୬୩

Digitized by srujanika@gmail.com

ମୁଖବନ୍ଧ

ଭକ୍ତକବି ଦୀନକୃଷ୍ଣଙ୍କ ରସକଲ୍ଲୋଳ ଉତ୍କଳରେ ପ୍ରାୟ ସର୍ବତ୍ର ପରିଚିତ । ଏହାର ଅନେକ ସଂସ୍କରଣ ହୋଇ ସାରିଅଛି । ସେ ସଂସ୍କରଣମାନଙ୍କରେ ଅଶୁଦ୍ଧ ଓ ଅସଙ୍ଗତ ପଦମାନ ଦେଖି ସୁବିସ୍ତୃତ ଟୀକା ସହ ଏକ ବିଶୁଦ୍ଧ ସଂସ୍କରଣ କରିବାକୁ ମନସ୍ଥ କଲି । ମୋର ପ୍ରିୟ ଛାତ୍ର ଶ୍ରୀମାନ୍ ଅମରେନ୍ଦ୍ର ବଲ୍ଲଭ ଦେ ଏମ୍. ଏ., ବି. ଏଲ୍. ବିଭିନ୍ନ ସ୍ଥଳରୁ ଆନୀତ ଦଶଖଣ୍ଡ ତାଳପତ୍ର ପୋଥି ଓ ମୁଦ୍ରିତ ସଂସ୍କରଣମାନଙ୍କ ମଧ୍ୟରୁ ଦୁଇଖଣ୍ଡ ମୋ ପରାମର୍ଶମତେ ମିଳାଇ ଶୁଦ୍ଧ ପାଠ ଗ୍ରହଣରେ ମୋତେ ବିଶେଷ ସାହାଯ୍ୟ କରିଅଛନ୍ତି ।

ଗ୍ରନ୍ଥପ୍ରାପ୍ତି—ପୁରୀ ଜିଲ୍ଲାର ଏମାରମଠର ମହନ୍ତ ମହାରାଜ, ମୋର ଛାତ୍ରଦ୍ୱୟ ଶ୍ରୀମାନ୍ ବାବୁ ଜଗଦାନନ୍ଦ ମହାନ୍ତି ବି. ଏ. ଓ ଶ୍ରୀ ଅଦ୍ୱୈତଚରଣ ମହାନ୍ତି ବି. ଏ. କଟକ ଜିଲ୍ଲାର—ସୁଖୀ ମାଜିଷ୍ଟ୍ରେଟ ରାୟ ବାହାଦୁର ଶ୍ରୀ ଦୟାନିଧି ଦାସ ବି. ଏ., ମୋର ଛାତ୍ର ଶ୍ରୀମାନ୍ ବାବୁ ପଦାରବିନ୍ଦ ମହାନ୍ତି ବି. ଏସ୍. ସି., ଚଇଁପୁରନିବାସୀ ଜମିଦାର ଶ୍ରୀ ବାବୁ ସୋମନାଥ ଜାନର୍ଗୋ, ମୋର ପିତୃବ୍ୟ ଶ୍ରୀ ପଦ୍ମଚରଣ ମହାନ୍ତି ।

ଢେଙ୍କାନାଳ, ବାଲେଶ୍ୱର ଓ ମୟୂରଭଞ୍ଜ ନିବାସୀ ମୋର ଛାତ୍ର ଶ୍ରୀମାନ୍ ମୁକୁନ୍ଦ ପ୍ରଧାନ, ପଦ୍ମଲୋଚନ ଉପାଧ୍ୟାୟ ବି. ଏ. ଓ ମହେନ୍ଦ୍ରନାରାୟଣ ପଣ୍ଡା ମୋତେ ପ୍ରତ୍ୟେକ ରସକଲ୍ଲୋଳର ଖଣ୍ଡିଏ ଲେଖା ପୋଥି ଯୋଗାଇ କୃତଜ୍ଞତା ଓ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଏ ପୋଥିମାନଙ୍କ ବିଷୟରେ ବିସ୍ତର କରିବା ନିଷ୍ପ୍ରୟୋଜନ ମନେ କରି ସେଥିରୁ କ୍ଷାନ୍ତ ହେଲି । ମୁଦ୍ରିତ ସଂସ୍କରଣ-ମାନଙ୍କ ମଧ୍ୟରୁ ପଣ୍ଡିତ କପିଳେଶ୍ୱର ବିଦ୍ୟାଭୂଷଣ ଓ ନିତ୍ୟାନନ୍ଦ ସାହୁଙ୍କ ସଂସ୍କରଣଦ୍ୱୟ ଶୁଦ୍ଧ ପାଠ ଗ୍ରହଣରେ ବ୍ୟବହୃତ ହୋଇଅଛି ।

ପଣ୍ଡିତ ୰ କପିଳେଶ୍ୱର ବିଦ୍ୟାଭୂଷଣଙ୍କ ଦ୍ୱାରା ସଙ୍କଳିତ ରସକଲ୍ଲୋଳର ପ୍ରଥମ ସଂସ୍କରଣ ଅପେକ୍ଷାକୃତ ଶୁଦ୍ଧ । ତହିଁରେ ପ୍ରମାଦ ଅଛି, କିନ୍ତୁ ତାହାର ଭିନ୍ନ ଭିନ୍ନ ମୁଦ୍ରଣରେ ପ୍ରକାଶକ ଓ ମୁଦ୍ରାକରଙ୍କ ଅସାବଧାନତା ହେତୁ ଭ୍ରମ ଓ ପ୍ରମାଦ ବିଶେଷ ଭାବରେ ସ୍ଥାନଲାଭ କରିଅଛି । ଅନ୍ୟଙ୍କ ଦ୍ୱାରା ସଙ୍କଳିତ ଏହି କାବ୍ୟ କେବଳ ଉକ୍ତ ସଂସ୍କରଣର ଅବିକଳ ନକଲ ମାତ୍ର । ଏହି ନକଲବୃନ୍ଦ

Digitized by srujanika@gmail.com

ଉତ୍କଳରେ ଗ୍ରନ୍ଥପ୍ରକାଶକମାନଙ୍କ ମଧ୍ୟରେ ପୂର୍ଣ୍ଣଭାବରେ ବିଦ୍ୟମାନ । ବିଜୟଚନ୍ଦ୍ର ମଜୁମଦାରଙ୍କ ଉତ୍କଳ ସାହିତ୍ୟ ପରିଚୟରେ ଏହି ରସକଲ୍ଲୋଳର ଅଂଶ ମଧ୍ୟ ଭ୍ରମ ପ୍ରମାଦ ଦୂଷିତ ।

ତାରଣୀଚରଣ ରଥ, ବିଜୟଚନ୍ଦ୍ର ମଜୁମଦାର ପ୍ରମୁଖ କେତେକ ସାହିତ୍ୟିକ ରସବିନୋଦ, ଗୁଣସାଗର, ପ୍ରସ୍ତାବସିନ୍ଧୁ ଓ ନାମରତ୍ନଗୀତା ପ୍ରଭୃତିର ରଚୟିତା ଦୀନକୃଷ୍ଣଙ୍କଠାରୁ ନାବକେଳି, ଆର୍ତ୍ତତ୍ରାଣ ଚଉତିଶା, ରସକଲ୍ଲୋଳ ପ୍ରଭୃତିର କବି ଦୀନକୃଷ୍ଣଙ୍କୁ ପୃଥକ୍‌ରୂପେ ଗ୍ରହଣ କରିଅଛନ୍ତି । ସେମାନଙ୍କ ମତରେ ରସକଲ୍ଲୋଳକାରଙ୍କ ଭାଷାର ରଚନାପଦ୍ଧତି, ପଦଲାଳିତ୍ୟ ଓ ବର୍ଣ୍ଣନାସୌନ୍ଦର୍ଯ୍ୟ ରସବିନୋଦ ପ୍ରଭୃତି ରଚୟିତା ଦୀନକୃଷ୍ଣଙ୍କ ଭାଷାରେ ପରିଦୃଷ୍ଟ ହୁଏ ନାହିଁ । ଅଧିକନ୍ତୁ ରସକଲ୍ଲୋଳକାର ବର୍ଣ୍ଣରେ କରଣ, ଏହା ରାମଦାସକୃତ ଦାର୍ଢ୍ୟତାଭକ୍ତିରେ ଲିଖିତ ଅଛି :—

ପୁରୁଷୋତ୍ତମେ ତାର ବାସ, ନାମ ତାହାର କୃଷ୍ଣ ଦାସ ।
ଜାତିରେ ଅଟଇ କରଣ, ପଣ୍ଡିତ ବିବେକ ସୁଜାଣ ।

ଡଷ୍ଟର ସାହେବ ତାଙ୍କୁ କରଣ ବୈଷ୍ଣବ ବୋଲି କହିଅଛନ୍ତି । ୰ମୃତ୍ୟୁଞ୍ଜୟ ରଥେ ମଧ୍ୟ ତାଙ୍କୁ ପୁରୀସହରବାସୀ କରଣ ବୈଷ୍ଣବରୂପେ ଗ୍ରହଣ କରିଅଛନ୍ତି । ରସବିନୋଦକାର ଜାତିରେ ରାଜପୁତ (ରଜପୁତ), ତାହା ସେ ରସବିନୋଦରେ ନିର୍ଦ୍ଦେଶ କରିଅଛନ୍ତି ।

ମୁଁ ଛାର ନାହିଁରେ ଗଣନା । ଜାତିରେ ରାଜପୁତ ସିନା । ୧ମ ଅଧ୍ୟାୟ
ମଧୁସୂଦନ ଜ୍ୟେଷ୍ଠ ଶିଷ୍ୟ । ନାମ ମୋହର କୃଷ୍ଣଦାସ ।
× × × ×
ସୁବର୍ଣ୍ଣରେଖା ନଦୀତୀର । ଜନମ ସେହିଠାରେ ମୋର ।
ରାଜ୍ୟରୁ କ ଦେବା ଉପମା । ଘର ଟମା ଭୁଲେଶ୍ୱର ସୀମା ।
ସେତେକ ରାଜପୁତ ବେଣେ । ଅଛନ୍ତି ଜାତି ଗୋତ୍ରଗଣେ । ୬ଷ୍ଠ ଅଧ୍ୟାୟ

ମୃତ୍ୟୁଞ୍ଜୟ ରଥେ ଲେଖିଛନ୍ତି "କେହି କେହି କହନ୍ତି ଯେ ରସକଲ୍ଲୋଳକାର ବେଶ୍ୟାପୁତ୍ର ଥିଲେ, କିନ୍ତୁ ତାହା ସପକ୍ଷରେ ସବିଶେଷ ପ୍ରମାଣ କିଛି ନାହିଁ ।" ବିଜୟଚନ୍ଦ୍ର ମଜୁମଦାର ସେହି କିମ୍ବଦନ୍ତୀରେ ବିଶ୍ୱାସ ସ୍ଥାପନପୂର୍ବକ ଲେଖିଅଛନ୍ତି ଯେ ସେ ଜଣେ ନୀଚଜାତୀୟ ଲୋକ ଥିଲେ ଏବଂ ତାଙ୍କର ବୈଷ୍ଣବଧର୍ମ ଗ୍ରହଣ କଲା ପର୍ଯ୍ୟନ୍ତ ସେ ଏକ ଅତି ଘୃଣ୍ୟବୃତ୍ତି ଅବଲମ୍ବନ କରିଥିଲେ । (ତାଙ୍କର ପିତା କରଣ ଓ ମାତା ବେଶ୍ୟାକନ୍ୟା ହୋଇଥିଲେ, କରଣ ଓ ବେଶ୍ୟାପୁତ୍ର ଉକ୍ତିଦ୍ୱୟର ବିରୋଧ ମତ ପରିହାର ହୋଇ ପାରେ ।)

ଦୀନକୃଷ୍ଣ କେଉଁ କାଳର ଲୋକ ଥିଲେ, ଏ ବିଷୟରେ ମଧ୍ୟ କେହି ସ୍ଥିର ସିଦ୍ଧାନ୍ତରେ ଉପନୀତ ହେଲା ପରି ଜଣାପଡ଼ୁ ନାହାନ୍ତି । ବିଜୟଚନ୍ଦ୍ର ମଜୁମଦା-

Digitized by srujanika@gmail.com

କହନ୍ତି ଯେ ଦାର୍ଢ୍ୟତାଭକ୍ତିର ଉକ୍ତି ଅନୁସାରେ ଭୋଇବଂଶର ରାଜା ପ୍ରତାପ-ରୁଦ୍ରଙ୍କ ଦ୍ୱାରା ଦୀନକୃଷ୍ଣ ଅତ୍ୟନ୍ତ ଉତ୍ପୀଡ଼ିତ ହୋଇଥିଲେ । ସେହି ପ୍ରତାପରୁଦ୍ର ନିଜର ମନ୍ଦ ଆଚରଣ ହେତୁ ଲୋକଙ୍କ ଦ୍ୱାରା ଶକା ପ୍ରତାପ (ଚକ୍ର ପ୍ରତାପ) ନାମରେ ଅଭିହିତ ହୋଇଥିଲେ ; ସେ ୧୫୬୭ ସାଲ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ; ତହୁଁ ଦୀନକୃଷ୍ଣ ତାଙ୍କର ସମସାମୟିକ । ଭକ୍ତଚରଣ ଦାସ ଉତ୍କଳର ମୁସଲମାନ ରାଜତ୍ୱର ପ୍ରଥମକାଳର ଲୋକ ଥିଲେ; କାରଣ ୧୫୬୮ ସାଲରେ * ମୁକୁନ୍ଦ ଦେବଙ୍କ ମୃତ୍ୟୁର ପରକାଳରୁ ମୁସଲମାନମାନେ ଉତ୍କଳରେ ଆଧିପତ୍ୟ ସ୍ଥାପନ କରିବାକୁ ଲାଗିଲେ । †

ଷ୍ଟର୍ଲିଂ, ହଣ୍ଟର, କୃପାସିନ୍ଧୁଙ୍କ ମତରେ ଚକ୍ରପ୍ରତାପ ୧୫୪୧ ସାଲ ଠାରୁ ୧୫୪୯ ସାଲ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଯେଉଁ ଦାର୍ଢ୍ୟତାଭକ୍ତିର ପ୍ରମାଣ ସ୍ୱରୂପ ବିଜୟ ବାବୁ ଧରିଅଛନ୍ତି ସେହି ଦାର୍ଢ୍ୟତାଭକ୍ତିରେ ଦିବ୍ୟସିଂହ ଦେବ ଦୀନକୃଷ୍ଣ ଦାସଙ୍କୁ ବନ୍ଦୀ କରିବା ବିଷୟ ଲିଖିତ ଅଛି ।

"ସେ ଦିବ୍ୟସିଂହ ମହାରଥୀ । ସ୍ୱପନେ ଦେଖି ଏହୁ କଥା ।"

---

* ତେବେ ତେଲଙ୍ଗା ମୁକୁନ୍ଦଦେବ ବିଜୟ ବାବୁଙ୍କ ଉକ୍ତି ଅନୁସାରେ ୧୫୬୭ ସାଲରୁ ୧୫୬୮ ସାଲ ପର୍ଯ୍ୟନ୍ତ ୧ ବର୍ଷ ମାତ୍ର ରାଜତ୍ୱ କରିଥିଲେ ।

† ପୁନଶ୍ଚ ବିଜୟଚନ୍ଦ୍ର କହନ୍ତି ଯେ ଦାର୍ଢ୍ୟତାଭକ୍ତି ପ୍ରାୟ ୧୭୫୦ ସାଲରେ ରଚିତ ହୋଇଥିବା ହେତୁ ଦୀନକୃଷ୍ଣ ସେ ସମୟରୁ ଜଣେ ଅଦ୍ଭୁତ ଶକ୍ତିଶାଳୀ ମହାତ୍ମାରୂପେ ବିବେଚିତ ହୋଇଥିଲେ ଓ ତାହାହିଁ ତାଙ୍କର ସମୟ ନିରୂପଣର (ଅର୍ଥାତ୍ ୧୫୬୭ ସାଲରେ ଦୀନକୃଷ୍ଣ ଜୀବିତ ଥିବା) ବିରୁଦ୍ଧରେ ମଧ୍ୟ ଗ୍ରହଣୀୟ । ବୀରକେଶରୀ ଦେବଙ୍କ ୪୨ ଅଙ୍କରେ ଦାର୍ଢ୍ୟତାଭକ୍ତି ପ୍ରଥମ ଖଣ୍ଡ ଶେଷ ହେବା ରାମଦାସ ସେହି ଗ୍ରନ୍ଥର ଉପସଂହାରରେ କହିଅଛନ୍ତି ।

ଶ୍ରୀ ବୀରକେଶରୀ ଦେବଙ୍କ । ସମ୍ପୂର୍ଣ୍ଣ ବୟାଳିଶ ଅଙ୍କ ।
ସମ୍ପୂର୍ଣ୍ଣ ହେଲା ଏ ଚରିତ । କହଇ ଲଛମନ ସୁତ ।

ବୀରକିଶୋର ଦେବ ୧୭୪୩ ସାଲରୁ ୧୭୮୦ ସାଲ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାଙ୍କର ୪୨ ଅଙ୍କ ୧୭୭୬ କି ୧୭୭୭ ସାଲ ହେଉଅଛି । ଏହି ସମୟରେ ଦାର୍ଢ୍ୟତାଭକ୍ତିର ୧ ଖଣ୍ଡ ଶେଷ ହୋଇଥିଲା । ଦୀନକୃଷ୍ଣ ୧୭୧୫ ସାଲ ପର୍ଯ୍ୟନ୍ତ ଜୀବିତ ଥିବା ଅନୁମାନ କଲେ ୬୦।୬୨ ବର୍ଷ ଭକ୍ତଙ୍କଠାରେ ଅମାନୁଷିକ ଶକ୍ତି ଆରୋପିତ ହେବାର ଯଥେଷ୍ଟ ସମୟ । ତାହାର ନିଦର୍ଶନ ସ୍ୱରୂପ ଆଧୁନିକ ଯୁଗର ଅନ୍ଧ କବିବର ଭୀମଭୋଇ ଅଛନ୍ତି ।

ଦାର୍ଢ୍ୟତାଭକ୍ତି ୧୭୫୦ ସାଲରେ ରଚିତ ହେବା ବିଷୟ ଯାହା ବିଜୟ-ଚନ୍ଦ୍ର କହୁଅଛନ୍ତି ତାହା ଭ୍ରମାତ୍ମକ ।

Digitized by srujanika@gmail.com

ଦିବ୍ୟସିଂହ ଦେବ ପ୍ରାୟ ୧୬୯୨—୧୭୧୮ ସାଲ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ରସକଲ୍ଲୋଳକାର ଦାର୍ଢ୍ୟତାଭକ୍ତିର କୃଷ୍ଣଦାସ ଦିବ୍ୟସିଂହ ଦେବଙ୍କଙ୍କ ସମକାଳୀନ ହେଉଅଛନ୍ତି ।

ରସବିନୋଦ, ନାମରତ୍ନଗୀତା ପ୍ରଭୃତିର ରଚୟିତା ଦୀନକୃଷ୍ଣ ଉପେନ୍ଦ୍ର ଭଞ୍ଜଙ୍କ ସମକାଳୀନ—ଯାହା ବିଜୟ ବାବୁ ଅନୁମାନ କରିଅଛନ୍ତି ତାହା ସମ୍ଭବତଃ ଯଥାର୍ଥ । କାରଣ ନାମରତ୍ନଗୀତା ୨ୟ ଭାଗ ୪ର୍ଥ ଅଧ୍ୟାୟରେ ଲିଖିତ ଅଛି—

"ଯେଉଁ କାଳେ ସପ୍ତଦଶ ଅଙ୍କ ହେବ ଜାଣ ।
ଯୁଧିଷ୍ଠିର ନାମେ ଥିବ ଦିବ୍ୟସିଂହ ରାଣ ।
ମୋହର ନାମରତ୍ନଗୀତା ହୋଇବ ପ୍ରକାଶ ।
ଦୀନକୃଷ୍ଣ ବୋଲେ ଏହା ଭାବ ପୀତବାସ ।"

ଉପେନ୍ଦ୍ର ଭଞ୍ଜ ତାଙ୍କ ରସଲେଖାର ଉପସଂହାରରେ ଲେଖି ଅଛନ୍ତି :—
"ଦିବ୍ୟସିଂହ ଗଜପତି ଅଙ୍କ ସପତବିଂଶତି ଶେଷ ଦିନେ ଶେଷ ଏହି ଗୀତ ।"

ଦାର୍ଢ୍ୟତାଭକ୍ତି ଓ ନାମରତ୍ନଗୀତାର ଉକ୍ତି ଅନୁସାରେ ରସବିନୋଦ ଏବଂ ନାମରତ୍ନଗୀତାକାର ଓ ରସକଲ୍ଲୋଳକାର ଏକ ସମୟର ଲୋକ ହୋଇ ପଡ଼ୁ-ଅଛନ୍ତି । ତେବେ କ'ଣ ରସକଲ୍ଲୋଳକାର ଓ ନାମରତ୍ନଗୀତାକାର ଜଣେ ଲୋକ,—ବା ସେ ଦୁଇଜଣ ଏକକାଳର ଲୋକ ? ରସବିନୋଦକାର ନିଜକୁ ରାଜ-ପୁତ୍ର ଓ ତାଙ୍କ ଜନ୍ମସ୍ଥାନ ଜଳେଶ୍ୱର ବୋଲି କହିଅଛନ୍ତି । ତେଣୁ ଏ ଦୀନକୃଷ୍ଣ ପୁରୀବାସୀ କରଣ ଦୀନକୃଷ୍ଣ ନୁହନ୍ତି ।

ମାଘମାହାତ୍ମ୍ୟ ଓ ଯମପୁରାଣ ଗ୍ରନ୍ଥର ରଚୟିତା ଦୀନକୃଷ୍ଣ ଦାସ ନିଜକୁ ନୃସିଂହ ଦାସଙ୍କ ପୁତ୍ରରୂପେ କହିଅଛନ୍ତି । ତେଣୁ ଏ ଦୀନକୃଷ୍ଣ ରସବିନୋଦକାର ମଧୁସୂଦନଙ୍କ ପୁତ୍ର ଦୀନକୃଷ୍ଣଙ୍କ ଠାରୁ ପୃଥକ୍ । ଏ ଦୀନକୃଷ୍ଣ ମଧ୍ୟ ରସକଲ୍ଲୋଳ, ଅଭିଧାନ ଚୌତିଶା ପ୍ରଭୃତିର ରଚୟିତାଙ୍କ ଠାରୁ ପୃଥକ୍, କାରଣ ମାଘ-ମାହାତ୍ମ୍ୟ ଓ ଯମପୁରାଣର ପ୍ରତ୍ୟେକ ଅଧ୍ୟାୟ ଶେଷରେ ଯେପରି ପଦନିର୍ଦ୍ଦେଶ ଓ ନୃସିଂହଦାସଙ୍କ ଶିଷ୍ୟ ବା ପୁତ୍ର କଥିତ ହୋଇଅଛି, ରସକଲ୍ଲୋଳ ପ୍ରଭୃତିର ରଚୟିତା କୌଣସି ସ୍ଥାନରେ ପଦ ନିର୍ଦ୍ଦେଶ ଓ ନିଜର ପିତାଙ୍କ ନାମ ନିର୍ଦ୍ଦେଶ କରି ନାହାନ୍ତି ।

ଉପେନ୍ଦ୍ର ଭଞ୍ଜ ଓ ରସକଲ୍ଲୋଳକାର ଦୀନକୃଷ୍ଣଙ୍କର ରସକଲ୍ଲୋଳ କାବ୍ୟ ବିଷୟରେ କଥୋପକଥନ ହେବା କିମ୍ବଦନ୍ତୀରୁ ପ୍ରକାଶ ପାଏ । ଏ † କିମ୍ବଦନ୍ତୀ

---

† କଥିତ ଅଛି, ଦୀନକୃଷ୍ଣ ରସକଲ୍ଲୋଳକୁ ଭଞ୍ଜକବିଙ୍କୁ ଦେଖାଇଥିଲେ । ଭଞ୍ଜକବି କହିଥିଲେ, ପ୍ରଥମ ଛନ୍ଦରେ ଯେପରି କ ନିୟମ ଅର୍ଥାତ୍ ଆଦ୍ୟ ଓ

Digitized by srujanika@gmail.com

କାଳିଦାସ ଭବଭୂତିଙ୍କ ସାକ୍ଷାତ ତଥା ଉଭୟ ମଧ୍ୟରେ ବିଦ୍ୟାପରୀକ୍ଷା ତୁଲ୍ୟ ଅଳୀକ ହୋଇପାରେ । କିନ୍ତୁ ଦିବ୍ୟସିଂହ ଦେବଙ୍କ ସମୟରେ ଉପେନ୍ଦ୍ର ଭଞ୍ଜଙ୍କ ଅସ୍ତିତ୍ୱ ସମ୍ବନ୍ଧ ଦାର୍ଢ୍ୟତାଭକ୍ତିର ଉକ୍ତି ଅନୁସାରେ ଦିବ୍ୟସିଂହ ଦେବଙ୍କ ଦ୍ୱାରା ଦୀନକୃଷ୍ଣଙ୍କ ଦଣ୍ଡବିଧାନକୁ ନେଇ ବିଚାର କଲେ ସ୍ପଷ୍ଟ ପ୍ରତୀତ ହୁଏ ଯେ, ଉଭୟେ ଏକକାଳର ଲୋକ । ଲୋକେ କହି ପାରନ୍ତି ଯେ ରସବିନୋଦକାର ଦୀନକୃଷ୍ଣ ଦାର୍ଢ୍ୟତାଭକ୍ତିର କୃଷ୍ଣଦାସ ଅଟନ୍ତି । ତାହାହେଲେ ସେ ଜାତିରେ କରଣ, ରାମଦାସଙ୍କର ଏ ଉକ୍ତି ଭ୍ରମାତ୍ମକ ।

ଅଧିକନ୍ତୁ ରସକଲ୍ଲୋଳକାରଙ୍କ ଉକ୍ତି :—

(୧) କଳି ଯା କରେ ମୂର୍ଖକୁ ସ୍ତୁତି । ଏଥିରୁ ବଡ଼ ନାହିଁ ବିପତ୍ତି ।
ଏଥିକି ପ୍ରତି ସ୍ଥଳରେ ଜାତି ମାରିବା ଭଲ । (୨୬ ଛାନ୍ଦ ୨୯ ପଦ) ।

(୨) କରିଥିଲି ଆଶ ସେ ଯେତେ ନିବାସ କରିବାକୁ ଦୀନକୃଷ୍ଣ
କି ଅଗ୍ରୁଁ ତହିଁ ନ ପାରିଲି ରହି ପ୍ରଭୁ ନୋହିଲେ ସନ୍ତୁଷ୍ଟ

× × × × ×

କୃଷ୍ଣ ଅନ୍ୱେଷେ କରି ସ୍ୱବିଦ୍ୟା ଆଚରି ପାଷଣ୍ଡକୁ ଯାହା ସ୍ତୁତି
କୃଷ୍ଣଦାସ କହେ କିଛି ଭଲ ନୁହେଁ କେବଳ ଘାତକ ଜାତି ।
(୨୪ ଛାନ୍ଦ ୨୬-୩୦ ପଦ)

ଏଥିରୁ ଜଣାଯାଏ ଯେ ମୂର୍ଖ ରାଜାଙ୍କର ପ୍ରଶସ୍ତିମୟ କାବ୍ୟ ରଚନା ନ କରିବାରୁ ସେ ପୁରୀଧାମରୁ ବିତାଡ଼ିତ ହୋଇଥିଲେ ।

ଦାର୍ଢ୍ୟତାଭକ୍ତିର କେତେକ ପଂକ୍ତିର ଭାବ ସହିତ ଏହାର ମେଳ ଅଛି :

କୃଷ୍ଣଦାସ—ବୋଇଲେ ଶୁଣ ନୃପନାଥ । କେବଳ ଦେବ ଜଗନ୍ନାଥ ।
ଏ ପିଣ୍ଡ ବିକିଅଛି ତାରେ । ଗୀତ ମୁଁ ନ ବୋଲେ ଅନ୍ୟରେ ।
ରାଜା—ମୋ ନାମ ଜାଣିନେ ଅବଶ୍ୟ । ଅନେକ ଦେବ ଗ୍ରାମ ଦେଶ ।
ମୋ ରାଜ୍ୟେ ଦେବ ଅଧିକାର । ଦେଖ ମୁଁ ଜଗତ ଈଶ୍ୱର ।
ନୋହିଲେ ମରିବୁ ଅବଶ୍ୟ । ଛାଡ଼ ତୋ ଜୀବନର ଆଶ ।
କୃଷ୍ଣଦାସ—ତୁମ୍ଭଙ୍କୁ ନାହିଁ ମୋର ଡର । ମୋ ପ୍ରଭୁ ବଳେ ବଳୀୟାର ।
ଜଗତ ସୃଷ୍ଟି ଅନ୍ନ ଦେଲେ । ଗୀତ ମୁଁ ଆନକୁ ନ ବୋଲେ ।

ଅନ୍ତରେ କ ପ୍ରଯୁକ୍ତ ହୋଇଅଛି, ଅବଶିଷ୍ଟ ଛାନ୍ଦମାନଙ୍କରେ ତାହା ହୋଇ ନାହିଁ । ପୁନଶ୍ଚ ବୈଦେହୀଶବିଳାସ ପରି ଏହାର ଛାନ୍ଦମାନଙ୍କରେ ପଦର ସଂଖ୍ୟା କ ଅକ୍ଷରରେ ହୋଇ ନାହିଁ । ଏଥିରେ ଦୀନକୃଷ୍ଣ, ଭଞ୍ଜକବିଙ୍କୁ ବୃଥାଭିମାନୀ ରୂପେ ତିରସ୍କାର କରିଥିଲେ । ସେଥିରେ ଉତ୍ତେଜିତ ହୋଇ ଭଞ୍ଜକବି କଳାକଉତୁକ ନାମକ କାବ୍ୟ ରଚନା କଲେ ।

Digitized by srujanika@gmail.com

ଏଥିରୁ ଭଲରୂପେ ଜଣାଗଲ ଯେ ରସକଲ୍ଲୋଳକାର ଦୀନକୃଷ୍ଣ ଓ ଦାର୍ଢ୍ୟତାଭକ୍ତିକାର ଦୀନକୃଷ୍ଣ ଏକ ।

ପୁନଶ୍ଚ କିମ୍ବଦନ୍ତୀରୁ ଜଣାଯାଏ ଯେ, କବି କୁଷ୍ଠରୋଗରେ ଆକ୍ରାନ୍ତ ହୋଇ ଅତି ଆକୁଳରେ ଗରୁଡ଼ସ୍ତମ୍ଭ ନିକଟରେ ନିତ୍ୟ ଅଭିଳାଷ ଚଉତିଶା ପାଠ କରି ନିଜର ଦୁଃଖ ଜଗନ୍ନାଥଙ୍କୁ ଜଣାଉଥିଲେ । କବି ଏହି ବିଷମ ବ୍ୟାଧିରେ ପତିତ ହୋଇ ଅତି ମନୋଦ୍ୱେଗ କରୁଥିଲେ ଏବଂ ସେଥିହେତୁ ସେ ପ୍ରାୟ ସମସ୍ତଙ୍କର ଘୃଣାର ପାତ୍ର ହୋଇଥିଲେ । ସେକାଳର ଧାର୍ମିକ ରାଜା ଦିବ୍ୟସିଂହ ମଧ୍ୟ ଲୋକଙ୍କ କଥାରେ ପଡ଼ି ତାଙ୍କୁ ନଗରରୁ ତଡ଼ି ଦେଇଥିଲେ । ଏହା ତାଙ୍କ ଉକ୍ତିରୁ ଧରିଯାଇ ପାରେ "କୁଷ୍ଠିଲ ହେଲେଣି ବିଶ୍ୱ ମହନ୍ତ ପଣ୍ଡିତହିଁ ଶବେକ ପଣକୁ ଛେଳନ୍ତି ।" ବୋଧହୁଏ ମନ୍ଦିରତତ୍ତ୍ୱାବଧାରକ ରାଜପୁରୁଷଙ୍କ ଦ୍ୱାରା ଦୀନକୃଷ୍ଣ ଅତ୍ୟନ୍ତ ଉତ୍ପୀଡ଼ିତ ହୋଇଥିଲେ । କାରଣ ବହୁବାର ମନ୍ଦିରପ୍ରବେଶ କରିବାରେ ନିଷିଦ୍ଧ ହୋଇଥିଲେହେଁ ଦୀନକୃଷ୍ଣ ତାହାଙ୍କ ଆଜ୍ଞା ଅମାନ୍ୟ କରି ଗରୁଡ଼ସ୍ତମ୍ଭ ନିକଟରେ ପ୍ରତ୍ୟହ ଅଭିଳାଷ ଚଉତିଶା ଆବୃତ୍ତି କରିବାକୁ ଲାଗିଥିଲେ । ତହୁଁ ରାଜପୁରୁଷମାନେ ରାଜାଙ୍କୁ ଜଣାଇ ତାଙ୍କୁ ପୁରୀଧାମରୁ ତଡ଼ି ଦେଇଥିଲେ । ୧୪ ଛାନ୍ଦର ୨୭ ପଦଠାରୁ ୩୦ ପଦ ପର୍ଯ୍ୟନ୍ତ, ୧୭ ଛାନ୍ଦର ୨୯ ପଦ ଓ ରସକଲ୍ଲୋଳର ଅନ୍ୟାନ୍ୟ ସ୍ଥାନ ଦ୍ରଷ୍ଟବ୍ୟ । ପରେ ସେ କୁଷ୍ଠରୋଗରୁ ମୁକ୍ତିଲାଭ କରି ପୁନର୍ବାର ପୁରୀକ୍ଷେତ୍ରରେ ବାସ କରିବା କିମ୍ବଦନ୍ତୀରୁ ପ୍ରକାଶ ପାଏ । ଦାର୍ଢ୍ୟତାଭକ୍ତିର ବର୍ଣ୍ଣନାଠାରୁ ଏ କିମ୍ବଦନ୍ତୀ ସ୍ୱତନ୍ତ୍ର । ତେବେ ଏତିକି ସତ୍ୟ ଯେ ରାଜାଙ୍କଦ୍ୱାରା ଦୀନକୃଷ୍ଣ ଉତ୍ପୀଡ଼ିତ ହୋଇଥିଲେ ଓ ପୁରୀଧାମରୁ ବିତାଡ଼ିତ ହୋଇଥିଲେ ।

ବିଜୟଚନ୍ଦ୍ର ମଜୁମଦାର ଅନୁମାନ କରନ୍ତି ଯେ ସେ ନୀଚଜାତୀୟ ଥିବାରୁ ରାଜା ପ୍ରତାପଙ୍କ ଦ୍ୱାରା ମନ୍ଦିରପ୍ରବେଶ କରିବାରେ ନିଷିଦ୍ଧ ହୋଇଥିଲେ । ତହୁଁ ତାଙ୍କୁ ପୁରୀଧାମ ଛାଡ଼ିବାକୁ ହୋଇଥିଲା । ଏ ମତର ଆମ୍ଭେମାନେ ପକ୍ଷପାତୀ ନୋହୁ । ରସବିନୋଦ, ନାମରତ୍ନଗୀତାକାର ଦୀନକୃଷ୍ଣ ଓ ରସକଲ୍ଲୋଳକାର ଦୀନକୃଷ୍ଣ ଏକକାଳର ଲୋକ ହୋଇଅଛନ୍ତି । ରସବିନୋଦକାର ଦୀନକୃଷ୍ଣ ରସବିନୋଦରେ ଯେ ସ୍ୱକୃତ ଗ୍ରନ୍ଥମାନଙ୍କର ତାଲିକା ଦେଇଅଛନ୍ତି, ସେଥିରେ ରସକଲ୍ଲୋଳ, ଅଭିଳାଷ ଚଉତିଶା, ନାରିକେଳ ପ୍ରଭୃତିର ନାମ ଗନ୍ଧ ନାହିଁ । ପୁନଶ୍ଚ ଉଭୟଙ୍କ ରଚନାଶୈଳୀ ପୃଥକ୍ । ଆହୁରି ମଧ୍ୟ ରସବିନୋଦକାର ଦୀନକୃଷ୍ଣ ଜ୍ଞାନମିଶ୍ରା ଭକ୍ତିଯୋଗର ଅଧିକାରୀ ଓ ରସକଲ୍ଲୋଳକବି ଶୁଦ୍ଧ ଭକ୍ତିମାର୍ଗର ଅଧିକାରୀ । ପୂର୍ବୋକ୍ତ ଯୁକ୍ତିମାନଙ୍କ ହେତୁ ରସବିନୋଦକାର ଓ ରସକଲ୍ଲୋଳକାର ଦୁଇଜଣ ରୂପେ ପ୍ରତୀତ ହେଉଅଛନ୍ତି । କିନ୍ତୁ ପୂର୍ବୋକ୍ତ ଯୁକ୍ତିମାନଙ୍କ ସମୟରେ ସେ ଦୁଇଜଣଙ୍କୁ ଜଣେ ପ୍ରମାଣ କରିବାର ମଧ୍ୟ ଅବକାଶ ଅଛି ।

Digitized by srujanika@gmail.com

(୯) ରସବନୋଦରେ ଲଖିତ ଗ୍ରନ୍ଥତାଲିକାରୁ ଜଣାଯାଏ ଯେ ରସ-ବନୋଦ ଦୀନକୃଷ୍ଣଙ୍କ ଶେଷ ଲେଖା । ତାହାପରେ ସେ କବ ଅନ୍ୟ ଗ୍ରନ୍ଥ ଲେଖି ନ ଥିଲେ ଏପର ଅନୁମାନ କରବା ସମ୍ପୂର୍ଣ୍ଣ ଭ୍ରମ । କବ ଅଭିଧାନ ଚଉତିଶା, ରସକଲ୍ଲୋଳ ପ୍ରଭୃତ ରସବନୋଦ ପରେ ଲେଖି ପାରିଥାନ୍ତି ।

(୬) ପୁରୀଧାମ ସମସ୍ତ କ୍ଷେତ୍ରମାନଙ୍କର ଅଧିଷ୍ଠାନ, ଏହା କବ ଦୀନକୃଷ୍ଣ ରସବନୋଦରେ ପ୍ରତପାଦନ କରଅଛନ୍ତି । ଏହା ନତ୍ୟ, ଅନ୍ୟ କ୍ଷେତ୍ରମାନେ ଏହ କ୍ଷେତ୍ରରୁ ଅନ୍ତର୍ଗତ ହୋଇଅଛନ୍ତି ।

"ହୋଇଚିଏ ତୀର୍ଥ ଦେବଦ୍ବାର । ଏଡ଼ୁଦେବଳେ ବଦ୍ରେଶ୍ବର ।"

(ର. ବ. ୯ମ ଅଧ୍ୟାୟ)

"ନତ୍ୟ ଯେ ଶ୍ରୀପୁରୁଷୋତ୍ତମ । ଚହିଁ କ ତେଣୁ ତୀର୍ଥ ସମ ।"

(ର. ବ. ୩୬ ଅଧ୍ୟାୟ)

"ନତ୍ୟ ଯେ ନୀଳଗିର ଶ୍ରେଣୀ । ନାମ ଗୁପତ ବଇକୁଣ୍ଠ ।

× × × ×

ମଣିମଣ୍ଡପ ଦବ୍ୟସ୍ଥାନ । ଶ୍ରୀକୃଷ୍ଣ ରାଧାର ଆସନ ।

× × × ×

ଏଣୁ ଯେ ହେଲେ ନରାକାର । ମାନବ ଶସ୍ତ୍ରୁ ଅବତାରଃ ।
ଆମ୍ଭ ଅଂଶରୁ ଏବେ ଯାଉ । ମଞ୍ଚଭୁବନେ ରହିଥାଉ ।"

(ର. ବ. ୧୩ ଅଧ୍ୟାୟ)

ପୂର୍ବୋକ୍ତ ଉକ୍ତ ସହତ ରସକଲ୍ଲୋଳର ୯ମ ଛାନ୍ଦର ଉକ୍ତର ସମ୍ପୂର୍ଣ୍ଣ ସାମ୍ୟ ଅଛି ।

କମଳନେତ୍ରୀ କମଳା ପ୍ରାଣନାଥଙ୍କ । ନୀଳାପର୍ବତରେ ଲୀଳା କର ଅନେକ ।
କଲେ ଇଚ୍ଛା ମନେ ହେବା ବଂଶଅନ୍ତକ । କରବା ଉଶ୍ବାସ ମହୀଭାରୀ ଅନେକ ।

ଅଧିକର ମଧ୍ୟ ରସକଲ୍ଲୋଳରେ ଯେ ଏକାବେଳକେ ଯୋଗର ପରତ୍ୟାଗ ହୋଇଅଛି ଏମନ୍ତ ନୁହେଁ ।

ଦଣ୍ଡଦେଇ କୃଷ୍ଣକଥା ଶୁଣ ସୁଜନେ । କେବଳ ମନକୁ ସ୍ଥାପି ସ୍ଥିର ଆସନେ ।

(୬୨ ଛାନ୍ଦ, ପ୍ରଥମ ପଦ)

ଗୁଣସାଗର, ଧର୍ମସାଗର, ଭୁତକେଳ ପ୍ରଭୃତ ଗ୍ରନ୍ଥରେ ତତ୍ତ୍ବବଷୟର ଗନ୍ଧ ନାହିଁ । ଗୁଣସାଗର ଓ ଧର୍ମସାଗର ବଙ୍ଗଳାଶ୍ରୀ ରାଗରେ ରଚତ ଓ ସେହ ରାଗରେ ରସକଲ୍ଲୋଳର ୧୦ମ ଛାନ୍ଦ ଓ ୬୪ଶ ଛାନ୍ଦ ରଚତ । "ଜଗମୋହନ" ନାମରେ ଗୋଟିଏ ଛାନ୍ଦ ଲେଖି ଅଛନ୍ତି ବୋଲି ଦୀନକୃଷ୍ଣ ରସବନୋଦରେ

Digitized by srujanika@gmail.com

କହିଅଛନ୍ତି । ସେ ଗ୍ରନ୍ଥ ପ୍ରାଚୀ ସମିତିଦ୍ୱାରା ପ୍ରକାଶିତ । ତହୁଁ ଜଗମୋହନକାର ରସକଲ୍ଲୋଳକାର ଅଟନ୍ତି । ଅନ୍ୟତ୍ର ମଧ୍ୟ ପ୍ରସ୍ତାବଶତକରୁ କେତେକ ଶ୍ଳୋକ ସହିତ ରସକଲ୍ଲୋଳର କେତେକ ପଦର ସମ୍ପୂର୍ଣ୍ଣ ମେଳ ଅଛି । ଉଦାହରଣ ସ୍ୱରୂପ ଗୋଟିଏ ଦେଖନ୍ତୁ ।

"ନଦୀନାଞ୍ଚ ନଖୀନାଞ୍ଚ ଶୃଙ୍ଗୀଣାଂ ଶସ୍ତ୍ରପାଣୀନାମ୍
ବିଶ୍ୱାସୋ ନୈବ କର୍ତ୍ତବ୍ୟଃ ସ୍ତ୍ରୀଷୁ ରାଜଖଳେଷୁ ଚ ।"

ତାହାର ଓଡ଼ିଆ ପଦ୍ୟାରର ଶେଷ ପଦ :—

"ରାଜାଙ୍କୁ ବିଶ୍ୱାସ କେବେ ନ ଯାଇ । ଖଳ ଲୋକକୁ ସେ ବିଶ୍ୱାସ ନାହିଁ"

ରସକଲ୍ଲୋଳର ୨୬ ଛାନ୍ଦର ୯୬ ପଦ—

"କେବେହେଁ ତରଙ୍ଗିଣୀ, ନରପତି, ଶୃଙ୍ଗିଣୀ ଖଳକୁ ନ ଯାଇ ବିଶ୍ୱାସ"

କିନ୍ତୁ ସବୁଠି ସଂସ୍କୃତ ଗ୍ରନ୍ଥମାନଙ୍କରେ "ରାଜକୁଳେଷୁ" ପଠିତ ହୋଇ ଅଛି । "ଖଳେଷୁ" ଏହାର ବିଶେଷତ୍ୱ ।

ଜଗମୋହନ ଛାନ୍ଦର ଅନେକ ପଦସଦୃଶ ପଦମାନ ରସକଲ୍ଲୋଳରେ ପରିଦୃଷ୍ଟ ହୁଏ । ଜଗମୋହନ ଛାନ୍ଦ ଓ ତାହାର ମୁଖବନ୍ଧ ଦ୍ରଷ୍ଟବ୍ୟ ।

ପୁନଶ୍ଚ ରସକଲ୍ଲୋଳର ୯୬ ଛାନ୍ଦର ୨୯ ପଦ ସହିତ ଧର୍ମସାଗରର ପଦ ମିଳାଇ ଦେଖନ୍ତୁ ।

"କରନ୍ତି ଅଙ୍ଗେ ଅନେକ ରୂପ । କେହି ନ ଜାଣେ ଭିତର ପାପ"
ଚିତ୍ରକାରକ ପଟ ପରାୟେ ପ୍ରତ୍ୟକ୍ଷେ ଦିଶେ" ର: କ: ୯୬ ଛାନ୍ଦ ୨୯ ପଦ—
"ଉଦାସ ହୋଇଣ ଜ୍ଞାନ ନ ପାଇଣ ବୁଲୁଥାଇ ରାଜ୍ୟମାନ ।
ଦେହେ ଛାପା ଦିଏ ଲୋକଙ୍କୁ ଭଣ୍ଡାଏ ଏଡେ ତୀର୍ଥ କଲି ଦେଖ ।"

ଧର୍ମସାଗର ବା ଧର୍ମପୁରାଣ

ଉଭୟଙ୍କର ରଚନାପଦ୍ଧତି ଅର୍ଥାତ୍ ବାକ୍ୟବିନ୍ୟାସରେ ଯେ ପାର୍ଥକ୍ୟ ଲକ୍ଷିତ ହୁଏ ବୋଲି ଲୋକେ କହନ୍ତି ତତ୍ପ୍ରତି କୁହାଯାଇ ପାରେ ଯେ ପ୍ରସଙ୍ଗର ଅନୁରୋଧରେ ବାକ୍ୟବିନ୍ୟାସ ବା ରଚନାପଦ୍ଧତି ପୃଥକ୍ ରୂପ ଧାରଣ କରେ, ଏହା ପ୍ରକୃତ ସାହିତ୍ୟସେବୀମାନେ ମୁକ୍ତକଣ୍ଠରେ ସ୍ୱୀକାର କରିବେ । ଜଗନ୍ନାଥ-ଦାସଙ୍କ ଭାଗବତ ଓ ଷୋଳ ଚଉପଦୀ, ଅଚ୍ୟୁତାନନ୍ଦଙ୍କ ଶୂନ୍ୟସଂହିତା ଓ ଅଷ୍ଟଗୁଜ୍ଜରୀ ବା ନିତ୍ୟରାସ ମଧ୍ୟରେ ଯେ ରଚନାର ପାର୍ଥକ୍ୟ ଲକ୍ଷିତ ହୁଏ ସେଥିରୁ କଣ ଆମ୍ଭେମାନେ ଅନୁମାନ କରିବୁ ଭାଗବତକାର ଷୋଳଚଉପଦୀ, ଶୂନ୍ୟସଂହିତାକାର ଅଷ୍ଟଗୁଜ୍ଜରୀ ବା ନିତ୍ୟରାସର କବି ନୁହନ୍ତି ?

ରସବିନୋଦ ଗ୍ରନ୍ଥ ରଚନା କରି ସାରିବା ପରେ କବି ରସକଲ୍ଲୋଳ, ଅଭିଧାନ ଚୌତିଶା, ନାବକେଳି ପ୍ରଭୃତି ରଚନା କରିଅଛନ୍ତି, ଏହା କହିଲେ ଦୋଷାବହ ହେବ ନାହିଁ । ପ୍ରେମଦାସ ଯେ ତାଙ୍କୁ ଜାତିରେ କରଣ କହିଅଛନ୍ତି

Digitized by srujanika@gmail.com

ତାହା ଭ୍ରମାତ୍ମକ । ଅନ୍ତର ମଧ୍ୟ କେତେଜଣ ରାଜପୁତ ସନ୍ତାନ ଓଡ଼ିଶାର କରଣମାନଙ୍କ ସଙ୍ଗେ ମିଶିଯାଇ ଅଛନ୍ତି, ତାହାର ଉଦାହରଣ ଦେବା ଅନୁଚିତ । ବହୁକାଳ ପୁରୀରେ ବାସ କରୁଥିଲେ ବୋଲି ସେ ରାମଦାସଙ୍କ ଦ୍ୱାରା ପୁରୀବାସୀ-ରୂପେ କଥିତ ହୋଇଅଛନ୍ତି ।

ଯାନକୃଷ୍ଣ ରସବିନୋଦର ଶେଷ ଅଧ୍ୟାୟରେ ଲେଖିଅଛନ୍ତି, ସେ ଜଳେଶ୍ୱରରୁ ପୁରୀଧାମକୁ ଆସିଥିଲେ ।

"ପୂର୍ବବାସନା ଆଦିମୂଳ । ଜନକ ରାଜପୁତ କୋଳ ।
ସୁବର୍ଣ୍ଣରେଖା ନଦୀତୀର । କଟକ ନାମ ଜଳେଶ୍ୱର ।
× × × ×
ସମସ୍ତ ଅଛନ୍ତି ସେ ପୁର । ମୋତେ ଆଣିଲେ ନରହର;
ହୃଦରେ ଅନୁଗ୍ରହ କଲେ । ଦକ୍ଷିଣ ଦିଗକୁ ଆଣିଲେ ।
ଦେଖିଲି ଉତ୍ତ ରାଜ୍ୟ ଦେଶ । ଓଡ଼ଶା ଭୂମିରେ ପ୍ରବେଶ ।
ଦେଖିଲି ଶ୍ରୀପୁରୁଷୋତ୍ତମ । ଯେତେମାନଙ୍କ ଯେ ଉତ୍ତମ ।

ଖ୍ରୀ: ସମ୍ଭବତଃ ପୁରୀଧାମରେ ମୁସଲମାନମାନଙ୍କ ଅତ୍ୟାଚାର ହେତୁ ସେ ସେଠାରୁ ପ୍ରତ୍ୟାବର୍ତ୍ତନ କରି ବ୍ରାହ୍ମଣୀ ନଦୀକୂଳରେ କନକେଶ୍ୱର ଲିଙ୍ଗଙ୍କ ସମୀପବର୍ତ୍ତୀ ମଧୁପୁର ଗ୍ରାମ ମଧ୍ୟରେ ଘରବାଡ଼ି କରି ରହିଥିଲେ ଓ ସେହି ସ୍ଥାନରେ ରହି ରସବିନୋଦ ଗ୍ରନ୍ଥ ଲେଖିଥିଲେ । ⁕

"ଏ ଗ୍ରନ୍ଥ ଯୋଡ଼ିବାର ବେଳେ । ଘର ବ୍ରାହ୍ମଣୀ ନଦୀକୂଳେ ।
କନକେଶ୍ୱର ଲିଙ୍ଗ ପାଶ । ଏକାଘରିଆ ନାମ ଦେଶ ।
ତହିଁ ମୋହର ନିଜ ସ୍ଥିତ । କରୁଣା କଲେ ଲକ୍ଷ୍ମୀପତି ॥"

ଏଥିରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ ଯାନକୃଷ୍ଣ ପୁରୀ ଛାଡ଼ି ଏକାଘରିଆରେ ବାସ କରିଥିଲେ । ବିଜୟବାବୁ କହନ୍ତି ଯେ, ରସବିନୋଦକାର ଯାନକୃଷ୍ଣ ପୁରୀରେ ଆସି ନିର୍ବିଘ୍ନରେ ବାସ କରୁଥିଲେ, କିନ୍ତୁ ରସକଲ୍ଲୋଳକାର ପୁରୀରେ ବାସ କରିବାରେ ନିଷିଦ୍ଧ ହୋଇଥିଲେ । ବିଜୟବାବୁ ଯେଉଁ ରସବିନୋଦର ପଦମାନ ଉଦ୍ଧୃତ କରି ଏପରି ସିଦ୍ଧାନ୍ତରେ ଉପନୀତ ହେଲେ, ସେହି ରସ-ବିନୋଦର ପୂର୍ବ ଉଦ୍ଧୃତ ପଦମାନ ଉପରେ ସେ ଉପେକ୍ଷା କଲେ ଏହା ଅତି ଆଶ୍ଚର୍ଯ୍ୟର ବିଷୟ ।

ପରେ ପୁନର୍ବାର ସେ ପୁରୀ ଆସିଥିଲେ । କିନ୍ତୁ ଦିବ୍ୟସିଂହଦେବଙ୍କ ଉତ୍ପୀଡ଼ନରୁ ପୁନର୍ବାର ସେ ପୁରୀବାସରୁ ବଞ୍ଚିତ ହୋଇଥିଲେ; ତାହା ସେ

⁕ତାରିଣୀଚରଣ ରଥ କହନ୍ତି, ସେ ଖୋର୍ଦ୍ଧା ନିକଟବର୍ତ୍ତୀ ରାମନଗରସ୍ଥ ଜନୈକ ଭଦ୍ରବ୍ୟକ୍ତିଙ୍କ ଅନୁସରଣରେ ରହି ସେ ଜୀବିକା ନିର୍ବାହ କରୁଥିଲେ । ଏହାର ପ୍ରମାଣ ଆମ୍ଭେ ପାଇ ନାହୁଁ ।

Digitized by srujanika@gmail.com

ରସକଲ୍ଲୋଳରେ କୁଃଖର ସହିତ ପ୍ରକାଶ କରିଅଛନ୍ତି । ତତ୍‌ପରେ ସେ ପୁରୀରେ ବାସ କରିବାର ସୁବିଧା ପାଇଥିଲେ ବୋଲି ଦାର୍ଢ୍ୟତାଭକ୍ତିର ଉକ୍ତିରୁ ଅନୁମିତ ହୁଏ ।

(୧) କେବଳ ଦୀନକୃଷ୍ଣ ଯେ ନୀଳାଚଳବିହାରୀ ଜଗନ୍ନାଥ କୃଷ୍ଣରୂପରେ ମଥୁରାରେ ଜନ୍ମ ହେବା ବିଷୟ କହିଅଛନ୍ତି, ଏମନ୍ତ ନୁହେ । ଦିବାକର ଦାସ, ଭୂପତି ପଣ୍ଡିତ ପ୍ରଭୃତି ମଧ୍ୟ ତାହା କହିଅଛନ୍ତି । (୨) ସାମାନ୍ୟ ଯୋଗଜ୍ଞାନ ସେ ସମୟରେ ସମସ୍ତ ସାଧୁ ବୈଷ୍ଣବଙ୍କୁ ବିଦିତ ଥିଲା । (୩) ତେଣୁ ଏମାନେ ଉତ୍କଳୀୟ ବୈଷ୍ଣବ ଥିଲେ । ପ୍ରସ୍ତାବସିନ୍ଧୁ ଶ୍ଳୋକ ସହିତ ରସକଲ୍ଲୋଳ ଉକ୍ତିର ସାମ୍ୟଦର୍ଶନରେ ପ୍ରସ୍ତାବସିନ୍ଧୁ କବିଙ୍କୁ ରସକଲ୍ଲୋଳକାରଙ୍କ ଠାରୁ ବୟୋଜ୍ୟେଷ୍ଠ-ରୂପେ ଅନୁମାନ କରାଯାଇ ପାରେ ଓ ରସକଲ୍ଲୋଳକାର ପ୍ରସ୍ତାବସିନ୍ଧୁରୁ ଏ ଭାବ ଗ୍ରହଣ କରି ପାରିଥାନ୍ତି ।

(୪) ରସକଲ୍ଲୋଳ ଓ ଧର୍ମସାଗରରେ ସମଭାବରେ ଲେଖା କବିମାନଙ୍କର ସମଭାବନାଶୀଳତ୍ୱର ପରିଚୟ ଦେଉଅଛି ।

(୫) ରସବିନୋଦକାରଙ୍କ ପକ୍ଷରେ ଛାନ୍ଦଗ୍ରନ୍ଥ ଲେଖିବା ସମ୍ଭବପର ହୋଇ ପାରେ । ଦୁଇ ଦୀନକୃଷ୍ଣ ଯେ ସମକାଳୀନ ଥିଲେ ଏ ଅନୁମାନ ମଧ୍ୟ ସମ୍ଭବପର । ଏହିପରି ବିଗ୍ରହ କରି ବସିଲେ ଯୁକ୍ତିର ପରମ୍ପରାର ବିରାମ ହେବ ନାହିଁ । ସେ ଯାହାହେଉ, ଜଣେ ଦୀନକୃଷ୍ଣ ସମସ୍ତ ଗ୍ରନ୍ଥମାନ ଲେଖିଛନ୍ତି, ଏହି ଦେଶପ୍ରଚଳିତ ମତବଳରେ ଓ ଉପଯୁକ୍ତ ଦୃଢ଼ପ୍ରମାଣ ନ ପାଇବା ପର୍ଯ୍ୟନ୍ତ ନାମରତ୍ନଗୀତା ଓ ରସବିନୋଦର କବିଙ୍କୁ ରସକଲ୍ଲୋଳ ପ୍ରଣେତା କବିରୂପେ ବର୍ତ୍ତମାନ ଗ୍ରହଣ କଲୁଁ ।

ଦୀନକୃଷ୍ଣଙ୍କ ଗ୍ରନ୍ଥମାନଙ୍କର ତାଲିକା (ରସବିନୋଦ, ଗୁଣସାଗର, ଭାବସମୁଦ୍ର, ଭୂତକେଳି, କଂସବୋଧନ, ଅମୃତସାଗର, ଗୀତଗୋବିନ୍ଦ ଅର୍ଥ, ମୁକ୍ତିସାଗର, ପ୍ରସ୍ତାବସିନ୍ଧୁ, ତତ୍ତ୍ୱସାଗର, ଜଗମୋହନ ଛାନ୍ଦ, ଜାମ୍ବବତୀବିଭା, ଜ୍ଞାନସାଗର, ଧର୍ମସାଗର ପଞ୍ଚପାଟବଂଶୀ ବିଭା, ନାମରତ୍ନଗୀତା, ରସବିନୋଦ, ନାରକାସୁରବଧ, ଭକ୍ତିସାଗର, ସ୍ତ୍ରୀ ପୁରୁଷ ଲକ୍ଷଣ, ମହିମାସାଗର, ଚଉତିଶାମାନ;

ତତ୍‌ପରେ—ଶରୀରଭେଦଭଜନ, ନାଗକେଳି, ଅଲଙ୍କାରବୋଲି, ଅଭିଧାନ ଚୌତିଶା; କମଳାକାନ୍ତ ଚୌତିଶା, ରସକଲ୍ଲୋଳ ପ୍ରଭୃତି କବି ଦୀନ-କୃଷ୍ଣ ଲେଖିଅଛନ୍ତି ।

ଶରୀରଭେଦ ଭଜନ ଓ କମଳାକାନ୍ତ ଚୌତିଶାର କବି କେଉଁ ଦୀନକୃଷ୍ଣ ଏ ବିଷୟରେ ବିଜୟ ବାବୁ ସନ୍ଦିହାନ । ତାଙ୍କ ମତରେ କମଳାକାନ୍ତ ଚୌତିଶା ଗୋଟିଏ ନିକୃଷ୍ଟ (ଗୁଣହୀନ) କାବ୍ୟ ଓ ସାହିତ୍ୟର ଇତିହାସରେ ତାହାର

Digitized by srujanika@gmail.com

ନାମୋଲ୍ଲେଖର ଉପଯୋଗିତା ନାହିଁ । ମୋ ମତରେ କମଳାକାନ୍ତ ଚୌଧୁରୀ ରସକଲ୍ଲୋଳକାରଙ୍କ ଭୃତ; କାରଣ ଯେ ଶବ୍ଦାଳଙ୍କାର ହେତୁ ତାହା ଅସ୍ଵାଭାବିକତା ଦୋଷରେ ଦୁଷ୍ଟ ତାହା ମଧ୍ୟ ରସକଲ୍ଲୋଳର ସ୍ଥାନେ ସ୍ଥାନେ ପରିଲକ୍ଷିତ ହୁଏ † ଏହାର ଐତିହାସିକ ଉପଯୋଗିତା ନାହିଁ, ଏହା ଓଡ଼ିଆ ସାହିତ୍ୟର ଇତିହାସ ଲେଖକଙ୍କ ପକ୍ଷରେ ଅତ୍ୟନ୍ତ ନିନ୍ଦାର କଥା; କାରଣ ଏହି ଶବ୍ଦାଳଙ୍କାରର ଅତିମାତ୍ର ପ୍ରିୟତା କେବଳ ଯେ ଉପେନ୍ଦ୍ରଭଞ୍ଜଙ୍କ ଠାରେ ଦୃଷ୍ଟ ହୁଏ ତାହା ନୁହେଁ, ଦୀନକୃଷ୍ଣଙ୍କ ଠାରେ ମଧ୍ୟ ଲକ୍ଷିତ ହୁଏ । ତେଣୁ ସାହିତ୍ୟର ଇତିହାସ ଲେଖକଙ୍କ ପକ୍ଷରେ ଏହା ପରିତ୍ୟାଜ୍ୟ ନୁହେଁ ।

କବି ବାଲ୍ୟକାଳରେ ସଂସ୍କୃତ ଅଧ୍ୟୟନ କରିଥିବା ଓ ଉତ୍ତମ ଗୋଷ୍ଠୀର ସମ୍ପର୍କରେ ଆସିଥିବା ବିଷୟ ରସକଲ୍ଲୋଳ ପାଠରୁ ସମ୍ପୂର୍ଣ୍ଣ ପ୍ରମାଣିତ ହୁଏ । ଷଟ୍‌କାବ୍ୟ, ଦଶକୁମାର, କାଦମ୍ବରୀ ପ୍ରଭୃତି ଗଦ୍ୟକାବ୍ୟ, ଅଳଙ୍କାରଶାସ୍ତ୍ର, ଭାଗବତ, ବ୍ରହ୍ମବୈବର୍ତ୍ତ ପୁରାଣ, ଗୀତା ପ୍ରଭୃତି ସଂସ୍କୃତ ଗ୍ରନ୍ଥ ଓ ଜଗନ୍ନାଥ ଦାସଙ୍କ ଭାଗବତ, ବଳରାମ ଦାସଙ୍କ ରାମାୟଣ, ଓଡ଼ିଆ ହରିବଂଶ ପ୍ରଭୃତି ସେ ଅଧ୍ୟୟନ କରିଥିଲେ । ଏହା ତାଙ୍କର ରସକଲ୍ଲୋଳ ପାଠରୁ ଅନୁମିତ ହୁଏ । ସପ୍ତଦଶ ଛାନ୍ଦରେ କୃଷ୍ଣଙ୍କ ଦର୍ଶନରେ ଗୋପୀମାନଙ୍କ ବିଭ୍ରମ ବର୍ଣ୍ଣନା । ବଳରାମ ଦାସଙ୍କ କୃତ ରାମାୟଣରେ ବର୍ଣ୍ଣିତ ରାମଙ୍କ ଦର୍ଶନରେ ମିଥିଳା ନାରୀଙ୍କର, କାଦମ୍ବରୀବର୍ଣ୍ଣିତ ଚନ୍ଦ୍ରାପୀଡ଼ ଦର୍ଶନେଚ୍ଛୁ ପୁରସ୍ତ୍ରୀମାନଙ୍କର ସେହି ବର୍ଣ୍ଣନାର ସମ୍ପୂର୍ଣ୍ଣ ଅନୁରୂପ । ଭାଗବତରେ ମଧ୍ୟ ଏରୂପ ବର୍ଣ୍ଣନା ଅଛି । ୨୨ ଛାନ୍ଦରେ ଚନ୍ଦ୍ରପ୍ରତି ବିରହିଣୀ ଭ

---

† ଶବ୍ଦାଳଙ୍କାର ଓ କ୍ଲିଷ୍ଟ ଯୋଜନାର ଉଦାହରଣ ଯଥା :—

୧ମ ଛାନ୍ଦର ୨୦ । ୨୧ ଓ ୨୨ ପଦ;—କରୁଣାସାଗର ସାଗରଜାନାୟକ ......କହୁ ଦୀନକୃଷ୍ଣ କୃଷ୍ଣକଥା ଅନେକ; ୩ୟ ଛାନ୍ଦର ୬୭ ଠାରୁ ୭୧ ପଦ—କୁମ୍ଭୀରକୁ ମାରିବାର କାରଣ । କଷ୍ଟ କଲେ ଯେ କୃପାରେ ବାରଣ ॥

× × × ×

କରେ ଶୋଭିତ ଯାହାର ଶଙ୍ଖାରି । କୃଷ୍ଣ କଷ୍ଟ ହରିବେ ସେ ଖଙ୍ଗାରି

୫ମ ଛାନ୍ଦର ୧୧ ପଦ— କମଳ କୁମାର କୁମାରୀ ଶାପେ ଇତ୍ୟାଦି ।

୬ଷ୍ଠ ଛାନ୍ଦରେ ୨୯ ପଦ—କମଳକୁମାର କୁମାର କୁମାରପାଣିକି ଦେଇ

୧୬ ଛାନ୍ଦରେ ୬ ପଦ—କେ ବୋଲେ ଘନ ଘନକୁ ଶୁଣି ଏ ଘନାଘନ ରକ୍ଷିବ ନାହିଁ କାହିଁରେ ଘନାଘନ ଅନୁଜ ଯୁବତୀକୁ ବହି ଯେ । ଇତ୍ୟାଦି ।

ଆହୁରି ମଧ୍ୟ କ ଆଦ୍ୟରେ ରଖି କବି କାବ୍ୟ ରଚନା କରିଥିବାରୁ କେତେକ ଅପ୍ରଚଳିତ ଶବ୍ଦମାନ ସେ ବ୍ୟବହାର କରିଅଛନ୍ତି ଯଥା କମଳ (ଜଳ), କୈରବବନ୍ଧୁ (ଚନ୍ଦ୍ର), କରବାଳମୂର୍ଦ୍ଧୀ (ଚୁଳା) ଇତ୍ୟାଦି ।

Digitized by srujanika@gmail.com

ଉକ୍ତ ନୈଷଧର ଚନ୍ଦ୍ରବର୍ଣ୍ଣନାକୁ ଅବିକଳ ସ୍ମରିତ । କଲ୍ଲୋଳକୌମୁଦୀରେ ପରିଚ୍ଛେଦ ୨ । ୩ ଶ୍ଳୋକର ଉଦାହରଣ ନିମ୍ନରେ ପ୍ରଦର୍ଶିତ ହେଲା :—

(୧) କରୁଥିଲେ ସେ ସମର ସଞ୍ଚାର । କେତେ ତାହାଙ୍କୁ ଦେଲେ ଅଳଙ୍କାର । କୁଚ ପାଇଲା ହାର । କଟି ନେଲା ଅମ୍ବର । କରିଥିଲେ ଅପାର ରତି ରଣେ ପ୍ରହର । ୨୬ ।

କର୍ଣ୍ଣ ଉତ୍ତମ କୁଣ୍ଡଳ ପାଇଲା । କର୍ପୂର ତାମ୍ବୁଲ ଅଧର ନେଲା । କେଶ ପଛରେ ଥିଲା । କଞ୍ଚୁ ବନ୍ଧା ପାଇଲା । କରଦେଶରେ ହେଲା କ୍ରମେ ବନ୍ଧନ ଗଲା । ୨୨ । ର, କ ୨୩ ଛାନ୍ଦ ।

ଶାନ୍ତେ ମନ୍ମଥସଙ୍ଗରେ ରଣଭୁଭାଂ ସତ୍‌କାରମାତନ୍ଵତୀ
ବାସୋଽଦାତ୍ ଜଘନସ୍ୟ ପୀନକୁଚୟୋଃ ହାରଂ ଶ୍ରୁତେଃ କୁଣ୍ଡଳମ୍ ।
ତାମ୍ବୁଲସ୍ୟ ଚ ବିଟିକାମ୍ୟଧରୟୋଃ ପାଣ୍ୟୋଃ ରଣତ୍‌କଙ୍କଣମ୍
ପୃଷ୍ଠାଲମ୍ବିନ କେଶପାଶନଚୟେ ଯୁକ୍ତୋ ହି ବନ୍ଧକ୍ରମଃ ।

(୨) କରି ଗୋପୀମୂର୍ତ୍ତି ଅନାଇ ବୋଲନ୍ତି ତୋ ଅଙ୍ଗ କାମସରୋବର ।
କାନ୍ତି ସ୍ୱଚ୍ଛଜଳ କେଶ ଶଇବାଳ ବଦନ କମଳ ପ୍ରକାର ।
କମଳା, ନୟନୟୁଗଳ ଶଫରୀ ।
କୁଚ ଚକ୍ରବାକ ନଖ କହ୍ଲାରକ ସକଳ ଜନମନୋହାରୀ । ୨୦ ।
ର, କ ୮୩ ଛାନ୍ଦ ୨୦ ପଦ ।

ବାହୂ ଦ୍ୱୌ ଚ ମୃଣାଳମାସ୍ୟ କମଳଂ ଲାବଣ୍ୟ ଲୀଳାଜଳମ୍
ଶ୍ରୋଣୀ ତୀର୍ଥଶିଳା ଚ ନେତ୍ରଶଫରୀ ଧମ୍ମିଲ୍ଲଶୈବାଳକମ୍ ।
କାନ୍ତାୟାଃ ସ୍ତନଚକ୍ରବାକଯୁଗଳଂ କନ୍ଦର୍ପବାଣାନଳୈ-
ର୍ଦଗ୍ଧାନାମବଗାହନାୟ ବିଧିନା ରମ୍ୟଂ ସରୋ ନିର୍ମିତମ୍ ।

(୩) କନକ ବଲ୍ଲରୀ ନାନା ଫୁଲ ଧରି ଚଳନ୍ତେ ଯେସନ୍ତି ବଇଦ ।
କାମକଳାବତୀ ଗୋପୀ ସେହିମତି ଚଳନ୍ତେ ମୋହେ ମନ ନେଇ ।
ର, କ ୧୬ ଛାନ୍ଦ ୧୯ ପଦ ।

ପର୍ଯ୍ୟାପ୍ତ ପୁଷ୍ପସ୍ତବକାଚନମ୍ରା ସଞ୍ଚାରିଣୀ ପଲ୍ଲବିନୀ ଲତେବ । ଇତ୍ୟାଦି ।

କବି ସଂସ୍କୃତ ଓ ପ୍ରାକୃତ ଗ୍ରନ୍ଥରୁ ଉପାଦାନ ଗ୍ରହଣ କରିଥିଲେହେଁ ନିଜର ପ୍ରତିଭାବଳରେ ସେସବୁକୁ ଏକ ସ୍ୱତନ୍ତ୍ର ରୂପରେ ଉପସ୍ଥାପିତ କରି ନିଜର କାବ୍ୟାଙ୍ଗନାକୁ କମନୀୟ ଭୂଷଣରେ ଭୂଷିତ କରିଅଛନ୍ତି ।

ଦୀନକୃଷ୍ଣଙ୍କ ରସକଲ୍ଲୋଳ କାନ୍ତପଦସରୋଜର ଅମୃତରସ । ଅର୍ଥ ବା ଭାବ ମଧ୍ୟ ହୃଦୟରେ ଚମତ୍କାର ଭାବ ଜାତ କରେ ।

କାବ୍ୟ - ଶୃଙ୍ଗାର ବା ମଧୁର ରସାତ୍ମକ :—ବାତ୍ସଲ୍ୟ, ବୀର, ଭୟାନକ, କରୁଣ, ହାସ୍ୟ ଶାନ୍ତାଦି ରସମାନ ପ୍ରସଙ୍ଗବିଶେଷ ଅଧିକାର କରିଥିଲେହେଁ

Digitized by srujanika@gmail.com

ସେମାନେ ଗୌଣ, ଅପ୍ରଧାନ; ଶୃଙ୍ଗାର ରସହିଁ ପ୍ରଧାନ, ମୁଖ୍ୟ । ଏହି ରସମାନଙ୍କରେ କୃଷ୍ଣଚରିତ ବର୍ଣ୍ଣିତ ହୋଇଥିବା ହେତୁ ନବ ଗ୍ରନ୍ଥର ନାମ ରସକଲ୍ଲୋଳ ଦେଇଅଛନ୍ତି । ରସକଲ୍ଲୋଳରେ କୃଷ୍ଣଚନ୍ଦ୍ରଙ୍କ ବାଲ୍ୟ, ପୌଗଣ୍ଡ ଓ କୈଶୋର ଅବସ୍ଥା ବର୍ଣ୍ଣିତ ହୋଇଅଛି ।

୵ ମୃତ୍ୟୁଞ୍ଜୟ ରଥେ କହିଅଛନ୍ତି "ରସକଲ୍ଲୋଳର ବର୍ଣ୍ଣନା ବା କଥା-ପ୍ରସଙ୍ଗ ଆଲୋଚନା କରି ତାହାକୁ ପ୍ରଧାନତଃ ତିନିଭାଗରେ ବିଭକ୍ତ କରାଯାଇ ପାରେ— ବାଲ୍ୟ, ଯୌବନ ଏବଂ ପ୍ରୌଢ଼ାବସ୍ଥା ।"

କୃଷ୍ଣଚନ୍ଦ୍ର ଦ୍ୱାଦଶ କୈଶୋର ଅବସ୍ଥାରେ କଂସକୁ ବଧ କରିଥିଲେ, ଏହା ଭାଗବତରେ ସ୍ପଷ୍ଟଭାବରେ କଥିତ ହୋଇଅଛି ।

ଶୁକବାକ୍ୟ—କ୍ୱ ଚ ବଜ୍ରସାରସର୍ବାଙ୍ଗୌ ମଲ୍ଲୌ ଶୈଳେନ୍ଦ୍ରସନ୍ନିଭୌ ।
କ୍ୱ ଚାତି ସୁକୁମାରାଙ୍ଗୌ କିଶୋରୌ ନାପ୍ତଯୌବନୌ । ଭା ୧୦-୪୪-୮ ।

ପୁନଶ୍ଚ କୃଷ୍ଣବାକ୍ୟ—"ନାସ୍ମତ୍ତୋ ଯୁବୟୋସ୍ତାତ ନିତ୍ୟୋତ୍କଣ୍ଠିତୟୋରପି ।
ବାଲ୍ୟପୌଗଣ୍ଡକୈଶୋରାଃ ପୁତ୍ରାଭ୍ୟାମଭବନ୍ କ୍ୱଚିତ୍ ॥
ନ ଲବ୍ଧୌ ଦୈବହତୟୋର୍ବାସୋ ନୌ ଭବଦନ୍ତିକେ ।
ଯାଂ ବାଲାଃ ପିତୃଗେହସ୍ଥା ବିନ୍ଦନ୍ତେ ଲାଳିତା ମୁଦମ୍ ॥
୧୦-୪୫-୩-୪

ରସକଲ୍ଲୋଳରେ କୃଷ୍ଣଚନ୍ଦ୍ରଙ୍କ ଯୌବନାବସ୍ଥା ବର୍ଣ୍ଣିତ ହୋଇ ନାହିଁ; ରଥଙ୍କ ଉକ୍ତି ସମ୍ପୂର୍ଣ୍ଣ ଭ୍ରମାତ୍ମକ ।

ରସକଲ୍ଲୋଳରେ କୃଷ୍ଣଚନ୍ଦ୍ରଙ୍କର ଯେପରି ମୁଗ୍ଧତା, ସରଳତା, ମାଧୁର୍ଯ୍ୟ, ସୌନ୍ଦର୍ଯ୍ୟ ଓ ପ୍ରେମପ୍ରବୀଣତା ପରିସ୍ଫୁଟ ସେହିପରି ତେଜସ୍ୱିତା, କର୍ମକୁଶଳତା, ବୀରତ୍ୱ ଓ ଶୌର୍ଯ୍ୟ ପ୍ରକାଶମାନ । ଏହି କାବ୍ୟରେ କୌମାର, ପୌଗଣ୍ଡ ଓ କୈଶୋର ବୟସ ବର୍ଣ୍ଣିତ ହୋଇଅଛି । ବତ୍ସଳରସରେ କୌମାର, ସଖ୍ୟ ରସରେ ପୌଗଣ୍ଡ ଓ ମଧୁର (ଶୃଙ୍ଗାର) ରସରେ କୈଶୋର ପ୍ରସିଦ୍ଧ-(୫ବର୍ଷ ପର୍ଯ୍ୟନ୍ତ କୌମାର, ୧୦ବର୍ଷ ପର୍ଯ୍ୟନ୍ତ ପୌଗଣ୍ଡ, ୧୫ବର୍ଷ ପର୍ଯ୍ୟନ୍ତ କୈଶୋର, ତତ୍ପରେ ୧୬ବର୍ଷଠାରୁ ଯୌବନ । ପୂତନା, ଶକଟ, ତୃଣାବର୍ତ୍ତବଧ ଓ ଯାମଳା ଅର୍ଜୁନ ଭଞ୍ଜନ ପ୍ରଭୃତି କୌମାର ଅବସ୍ଥାରେ ହୋଇଅଛି । ବତ୍ସ, ବକ, ଅଘାସୁରବଧ, ଧେନୁକବଧ, କାଳୀୟଦମନ, ଦାବାଗ୍ନିଭକ୍ଷଣ, ପ୍ରଲମ୍ବବଧ ପ୍ରଭୃତି ପୌଗଣ୍ଡ ଅବସ୍ଥାରେ ଘଟିଅଛି । କୈଶୋର ଅବସ୍ଥାରେ ଅନ୍ୟାନ୍ୟ ଘଟଣା ଅର୍ଥାତ୍ ରାସଲୀଳା ପ୍ରଭୃତି ଓ ମଥୁରା ଲୀଳା) ।

କୃଷ୍ଣଚନ୍ଦ୍ର ସର୍ବରସାଶ୍ରୟ ହେତୁ କୌମାର, ପୌଗଣ୍ଡ ଓ କୈଶୋରରେ ଅନ୍ୟାନ୍ୟ ରସମାନଙ୍କର ପରିସ୍ଫୂର୍ତ୍ତି ମଧ୍ୟ ପରିଦୃଷ୍ଟ ହୁଏ । ସେଥିନିମନ୍ତେ ରସକଲ୍ଲୋଳରେ ବୀର, କରୁଣ, ବାତ୍ସଲ୍ୟ, ଶୃଙ୍ଗାର, ଭୟାନକ, ଶାନ୍ତାଦି ରସର ସନ୍ନିବେଶ ହୋଇଅଛି ।

Digitized by srujanika@gmail.com

କାବ୍ୟର ନାୟକ—ଶ୍ରୀକୃଷ୍ଣ; ନାୟିକା—ରାଧା; ନାୟକ ଓ ନାୟିକାଙ୍କ ଚରିତ ବିଷୟରେ କହିବା ନିଷ୍ପ୍ରୟୋଜନ । ତେବେ ଏତିକି କୁହାଯାଇ ପାରେ ଯେ ସ୍ଥାନେ ସ୍ଥାନେ କବି ନାୟକ ଓ ନାୟିକାଙ୍କ ରତିବର୍ଣ୍ଣନା-ପ୍ରସଙ୍ଗରେ ଘୋର ଅଶ୍ଳୀଳତା ଆଶ୍ରୟ କରି କାବ୍ୟର ଉପାଦେୟତାକୁ ହୀନ କରି ଦେଇଅଛନ୍ତି । ଏହା ରସକଲ୍ଲୋଳ ପାଠରୁ ପାଠକମାନେ ଅବଗତ ହେବେ । ଏହି ଦୋଷ ଉପେନ୍ଦ୍ର ଓ ଅଭିମନ୍ୟୁ ପ୍ରଭୃତିଙ୍କ କୃତିରେ ପରିଦୃଷ୍ଟ ହୁଏ । ଦେବଦୁର୍ଲ୍ଲଭ ଓ ଭକ୍ତଚରଣଙ୍କ ରହସ୍ୟମଞ୍ଜରୀ ଓ ମଥୁରାମଙ୍ଗଳ ଏ ଦୋଷରୁ ମୁକ୍ତ ।

କାଳିଦାସ ଶୃଙ୍ଗାରରସ ବର୍ଣ୍ଣନାରେ ମଧ୍ୟ ମାତ୍ରା ଲଙ୍ଘନ କରିଅଛନ୍ତି । ତାହା କୁମାରସମ୍ଭବ, ମେଘଦୂତ ପ୍ରଭୃତିରେ ପରିଦୃଷ୍ଟ ହୁଏ । କୁମାରସମ୍ଭବରେ ପାର୍ବତୀ ପରମେଶ୍ୱରଙ୍କ ରତିବର୍ଣ୍ଣନାରେ ଉତ୍ତ୍ୟକ୍ତ ହୋଇ ସମାଲୋଚକ କହି ଅଛନ୍ତି "ଇଦଂ ପିତ୍ରୋଃ ସମ୍ଭୋଗବର୍ଣ୍ଣନମିବାତ୍ୟନ୍ତମନୁଚିତମ୍" । କବି ଜୟଦେବ ରାଧାକୃଷ୍ଣଙ୍କ ରତିରେ ପୁରୁଷାୟିତର ବହୁଳ ବର୍ଣ୍ଣନା କରି ଯେ ପନ୍ଥା ଦେଖାଇଅଛନ୍ତି ରସକଲ୍ଲୋଳକାର ସେହିପନ୍ଥାର ଅନୁବର୍ତ୍ତୀ । ଅତ୍ୟଧିକ ପ୍ରାକୃତ ବା ବାସ୍ତବ ବର୍ଣ୍ଣନ ନିଶ୍ଚୟ ଦୋଷାବହ । ଶ୍ରୀହର୍ଷଙ୍କ ନୈଷଧର ପ୍ରଭାବ ମଧ୍ୟ ରସକଲ୍ଲୋଳରେ ପରିଦୃଷ୍ଟ ହୁଏ । ସେ ଯୁଗରେ ଶୃଙ୍ଗାରରସର ଅତିମାତ୍ର ବିଶ୍ଳେଷଣ ଗୋଟାଏ ଧର୍ମ୍ମ ହୋଇ ପଡ଼ିଥିଲା । ତେଣୁ ସେ କାଳର କବିମାନେ ପ୍ରାୟ ସେହି ଯୁଗର ଧର୍ମ୍ମରେ ଅନୁପ୍ରାଣିତ ହୋଇ ଏପରି ଅଶ୍ଳୀଳତାକୁ ସ୍ୱୀୟ କୃତି-ମାନଙ୍କରେ ସ୍ଥାନ ଦେଇଅଛନ୍ତି । ଭୋଜରାଜ କହିଅଛନ୍ତି—"ଶୃଙ୍ଗାରୀ ଚେତ୍ କବିଃ କାବ୍ୟେ ଜାତଂ ରସମୟଂ ଜଗତ୍ । ସ ଏବ ଚେଦଶୃଙ୍ଗାରୀ ନୀରସଂ ସର୍ବମେବ ତତ୍ ।" ଏ ବିଷୟର ସବିସ୍ତର ବିଚାର ନିମନ୍ତେ ବିଦଗ୍ଧ ଚିନ୍ତାମଣିର ମୁଖବନ୍ଧ ଦ୍ରଷ୍ଟବ୍ୟ । ଦଣ୍ଡୀଙ୍କ ଉକ୍ତି—"ତଦଲ୍ପମପି ନୋପେକ୍ଷ୍ୟଂ କାବ୍ୟେ ଦୁଷ୍ଟଂ କଥଞ୍ଚନ, ସ୍ୟାଦ୍ୱପୁଃ ସୁନ୍ଦରମପି ଶ୍ୱିତ୍ରେଣୈକେନ ଦୁର୍ଭଗମ୍ ।"

ଦଣ୍ଡୀଙ୍କ ଏ ଉକ୍ତିସତ୍ତ୍ୱେ ରସକଲ୍ଲୋଳ କାବ୍ୟର ଗୁଣମାନଙ୍କ ସମକ୍ଷରେ ଏ ଦୋଷ ଧର୍ତ୍ତବ୍ୟ ନୁହେ । କାରଣ—

"ଏକୋ ହି ଦୋଷୋ ଗୁଣସନ୍ନିପାତେ ନିମଜ୍ଜତୀନ୍ଦୋଃ କିରଣେଷ୍ୱିବାଙ୍କଃ ।"

ନିର୍ଦ୍ଦୋଷ କାବ୍ୟ ବିରଳ ବା ନାହିଁ କହିଲେ ଚଳେ । ଏହା ସାହିତ୍ୟ-ଦର୍ପଣକାର କହିଅଛନ୍ତି "କିଞ୍ଚୈବଂ କାବ୍ୟଂ ପ୍ରବିରଳବିଷୟଂ ନିର୍ବିଷୟଂ ବା ସ୍ୟାତ୍ । ସର୍ବଥା ନିର୍ଦ୍ଦୋଷସ୍ୟୈକାନ୍ତମସମ୍ଭବାତ୍ ।"

ଇଂରେଜ କବି ପୋପ୍ (Pope) କହିଅଛନ୍ତି:—

Whoever thinks a faultless piece to see
Thinks what never was, nor is, nor ever shall be.

Digitized by srujanika@gmail.com

ରସକଲ୍ଲୋଳର ପଦଲାଳିତ୍ୟ ଉତ୍କଳ-ସାହିତ୍ୟରେ ବିରଳ କହିଲେ ଚଳେ । ସେ ଜୟଦେବଙ୍କ ତୁଲ୍ୟ ଉତ୍କଳ ଭାଷାରେ କୃଷ୍ଣଚରିତ୍ର କାନ୍ତ କୋମଳ ପଦାବଳୀରେ ଗାନ କରିଅଛନ୍ତି । ଆଧୁନିକ ଯୁଗର ପ୍ରାଥମିକ କବିଦ୍ୱୟ ରାଧାନାଥ ଓ ମଧୁସୂଦନ ତାଙ୍କୁ କାବ୍ୟଗୁରୁରୂପେ ସ୍ୱୀକାର କରିଥିଲେ ବୋଲି ତତ୍‌କୃତ ପଦ୍ୟାବଳୀରୁ ସ୍ପଷ୍ଟ ପ୍ରତୀତ ହୁଏ । ସେ ଭକ୍ତବର ହୃଦୟରେ ନିଜର ଭାବକୁ ଯେ ବିମଳ ଭାଷାରେ ଅଭିବ୍ୟକ୍ତ କରିଅଛନ୍ତି ତାହା ପାଠ କଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ପଦଲାଳିତ୍ୟର ଉଦାହରଣ ଦେବା ନିଷ୍ପ୍ରୟୋଜନ । କାରଣ ଯେ ଅଂଶ ଦେଖିବ ସେଥିରେ ତାହା ବିଦ୍ୟମାନ । କବି ସପ୍ତମ ଛାନ୍ଦ ଶେଷରେ କହିଅଛନ୍ତି :—

"କବି ହୋଇ କରୁଥିବ ନିର୍ମଳ କବିତ୍ୱ ।
କର୍ଣ୍ଣ ଦେଇ ଶୁଣୁଥିବ ରସିକ ପଣ୍ଡିତ ।
କଣ୍ଠିତ କରି ଆସ୍ୱାଦ କରୁଥିବ ତାହା ।
କହେ କୃଷ୍ଣ କ ମଧ୍ୟରେ ଲେଖିବି ମୁଁ ଏହା ।"

୩୪ ଛାନ୍ଦର ଉପସଂହାରରେ କବି ଲେଖିଛନ୍ତି—

"କେତେ କଳ୍ପବୃକ୍ଷ ଅଛନ୍ତି ଏଥି । କେବଳ କ୍ଷୀରସିନ୍ଧୁ ପ୍ରାୟେ ମନ୍ତି ।
କର ରସ ଜାତ । କବି ଧୀଷଣା ମନ୍ଦର ପର୍ବତ ।"
"କର ସୁବିସ୍ତର—କବିତ୍ୱ ଶାନ୍ତଜଳ ଏକାକାର ।
କବିତ୍ୱ ମଳୟ ପବନ ମତ—କରେ ରସିକ ତରୁ ପଲ୍ଲବିତ ।"
କବିତ୍ୱ ରସ ଉତ୍ତମ ଗୋକ୍ଷୀର । କବି ତହିଁ ସଙ୍ଗେ ସ୍ନେହ ଶାକର ।
କର୍ଣ୍ଣ ତୁଣ୍ଡରେ ଯେ କରଇ ପାନ । କହିହିଁ ସ୍ୱାଦୁ ଜାଣଇ ସେ ଜନ ।

ରସକଲ୍ଲୋଳର ଛାନ୍ଦମାନ ବିଭିନ୍ନ ରାଗରେ ରଚିତ । ତହୁଁ କାବ୍ୟଟି ସଙ୍ଗୀତମୟ । ଆଧୁନିକ ଯୁଗର ରାଧାନାଥ ପ୍ରମୁଖଙ୍କ କାବ୍ୟମାନ ସେପରି ସଙ୍ଗୀତ-ମୟ ନୁହେଁ । ମନମୋହନ ଚକ୍ରବର୍ତ୍ତୀ ପ୍ରମୁଖ ଆଧୁନିକ ଯୁଗର କବିଙ୍କ ଲେଖାକୁ କେବଳ ଲାଳିତ୍ୟହୀନ ପଦବନ୍ଧଯୁକ୍ତ (Doggerel Versses) ବୋଲି କହି-ଅଛନ୍ତି; ତାହା ଯଥାର୍ଥ । ଭାଷାର ଶକ୍ତି ମଧ୍ୟ ଆଧୁନିକ ଲେଖକଙ୍କ କୃତରେ କ୍ଷୀଣ ହୋଇ ପଡ଼ିଅଛି । ତାହାର କାରଣ ଏହି ଯେ, ଆଧୁନିକ ଲେଖକମାନେ ଭାଷାକୁ ସଂସ୍କୃତ ଛାଞ୍ଚରେ ଗଢ଼ିଅଛନ୍ତି । ପଣ୍ଡିତ ୰ମୃତ୍ୟୁଞ୍ଜୟ ରଥ ଯଥାର୍ଥ କହିଅଛନ୍ତି—"ବର୍ତ୍ତମାନ ଓଡ଼ିଆ ସାହିତ୍ୟ ଅନ୍ୟତର ସାହିତ୍ୟରୁ ଧାର ଗ୍ରହଣପୂର୍ବକ ପୁଷ୍ଟ ହେଉଥିଲେହେଁ ଭାଷାରେ ଗୋଟିଏ ଉଦାମ ଜୀବନୀ ଶକ୍ତି ଥିଲା ପରି ବୋଧ ହୁଏ ନାହିଁ । କବି ସାରଳାଦାସଙ୍କ ଭାଷା ଏବଂ ପ୍ରେମପୁରର କବିଙ୍କ ଭାଷାରେ ଯେଉଁ ଶକ୍ତି ଓ ସ୍ୱାଧୀନତା ଥିଲା ତାହା ଏଥିରେ ନାହିଁ । ତହିଁର କାରଣ ଆଧୁନିକ ଭାଷା ସଂସ୍କୃତବହୁଳ ହେଉ ହେଉ କ୍ରମେ ପୂର୍ବ ମୌଳିକତା ହରାଇ ବସୁଅଛି ।

Digitized by srujanika@gmail.com

ସେହି ମୌଳିକ ଶକ୍ତି ଭିତରେ ପୁନଃପ୍ରବେଶ କରିଇ ନ ପାରିଲେ ନବ ଜୀବନର ସଞ୍ଚାର ହେବ ନାହିଁ ।”

ଶ୍ରୀକୃଷ୍ଣ ଓ ଗୋପୀଙ୍କ ରୂପ ଓ କୃଷ୍ଣଙ୍କ ବାଲ୍ୟଲୀଳା ବର୍ଣ୍ଣନା, ଯମୁନା, ପ୍ରଭାତ ଓ ଋତୁମାନଙ୍କ ବର୍ଣ୍ଣନା, ଗୋପୀମାନଙ୍କର ଖେଦ ଓ ଉଦ୍ଧବଙ୍କ ତତ୍ତ୍ୱବାଣୀରେ ସ୍ୱଭାବୋକ୍ତି, ଉପମା; ପ୍ରକୃତି ସହ ସମଭାବାପନ୍ନତ୍ୱ, ଭାବର ପରିପାଟି ଅତି ଉଜ୍ଜ୍ୱଳ-ରୂପେ ବିକାଶ କରିବା ହେତୁ କାବ୍ୟର ଶରୀର ଏକ ତରଳ ସ୍ନିଗ୍ଧ ଲାବଣ୍ୟ ସୁଷମାରେ ମଣ୍ଡିତ ହୋଇଅଛି । ଶ୍ରୀକୃଷ୍ଣଙ୍କ ପ୍ରକୃତିର ଜୀବନ୍ତ ଚିତ୍ରଣ, ମଞ୍ଜୁ ଉପମା ଉତ୍କଳ ସାହିତ୍ୟରେ ଅତୁଳନୀୟ । କବିଙ୍କ ଶ୍ଳେଷୋକ୍ତି ମଧ୍ୟ ପ୍ରଶଂସନୀୟ:—

କରିବର ବସାଇଛି କେଶରୀ ଉପରେ ।
କେହି ତ ଏକଥା କରି ନାହିଁ ଏ ସଂସାରେ । ୭—୯
କନକ ଲତାରେ କମଳ କୋଳରେ ବିକାସେ ବେନି ଇନ୍ଦୀବର
× × × × ×
କି କରି ବିଧାତା କରିଛି ଏ ଲତା ଚିତ୍ତକୁ ପଡ଼ୁଅଛି ବଳ—୮—୧୭
କେ ବୋଲେ ଅମୃତ କର, ଚର୍ମକୁ ଏବା ଅମ୍ବର । କଲା ବିଧାତା ଅକାର ବର୍ଣ୍ଣେ ବାହାର । ୨୨—୩୪, ଇତ୍ୟାଦି ଇତ୍ୟାଦି ।

ଶ୍ଳେଷ, ଉତ୍‌ପ୍ରେକ୍ଷା, ଅତିଶୟୋକ୍ତି, ଦୃଷ୍ଟାନ୍ତ, ସମାସୋକ୍ତି, ଉପମା, ରୂପକ ପ୍ରଭୃତି ଅଳଙ୍କାର ବ୍ୟବହାର ହେତୁ ଶ୍ଳେଷୋକ୍ତିରେ କବିଙ୍କର ପାଣ୍ଡିତ୍ୟ ଓ ଜୀବନ୍ତ ପ୍ରକୃତିର ଚିତ୍ରର ଶକ୍ତି କାବ୍ୟରେ ପରିସ୍ଫୁଟ ହୋଇଅଛି ।

ଶ୍ଳେଷୋକ୍ତି ଯେ କବିଙ୍କର ପ୍ରଧାନ ଗୁଣ ବା ବିଶେଷତ୍ୱ ତାହା କବି ସ୍ୱୟଂ କହିଅଛନ୍ତି ;—

କବି ସେ ସତ ମିଛ କରି କହନ୍ତି । ରଚିବି ଶ୍ଳେଷରେ ମନ ମୋହନ୍ତି ।
୨୦—୧୫

କବି ତା ଜାଣି ନ ପାରି ତହିଁକି ଉପମା କରି ରଖିବାକୁ ନିଜ ବଚନଶ୍ଳେଷ
୩୧—୧୩

ଶ୍ଳେଷହୀନ ବାକ୍ୟବିନ୍ୟାସ ପୁରାଣ, ଇତିହାସ ବା ଦର୍ଶନର କୋଠିକୁ ଅଧିକାର କରେ—କାବ୍ୟରାଜ୍ୟକୁ ସ୍ପର୍ଶ କରେ ନାହିଁ । ଆଜିକାଲି ଲୋକେ କାବ୍ୟକୁ ଦର୍ଶନଦିଗକୁ ଟାଣି ନେଇଅଛନ୍ତି । ଅମ୍ଭେମାନେ କଦାପି କାଳେ ଗୀତା, ଉପନିଷଦାଦିଙ୍କୁ କାବ୍ୟରୂପେ ଗ୍ରହଣ କରିବୁ ନାହିଁ । ସେମାନଙ୍କୁ ପଦ୍ୟ-ମୟ କବିତା କହିଲେ ଅମ୍ଭେମାନେ କହୁଁ ଯେ ସେମାନଙ୍କର ପନ୍ଥା ତା ଠାରୁ ସ୍ୱତନ୍ତ୍ର । ତହିଁ ଉଭୟଙ୍କୁ ଏକ ତୁଳାଦଣ୍ଡରେ ତୁଳନା କରିବା ବୁଦ୍ଧିମାନ୍ଦ୍ୟର ପରିଚୟ ମାତ୍ର । ସେମାନେ ଜୀବନର କମନୀୟତା, ସରସତା, କଳାପ୍ରିୟତା

Digitized by srujanika@gmail.com

ସ୍ଥାନରେ ସରସତା, ନୀରସତା ଓ ଗମ୍ଭୀରତାର ପ୍ରବର୍ତ୍ତିତ କରିଅଛନ୍ତି । ପ୍ରାଚୀନ ସଂସ୍କୃତ ଓ ପ୍ରାକୃତ କବିମାନେ କବିତାସୁନ୍ଦରୀକୁ ନିଜର କାନ୍ତାରୂପେ ଦେଖିଥିଲେ । ସେଥିହେତୁ ସେମାନେ କାବ୍ୟକୁ କାନ୍ତାସମ୍ମିତ ବୋଲି କହିଅଛନ୍ତି । କାଳିଦାସଙ୍କ କବିତାସୁନ୍ଦରୀ, ଗୃହିଣୀମୂର୍ତ୍ତି, ଭବ୍ୟ ଅଳଙ୍କାର-ମଣ୍ଡିତା ଓ ରସବତୀ । କାଳକ୍ରମରେ କବିମାନେ କବିତାସୁନ୍ଦରୀକୁ ଅତିମାତ୍ର ଅଳଙ୍କାରରାଜିରେ ମଣ୍ଡନ କରି ସହଜ ସୌନ୍ଦର୍ଯ୍ୟ ମାଧୁର୍ଯ୍ୟ ହ୍ରାସ କରିଦେଇ ଅଛନ୍ତି ।* ଦୀନକୃଷ୍ଣ, ଉପେନ୍ଦ୍ର ଭଞ୍ଜ ଓ ଅଭିମନ୍ୟୁଙ୍କ ପରି ଦୁର୍ବହ ଅଳଙ୍କାର ସଜରେ କବିତାସୁନ୍ଦରୀଙ୍କୁ ମଣ୍ଡନ କରି ନାହାନ୍ତି କହିଲେ ଚଳେ । କବି କାଳିଦାସଙ୍କ ଗୃହିଣୀଚିତ୍ର (ରଘୁବଂଶାଦି ପ୍ରଭୃତିରେ) ମଧ୍ୟ ଆଧୁନିକ ରୁଚିର ଅନୁକୂଳ ହେବ ନାହିଁ । କାରଣ ଆଧୁନିକ ବିଳାସୀ ହୋଇ ପଡ଼ିଅଛନ୍ତି ।

ଅନେକ ସ୍ଥଳରେ ପରିଦୃଷ୍ଟ ହୁଏ, କେତେକ ଲୋକ ଅଦୂରଦର୍ଶୀ ମୁଷ୍ଟିମେୟ ସମାଲୋଚକଙ୍କ ମତ ଲୋକମୁଖରେ ଶ୍ରବଣ କରି ଅନ୍ଧପରମ୍ପରା ନ୍ୟାୟରେ ତାହାକୁ ସ୍ୱମତ ବୋଲି ଖ୍ୟାପନ କରନ୍ତି । କାବ୍ୟ ପାଠ କରିବା ତ ଦୂରର କଥା, କାବ୍ୟ ପର୍ଯ୍ୟନ୍ତ ଦୃଷ୍ଟିଗୋଚରରେ ନ ଆଣି କେବଳ କବିଙ୍କ ଦୋଷମାନ ଲୋକସମକ୍ଷରେ ପ୍ରକାଶ କରନ୍ତି । ଏ ବିଷୟ ଆଧୁନିକ ଶିକ୍ଷିତ ସମାଜରେ ବହୁଳ ଭାବରେ ପରିଲକ୍ଷିତ ହୁଏ । କେତେକ ବ୍ୟକ୍ତି କତିପୟ ଖ୍ୟାତନାମା ଲୋକଙ୍କ ତୁଷ୍ଟି ବିଧାନ କରିବା ଉଦ୍ଦେଶ୍ୟରେ ତଥା ନିଜର ସ୍ୱାର୍ଥସିଦ୍ଧିର ଅଭିପ୍ରାୟରେ କେବଳ ମତ ଅଭିବ୍ୟକ୍ତ କରିଥାନ୍ତି ।

Some never advance a judgment of their own,
But catch the spreading notion of the town;
They reason and conclude by precedent,
And own stale nonsense which they never invent.
Some judge of author's names not works and then
Nor praise nor blame the writings, but the men.
"Pope"

---

* Poets likes painters, thus unskilled to trace
The naked nature and the living grace
With gold and jewels cover every part,
And hide with ornaments their want of art
True wit is nature to advantage dressed—Pope,

Digitized by srujanika@gmail.com

ବର୍ତ୍ତମାନ ଉତ୍କଳର ପ୍ରାଚୀନ କବିମାନେ ବିଶେଷତଃ ଉପେନ୍ଦ୍ରଭଞ୍ଜ ତିରସ୍କାରର ପାତ୍ର ହୋଇଅଛନ୍ତି । ନୌଦ୍ଧଲେ କଂ୮ ମୃତ୍ୟୁଞ୍ଜୟ ରଥ ଦୀନକୃଷ୍ଣଙ୍କ ପଦ ସହିତ ମଧୁସୂଦନଙ୍କ ପଦର ତୁଳନା କରି "ଅାଧୁନିକ କବିଙ୍କର ରଚନା କେତେ ଶୁଦ୍ଧ, ସରଳ ଏବଂ ଗ୍ରାମ୍ୟଭାବବର୍ଜିତ" କହିଥାନ୍ତେ ? ବର୍ତ୍ତମାନ ପରୀକ୍ଷା କରିଯାଉ :—

(୧) "କୁରଙ୍ଗ-ନୟନା ନୟନ-ତରଙ୍ଗ ବୋଲି ମୃଗତୃଷ୍ଣା ଦର୍ଶିଲେ" ୧୬-୩ ଦୀନକୃଷ୍ଣ ।

"କଳା ଭ୍ରମରକୁ କଣି ନୀଳମାର୍ଗେ ଦେଖେ ମୃଗତୃଷ୍ଣା ଜଳ"—ମଧୁ ।

(୨) "କୁଳଟା ପ୍ରାୟେ କୂଳ ବୁଡ଼ାଇ ବଢ଼ିଲେ ନଦୀ ପ୍ରବଳ ହୋଇ ପାଶେ କାହାକୁ ନ ଦେଲେ ଥୋଇ ଚଞ୍ଚଳ ହୋଇ" ୧୬-୨—ଦୀନକୃଷ୍ଣ ।

"ବଢ଼ଇ ଲଙ୍ଘି କୂଳ ନଦୀ ନିକର, ଧାଏଁ ପ୍ରବଳ ବେଗେ ସ୍ରୋତ ପ୍ରଖର ଭସାଇ ସ୍ବଦଦ୍ଵାର ପଶୁ ମାନବେ, ଉପାଡ଼ି ମହାଦ୍ରୁମ ଗର୍ଜେ ଭୈରବେ" --ମଧୁ

(୩) "କମଳ ରସାଳ ନୀଳ ଉତ୍ପଳ ନଅଳୀ ଅଶୋକ ବିକାଶ ।
କାମ ପଞ୍ଚବାଣ କାମୀ ପାନ୍ଥପ୍ରାଣ ଘେନିବାକୁ ହେଲେ ପ୍ରକାଶ ।
କେତକୀ, କୁନ୍ଦ ବି ହୋଇଲ ପ୍ରକଟ ।
କାନ୍ତା କାନ୍ତ ଭେଟ ହୋଇଲ ଅଭେଟ ଜୀବ ଯିବା ହେଲା ନିକଟ ।
କଂଶୁକ, ପାଟ କରବାଳ ତାହାର ।
କରିବାକୁ ରଙ୍ଗକୋଷେ ତାହା ସଙ୍ଗ ସୁଖ ନୋହୁଅଛି କାହାର"
୧୨-୨-୪—ଦୀନକୃଷ୍ଣ

"ନବୀନ ପଲ୍ଲବ ନବ କୁସୁମ, ଧରିଅଛି ଦେଟହେ ରସାଳ ଦ୍ରୁମ ।
ମନୋଜ୍ଞ ମଞ୍ଜୁଳ ପୁଷ୍ପସ୍ତବକେ, ସର୍ବାଙ୍ଗ ମଣ୍ଡିତ ଦେଖ ଅଶୋକେ ।
କାମିନୀ ନଅଳୀ ଗୋଲାପଫୁଲ, ଫୁଟିବାରୁ ଉପବନ ମଞ୍ଜୁଳ ।
ରକ୍ତକାନ୍ତ ରମ୍ୟ ପଲାଶବନ, ଦୂରରୁ ହରଇ ନୟନ ମନ—"ମଧୁସୂଦନ"

ପ୍ରଥମତଃ ତୁଳନା କରିବା ଅନୁଚିତ ହୋଇଅଛି । ତଦୁପରେ ତୁଳନାରେ ମତ ଅଭିବ୍ୟକ୍ତି ଅତି ଅଦ୍ଭୁତ । ଦୀନକୃଷ୍ଣ ଉପମା, ଉତ୍ପ୍ରେକ୍ଷା ପ୍ରଭୃତି ଅଳଙ୍କାରମାନଙ୍କର ଆଶ୍ରୟ ଗ୍ରହଣ କରି ଚିତ୍ରକୁ ଜୀବନ୍ତ କରି ଉପସ୍ଥାପିତ କରିଅଛନ୍ତି । ମଧୁସୂଦନ ଚିତ୍ରକୁ ସରଳ ପ୍ରାକୃତ ବା ବାସ୍ତବ ରୂପମାତ୍ର ପ୍ରଦାନ କରିଅଛନ୍ତି । ମଧୁସୂଦନଙ୍କ ପଦମାନଙ୍କୁ ପାଠ କଲେ ହୃଦୟରେ ତାଦୃଶ ଚମତ୍କାର ଭାବ ଆସେ ନାହିଁ । ସ୍ପଷ୍ଟ ଭାବରେ କହିଲେ ଆଧୁନିକ କବି ଆଧୁନିକ ପରିଡମ୍ମନ୍ୟ ଅଶ୍ଳୀଳତାବିରୋଧୀ ପାଠକମାନଙ୍କ ରୁଚିର ଅନୁକୂଳ କରିବା ଉଦ୍ଦେଶ୍ୟରେ ଦୀନକୃଷ୍ଣଙ୍କ ମଧୁର କୋମଳ ପଦାବଳୀ ସ୍ଥାନରେ ଅପେକ୍ଷାକୃତ ଅମଧୁର ପ୍ରାଣହୀନ ପଦମାନ ଯୋଜନା କରିଅଛନ୍ତି ।

Digitized by srujanika@gmail.com

ମୃତ୍ୟୁଞ୍ଜୟ ରଥେ କହୁଅଛନ୍ତି, "ଅଳଙ୍କାର ବର୍ଣ୍ଣସୂତ୍ରରେ ଉତ୍କଳ ସାହିତ୍ୟ ଯେ ବେଶୀ ଧନୀ ଏହା କହିବା ନିଷ୍ପ୍ରୟୋଜନ । କିନ୍ତୁ ଖାଲି ଏହି ବାହ୍ୟ ଭୂଷଣ ଥାଇ କଣ ହେବ ? ସେଥିରେ ଅନ୍ତଃସାର ନାହିଁ । ଏହି ସମୟର ରଚିତ କାବ୍ୟାବଳୀର କୌଣସି ଉନ୍ନତ ଚିନ୍ତା ଏବଂ ବିଷୟବୈଚିତ୍ର୍ୟ ନାହିଁ । ଆବରଣଟି କାଢ଼ିଦେଲେ ଅନେକ କାବ୍ୟର ମଜ୍ଜା ପ୍ରାୟ ଏକ ଦେଖାଯିବ । ସେସବୁରେ ନା ଇତିହାସ, ନା ସମାଜ ଚିତ୍ର, ନା ଉନ୍ନତ ଆଦର୍ଶ କିଛି ନାହିଁ । ସେ ସମୟର ଉତ୍କଳ ସାହିତ୍ୟରେ ଯେ କେବଳ ବାହ୍ୟ ଭୂଷଣ ଅଛି ଅନ୍ତଃସାର ନାହିଁ ଏହା ଆମ୍ଭେମାନେ ବୁଝି ପାରୁ ନାହୁଁ । ଦୀନକୃଷ୍ଣଙ୍କ ରସକଲ୍ଲୋଳରେ ଅନ୍ତଃସାର ନାହିଁ ଏହି ଉକ୍ତି ପୂର୍ବ ଆଲୋଚନାମାନଙ୍କ ଦ୍ୱାରା ପ୍ରତିହତ ହୋଇ-ଅଛି । କୃଷ୍ଣଲୀଳାରେ ଉନ୍ନତଚିନ୍ତା ଓ ବିଷୟବୈଚିତ୍ର୍ୟ ନାହିଁ—ଏହା କହିବା ଧୃଷ୍ଟତା ମାତ୍ର । ଅନେକ କାବ୍ୟର ମଜ୍ଜା ପ୍ରାୟ ଏକ । କାରଣ କୃଷ୍ଣଚରିତ ଓ ରାମଚରିତ୍ର ନେଇ କବିମାନେ କାବ୍ୟମାନ ରଚନା କରିଅଛନ୍ତି । ତହିଁ ସେ ଉକ୍ତିରେ କିଛି ବୈଚିତ୍ର୍ୟ ନାହିଁ । ଅନ୍ୟାନ୍ୟ ଔପନ୍ୟାସିକ କାବ୍ୟର ମଜ୍ଜା ପ୍ରାୟ ଏକ—ଏ କଥା କହିଲେ ଆମ୍ଭେ ଏ ଉକ୍ତିକୁ ଯଥାର୍ଥରୂପେ ସ୍ୱୀକାର କରୁଁ । ଇତିହାସ, ସମାଜଚିତ୍ର ଓ ଉନ୍ନତ ଆଦର୍ଶ କାବ୍ୟମାନଙ୍କରେ ନାହିଁ, ଏ କଥା ଆଂଶିକ ସତ୍ୟ, କିନ୍ତୁ ପୂର୍ଣ୍ଣ ସତ୍ୟ ନୁହେଁ । କାରଣ ଯେ ପରିମାଣରେ କାବ୍ୟରେ ସେମାନଙ୍କର ଅସ୍ତିତ୍ୱ ସମ୍ଭବ ତାହା ଆମ୍ଭେମାନେ ନ୍ୟୁନାଧିକ ଭାବରେ ପ୍ରାପ୍ତ ହେଉଁ । ଏହା ସ୍ୱତନ୍ତ୍ର ସ୍ଥଳରେ ବିଚାର କରିବାର ମାନସ ରହିଲା ।

ରସକଲ୍ଲୋଳ ସୂକ୍ତିରତ୍ନମାଳାର (ଅର୍ଥାତ୍ ସୁଭାଷିତ ସମୂହର) ଭଣ୍ଡାର କହିଲେ ଚଳେ । ତନ୍ମଧ୍ୟରୁ :—

୨—୧୧, ୨—୧୨; ୪—୨୩, ୪—୩୦; ୧୧—୪, ୧୧—୮; ୧୨—୩୨; ୨୦—୧୫, ୨୦—୧୯; ୨୧—୧୪; ୨୭—୫, ୨୭—୭, ୨୭—୮; ୨୭—୨୭; ୩୨—୯; ୩୩—୧୦୦ ପ୍ରଭୃତି ପଦମାନ ଦ୍ରଷ୍ଟବ୍ୟ ।

ଶ୍ରୀ ଚୈତନ୍ୟଙ୍କ ଅନୁଜ୍ଞାରେ ମହାପୁରୁଷ ଜଗନ୍ନାଥ ଦାସ ଯେ ବୈଷ୍ଣବମତ ସ୍ଥାପନ କରିଥିଲେ ତାହା ଅତିବଡ଼ ନାମରେ ଖ୍ୟାତ । କାରଣ ଜଗନ୍ନାଥ ଦାସ ଚୈତନ୍ୟଚନ୍ଦ୍ରଙ୍କ ଦ୍ୱାରା ସର୍ବଦା ଅତିବଡ଼ ନାମରେ ଆହୂତ ହେଉଥିଲେ । କବି ଦୀନକୃଷ୍ଣ ଜଣେ ଅତିବଡ଼ୀ ବୈଷ୍ଣବ ଥିଲେ । ସେ ବାଲ୍ୟକାଳରୁ ଦରିଦ୍ର ଥିଲେ । କବି ଜୀବନକାଳ ଉଦରଜ୍ୱାଳାରେ ବିଶେଷ କଷ୍ଟ ଅନୁଭବ କରିଥିଲେ ସେ ଦରିଦ୍ର ବୈଷ୍ଣବଙ୍କ ମର୍ମନୁଦ ଉକ୍ତି ଶ୍ରବଣରେ ଜଡ଼ହୃଦୟ ମଧ୍ୟ ତରଳି ଯାଏ ।

କାହିଁକି ମୋତେ ସଂସାର ଲିଟ	ମଧ୍ୟରେ ପ୍ରଭୁ କଲ ସଙ୍ଗଟ
ଚକ୍ଷେ ନଦେଖିଲ ଚରଣପଦ୍ମ କୁଂମଳିଟ ।

Digitized by srujanika@gmail.com

କମ୍ପା ସ୍ତଡ଼ନ୍ତ ଉଗଚ୍ଛିବାଃ, • ଅନନ୍ଦ ହୋଇ କରନ୍ତ ନାଃ
ଏବେ ଅନେକ ରୂପ କଲ୍ପନ ଏ ପୋଡ଼ା ପେଃ ।
କେତେବେଳେ କୋହ୍ନତେ ଗଲ୍ପ କରଃ ।
କେତେବେଳେ ମୂର୍ଖ ନାୟକ ଗୃଃ ।
କେତେବେଳରେ ଅନ୍ଧକାଣ୍ମ ନଃ, କେତେବେଳରେ ବଧିର ଭୃଃ
କେତେବେଳରେ ଫଇଡ଼ଖୋଲା ମୂଠି ମର୍କଃ ହେ । ୧୬-୨୬)

(ବଧିର ଭୃଃ; ଧୀରଲୋକ ନକଃପେ ଭୃଃ ଯେପରି ସୁଦ୍ଧିଂ କଲେ କିଛି ଫଳ ପାଏ ନାହିଁ, ସେହିପରି ମୋ କଥା କେହି ଶୁଣନ୍ତ ନାହିଁ ।

କାଳ ନୃପେ ଭୃଃ, ଅନନଗ୍ର ନାଃ ପ୍ରାୟେ ମରୁଛି ଝୁରି ଝୁରି । ୮-୨)

ସେ ଏକେ ଦରିଦ୍ର ଥିଲେ; ତହିଁରେ, କୁଷ୍ଠରୋଗରେ ଅକ୍ରାନ୍ତ ହେଲେ । ସେ ସମୟର ନିର୍ମମ ଅଥଚ ଅଜ୍ଞ ଜନସମାଜଙ୍କ ଦ୍ୱାରା ସେ ଅତ୍ୟନ୍ତ ଅବହେଳିତ ଓ ତିରସ୍କୃତ ହେବା ତାଙ୍କ ଉକ୍ତିରୁ ସ୍ପଷ୍ଟ ପ୍ରତୀତ ହୁଏ । ସେ ଦରିଦ୍ର ଥିଲେ ସତ୍ୟ, କିନ୍ତୁ ମୂର୍ଖସମାଜର ତୋଷାମୋଦକାରୀ ନ ଥିଲେ । ତାଙ୍କ ପରି ଧାର୍ମିକ ସ୍ୱାଧୀନଚେତା ଦରିଦ୍ର କବି ଉତ୍କଳ କବିମଣ୍ଡଳରେ ବିରଳ କହିଲେ ଚଳେ ।

୧ । କବି ଯା କରେ ମୂର୍ଖକୁ ସ୍ତୁତି । ଏଥିରୁ ବଳି ନାହିଁ ବିପତ୍ତି ।
ଏଥିକି ପ୍ରତି ଛାତରେ କାଡ଼ି ମାରିବା ଭଲ † । ୧୬-୨୯ ।

୨ । ବାଳଣ ମନ ଦ୍ରବଇ ନାହିଁ ଶୁଣିଲେ ଗୀତ ।

୩ । କର୍ପୂର ଗନ୍ଧ ଚନ୍ଦନ ଦେଇ, ରସୁନଗନ୍ଧ ନୋହେ ଛଡ଼ାଇ
କୁବୁଦ୍ଧି ନୋହେ ସୁବୁଦ୍ଧି ଯେତେ ରୁପେ କହିଲେ ୧୬-୨୩ ।

୪ । କୃଷ୍ଣ ଅଶେଷ କରି ସୁବିଦ୍ୟା ଅଚଇ ପାଷଣ୍ଡକୁ ଯାହା ସ୍ତୁତି ।
କୃଷ୍ଣଦାସ କହେ କିଛି ଭଲ ନୋହେ କେବଳ ସ୍ତୁତିକି ବାଉ । ୨୫-୩୦

୫ । କହେ ଦୀନକୃଷ୍ଣ ରସିକଅଭିକେ ଯେମନ୍ତ ଗୁଣ୍ଠିଫଳ

୬ । କୁତ୍ସିତ ଗ୍ରାମେ ଥିଲେ ମହାପଣ୍ଡିତ ହେଲେ କ ବ ହୋଇ ହୁଅଇ ଦୁଃଖୀ ୨୫-୨୪ ।

ଏହି କାଳରେ ମୁସଲମାନମାନଙ୍କ ପ୍ରତାଡ଼ନାରେ ଲୋକମାନେ ଘୋର ଅଶାନ୍ତିରେ ସମୟ ଅତିବାହିତ କରୁଥିଲେ । ତହୁଁ ସେମାନଙ୍କର ଶିକ୍ଷାପ୍ରତି ଆସ୍ଥା କ୍ରମଶଃ କମିବାକୁ ଲାଗିଲା । ସେମାନେ ସ୍ୱଭାବତଃ ଅଜ୍ଞତା ଓ ନୈତିକଦୁର୍ବଳତା

---

† Let such forego the poet's sacred name,
Who rack their brains for lucre, not for fame
Still for stern Mammon may they toil in vain !
And sadly gaze on gold they cannot gain !

Digitized by srujanika@gmail.com

ଦ୍ୱାରା ଅଭିଭୂତ ହେଲେ, ଏହା ନିର୍ଣ୍ଣୟ ହୋଇପାରେ; କିନ୍ତୁ ଦିବ୍ୟସିଂହଦେବଙ୍କ ସମୟରେ ଦୀନକୃଷ୍ଣ ଉପେନ୍ଦ୍ର, ଭୂପତି, ଚନ୍ଦ୍ରଶେଖର, ରାମ, ବୃନ୍ଦାବତୀ ଦାସୀ, ଲୋକନାଥ ବିଦ୍ୟାଧର ପ୍ରଭୃତି କବିମାନେ ଆବିର୍ଭୂତ ହୋଇ ଉତ୍କଳ-ଭାରତୀକୁ ସୁଷମାରାଶିରେ ମଣ୍ଡିତ କରିଥିଲେ ।

ତଦାନୀନ୍ତନ ପୁରବାସୀମାନେ ବିଶେଷ ଭାବରେ ଧାର୍ମିକ ଓ ବିଷ୍ଣୁଭକ୍ତ ଥିଲେ; କିନ୍ତୁ ରାଧାକୃଷ୍ଣ ଯୁଗଳମୂର୍ତ୍ତିର ଉପାସନାରେ ସେମାନଙ୍କ ମତି ଆସକ୍ତ ଥିଲା ପରି ଜଣାଯାଉ ନାହିଁ । ସେ ରାଧାକୃଷ୍ଣଚରିତକୁ ନେଇ ଏପରି ନୂତନ ଧରଣର କାବ୍ୟ ରଚନା କରିଥିବାରୁ ବୋଧହୁଏ ତାହା ଜନସାଧାରଣଙ୍କର ରୁଚିବିରୁଦ୍ଧ ହୋଇଥିଲା । ତେଣୁ ତାଙ୍କୁ ବାଧା ବିଘ୍ନ ଓ ଲୋକଙ୍କ ଆକ୍ରମଣ ସହ୍ୟ କରିବାକୁ ହୋଇଥିଲା । ଦୁଷ୍ଟଦୈବାକ୍ରାନ୍ତ ଓ ଦରିଦ୍ର କବିଙ୍କୁ ଲୋକଙ୍କ ନିକଟରେ କୃପାଯାଚକ ହେବାକୁ ପଡ଼ିଥିଲା । ତେଣୁ ତାଙ୍କର ଗୁଣ ମର୍ଯ୍ୟାଦା ବା ପ୍ରଶଂସା ସ୍ୱୀକାର କରିବାରେ ବୃଥାଭିମାନୀ ଶିକ୍ଷିତ ସମାଜ କୁଣ୍ଠିତ ହୋଇଥିଲେ । ପୁନଶ୍ଚ ରାଜାଙ୍କଦ୍ୱାରା ନିର୍ବାସିତ ହେବାଦ୍ୱାରା ରାଜାନୁଗତ ଧର୍ମ ଅବଲମ୍ବନରେ ଲୋକମାନେ ମଧ୍ୟ ତାଙ୍କୁ ଆଦର କରି ନ ଥିଲେ । ଦୃଢ଼ଚେତା ଧର୍ମପ୍ରାଣ କୃଷ୍ଣଭକ୍ତ କବି ସର୍ବତ୍ର ଅବଜ୍ଞା, ଅବହେଳନ, ତିରସ୍କାରର ପାତ୍ର ହେଲେ ମଧ୍ୟ ଲକ୍ଷ୍ୟଭ୍ରଷ୍ଟ ହୋଇ ନ ଥିଲେ । ସେ ତାଙ୍କର ପରମାରାଧ୍ୟ ପ୍ରାଣପ୍ରିୟ ଇଷ୍ଟଦେବଙ୍କ ନାମ-କୀର୍ତ୍ତନ ଓ ଲୀଳାଖ୍ୟାନରେ ସତତ ନିରତ ଥିଲେ । ଏଣୁ କୃଷ୍ଣଭାବରେ ତନ୍ମୟ ହୋଇ ସେ ଭକ୍ତିଭରା ଉକ୍ତିମାନ କରିଅଛନ୍ତି ତାହା ପ୍ରକୃତ ବୈଷ୍ଣବର ଅନୁରୂପ ।

କୃଷ୍ଣଙ୍କ ମହିମା ଗାନ—

(୧) କୃଷ୍ଣନାମରେ ପାପ କ୍ଷୟ ଯେତେ । କରି ନ ପାରେ ପାପୀ ପାପ ତେତେ ।

ତଥା ଲୀଳାପ୍ରିୟତା । ୫—୩୨ ।

କମଳସମ୍ଭବ ଭବ ଆଦିଦେବ ସ୍ତୁତି ଯାହାକୁ ତୁଷ୍ଟ ନାହିଁ ।
କମଳୀ ଧବଳୀ ନୀଳୀ କୃଷ୍ଣଗଳୀ ଗାଈ ଡାକିବାକୁ ସେ ପାହି । ୭—୧୦ ।

ଭାବବିନୋଦିନୀ ଠାକୁର :—

କଳ୍ପାନ୍ତରେ ଯୋଗାଯୋଗ ଦୀଠ ଜଗି ପାଇବାକୁ ଯା ଦୁର୍ଲ୍ଲଭ ।
କି ଭାଗ୍ୟ ବଳରେ ଗୋପୀ ଗୋପାଳରେ ସବୁବେଳେ ଦେ ସୁଲଭ ।
କଲେ ବେଦପଢ଼ ଯେତେ ରୂପେ ସ୍ତୁତି ବଶ ନୁହନ୍ତି ତାହାକୁ ।
କର୍ଣ୍ଣ ଡେରି ଥାନ୍ତି ବ୍ରଜବନିତା କଉତୁକେ ଡାକିବାକୁ ।
୧୦—୩୩|୩୪ ।

Such be their meed, such still the just reward
Of prostituted muse and hireling bard !

Byron

Digitized by srujanika@gmail.com

କୃଷ୍ଣଙ୍କଠାରେ ଭକ୍ତର ଆତ୍ମସମର୍ପଣ :—

କିଛି ନୋହେ ଏ ଅନିତ୍ୟ ସଂସାର । କଥା ଏତେ ମାନିବ ଏଥି ସାର ।
କୃଷ୍ଣ ରୂପ କରୁଥିବ ଧିଆନ । କୃଷ୍ଣଚରିତ କରୁଥିବ ଗାନ ।
କୃଷ୍ଣ କଥା ଶ୍ରବଣରେ ଶୁଣିବ । କୃଷ୍ଣବୋଲି ଜଗତକୁ ଜାଣିବ ।
କୃଷ୍ଣ କାର୍ଯ୍ୟେ ତତପର ହୋଇବ । କୃଷ୍ଣପାଇଁ ଭଲ ଦ୍ରବ୍ୟ ଥୋଇବ ।
କୃଷ୍ଣଗୀତ ଶରଧାରେ ଗାଇବ । କୃଷ୍ଣଦାସଙ୍କୁ ପ୍ରସନ୍ନ ହୋଇବ ।

୨୧—୯୫-୨୬ ।

କାଳିନ୍ଦୀକୂଳସ୍ଥ କଦମ୍ବମୂଳଅ କାଇଁ ଟ ମାଳସ୍ଥ ପାଦେ ।
କୃଷ୍ଣଦାସ ମନ ବଚନ କର୍ତ୍ତବ୍ୟ ରଚିଅଛି ଅପ୍ରମାଦେ ସେ କାଳେ ।

× × × ×

କିଛି ନ କରିକ ଅମଙ୍ଗଳେ ସେ ୧୩-୩୪ ।

ଭାବବିହ୍ୱଳ ଭକ୍ତ :—

କଦମ୍ବ ବୃକ୍ଷରୁ ଓହ୍ଲାଇ ବଜାଇ । କୃଷ୍ଣଦାସ ମନ ପଛେ ଗୋଡ଼ାଇଛି
ସେହି ରୂପକୁ କରି ଲୟେ । ୧୫-୪୦

କାରୁଣ୍ୟମୟ ନିବେଦନ—

କେତେ କହିବି ତାଙ୍କ ମହିମା ମହାପ୍ରଭୁ ସେ ବିଚକ୍ଷଣ ।
କାହାକୁ କରି କଷ୍ଟରୁ ରକ୍ଷା ନାହାନ୍ତି ଅବା ସେ...
...ଥିଲି କି ଗତ ୧୬—୯ ।

ଉତ୍ତରଭଗ ହୃଦୟରେ ଭକ୍ତକବିଙ୍କ ଚିତ୍ତ ମର୍ମୀ ଅଭିଯୋଗ :—

କରି ଅମୃତ ଦାନ......ହୃବଳୟ ବୃନ୍ଦର ଭୁବନାନନ୍ଦ ।
କାହିଁପାଇଁ କଲ ମୋଠାରେ ଏ ଛନ୍ଦ ହେ । ଜରରେ ଦେଇ ଚନ୍ଦ୍ରାମଣିକ,
ବିନାଶ କର ସବୁ ଅଣିକ ପ୍ରଭୁ ଲକ୍ଷଣ ଏମନ୍ତ ନବ ଆନନ୍ଦ-କନ୍ଦ ହେ ।
୧୬-୨୮ ।

କାହିଁକି ମୋତେ ସଂହାର ଲଜ......ମର୍ଜ୍ଜି ୧୬-୨୭ ।

ଯାନ ଭକ୍ତକବି ଗୋପୀଙ୍କ ଉକ୍ତିଛଳରେ ନିଜର ହୃଦୟଭାବ ପ୍ରକାଶ କରି
କହିଅଛନ୍ତି—୨୧ ଛାନ୍ଦ ଦ୍ରଷ୍ଟବ୍ୟ ।

କରିଥିଲି ମୁଁ ବହୁତ ଭରସା । କାଳେ ନାଶ କଲ ସେ ପ୍ରତିଆଶା ।
କରୁଣା ବୃକ୍ଷେ ଫଳାଇଲ ପ୍ରତ୍ୟକ୍ଷେ ନିରାଶ କରି କରି ଦୁର୍ଦ୍ଦଶା ।

× × × ×

କଣିଲୁ ଲୋକକୁ ଏମନ୍ତ ଶୋକକୁ ଦେବାର ତ ନୁହେଁ ବେଭାର
କଲ ପ୍ରଭୁ ହୋଇ ତ ଅବେଭାର ।

କଳ୍ପିତ ସେବା ତ ଯୋଜନା ଉଚିତ ଗୁଣଗ୍ରାହୀମାନଙ୍କର ହେ ମୋହନ ।

× × × ×

Digitized by srujanika@gmail.com

କହି ନାହିଁ ତ ଅମ୍ଭେ କିଛି ଦୋଷ । ଯାହା ପାଇଁ କଲ ଏତେ ନିସ୍ବଣ ।
କରୁଣା କୃପଣ ହେଲେ ପ୍ରଭୁପଣ ଲକ୍ଷଣର କଉଁ ଗୁଣ—
ନିସ୍ବଣ ହୃଦୟରେ ଭକ୍ତର ପ୍ରୀତିଭକ୍ତିପୂର୍ଣ୍ଣ ଅନୁଯୋଗ :—
କୋଟିବ୍ରହ୍ମାଣ୍ଡରେ ଏମନ୍ତ ଠାକୁର ଥିବାର ଶୁଣିଛୁ କାହିଁ

× × × ×

କୃଷ୍ଣଦାସ କହେ କିଛି ଭଲ ନୁହେଁ କେବଳ ସ୍ତୁତିକ କାନ୍ତ ।

ଷଡ଼୍‌ବିଂଶ ଛାନ୍ଦ ।

ଗୋପୀମାନଙ୍କର କାତର କ୍ରନ୍ଦନରେ ମଧ୍ୟ କବିଙ୍କର ନିଜ ଭାବ ପ୍ରତିବିମ୍ବିତ । ତନ୍ମଧ୍ୟରେ ଅମୃତର ପ୍ରେମପୂର୍ଣ୍ଣ ପାଗଳୀଙ୍କର :—

“କାଳୀଫଣିମର୍ଦ୍ଦନ ରଥ ପଛରେ ଦୀନକୃଷ୍ଣ ମାନସ ଗୋଡ଼ାଇଲା ।
କରିଥିଲା ଯେତେକ ଜନ୍ମଜାତ୍ୟ ପାତକ କଅଁଳ ମନ ପୋଡ଼ାଇଲା ସେ
...କମଳ ଚରଣକୁ ଆଶ, କହଇ ଦୀନକୃଷ୍ଣ ଦାସ, କୃତାନ୍ତ ଦଣ୍ଡଭୟ
ହେବାରେ ଜରି ଯାଉ କାଟିବ ଭବତମପାଶ ସେ । ଷ ୨୬।୨୭—୩୦ ।

ଏହି ଅନନ୍ୟସାଧାରଣ ।

କବି ଦୀନକୃଷ୍ଣ ଇଟାଲୀୟ କବି ଦାନ୍ତେଙ୍କ ସଙ୍ଗେ ତୁଳନୀୟ । କବି ଦାନ୍ତେ ରୋମରୁ ନିର୍ବାସିତ ହୋଇଥିଲେ । ଦୀନକୃଷ୍ଣ ପୁରୀଧାମରୁ ବିତାଡ଼ିତ ହୋଇଥିଲେ । ଦାନ୍ତେ ବିତାଡ଼ିତ ହୋଇ Divine Comedy ଲେଖିଥିଲେ, ଦୀନକୃଷ୍ଣ ସେହିପରି ରସକଲ୍ଲୋଳ ମଧ୍ୟ ଲେଖିଥିଲେ । ଦାନ୍ତେଙ୍କ ତୀବ୍ର କୁଟିଳ ଦୃଷ୍ଟି ଇଟାଲୀୟଙ୍କ ଉପରେ ପତିତ ହୋଇଥିଲା ଓ ସେ କୃପଣ ଭାବରେ ସେମାନଙ୍କ ଉପରେ ଗାଳି ବର୍ଷଣ କରିଥିଲେ । ଦୀନକୃଷ୍ଣ ମଧ୍ୟ ସେହିପରି କୃଷ୍ଣଅଭକ୍ତ ମୂର୍ଖ ଦେଶବାସୀଙ୍କୁ ତିରସ୍କାର କରିଥିଲେ । ରସକଲ୍ଲୋଳର ସ୍ଥାନେ ସ୍ଥାନେ ଏହାର ସୂଚନା ଅଛି । ବିଶେଷତଃ ୧୬ ଛାନ୍ଦର ୧୦, ୧୨, ୧୩, ୧୪, ୧୭, ୧୮, ୧୯ ପଦମାନ ଦ୍ରଷ୍ଟବ୍ୟ । ଉଭୟେ ଧର୍ମପ୍ରାଣ, ସ୍ୱାଧୀନଚେତା, କୋମଳହୃଦୟ ଲୋକ ଥିଲେ । କିନ୍ତୁ ଅବସ୍ଥାଚକ୍ରରେ ପତିତ ହୋଇ ଏପରି ଉକ୍ତିମାନ କରିଅଛନ୍ତି । ପୁନଶ୍ଚ ମନେ ରଖିବା ଉଚିତ ଯେ, ଦୀନକୃଷ୍ଣ ଦାସ କୃଷ୍ଣ ବ୍ୟତୀତ ଆଉ କିଛି ସଂସାରରେ ପଦାର୍ଥ ଅଛି ବୋଲି ଗ୍ରହଣ କରି ନ ଥିଲେ; କୃଷ୍ଣଭକ୍ତିରେ ମନ ପ୍ରାଣ ଢାଳି ଦେବାକୁ ଲୋକଙ୍କୁ ସତତ ଅନୁନୟ ବିନୟ କରୁଥିଲେ—

“କିନ୍ତୁ ଧରି କହୁଅଛି ହେ ଜନେ । କ୍ରୋଧ ଅଭିମାନ ନ ଧରି ମନେ
କରି ଦୀନେ ଦାନ, କାହୁଁ କାହିଁ ଯିବଟି ଏ ଜୀବନ ।
କରୁଣାହୃଦୟ ନିଇତେ ହୁଅ । କୃଷ୍ଣ କଥାରେ ଏକା ମନ ଦିଅ ।
କେବଳ ସାଧୁସଙ୍ଗେ ସଙ୍ଗୀ ହୁଅ । କୁଟିଳ ଲୋକ ପାଖକୁ ନ ଯାଅ ।
କୋମଳ କରି କଥାମାନ କହ । କୃଷ୍ଣଭକତ ଜନ ମନ ମୋହ ।
କୃଷ୍ଣ କରି ଧ୍ୟାନ । କୃଷ୍ଣଚରିତମାନ କର ପାନ । ଛ ୩୪।୩୧—୩୨ ।

Digitized by srujanika@gmail.com

ତତ୍ସତ୍ତ୍ୱେ ଲୋକଙ୍କର ତାଙ୍କଠାରେ କ୍ରୋଧପ୍ରକାଶ ଓ ଅପମାନ ପ୍ରଦର୍ଶନ, ନିର୍ଦ୍ଦୟ ବ୍ୟବହାର, କୃଷ୍ଣନାମରେ ଅଭକ୍ତି, ସାଧୁସଙ୍ଗ ବର୍ଜନ ଓ କୁଟିଳ ଲୋକ ସହ ଆଳାପ, ନିଷ୍ଠୁରବାଣୀ, କୃଷ୍ଣଭକ୍ତଙ୍କ ପ୍ରତି ମନ୍ଦ ବ୍ୟବହାର ତାଙ୍କୁ ଅତିଶୟ ଉଦ୍ବ୍ୟସ୍ତ କରି ଦେଇଥିଲା । ତନ୍ନିମନ୍ତେ ସେ ସେମାନଙ୍କ ପ୍ରତି ଭୀଷଣ ଅସନ୍ତୋଷ କରିଅଛନ୍ତି ।

ପାଠକେ ! ଥରେ କଳ୍ପନାଚକ୍ଷୁରେ ଦେଖନ୍ତୁ—ଆଶ୍ଚର୍ଯ୍ୟ ହେବେ, କୃଷ୍ଣ-ପ୍ରେମରେ କ୍ଳାନ୍ତ, ସ୍ୱଜନଦ୍ୱାରରେ ଲୋକସମକ୍ଷରେ ଅବହେଳିତ, ଉଦରଜ୍ୱାଳାରେ ନିଷ୍ପୀଡ଼ିତ, ସେହି ଦୀନହୀନ କୃଷ୍ଣଦାସ କାଙ୍କରେ ତାଳପତ୍ର ପୋଥିଖେଦା ଓ ଲେଖନୀ ଧରି କଟି, ଗ୍ରୀବା ଓ ଶିରକୁ ଭଙ୍ଗି ଏକ ଲୟରେ ଶ୍ରୀକୃଷ୍ଣଚରିତ ଲେଖୁଥିଲେ । ସେ ସମୟରେ କାଗଜ, କାଳିର ବହୁଳ ପ୍ରଚଳନ ନ ଥିଲା, କି କେହି ଲୋକ ତାଙ୍କୁ ଏ କାବ୍ୟଲେଖନରେ ସାହାଯ୍ୟ କରି ନ ଥିଲେ । ଏତେ ଅସୁବିଧାରେ ପଡ଼ି ସୁଦ୍ଧା ସେ ନିଜର ଅଭୀଷ୍ଟ ବିଷୟ-କୃଷ୍ଣକୀର୍ତ୍ତିନ କି ମଧୁର, କି ସୁନ୍ଦର, କି ନିର୍ମଳ ଭାବରେ ସମାହିତ କରିଅଛନ୍ତି । ଆଜି ସେହି ସାଧନ ଭକ୍ତଙ୍କର ସ୍ମୃତିରେ ଆମ୍ଭେମାନେ ନିଜକୁ ଭାଗ୍ୟବାନ୍ ମଣୁଛୁଁ ଏବଂ ଭାବୁଛୁଁ ଯେ ପୂର୍ବେ ଉତ୍କଳରେ ଆଳସ୍ୟର ସ୍ଥାନ ନ ଥିଲା । ଲୋକେ କର୍ମମୟ ଥିଲେ । ସେହି କର୍ମ-ବୀରମାନଙ୍କର ଯଶୋଗାଥା ଗାନ କରି କରି ସେମାନଙ୍କ ପଦାଙ୍କ ଅନୁସରଣ କଲେ ଆମ୍ଭେମାନେ ନିଜକୁ ସେମାନଙ୍କ ଉପଯୁକ୍ତ ଦାୟାଦରୂପେ ଜଗତରେ ପରିଚିତ କରାଇବା ଓ ଦେଶର ମୁଖରେ କାଳର କୁଟିଳଗତିରୁ ଯେ କାଳିମା ଆରୋପିତ ହୋଇଅଛି ତାହା ଦୂର କରିବା । ଇତି ।

ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି

ରସକଲ୍ଲୋଳ

ପ୍ରଥମ ଛାନ୍ଦ

ରାଗ—ମଙ୍ଗଳ ଭୈରବ

କର ସାଧୁଜନମାନେ ମନକୁ ଏକ ।
କର ଧୀରେ ଧ୍ୟାନ ନୀଳାଚଳନାୟକ । ୧ ।
କମନୀୟ ଶ୍ରୀମୁଖ ଚନ୍ଦ୍ରରୁ ଅଧିକ ।
କଲେ ଦର୍ଶନ ନ ରହେ ସଂସାରଶୋକ । ୨ ।
କମଳନୟନ କୋଟି ସୁଖଦାୟକ ।
କଳା ଡୋଳା ଭ୍ରମର ଚୁମ୍ବିଲ ପ୍ରାୟକ । ୩ ।
କପାଳେ ସୁବର୍ଣ୍ଣ ଚନ୍ଦ୍ରରେଖା ଝଲକ ।
କେଉଁ ଲୋକ ଅଙ୍ଗ ନ କରଇ ପୁଲକ । ୪ ।
କହି ନୋହଇ ଅଧର ସୁରଙ୍ଗ ଟେକ ।
କବି ଜଡ଼ ହୋଏ ଯାହା କରି ବିଲୋକ । ୫ ।
କର୍ଣ୍ଣେ ମକର-କୁଣ୍ଡଳ ଭାଲେ ତିଳକ ।
କରେ କଚଟି ବାହୁଟି ହୃଦେ ପଦକ । ୬ ।
କମ୍ବୁକଣ୍ଠେ କଉସ୍ତୁଭମଣି ନାୟକ ।
କଳୁଷ ଅନ୍ଧକାରକୁ ଦହନାୟକ । ୭ ।
କଳିତ ଲଳିତ ଫୁଲମାଳ ଅନେକ ।
କରଇ ବଶ ଅବଶ୍ୟ ତ୍ରୈଲୋକ୍ୟଲୋକ । ୮ ।
କଳ୍ପବୃକ୍ଷେ ନାନାରତ୍ନ ଫଳ ପ୍ରାୟକ ।
କଳାପିକଳାପେ ଶୋଭା ଶ୍ରୀଅଙ୍ଗ ଯାକ । ୯ ।
କରେ ଶଙ୍ଖ ଚକ୍ର କଷ୍ଟ-ଦୁଷ୍ଟ-ମାରକ ।
କର୍ପୂର ଚନ୍ଦନକୁଁ ଆହ୍ଲାଦକାରକ । ୧୦ ।
କନକକିଙ୍କିଣୀ-ପୀତାମ୍ବର-ଧାରକ ।
କରୁଣାକଟାକ୍ଷେ ସୁରନରତାରକ । ୧୧ ।

Digitized by srujanika@gmail.com

କମ୍ବୁକଣ୍ଠଙ୍କ ମଧ୍ୟରେ ନାଗର ଏକ ।
କଉତୁକ କଥାମାନଙ୍କରେଁ ରସିକ । ୧୨ ।
କମଳନେତ୍ରୀ କମଳା-ପ୍ରାଣନାୟକ ।
କଳା-ପର୍ବତରେ ଲୀଳା କରି ଅନେକ । ୧୩ ।
କଲେ ଇଚ୍ଛା ମନେ ହେବା କଂସଅନ୍ତକ ।
କରିବା ଉଶ୍ବାସ ମହୀଭର ଯେତେକ । ୧୪ ।
କପଟେ ହୋଇବା ବ୍ରଜେ ନନ୍ଦବାଳକ ।
କଉତୁକେ ବୋଲାଇବା ପଶୁପାଳକ । ୧୫ ।
କରି ଏ ବପୁର କଇବଲ୍ୟ-ଦାୟକ ।
କଂସ ଆଦ ମାରିବାକୁ ହେଲେ ଉତ୍ସୁକ । ୧୬ ।
କଚ୍ଛପ ମତ୍ସ୍ୟାଦ ଅବତାର ଯେତେକ ।
କରିବାକୁ ଜାତ ଜଗନ୍ନାଥ ଜନକ । ୧୭ ।
କହି ନୋହେ ତାହାଙ୍କ ମହିମା ଯେତେକ ।
କରନ୍ତି କୃତାର୍ଥ ଜୀବ ହରି ପାତକ । ୧୮ ।
କମଳସମ୍ଭବ ଭବ ସୁରନାୟକ ।
କଉଣପ ଆଦ ଲୋକ ଯାହାର ଲୋକ । ୧୯ ।
କରୁଣାସାଗର ସାଗରଜା-ନାୟକ ।
କର ଅଭୟ ଅଭୟବରଦାୟକ । ୨୦ ।
କଷ୍ଟମହୀଧର-ମହୀଧରକଣ୍ଟକ ।
କଳମଷବାରଣ ବାରଣଅନ୍ତକ । ୨୧ ।
କର ଆଜ୍ଞା ଆଜ୍ଞାସୁର ପ୍ରଭୁ ଏତେକ ।
କହୁଁ ଦୀନକୃଷ୍ଣ କୃଷ୍ଣକଥା ଅନେକ । ୨୨ ।

Digitized by srujanika@gmail.com

ଦ୍ୱିତୀୟ ଛାନ୍ଦ
ରାଗ—ଶ୍ରୀ

ଜୟ ଅହେ ସାଧୁଜନ— ମାନେ ମନ ଏକତାନ
କର୍ଣ୍ଣ ଦେଇ କମଳନୟନ-କଥାକୁ ।
କଳିକଳୁଷସଂଘାତ ଉପରେ କରି ସଂଘାତ
ସଂଶୟ ନ କର କାଳଦଣ୍ଡବ୍ୟଥାକୁ ।
କଳାକରେ ଅନ୍ଧାର ପ୍ରାୟ,
କୃଷ୍ଣକଥା ଶ୍ରବଣେରେ ଦୁରିତ କ୍ଷୟ । ୧ ।
କଉଣପକୁଳେ ଭରି ହୋଇ ଧରଣୀ ସୁନ୍ଦରୀ
ବିନୟ ହୋଇ ବ୍ରହ୍ମାଙ୍କ ଆଗେ କହିଲା ।
କଂସ ପ୍ରତାପରେ ଦେହ ହୋଇଲା ଅତି ଦୁଃସହ
କି କରିବି ଏବେ କହ ବୋଲି ବୋଇଲା ।
କୁଶକେତୁ ଶୁଣି ଏ କଥା,
କହିଲେ ଜଗନ୍ନାଥଙ୍କୁ ଅବନୀବ୍ୟଥା । ୨ ।
କମଳମୁଖୀ-କମଳା— କଣ୍ଠ-ମରକତ-ମାଳା
ଆଜ୍ଞା ଦେଲେ କରୁଣାକଟାକ୍ଷେ ଅନାଇ ।
କିଛି ନ ବିଚାରି ତୁମ୍ଭେ ଯଦୁକୁଳେ ଯାଇ ଆମ୍ଭେ
ଜାତ ହେବୁଁ କଂସପ୍ରାଣ ଘେନିମା ପାଇଁ ।
କର ତୁମ୍ଭେ ଏବେ ଗମନ,
କରିବାକୁ ଗୋପକେଳି ଅମ୍ଭର ମନ । ୩ ।
କୃପାସିନ୍ଧୁ ଆଜ୍ଞା ପାଇ ପରମ ଆନନ୍ଦ ହୋଇ
ପଦ୍ମଯୋନି ପରବେଶ ହୋଇଲେ ପୁରେ ।
କିଛି ଦିନ ଅନ୍ତେ ହରି କୋଟି-କାମରୂପ ଧରି
ରହିଲେ ଯାଇଁ ଦେବକୀ ଦେବୀ ଗର୍ଭରେ ।
କେତେ ଦିନେ ହୋଇଲେ ଜାତ,
କେ ଅବା କହିବ ତାହାଙ୍କର ଚରିତ । ୪ ।
କରେ ଶଙ୍ଖ ଚକ୍ର ଧରି କଂସଠାରେ କ୍ରୋଧ କରି
ବାଳକାଳୁଁ ବୀରବେଶ କଲେ ପ୍ରକାଶ ।

Digitized by srujanika@gmail.com

କଣ୍ଠେ କଉସ୍ତୁଭମଣି   କୋଟି ଶଶଧର ଜିଣି
କିରଣ ପ୍ରକାଶ ପାପ-ଅନ୍ଧାର ନାଶ ।
କଟିତଟେ ପୀତବସନ,
କୃଳାମେଘ-କୋଳରେ ବିଜୁଳି ଯେସନ । ୫ ।
କର୍ଣ୍ଣେ ମକରକୁଣ୍ଡଳ   ଝଟକେ ଗଣ୍ଡମଣ୍ଡଳ
ମସ୍ତକରେ ମଣିମୟ ମୁକୁଟ ଶୋଭେ ।
କଳିତ ଲଳିତ ହୃଦ—   ଦେଶରେ ଶ୍ରୀବତ୍ସପଦ
ଭବଗ୍ରାହୀ ନାଥ ଭକ୍ତଭାବରେ କହେ ।
କୋଟି କାମ ନିନ୍ଦେ ଶ୍ରୀଅଙ୍ଗ,
କରେ କଙ୍କଣ, ଚରଣେ ନୂପୁର ସଙ୍ଗ । ୬ ।
କରି ଏ ରୂପ ଦର୍ଶନ   କଲେ ସ୍ତୁତି ନିବେଦନ
ଜନକ ଜନନୀ ଅତି ଆଶ୍ଚର୍ଯ୍ୟ ହୋଇ ।
କହୁଁ କହୁଁ ମାୟା କରି   ସେ ରୂପ ସମ୍ବରି ହରି
ବାଳ-ମୁକୁନ୍ଦ-ମୂରତି ହେଲେ ଗୋସାଇଁ ।
କଂସର ଯେତେକ ପାହାରି,
କାଳନିଦ୍ରାରେ ଚେତନା ନାହିଁ କାହାରି । ୭ ।
କଲି କାଳେ କନ୍ୟାଦାନ   ବସୁଦେବେ ଉଗ୍ରସେନ
କଉତୁକେ କଂସ ରଥ ବାହୁ ଯେ ଥିଲି ।
କୋମଳ ଗମ୍ଭୀର ବାଣୀ   ଆକାଶମଣ୍ଡଳୁ ଶୁଣି
ଭଗ୍ନୀ ଭଣେଇଙ୍କି ନେଇ ଶାଙ୍କୋଳି ଦେଲି ।
କାଳେ ସେ ଚରଣୁ ଫିଟିଲି ।
କରିବାକୁ ବଜେ ଶୁଭ ଲଗ୍ନ ଘଟିଲି । ୮ ।
କରେ ଧରି ସ୍ତୁତି ଧୀରେ   ଗମନ କରନ୍ତେ ଘରେ
ଉଗ୍ରସେନ ଆସି ଉଗାଳିଲି ଆଗରେ ।
କରେ ଶଙ୍ଖ ଚକ୍ର ଧରି   ଦରଶନ ଦେଇ ହରି
ପ୍ରବେଶ ହୋଇଲେ ଗୋପେ ନନ୍ଦମନ୍ଦିରେ ।
କି କି ହୋଇ ଦଇବଯୋଗେ,
କୁମାରୀ ହୋଇଛି ନନ୍ଦଙ୍କର ସେ ଲଗେ । ୯ ।
କରି ତାହା ପ୍ରତିଦାନ   ସତ୍ୱରେ କରି ଗମନ
ପ୍ରବେଶ ହୋଇଲେ ବସୁଦେବ ମନ୍ଦିରେ ।

Digitized by srujanika@gmail.com

କୁହାଁ କୁହାଁ ବାଣୀ ଶୁଣି ଜଟିଳେ ଋଷିକଶ୍ରେଣୀ
କହିଲେ କଂସକୁ ଯାଇଁ କ୍ଷଣ ଶେଷରେ ।
କଠୋର ହୃଦୟ ଦଇତ,
କରିବାକୁ ନାଶ ତା ଅଇଲା ତୁରିତ । ୧୦ ।
କ୍ରୋଧଭରେ ବୋଲେ ବାଣୀ ଦିଅ ସେ ବାଳକ ଆଣି
କାଳ ମୋର ଜନମିଛି ତୁମ୍ଭ କୋଳରେ ।
କହିଛନ୍ତି ଦେବଗଣ ଅବଶ୍ୟ ତୋହୋର ପ୍ରାଣ
ନେବ ଏହାର ଅଷ୍ଟମଗର୍ଭ ବେଳରେ ।
କରଇଁ ମୁଁ ତାହାକୁ ନାଶ,
କଲେ ହେଳା ଶତ୍ରୁଠାରେ ନ ପାଇ ଯଶ । ୧୧ ।
କର ଯୋଡ଼ି ବସୁଦେବ, ବୋଲଇ ଶୁଣ ହେ ଦେବ
କୁମର ନୁହଇ ସେ ହୋଇଛି କୁମାରୀ ।
କରୁଣା-ହୃଦୟ ତୁଅ, ମୋତେ ଏ ଦୁହିତା ଦିଅ,
ବଧିଲେ ତୁମ୍ଭର ଏ ନୋହେ ବଇରୀ ।
କଲେହେଁ ଅନେକ ଯତନ,
କଳା ଧଳା କରିବାକୁ କେ ବା ଭାଜନ । ୧୨ ।
କର୍ପୂର ଚନ୍ଦନ ଦେଇ ରସୁଣ ରୋପିଲେ ନେଇ
କେତେବେଳେ ଛାଡ଼ଇ କୁତ୍ସିତ ବାସନା ?
କୁଟିଳ ଦୁଷ୍ଟ ନାସ୍ତିକ ମହାପାପୀ ଅବିବେକ
ଲୋକଙ୍କ ସ୍ୱଭାବ ସେହି ପ୍ରକାରେ ସିନା ।
କୋକିଳ ବଚନ ମଧୁର,
କରଇ ବିଯୋଗୀ ଜନ ମନ ବିଧୁର । ୧୩ ।
କଲି ମନରେ ବିଚାର ବିଷ୍ଣୁ ମାୟା ଅଗୋଚର
କାମିନୀରୂପେ ମାରନ୍ତି ବଇଲୋଚନ ।
କରନ୍ତି ଶିବଙ୍କୁ ଯାହା କର୍ଣ୍ଣେ ଶୁଣିଅଛି ତାହା
କେମନ୍ତେ ଏହାକୁ ମୁଁ କରିବି ମୋଚନ ।
କାତ୍ୟାୟନୀ ଯୁବତୀ ହୋଇ,
କନ୍ଦର୍ପକୁଳକୁ ସେ କି କରି ନାହିଁ । ୧୪ ।
କରେ ଧରି କୁମାରୀକି କଚାଡ଼ନ୍ତେ ଶିଳେ ଠେକି
ଆକାଶମଣ୍ଡଳେ ଦେବୀ ଯାଇଁ ରହିଲେ ।

Digitized by srujanika@gmail.com

କାରଣ ନ ଥାଇ ମୋତେ ଚକୋପ ଯେ କଲ୍ଲ ତୋ ଚରେ
କାଲେ କାଳକୁ ଦେଖିବୁ ବୋଲି ବୋଇଲେ ।
କହୁ ହେଲେ ଅନ୍ତରହୃତ,
କୁବଳୟଙ୍କ ପର୍ଯ୍ୟେ ଭ୍ରମିଲ ଚତ୍ୱ । ୧୫ ।
କଲ ପୁଣି କୁବଗୃର କେଶୀ, ଅଘା, ବକାସୁର,
ଶକଟା, ତୃଣାବର୍ତ୍ତିକ, ପୂତନା ଡାକ ।
କରିବ ତୁମ୍ଭେ ଏତେକ କଅଁଳା ପୁଅ ଯେତେକ
ମାରିବାକୁ ଯେ ଯାହାରେ ରହିବ ଠାକ ।
କଂସ ଆଜ୍ଞା ପାଇ ସେ ଦୂତେ,
କଲେ ବାଳକନାଶନ ଉପାୟ ଚତ୍ତେ । ୧୬ ।
କମଳନୟନ ହରି ନନ୍ଦପୁରେ ବଜେ କରି
କଲେ ନାନା ଉତ୍ସବ ଆନନ୍ଦ ଭିଆଣ ।
କେତେ ଠାରେ କେତେ ଗୀତ କେତେ ରୂପେ ହୋଏ ନୃତ୍ୟ
କହିବାକୁ ବଚନେ କେ ଅବା ସିହାଣ ।
କଲେ ସୂତଗୃହ ବିଧାନ,
କେ କହିବ ନନ୍ଦ ଦେଲେ ଯେତେକ ଦାନ । ୧୭ ।
କନକର ଦୀପାବଳୀ ଗୃହ ପାରୁଶରେ ଜାଳି
ଗୃହଚନ୍ଦ୍ରାତପମାନ ନେଇ ମଣ୍ଡିଲେ ।
କର୍ପୂର ଚନ୍ଦନ ଛଟି ପକାଇ ସେ ପୁର ତୋରି
କରାଇ, ଅଳକାପୁରତୋରି ଖଞ୍ଜିଲେ ।
କନ୍ୟାଖମ୍ବେ ଖଟାଇ ଦୋଳି,
କୁମାରଙ୍କୁ ଶୁଆଇ ଦେଲେ ହୁଳହୁଳି । ୧୮ ।
କାମପାଳ ଆଗ ତହୁଁ ଜାତ ହୋଇଥିଲେ ରହି
କ୍ରମେ ବେନି ଭାଇ ଯାଇ ହୋଇଲେ ସଙ୍ଗ ।
କାଳିନ୍ଦୀ ସୁରସରିତ ହୋଇଲ ପ୍ରାପ୍ତେ ଏକତ୍ର
କମନୀୟ ଦଶେ କଳା ଧଳା ଶ୍ରୀଅଙ୍ଗ ।
କରିବାକୁ କଳୁଷ ନାଶ,
କଲ ବହି ମଞ୍ଚେ ବେନି ତୀର୍ଥ ପ୍ରକାଶ । ୧୯ ।
କରଇ ପବିତ୍ର ଅଙ୍ଗ ତୀର୍ଥଜଳେ କଲେ ସ୍ନାନ
ଏ ତୀର୍ଥ ନାମରେ ନାନା ଦୁରିତ ନାଶେ ।

Digitized by srujanika@gmail.com

କଇବଲ୍ୟ ଲଭି ହେଲେ ନ ପଡ଼ି ଜଠର ଜଳେ
ବଇକୁଣ୍ଠେ ବସି ବଇକୁଣ୍ଠ ସନ୍ତୋଷେ ।
କର ଏହୁ ତୀର୍ଥ ସ୍ନାତିନ,
କରୁଥାଇ ଦାନକୃଷ୍ଣ ସୁଖେ ନତିନ । ୨୦ ।

ତୃତୀୟ ଛାନ୍ଦ

ସ୍ୱର—କେଦାର

(ଚକ୍ରକେଳି ବାଣୀରେ ଗାଇବେ)

କର୍ଣ୍ଣେ ନନ୍ଦ-ସୁତ ହେବା ଶୁଣିଲେ ।
କଳାକରମୁଖୀ ଗୋପୀ ଧାଇଁଲେ । ୧ ।
କୋଟିନିଧି ପାଇଲା ପ୍ରାୟେ ହୋଇ ।
କେତେ ଗୋପୀ ଆନନ୍ଦରେ ଗମଇ । ୨ ।
କରୁଥିଲେ କେ ଗୃହକର୍ମମାନ ।
କଲେ ଶ୍ରବଣ ମାତ୍ରକରେ ଆନ । ୩ ।
କଲେ ଭୂଷଣ କେହୁ ବିପରୀତ ।
କରାଇଲା ବିଭ୍ରମ ସ୍ନେହଚିତ୍ତ । ୪ ।
କରୁଥିଲେ କେ କୁନ୍ତଳ ମାର୍ଜ୍ଜନ ।
କରାଇଲା ଉଚ୍ଚାଟ ତା ବର୍ଜ୍ଜନ । ୫ ।
କେଶରଞ୍ଜିନୀ କରେ ଧରି କରି ।
କଦ୍ବରଗତ ଦେଲା ବିସ୍ତାରି । ୬ ।
କାନ୍ତକୋଳ ବଶ ହେଲା କାହାକୁ ।
କରିବାକୁ ଆଶ୍ରୟ ଉଚ୍ଛାହାକୁ । ୭ ।
କରୁଥିଲେ କେ କାନ୍ତ ସଙ୍ଗେ ଲୀଳା ।
କଲା ମାତ୍ରକେ ତାହା କଲା ହେଳା । ୮ ।
କେତେ ତେରୁଷେ ଧାଇଁଲେ ଗୋପବାଳୀ ।
କେ କହିବ ତା ଅବା ମନେ ଭାଳି । ୯ ।
କାଦମ୍ବିନୀ କୋଳେ ଯେହ୍ନେ ବିଜୁଳି ।
କରେ ଝଟକ ସବୁ ଦିଗେ ମିଳି । ୧୦ ।

Digitized by srujanika@gmail.com

କଳଧଉତଲତା ବାନ୍ଧେ ଯେସନ୍ତେ ।
କାମିନୀଙ୍କ ଗମନ-ଅଙ୍ଗ ତେସନ୍ତେ । ୧୧ ।
କାହା କବରୀରୁ ଫୁଲ ଖସଇ ।
କବି ମନେ ଏମନ୍ତ ଆଭାସଇ । ୧୨ ।
କଳାକର କି ରାହୁକବଳରୁ ।
କମେ ଗଳିପଡୁଅଛି ଗଳରୁ । ୧୩ ।
କଳାମେଘୁଁ ଚନ୍ଦ୍ର ହୋୟେ ବାହାର ।
କରେ ଚରମନ୍ତେ କବା ବିହାର । ୧୪ ।
କାହା ନିତମ୍ବବିମ୍ବ ଅତି ଗରୁ ।
କଟି ସରୁ କେଶରୀମଧ୍ୟଠାରୁ । ୧୫ ।
କଳହଂସ ପ୍ରାୟେ କରେ ଗମନ ।
କରେ ହଂସକ ହରଷରେ ସ୍ୱନ । ୧୬ ।
କବି ମନକୁ ଏମନ୍ତ ଆସଇ ।
କି ସେ ନେଉଛି ପଦଶ୍ରେ ମଣାଇ । ୧୭ ।
କେତେ କରନ୍ତେ ସତ୍ୱରେ ଗମନ ।
କୁଚକୁମ୍ଭ ହୁଅଇ କମ୍ପମାନ । ୧୮ ।
କୃଷ୍ଣ ଜନମ ଜାଣି ଆନନ୍ଦରେ ।
କୃତ୍ତିବାସ ନାଚେ ଶମ୍ଭୁ ରୂପରେ । ୧୯ ।
କାବ୍ୟତାର ମୁକୁତାହାର ଛଳେ ।
କନ୍ତୁଭୁଜସଦୃଶ ସେ ଉଚ୍ଛୁଳେ । ୨୦ ।
କାହା କଟିରେ ତାକ କାଞ୍ଚିମାଳ ।
କହୁଅଛି ଧୀରେ ଆରେ ଅବଳା । ୨୧ ।
କାମ-ମଦ-ମତ୍ତେ ତୁ ହୋଇ ଭୋଳା ।
କରୁ ମଧ୍ୟମଠାରେ ଏଡେ ହେଳା । ୨୨ ।
କି ତୁ ଜାଣି ନାହୁଁ ଏ ଯେଡେ ସରୁ ।
କୁଚଯୁଗଳ ତୋର ଯେଡେ ଗରୁ । ୨୩ ।
କରୁଅଛୁ ଯାହା ଦ୍ରୁତ ଗମନ ।
କାଳେ ଏହାକୁ ହୋଉଛୁ ଶମନ । ୨୪ ।
କି ତୋ ସାହସ ଜାୟାଜୀବ ପ୍ରାୟେ ।
କି ବା ଏହାଠାରେ ଏଡେ ନିର୍ଦ୍ଦୟେ । ୨୫ ।

Digitized by srujanika@gmail.com

କା କା ହୋଇ ଏ ଯେବେ ଯିବ ଭାଙ୍ଗି ।
କାଂଳେ ତୁହି ମର ବୁ ଏହା ଲାଗି । ୨୬ ।
କାଞ୍ଚିମାଳା ମଧ୍ୟରେ ଡାକବାର ।
କଲା କବ ଏମନ୍ତ ଅଧାହାର । ୨୭ ।
କେତେ ରୂପେ ଧାଇଁଲେ କେତେ ନାରୀ ।
କହିବାକୁ ତା ବଚନେ ନ ପାରି । ୨୮ ।
କାନ୍ତାକଦମ୍ବ ହୋଇ ଏକମେଳ ।
କଲେ ଦର୍ଶନ ଯାଇ ନନ୍ଦବାଳ । ୨୯ ।
କାଳାମେଘ ପାଶରେ ଚନ୍ଦ୍ର ପ୍ରାୟେ ।
କୁମାରଙ୍କ ଶ୍ରୀଅଙ୍ଗ ଶୋଭା ପାଏ । ୩୦ ।
କେଉଁ ଗୋପୀ ଅନାଇଁ ସୁଚକିତ ।
କେହୁ ହୋଇଲା ଶବନାରୀ ମତ । ୩୧ ।
କାହା ଅଙ୍ଗ ହୋଇଲା ପୁଲକିତ ।
କଲା ଆନନ୍ଦେ ଅଶ୍ରୁଜଳ ଜାତ । ୩୨ ।
କେ ବୋଇଲା ଯଶୋଦା ଭାଗ୍ୟବନ୍ତ ।
କୋଳେ ଧଇଲା ପ୍ରତ୍ୟକ୍ଷେ ଅନନ୍ତ । ୩୩ ।
କେ ବୋଲଇ ନନ୍ଦ କି ତପ କଲା ।
କେତେ ପ୍ରକାରେ କେତେ ଦାନ ଦେଲା । ୩୪ ।
କେ ବୋଲଇ କଳ୍ପତରୁ ଅଙ୍କୁର ।
କେ ବୋଲଇ କନ୍ଦର୍ପ ଅବତାର । ୩୫ ।
କରଥିଲେ ଯେ କପର୍ଦ୍ଦୀ ଅନଙ୍ଗ ।
କର୍ମେ ଧଇଲା ଏତେ କାଳେ ଅଙ୍ଗ । ୩୬ ।
କେ ବୋଲଇ ସଖି ଗୃହେଁ ନିଶ୍ଚଳେ ।
କେତେ ଲକ୍ଷଣ ଅଛି ପାଦତଳେ । ୩୭ ।
କମ୍ବୁ ଚକ୍ର ମୀନ ପଦ୍ମ କୁଳିଶ ।
କଳଶାଦ କାର୍ମୁକ ଅଷ୍ଟାଦଶ । ୩୮ ।
କେ ବୋଲଇ ଏ କିଶୋର ହୋଇଲେ ।
କେଉଁ ସ୍ତ୍ରୀ କି ନୋହିବ, ଗୃହେଲେ । ୩୯ ।
କୁଳଯୁବତୀଙ୍କ କୁଳ ବୁଡ଼ିବ ।
କେମେ ପତିବ୍ରତା ବ୍ରତ ଛାଡ଼ିବ । ୪୦ ।

Digitized by srujanika@gmail.com

କେ ବୋଲଇ କବିବାଠ ପଢ଼ିଲା ।
କେମେ ବିଧାତା ତାହାଙ୍କୁ ଗଢ଼ିଲା । ୪୧ ।
କରୁଥିଲେ ଯହିଁକି ଯାହା ଲକ୍ଷ ।
କାଳେ ସବୁ ସେ ଆସି ହେଲା ମିଛ । ୪୨ ।
କରୁଥିବାରୁ ଜଳରେ ତପସ୍ୟା ।
କେତେ ଥିବ ପଦ୍ମର ପ୍ରତିଆଶା । ୪୩ ।
କଳାନିଧି ମହେଶଙ୍କୁ ସେବନ୍ତି ।
କିନ୍ତୁ ହୋଇବ ଏବା ସେହୁ ଲକ୍ଷି । ୪୪ ।
କଣ୍ଠୀରବ ଭଜଅନ୍ତି ଶିବାଙ୍କୁ ।
କର୍ମେ ଥିଲେ ପାଇବ ଉପମାକୁ । ୪୫ ।
କଳା କମଳ କହ୍ଲଲ ତମାଳ ।
କଳା ମେଘେ ମଘବା-ମଣିମାଳ । ୪୬ ।
କଳିନ୍ଦକନ୍ୟା କମଳ ଅତସୀ ।
କୁହୁକଣି ନିବିଡ଼ ତମଶ୍ରେଣି । ୪୭ ।
କଳା ମଧ୍ୟେ ଏ ହୋଇଥିଲେ ଗୁରୁ ।
କୁମାର ରୂପ ଦେଖି ନ ଥିବାରୁ । ୪୮ ।
କୁନ୍ଦ କୁମୁଦ କର୍ପୂର ଗୋକ୍ଷୀର
କମ୍ବୁ-ଶମ୍ଭୁ ପର୍ବତ ଗଙ୍ଗାନୀର । ୪୯ ।
କଳଧଉତ ସ୍ଫଟିକ ତୁଷାର ।
କାଶ ସାଗର-ଫେନ ଶଶଧର । ୫୦ ।
କରି ଏ ପୁନରୂପ ବିଲୋକନ ।
କହୁଁ କହୁଁ ଏ ଦିଶିଲେ ନିଉଜଳ । ୫୧ ।
କବି ଏହାଙ୍କୁ ଏହାଙ୍କ କାନ୍ତିକି ।
କଲେ ଲକ୍ଷ ବୋଲିବା ଅବିବେକୀ । ୫୨ ।
କାଚ କାଞ୍ଚନ ତୁଳିଲା ପରାୟେ ।
କବିବାଣୀନିକଟରେ ସେ ହୋଏ । ୫୩ ।
କାଇଁଅକୁ ଯେ ସୁନାସଙ୍ଗେ ତୁଳି ।
କେମେ ମୂଲ ବେଳକୁ ପଡ଼େ ବଳି । ୫୪ ।
କବି ବଚନେ କରେ ତାରତମ ।
କୁବେରଙ୍କୁ ବୋଲନ୍ତି କୋଟିକାମ । ୫୫ ।

Digitized by srujanika@gmail.com

କଉଁ ଠାରେ କନ୍ଦର୍ପ ହୋଯ୍ସେ ନିନ୍ଦା ।
କେତେ କହିବ ତାଙ୍କ ମିଛ ଫନ୍ଦା । ୫୬ ।
କହୁଁ କହୁଁ କୁମାରେ ଯେ ସ୍ୱେଦନ୍ତ ।
କଲକଣ୍ଠ-କଣ୍ଠ ହେଲେ ନିନ୍ଦନ୍ତ । ୫୭ ।
କର ଚରଣ ଗୃଳିବାର ଭାବ ।
କାମିନୀଙ୍କି ସେ କୋଟି କୋଟି ହାବ । ୫୮ ।
କହି ଶେଷ କେ କରିବ ସେ ସୁଖ ।
କବ ହୋଇଲେ ଦଶ ଶତ ମୁଖ । ୫୯ ।
କହି ଯାହାର ମହିମା ଅନନ୍ତ ।
କରି ନାହାନ୍ତି ଅଜପାଏ ଅନ୍ତ । ୬୦ ।
କୁମାରଙ୍କ ଶୋଭାକୁ ମନେ ଦେନ ।
କଷ୍ଟେ ଗମିଲେ ବରଜକାମିନୀ । ୬୧ ।
କମନୀୟ କୃଷ୍ଣକଥା ପ୍ରସଙ୍ଗ ।
କାଳସର୍ପକୁ ସେ କଥା ପ୍ରସଙ୍ଗ । ୬୨ ।
କାଳକାନ୍ତାରକୁ ସେ ସୁନାସୀର ।
କରେ ଯାହାକୁ ଶାନ୍ତା ସୁନାସୀର । ୬୩ ।
କଲେ ଜାତ ଯେ ସର୍ବତୋମୁଖକୁ ।
କଲେ ଭ୍ରମ ଯେ ସର୍ବତୋମୁଖକୁ । ୬୪ ।
କଷ୍ଟସରିତକୁ ଯେ ପାଥରଥ ।
କାଳେ ବାହୁ ଯେ ଥିଲେ ପାଥରଥ । ୬୫ ।
କୁମ୍ଭୀରକୁ ମାରିବାର ବାରଣୀ ।
କଷ୍ଟ କଲେ ଯେ କୃପାରେ ବାରଣ । ୬୬ ।
କଲେ କୀର୍ତ୍ତିନ ଯା ନାମ ସଙ୍ଘାତ ।
କାଳେ ପାପୀ ନ ଦେଖନ୍ତି ସଙ୍ଘାତ । ୬୭ ।
କରୁଣାରେ ଯେ ବରୁଣ ଶରଣ ।
କରେ ଅଶରଣ ଜନ ଶରଣ । ୬୮ ।
କାମୀ ଲୋକର ଯେ ପାରିଜାତକ ।
କଲେ ହରଣ ଯେ ପାରିଜାତକ । ୬୯ ।
କରି ଫଣି-ମଣିବର-ଶୟନ ।
କରିଅଛନ୍ତି ସୁରେଖ ଯେ ଶୟନ । ୭୦ ।

Digitized by srujanika@gmail.com

କରେ ଶୋଭିତ ଯାହାର ଶଙ୍ଖାର ।
କୃଷ୍ଣକଷ୍ଟ ହରିବେ ସେ ଶଙ୍ଖାର । ୭୧ ।

ଚତୁର୍ଥ ଛାନ୍ଦ

ରାଗ—ଅହ୍ଲାଦ୍ୱ

କର୍ଣ୍ଣ ଦେଇ ଶୁଣ ଅହେ ସାଧୁଜନେ ।
କୁମାରଙ୍କ ଜନମିଲା କେତେ ଦିନେ । ୧ ।
କୁଚକୁମ୍ଭେ ଦେଇ କାଳକୂଟ ବିଷ ।
କ୍ରୂରକର୍ମିଣୀ ପୂତନା ପରବେଶ । ୨ ।
କଳ କୁଟିଳ କୁନ୍ତଳ ଖୋସା ଖୋସି ।
କମନୀୟ ଫୁଲମାଳେ ଅଛି ମିଶି । ୩ ।
କପାଳରେ ସିନ୍ଦୂରମଣ୍ଡଳ ଚିତା ।
ଭଙ୍ଗାସରେ ମୋହୁଅଛି ଊର୍ଦ୍ଧ୍ୱରେତା । ୪ ।
କର୍ଣ୍ଣେ ତାଟଙ୍କ ଭ୍ରମରୀ ଫୁଲ ଶୋହେ ।
କଣ୍ଠେ କଣ୍ଠଆଭରଣମାନ ବହେ । ୫ ।
କରି ତାମ୍ବୂଳବୋଳରେ ଓଷ୍ଠ ରଙ୍ଗ ।
କରୁଅଛି ପୁରୁଷଙ୍କ ଧୈର୍ଯ୍ୟ ଭଙ୍ଗ । ୬ ।
କଣ୍ଠୀ-ନାସାଆଭରଣ ନାସାପୁଟେ ।
କଜ୍ଜ୍ୱଳ ପରିପୂରିତ ନେତ୍ରତଟେ । ୭ ।
କଣ୍ଠସରିଯାଏ ଯାଇଅଛି ଲାଞ୍ଜି ।
କାମୀ ଦେଖିଲେ କାମରେ ହୋଏ ଗଞ୍ଜି । ୮ ।
କରେ ତାଡ଼ ଚୂଡ଼ି କଡ଼ିଆଲ ରାଜେ ।
କ୍ୱଣିତ ପାହୁଡ଼ ପଦ୍ମରେ ବାଜେ । ୯ ।
କରତଟେ ତର୍ଜନୀ ରୂପା ମାଳ ବାନ୍ଧି ।
କଳାମେଘୀ ଶାଢ଼ୀ ଏକ ଅଛି ପିନ୍ଧି । ୧୦ ।
କରିବର ଗତି ପ୍ରାୟେ ଗତିଭଙ୍ଗୀ ।
କି ସେ ମନମଥମହାନଦୀତରଙ୍ଗୀ । ୧୧ ।

Digitized by srujanika@gmail.com

କେତେ ବେଳେ କଣିଆଇଁ ଗୃହେଁ ଚଳ ।
କାଖେ ଅଛୁ ଭରେଇ ବଫଲଡ଼ୁ ଥାଳୀ । ୧୨ ।
କେ କାହାକୁ ପଚ୍ଚରଇ ଡାକିକରି ।
କାହାର ଏ ଅପୂରୁବ ଯୁବା ନାରୀ । ୧୩ ।
କେ ବୋଲନ୍ତି ହୋଇବ ଏ ଅପସରୀ ।
କଉଁ ଯୁବତୀ ନୋହିଲେ ଏଡ଼େ ଗୋରୀ । ୧୪ ।
କେ ବୋଲିଭି ଧନ୍ୟ ଏହା ରୂପରାଣି ।
କଉଁ ବିହି ଏହା ଗଢ଼ୁଥିଲା ବସି । ୧୫ ।
କି ଏ ସ୍ତମ୍ଭନ ମୋହନ ବଶ ମନ୍ତ୍ର ।
କଇତବରେ ହୋଇଛି ମୂର୍ତ୍ତିବନ୍ତ । ୧୬ ।
କହୁଁ କହୁଁ ନନ୍ଦପୁରେ ପରବେଶ ।
କୁମାରଙ୍କୁ ଦେଖି ହୋଏ ହସ ହସ । ୧୭ ।
କାଖୁଁ ବଫଲଡ଼ୁ ଥାଳୀ ଥୋଇ ଚଳେ ।
କଥା ହୋଏ ନନ୍ଦଯୁବତୀଙ୍କ ମେଳେ । ୧୮ ।
କର୍ଣ୍ଣେ ଶୁଣିଲା ହନୁଁ ପୁଅଙ୍କ ଜନ୍ମ ।
କରୁଥାଇ ଆସିବାକୁ ନିତ ମନ । ୧୯ ।
କାଲି ଏତେ ଦିନେ ଯୋଗ ଆସିବାକୁ ।
କୁମାରଙ୍କୁ ଦେଖି ଫୁଲୁଅଛି ବୁକୁ । ୨୦ ।
କରାଇବ ଏହାଙ୍କୁ ମୁଁ କ୍ଷୀରପାନ ।
କଲେ ସନ୍ତୋଷରେ ତୁମ୍ଭେ ଅବଧାନ । ୨୧ ।
କଉତୁକ କଥା ଶୁଣି ନନ୍ଦରାଣୀ ।
କୋଳେ ଦେଲେ ନବଘନରୂପ ଆଣି । ୨୨ ।
କରିଥାଇଁ ପୂର୍ବରେ ଯେ ଯଉଁ କର୍ମ ।
କାଳେ ତାକୁ ତା ଭୋଗ କରାଇ ଧର୍ମ । ୨୩ ।
କରାଇ ଯେ ଥିଲେ ଶିବେ ବିଷପାନ ।
କେତେ ବେଳେ ସେ କଥା ନୋହିଲା ଆନ । ୨୪ ।
କଉଁ କଥା ଅବା ତାଙ୍କୁ ଅପ୍ରତେଇ ।
କଲେ ଜାଣୁ ଜାଣୁ ବିଷସ୍ତନ ଭକ୍ଷ । ୨୫ ।

Digitized by srujanika@gmail.com

କଳା ବଦନେ ଦାଅନ୍ତେ ସପ୍ତ ନେଇ ।
କେବଳ ମାନେ ପରାଣ ହୋଇଲେ ପିଇ । ୨୬ ।
କହୁଁ କହୁଁ ନିଜ ରୂପ ପ୍ରକାଶିଲ ।*
କାଯ୍ୟା ବସ୍ତ୍ରାର କର ଅଂଗୁଳି ମଲ । ୨୭ ।
କୃତାର୍ଥ ହୋଇ ବୈକୁଣ୍ଠ ଲୋକକୁ ଗଲ ।
କାଳଦଣ୍ଡ ଘାତରେ ସେ ନ ପଡ଼ିଲ । ୨୮ ।
କୃପାନିଧି ଯାହାଠାରେ କୃପା କରେ ।
କୁମ୍ଭକାରକୀଟ ପ୍ରାନ୍ତେଯ୍ୟ ମାତ୍ର ଭାରେ । ୨୯ ।
କଣ୍ଠାଗତ ପ୍ରାଣ ହେଲେ ବଡ଼ଲୋକ ।
କେତେବେଳେ, ନ ଛାଡ଼ଇ ନିଜ ଠେକ । ୩୦ ।†
କାଟିବାକୁ ବୃକ୍ଷ ଯହୁଁ ଲୋକ ଯାଏ ।
କି କି କରି ସେ ତାହାର ଛାଇ ପାଏ । ୩୧ ।
କଲି ଅତି ଅପକାର ଦଇତୁଣୀ ।
କଲେ ଉପକାର ତାକୁ ଯଦୁମଣି । ୩୨ ।
କୁଚ ଉପରେ ସୁନ୍ଦର ଶିରୀରଙ୍ଗ ।
କଳାମେଘ ଖଣ୍ଡ ଯେସନ୍ତେ ମେରୁଶୃଙ୍ଗ । ୩୩ ।
କରେ ଧରି ଯଶୋଦାନ୍ତୀ ସେନ୍ନିଗଲେ ।
କୋଟି କୋଟି ଦାନ ପୁଣ୍ୟମାନ କଲେ । ୩୪ ।
କରମ୍ବିତ ହୋଇକରି ଗୋପେ ମିଳି ।
କଉତୁକେ ଅପୁତ୍ରିକ ଦେଲେ ଜାଳି । ୩୫ ।
କେଞ୍ଚ ଦିନେ ଶକଟକା ନାଶ କଲେ ।
କଣ୍ଠ ଚିପି ତ୍ରୁଣାବର୍ତ୍ତି ପ୍ରାଣ ନେଲେ । ୩୬ ।
କେତେ ଦିନ ଅନ୍ତେ ଗର୍ଗଋଷି ଆସି ।
କୃଷ୍ଣ ରାମ ନାମ ଦେଇ ହେଲେ ତୋଷି । ୩୭ ।
କବି କୃତାର୍ଥ ହୋଇଲ ଏତେବେଳେ ।
କୃଷ୍ଣ ଶବଦ ରହିଲ କର୍ଣ୍ଣବଳେ । ୩୮ ।
କେତେ ପ୍ରକାରେ ଅଇଲେ ଦ୍ୱିଜବର ।
କେତେ ରୂପେ ନୃତ୍ୟ କଲେ ନୃତ୍ୟକାର । ୩୯ ।

---

* ୨୭।୧—ସ୍ଥାନ ଘ, ଗ, ଚ, ଛ, ମାତ୍ରେକ ଘ, ଚ, ଖ

† ୩୦।୨— କେତେବେଳେହେଁ ନ ଛାଡ଼େ ନଜରେକ ଛ, ଝ,

Digitized by srujanika@gmail.com

କେତେ କୟୂବାର କଲେ ବନ୍ଦିଗଣ ।
କେତେ ଦେଲେ ନନ୍ଦ ଦାନ ଆଭରଣ । ୪୦ ।
କହିବାକୁ ସେ ଅଟନ୍ତି ଅଗୋଚର ।
କେତେ ଉତ୍ସବ ହୋଇଲା ଗୋପପୁର । ୪୧ ।
କୃଷ୍ଣ ନାମକରଣରେ ହୋଇ ତୋଷ ।
କାହ୍ନୁ କାତ୍ୟାୟନୀ ହୋଏ ପରବେଶ । ୪୨ ।
କେଶ ଗଙ୍ଗା ଯମୁନା ଗୃମର ଗ୍ରାଏ ।
କୁଚ ଲମ୍ବି ପଡ଼ିଅଛି ନାଭିଯାଏ । ୪୩ ।
କଙ୍କତିକା ପ୍ରାୟେ ଦଶେ ଦନ୍ତପନ୍ତି ।
କୁହୁଡ଼ି ନଣି ସମ ରୂପକାନ୍ତି । ୪୪ ।
କରେ ଧରନ୍ତି ସପତ ଫୁଲଲଙ୍କା ।
କାହାକୁହିଁ ନାହିଁ ମନେ କର ଶଙ୍କା । ୪୫ ।
କରେ ଥରେ ଥରେ ଅଙ୍ଗଭଙ୍ଗୀ ଛଟା ।
କୋଣିଆଇଁ ଗୃହଁ ବାରେ ଅଖିଲଟା । ୪୬ ।
କେତେନେଲେ ବୋଲେ କୁଚ ତୋଳ ଧର ।
ଖଲେ ଖାଅ ରେ କୁମରେ ଅସିଦ୍ଧରେଁ । ୪୭ ।
କେ ବୋଲଇ ପୂତନା ବହୁଣୀକି ।
କରୁଅଛ ତ ଶରଧା ନନ୍ଦୁଣୀକି । ୪୮ ।
କଣ୍ଠ ବଗୁର ତହିଁକି ନାହିଁ ତାର ।
କୃଷ୍ଣ-ଉତ୍ସବେ ହୋଇଛି ତତପର । ୪୯ ।
କଲା ଅନେକ ପ୍ରକାରେ ଗୀତି ନାଟ ।
କଉତୁକେ ନନ୍ଦ ତାକୁ ଦେଲେ ପାଟ । ୫୦ ।
କୃଷ୍ଣନାମ ସବୁଆଡ଼େ ବାଜଗଲା ।
କେତେ ଭକ୍ତରେ କେ କେତେ ପୂଜା କଲା । ୫୧ ।
କଳା ପୂର୍ଣ୍ଣ ହେଲ ଯେହ୍ନେ କଳାକର ।
କର ବସ୍ତାର ନାଶଇ ଅନ୍ଧକାର । ୫୨ ।
କାର ଅଙ୍ଗରୁ ଆଜନ୍ମ ପାତକହିଁ ।
କାହିଁ ନ ଯାଇ ରହିଲେ କାହିଁ କାହିଁ । ୫୩ ।
କାହିଁ ପାଇଁ ତନୁ ନାହିଁ ହୃଷୀକେଶ ।
କେଶ ଧଇଲେ କାଳ କା ଅବକାଶ । ୫୪ ।

Digitized by srujanika@gmail.com

କାଣକୁସୁମ ପରିଏଁ ମନ କର ।
କର ଭାବନା ବାଳମୁକୁନ୍ଦଙ୍କର । ୫୫ ।
କରଅରବନ୍ଦେ ଧର ପାଦକଞ୍ଜ ।
କଞ୍ଜନେତ୍ର ମଣ୍ଡିଚନ୍ଦ୍ର ମୁଖକଞ୍ଜ । ୫୬ ।
କଞ୍ଜ ଶିବ ଅଦ ଉଜେ ଯଉଁ କୃଷ୍ଣ ।
କୃଷ୍ଣ ଚନ୍ଦ୍ର ସେ କୃଷ୍ଣକୁ ମହାକୃଷ୍ଣ । ୫୭ ।

ପଞ୍ଚମ ଛାନ୍ଦ

ରାଗ—ସୁହାଣୀ, ପଟ୍ଟତାଳ

କୃଷ୍ଣ ବାଳକଲୀଳା ଏକମନେ ।
କର୍ଣ୍ଣେ କବେଣି ଶୁଣ ସାଧୁଜନେ ।
କଳି କଲୁଷମାନ କ୍ଷୟ ଯାଉ ।
କାଳ ଦଣ୍ଡିବାକୁ ଭୟ ନ ଥାଉ ।
କୃତାର୍ଥ, କର ମାନବ ଜନ୍ମ ।
କଣ୍ଠରେ ନିରନ୍ତରେ ଧର ନାମ । ୧ ।
କଳାକର କଳା ବଢ଼ିଲା ପ୍ରାୟେ ।
କମେ ବଢ଼ିଲେ ଯଶୋଦାଙ୍କ ପୋଏ ।
କର ଜାନୁରେ କରନ୍ତେ ଗମନ ।
କଟିତଟେ କରେ କିଙ୍କିଣୀ ସ୍ୱନ ।
କୁଟିଳ, ନୀଳ କୁନ୍ତଳ ଲଲେ ।
କମଳେ ଯେମନ୍ତ ଭ୍ରମରମାଳେ । ୨ ।*
କମ୍ବୁକଣ୍ଠେ କଣ୍ଠଭୂଷଣ ଶୋହେ ।
କରେ କଙ୍କଣ ଜଗଜ୍ଜନ ମୋହେ ।
କଜ୍ଜ୍ୱଳେ ପୂରିତ ପଦ୍ମଲୋଚନ ।
କୋକିଳକୁ ବଳି କଳ ବଚନ ।
କୁଙ୍କୁମେ, ଶୋଭା କଲା ଶ୍ରୀଅଙ୍ଗ ।
କରେ ଉପହାସ କୋଟି ଅନଙ୍ଗ । ୩ ।

---

* ୨।୭—ନୀଳ ଅଳକା ଲଲେ, ସ, ୪,

କେତେବେଳେ ନନ୍ଦ ପ୍ରାଙ୍ଗଣେ ବୁଲି ।
କରିଚଲଇ ପ୍ରାୟେ ହୋଇ ଝୁଲି ।
କେତେବେଳେ ଧୂଳି ହୋଅନ୍ତି ବୋଲି ।
କରେ ଧରି ମାୟେ ହୋଅନ୍ତି ଚଳି ।
କାନ୍ଦନ୍ତି, ବାଣୀ କର୍କଶ ପାଇ ।
କପଟେ ଯଶୋଦା ଶାନ୍ତ କରାଇ । ୪ ।

କେତେବେଳେ ପଟଙ୍କ ପଡ଼ନ୍ତି ଯାଇଁ ।
କର ହୃଦେ ମାରି ଯଶୋଦା ଧାଇଁ ।
କରକର ହୋଇ ଗୋପୀ ହସନ୍ତି ।
କରେ ତୋଳି ଯଶୋଦାଙ୍କୁ ଦିଅନ୍ତି ।
କରାନ୍ତି, କ୍ଷୀର ପାନ ଜନନୀ ।
କଉତୁକରେ କେ ଯାଅନ୍ତି ଘେନି । ୫ ।

କରନ୍ତି ଗେଲ ନାନା ସୁଖ ପାଇ ।
କେ ବୋଲଇ ମୋହୋର ବାପ ଭାଇ ।
କଣ୍ଢିଲେମୋସ୍ଥା କଳା କହ୍ନାଇଁ ।
କଳା ମୁଖକୁ ଲଞ୍ଛ ଯାଉଥାଇଁ ।
କାହିଁକି, କାନ୍ଦୁଥାଅ ମୋ ଧନ ।
କେ ଏତେ ତୁମ୍ଭଙ୍କୁ କରାଇ·ମାନ । ୬ ।

କେ ବୋଲେ ନବଘନଶ୍ୟାମଲୀୟା ।
କୁଟିଳ-ନୀଳ-ଚୂର୍ଣ୍ଣକୁନ୍ତଳୀୟା ।
କଣ୍ଠର ଅମୂଲ୍ୟ ମର୍କତ ମାଳ ।
କୋଟି ଦୁଃଖହରା ସୁଖ ସଙ୍ଗାଳ ।
କପଟୀ, ଧାଣ୍ଡ-ପରାଣଖିଆ ।
କୁଟମନ୍ଦର ମୋ ବାଘନଖିଆ । ୭ ।

କେ ବୋଲେ ମୋହୋର କୁସୁମଗଭା ।
କଜ୍ଜ୍ୱଳରେଖା ନୟନର ଶୋଭା ।
କପାଳର ଗୁରୁ କସ୍ତୁରୀ ଚିତା ।
କୁଳ ଉଦ୍ଧାରଣ ଯଶୋଦା ମାତା ।

Digitized by srujanika@gmail.com

କାହୁରେ, ନନ୍ଦ କହିଲେ କ ନୃପ ।
କଉ ଭାଗ୍ୟରୁ ପାଇଲେ ଏ ରୂପ ।୮ ।

କାହା କାଖରୁ କେ ଛଡ଼ାଇ ନେଇ ।
କୋଳେ ଧରି ମୁଖେ ଚୁମ୍ବନ ଦେଇ ।
କରେ ଚୋର୍ଣ୍ଣ କୁଚ ଶିରେ ଲଗାଇ ।
କମଳଚରଣ ଶୀତଳ ପାଇ ।
କରଇ, ନନ୍ଦା ଚନ୍ଦ୍ର ଚନ୍ଦନ ।
କ ଗୁଣକୁ ଏହା କୃତ ବନ୍ଦନ । ୯ ।

କରନ୍ତି ଏହିରୂପେ ଭାବ କେତେ ।
କହିବାକୁ ସେ ଅଗୋଚର ମୋତେ ।
କଳି ନୁହଇ ସମୁଦ୍ର ତରଙ୍ଗ ।
କମଳନେତ୍ର ବାଳଲୀଳା ରଙ୍ଗ ।
କଲେ ସେ, ଦିନେ କିରୂପେ ଗୋଳ ।
କ୍ରୋଧେ ଯଶୋଦା ଖଣ୍ଡାଇଲେ ଗେଲ । ୧୦ ।

କମଳକୁମାରକୁମାର ଶାପେ ।
କୁବେର ପୋଏ ଥିଲେ ବୃକ୍ଷରୂପେ ।
କଇବଲ୍ୟଦାମୀ ଯଶୋଦାସୁତ ।
କଲେ ତାଙ୍କୁ ଲୀଳାମାନେ ମୁକତ ।
କେତେଦିନେ, ଦିନେ ଗୃହଲେ ହରି ।
କର ଆନନ୍ଦ ଜାତ ଗୋପପୁରୀ । ୧୧ ।

କମେ କରି ସଖାମାନଙ୍କୁ ସଙ୍ଗ ।
କଉତୁକେ ଦିନ ନେଲେ ଶ୍ରୀରଙ୍ଗ ।
କଉ ପୁରେ ପଶି ଲବଣୀ ହରି ।
କାହିଁ ଦହି ଦୁଧ ଏକତ୍ର କରି ।
କେ ଯାଇଁ, ଯଶୋଦାଙ୍କୁ କହନ୍ତି ।
କେ ଅବା ସ୍ନେହଭାବରୁଁ ସହନ୍ତି । ୧୨ ।

କଉଁ ଗୋପୀ ଶୋକେ ବୋଲଇ କୋପେ ।
କେମନ୍ତେ ଆଜ ରହିବା ଏ ଗୋପେ ।

Digitized by srujanika@gmail.com

କୃଷ୍ଣ ପ୍ରତାପ ତ ନୋହିଲା ସହ୍ୟ ।
କେ ଅବା ଶୁଣିବ କହିବା କାହ୍ୟ ।
କଂସକୁ, ଯେବେ ନୋହିଲା ଭୟ ।
କେଉଁ ଲୋକ ତହିଁ ପାଇବ ଥୟ । ୧୩ ।

କାଳଯାକ ହେଲା ଗୋପରେ ଡକା ।
କଅଁଳା ପୁଅର ଗୈର ଜାବକା ।
କେଉଁ ଛଟଙ୍କେ ମନ୍ଦରେ ପଶଇ ।
କ କର ସର ଲବଣୀ ଭଷଇ ।
କାହିଁ ମୁଁ, ଦେଖି ନାହିଁ ଏ ପୁଅ ।
କୋଧରେ ହସାଇ ଆରମ୍ଭି ଛୁଅ । ୧୪ ।

କନ୍ଦାଇ ହସାଇ ବିନା କାରଣେ ।
କ କ କର ଗୃହେଁ ନୟନ କୋଣେ ।
କଳକଣ୍ଠିତ ଭାବକୁ ବଢ଼ାଇ ।
କହୁଁ କହୁଁ ମୋହାସ୍ମିତକୁ ପାଇ ।
କାଲି ତ, ଆମ୍ଭ ଅଗରେ ଜାତ ।
କାହୁଁ ଶିଖିଲା ଏ ଏତେ ଚରିତ । ୧୫ ।

କେ ବୋଲେ ଯେବେ କହିଲି ମୁଁ ଧୀରେ ।
କାହିଁକି ଗୋଳ କର ଗୋପପୁରେ ।
କମ୍ପା ମୋ ପୁରକୁ ବିଜେ ନ କର ।
କେତେ ଖାଇବ ଦଧି ଦୁଧ ସର ।
କେଶବ, ଶୁଣି ବୋଇଲେ ହସ ।
କେତେ ପାଣି ତୋ ଦୁଧେ ଅଛି ମିଶ । ୧୬ ।

କଥା ଛଳରେ ନନ୍ଦସୁତ ବନ୍ଧ ।
କଲେ ମତେ ମନମଥରେ ଅନ୍ଧ ।
କିଛି ହିଁ ନ ରହିଲା ଧୈର୍ଯ୍ୟବନ୍ଧ
କବନ୍ଧ ବଳରେ ଯେମନ୍ତ ବନ୍ଧ ।
କହିବି, କେତେ ସେ ପୁଅ କଥା ।
କହିଲେ ଛାଡ଼ଇ ସମସ୍ତ ବ୍ୟଥା । ୧୭ ।

Digitized by srujanika@gmail.com

କେ ବୋଲେ ଜନେ ପଶିଲେ ମୋ ପୁରେ ।
କି କି ହୋଇ ପଡ଼ଗଲେ ଆଗରେ ।
କାଲି ଅନେକ ପ୍ରକାରେ ଆକ୍ଷେପ ।
କି ତୁମ୍ଭେ ଗୋପରେ ହୋଇଲ ଭୂପ ।
କଟାକ୍ଷ, ଭଙ୍ଗୀ କଲେ କି କର ।
କାମଶର ମୋ ଅଙ୍ଗେ ଗଲା ଫୁଟି । ୧୮ ।

କର ଚରଣ ନ ଚଳିଲା ମୋର ।
କମ୍ପ ପୁଲକ ଚୁମ୍ବିଲା ଶରୀର ।
କହିବାକୁ ଆଉ ନଇଲା ଭାଷା ।
କି ଭାଗ୍ୟେ ଢଳି ନ ପଡ଼ିଲା ରସା ।
କଲେ ସେ, ମୋତେ ଶବପ୍ରତିମା ।
କେତେ କହିବ ସେ କୃଷ୍ଣ ମହିମା । ୧୯ ।

କରୁଥାଇଁ ସେହି ଧନ୍ଦ ବିଚାର ।
କଦିବେ ଏ ଯୁବା ହେଲେ ଅସାର ।
କୁଳବତୀ କୁଳବତୀ ନୋହିବେ ।
କୁଳଟା ହୋଇ ବନେ ବିହରିବେ ।
କହୁଛି, ଏହା ଥିବଟି ଜାଣି ।
କାମିନୀକୁଳର ଭାଙ୍ଗିବେ ଠାଣି । ୨୦ ।

କେ ବୋଲେ ସଖି ! ମୋହୋଠାରୁ ଶୁଣ ।
କାମର ଏ ନୀଳଉତ୍ପଳ ବାଣ ।
କପଟେ ହୋଇଛି ମାନବ ରୂପ ।
କରିବ ପତିବ୍ରତା-ବ୍ରତ ଲୋପ ।
କରୁଛ, ଶଙ୍କା ଦୁଧ ସରକୁ ।
କାଲେ ଯାଉଦେବ ପୟୋଧରକୁ । ୨୧ ।

କେ ବୋଲେ କିଛି ନ ବୋଲିବା ଆଉ ।
କୃଷ୍ଣଭୋଗରେ ସବୁ ପଚେ ଯାଉ ।
କରିଥାଇ ଯେ ଅନେକ ସୁକୃତ ।
କେଶବ କାର୍ଯ୍ୟେ ଲାଗଇ ତା ବିତ୍ତ ।

Digitized by srujanika@gmail.com

କୃତାର୍ଥ, ବାଚ ନନ୍ଦନନ୍ଦନ ।
କହିବା ତାଙ୍କୁ ସମସ୍ତେ ବନ୍ଦନ । ୨୨ ।

କହୁଁ କହୁଁ ଗୋପୀ ଏହି ପ୍ରସଙ୍ଗ ।
କ କ ହୋଇ ମିଳିଗଲେ ଶ୍ରୀରଙ୍ଗ ।
କରେ ଧରି ନବନୀତ ସମ୍ବଳ ।
କରୁଛନ୍ତି କଲେ କଲେ କବଳ ।
କପାଳେ, ନୀଳ ଅଳକା ଲଚ୍ଚଳ ।
କମଳ ଶୋଭା ଯେସନ୍ତେ ଶଇବାଳେ । ୨୩ ।

କଳା କଳେବର ଧୂଳି ଧୂସର ।
କଟିରେ କଙ୍କିଣୀ ନାହିଁ ଅମ୍ବର ।
କାକର ପ୍ରାୟେ ଝାଳ ବିନ୍ଦୁ ବିନ୍ଦୁ ।
କଳିତ କରନ୍ତି ଶ୍ରୀମୁଖଇନ୍ଦୁ ।
କମଳେ, ଭୃଙ୍ଗ ଖେଳିଲା ପ୍ରାୟେ ।
କଳା ଡୋଳା ଚଳେ ଅପାଙ୍ଗ ଯାଏ । ୨୪ ।

କୃଷ୍ଣଙ୍କୁ ଦେଖି ଡାକିଲେ ଯୁବତୀ ।
କେ ବୋଲେ ଆସ ହେ ସୁଖସମ୍ପତ୍ତି ।
କଞ୍ଜନୟନ ଅଳକା-ବଳୀୟା ।
କୁମୁଦଦାମ ଘନଶ୍ୟାମଳୀୟା ।
କଣ୍ଠର, ଦିବ୍ୟ ମର୍କତମଣି ।
କର ନାଚ ଅମ୍ଭେ ଦେବୁଁ ଲବଣୀ । ୨୫ ।

କରେ ଗୋପୀମାନେ ଧଇଲେ ତାଳି ।
କମଳନୟନ ନାଚନ୍ତି ଢଳି ।
କନକ ନୂପୁର ଚରଣେ ରାଜେ ।
କଟି କିଙ୍କିଣୀ କଣି କଣି ବାଜେ ।
କହିବ, କେତେ ସେ ନାଚ ଛବି ।
କବି ଜଡ଼ ହୋଇ ରହେ ଯା ଭାବି । ୨୬ ।

କେ ନେଇ ଶଙ୍ଖାରେ ଦିଅନ୍ତି ସର ।
କରନ୍ତି ମଣୋହି ଶ୍ରୀଦାମୋଦର ।

Digitized by srujanika@gmail.com

କେ ବୋଲଇ ମୁଁ ଲକ୍ଷ୍ମୀଯାଇ କନା ।
କେ ବୋଲେ ଶ୍ରୀଅଙ୍ଗ ଫୁଟିବ ଘିନା ।
କର ଯା, ବଜେ ପୁରକୁ ଏବେ ।
କାତର ହୋଇ ମାଏ ଲୋଡ଼ୁଥିବେ । ୨୭ ।
କଉଁ ଗୋପୀ କରେ ଲବଣୀ ଦେଇ ।
କାଖରେ ବସାଇ ପୁରକୁ ନେଇ ।
କଲା ଯଶୋଦାଙ୍କ ଆଗରେ ଜଭ୍ଭା ।
କେ କହିବି ଅବା ସେକାଳ ଶୋଭା ।
କୋଳରେ, ମାଏ ଧଇଲେ ନେଇ ।
କାହିଁ ଥିଲୁ ବୋଲି ଚୁମ୍ବନ ଦେଇ । ୨୮ ।
କରି ଶ୍ରୀଅଙ୍ଗ ତଇଲ ମର୍ଦ୍ଦନ ।
କଲେ ତା ଝୀନବସନେ ମାର୍ଜ୍ଜନ ।
କଉଷେୟ କାଛେ ପିନ୍ଧାଇ ଦେଇ ।
କରପଦ୍ମେ ଦିବ୍ୟ ଅନ୍ନ ଭୁଞ୍ଜାଇ ।
କରାଇ, ଆଚମ୍ବନ ସ୍ୱଧୀରେ ।
କଲେ ଶ୍ରୀମୁଖ ପୋଛି ବସନରେ । ୨୯ ।
କେତେ କହିବ ବାଳଲୀଳା ଭେଦ ।
କହିଲେ ପଦ ବହୁତ ହୋଇବ ।
କଳପେ ବସି କଳପିଲେ ଯାହା ।
କହି ନ ପାରିବେ ଗିରିଜାନାହା ।
କୋଟିଏ, କୋଟି ଜୀବେ ମୁଁ ଏକ ।
କେତେ ମୋର ବୁଦ୍ଧି କେତେ ବିବେକ । ୩୦ ।
କେ ଅବା ଲେଖିବ ଗଗନତାରା ।
କେ ଅବା ଗଣିବ ବରଷାଧାରା ।
କେ ଅବା ଗଣିବ ସିନ୍ଧୁ ଲହରୀ ।
କେ ପାରିବ ପୟୋନିଧି ପହଁରି ।
କେ ଅବା, ଏହା କରି ପାରିବ ।
କୃଷ୍ଣ-ମହିମା କହି ନ ପାରିବ । ୩୧ ।

Digitized by srujanika@gmail.com

କୃଷ୍ଣ ନାମରେ ପାପକ୍ଷୟ ଯେତେ ।
କରି ନ ପାରେ ପାପୀ ପାପ ତେତେ ।
କୁଧର ପ୍ରମାଣେ ତୁଳାକୁ ଶିଖୀ ।
କଣ ମାତ୍ରକେ ନ ଦହଇ ରଖି ।
କର ହେ, ଜନେ କୃଷ୍ଣ କୀର୍ତ୍ତନ ।
କର୍ଣ୍ଣରେ ଶୁଣ କୃଷ୍ଣ-କଥାମାନ । ୩୨ ।
କୃଷ୍ଣ ବଚନ ମହିମା ଏମନ୍ତ ।
କରି ଅମୃତବିନ୍ଦୁ ମୂର୍ତ୍ତିବନ୍ତ ।
କମ୍ବୁ ଚକ୍ର ଧରି ହୃଦେ ବିହରି ।
କରନ୍ତି ଜଠରଜଳରୁ ପାରି ।
କରଇ, ନାହିଁ ଯେ ତାହାଙ୍କୁ ସେବା ।
କୃତଘ୍ନ ସେହି ଲୋକକୁ ବୋଲିବା । ୩୩ ।
କୃଷ୍ଣ କଥାରେ ଯାର ସ୍ନେହ ନାହିଁ ।
କାଳେ ସଙ୍ଘାତକୁ ଦେଖିବ ସେହି ।
କାଳଦଣ୍ଡେ ସଙ୍ଘାତ ସେ ହୋଇବ ।
କଷ୍ଟସଙ୍ଘାତକୁ ନିଶ୍ଚେ ପାଇବ ।
କହଇ, ଦୀନକୃଷ୍ଣ ଏ କଥା ।
କେବେହେଁ ହୋଇବ ନାହିଁ ଅନ୍ୟଥା । ୩୪ ।

ଷଷ୍ଠ ଛାନ୍ଦ

ରାଗ—କୌଶିକ

କର୍ଣ୍ଣ ମନ ଦେଇ ଶ୍ରଦ୍ଧାବନ୍ତ ହୋଇ ଶୁଣ ଜନେ କୃଷ୍ଣଚରିତ ।
କଳାକର କରେ ଅନ୍ଧାର ପରିପ୍ରାୟେ ନାଶ ଯାଉ ସର୍ବ ଦୁରିତ ।
କଞ୍ଜନୟନ, ଅଞ୍ଜନବରନ କେଶବ ।
କାମପାଳ ସଙ୍ଗେ, ଘେନି ନାନା ରଙ୍ଗେ କରନ୍ତି ବାଳଲୀଳା ଭାବ । ୧ ।

Digitized by srujanika@gmail.com

କେତେବେଳେ ବଳେ ଗୋପସୁତ ମେଳେ ନବନୀତ ଘେନି ପଳାନ୍ତି ।
କେତେବେଳେ ଗୃହକର୍ମରୁ ବିରହ କରି ଜନନୀଙ୍କି ଚଳାନ୍ତି ।
କେତେବେଳେ ସେ, କୋଳକୁ ଗୋଳ କରି ରାଗେ ।
କେତେବେଳେ କାନ୍ଦ କଣ୍ଠେ କଣ୍ଠ ଛନ୍ଦି କାଖରେ ବସନ୍ତି ସରାଗେ । ୨ ।

କେତେବେଳେ ନନ୍ଦକାନ୍ଧେ ବସି ଚୃନ୍ଦ ମାଗନ୍ତି ରଜନୀ ସମୟେ ।
କରି ମନ ତୋଷ ଜହ୍ନମାମୁଁ ଆସ ଆସ ବୋଲନ୍ତି ନନ୍ଦରାୟେ ।
କେତେବେଳେ ସେ, କଳଭୁକେ ହୋଇ ଉତ୍ସାହା ।
କାମିକାମଦୁହା ଗୋଧନପୋରେହା ହୋଇ ଶିଖନ୍ତି ଗାଈଦୁହାଁ । ୩ ।

କମଳ-ନୟନ ନୟନମଣ୍ଡନ କ୍ରମେ ପାରିଲେ ବସ୍ତ୍ରା ରଖି ।
କଳାକରମୁଖୀ ଗୋପୀମାନେ ଦେଖି ମନେ ହୋଅନ୍ତି ମହାସୁଖୀ ।
କହିଁ ଗୋପିକା, କାରୁଣ ରସକୁ ବହଇ ।
କୃଷ୍ଣସ୍ନେହ ଘେନି ଯଶୋଦାଙ୍କୁ ମାନି ହୋଇ ସଖୀ ଆଗେ କହଇ । ୪ ।

କହିଁ ସୁଖ ନାହିଁ ନନ୍ଦଘରେ ଏହୁ ପୁଅ ଯାଏ ବୃନ୍ଦାବନକୁ ।
କରୁଣାହୃଦୟ ନୁହନ୍ତି ନିର୍ଦ୍ଦୟ ଧିକ ଏହାଙ୍କର ଧନକୁ ।
କହି ବିଧାତା, କଲ ଏମନ୍ତ ଅବିଚାର ।
କୋଟି ଲକ୍ଷ୍ମୀ ଯାହା ସେବାକୁ ଉତ୍ସାହା ସେ କରେ ବନକୁ ସଞ୍ଚାର । ୫ ।

କମଳଚରଣ ଅତ୍ୟନ୍ତ ଅରୁଣ କେତେ ଲକ୍ଷଣ ଅଛି ଦେଖି ।
କେମନ୍ତ ଉଜ୍ଜ୍ୱଳ ନଖରମଣ୍ଡଳ ପରାୟେ ତାରତର ନଖ ।
କହିଁ ଉପମା, କହି ଜାନୁ ଜଙ୍ଘ ଶୋଭାକୁ ।
କରିକଳଭର କରକୁ ଧିକ୍କାର ଶିଶୁ ମରକତ-ରମ୍ଭାକୁ । ୬ ।

କେମନ୍ତ ମଧ୍ୟମ ଅତି ମନୋରମ ଦଶେ ବିପୁଳ ବକ୍ଷସ୍ଥଳ ।
କୁବଳୟମାଳେ କୋକନଦ ଝୁମ୍ପା ପ୍ରାୟେ ଶୋଭେ ବାହୁଯୁଗଳ ।
କଥନୀୟ ତ, ନୋହଇ କଣ୍ଠ, କର୍ଣ୍ଣ, ନାସା ।
କବି କବି ହୋଇ କହିବ ବୋଇଲେ ମୁଖରୁ ନ ଆସିବ ଭାଷା । ୭ ।

କଳଙ୍କରହିତ କଳାକରଜିତ ଶ୍ରୀମୁଖ ସୁଖନିକେତନ ।
କେତେ କାଳ ବିହି କଳ୍ପତରୁକ ବହି ଗଢ଼ିଲା ଏ ରୂପରତନ ।
କରିଥାନ୍ତା କି, ଦଇବ ଏ ପୁଅ ଆସ୍ଥିର ।
କରନ୍ତାଇଁ ଇଷ୍ଟଦେବତାରୁ ଶ୍ରେଷ୍ଠ ବସାଇ ପଲଙ୍କ ଉପର । ୮ ।

Digitized by srujanika@gmail.com

କେମନ୍ତ ସୁନ୍ଦର କଳା କଳେବର କେମନ୍ତ ସୁରଙ୍ଗ ଅଧର ।
କେମନ୍ତ ନୟନ କଟାକ୍ଷର ଧନ୍ୟ ଲଲାଟପାଟୀ ମନୋହର ।
କେମନ୍ତ ମନ୍ଦ, ହସ କହିବା ଚତୁରତା ।
କେମନ୍ତ ପ୍ରକାରେ ନାଚଇ ସଧୀରେ କାମଧନୁଜିତା ଭ୍ରୂଲତା । ୯ ।

କମଳସମ୍ଭବ ଭବ ଆଦି ଦେବ ସ୍ତୁତି ଯାହାକୁ ତୁଚ୍ଛ ମାନି ।
କପିଳୀ ଧବଳୀ ନୀଳୀ କୁଞ୍ଜଗଲୀ ଗାଈ ଡାକିବାକୁ ସେ ପାନି ।
କାଳବଳ ଯେ, କାହାରି ଆୟତ୍ତ ନୋହଇ ।
କେମନ୍ତ ନୋହିଲେ ଶ୍ରୀବନ୍ତ ହୋଇଲେ କନ୍ଧେ ପଶୁରଜ୍ଜୁ ବହଇ । ୧୦ ।

କେ ବୋଲଇ ବଡ଼ ହେଲେହେଁ ଗଉଡ଼-ଘରେ ପଡ଼ିଲେ ଯେତେବେଳୁ ।
କଠାଉ ଦଉଡ଼ି ଶିକା ଭାର ବାଡ଼ି ଆସ୍ଥା ହେଲଣି ତେତେ ବେଳୁଁ ।
କାହୁଁ ଖାଇବେ, ନ ରଖିବେ ଯେବେ ଗୋଧନ ।
କେ ବୋଲେ ସେ ଯାହା ଜୀବିକା ସେ ତାହା ନ କଲେ କେହି ଯିବ ଦାନ ।

କମଳନୟନ ବନକୁ ଗମନ କରନ୍ତେ ପଡ଼େ ଏହି କଥା ।
କେ ହୋଏ ହରଷ, କେ ହୋଏ ବିରସ, କେ ଲଭେ ମନେ ମହାବ୍ୟଥା ।
କାମପାଳଙ୍କୁ, କେଶବ ଘେନି ସଙ୍ଗତରେ ।
କଉତୁକେ ବତ୍ସ ରଖୁଁ ରଖୁଁ ବତ୍ସାସୁରକୁ ମାଇଲେ ବୃକ୍ଷରେ । ୧୨ ।

କେତେ ଦିନେ ହରି ବକଥଣ୍ଟି ଚିରି କାଳସଦନ ଦେଖାଇଲେ ।
କରି ଗୋପସୁତମାନଙ୍କୁ ଚକିତ ବଚାଏ ମନେ ରଖାଇଲେ ।
କ୍ରମେ ବିନାଶ, କଲେ ସେ ଅର୍ଘା ଅସୁରକୁ ।
କଳୁଷ ପକାଇ ସୁରପୁରେ ଯାଇ ସମାନ ହୋଇଲା ସୁରକୁ । ୧୩ ।

କଳା ଗୋରି ବେନି ଭାଇ ବଡ଼ ଦାନୀ ଧାର୍ମିକ ବିବେକ ସୁଶୀଳ ।
କାଳକୁ କବଳ କରିଦେଲେ ତାଳ·ପରିଏ ତାଳବନ-ପାଳ ।
କରି ଅସୁର, କୁଳକୁ ନିର୍ମୂଳ କେଶବ ।
କୁଞ୍ଜକାନନରେ ବିରଜ ସଙ୍ଗରେ କରନ୍ତି ନାନାରୂପେ ଭାବ । ୧୪ ।

କେ କେକୀ ପରାୟେ ନାଚି ନାଚି ଯାଏ କେ ଦକ ପରାୟେ ବସନ୍ତ,
କେ ଭୃଙ୍ଗ ଝଙ୍କାର ଶୁଣି ଅହଙ୍କାର କରି ହୁଙ୍କାର ବିସ୍ତାରନ୍ତି ।
କେ କୀରଶିଶୁ, ମାନଙ୍କୁ ଗୋଡ଼ାଇ ଧରନ୍ତି ।
କେ କାହା କରରେ କର ମାରି ଖରେ ପଳାଇ ପ୍ରତିଜ୍ଞା କରନ୍ତି । ୧୫ ।

Digitized by srujanika@gmail.com

କେତେବେଳେ ବାହୁଯୁଗ୍ମ କରି କେହୁ ଭାବେ ହୋଅନ୍ତି ଧରାଧର,
କେତେବେଳେ ଫଳ ସମରେ ଚଞ୍ଚଳ କେତେ ବେଳେ ଆଖି ବୁଜାଳ ।
କେତେବେଳରେ, କୃଷ୍ଣ ହୋଅନ୍ତି ନରପତି ।
କରେ ଫୁଲଛତି ଧରି ସଖାପନ୍ତି ମଣିମା ମଣିମା ବୋଲନ୍ତି । ୧୬ ।

କଉତୁକେ ଖେଳ ଖେଳୁଁ ଖେଳୁଁ ବଳଦେବଙ୍କୁ ନିଅନ୍ତେ ପ୍ରଲମ୍ବ,
କି କି କରି ଜାଣି ଭାଙ୍ଗି ତାର ଆଣି ପରାଣ କଲେ ଅବଲମ୍ବ ।
କୁଞ୍ଜବିହାରୀ, ପୁଣି ଅଦ୍ଭୁତ କଥା କଲେ,
କରାଳୁଁ କରାଳ ଅତ୍ୟନ୍ତ ପ୍ରବଳ ମୁଞ୍ଜା ଦାବାନଳ ପିଇଲେ । ୧୭ ।

କୁଶକେତୁ ମନ ଭ୍ରମାଇଲେ ବନଭୋଜନ ବତ୍ସାହରଣରେ ।
କଲେ ଅତି ଖର୍ବ ଦେବରାଜ-ଗର୍ବ ଗୋମନ୍ତ-ଗିରିଧାରଣରେ ।
କରି ଉଶ୍ବାସ, କଙ୍କାଳକାଳ ନନ୍ଦବାଳ,
କଉତୁକେ ବନ ବିହରି ଗୋଧନ ରଖନ୍ତି ହୋଇ କାମପାଳ । ୧୮ ।

କୁମୁଦ ପ୍ରମୋଦ କମଳଙ୍କ ନିଦ ସମୟେ ଗୋପକୁ ଆସନ୍ତି,
କମନୀୟବେଶ ଧରି ପୀତବାସ ସୁନ୍ଦର ସୁନ୍ଦର ଦିଶନ୍ତି ।
କେକୀକଳାପ, କଳାପେ ରଞ୍ଜିତ ମୁକୁଟ,
କାଦମ୍ବିନୀ-କାଳେ କଳମେଘ କୋଳେ ଇନ୍ଦ୍ରଧନୁ ଯେହ୍ନେ ପ୍ରକଟ । ୧୯ ।

କଳକର ଅର୍ଦ୍ଧ କପାଳରେ ଊର୍ଦ୍ଧ୍ବ କସ୍ତୁରୀତିଳକ ବିରାଜେ ।
କାମିନୀଙ୍କି କାମ କରବାଳ ସମ ଗୃହିଁଲେ ମର୍ମଦେଶେ ବାଜେ ।
କପାଳପଟ, ତଟେ ଗୁଞ୍ଜାରୀ ମୁଣ୍ଡମାଳ,
କବା ଅରବିନ୍ଦ ପାଶେ ଅଳିବୃନ୍ଦ ରହେଁ ଅଙ୍ଗକୁ ଅଙ୍ଗ ଢଳ । ୨୦ ।

କର୍ଣ୍ଣେ କମନୀୟ ମହାମଣିମୟ ମକରକୁଣ୍ଡଳ ଚଳନ୍ତି ।
କମଳ ଉଭୟପାଶେ ସୁଖୋଦୟ ଯୁଗଳ ମିନ କି ଖେଳନ୍ତି ।
କାବ୍ୟ ତାରଠୁଁ, ତାର—ମୋତି ନାସେ ଲୁଲଇ,
କରିବାକୁ ସଙ୍ଗ ଅଧର ସୁରଙ୍ଗ ଲୋହିତ ଅଙ୍ଗକୁ ବଳଇ । ୨୧ ।

କଣ୍ଠେ ତାର ହାର କାଳିନ୍ଦୀବିହାର କରେ କି ରାଜହଂସପନ୍ତି ।
କାଳିକାକୋଳରେ ନାଦରହିତରେ ବଳାକାବଳୀକି ଚଳନ୍ତି ।
କଟିତଟରେ, ପରିଧାନ ପୀତବସନ ।
କନକ କିଙ୍କିଣୀ ଶ୍ରେଣୀ ତହିଁ ପୁଣି କରନ୍ତି ମଧୁର ନିସ୍ବନ । ୨୨ ।

Digitized by srujanika@gmail.com

କରେ ଘୁବଳୟ ଫୁଲ କୁବଳୟ ଅଙ୍ଗେ ମଣ୍ଡିତ ଗୋରୁଧୂଳି,
କଦମ୍ବ କୁସୁମ ଶୋଭାକୁ ସୁଷମ ଦଶଇ ରଙ୍ଗଜାମୁଡାଳି,
କନ୍ଧେ ଉତ୍ତରୀ—ଛନ୍ଦେ ବନମାଳ ଲମ୍ବିତ ।
କୁସୁମରସରେ ମାତ୍ତ ମଧୁକରେ ମହାସୁଖଭରେ ଚୁମ୍ବିତ । ୨୩ ।

କେ ଦେଣୁ ଶୃଙ୍ଗରେ ବିବିଧ ରଙ୍ଗରେ ଗୀତ ଶବ୍ଦମାନ କରେ ।
କେ କାହାକୁ ବଳି ପଭରକାହାଲୀ ବଜାଇ ମହାମନୋହରେ ।
କଉତୁକେ କେ, କଟିରେ କରତାଳି ବଜାଇ,
କରେ କେ ଗଉଡ଼ନାଟ କେ ଗଉଡ଼ଗୀତ ଆନନ୍ଦମନେ ଗାଇ । ୨୪ ।

କରି ଅଗ୍ରସର ସୁରଭିନକର ପଛେ ବିଜେ ଯଦୁଚନ୍ଦ୍ରମା,
କରି ଏହି ଲୟେ ବରଜତନୟେ ଗ୍ରହଗଣ ପ୍ରାୟେ ଉପମା ।
କଳାନିଧାମୀ, ଗୋପିକା ତୃଷିତ ଚକୋରୀ ।
କରନ୍ତି ନୟନଚଞ୍ଚୁଦ୍ୱାରେ ପାନ ଶୋଭା-ଅମୃତ ପୂର୍ଣ୍ଣ କରି । ୨୫ ।

କେ ଡାକେ ଧବଳୀ, କମଳୀ, ଚଞ୍ଚଳୀ, କେ ଡାକେ ନୀଳୀ, ପଦ୍ମଳୀ ।
କେ ବୋଲଇ ହଂସୀ, କେ ବୋଲଇ ବଂଶୀ ପ୍ରିୟ ବହୁଳୀ, କୁଞ୍ଜଗଳୀ ।
କେତେ ପ୍ରକାରେ, ଡାକେ କେ କେତେ ନାମ ଧରି ।
କେ କହିବ ଶୋଭା ଜନ-ମନଲୋଭା ଯେମନ୍ତ ସମୁଦ୍ର-ଲହରୀ । ୨୬ ।

କାମ-ଶାଣବାଣ ପରାୟେ ଅରୁଣ କଟାକ୍ଷ ପଡ଼େ ବେନିପାଶେ,
କି ସବ୍ୟସାଚିତ୍ୱ ସାଧୁଅଛି ଚିତ୍ରଜାତ ଜଗତଜୟ ଆଶେ ?
କହି ନୋହଇ, ମଧୁର ମୃଦୁ ମନ୍ଦ ହାସ ।
କାମିନୀ ମୋହିବା କେତେ କଥା ଅବା କାମ ଦେଖିଲେ ହେବ ଦାସ । ୨୭ ।

କେଉଁ ଗୋପୀ ଦେଖି ଧଇର୍ଯ୍ୟ ନ ରଖି କରେ ମଧୁର ଅଙ୍ଗଭଙ୍ଗ ।
କର୍ଣ୍ଣକଣ୍ଡୁ ଛଳେ କର ଟେକି ହେଲେ ବଶ କରଇ ଶିଖୀରଙ୍ଗ ।
କେଉଁ ଯୁବତୀ, କରଇ କନ୍ଦରଗତି ।
କୁଚରୁ ଅଞ୍ଚଳ ଖସାଇ ଚଞ୍ଚଳ କରଇ ଯଦୁପତିମତି । ୨୮ ।

କେଉଁ ଗୋପୀ ବିଷ ସମ କରି ବେଶ ପ୍ରବେଶ କୃଷ୍ଣ ଦର୍ଶନକୁ ।
କମଳ-କୁମାର-କୁମାର-କୁମାର-ଯାନକୁ ଦେଇ ପ୍ରସନ୍ନକୁ ।
କେଉଁ ଗୋପିକା, ଜାନୁ କଦଳୀବୃକ୍ଷ ରୂପି ।
କନକକଳଶ କମନୀୟବେଶ କୁଚ ମଙ୍ଗଳକୁମ୍ଭ ସ୍ଥାପି । ୨୯ ।

Digitized by srujanika@gmail.com

କଚ୍ଛିଣ୍ଟି ଧବଳ ଗନ୍ଧସାର ଛଳ ଆସ୍ୱେ ବେଢ଼ାଇ ପୀତବାସ ।
କୁବଳୟ ଫଳ ଆସନ ମଣ୍ଡଳ ପଦ୍ମାବଳୀ ପଦ୍ମବିଶେଷ ।
କରୁଅଛନ୍ତି ସେ, ମନ୍ଦହାସରେ ମୂର୍ଚ୍ଛବୃଷ୍ଟି ।
କାନ୍ତିରେ ଉଜ୍ଜ୍ୱଳ ଶ୍ରୀମୁଖମଣ୍ଡଳ ଦର୍ପଣ ନେନ୍ତ୍ର ଜୀବପ୍ରୋଷ୍ଠୀ । ୩୦ ।

କହି କେ ପାରିବ ସେ କାଳ ଉତ୍ସବ ଯେତେ ହାବ-ଭାବ ବିଭାବ ।
କଟାକ୍ଷେ କଟାକ୍ଷ ଭେଟରେ ପ୍ରତ୍ୟକ୍ଷ ହୋଉଛନ୍ତି ଯହିଁ ମନୋଭବ ।
କଉଁ ଗୋପିକା, କୁଚ ଶ୍ରୀଫଳ ଘେନି କରି ।
କଲ ନିମନ୍ତ୍ରଣ ଆହୁଁ ମୋର ପ୍ରାଣ-ନାଥ ତୁମ୍ଭେ ହେ ବେଣୁଧାରୀ । ୩୧ ।

କେ ବାହୁଯୁଗଳ କରି ଫୁଲମାଳ ମାନହିକେ କଲ ବରଣ ।
କେ ମନ-ବଚନ-କର୍ତ୍ତବ୍ୟରେ ଲୀନ କରି କୃଷ୍ଣେ ହେଲ ଶରଣ ।
କେତେ କହିବି, ଜଣ ଜଣକେ ଏହି ରୂପେ ।
କଲେ ସ୍ୱୟମ୍ବର ହରିତଅମ୍ବର ଅନଙ୍ଗ ଦେଇ ଫୁଲରୂପେ । ୩୨ ।

କାମ ଏକାଦଶ ଠାରୁ ପ୍ରତିଆଶା ରହିଲ ନବମ ସରିକି ।
କେ କେତେହେଁ ଭୋଗ କରିବାକୁ ଯୋଗ ଅଛି ତାହା କହିପାରି କି ।
କହି ବସିଲେ, ହେବ ଏ ଲୂତାସୂତା ପ୍ରାୟେ ।
କହୁଁ ଯାହା ଶେଷ ନ କରିବେ ଲେଶ କଳ୍ପାନ୍ତେ ନେନ୍ତ୍ର କର୍ଣ୍ଣଦ୍ୱୟେ । ୩୩ ।

କରୁଣା କଟାକ୍ଷ କଟାକ୍ଷେ ଅଲକ୍ଷ ଘେନାଘେନି ଭାବ ଦେଖାଇ ।
କଳାକର କରେ କୁମୁଦିନୀ କରେ ଯେସନ ହଂସକୁ ରଖାଇ ।
କଉତୁକରେ, ପୁରରେ ପ୍ରବେଶ ହୋଇଲେ ।
କର୍ମମାନ ସାରି କାମପାଳ ହରି ମଣୋହି ବିଢ଼ାଇ ଶୋଇଲେ । ୩୪ ।

କଳାପୀକଳାପ-କଳାପେ କଳାପ କମନୀୟବେଶ ଯାହାର ।
କରି ଅପାଣିରେ ଅବଧି ଦୂଆରେ ଗୋପସୁତେ କଲେ ବାହାର ।
କଉତୁକରେ, ଅତିଶୟ ମନ ହରଷେ ।
କଲ ତାଙ୍କୁ ଦୀନକୃଷ୍ଣ ଦରଶନ କପାଟପିଠା ଅବକାଶେ । ୩୫ ।

ସପ୍ତମ ଛାନ୍ଦ

ରାଗ—ପଞ୍ଚମ ବରାଡ଼ୀ । କଳସା ବାଣୀ ।

କମଳ-ନୟନ କୃଷ୍ଣ ଶ୍ରୀନନ୍ଦନନ୍ଦନ ।
କିଶୋରି ଗୋପୀଙ୍କ କୁଚ-କର୍ପୂର ଚନ୍ଦନ ।
କୋଟିକାମରୂପଧାରୀ ତ୍ରୈଲୋକ୍ୟବନ୍ଦନ ।
କାମିଜନମାନଙ୍କର ଶ୍ରୀହରିଚନ୍ଦନ । ୧ ।

କାଳିନ୍ଦୀଜଳ-କଲ୍ଲୋଳ-କୌତୁକକାରୀ ।
କଦମ୍ବତଳବିହାରୀ କଳବେଣୁଧାରୀ ।
କେକିପୁଚ୍ଛମଣ୍ଡନ କନକକାନ୍ତିବାସ ।
କାମକେଳି କରିବାକୁ କଲେ ଅଭିଳାଷ । ୨ ।

କଲେ ଦୂତୀ ଜରତୀ ନର୍ତ୍ତକୀ ବେଶଧାରୀ ।
କୁସୁମମାଳାକାରିକା ଶିଳ୍ପୀ ବିଦ୍ୟାଧରୀ ।
କୁଞ୍ଜକାନନ, କୁସୁମଶୋଭା ନଦୀତଟ ।
କମଳଦ୍ୱୀପ ପରିଖ ଆଦି ପାଣିକୁଟ । ୩ ।

କଉତୁକେ ଏ ସଙ୍କେତ ସ୍ଥାନକୁ ସମ୍ବାଦ ।
କରୁଥାନ୍ତି ସଞ୍ଚାର କୁଳଟା-ମନଭେଦ ।
କୁଜ୍‌ଝଟି ହିମ ରଜନୀ ମହାଅନ୍ଧକାର ।
କୋଳାହଳ ପୂରବାହ ପବନ ପ୍ରଚାର । ୪ ।

କଳାକର ଉଦୟ ମଧ୍ୟା ଉତ୍ସବକାଳ ।
କଠିକ ଗହଳ ସନ୍ଧ୍ୟା-ପରବେଶ-ବେଳ ।
କାମୀ କାମିନୀଙ୍କୁ କର୍ମ ସମୟ ଏ ଯେଣୁ ।
କରୁଥାନ୍ତି ଏହି କାଳ ମନେ ବାଞ୍ଛା ତେଣୁ । ୫ ।

କପଟକୁଶଳ କାମରୂପୀ ଯଦୁପତି ।
କେତେବେଳେ ଧରିଥାନ୍ତି କେମନ୍ତ ମୂରତି ।
କେତେବେଳେ ବାଟୋଇ, ଶଙ୍ଖାରି, କଇବର୍ତ୍ତି ।
କେତେବେଳେ ମାଳୀ କେତେବେଳେ କଳାଭୂତ । ୬ ।

Digitized by srujanika@gmail.com

କେତେବେଳେ ଘଟୁଆଳ ଘଟ ସ୍ଥାପି ବାଟେ,
କାମିନୀଙ୍କି ରତିଦାନ ମାଗିବା କପଟେ ।
କେତେବେଳେ ବଂଶୀରେ ଗଉଡ଼ଗୀତ ଗାଇ ।
କୁଞ୍ଜବନକୁ ନିଅନ୍ତି ଉଛାହ କରାଇ । ୭ ।

କେତେବେଳେ ହୋଇଥାନ୍ତି କଳାମେଘ ପ୍ରାୟେ ।
କଳାପମୁକୁଟ ଇନ୍ଦ୍ର କୋଦଣ୍ଡ ଉଦୟେ ।
କାବ୍ୟତାର ମୋତିହାର ବଳାକାମଣ୍ଡଳୀ ।
କନକକାନ୍ତି ବସନ ଝଟକ ବିଜୁଳି । ୮ ।

କିଙ୍କିଣି ମଞ୍ଜୁଳ ରବ ମଧୁର ନିର୍ଘୋଷ ।
କହିବା ଗୃହୁସ୍ଥି ବରଷଇ ଘନରସ ।
କାହାର ନୟନ ଚାତକକୁ ନ ରୁଚଇ ।
କଉଁ ଗୋପୀ ମନମତ୍ତକେକୀ ନ ନାଚଇ । ୯ ।

କଉଁ ଦିନ ହୋଇଥାନ୍ତି ନଟବରବେଶ ।
କପାଳେ ଗଉରା ଚିତା କର୍ଣ୍ଣେ ଅବତଂସ ।
କଟାକ୍ଷେ ସୁମନ ଦଶ ଉଛାହକୁ ରଖି ।
କଥାପ୍ରସଙ୍ଗେ ମୋହନ୍ତି କଳାକରମୁଖୀ । ୧୦ ।

କଉ ଦିନ ସର୍ବାଙ୍ଗେ ଚନ୍ଦନ ପୀତବାସ
କସ୍ତୁରୀ ତିଳକ ଗଜକପାଳେ ପ୍ରକାଶ ।
କୃକାଟିକା ନିକଟକୁ କମନୀୟ ଜଡ଼ା ।
କେତକୀ ପାଖୁଡ଼ା ଝର ନାସାଧଉବଡ଼ା । ୧୧ ।

କେତେବେଳେ ବହିର ଚନ୍ଦ ମାରଜନୀରେ ।
କରନ୍ତି ଜଗତବଶ ପାବବଣୀଦ୍ୱାରେ ।
କର୍ଣ୍ଣେ ଶୁଣି ଗୋପସୁତେ ହୋଅନ୍ତି ବାହାର ।
କରଇ ନାଗକ ଯେସନ୍ତେ ନାଗଧନିସ୍ୱର । ୧୨ ।

କଉ ଖୋପାଙ୍କ ଅନାଇ ପରିହାସ କରି ।
କଚକମ୍ଭେ ଜୀବନ ତ ନେଉଅଛୁ ହରି ।
କହଇ କାରଙ୍ଗଦୃଶା ଯାହାର ଯେ କର୍ମ ।
କଲେ ସେ ତାହାର ଧର୍ମ ନ କଲେ ଅଧର୍ମ । ୧୩ ।

Digitized by srujanika@gmail.com

କାହାକୁ ବୋଲନ୍ତୁ ତୋର କଟି ଅତି ସରୁ ।
କୁଚ ତୋ ମେରୁପର୍ବତଠାରୁ ଅତି ଗରୁ ।
କରିବର ପ୍ରାୟେ ଏଥି ଗମନ ତୁ କରୁ ।
କଉଁ ଲୋକ ଏଥି ତୋତେ ବୋଲୁଥାଇ ଭୀରୁ । ୧୪ ।

କୁବଳୟନୟନୀ ହସି ବୋଇଲା ହେ ହରି ।
କେତେବେଳେ ଫଳ କି ଲତାକୁ ହୋଏ ଭାରି ।
କରେ ଧଇଲ ପର୍ବତ କୋହ୍ନଲ ସେ ଚରି ।
କହୁଥାଅ କି କରି କଥା ହେ ପଦ୍ମନେତ୍ର । ୧୫ ।

କେହି ଅଛି କି ବିବେକ ଏ ଗୋପନଗରେ ।
କରନ୍ତାଇ ପ୍ରତ୍ୟକ୍ଷ ପରୀକ୍ଷା ଏହିଠାରେ ।
କୁଞ୍ଜକୁଟୀରେ ବସାଇ ନିଅନ୍ତୁ ତୁମ୍ଭଙ୍କୁ ।
କରୁଥାଅ ଚତୁରାଇ-ପଣ ତ ଆମ୍ଭଙ୍କୁ । ୧୬ ।

କୃଷ୍ଣ ହସି ବୋଇଲେ ମୁଁ ପାଇଲି ପାଇଲି ।
କି କହିବି ଅଧିକ ତୋ କୋପର ହୋଇଲି ।
କାମିନୀ ବୋଇଲା ମୁଁ ତୁମ୍ଭର ଦାସୀ ସିନା ।
କରିଥିବ କୃପା ମୋତେ ଲଜ୍ଜା ପାଇ କିନା । ୧୭ ।

କାହାକୁ ବୋଲନ୍ତୁ ତୋତେ କେ ବୋଲେ ଅବଳା ।
କଥା ଗୋଟିକେ ଗୋଟିକେ ବିଚିତ୍ର ତୋ ଲୀଳା ।
କରିବର ବସାଇଛୁ କେଶରୀ ଉପରେ ।
କେହି ତ ଏକଥା କହି ନାହିଁ ଏ ସଂସାରେ । ୧୮ ।

କଟାକ୍ଷରେ ଆଜ୍ଞାକାରୀ କରାଇ ମାରକୁ ।
କରୁ ବଶ ବ୍ରହ୍ମାଦି ଶଙ୍କର ଅମରଙ୍କୁ ।
କହୁଁ କହୁଁ ମୋର ଅଙ୍ଗ ଯାଉଅଛି ଗ୍ରାସି ।
କୃଷ୍ଣ ବୋଲେ ମନ୍ଦ ହସ କହେ ମଦାଳସୀ । ୧୯ ।

କିରଣି ଆମ୍ଭର ଧରଣୀରେ ଅଛି ଏତେ ।
କଟାକ୍ଷ ମାତ୍ରକେ କାମକରେ ବ୍ରହ୍ମ ପଡ଼େ ।
କରିବ ନାହିଁ ଅବଳାଶବଦକୁ ହେଳା ।
କାମସିନ୍ଧୁ ପାରକୁଟି ଆତ୍ମେମାନେ ଭେଳା । ୨୦ ।

Digitized by srujanika@gmail.com

କୃଷ୍ଣ ହସି ବୋଲନ୍ତି ମୋହର କାର୍ଯ୍ୟ ଏତେ ।
କହିବାର ଅଧିକ କୃତାର୍ଥ କଲ୍ ମୋତେ ।
କାମଦୁହା ହୋଇଲ୍ ମୋହୋର ଆଜଠାରୁ ।
କରିଥିବୁ କୃପା ଏକା କନକରମ୍ଭୋରୁ । ୨୧ ।

କାହାକୁ ହରଷରେ ବୋଲନ୍ତି ଆଗୋ ଗୋପି ।
କହ କହ କୁଚ କି ତୋହର କାମରୂପୀ ।
କାଲେ ହୋଇଥିଲା ଏ ତ କୁଡ୍ମଲ ପର୍ଯ୍ୟେ ।
କଦମ୍ବକୋରକ ସମ ଦଶିଲ୍ ସମୟେ । ୨୨ ।

କ୍ରମେ କନକକନ୍ଦୁକ ଛବିକି ପାଇଲ ।
କାମ କଚ୍ଛତୁକୀ କାମୀ-ଅଙ୍ଗକୁ ମାଇଲ ।
କଠିନ ବର୍ତ୍ତୁଳ ହେଲ ଶ୍ରୀଫଳ ସୋଦର ।
କି କହିବ କେତେ ରୂପେ ହେଲ ମୋ ଆଦର । ୨୩ ।

କାନ୍ତିବନ୍ତ ମାତୁଲଙ୍ଗ ପ୍ରାୟେ ଯେବେ ହେଲ ।
କନ୍ଦର୍ପଜ୍ୱରରେ ମନ ଏଥିରେ ରହିଲା ।
କରିକୁମ୍ଭ ରୂପରେ ଭାଙ୍ଗିଲ ମୋର ଦମ୍ଭ ।
କେତେ ପ୍ରକାରେ ବଢ଼ୁଛି ଏହାର ଆରମ୍ଭ । ୨୪ ।

କୁଶଳ ରସାଳ ସମ ହେବାରୁ ତାଳକୁ ।
କେତେ ଅବା ପାଇ ନାହିଁ ମନ ଉତ୍ତାଳକୁ ।
କଲା ଯେବେ ନିନ୍ଦା କଳଧଉତ ଫଳୁଆ ।
କେତେ ଅବା ହୋଇ ନାହିଁ ହୃଦୟ ହରୁଆ । ୨୫ ।

କ୍ରମଶରେ ଯେବେ ତୁମ୍ବୀ ପର୍ଯ୍ୟେ ଦଶିଲା ।
କଚ୍ଛବୀକୁ ବୀଣା ମୋର ମାନସ ରସିଲା ।
କେତେ କହିବ ତୋହର କୁଚର ଉପମା ।
କୃପଣ କାମଭଣ୍ଡାର ନୋହିବ ଏ ସୀମା । ୨୬ ।

କମଳା ହୋଲେ କନ୍ଦର୍ପ କି କରିବ ଅବା ।
କହ ଯାହା ଇଚ୍ଛା କରିଅଛ ତାହା ଦେବା ।
କୃଷ୍ଣ ବୋଇଲେ ରଙ୍କର ଇଚ୍ଛା ଏ ଭୋଜନ ।
କେବଳ ଲୋଭରୁ କର ସବୁଠାକ ମନ । ୨୭ ।

Digitized by srujanika@gmail.com

କର୍କଶୀ ତେଜସ୍ୱୀ ଏ ସହଜ ମହାରାଜା ।
କେବଳ ଏହାଙ୍କ ତଳେ ହେବି ମୁଁ ପରଜା ।
କର ଦେଇ ନିରନ୍ତରେ କରିଥିବି ସେବା ।
କିଛି ମାଗୁ ନାହିଁ ମୋର ଏତେହେଁ କହିବା । ୨୮ ।
କହଇ ଗୋପିକା ବ୍ରଜରାଜ ହୋଇକରି ।
କରିବ କେଁମନ୍ତେ ସେବା କହ ତ ବିଗୁର ।
କୁହାଇ ଏମନ୍ତ କରି ପ୍ରୀତି-ସ୍ନେହବାଣୀ ।
କିପାଁ ନୋହିଲେ ତୁମ୍ଭେ ପୁରୁଷଶିରୋମଣି । ୨୯ ।
କୁସୁମଳିଟ କଠିନ କାଠକୁ କାଟଇ ।
କୋମଳ ଭ୍ରବରୁଁ କରି ଫୁଲକୁ ଖଟଇ ।
କରଇ ଯେ ନାରୀଙ୍କି ଏରୂପେ ଆଶ୍ୱାସନା ।
କୋଟି-ବ୍ରହ୍ମାଣ୍ଡେ ନାଗରବର ସେହି ସିନା । ୩୦ ।
କୃଷ୍ଣ ଗୋପୀଙ୍କର ଯେଉଁ ଯେନାଯେନ ବାଣୀ ।
କହି ଶେଷ କରିବାକୁ କେ ଅଛି ଧରଣୀ ।
କଠୋର ରସିକେ ଏଥି ଭାବ ନ ଜାଣନ୍ତି ।
କମଳ ମଣ୍ଡୂକ ପ୍ରାୟେ ତାହାଙ୍କର ରୀତି । ୩୧ ।
କଳାକର ଉଦେ ହେଲେ ଚନ୍ଦ୍ରମଣି ଦ୍ରବେ ।
କେତେବେଳେଁ ଅକର୍ମଶିଳାରୁ ନୀର ସ୍ରବେ ।
କୋମଳ କରି ଗାଇଲେ ପଦ୍ମତୋଳା ଗୀତ ।
କରେ ମାଟି-ମାର୍ଜାର ଫଣି ଫଣା ଉନ୍ନତ ? ୩୨ ।
କାହାକୁ ବୋଲନ୍ତି ହର କାଂ ଭାଗ୍ୟ ତୋହର ।
କୁଟିଛଳେ ବାହୁମୂଳେ ରଖିଛି ଶଙ୍କର ।
କାବ୍ୟତାର ମୋତିହାର ଗଙ୍ଗାଧାରେ କହି ।
କି ଶୋଭା ଦିଶନ୍ତି ଆହା ଅନଙ୍ଗବଇରୀ । ୩୩ ।
କମଳ ପ୍ରାଣି ଲାଗି ହୁଅନ୍ତି ଠିକ ନୀତ ।
କହ କହ ରସବତୀ ବିରକ ସୁବ୍ରତ ।
କେବଳ କଥାଏ ମୁଁ ଦେଖିଲି ବିପରୀତ ।
କରେ ନାହିଁ ଅର୍ଦ୍ଧଇନ୍ଦୁ ଅମ୍ବରେ ଶୋଭିତ । ୩୪
କଲ୍ପଣା କରନ୍ତି ନାଭି ସୋମସୂତ୍ର ପ୍ରାୟେ ।
କଉଁ ମହେଶ୍ୱର ଏ ତ ଆଗରେ ନ ଥାଏ ।

Digitized by srujanika@gmail.com

କେବଳ ଏ ବଦନେ ବ୍ମାତେ ଜୋହୁଲେ ପ୍ରସନ୍ନ ।
କରନ୍ତୁ ମୁଁ ପାଣିଲଗି ହେଲେ ତୋଷମନ । ୩୫ ।
କନ୍ଦର୍ପ ପରୀକ୍ଷା ଆଗେ କହୁ କର ମୋତେ ।
କରୁ କି ନା ନୂଆମାଳ କୁସା ଥିଲେ ଚିତ୍ତେ ।
କେଶରମଧ୍ୟମା ବୋଲେ କରାଇବା ସେବା ।
କଲ ଯେବେ ମନୋରଥ ସ୍ୱୟମ୍ଭୂ ସେବିବା । ୩୬ ।
କନ୍ଦର୍ପକଳା-କୁଶଳା ହୋଇଥିବ ବାଳା ।
କରୁଥିବ ଗାଢ ଭ୍ରୂଭଙ୍ଗ କଟାକ୍ଷଲୀଳା ।
କର୍ଣ୍ଣରେ କୁଣ୍ଡଳ ହେଉଥିବ ଦୋଳାୟିତ ।
କଲେ ତା ଦର୍ଶନ ନୋହେ କଉଁ ସୁଖ ଜାତ । ୩୭ ।
କଣିଆଇଁ ଗୁହୁଁଥିବ ନାସିକା ଫୁଲାଇ ।
କହୁଥିବ ବଙ୍କବାଣୀ ଅଳପ ଗେଲାଇ ।
କର୍ଣ୍ଣ ତାହା ଶୁଣୁଥିବ ଦେଖୁଥିବ ନେତ୍ର ।
କଲେ ତାରତମ୍ୟ ସ୍ୱର୍ଗସୁଖ କେତେ ମାତ୍ର । ୩୮ ।
କେବଳହିଁ ନୋହୁଥିବ ଅତ୍ୟନ୍ତ ଉଦ୍ଧତ ।
କେତେବେଳେ ନୋହୁଥିବ ଅତି ଲଜ୍ଜାବନ୍ତ ।
କହିବାକୁ କହୁଥିବ ସ୍ନେହଗର୍ଭ ବାଣୀ,
କି କରିବ ଇନ୍ଦ୍ରସୁଖ କର୍ଣ୍ଣେ ତାହା ଶୁଣି । ୩୯ ।
କବି ହୋଇ କରୁଥିବ ନିର୍ମଳ କବିତ୍ୱ ।
କର୍ଣ୍ଣ ଦେଇ ଶୁଣୁଥିବ ରସିକ ପଣ୍ଡିତ ।
କଣ୍ଠିତ କରି ଆସ୍ୱାଦ କରୁଥିବ ତାହା ।
କହେ କୃଷ୍ଣ କି ମଧୁରେ ଲେଖିବ ମୁଁ ଏହା । ୪୦ ।

Digitized by srujanika@gmail.com

ଅଷ୍ଟମ ଛାନ୍ଦ

ରାଗ—ଅହାରୀ

(ଦୁତାଇ ବାରମାସୀ ବାଣୀରେ ଗାଇବ)

କରୁଥିବ ହଂସ ପର୍ଯ୍ୟୟେ ଗମନ କଉଁ କଳାହଂସଗମନା,
କରୁଥିବ ହଂସ ପରଯ୍ୟେ ନିସ୍ୱନ ହଂସକ ହାଟକବରନା ।
କନ୍ଦର୍ପ-ମଦରେ ହୋଇଥିବ ଅନ୍ଧ,
କରୁଥିବ ବାମ ଅବାମେ କଟାକ୍ଷ ଦେଖି ହରିବ ଧୈର୍ଯ୍ୟବନ୍ଧ । ୧ ।

କରୁଥିବ ଦୃଷ୍ଟି ସୁଧାପ୍ରାୟେ ବୃଷ୍ଟି ଦୂରରୁ ପକାଇ ଅବଳା,
କୁଚମୂଳୁଁ ବାସ ଅଳପ ଉଶ୍ୱାସ କରି ଦେଖାଉଥିବ ଲୀଳା ।
କି ଅବା, କଉତୁକେ କର ତୋଳିବ,
କାମ-କଳ୍ପବୃକ୍ଷେ ସେହିଟି ପ୍ରତକ୍ଷେ ଅତିଶୟ ଫଳ ଫଳିବ । ୨ ।

କରି ମନ୍ଦହାସ ନୟନ ପ୍ରକାଶ କରି କରୁଥିବ ଅନ୍ତର,
କାମୁକଅଙ୍ଗରେ ସେହିଟି ଅନଙ୍ଗଭୂତ ଲଗାଇବା ମନ୍ତ୍ର ।
କେତେ ବା, କହିବ ଅନୁଭବ କଥା,
କହୁଥିଲେ ପଦେ ପଦେ ସୁଖ ଉଦେ କେବଳ ଗୁଆଁରକୁ ବ୍ୟଥା । ୩ ।

କୃଷ୍ଣ ଗୋପୀ ବିନୁ ସହଜେଟେହିଁ ଅନୁଭବ ଜାଣନ୍ତା ନାହିଁ କେହି,
କହିବା ଗୁହିଁବା ମୋହିବା ହସିବା ରସିବା ତୋଷିବାକୁ ସେହି ।
କଥାରେ, ଯଉଁ ଭାବରେ ସେ ଛଳନ୍ତି,
କଉଁ ରସିକ ରସିକାଣୀ ଜାଣିମ କବି ତା ମନେ ନ କଳନ୍ତି । ୪ ।

କଉଁ ରମଣୀମଣି ଏଣୀନୟନୀ ସୁବେଣୀ ସୁବେଣୀ ଅନାଇଁ,
କହନ୍ତି ସୁବାଣୀ ସୁବାଣୀ ତୋଟେତ ତ କେବେହେଁ ବିଶ୍ୱାସ ନ ଯାଇ ।
କନ୍ଦର୍ପ, ଗୁପତ ଶାଣ ସ୍ନେହ ଦେଇ,
କାହା ମର୍ମକୁ ମାରିବାକୁ ରଖିଛୁ ଅମୋଘ ବଣରେ ବସାଇ । ୫ ।

କାହାକୁ ବୋଲନ୍ତି ଆରେ କୁନ୍ଦଦନ୍ତି, ତୁ ମୋର ପଞ୍ଚଭୂତ ପ୍ରାଣ,
କାମ-ପଞ୍ଚବାଣ ମୁଖୁଁ ପରିତ୍ରାଣ କରିବାକୁ ତୁହି କାରଣ ।
କିଶୋରି, କଲ୍ପ ତ ଏବେ ସବୁ ବଧ,
କାମମଣ୍ଡଳାର୍ଦ୍ଧ ମଣ୍ଡନ କରି ଯେ ଯାଚିଲା ତାର ସବୁ ସାଧ । ୬ ।

Digitized by srujanika@gmail.com

କରୁଣାଜଳଧି ନାମ ଅପ୍ରସିଦ୍ଧି କଲ ଏଠାରେ ପ୍ରାଣବନ୍ଧୁ,
କଣ୍ଠାଗ୍ରେ ନ ଗୁହୁଁ ବଚନ ନ କହୁ ଗଲ ଯା କାମ ବାନ୍ଧୁ ବାନ୍ଧୁ ।
କଶୋର, କାହାକୁ କରିବ ଗୁହାର,
କାଳ ନୃପେ ଭ୍ରାନ୍ତ ଅନ୍ଧ ଅଗ୍ରେ ନାଟ ପ୍ରାୟେ ମରୁଛନ୍ତି ଝୁରି ଝୁରି । ୭ ।

କରେ ବାସମୁଖ ମୁଖେ ଦେଇ ମୁଖ ତଳକୁ କଲା ଲଜବତୀ,
କଥା କହୁ କହି କହିଁ ସୁଖଶଶୀ ଦଅନ୍ତା କହ ହେ ସୁମତି ।
କହୁଁତ, କର କଲା, ଯାଁ କୋଣ ଦୃଷ୍ଟି ।
କୃଷ୍ଣହୃଦୟ-ଧଇର୍ଯ୍ୟ-କଣ୍ଟିକୁ ଯେ ହେଲା ନୀହାରବାରବୃଷ୍ଟି । ୮ ।

କାହାକୁ ଅନାଇଁ ହୃଦୟ ଯେନାଇଁ କହନ୍ତି ସଖି ତୋ ଶ୍ରୀଅଙ୍ଗ,
କେତକୀ ପରିପ୍ରାୟେ ହେଲେ କାନ୍ତିମଧ୍ୟେ ଭୋଗ ନ କଲା କୃଷ୍ଣ-ଭୃଙ୍ଗ ।
କାଳକ, ଏ ଶୋଭାଶଶୀ ନିକ ଥିବ,
କହଇ କମଳା କଳାଭୃଙ୍ଗ-ଲୀଳା ଚୁମ୍ବିଲା ମାତ୍ରେ ସିନା ଯିବ । ୯ ।

କଲେ ଦରଶନ ବନାୟୁକଜନ୍ମତିଥି-ଚନ୍ଦ୍ରମା ପରମାଦ,
କେବଳ ଦୁର୍ଲ୍ଲଭ ସୁଖ ଦୁଖ ଲାଭ ବହୁତ କାଳ ଅପବାଦ ।
କୃଷ୍ଣ ହେ, ଅକାଳ ଫଳ ଯେ ଦେଖଇ,
କାମ ଉତପାତ ହୁଅଇ ସାକ୍ଷାତ ତାହା ଭଲି ଟେସଁ ନ ରଖଇ । ୧୦ ।

କହିଁ କାମିନୀ ଯାମିନୀକର-ମୁଖୀ ସଉଦାମିନୀ ହେମଗୋରୀ,
କହୁଁତ ଲଜରେ ବାସ ଦେଇ ଶିରେ ସ୍ୱଧୀରେ ଗମନ୍ତେ ସୁନ୍ଦରୀ ।
କୋମଳେ, କହନ୍ତି ତାଙ୍କୁ ପଦ୍ମମୁଖ,
କେତେବେଳେ ଅନ୍ତ-ପଟ-ଅନ୍ତନୃତ୍ୟକାରୀ କି ନ ଦଶଇ ମୁଖ । ୧୧ ।

କାଚଘଟ-ଜଳ ଦଶେ ଢଳ ଢଳ ପ୍ରଭାଚକ୍ଷୁରେ ବର୍ଣ୍ଣି ପ୍ରାୟେ,
କଲେ ଝୀନବାସ ଅନ୍ତର ପ୍ରକାଶ ହୋଇଛି ଚମ୍ପାଫୁଲ ପ୍ରାୟେ ।
କମଳା, କାନନ ଅନ୍ତର କୁସୁମ,
କେବଳ ନ ଦେଖିଲେହେଁ ସୁବାସରୁ ବଳି ହୁଅଇ ମନୋରମ । ୧୨ ।

କାହା କୁଚ ଶିରଦେଶେ ମୋତିହାର ଦେଖି ବୋଲନ୍ତି ପ୍ରାଣଧନ,
କର୍ଣ୍ଣେ ଶୁଣୁଥିଲି ପୟୋଧର ବୋଲି ଏବେ ତ ହୋଇଲା ସେ ଘନ ।
କମଳା, କହିଁ ଏ ପୟକୁ ଛାଡ଼ୁଛି,
କେଉଁଠି ଦର୍ଶନ ହୋଇ ସୁପ୍ରସନ୍ନ କାମ ମୋ ହୃଦକୁ ତାଡ଼ୁଛି । ୧୩ ।

Digitized by srujanika@gmail.com

କାହା ଜାନୁ ଗୁହିଁ କହନ୍ତ ରେ ସହ କ ଶବ ଦେଖିଲ ତୋହୋର,
କରିକର ଶୁଣ୍ଡ କରଇଁ ବିନାଶ ଏକଥା ହୋଇଛି ଗୋଚର ।
କମଳା, ଏବେ ଦେଖିଲି ମୁଁ ପ୍ରତକ୍ଷେ,
କରିଅଛୁ ମନହସ୍ତିକି ବନ୍ଧନ ଜାନୁ ତରୁଣ ରମ୍ଭାବୃକ୍ଷେ ।। ୧୪ ।

କଳାକରକରେ ଅନ୍ଧକାର ହରେ ବିଧାନ ଏ ତ ବିଧାଚାର,
କଲେ ଯେ ବଦନଚନ୍ଦ୍ର ଦରଶନ କିପାଁ ଘୋଟେ କାମଅନ୍ଧାର ।
କମଳା, କହ ମୋତେ ଏଥି ଚରିତ,
କଥା କଥାଁକେ ତ ଦେଖିଲି ହେ ମିତ ତୋହୋରଠାରେ ବିପରୀତ । ୧୫ ।

କନକଲତାରେ କମଳକୋଳରେ ବିକାଶେ ବେନି ଇନ୍ଦୀବର,
କୁନ୍ଦକଳି ସଙ୍ଗେ ଫୁଟିଅଛି ରଙ୍ଗେ ବନ୍ଧୁଜୀବକ ମନୋହର ।
କମଳା, କୋକନଦରେ ଗନ୍ଧଫଳୀ,
କି କରି ବିଧାତା କରିଛି ଏ ଲତା ଶବକୁ ପଡ଼ିଅଛି ବଳି । ୧୬ ।

କାମ ଦିଗବିଜେ ରଥ ପ୍ରାୟେ ସଜେ ବନ୍ଧୁ ତୋହୋର କଳେବର,
କଳିତ ନିତମ୍ବ ଚକ୍ର ଅବଲମ୍ବ କରିଛି ଉତ୍ତମ ଅମ୍ବର ।
କମଳା, କି ତପ କରିଛି ଅନଙ୍ଗ,
କରି ମନୋରଥ ସମ୍ପୂର୍ଣ୍ଣ ଏ ରଥ ଆରୋହି ମଣ୍ଡେ ସବ ଅଙ୍ଗ । ୧୭ ।

କରୁଥାଇ ମନ ଏ ରଥେ ଗମନ କରିବାକୁ ନିତ ଶରଧା,
କୃପଣକୁ ଲୋଭୀ ଆଶା କଲା ପ୍ରାୟେ କେବଳ ପାଉଥାଇ ବାଧା ।
କମଳା, କହିଲେ କୋମଳ ବଚନ,
କେବଳ ସ୍ୱାଧୀନଭର୍ତ୍ତୃକା ପରିପ୍ରାୟେ ତୁହି ତ ନୋହୁ ପରସନ । ୧୮ ।

କୁନ୍ଦ ଇନ୍ଦୁ କାଶ କର୍ପୂର ବିକାଶ ମନ୍ଦହାସ କର ପ୍ରକାଶ,
କଳାତୋଳା ନେଇ ଅପାଙ୍ଗରେ ଥୋଇ କହେ ଗୋପୀ ବାଣୀପୀୟୂଷ ।
କୃଷ୍ଣ ହେ, କୁସୁମ ଭ୍ରମର ପୀରତି,
କଳାମେଘକୋଳେ ବିଜୁଳି ଚଞ୍ଚଳ ପରିପ୍ରାୟେ ପୁରୁଷଙ୍କ ରୀତି । ୧୯ ।

କହିଁ ଗୋପୀମୂର୍ତ୍ତି ଅନାଇ ବୋଲନ୍ତ ତୋ ଅଙ୍ଗ କାମସରୋବର ।
କାନ୍ତି ସ୍ୱଚ୍ଛଜଳ କେଶ ଶୈବାଳ ବଦନ କମଳ ପ୍ରକାର ।
କମଳା, ନୟନ ଯୁଗଳ ଶଫରୀ,
କୁଚ ଚକ୍ରବାକ ନଖ କହ୍ଲାରକ ସକଳଜନମନୋହାରୀ । ୨୦ ।

Digitized by srujanika@gmail.com

କର୍ମବିଫଳରେ ଏଡ଼େ ସଂଶୟରେ ନୋହିଲା ମୋର ଅପରାଧ,
କାହାକୁ କହିବ କେମନ୍ତେ ସହିବ ମଦନ ସନ୍ତାପ-ସନ୍ଦୋହ ।
କମଳା, କରନ୍ତି ଦିନେ ଜଳକ୍ରୀଡ଼ା,
କୃପଣର ଧନ ପରିପ୍ରାୟେ ତୋ ମନ ଲେଶେହେଁ ନ ତେଜିଲୁ ବ୍ରୀଡ଼ା । ୨୧ ।

କେଉଁ ସୁଶ୍ରୋଣୀକି ବୋଲନ୍ତି ଏଣିକି ଗୁହାଁରେ କଳକଣ୍ଠବାଣି !
କାମତରଙ୍ଗିଣୀ ମଧ୍ୟେ ମୋ ତରଣୀ ଭାସିଲାଟି ପ୍ରାଣମିତଣି,
କିଶୋର—ରତନ କର୍ଣ୍ଣଧାର ହୋଇ,
କରୁ କିନା ପାରି ପରମସୁନ୍ଦରୀ ଜାନୁଉଡ଼ୁପରେ ବସାଇ । ୨୨ ।

କେଉଁ ସୁରସିକା ବରଜନାୟିକା କାମ-କେଳି ଜୟପତାକା,
କରନ୍ତେ କାଳକାବେଳେ ଗତ ଏକା କୃଷ୍ଣ ବୋଲନ୍ତି ରେ ବାଳିକା ।
କାହିଁକି, କରୁଥାଅ ମୋତେ ନିରାଶ,
କଣ୍ଟକୀ ଫଳରୁ ସ୍ୱାଦୁ ବଦ୍ଧୁଳରୁ ତୋତେ ମୁଁ କରୁଥାଇ ଆଶ । ୨୩ ।

କେତେବେଳେ ପଯ୍ୟପେଠୀକି ହୃଦୟ ଘନରସ କରେ ଅନ୍ତର,
କେବଳ ବାହାର କର୍କଶ ତାହାର ହେଲେ ପ୍ରିୟ ନୋହେ କାହାର ।
କୁନ୍ତଳା; କରକା ପ୍ରାୟେ ତୋ ଚରିତ,
କଠିନ ଆଦ୍ୟରେ ହେଲେ କ୍ରମଶରେ ପଛକୁ ହୋଏ ଦ୍ରବୀଭୂତ । ୨୪ ।

କାହାକୁ ବୋଲନ୍ତି ଆରେ ରସବତି ରତିପତିଭୟମୋଚନା,
କାହିଁକି ହେଲୁ ତୁ ସୁମନସନ୍ତୁ କଳକଣ୍ଠ-କଣ୍ଠବଚନା ।
କର୍ଣ୍ଣରେ, ନ ଶୁଣିଲି ଦିନେ ସୁବାଣୀ,
କରମ ଅବଳ ଅମ୍ବୁଧରକାଳ ନାଶ କରୁଛି ସବୁ ଆଣି । ୨୫ ।

କୃପଣ ମାର୍ଗଣଠାରେ ଆଚରଣ କଲି ପ୍ରାୟେ ନୋହୁ ପ୍ରସନ୍ନ,
କଞ୍ଜ ଦରଶନ କମଳ ସମାନ ଦେଖି ମୁଦ ଯାଉ ଆନନ ।
କୁନ୍ତଳ, କର୍ମକୁ ବୋଲିବ ମୋହୋର,
କଳା ବୋଲି ଅବା କଟାକ୍ଷ କରିବା ଆଦର ନୋହିଲ ତୋହୋର । ୨୬ ।

କୁଟିଳକୁନ୍ତଳ ଭ୍ରୂଲତାଯୁଗଳ କଳମେଘ-ମିଶ୍ର ଅମ୍ବର,
କନକ କେତକ ଅଙ୍ଗକୁ ଏତେକ ନୋହୁଅଛି କା ଆଡ଼ମ୍ବର ।
କୁନ୍ତଳା, କର ତୁ ମନରେ ବିଚାର,
କଜ୍ଜ୍ୱଳ କୁରଙ୍ଗ-ମଦରୁ ମୋ ଅଙ୍ଗ ହେଲା କିକି ଏଡ଼େ ଅସାର । ୨୭ ।

Digitized by srujanika@gmail.com

କୃଷ୍ଣ ମସୀବିନ୍ଦୁ ଏତେ ବେଳେ ଇନ୍ଦୁ ଅଙ୍କେ ଶବ୍ଦଙ୍କୁ ମଣିଛୁ,
କପର୍ଦ୍ଦିବଇରୀ ଏହା ଘେନିକରି କାହାଁ ଧଇର୍ଯ୍ୟ ନ ଖଣ୍ଡିଛୁ ।
କୁନ୍ତଳା, କଳାରେ ନ କରବୁ ହେଳା,
କଳାବତୀ ହୋଇ କଳାବନ୍ତ ଠାଇଁ ଅବଶ୍ୟ ବଳାଇବୁ ଲୀଳା । ୨୮ ।
କାହାକୁ ବୋଲନ୍ତି ଆରେ ଶ୍ରଦ୍ଧାବତୀ କର କୁରୁଣ୍ଟକ ଦୋହଦ ।
କଦମ୍ବ ଦୋହଦ କରି ମୋ ମନରୁ ଛଡ଼ାଅ ମନମଥ ଖେଦ ।
କାମିନୀ, ମଞ୍ଜିଷ୍ଠା ଅନୁରାଗ କରି,
କେବେହେଁ କରୁଣା ନ କରନ୍ତୁ ଊଣା କହୁଛୁ ତୋର କର ଧରି । ୨୯
କେତେହେ କହିବ ହୃଦୟରେ ଭାବ କୃଷ୍ଣ ଗୋପୀ ସେହ ଉପର,
କଳା ଜଳଧର-ବୃଷ୍ଟି ନଇ ତାର ପର୍ଯ୍ୟନ୍ତେ ନୋହେ ସେ ଗୋଚର ।
କନ୍ଦର୍ପ, କଜ୍ଜଳୁକେ ଦାନ ହରନ୍ତି,
କଣ୍ଠ ସେ ଚରିତ ମନୋହର ଗୀତ କରି ଭବସିନ୍ଧୁ ତରନ୍ତି । ୩୦ ।
କମଳ କୁମୁଦବନଙ୍କୁ ପ୍ରମୁଦ କରେ ପୁଷ୍ପବନ୍ତ ଯେମନ୍ତ,
କୈବଲ୍ୟଦାୟକ ଦକ୍ଷିଣନାୟକ କୃଷ୍ଣ ଗୋପୀଙ୍କର ତେମନ୍ତ ।
କହଇ, ଦୀନକୃଷ୍ଣ ରସକଲ୍ଲୋଳ ।
କର୍ଣ୍ଣ ଦେଇ ଶୁଣ ରସିକ ସିହାଣ ବପୟୁରେ ନୋହି ଚଞ୍ଚଳ । ୩୧ ।

ନବମ ଛାନ୍ଦ

ରାଗ—ଭୈରବ । ଉଦ୍ଧବ ଚଉତିଶା ବାଣୀ ।

କର ସାଧୁଜନମାନେ ଏକମନ କର୍ଣ୍ଣ ଦେଇ କୃଷ୍ଣକଥାକୁ ।
କାଳକୁ ସଂଶୟ ନ ଥାଉ ଏ ଭବ-ଭୟ କାଳଦଣ୍ଡ ବ୍ୟଥାକୁ ।
କୃଷ୍ଣବିହାରୀ, ବିହରନ୍ତେ ଗୋପନଗରୀ ।
କଂସ ଆଜ୍ଞା ଆସି ଲଗିଲା ନନ୍ଦଙ୍କୁ ଦେବ କମଳ ଶତେ ଭାରି । ୧ ।
କଲେ ନନ୍ଦ ଭୟ ନ ଦିଶେ ଉପାୟ କେ ଯିବ ପଦ୍ମଫୁଲ ତୋଳି ।
କର୍ଣ୍ଣେ ଶୁଣିକରି ଭୟ ପରିହରି ଆଗ ହୋଇଲେ ବନମାଳୀ ।
କାଳୀଭୟରେ, କେହି ନ ପଶେ କାଳିନ୍ଦୀରେ ।
କୃଷ୍ଣ ଆନନ୍ଦରେ ପ୍ରବେଶ ହୋଇଲେ ନଟ ଯେସନ୍ତେ ନାଟମନ୍ଦିରେ । ୨ ।

Digitized by srujanika@gmail.com

କମଳନୟନ କମଳକରରେ କମଳ ତୋଳନ୍ତେ ସଧୀରେ,
କାଳୀ-ଫଣୀ ଆସି ଦଂଶିଲା କମଳ ପାଦରେ କୁଟିଳବୁଦ୍ଧିରେ ।
କମେ ଅଙ୍ଗକୁ, ଛନ୍ଦିଲା ଅଙ୍ଗଆବଳୀରେ ।
କଲା ବିଧାତା ମର୍କତସ୍ତମ୍ଭକୁ କି ଶୋଭା ଇନ୍ଦୀବର-ମାଳାରେ । ୩ ।

କଜ୍ଜ୍ୱଳ ପର୍ବତେ କଳାମେଘ ପ୍ରାୟେ ଶୋଭା ପାଇଲା ବେନି ଅଙ୍ଗ ।
କି ହୁଅନ୍ତା ଅବା ନୟନେ ଦେଖିଲେ କର୍ଣ୍ଣେ ଶୁଣିବାକୁ ଏ ରଙ୍ଗ ।
କାଳବଳରେ, ଉଠି ତା ଉତ୍ତମ ଅଙ୍ଗରେ ।
କଲେ ନଟବର ପରାୟେ ତାଣ୍ଡବ ଶ୍ରୀରଙ୍ଗ ଶ୍ରୀଅଙ୍ଗଭଙ୍ଗୀରେ । ୪ ।

କିମ୍ବା କାଳୀହ୍ରଦ କାଳେ ଉତପାତ ଇନ୍ଦ୍ରଧନୁ ଉଦେ ଜଳରେ ।
କାଦମ୍ବିନୀ-କୋଳେ କି ନବଚନ୍ଦ୍ରମାଳେ କେକୀ ନାଚେ ମତ୍ତ ଖେଳରେ ।
କାଳୀ ଉପରେ, ସେହି ରୂପରେ ବନମାଳୀ ।
କରନ୍ତେ ମର୍ଦ୍ଦନ କାଳନ୍ଦୀ କର୍ଦ୍ଦନ କଲେ ଗୋପାଳ ପୋଏ ମିଳି । ୫ ।

କର୍ଣ୍ଣେ ଶୁଣିକରି କେଉଁ ଗୋପନାରୀ ଡାକି କହେ ପ୍ରିୟ ଆଳୀକି ।
କାଳନ୍ଦୀରେ ପଦ୍ମଫୁଲ ତୋଳୁଁ କୃଷ୍ଣ ଦଳିଲେ ଯେମନ୍ତ କାଳୀକି ।
କର ଗମନ, ଦେଖିଯିବା ବନମାଳୀକି ।
କୁଶଳେ ଆସନ୍ତୁ ବୋଲି ଆରତରେ ଧର୍ମ୍ମକୁ ହୁଅନ୍ତି ଓଳିକି । ୬ ।

କହେ କମଳା ବିମଳା ପରିମଳା ଆଦି ଯେତେ ସର୍ବ ଦାଳୀକି ।
କରିବାକୁ ଆଗେ ବନ୍ଦାପନା ବେଗେ ସଜାଡ଼ ସୁବର୍ଣ୍ଣ ଥାଳୀକି ।
କେଉଁ ଗୋପିକା, ବୋଲେ କହ ଚନ୍ଦ୍ରାବଳୀକି ।
କନକ କୁସୁମ ବେଲପତ୍ରିମାନ ମାନନ୍ତୁ ସେ ଆଗ ଶୂଳୀଙ୍କି । ୭ ।

କେ ବୋଲେ ଆମ୍ଭଙ୍କୁ ଆଜଠାରୁ ଭଲ ହୋଇଲାଟି ଜଳକେଳିକି ।
କୃଷ୍ଣ ପାଦପଦ୍ମ ଧୂଳି ଲାଗିଥାଉ ଆମ୍ଭ ସବୁରି ମଉଳିକି ।
କେଉଁ ଗୋପିକା, ବୋଲେ ତାକୁ କାହିଁ ଭୁଲିକି ।
କରିବାକୁ ପୂଜା ଦେବେ ରହିଥାନ୍ତି ଘେନି କୁସୁମ ଅଞ୍ଜଳିକି । ୮ ।

କେ ବୋଲଇ କାଳୀ-ମସ୍ତକ ଉପରେ ନାଚୁଛନ୍ତି କର ତୋଳିକି ।
କେ ବୋଲଇ ସଖି ପାର୍ଶ୍ବେ ସେ ଜୀବନ ମନନେଇ ନାଉଗ୍ଲାଳିକି ।
କେଉଁ ଗୋପିକା, ବୋଲେ ତନ୍ତୁ ଅଛି ବଳିକି ।
କରାଳୁଁ କରାଳ ମହାଦାବାନଳ ଆନ ବଳେ ହୋଏ ଗିଳିକି । ୯ ।

Digitized by srujanika@gmail.com

କେ ବୋଲେ କାଳୀଦନ୍ତଘାତ ଯେସନ୍ତ ବାଧୁଛନ୍ତି ପାଦ ଅଙ୍ଗୁଳିକ ।
କେ ବୋଲେ କଣ୍ଟ ନ ବଗୁର ଅମ୍ବର ନାହାନ୍ତି ଚନ୍ଦ୍ରମଣ୍ଡଳିକ ।
କଉଁ ଗୋପିକା, ବୋଲେ ସେ ସିହାଣ କାଳୀକି ।
କାହ୍ନୁ ନ ଥିଲେ ଆନ ବେଳେ ଗୋମତ ପର୍ବତ ହୁଅନ୍ତା ଚୂତାଳିକ । ୧୦ ।

କେ ବୋଲନ୍ତି ବାନ୍ଧି କି କରୁଥିଲ ମୋ କଣ୍ଠ-ମରକତ-ମାଳିକ ।
କେ ବୋଲଇ ମୋତେ ଅନ୍ଧ କରି ନେଉଥିଲ କେ ନେତ୍ରପିତୁଳିକ ।
କର୍ଣ୍ଣେ ଗୋପିକା, ବୋଲେ ସେବଥାଇଁ କାଳୀକି ।
କୃପାକଟାକ୍ଷୀ କୃପାରେ ସିନା ଦେଇ ଅଛନ୍ତି ସୁଖସଙ୍ଗାଳିକ । ୧୧ ।

କେ ବୋଲଇ ପ୍ରତେ ନାହିଁ ତ ଦେଖିବାପାଏ ମକରକୁଣ୍ଡଳିକ ।
କେ ବୋଲଇ ସଖି ତାଙ୍କଠାରେ ଏହି କଥା ଗୁର ପାଇଁ ଭାଳିକ ।
କଉଁ କଥା ଏ । କେତେ କେତେ କଥା ଗଲନି ।
କଅଁଳା ପୁଅ ଦିନରୁ ଆମ୍ଭ କାହ୍ନୁ କଉଁ ବଚନ ନ କଲନି । ୧୨ ।

କର୍ଣ୍ଣେ ଶୁଣି ଗୀତ ବୋଧ ନୋହେ ଚିତ୍ତ ଯେସନ୍ତେ ଗୁଆଁର ମୂର୍ଖର ।
କେଶବ ବ୍ରତେ ପ୍ରତକ୍ଷେ ଦେଖି ତ ହୋଇଥାଅ ଏତେ ଅଥିର ।
କହୁଅଛି ମୁଁ, ଶୁଣ ସମସ୍ତ ସଖୀଜନ ।
କାଳୀମର୍ଦ୍ଦନ ନାମ ଧରି ପ୍ରବେଶ ହୋଇବେ କଳାମେଘ-ବର୍ଣ୍ଣ । ୧୩ ।

କାଳୀୟ ରମଣୀ ସ୍ତୁତିବାଣୀ ଶୁଣି କରୁଣାନିଧି କରୁଣାରେ ।
କଲେ ଅଭୟ ମହାସୁଖେ ରହିଲ ବରୁଣ ଦେବ ଶରଣରେ ।
କଲେ ବିଜୟ, ଗୋପକୁ କମଳନୟନ ।
କଲେ ନନ୍ଦରାୟେ ଆନନ୍ଦ ମନରେ ଅନେକ ଦାନ ପୁଣ୍ୟମାନ । ୧୪ ।

କଳିନ୍ଦକନ୍ୟା ମହାବିଷଜ୍ୱାଳାରୁ ସେହିଦିନୁ ହେଲା ମୁକତ ।
କ୍ରୀଡ଼ା କଲେ ହଂସ ବକ କାରଣ୍ଡବ କୋକ ହଂସାଳୀ ସନ୍ତତ ।
କଞ୍ଜ, କୁମୁଦ, କୁବଳୟ ଶୋଭା ଦଶିଲେ ।
କମଳା ମୁଖ ହାସ ନେଇ ପରାୟେ ମନ ନୟନକୁ ତୋଷିଲେ । ୧୫ ।

କନ୍ଦର୍ପ ସଙ୍ଗୀତ-ମନ୍ଦିର ପରାୟେ ଉଠନ୍ତି କଠ ବୃନ୍ଦାବନ ।
କମ୍ପିତ ପବନେ କୁସୁମିତ ଲତା ନର୍ତ୍ତକୀ କରନ୍ତି ନର୍ତ୍ତନ ।
କୁହୁକଣ୍ଠର, ପଞ୍ଚମସ୍ୱର ଗୀତ ଗାନ ।
କାଳକଣ୍ଠରବ ମର୍ଦ୍ଦଳ ବାଜଇ ମୋହଇ ସର୍ବଜନ ମନ । ୧୬ ।

Digitized by srujanika@gmail.com

କୁଟିଳକୁନ୍ତଳା କାମକେଳିକଳାକୁଶଳା କମଳବଦନା ।
କରୀନ୍ଦ୍ରଗମନା କନକକୁମ୍ଭସ୍ତନା କୁନ୍ଦକଳିକାଭରଦନା ।
କମ୍ବୁକଣ୍ଠିନୀ, ବନ୍ଧୁଳୀଦଶନବସନା ।
କେଶରୀମଧ୍ୟମା ମହାସୁକେଶୀନୀ କନକପ୍ରାୟ ଝୀନବସନା । ୧୭ ।

କୁରଙ୍ଗଲୋଚନା କୋକିଳବଚନା କଉତୁକ କଥା ରଚନା ।
କୁଟିଳ କଟାକ୍ଷା ରସିକମୋକ୍ଷା କନ୍ଦର୍ପ-ଦର୍ପ-ବିମୋଚନା ।
କୁଞ୍ଜବିହାରୀ, ହୃଦୟହାରିଣୀ ଗୋପିକା ।
କାଳିନ୍ଦୀରେ ସ୍ନାନ କରିବାକୁ ମନ କରି ହୋଇଲେ ସେ ଉତ୍ସୁକା । ୧୮ ।

କୁଙ୍କୁମ ଅର୍ପିଲା ଧରି ଗୋପବାଳା ରାଧିକା ପାଶରେ ପ୍ରବେଶ ।
କହନ୍ତି ସେନେହଭରେ ଅବଗାହ କରିବା ଯମୁନାରେ ଆସ ।
କଉତୁକରେ, ହସରସରେ ବୋଲେ ରାଧା ।
କହୁଛି ମିତଣି କୃଷ୍ଣବର୍ଣ୍ଣ-ପାଣିଠାରେ ମୋର ବଡ଼ ଶଙ୍କା । ୧୯ ।

କରୁଥାଇ ମନ କାଳୀକି ମର୍ଦ୍ଦନ କଲ ଦନୁ ଦେଖି ଯିବାକୁ ।
କି, କି କରି ସଙ୍ଗ ନ ପାଇ ଶ୍ରୀରଙ୍ଗ ଉତ୍ସୁକ ଥାଇ ଆସିବାକୁ ।
କେଉଁ ଗୋପିକା, ବୋଲେ ଆମ୍ଭର ସେହି ଭୟେ ।
କେଉଁଠାରେ ବାଟ ଚାଲିବାକୁ ଯାଉ ଏହି ଯେ ବିପରୀତମୟେ । ୨୦ ।

କୁଚ ଲେଖା ହୋଏ ସୁବର୍ଣ୍ଣ ଭୂମିରେ ଗଡ ଲେଖା ହୋଏ କରୀରେ ।
କଣ୍ଠ ଲେଖା ହୋଏ ଶଙ୍ଖ ସଙ୍ଗତରେ କେଶ ଲେଖା କୃଷ୍ଣଚାମରେ ।
କେତେ କହିବି, ନନ୍ଦରାଜାଙ୍କ ପୁଅ ହନ୍ତି ।
କର୍ପୂର ବୋଲି ହାସକୁ ମୋତି ବୋଲି ଦନ୍ତକୁ ଯେଉଁଠାରେ ଲୁଟି । ୨୧ ।

କେ ବୋଲଇ ଚାଲି ଗୋଳ କଲେ ଭଲ କରିଦେଇ ଯିବା ସେ ବୋଧ ।
କରମ୍ବିତ ହୋଇ କୁଞ୍ଜବନେ ନେଇ କରିବା ବାହୁପାଶେ ବନ୍ଧ ।
କଲେ ଏମନ୍ତ, ଶଙ୍କା ଥିବ ସବୁ କାଳକୁ ।
କେ ବୋଲେ କି ବୋଲି ମଧୁକର ଗେଲ ବଢ଼େ ନିଦ୍ରା ପଦ୍ମକୋଳକୁ ।୨୨।

କେ ବୋଲଇ ଉଚ୍ଚ ସଞ୍ଚ ଘଞ୍ଚ କୁଚ ପର୍ବତ ଉପରେ ଲଦିବା ।
କରରୁହ ମୁନ କୁନ୍ତଘାତ ଦାନ ମାଗିବା ବଢ଼ାଇ ମୁଦିବା ।
କେଉଁ ଗୋପିକା, ବୋଲଇ ଛାଡ଼ ଏ ବିଚାର ।
କରି ଇକ୍ଷୁରସ ପାଇଲେ ଅବଶ୍ୟ ନାଶ କରଇ ସେ ସଞ୍ଚାର । ୨୩ ।

Digitized by srujanika@gmail.com

କଉତୁକେ ଏହି କଥାମାନ କହି ମଦନେ ଉନ୍ମତ୍ତ ହୁଅନ୍ତି ।
କୃଷ୍ଣଠାରେ ମନ ବଚନ କର୍ତ୍ତବ୍ୟ ଅଗାଢ ଭାବରେ ଦଅନ୍ତି ।
କହେ ଅନନ୍ଦ, ମନେ ଦୀନକୃଷ୍ଣ ଏ ରସ ।
କର ସାଧୁଜନମାନେ ଏକମନ ରସକଲ୍ଲୋଳ ଗୀତ ରସ । ୨୪ ।

ଦଶମ ଛାନ୍ଦ

ରାଗ—ବଙ୍ଗଳାଶ୍ରୀ

କୁମୁଦନନ୍ଦନୀ ସଖୀଗଣ ସେନ ଗମନ କରନ୍ତି ରଙ୍ଗେ ।
କମଳ ସୁବାସ ଅଙ୍ଗ ଚଉପାଶ ବେଢ଼ି ଉଡ଼ ଛନ୍ତି ଭୃଙ୍ଗେ । ୧ ।
କି ଦେବି ଉପମା ସହଜେ ତ ବାମା ତ୍ରିଭୁବନେ ନିରୁପମା ।
କମଳ ନୟନ ମଦନମୋହନ ପ୍ରିୟତମା ସୁଖସୀମା । ୨ ।
କଳାରେ କଜ୍ଜ୍ୱଳ ସୂକ୍ଷ୍ମ ଶଇବାଳ ତରଙ୍ଗ ପ୍ରାୟେ କୁଟିଳ ।
କଟିସର ଲମ୍ବ ମହାମନୋରମ କୁସୁମ ବାସ କୁନ୍ତଳ । ୩ ।
କଞ୍ଜୁ ପଦ୍ମଳ ଦର୍ପଣୁଁ ନିର୍ମଳ ଚନ୍ଦ୍ରକାନ୍ତି ପ୍ରାୟେ ମୁଖ ।
କେ କହିବ ତାହା ଅନାଇଲେ ଯାହା ଜାତ ହୋଏ ମହାସୁଖ । ୪ ।
କୁରଙ୍ଗ ଚଞ୍ଚଳ ସୁରଙ୍ଗ ଅଞ୍ଚଳ ସଫରୀ ଆକୃତି ଆଖି ।
କନ୍ଦର୍ପ ବିଶିଖଠାରୁ ମହାତୀକ୍ଷ୍ଣ ହୃଦରେ ରହଇ ଲାଖି । ୫ ।
କାମ କୋଦଣ୍ଡରୁ ବଙ୍କ ମୃଦୁ ସରୁ ନୀଳ ଭ୍ରୂଲତା ସୁନ୍ଦର ।
କାମଜୟ ପାଶ ପରାୟେ ପ୍ରକାଶ କର୍ଣ୍ଣ ଅତି ମନୋହର । ୬ ।
କମନୀୟ ତିଳ ଫୁଲରୁ ମଞ୍ଜୁଳ ଅତୁଲ୍ୟ ଅମୂଲ୍ୟ ନାସା ।
କବି ବଚନରେ ଉପମା ଦେବାରେ ନାହିଁ ଆଉ ପ୍ରତିଆଶା । ୭ ।
କୁନ୍ଦରୁ ଉଜ୍ଜ୍ୱଳ ମୋତିରୁ ବର୍ତ୍ତୁଳ ଡାଳିମ୍ବକୁ ବାଳି ନେଜ୍ୟାତି ।
କୁନ୍ଦ ହୀରାସାର ବସାଇଲା ପ୍ରାୟେ ସଞ୍ଚ ଘଞ୍ଚ ଦନ୍ତପନ୍ତି । ୮ ।
କଣ୍ଟଳୀୟ ବିମ୍ବ ବନ୍ଧୁକ ବିଡ଼ମ୍ବ କରଇ ଯେଉଁ ଅଧରୀ
କୃଷ୍ଣ-ମୁଖବିମ୍ବ କ୍ରୀଡ଼ାରସ ଚୁମ୍ବ ତହିଁକି କି ପଟାନ୍ତର । ୯ ।
କେତକୀରୁ ଗୋରା ଦେହକାନ୍ତି ଶୋଭା କୋମଳେ ଶିରୀଷ ପରା ।
କେ କହିବ ରାଧା ଚନ୍ଦ୍ରମୁଖୀ ରୂପ କୃଷ୍ଣମନ ଯହିଁ ଧରା । ୧୦ ।

Digitized by srujanika@gmail.com

କୋକିଳୁଁ ସୁସ୍ୱର ବୀଣାରୁ ମଧୁର ପଦ୍ମାଣାରି କଥା ଜିଣି ।
କର୍ଣ୍ଣସୁଖକର କୃଷ୍ଣଚିତ୍ତହର କୋମଳ ବଚିତ୍ର ବାଣୀ । ୧୧ ।
କମ୍ବୁ ଆକୃତରୁ କଣ୍ଠ ଦିଶେ ଗୃରୁ ମୃଣାଳୁ ବଳିଷ୍ଠ ଭୁଜ ।
କରପଦ ଶତପତ୍ରକୁ ନିନ୍ଦଇ କୁସୁମକାନ୍ତ କରଜ । ୧୨ ।
କର୍କଶରେ କରି-କୁମ୍ଭ ସମସରି ରୂପେ ହେମ-ସଂପୁଟକ ।
କି କହିବା ତାଳଫଳରୁ ରସାଳ ଯେଉଁ କୁଚକୁମ୍ଭ ଟେକ । ୧୩ ।
କାମକର କାଳୀ ବର୍ଣ୍ଣାବଳୀ ବଳି ବିରାଜଇ ରୋମାବଳୀ ।
କେଶରି ଡମ୍ବରୁମଧ୍ୟୁଁ ମଧ୍ୟ ସରୁ ପୁଳିନୁ ଜଘନ ବଳି । ୧୪ ।
କନକ କଦଳୀ ଜାନୁ ସଙ୍ଗେ ତୁଳିବାକୁ ନ ବଳଇ ମନ ।
କାମ ଉଦ୍ଦୀପନ ବଢ଼ାଇ ବହନ ତାହାଙ୍କ କେ ବା ସମାନ । ୧୫ ।
କମଳୁଁ ଅରୁଣ କୋମଳ ଚରଣ ନଖ ମଣିଗଣ ପ୍ରାୟେ ।
କରନ୍ତେ ଗମନ ଗଜପତିମନ ମହା ମନ୍ଦାକ୍ଷକୁ ପାଏ । ୧୬ ।
କାଳିନ୍ଦୀ କୂଳରେ ପ୍ରବେଶ ହୋଇଲେ ସକଳ ଗୋପ ବନିତା ।
କଳେବରମାନ ଦିଶଇ ଶୋଭନ ଯେସନ କନକଲତା । ୧୭ ।
କଜ୍ଜ୍ୱଳ ପରାୟେ ନେଳକୁ ସୁନ୍ଦର ଦିଶଇ ଯମୁନା ଜଳ ।
କୁଳବତୀ ପ୍ରାୟେ ପରତେ ହୁଅଇ କୂଳକୁ କରି ଉଜ୍ଜ୍ୱଳ । ୧୮ ।
କୃଷ୍ଣ ପ୍ରିୟଲୋକ ହୃଦୟ ପ୍ରାୟକ କୋମଳ ମହାନିର୍ମଳ ।
କର୍ପୂର ଚନ୍ଦନ ଚନ୍ଦ୍ରମା ସମାନ ସନ୍ତାପହର ଶୀତଳ । ୧୯ ।
କୃଷ୍ଣ ହୃଦସ୍ଥଳ ପରାୟେ କମଳମାଳରେ ମଣ୍ଡିତ ହୋଇ ।
କରଜରଞ୍ଜିନୀ ସମାନକୁ ପାଇ ପୁନର୍ଭବକୁ ଛେଦଇ । ୨୦ ।
କରିଣୀ ପରାୟେ ପଦ୍ମ ଧରିବା ଏ କାଳୀ ପ୍ରାୟେ ଚକ୍ର ଧରି ।
କି ଅବା ନାଗରୀ ଫୁଲବେଶ ଧରି ଘନରସକୁ ବିସ୍ତାରି । ୨୧ ।
କି ଅବା ପକ୍ଷିଣୀ ବେନି ତଟ ପାଣି ଦୁଇଦାନ ଏକ ରୀତି ।
କି ସୁରସରଣି ଉଡୁପ ତରଣି ହୋଇବାରୁ ଗତାଗତି । ୨୨ ।
କେ ବୋଇଲେ ପ୍ରୋଷିତ ପ୍ରିୟତମାପ୍ରାୟେ ହୋଇଥିଲା ମଳିନତା ।
କୃଷ୍ଣ-ଅଙ୍ଗସଙ୍ଗ ଲଗିବାରୁ ଅଙ୍ଗ ହେଲା ଏତେ ନିର୍ମଳତା । ୨୩ ।
କେ ବୋଲେ ବାସକସଜ୍ଜା ପରାୟେକ ହୋଇଅଛି ଏବେ ଦେଖ ।
କୃଷ୍ଣ-ଆଗମନ-ଆଶାରେ ପ୍ରସନ୍ନ କରିଅଛି ପଦ୍ମମୁଖ । ୨୪ ।
କଉତୁକେ ଏହି କଥାମାନ କହି ପଶିଲେ ଯାଇ ଜଳରେ ।
କନକ ରସାଣ ହେଲା ସୁବର୍ଣ୍ଣ ନୀଳ ରତନ ସ୍ଥଳରେ । ୨୫ ।

Digitized by srujanika@gmail.com

କୃଷ୍ଣ ଅଙ୍ଗ ସଙ୍ଗ ନୋହୁବଟି ଭଙ୍ଗ ଏହୁ କାମ ହୃଦେ ଥୋଇ ।
କଣୋରୀମାନେ କୁଚ-ଶମ୍ଭୁମାନଙ୍କୁ କରାଇଲେ ଜଳଶାୟୀ । ୨୬ ।
କରି ଅବଗାହ ଗୋପିକାସମୂହ ଜଳରୁ ବାହାର ହୋଇ ।
କରି ଅଙ୍ଗପୋଛ ଯାହାର ଯେ ଇଚ୍ଛା ବସନ ପିନ୍ଧିଲେ ଯାଇଁ । ୨୭ ।
କଲେ ଧୀରଗତି ଗୋକୁଳ ଯୁବତି ହସରସ କଉତୁକେ ।
କଳହଂସପନ୍ତି ଯେମନ୍ତେ ଗମନ୍ତି ମହାମଦ କଳ ଡାକେ । ୨୮ ।
କେ କହିବ ଗୋପଯୁବତିଙ୍କ ଉପ ମାନବ ଶରୀର ବହି ।
କୃଷ୍ଣ ଭଗତିରେ ଭୋଳ ନିରନ୍ତରେ କୃଷ୍ଣ କଥାମାନ କହି । ୨୯ ।
କମଳ ନେତ୍ରରେ କଟାକ୍ଷ ସୂତ୍ରରେ ଲଗାଇ ପ୍ରେମ-ବଡ଼ଶ ।
କମଳନୟନ କୃଷ୍ଣମନମୀନ ବେଗେ କରନ୍ତି ଆକର୍ଷ । ୩୦ ।
କେତେବେଳେ କଣ୍ଠଦେଶେ ବଇକୁଣ୍ଠ ଲଗାଇ ହାର ପରାୟେ
କେତେବେଳେ କରେ ଫିଙ୍ଗିଦେଇ କରେ ରଖନ୍ତି ସାରଣି ପ୍ରାୟେ ॥
କମଳ ଚରଣ ଚିହ୍ନରେ ଭୂଷଣ ହୋଇଥାଇ ପୁଂରପାକ ।
କେ ପାଦ ପରାଗ ଦେଖି ବଇରାଗ ପାଇ ଚଳାଇ ଅନେକ । ୩୨ ।
କଳ୍ପାନ୍ତରେ ଯୋଗୀ ଯୋଗ ବାଟ ଜଗି ପାଇବାକୁ ଯା ଦୁର୍ଲ୍ଲଭ ।
କି ଭାଗ୍ୟବଳରେ ଗୋପୀ ଗୋପାଳରେ ସବୁକାଳେ ସେ ସୁଲଭ । ୩୩ ।
କଲେ ବେଦପତି ଯେତେରୂପେ ସ୍ତୁତି ବଶ ନୁହନ୍ତି ତାହାକୁ ।
କର୍ଣ୍ଣେ ଡେରିଥାନ୍ତି ବରଜଯୁବତି କଉତୁକେ ଡାକିବାକୁ । ୩୪ ।
କହେ ଦୀନକୃଷ୍ଣ ହୋଇ ମହାତୃଷ୍ଣ ଗୋପୀ ଗୋପୀନାଥ କଥା ।
କହିବାକୁ ହତ ଅଶେଷ ଦୁରିତ ଦଣ୍ଡଧର-ଦଣ୍ଡ-ବ୍ୟଥା । ୩୫ ।

ଏକାଦଶ ଛାନ୍ଦ

ରାଗ—ଚକ୍ରକେଳି

କର୍ଣ୍ଣେ ଶୁଣ ସୁଜନେ କୃଷ୍ଣକଥା ।
 କାଳେ ନ ପାଅ ଦଣ୍ଡଧର ବ୍ୟଥା । ୧ ।
କ୍ରୀଡ଼ା କରନ୍ତେ ଗୋପେ ପୀତବାସ ।
 କମେ ହିମଋତୁ ହୋଏ ପ୍ରବେଶ । ୨ ।
କଳା ଦିବସକୁ ଅତି ନିଉନ ।
 କହୁଁ କହୁଁ ପୋଡ଼ିଲ ପଦ୍ମବନ । ୩ ।

କର୍ମେ ଯାହାର ଯେଉଁ ଦଶା ଥାଇ ।
କାହା ବଳେ ଆନ କରି ନୋହଇ । ୪ ।
କୁଶକେତୁ ଆସନ ଶ୍ରୀନିବାସ ।
କୃଷ୍ଣକରେ ଥାଇ ନାଥ ଦନେଶ । ୫ ।
କେତେ କେତେ ବଡ଼ ପ୍ରଭୁ ଏମାନେ ।
କରି ପାରନ୍ତି ଅଭୟ ବଚନେ । ୬ । -
କେହି ରଖି ନ ପାରିଲେ ସେକାଳେ ।
କଲି ଭୋଗ ଯାହା ଥିଲି କପାଳେ । ୭ ।
କୁଶଳରେ ସମସ୍ତେହେଁ ସୁମୁଖ ।
କଷ୍ଟକାଳରେ ହୋଅନ୍ତି ବିମୁଖ । ୮ ।
କେତେ ଶୀତଳ କର୍ପୂର ଚନ୍ଦନ ।
କାନ୍ତ କାନ୍ତା ଯୋଗେ ହୋଏ ବନ୍ଧନ । ୯ ।
କଲେ ଦାଇବ ସଙ୍ଗ ଆନ ଆନ ।
କଉଁ ଅଗ୍ନିକି ନୋହଇ ସମାନ । ୧୦ ।
କଳାକର ନୋହଇ କଉଁ ବିଷ ।
କଉଁ ପବନ ନ କରଇ କସ । ୧୧ ।
କିଛି ପ୍ରୀତି ଅଛି ପଦ୍ମ ପଦ୍ମରେ ।
କରେ ପ୍ରାଣତ୍ୟାଗ ମିତ୍ର ସଙ୍ଗରେ । ୧୨ ।
କେତେ କହିବ ଏଥିର ଚରିତ ।
କହି ବସିଲେ ହୋଇବ ବହୁତ । ୧୩ ।
କଞ୍ଜନୟନ କଞ୍ଜ ବିକର୍ତ୍ତନ ।
କି ରଖିବେ ଏ ଅବା ପଦ୍ମବନ । ୧୪ ।
କେହି ରହି ନ ପାରିଲେ ଶୀତରେ ।
କଲେ ଯେ ଯାହା ଉପାୟ ସତ୍ତ୍ୱରେ । ୧୫ ।
କଞ୍ଜନେତ୍ରୀଙ୍କ କୋଳରେ ବସାଇ ।
କେତେ ରୂପେ ଅମ୍ବର ଲଗି ହୋଇ । ୧୬ ।
କୋଟି ବ୍ରହ୍ମାଣ୍ଡନାଥ ସୁଖେ ରହି ।
କଖେ କମ୍ବୁ ସୁଦରଶନ ବହି । ୧୭ ।
କାନ୍ତି ଦେବକର ତେଜ ସମ୍ପତ୍ତି ।
କଲେ ସୂର୍ଯ୍ୟ ଦକ୍ଷିଣ ଦଗେ ଗତି । ୧୮ ।

Digitized by srujanika@gmail.com

କଲେ ଶୀତକୁ ଅଗ୍ନି ମହାଭୟେ ।
କଲେ ପୁରେ ପୁରେ କାନ୍ତ ଉଦୟେ । ୧୯ ।
କଲେ ଅନଙ୍ଗେ ଲୋକେ ତାଙ୍କୁ ସେବା ।
କେ ବୋଲଇ ଶୀତକୁ କ କରିବା । ୨୦ ।
କହୁଁ କହୁଁ ଜାଡ଼ ମାଡ଼ି ପଡ଼ିଲା ।
କମ୍ପି କାତରେ କେ କର ଯୋଡ଼ିଲା । ୨୧ ।
କେହୁ ହୃଦରେ କରଯୁଗ ଛନ୍ଦେ ।
କମ୍ପେ ଶୀତକୁ ବନ୍ଧ କରି ନିନ୍ଦେ । ୨୨ ।
କେହି ଶୀତରେ ନତ କଲା ତନୁ ।
କେହି ବିକଳେ ଲୋଡ଼େ ଚିତ୍ରଭାନୁ । ୨୩ ।
କେହି କାମୀ ଶୀତେ ହୋଇ ଆକୁଳ ।
କଲା ଅତ୍ରେ କାମିନୀ କାନ୍ତ କୋଳ । ୨୪ ।
କଉଁ କାମୁକ ନ ପାଇ ଯୁବତୀ ।
କୋଟିଯୁଗ ମଣଇ ଶୀତ ରାତି । ୨୫ ।
କଉଁ ପୁରୁଷ ଅତି ରତିରଙ୍କ ।
କରି ଆପଣା ହୃଦୟ ପଲଙ୍କ । ୨୬ ।
କାନ୍ତାମଣିକି ତହିଁରେ ଶୁଆଇ ।
କହେ ବିନୟ ବିପରୀତ ପାଇ । ୨୭ ।
କଉଁ ଦମ୍ପତୀ କାମେ ହୋଇ ଭୋଳ ।
କରି ଅଙ୍ଗେ ଅଙ୍ଗ ତଳ-ତମ୍ବୁଳ । ୨୮ ।
କାମେ ମାତି ଗୁପ୍ତରେ ଗୁପ୍ତ ଦେଇ ।
କରି ଜାନୁ ଛନ୍ଦ କେ ରାତି ନେଇ । ୨୯ ।
କେହୁ ନବ ନିଶାର ସଜାଡ଼ିଲା ।
କେତେ ମନୁ ଶୀତ ଭୟ ଛାଡ଼ିଲା । ୩୦ ।
କେହୁ ମଞ୍ଜିଷ୍ଠାରଙ୍ଗେ କରି ରଙ୍ଗ ।
କଲା ତୁଲୀ ସୁପାତି ଅଙ୍ଗେ ସଙ୍ଗ । ୩୧ ।
କରି ତପତ ଜଳରେ ପୀରତି ।
କଲେ ଶୀତଳ ଜଳେ ମହାଭୀତି । ୩୨ ।
କେହି ମନ୍ଦର-ଭେଦ ନିରେଖିଲା ।
କାକର ପଡୁଁ ବହୁତ ବାଧିଲା । ୩୩ ।

Digitized by srujanika@gmail.com

କମେ ଚନ୍ଦ୍ରଚନ୍ଦନ ସ୍ନେହ ଗଲା ।
କାହା ଅଗରେ ହସନ୍ତୀ ହସିଲା । ୩୪ ।
କେହୁ ଅଗୁରୁ ଧୂପ ପୁରେ ପଣ ।
କୃଷ୍ଣଚରିତ ଗୀତେ ହୋଏ ତୋଷି । ୩୫ ।
କେହୁ ଜାନୁଭାନୁ ହୁତାଶନରେ ।
କାଲ ବଞ୍ଚିଲା ବନା ବସନରେ । ୩୬ ।
କେ ବୋଲଇ କାଲି କଲା କ ଜାଡ଼ ।
କେବେ ଯିବ ଏ ପୋଡ଼ା କଷ୍ଟ ଛାଡ଼ । ୩୭ ।
କେକୀପୁଚ୍ଛମଣ୍ଡନ ବନମାଳୀ ।
କଲେ ହିମଋତୁରେ ନାନା କେଳି । ୩୮ ।
କଉଷେୟ କଞ୍ଚପ ଅଙ୍ଗେ ଦେଇ ।
କମନୀୟ ଶିରସାଣ ଲଗାଇ । ୩୯ ।
କଉତୁକରେ ବୁଲନ୍ତ ବାଡରେ ।
କଳାବତୀମାନଙ୍କ ପୀରଢରେ । ୪୦ ।
କଉଁ ଗୋପୀ ପାଶେ ହୋଇ ପ୍ରବେଶ ।
କଉତୁକେ କରନ୍ତ ପରିହାସ । ୪୧ ।
କୋଳେ ରଖିଅଛୁ ତୁ ଉଷୁମକୁ ।
କହୁଅଛୁନ ଯାଇଁ ମୁଁ ହିମକୁ । ୪୨ ।
କାହିଁ ଗଲା ସେ ବୋଲି ଲେଉଟୁଅଛୁ ।
କୁଚ କନ୍ଦରେ ଆସି ଏ ପଶିଛୁ । ୪୩ ।
କୃଷ୍ଣ ବଚନେ ଗୋପୀ ବୋଲେ ବାଣୀ ।
କାହିଁ ସମ୍ବାଦ ଥିଲା ଏହା ପୁଣି । ୪୪ ।
କମ୍ପୁଅଛ ଯେବେ ଶୀତବଳରେ ।
କମ୍ପା ନ ପଶ ଆସି ମୋ କୋଳରେ । ୪୫ ।
କୃଷ୍ଣ ବୋଇଲେ କାହିଁଛି ସେ ଯୋଗ ।
କରିବାକୁ ତୋ ଉଚ୍ଚ କୁଚ ଭୋଗ । ୪୬ ।
କରି ନାହିଁ ମୁଁ ପୂର୍ବେ କିଛି ତପ ।
କଉଁ ପୀଠରେ କରି ନାହିଁ ଜପ । ୪୭ ।
କିଛି ଚମ୍ପା ଦେଇ ନାହିଁ ଶିବଙ୍କୁ ।
କଉଁ ରୂପେ ପାଇବି ତୋ ଭାବକୁ । ୪୮ ।

Digitized by srujanika@gmail.com

କହେ ଗୋପୀ ଗୋପରେ ଯେତେ ପୀଠ ।
କର ନାହିଁ କାହାକୁ ତୁମ୍ଭେ କୋଠ । ୪୯ ।
କଉ କୁଚ ଶମ୍ଭୁରେ ପଦ୍ମପାଣି ।
କେତେ ହୋଇ ନାହିଁ ହେ ଗୁଣମଣି । ୫୦ ।
କୃଷ୍ଣ ବୋଇଲେ କଲେ ଏ ସେବାକୁ ।
କେହୁ ନୋହିଲେ ଯେ ବର ଦେବାକୁ । ୫୧ ।
କୁହାକୁହି ହୋଇ ରସ ପ୍ରସଙ୍ଗ ।
କଲେ ସେଠାରୁ ବଳେ ଶିବରଙ୍ଗ । ୫୨ ।
କଉଁ ଗୋପୀକି ଚକ୍ରବାଣୀ କହି ।
କ ତୋହର ଶୀତକୁ ଭୟ ନାହିଁ । ୫୩ ।
କରୁଅଛୁ ମନରେ ଏ ବଗୁର ।
କଲ ବହୁ ତୋତେ ଉତ୍ତୁ କାହାର । ୫୪ ।
କାନ୍ତ ହୋଇଛୁ ବଦନ କମଳ ।
କଷ୍ଟ ହେବ ଏଠାରେ ମୋର ଫଳ । ୫୫ ।
କମ୍ପୁଅଛୁ ମୋହର କଳେବର ।
କର ତୋ ତନୁକୁ ନବ ନିଶାର । ୫୬ ।
କହେ ଗୋପୀ ବଚନ ଦକ୍ଷ କର ।
କେତେ ନାହିଁ ତୁମ୍ଭର ଶୀତହାସ । ୫୭ ।
କ କରିବା ଏ ତନୁ ନିଶାରକୁ ।
କହି ନୋହଇ କୃଷ୍ଣ ଭ୍ରମରକୁ । ୫୮ ।
କେତେଠାରେ ତୁମ୍ଭ ମନ ନ ରସେ ।
କେତେ କେତେ କୁସୁମେ ସେ ନ ବସେ । ୫୯ ।
କାଳେ ହୁଅଇ ଯେବେ ରସ ଶେଷ ।
କେହି ଦାହୁଡ଼ ନୋହେ ପରବେଶ । ୬୦ ।
କେହି କାହିଁ ନ କର ସ୍ଥିର ମନ ।
କାହାର କେଉଁ ଗୁଣ ତା ନ ଘେନ । ୬୧ ।
କରିଥାଅ ସେନେହ ଭୋଗ ଯାଏ ।
କୃଷ୍ଣ ଭ୍ରମରକୁ ନାହିଁ ଉପାୟେ । ୬୨ ।
କବି ଲେଖନ୍ତି ଦକ୍ଷିଣ ନାୟକେ ।
କାଳ ନିଅ ସେଠାରେ ଏକେ ଏକେ । ୬୩ ।

Digitized by srujanika@gmail.com

କୃଷ୍ଣ ବୋଇଲେ ଅଟରେ ପ୍ରାଣଧନ ।
କେତେବେଳେ ଟେକ ଛାଡ଼ଇ ଜୀବନ । ୬୪ ।
କଣ୍ଠ ମୁକ୍ତାମାଳ ତୁ ମୋହୋର ।
କଣ୍ଠ ସୁଖଦାତା କୋହ୍ନ ଦେହର । ୬୫ ।
କଳାକୋଳାପ୍ରତିମା ପ୍ରାଣମଣି ।
କାମ ମହାନଦୀକୁ ତୁ ତରଣୀ । ୬୬ ।
କନ୍ଥ ବଗୃତକୁ ନାହିଁ ମନରେ ।
କଣଥିବୁ କରୁଣା ମୋହଠାରେ । ୬୭ ।
କୁଚ ଅଇରାବତ ପ୍ରାୟେ ହେବେ ।
କହ୍ନ ନାହୁଁ ଦନ୍ତେ କଳଶ ଭ୍ରଟେ । ୬୮ ।
କଣି ଅଛୁ ଅଦ୍ଭୁତ୍ୱରଜାଦନୁଁ ।
କଣ ଗତ ମୋହୋର ତୋହ ବନୁଁ । ୬୯ ।
କହ୍ନ ନାନାରୂପେ ଗୃହ ବଚନ ।
କଲେ ଗୋପୀଙ୍କି ଧୀରେ ଆଲଙ୍ଗନ । ୭୦ ।
କୁଚ କଳଶ ହୃଦରେ ଲଗାଇ ।
କଳାକର ବଦନେ ଚୁମ୍ବ ଦେଇ । ୭୧ ।
କନ୍ଦର୍ପେ ପକାଇ ଗୋପୀ ପାଣି ।
କଉତୁକେ ମାଗି ଚୁମ୍ବ ମେଲାଣି । ୭୨ ।
କରିବାକୁ ଗମନ ମନ ଥିଲା ।
କାମ କାମିନୀ କରେ ବନ୍ଧାଇଲା । ୭୩ ।
କନ୍ଥ ଅମୃତ ନୋହିଲା ତାଙ୍କର ।
କରେ ସେହ କଙ୍କରରୁ କଙ୍କର । ୭୪ ।
କାହୁଁ ବୃନ୍ଦ ପଦପଦ୍ମେ ଯେତେକ ।
କାହିଁ ନାହିଁ କନ୍ଦର୍ପ କଉତୁକ । ୭୫ ।
କାମ କାହାକୁ କର ନାହିଁ କାହା ।
କହ ବସିବ ଅବା କେତେ ତାହା । ୭୬ ।
କୀଟ ସିନା ଦେଖ ଫୁଲଲତକୁ ।
କାଟି ପକାଏ ମହତ କାଠକୁ । ୭୭ ।
କରେ କୁସୁମଠାରେ କି ଆସନ ।
କୋମଳରେ କୋମଳ ସ୍ତନମାନ । ୭୮ ।

Digitized by srujanika@gmail.com

କେଲେ ସ୍ନେହରେ ବନ୍ଦୀ ଅରବିନ୍ଦ ।
କରେ ମନକୁ ପରମ ଆନନ୍ଦ । ୭୯ ।
କୃଷ୍ଣ କଥାହିଁ ସେହୁ ପରଲ୍ୟରେ ।
କର୍କଶରେ କଠୋରତା ବଗ୍ଧରେ । ୮୦ ।
କର ସୁଜନେ ମନରେ ବିଗ୍ଧର ।
କଉଁ ପୁରୁଷ କରେ ଏ ଆଗ୍ଧର । ୮୧ ।
କାମସ୍ନେହେ ପସ୍ୱଭବ ସହନ୍ତି ।
କେଲେ ଭକ୍ତ ଭକ୍ତପାଦ ବହନ୍ତି । ୮୨ ।
କାନ୍ତା ଦେବତା ପୁଣି ସ୍ନେହେ ଆସି ।
କେହୁ ସ୍ନେହ ବାହାରେ ନୋହେ ତୋଷି । ୮୩ ।
କେଲେ ଗୋପୀଙ୍କି ଯେନ ଯେତେ ଭାବ ।
କହିବାକୁ ସେ କଥା ଅସମ୍ଭବ । ୮୪ ।
କୁଞ୍ଜ କହନ୍ତି ଅବା ଚେତ ଚତେ ।
କାମଶାସ୍ତ୍ରରେ ଲେଖା ନାହିଁ ତେତେ । ୮୫ ।
କରେ ରଜନୀ ଶେଷ ରତିରସେ ।
କେଲେ ଗମନ ହୃଦୟ ହରଷେ । ୮୬ ।
କରୁଥାନ୍ତି ଏହିରୂପେ ବିହାର ।
କମ୍ବୁକଣ୍ଠୀ ଗୋପୀଙ୍କ କଣ୍ଠହାର । ୮୭ ।
କଟେ ଶିଶିର ଋତୁ ଏହିରୂପେ ।
କୁହୁଡ଼ିରେ ସେ ବୁଲୁଥାନ୍ତି ଗୋପେ । ୮୮ ।
କଉଁ ଗୋପୀଙ୍କି କୁଞ୍ଜକୁ ନିଅନ୍ତି ।
କାହା ମନ୍ଦିରେ ବାସରେ ଶୁଅନ୍ତି । ୮୯ ।
କାହା କୁଚ କରନ୍ତି ଅବଲମ୍ବ ।
କାହା ବଦନେ ଦେଉଥାନ୍ତି ଚୁମ୍ବ । ୯୦ ।
କାହା ନୀବୀ ଚୌରରୂପେ ନିଅନ୍ତି ।
କାହାଠାରେ ଅର୍ଦ୍ଧଚନ୍ଦ୍ର ଦିଅନ୍ତି । ୯୧ ।
କୁସୁମରେ ଯେମନ୍ତ ମଧୁକର ।
କରୁଥାଇ ନିରନ୍ତରେ ସଞ୍ଚାର । ୯୨ ।
କୃଷ୍ଣ ସେହିରୂପେ ଗୋପନଗରେ ।
କ୍ରୀଡ଼ା କରନ୍ତି ଗୋପୀଙ୍କ ସଙ୍ଗରେ । ୯୩ ।

Digitized by srujanika@gmail.com

କହେ ଦୀନକୃଷ୍ଣ ରସକଲ୍ଲୋଳ ।
ଢର ଜନେ ମନ ଏଥି ନିଶ୍ଚଳ । ୯୪ ।
କିଛି ନୋହେ ଏ ଅନିତ୍ୟ ସଂସାର ।
କଥା ଏତେ ମାନବ ଏଥି ସାର । ୯୫ ।
କୃଷ୍ଣରୂପ କରୁଥିବ ଧିଆନ ।
କୃଷ୍ଣଚରିତ କରୁଥିବ ଗାନ । ୯୬ ।
କୃଷ୍ଣକଥା ଶ୍ରବଣେ ଶୁଣିବ ।
କୃଷ୍ଣ ବୋଲି ଜଗତକୁ ଜାଣିବ । ୯୭ ।
କୃଷ୍ଣକାର୍ଯ୍ୟେ ତତପର ହୋଇବ ।
କୃଷ୍ଣ ପାଇଁ ଭଲ ଦ୍ରବ୍ୟ ଥୋଇବ । ୯୮ ।
କୃଷ୍ଣଗୀତ ଶରଧାରେ ଗାଇବ ।
କୃଷ୍ଣଦାସକୁ ପ୍ରସନ୍ନ ହୋଇବ । ୯୯ ।

ଦ୍ୱାଦଶ ଛାନ୍ଦ

ରାଗ—କଲ୍ୟାଣ ଆହାରି

କୁସୁମ ସମୟ ହୋଇଲା ଉଦୟ ଦକ୍ଷିଣ ପବନ ବହିଲା ।
କାମଦେବ ଦୂତ ହୋଇ ମହାମତ୍ତ ପଞ୍ଚମସ୍ୱରରେ କହିଲା ।
କନ୍ଦର୍ପ, ଦର୍ପ ହୋଇଲା ଅତିଶୟ ।
କୁସୁମ ବଣିଗ କରିବାକୁ ଲଗ କାମୀ କାମିନୀ ଜଲେ ଭୟ । ୧ ।
କମଳ, ରସାଳ, ନୀଳଉତପଳ, ନିଅଳୀ, ଅଶୋକ ବିକାଶ ।
କାମ-ପଞ୍ଚବାଣ କାମୀ ପଞ୍ଚପ୍ରାଣ ହେବନିମନ୍ତେ ହେଲେ ପ୍ରକାଶ ।
କେତକୀ, କୁନ୍ଦ କି ହୋଇଲା ପ୍ରକଟ ।
କାନ୍ତା କାନ୍ତ ଭେଟ ହୋଇଲା ଅଭେଟ ଜୀବ ଯିବା ହେଲା ନିକଟ । ୨
କୁସୁମବନ୍ତ ମାଧବୀ ଧନୁ ଶୋଭି ଭ୍ରମର କଦମ୍ବ-ଗୁଣରେ ।
କଉତୁକ କରି କାମକୁ ବସନ୍ତ ଦେଇଅଛି ସଖାପଣରେ ।
କିଂଶୁକ, ପାଟ କରବାଲ ତାହାର ।
କରିବାକୁ ରଙ୍ଗ କୋପେ ତାହା ସଙ୍ଗ ସୁଖ ନୋହୁଅଛି ତାହାର । ୩ ।

Digitized by srujanika@gmail.com

କେଶର କୁସୁମ ଅତି ମନୋରମ କାମ-ନୃପତି ଶ୍ୱେତଛତ୍ର ।
କଦଳୀପତ୍ର ପତାକା ଉଡ଼ନ୍ତ୍ର ବଶ କରନ୍ତ୍ର ମନ ନେତ୍ର ।
କରୁଣା, କେଶର ମନ୍ତ୍ରୀ ଗନ୍ଧଧୂପ ।
କେଳିକଦମ୍ବେ ଶଙ୍ଖଧ୍ୱନି କରଇ ସ୍ୱଧୀରେ ଶଙ୍ଖୁଅ ମଧୁପ । ୪ ।
କୋକିଳ କୁହୁ କୁହୁ ରବ ସକାଉ ବାଜିଲା ଅତ୍ୟନ୍ତ ପ୍ରବଳେ ।
କଲେ ପ୍ରୟାଣ କୁସୁମବାଣ ରାଏ ବସନ୍ତ ପ୍ରାଣସଖାମେଳେ ।
କହୁଛ, କେ ଅବା ସେକାଳ ସମ୍ମତ ।
କରି ମହାଭଯେ କନ୍ଦର ପରାଯେ କାମୁକଗଣ ଯୁବା ଯୁବତୀ । ୫ ।
କନ୍ଦର୍ପ ପ୍ରତାପେ ମନୁ ଆପେ ଆପେ ମାନବତୀ ମାନ ଛାଡ଼ିଲେ ।
କାମୀ ସେହି ଭଯେ ଅତ୍ୟନ୍ତ ଡୋରୁଏ ଯୁବତୀଙ୍କ ପାଦେ ପଡ଼ିଲେ ।
କେତେ ଏ, ମଦନ ମହିମାକୁ ଅବା ।
କଳେବର ଜାଳି ଦେଲେହେଁ କପାଳୀ ଅର୍ଦ୍ଧାଙ୍ଗେ ବୁହାଇଲେ ଶିବା । ୬ ।
କେତେ ତେଜୋବନ୍ତ ଛାୟାଦେବୀକାନ୍ତ ତାଙ୍କ କର ଅଛି କହିଁଇ ।
କମଳପତ୍ରାକ୍ଷ କୃଷ୍ଣଙ୍କୁ ଦେଖୁଛ, ଗୋପସ୍ତ୍ରୀ ଖି ପାଦେ ଲୋଟାଇ ।
କହିଲେ, ନ ସରେ ତାହାର ବଡ଼ାଇ ।
କାହାକୁ ଅବା ସେ କାହା କରେ ନାହିଁ ଫୁଲଶରେ ଧୈର୍ଯ୍ୟ ଛଡ଼ାଇ । ୭ ।
କହିବାରୁ ଅଙ୍ଗ ପ୍ରତାପୀ ଅନଙ୍ଗ ପ୍ରବଳ ବସନ୍ତ ସଖାକୁ ।
କେ ଅଛି ମୋ ସମ ବୋଲି ସେହୁ ବ୍ରହ୍ମ-ଲୋକେ ଲଗାଇଛି ଶିଖାକୁ ।
କଣ୍ଟକି, ବହି ଯାହାକୁ ଭୁତବାଇ ।
କୁଟିଳବୁଦ୍ଧିରେ କହିଁ ଅବଧିରେ ସଖୀ ଦେଇଛି ପଠାଇ । ୮ ।
କାନ୍ତ କଉତୁକୀ ବଯୋଗୀ ଘାତକୀ ବସନ୍ତବରନ ବସନ୍ତ ।
କାନ୍ତକୁ କାନ୍ତାରେ କାନ୍ତାକୁ କାନ୍ତରେ କରାଇଲା ସେ ରସବନ୍ତ ।
କୁଞ୍ଜର,-ଗମନୀ ଗୋପୀ ତା ଦେଖିଲେ ।
କିଶୋରବୟସୀ କ୍ରୀଡ଼ାଅଭିଳାଷୀ ଧଇର୍ଯ୍ୟ ଅଙ୍ଗେ ନ ରଖିଲେ । ୯ ।
କରିକୁମ୍ଭସ୍ତନା କୃଷ୍ଣଦମ୍ଭଘେନା କୁଟିଳଚଞ୍ଚଳକଟାକ୍ଷା ।
କେଶରୀମଧ୍ୟମା କାମକେଳିସୀମା କୁନ୍ଦଦଶନା ପକ୍ଷ୍ମଳାକ୍ଷା ।
କରୁଣା,-ବତୀ ମୁହୁର୍ମ୍ମା କରି ମନ ।
କେ କାହାକୁ ଦେଖି ବୋଲଇ ଗୋ ସଖି ଦେଖିବା ଚାଲ ବୃନ୍ଦାବନ । ୧୦ ।
କେମନ୍ତେ କୁସୁମବନ୍ତ ହୋଇଅଛି ବସନ୍ତସମୟ ପ୍ରବେଶେ ।
କାନ୍ତ ବିଦେଶରୁ ଆଇଲେ ରମ୍ଭୋରୁ ଅବଶ୍ୟ ଶୋଭା ପାଇବ ସେ ।

Digitized by srujanika@gmail.com

କରିବା, ଯେମନ୍ତେ ଗୃହ ବନବିହାରୁ ।
କୁହାକୁହି ହୋଇ କଷ୍ଟସୁଖଦାୟୀ ସଙ୍ଗରେ ହୋଇଲେ ବାହାର । ୧୧ ।
କେବଳ ଆକାଶ ପରିଏ ପ୍ରକାଶ ନୟନେ ମାନ ଦେଖିବାକୁ ।
କେ କଉଁ ବେଶେ ଗମନ କରନ୍ତି ସେ ନ ଆସେ କବି ଲେଖିବାକୁ ।
କିଂଅବା, ବୋଲିବା ସ୍ୱର୍ଗ ଅପସରି ।
କ୍ରୀଡ଼ା ଅର୍ଥରେ ନନ୍ଦନକୁ ଗମନ୍ତି ତାଙ୍କର କାହିଁ ଏଡ଼େ ତୋରି । ୧୨ ।
କବି କଳିବାରେ ତୁଳେ ତୁଳିବାରେ ତୁଳ ପ୍ରାୟେ ହେଲେ ଉଶ୍ୱାସ ।
କଳାକେ ସମାନ ନୋହି ନୃତ୍ୟଗଣେ କରି ସ୍ୱର୍ଗେ କଲେ ନିବାସ ।
କେମନ୍ତେ, ବୋଲିବା ତାହାଙ୍କ ପରିପ୍ରେ ।
କୃତାର୍ଥ ହୋଇଛି ରମ୍ଭା ପରି ନାରୀ ଯାହାଙ୍କ ଜାନୁ ଉପମାଏ । ୧୩ ।
କଛ ପ୍ରତାପଶ ଥିବାରୁ ସୁରେଶଆସନ ହେଲା ଗଜରାଜେ ।
କଳହଂସ ଏହି କାରଣରେ ବହି ବାହନ ହୋଇ ପୂଜା ପାଏ ।
କେତେହେଁ, ଥିବାରୁ ଚନ୍ଦ୍ରମୁଖ ଅଂଶ ।
କପର୍ଦ୍ଦୀ କରେ ତାକ ଧୀରେ ନାଚନ୍ତି ମସ୍ତକେ କରି ଅବତଂସ । ୧୪ ।
କୁଚସନ୍ଧିଗରୁ ଦେବତାଏ ମେରୁପର୍ବତ କଲେ ନିକେତନ ।
କଣ୍ଠକୁ ଅନାଇ ମହାତୋଷ ହୋଇ ବିଷ୍ଣୁ ବହିଲେ ପାଞ୍ଚଜନ୍ୟ ।
କାହିଁକି, ଦେବେ କରନ୍ତି ସୁଧାପାନ ।
କୁଟିଳକେଶୀ ଚଟୁଳବେଶୀ ଗୋପୀକଥାକୁ ଯହୁଁ ସେ ସମାନ । ୧୫ ।
କାଇଁ ପାଇଁ ଅଙ୍ଗେ ମଣ୍ଡି ହୁଅନ୍ତି ସେ ପାରିଜାତକ କୁସୁମକୁ ।
କେତେ ତପ କରି ପାଇଛି ଯହୁଁ ସେ ମନୋହର ହାସ ସମକୁ ।
କାନ୍ତିକ, ସମାନ ନୋହି ସ୍ୱର୍ଣ୍ଣକାନ୍ତି ।
କାଦମ୍ବିନୀ କୋଳେ ଥାଇ ସେ ତରଳେ ଦେଖାଇ ନ ଦେଖାଇ ଜ୍ୟୋତି ॥
କଳଧଉତ ବହୁତ ଲାଜ ପାଇ ଅନଳେ ଅଙ୍ଗକୁ ଦହିଲା ।
କ ବର୍ଗରେ ପୁଣି ଅମର-ଧରଣୀ-ଧରେ ନନ୍ଦୀ ହୋଇ ବହିଲା ।
କିରଜ, ସମାନ ନୋହି ତାରାଗଣ ।
କଲେ ଶୂନ୍ୟଗତ ଦିବସରେ ଜ୍ୟୋତି ନ ଦେଖାଇ ଲାଜ ପାଇଣ । ୧୭ ।
କହିଲ ଯେତେକ ସ୍ୱର୍ଗବାସୀ ଯାକ ତୁଳରେ ସମସ୍ତେ ଉଶ୍ୱାସ ।
କୃଷ୍ଣ ପ୍ରିୟତମା ଗୋପୀଙ୍କ ଉପମା କଲେ ହୋଇବ କଉଁ ଯଶ ।
କେବଳ, କବିତା ବନିତା ବ୍ରତତ ।
କରିଅଛି ବହି ବିଭବତ କେହି ପାଶେ ନ ଥିଲେ ନ ବର୍ତ୍ତିନ୍ତି । ୧୮ ।

Digitized by srujanika@gmail.com

କନକବଲ୍ଲରୀ ନାନା ଫୁଲ୍ ଧଇ୍ ଚଳନ୍ତେ ଯେମନ୍ତ ବର୍ଣ୍ଣନ ।
କାମକଳାବନ୍ତୀ ଗୋପୀ ସେହିମନ୍ତ ଗୃହୁଁ ଚଳନ୍ତେ ମୋହେ ମନ କେଉଁ ।
କମେ ସେ, ବୃନ୍ଦାବନେ ହୋଇ ପ୍ରବେଶ ।
କଲେ ସେ ଶ୍ରବଣ ନାନା ପକ୍ଷିଗଣ ନାଦେ ପୂରିଛି ଦଶଦାଶ । ୧୯ ।
କାଳନ୍ଦୀ ଶୀତଳ ଫୁଲ୍ ପରିମଳ ଯେନ ବହେ ମନ୍ଦ ପବନ ।
କୁରଙ୍ଗମଦ ସଞ୍ଚରଇ କରନ୍ତେ ବଢେ କନ୍ଦର୍ପ ଉଦ୍ଦୀପନ ।
କୁସୁମ, ଚୁମ୍ବି ଭୃଙ୍ଗ କରେ ଝଙ୍କାର ।
କନ୍ଦର୍ପ ଧନୁ ଟଙ୍କାରିଲା ପରାଏ ପ୍ରତେ ହୁଅଇ ଗୋପୀଙ୍କର । ୨୦ ।
କପୋତ ହୁଙ୍କାର କାମ ଅହଙ୍କାର ତର୍ଜ୍ଜନ ପରାଏ ମଣନ୍ତି ।
କେ ରତିକୂଜିତ କଥା ଚେତ ଚଉ ଚଞ୍ଚଳ କରଣ ଗୁଣନ୍ତି ।
କୁଞ୍ଜର,-ଗମନା କୁଞ୍ଜମାନ ଦେଖି ।
କଞ୍ଜନୟନ-କେଳିକଥା ସୁମରି ଧଇର୍ଯ୍ୟ ନ ପାରନ୍ତି ରଖି । ୨୧ ।
କିଂଶୁକ, ଅଶୋକ, ଚମ୍ପା, କୁରୁବକ, କରୁଣା, କେଶର, କେଶର ।
କୁବେଲ୍ଲୀ, ମଲ୍ଲୀ, ମାଧବୀ, କୁରୁଆଳୀ, ହେମକେତକୀ, କରବୀର ।
କରଞ୍ଜ, ଆଦ କୃତମାଳ, ତମାଳ ।
କୁସୁମଭରେ ମନୋହର ମନ୍ଦାର, ବକୁଳ, ରସାଳ ରସାଳ । ୨୨ ।
କେଉଁ ଗୋପୀ ଦେଖି ବୋଲଇ ଗୋ ସଖି ଦେଖ ଦେଖ ଏ ନାଗେଶ୍ୱର ।
କାନ୍ତ ବିଚ୍ଛେଦରେ ଶରହାଣୀଠାରେ କେବଳ ହୋଏ ନାଗେଶ୍ୱର ।
କନ୍ଦର୍ପ, କରତଟି ଏହି କେତକୀ ।
କରତ ବିରହୀ ଅଙ୍ଗ ପ୍ରାଣୀ ନେମା କଥାହିଁ ଏହାକୁ କେତେ କି ? ୨୩ ।
କୁସୁମ ଉତ୍ତମବାସ ମନୋରମ ନାମ ମାନଙ୍କ କୁରୁଆଳୀ ।
କର୍ଣ୍ଣପଥେ ଶୁଣି ପ୍ରବାସ-ରମଣୀମାନେ ହୁଅନ୍ତି ଛନ୍ନମନା ।
କୃଷ୍ଣରେ, କୃଷ୍ଣସମ ଦେଖ ତମାଳ ।
କାନ୍ତ ବିଯୋଗରେ, ବିରହଭୋଗରେ ପ୍ରତେ ହୋଏ କାମ-ତମାଳ । ୨୪ ।
କିଂଶୁକ କୁସୁମ, ନୁହଇ ଏ କାମ ଅର୍ଦ୍ଧଚନ୍ଦ୍ର-ବାଣ ପରାଏ ।
କାନ୍ତାର୍ଥିନୀ ନାରୀ ଅଙ୍ଗକୁ ବିଦାରି ହୋଇଛି ମହାରଙ୍ଗମୟେ ।
କରଇ, ଯହୁଁ ବିଯୋଗିନୀ ପଲାଶ ।
କହିଲ ଗୋ ସହି ଜାଣିଥାଅ ସେହି ଦେନ ଏହା ନାମ ପଲାଶ । ୨୫ ।
କନକକୁସୁମ ବୋଲ ଏହା ନାମ ବିଧାନ କରିଅଛି ବିହି ।
କେଉଁ ଅବଗୁଣେ ଅବିବେକପଣେ ଭୃଙ୍ଗ ଏହାକୁ କଲ ଦ୍ରୋହୀ ।

Digitized by srujanika@gmail.com

କୋମଳେ, ଶୁଣାଇଲେ ସୁଧା ଅଳାପ ।
କାଳ ଅପ୍ରାପତ ହୋଇଥିଲେ ଜାତ କରଇ କୁସୁମକଳାପ । ୨୬ ।
କେମନ୍ତେ କଣାଳ ନେତ୍ରସୁଖଶାଳ ସଖି ଏ ପ୍ରମାଣ ରସାଳ ।
କାନ୍ତ କୋଳଗତ ନୋହିଲେ ସାକ୍ଷାତ ହୁଅଇ ଏକା ଏ ରସାଳ ।
କୋକିଳ,-ଠାରୁ ସବୁର ସ୍ନେହପାନ ।
କାମକରେ ପତ୍ରୀ ହେଲେ ବାମନେତ୍ରୀମାନଙ୍କ ବାମ ହୁଏ ମାନ । ୨୭ ।
କରୁଣା କଟାକ୍ଷେ ଅନାଇ ପୁରୁଣା ହୋଇ ବୋଲଇ ଏ କରୁଣା ।
କରୁଣାକର କରୁଣା ବାହାରେ ଏ ହୁଅଇ ଅପୂର୍ବ କରୁଣା ।
କେ ବୋଲେ, ଦେଖ ଦେଖ ସଖି ମାଧବୀ ।
କେତେ ଷେନେହ ଏହା ଠାରେ କରନ୍ତି ମିତ୍ରଭାବ ଘେନି ମାଧବୀ । ୨୮ ।
କେଉଁ ଗୋପୀ ହସି ବନ୍ଧଭାବ ଭାଷି ବୋଲେ ଦେଖ ଏ କାମଦୂତୀ ।
କାମ କାର୍ଯ୍ୟ ସିଦ୍ଧ କରିବାରୁ ବୁଧମାନେ ବୋଲନ୍ତି କାମଦୂତୀ ।
କେ ବୋଲେ, ଶୁଣ ଗୋ ସମସ୍ତ ସୁନାରି ।
କୃତମାଲ ନାମ ଥିବାରୁ ଏ କାମ ଅବଳୀପତର ସୁନାରି । ୨୯ ।
କରନ୍ତି କୁସୁମ ଜପଟେ ସୁଷମ ଉପମାୟ କଣ୍ଠ ମାଳାକୁ ।
କନ୍ଦର୍ପକୁ ଭୟେ ନ ଥିଲେ ଥୋକାଏ ନେଇ୍ଯାଅ ଯେଝା ଗଳାକୁ ।
କେ ବୋଲେ, ଯୁଗ ଲୋଭେ ଦୁଃଖ ପାଇବ ।
କେତୁ ମୁଣ୍ଡ ପ୍ରାୟେ ତୁଣ୍ଡ ସୁଆଦରୁ କାଳେ ଦଣ୍ଡ ସିନା ହୋଇବ । ୩୦ ।
କୃଷ୍ଣ କରୁଣାରେ ମନ ପୁରୁଣାରେ ଅମ୍ଭେ ହୋଇ୍ଥାଉଁ ନାଗଲି ।
କେଉଁ ରସବତୀ ବିରହ ବିପତ୍ତି ପାଇ ହୋଇ୍ଥିବ ନାଗଲି ।
କେ ବୋଲେ, ଦେଖ ଦେଖ ସଖି ଅଶୋକ ।
କେଉଁ ରସିକଣୀ କାନ୍ତ ବିଯୋଗିନୀ ହେଲେ ନ କରଇ ଅଶୋକ । ୩୧ ।
କେଶବ ପ୍ରସାଦେ କାମ ଅପ୍ରମାଦେ ଆମ୍ଭଙ୍କୁ ହୋଇଛି ପୁନ୍ନାଗ ।
କାନ୍ତ-ସଙ୍ଗ-ଛଡ଼ା କାମଶର ପୀଡ଼ା ହୋଇଲେ ହୁଏ ଏ ପୁନ୍ନାଗ ।
କେବଳ, ଭଲକାଳେ ଭଲ ସଭିଏଁ ।
କେ ଅବା ଅଭଲେ ଅଭଲ ନୋହନ୍ତି ବିଗୁଚ କହିଲ ସଭିଏଁ । ୩୨ ।
କେଉଁ ଗୋପୀ ଦେଖି କରକୀ ତରକ ବୋଲଇ ସଖି ଦେଖ ଦେଖ ।
କାହିଁ ବୃନ୍ଦାନାସ୍ତି-ସ୍ତନପ୍ରାୟ କର ତଳକୁ କରିଅଛ ମୁଖ ।
କେବଳ, ମନକୁ ଏମନ୍ତ ଖଟିଲ ।
କମନୀୟ ଦନ୍ତପନ୍ତି ଦେଖି ଅନ୍ତରକ ହୃଦୟ ଫାଟିଲ । ୩୩ ।

Digitized by srujanika@gmail.com

କେ ବୋଲଇ କୁଚ ଅଜାଉ ସଙ୍କୋଚ ପାଇଁ ମୁଖ କର୍ ତଳକୁ ।
କରଇ ତପସ୍ୟା କର ପ୍ରତିଅଙ୍ଗ ଲଗାଇ ସମାନ ତୁଳକୁ ।
କେ କାହା, କୁଚେ କର ଦେଇ ଅଟ୍ଟିଲ ।
କାହୁଁ ଏହା ସବୁ ହୋଇବ ଏ ଢୋସ ବୋଲି ମନ୍ଦ ହସି ମୁହିଁଲ । ୩୪ ।
କହୁଲେ ବହୁତ ହେବ ଏ ଚରିତ ଶୁଣ ହେ ରସିକ ନାଗର ।
କେବଳ ଅମୃତ ଖାଇଲେ ବହୁତ ମନକୁ ନୋହେ ସୁଖକର ।
କହଲ, ଦୀନକୃଷ୍ଣ ବନଭ୍ରମଣି ।
କର୍ଣ୍ଣେ ଏହା ଶୁଣି ସୁକୃତ ସବଣୀ ତର ଶୃଙ୍ଗାର-ତରଙ୍ଗିଣୀ । ୩୫ ।

ତ୍ରୟୋଦଶ ଛାନ୍ଦ

ରାଗ—କେଦାରଗୌଡ଼ା (ଗ, ଡ)

କଳଙ୍କରହିତ କଳାକରଜିତ-ବଦନୀ ଗୋପ ଯୁବତୀ ।
କନ୍ଦର୍ପ ଉତ୍ସବେ ପୂରି ପରସ୍ପରେ ବଙ୍କ ବଚନ ଭାଷନ୍ତି ।
ସେ କାନ୍ତା ।
କୃଷ୍ଣ କୃପାରେ ସୁରସବନ୍ତା । ସେ ।
କାହାରିହିଁ କିଛି ନାହିଁ ଚିନ୍ତା । ସେ ।
କ୍ରୀଡ଼ାକଳାପ ଜାତ କରନ୍ତା । ସେ । ୧ ।

କେ ବୋଲେ ବସନ୍ତ ରାଜା ଭାଗ୍ୟବନ୍ତ ରହିଲା ବୃନ୍ଦାବନରେ ।
କେତେ ଜାତିରେ କେତେ କେତେ ବର୍ଣ୍ଣରେ ରହିଛନ୍ତି ସୁମନରେ
ସେ କେତେ ।
କାମ ବାଢ଼ିଛନ୍ତି ସେଥିମତେ ସେ ।
କାହିଁ ଦେଖିଲ ତ ନାହିଁ ଏତେ । ସେ ।
କେଉଁ ସୁଖ ନୋହୁଅଛି ଚିତ୍ତେ । ସେ । ୨ ।

କୃତମାଳକଢ଼ି ମଲ୍ଲୀକଢ଼ି ଫୁଲ ରଙ୍ଗଣୀ ମାଣିକ୍ୟଫୁଲ ।
କେମନ୍ତ ଶୋଭା କର୍ଣ୍ଣିକାର କର୍ଣ୍ଣିକା କେ କହବ ଏହା ମୂଲ ।
ସେ କାନ୍ତ ।
କେତେ ଭାବତର ଦିଶୁଛନ୍ତି ସେ ।

Digitized by srujanika@gmail.com

କଉଁ ବିନ୍ଧାଣିରେ ହୋଇଛନ୍ତି । ସେ ।
କାହା ନାମକୁ ହରୁ ନାହାନ୍ତି ସେ । ୩ ।
କମଳାସ୍ୟ ମଲ୍ଲୀକଳି ମୋତି ମଣି ନାସା ଆଭରଣ ଦେଖ ।
ଲୁବ୍ଧକ ଭୋଗୀ କା ଯୋଗୀ ନୋହିଣ୍ଟି ଦେଉ ନାହୁଁ କେତେ ସୁଖ ।
ଗୋ କହ ।
କଲେ ମଣ୍ଡନ କା ହେବ ଦେହ । ଗୋ ।
କା ବଳିବ ମନେ ଅଦେହ । ଗୋ ।
କୃଷ୍ଣ କରିବେ କେତେ ସେନେହ । ଗୋ । ୪ ।
କର ଏ ବଳୟ କଟିଲ ମୁଲସାର ଆଭରଣ ଅଙ୍ଗେ ଶୋଭା ।
କଉଁ ସୁର ନର ଗନ୍ଧର୍ବ କିନ୍ନରୁ ଦେଖିଲେ ନୋହିବେ ଲୋଭା ।
ସେ କାଳେ ।
କାଳୀ-ରମଣ ଦେଖିଲେ ଡୋଳେ । ସେ ।
କାମିନୀକି ପକାଇବେ ତଳେ । ସେ ।
କୁଞ୍ଜବିହାରୀ ଧରିବେ ବଳେ । ସେ । ୫ ।
କୁସୁମ ସୁବେଶ ହୋଇ ଗୋପୀବେଶ କରନ୍ତେ ସୁଖେ ବିହାର ।
କଜ୍ଜ୍ୱଳବରନ୍ନ କଳାମେଘ ବର୍ଣ୍ଣ ବୃନ୍ଦାବନକୁ ବାହାର ।
ସେ କରେ ।
କୁଳଛଡ଼ା ବଂଶୀ ଧରି ଧୀରେ । ସେ ।
କଉଁ ଦୁର୍ଜନ ନାଶ ନ କରେ । ସେ ।
କଉଁ ସଜ୍ଜନ ଅବା ନ ତାରେ । ସେ । ୬ ।
କୋଟି କୋଟି କାମ ପ୍ରାୟେ ଅଭିରାମ କର୍ଣ୍ଣେ ମକରକୁଣ୍ଡଳ ।
କେକୀପୁଚ୍ଛଚୂଳ କଣ୍ଠେ ବନମାଳ ଶ୍ରୀମୁଖ ଚନ୍ଦ୍ରମଣ୍ଡଳ ।
ସେ କାହ୍ନୁ ।
କାମିମାନଙ୍କର କାମଧେନୁ । ସେ ।
କାମିନୀକୁଳ କୁସୁମଧନୁ । ସେ ।
କଳ୍ମଷତମିର ପୀୟୂଷଭାନୁ । ସେ । ୭ ।
କଲେବରକୁ ନକ୍ଷସପନ୍ତ ପ୍ରାୟେ ବେଢ଼ିଛନ୍ତି ଗୋପବାଳେ ।
କେ ବେଣୁ, ଶୃଙ୍ଗ, କେ ପତରକାହାଳି ବଜାବନ୍ତି କୁତୂହଳେ ।
ସେ କେହି ।
କରେ ଫୁଲଛତ ଛନ୍ତି ବହି । ସେ ।

Digitized by srujanika@gmail.com

କଉତୁକେ ଭାବେ ରହ ରହ । ସେ ।
କର୍ଣ୍ଣେଲଗି କି କି କଥା କହ ସେ । ୮ ।
କେ ଫୁଲଧନୁରେ ଫୁଲଶର ସନ୍ଧି କୁସୁମବୃଷ୍ଟି କରଇ ।
କେ ଫୁଲ ଅଳକେ କବରୀ ଗୁମରେ ଶ୍ରୀଅଙ୍ଗ ଶ୍ରମ ହରଇ ।
ସେ କୃଷ୍ଣ ।
କୃପା କଟାକ୍ଷେ ଗୋପୀ ସନ୍ତୁଷ୍ଟ । ସେ ।
କପଟରେ ବଢ଼ାଇଲେ ଉଷ୍ମ । ସେ ।
କଲେ ସଙ୍ଗତେ ତାହାଙ୍କୁ ତୃଷ୍ଣ । ସେ । ୯ ।
କି ଗୋ ବାମନେତ୍ରିମାନେ କାମଛନ୍ନୀ ଫୁଲ ପତ୍ରୀ ତ ତୋଳିଲ ।
କଉଁ ଅବଗ୍ରହରେ ଆପଣା ଦେହରେ କର୍ପୂର ଆଣି ବୋଳିଲ ।
ଗୋ କହ ।
କାମକାଣ୍ଡେ ତ ମଣ୍ଡିଲ ଦେହ । ଗୋ ।
କାଳେ ହୋଇବ ଅତି ଦୁସହ ଗୋ ।
କାହିଁ ପାଇଁ ହେଲ ଏଡ଼େ ମୋହ ଗୋ । ୧୦ ।
କୁଳଦେବତାଙ୍କୁ ଲାଗି କରିବାକୁ କରିଥିଲି ମୁଁ ଯତନ ।
କଉ ବଡ଼ପଣେ ତାହା ଜନ୍ତ୍ରେ ଜନ୍ତ୍ରେ କଲ ଏଡ଼େ ଅଘଟନ ।
ଗୋ କହ ।
କପାଁ କରାଇଲ ଅନ୍ତର୍ଦାହ । ଗୋ ।
କେହୁ ସହିବଟି ଏହା ଦେହ । ଗୋ ।
କାହିଁ ଜୀବ ଆଜ ରହ ରହ । ଗୋ । ୧୧ ।
କଉଁ ଗୋପୀ ବୋଲେ ତୁମ୍ଭେ ଶୁନ୍ଦର ହେଲ କନ୍ଦର୍ପ କରିବ କାସ ।
କେବେହେଁ ପୀୟୂଷ ଖାଇଲେ କି ନାଗ କରିପାରେ ଗ୍ଳର ବଶ ।
ହେ କାନ୍ତ ।
କାହିଁ ପାଇଁ ହେଉଛ ଏମନ୍ତ । ହେ ।
କୃଷ୍ଣ ଲଅ ଦେବା ହୁଅ ଶାନ୍ତ । ହେ ।
କପାଁ ମାରୁଛ କଟାକ୍ଷ କୁନ୍ତ । ହେ । ୧୨ ।
ବୈଷ୍ଣବ ବୋଲନ୍ତି କେବେହେଁ ମୁଁ ଶାନ୍ତ ନୋହିବି ଏ ମୋ ପ୍ରମାଣ ।
କୁଚ ଶମ୍ଭୁଶିରେ ଦେଉଅଛି କର ମୋତେ କଂସ ମାମୁଁ ରାଣ ।
ଗୋ କେହୁ ।
କୁଞ୍ଜବନ୍ଧୁ ଆଜ ଯିବ ନାହିଁ । ଗୋ ।

Digitized by srujanika@gmail.com

କାମଦେବଙ୍କୁ ଡରିଲ ନାହିଁ । ଗୋ ।
କଷ୍ଟାଷ୍ଟରେ ମୋତେ ଗୃହିଁ ନାହିଁ । ଗୋ । ୧୩ ।
କୃଷ୍ଣବାଣୀ ଶୁଣି ବରଜରମଣୀ ଫୁଲ ମାଳେ ମାଳେ ନେଇ ।
କରୁଛୁ ବରଣ ତୁମ୍ଭେ ଆମ୍ଭ ପ୍ରାଣ ବୋଲି ଗଳାରେ ଲମ୍ବାଇ ।
ସେ କେହ୍ନ ।
କଷ୍ଟାଷ୍ଟରେ ବନ୍ଦ କରି ଗୃହିଁ । ସେ ।
କଉତୁକେ ଗଲେ ରହି ରହି । ସେ ।
କଞ୍ଜନୟନ ହୃଦୟ ମୋହି । ସେ । ୧୪ ।
କନକବରଣୀ କୁମ୍ଭୀକୁମ୍ଭସ୍ତନୀ ଗୋପେ ପ୍ରବେଶ ହୋଇଲେ ।
କମଳଦରଷ ଦେଖି ସାତଅଶ୍ୱ ଚରମାଚଳ ଛୁଇଁଲେ ।
ସେ କାଳ ।
କଲି କନ୍ଦର୍ପେ ମନ ଚଞ୍ଚଳ । ସେ ।
କଣ୍ଟ ତୁଠାଇଲ ଲଜ୍ଜାବଳ । ସେ ।
କି ବା କନ୍ୟା ଯୁବା ସନ୍ଧ୍ୟବେଳ । ସେ । ୧୫ ।
କଳାକରକଳା ପ୍ରକାଶି ଆସଇ ନୟନକୁ ସୁଖଦାୟୀ ।
କୁସୁମବିକାଶ ବେଳ ପରବେଶ ଦହୁଡ ଦୂରରେ ନାହିଁ ।
ସେ କାଳ ।
କହୁଁ କହୁଁ ଦଶିଲ ମଞ୍ଜୁଳ । ସେ ।
କରାଇଲ ଦ୍ୱିଜଙ୍କୁ ତରଳ । ସେ ।
କୋକ ଶୋକ ଦେବାରେ କୁଶଳ । ସେ । ୧୬ ।
କବା ବାରବଧୂ ନିଧୁବନ ଆଶେ ହୋଇ ଅନୁରାଗବତୀ ।
କରି ଅଙ୍ଗଶୋଭା ଉଭା ହେଲ ପ୍ରାୟେ ଦଶେ ନିଶାମୁଖ ଜ୍ୟୋତି ।
ସେ କାଳେ ।
କମ୍ବୁଘୋଷ ଶୁଭେ ଦେବାଳେ । ସେ ।
କଲେ ଧେନୁଦୋହନ ଗୋପାଳେ । ସେ ।
କାମୀ ପ୍ରବେଶ ସଙ୍କେତ ସ୍ଥଳେ । ସେ । ୧୭ ।
କହୁଁ କହୁଁ ଅନ୍ଧକାର କଲା ଅନ୍ଧ ଲଭିବାରୁ ରବିଦୀପ ।
କୃପଣଙ୍କ ଧନ ପ୍ରାୟେ ହେଲ ଜନମାନଙ୍କର ଦେବଦୀପ ।
ସେ କଲା ।
କହୁଁ ଲୋକଙ୍କୁ ହେଲ ଶଙ୍କଳା । ସେ ।

Digitized by srujanika@gmail.com

କୁଳଝାଙ୍କୁ କରାଇଲା ଲୀଳା । ସେ ।
କାବା ଗୌରର ନେଣସୁଖମାଳା । ସେ । ୧୮ ।
କଉଣିକ ସୁଖ ଜାତ କରିବାକୁ ରଦ୍ଧୂତଳକ ପରାଏ ।
କି ଅବା ବସ୍ତୁ ସମାନ ସର୍ବବ୍ୟାପୀ ଅକ୍ଷୁଦ୍ର ନିବଡ଼ମୟେ ।
ସେ କାଳ ।
କାଳ ପ୍ରାଏ ଦଶେ ବିକରାଳ । ସେ ।
କୃଷ୍ଣ ଅଭିସାରୀ କୋଣଫଳ । ସେ ।
କଲା ନିଶାଚରଙ୍କୁ ପ୍ରବଳ । ସେ । ୧୯ ।
କାବା ପୁଷ୍ପବନ୍ତେ ହରିବା ନିମନ୍ତେ ତମକୁ ଛନ୍ତ୍ର ଗୋଡ଼ାଇ ।
କି ଅବା ତାହାକୁ ଗ୍ରାସ କରିବାକୁ ତମ ଅଛି ଘଉଡ଼ାଇ ।
ସେ କଥା ।
କହିବାକୁ କେ ବା ସାମରଥା । ସେ ।
କହି ବସିଲେ ହୋଇବ ପୋଥା । ସେ ।
କବି ଭୃଣ୍ଡ କରାଇବ ବ୍ୟଥା ସେ । ୨୦ ।
କାଛି କାତଳ ରାଜା ରାଜା ପ୍ରାଏ ହୋଇ ଉଦୟ ହୋଇଲେ ଆପି ।
କୁମୁଦ ବିକାଶି ତୁଲିକ ହେଲେ ତୋଷି ଦୁଷ୍କୃତମ ଗଲା ଖପି ।
ସେ କାନ୍ତ ।
କଲା ଦୀନଲୋକ ତାପଶାନ୍ତ ସେ ।
କରାଇଲା ବିଟପୀଙ୍କି ଭ୍ରାନ୍ତ । ସେ ।
କଲା ନିବର୍ତ୍ତି ଗୌରଙ୍କ ଗତ । ସେ । ୨୧ ।
କୃଷ୍ଣ ହୃଦରେ କଉସ୍ତୁଭ ପରାଏ ବିସ୍ତ୍ରୃ ପ୍ରଦେ ଶଶୀ ଦଶେ ।
କଳଙ୍କ କପଟେ ଯାମିନୀ କାମିନୀ କୋଳରେ ଧରିଛି କା ସେ ।
ସେ କାବା ।
କଳଧଉତ ଫଳକ ଅବା । ସେ ।
କରି ବିଗୃର କାମୀ ବଧିବା । ସେ ।
କରୁଁ ଥୋଇଅଛି କାମ ଦେବା ସେ । ୨୨ ।
କଳା କାତପା ଚନ୍ଦ୍ରାତପ ମଧ୍ୟେ କା ରଜତ ଗିରି ନାୟକ ।
କଉତୁକରେ ତାର ଶୁଦ୍ଧ ଦର୍ପଣ ଖଞ୍ଜାଇଅଛି ଅନେକ ।
ତା କହି ।
କବି ପାରକୁ ପାଇଲା ନାହିଁ । ତା ।

Digitized by srujanika@gmail.com

କଳେବର ଦ୍ରବଗଲା ବହି । ତା ।
କେଉଁ ଭାଗ୍ୟେ ପ୍ରାଣ ଅଛି ରହି । ତା । ୨୩ ।
କଳାନିଧି ଶୋଭା ଦେଖି ମହାସୁଖୀ ହୋଇଲେ ଚକୋରପନ୍ତି ।
କୀଡ଼ା କଲେ ବ୍ରୀଡ଼ା ଛଡ଼ାଇ ମନରୁ କେଉଁ ରସିକ ଦମ୍ପତି ।
ସେ କେହି ।
କାନ୍ତ ବିଚ୍ଛେଦ ଦଶାକୁ ବହି । ସେ ।
କାମ-କାଣ୍ଡକାନ୍ତେ ହେଲା ଦହି । ସେ ।
କଳାକରକୁ ଗୃହିଲ ନାହିଁ । ସେ । ୨୪ ।
କୁସୁମସମୟେ ମହାସୁଖମୟେ ତହିଁ ପୁଣି ଗୃହଗତ ।
କୋକିଳଭାରତୀ କାମଗନ୍ଧାଗତ ସ୍ଥିର ହେବ କାହା ଚିତ୍ତ ।
ସେ କାଳେ ।
କାମ ରସିକ ଗୁଆଁର ଭୁଲେ । ସେ ।
କାମୀ ନ ଥିଲେ କାମିନୀ କୋଳେ । ସେ ।
କରେ ଖଣ୍ଡଖଣ୍ଡ କରବାଳେ । ସେ । ୨୫ ।
କେ ବସି ଏକାନ୍ତେ ଲେଖି ଲେଖି କାନ୍ତେ କେତକୀଦଳ ମଧ୍ୟରେ ।
କେଉଁ ସୁବଗୃହେ ଜହିଅଛ ଦୂରେ ଏଡ଼େ ବସନ୍ତକାଳରେ ।
ହେ କହ ।
କିବା ପାଷାଣ ତୁମ୍ଭ ବିଗ୍ରହ । ହେ ।
କି ଏ କଳାକରକୁ ନ ଗୃହ । ହେ ।
କାହା ଅଙ୍ଗ କଲ ଅଛ ମୋହ । ହେ । ୨୬ ।
କୋକିଳ ଭାରତୀ ନ ଶୁଣଇ ଶ୍ରୁତି ନ ଲାଗେ ମନ୍ଦପବନ ।
କୁସୁମ ସୁବାସ ନ ଘେନଇ ଶ୍ୱାସ କି ତୁମ୍ଭେ ଏଡ଼େ ଅଜ୍ଞାନ ।
ହେ କାନ୍ତ ।
କି ସେ ଦେଶରେ ନାହିଁ ବସନ୍ତ । ହେ ।
କିବା ନୁହ ତୁମ୍ଭେ ଗୁଣବନ୍ତ । ହେ ।
କହ କହ ମୋତେ ଏ ଉଦନ୍ତ ହେ । ୨୭ ।
କେଉଁ ନାଗର ଦୂତୀ ଆଗେ କହଇ କହିବୁ ପ୍ରାଣଧନକୁ ।
କାଳିପର ପ୍ରେମଦାସ ହୋଇଅଛି ଦୁଃଖ ନ ଦେବୁ ମନକୁ ।
ରେ କାନ୍ତା ।
କାନ୍ତ ହରିବେ ସମସ୍ତ ଚିନ୍ତା । ରେ ।

Digitized by srujanika@gmail.com

କରି ହୃଦ୍‌ଗରେ ହୃଦୟ ଯନ୍ତ୍ରା । ସେ ।
କାହିଁ ରଖିବ କାମ ଉଦନ୍ତ୍ରା ରେ । ୨୮ ।
କାହିଁ ବୃତ୍ତି ପାଇଁ କାନ୍ତକୁ କହଇ କଲ ଉତ୍ତମ ବସ୍ତୁର ।
କାଳପାକ ପ୍ରୀତି କରି କଲି ଯାହା କୁସୁମକାଳେ ଅନ୍ତର ।
ହେ କାନ୍ତ ।
କହ୍ନେ ଥିଲ ତୁମ୍ଭର ଏମନ୍ତ । ହେ ।
କାଳେ ହେବ ଭାମିନୀ କୃତାନ୍ତ । ହେ ।
କି ନୋହିଲ ତୁମ୍ଭେ ଗୁଣବନ୍ତ । ହେ । ୨୯ ।
କେତେବେଳେହେଁ କଲା ଧଲା ନୁହଇ କହିଲେ କି ହେବ ତାହା ।
କଲତ ଦାଇତ ଚରିତ ବଦାନ୍ତ ଦଧି ବଧ କଲ ଯାହା ।
ସେ କଥା ।
କାନ୍ତ ଶୁଣି ନତ କଲ ମଥା । ସେ ।
କୁଳିଶକୁହିଁ ବଳିଲା ବ୍ୟଥା । ସେ ।
କମେ ହୋଇଲ କାମ ଗଲଥା ସେ । ୩୦ ।
କହଇ ନାୟକ ସଖି ତୁ ଯେତେକ କହିଲୁ ଏଥି ମୁଁ ମଲି ।
କହ ମୋ ଧନୀକି ମନମୋହିନୀକି କୋପ ପଛେ ପଛେ ଗଲି ।
ସେ କୋଳ ।
କେତେବେଳରେ ହୋଇବ ମେଳ । ସେ ।
କାମ ତାପ କରିବ ଶୀତଳ । ସେ ।
କଉଁ ରୂପରେ ନୁହଇ ବଳ । ସେ । ୩୧ ।
କଲେ ଯେତେ ଯେତେ କ୍ରୀଡ଼ା ଏ ବସନ୍ତେ କୁଞ୍ଜବନୋଦ୍ୟାନ ହରି ।
କୋଟି କୋଟି ତପେ ଜନ୍ମି କବିରୂପେ ସେ ସୁଖ କହି ନ ପାରି ।
ସେ କେଳି ।
କଣ୍ଠମଣ୍ଡନ ମୁକ୍ତାମାଳି । ସେ ।
କହୁଥିଲେ କଳୁଷକୁ ଦଳି । ସେ ।
କେତେ ଜାଣନ୍ତି ବରଜବାଳୀ ସେ । ୩୨ ।
କେତେବେଳେ ଗୋପେ ନାଗର ସ୍ୱରୂପେ ବସନ୍ତପଡନୀ ପିନ୍ଧି ।
କର୍ପୂର ଚନ୍ଦନ ଅଙ୍ଗେ ବଲେପନ କାମନୀୟ ଖୋସା ବାନ୍ଧି ।
ସେ କାହିଁ ।
କଉତୁକ କଥାମାନ କହି । ସେ ।

Digitized by srujanika@gmail.com

କଳାକର ପ୍ରିୟାପାକ ରହୁ । ସେ ।
କାମପ୍ରିୟତମା ସୁଖ ବହୁ ସେ । ୩୩ ।
କାଳିନ୍ଦୀକୂଳସ୍ଥ କଦମ୍ବମୂଳସ୍ଥ କାହିଁ ତମାଳସ୍ଥ ପାଦେ ।
କୃଷ୍ଣଦାସ ମନ ବଚନ କର୍ତ୍ତବ୍ୟ ରଖିଅଛୁ ଅପ୍ରମାଦେ ।
ସେ କାଳେ ।
କାଳଭୟ ବିନାଶିବ ହେଳେ । ସେ ।
କଷ୍ଟ ନ ପାଇବ ଭବଜଳେ । ସେ ।
କଚ୍ଛ ନ କରିବ ଅମଙ୍ଗଳେ ସେ । ୩୪ ।

ଚତୁର୍ଦ୍ଦଶ ଛାନ୍ଦ

ରାଗ—ଭାଙ୍ଗୀ

କୁସୁମକାଳ କାହାକୁ କାଳ ପ୍ରାୟେ ହୋଇଲା ପ୍ରତେ ।
କୃଷ୍ଣ ଯାହାର ହୃଦରେ ହାର ନୋହିଲେ କଦାଚିତେ ।
କେ ଅବା ତାହା କହିବ ଯାହା ହେଲା ସେ ବିରହରେ ।
କେବଳ ଅଙ୍ଗ ହେଲା ଅନଙ୍ଗ- ଅନଳେ ସେନେହରେ । ୧ ।
କାହିଁ ସୁତନୁ ଦଗ୍ଧିତ ବିନୁ କଲା ତନୁକୁ ତନୁ ।
କେବେହେଁ ତାର କରୁ ବାହାର ନ କଲା ଆଉ ହନୁ ।
କରକଙ୍କଣ ଛାଡ଼ି କଙ୍କଣ ଛାଡିଲା ନିରନ୍ତରେ ।
କୁସୁମବାଣ ବିନ୍ଧିଲା ବାଣ ବସି ତାହା ଅନ୍ତରେ । ୨ ।
କାହିଁ ସୁକେଶୀ ଦୂତୀକି ପେଷି କାନ୍ତ ଆସିବା ଆଶେ ।
କରି ସୁବେଶ ଶ୍ରୀଅଙ୍ଗ ଦେଶ ଅନାଇଁ ସେହି ଆଶେ ।
କି କି ହୋଇ ସେ ଦଇବ ବଶେ ନଇଲା ତାର ପାଶେ ।
କାମ୍ୟତେ କାମ ପୂରେଇ କାମ ବନ୍ଧନ କଲା ପାଶେ । ୩ ।
କେ ଅଙ୍ଗ ସଜ ବଢ଼ାଇ ଶେଜ ଶେଜାଇ ରତି ଆଶେ ।
କୃଷ୍ଣ ଗମନ କାଳକୁ ମନ ଦେଇ ମନ୍ଦିରେ ବସେ ।
କଲା ସେ ଦୃଷ୍ଟି କମଳ ବୃଷ୍ଟି କରେ ଗୃତଙ୍କୀ ପ୍ରାୟେ ।
କେବଳ ସଙ୍ଗେ ରହିଲା ରଙ୍ଗେ ଧନୁକୀ କାମବ୍ୟୂହେ । ୪ ।
କଳହ କରି କାହିଁ ସୁନ୍ଦରୀ କୃଷ୍ଣ ପାଶରୁ ଆସି ।
କରକମଳ ତଳେ କପୋଳ ଦେଇ ଦୁଃଖରେ ବସି ।

Digitized by srujanika@gmail.com

କରେ କାରଣ   କ୍ରୋଧେ ଅରୁଣ   ଦଶେ ବଦନ ଶଶୀ ।
କରତଳ ମଣ୍ଡି   ଲେଖଇ ମଣ୍ଡି-   ମଣ୍ତ୍ରଣା ମୃଗଦୃଶୀ । ୫ ।
କଉଁ ସଖୀ ତା   ଦେଖି ବକତା   କରି ବୋଲଇ ବାଣୀ ।
କି ମାନବଲ୍ଲୀ   ବଢ଼ିବ ବୋଲି   ଦେଉଛୁ ସଖି ପାଣି ।
କଉଁ ଦଇବ   ଏ ପରିଭବ   ଦେବାକୁ ଥିଲ ବସି ।
କେତେ ଉତ୍ସବ   ପାଇଁ କେଶବ-   ଠାରୁ ଅଇଲ ରୁଷି । ୬ ।
କୃଷ୍ଣ ବିରହ-   ଜ୍ୱରେ କେ ଦେହ   କୃଶ ପାଣ୍ଡୁର କରି ।
କେଶ ବସନ   ମଳିନ ଦ୍ୱିଜ   ମନରେ ଅଶ୍ରୁ ଧରି ।
କରି ଦୂଷଣ   ଅଙ୍ଗ ଭୂଷଣ   ବହଇ ଜାହ୍ନ ଅଙ୍ଗେ ।
କୁରଙ୍ଗୀ ପ୍ରାୟେ   ଝୁରଇ ଭୟେ   ପାଇବାରୁ ଅନଙ୍ଗେ । ୭ ।
କୃଷ୍ଣ ଆସିବା   ବେଳ ବଳିବା   ବଗ୍ଧିର କଉଁ ଗୋପୀ ।
କୁସୁମ ଶରୁ   ଶରେ ଜର୍ଜର   ସନ୍ତତେ ହୋଏ ତାପୀ ।
କାମତୁରଙ୍ଗ   ପ୍ରାୟେ ତରଙ୍ଗ   କରଇ ନେତ୍ର ଗତି ।
କୃଷ୍ଣ ଦର୍ଶନ   ଭାବ ଉତ୍ସନ୍ନ   ରସିକ ଗୁଣବତୀ । ୮ ।
କଉଁ ଯୁବତୀ   ମଦନେ ମାତି   ପୀତପତନି ପିନ୍ଧି ।
କର୍ପୂର ଧୂଳି   ଅଙ୍ଗରେ ବୋଳି   କୁସୁମଗଭ୍ଭ ବାନ୍ଧି ।
କ୍ରୀଡ଼ାକୁ ପାଇ   ବ୍ରୀଡ଼ା ପକାଇ   କୃଷ୍ଣରେ ଦେଇ ମତି ।
କରଇ ଗଜ-   ଗମନୀ ଗଜ-   ପତି-ପରିଏ ଗତି । ୯ ।
କାହା ଅଧୀନ   ହୋଇ ମୋହନ   ଫୁଲ ଚନ୍ଦନ ଦେଇ ।
କହୁ ବଚନ   ଚୁମ୍ବାଲିଙ୍ଗନ   ଦୂତୀକି ପଠିଆଇ ।
କୁସୁମ ଶେଯ   କରାଇ ସଜ   ହୋଇ ହରଷେ ବସେ ।
କୁସୁମ ଧନୁ   କୁସୁମଧନୁ   ଧରି ରହନ୍ତି ପାଶେ । ୧୦ ।
କଉଁ ଗୋପିକା   ନିଶାରେ ଏକା   ହୋଇ ରହିବା ଜାଣି ।
କୁସୁମ କାଣ୍ଡ   କୁସୁମକାଣ୍ଡ   କାଣ୍ଡେ ଭାଙ୍ଗିଲା ଅଣି ।
କୃଷ୍ଣକୁ ଭାବ   କାହାର ନୀବୀ   ବନ୍ଧନ ଗଲା ଫିଟି ।
କରକଙ୍କଣ   କଣ୍ଠ ଭୂଷଣ   କାଞ୍ଚି ହୋଇଲା କାଟି । ୧୧ ।
କେନ୍ଦୁ ଉଜ୍ଜ୍ୱଳ   ରସେ ଉଜ୍ଜ୍ୱଳ   ଦେଖି ଉଜ୍ଜ୍ୱଳ ରାତି ।
କାମ ମଦରେ   ମାତି ମୋଦରେ   କଳା ବିବିଧ ରତି ।
କୃଷ୍ଣ ମାନସ   ତୋଷି ମାନସ   ସଦନେ ମନ୍ଦଗତି ।
କଲା ଅଜୟ   ମଦନଜୟ   ରସିକା ଗୁଣବତୀ । ୧୨ ।

Digitized by srujanika@gmail.com

କେ କାନ୍ତତନୁ କରରେ ଧନୁ ବଲ୍ଲୀ ଆକାର କରି ।
କଲା ସୁରଣ ରଣକରଣ ପୁରୁଷ ଭାବ ଧରି ।
କେ କାମଅନ୍ଧେ ବିବିଧ ବନ୍ଧେ ଦେଲା ସୁରତ ଦାନ ।
କହିଲେ ଶେଷ ନୋହିବ ଲେଶ ବାସନ୍ତୀ କ୍ରୀଡ଼ାମାନ । ୧୩ ।
କରେ କୁମୁଦ ବଦନକୁ ମୁଦ ଯେମନ୍ତ କଳାନିଧି ।
କାୟକୁ ହରି ବସ୍ତୁତ କରି ଗୋପୀଙ୍କି ଚେତନ୍ତେ ବୋଧି ।
କାହାକୁ ଚୁମ୍ବି ଦେଇ ବେଲମ୍ବି ପ୍ରାପ୍ତ କରନ୍ତି ଭୋଗ ।
କାହା ଦୁକୂଳ ହରି ଉଜ୍ଜ୍ୱଳ ରସେ ଦୁଅନ୍ତି ଯୋଗ । ୧୪ ।
କେଉଁ ଗୋପୀକି ପାଶକୁ ଡାକି ବୋଲନ୍ତି ଆଗୋ ସଖି ।
କାମ ବନିତା ସୁରସଲତା କାହିଁ ଅଛୁକି ଦେଖି ।
କାଲି ସେ ରୁଷି ରହିଛି ଆସି କାହା ମନ୍ଦିରେ ଯାଇଁ ।
କନ୍ଦର୍ପ ମୋତେ କହିଛି କେତେ ସମ୍ବାଦ ଦେବାପାଇଁ । ୧୫ ।
କହୁଛି କର ଧରି ତୋହର କରିବୁ ତୁହି ଏତେ ।
କାମ ଉତ୍ପ୍ରୋଧେ ମନ ସଂଶ୍ରବେ ଦେଲୁ ତାହାକୁ ମୋତେ ।
କହେ ଚତୁରୀ ଚାତୁରୀ କରି ତାକୁ ପାଇବ କାହିଁ ।
କେବେ ଆକାଶ କୁସୁମ ରସ ଭ୍ରମର ପାଇ ନାହିଁ । ୧୬ ।
କ୍ରମରେ ରାତି ହେଲା ପାହାନ୍ତି କରନ୍ତେ ଏହି ଲୀଳା ।
କୁକ୍କୁଟ ଧ୍ୱନି ପୂରି ଅବନୀ କଲା ଲୋକଙ୍କୁ ଲୋଳା ।
କୋକିଳକୁଳ ଡାକ ବହଳ ଶୁଭିଲା ସବୁଆଡ଼େ ।
କୋକ ମିଥୁନ ମନୁଁ ବହନ ବିରହ ଦୁଃଖ ଛାଡ଼େ । ୧୭ ।
କମ୍ବୁ ଶବଦ ଶୁଭିଲା ଦେବ- ମାନଙ୍କ ନିକେତନେ ।
କଲେ ବ୍ରାହ୍ମଣ- ମାନେ ପ୍ରୟାଣ ସ୍ନାନକୁ ତୋଷମନେ ।
କୁଙ୍କୁମ ବର୍ଣ୍ଣ ଦିଶିଲା ଘନ- ବାହନ ଦିଗଯାକ ।
କଲେ ବିଜୟେ ଆସି ଉଦୟେ ଛାୟା ପ୍ରାଣନାୟକ । ୧୮ ।
କୁସୁମ ଗନ୍ଧ ଘେନି ସୁଗନ୍ଧ- ବହ ସ୍ୱଧୀରେ ବହେ ।
କଲେ ଶୀତଳ ହୃଦୟସ୍ଥଳ ମୋତିମାଳ ନିବହେ ।
କଲକୂଜିତ କଲେ କପୋତ ରତିକୂଜିତ ପ୍ରାୟେ
କାକକୁ ଡରି କାକ ବଇରୀ କୋଟେ ପ୍ରବେଶ ହୋଏ । ୧୯ ।
କଲେ ଗୋଧନ- ଦୁହାଁ ଗୋଧନ- ବ୍ରତପାଳକମାନେ
କରନ୍ତେ ଦଧି- ମନ୍ଥନ ବିଧି ଶୁଭେ ଶିଞ୍ଜିତ ତାନେ ।

Digitized by srujanika@gmail.com

କେଉଁ ସୁଜନ ଛାଡ଼ି ଶୟନ ସୁମରେ ସୁଖଧାମ
କୀର ସାରିକା ପଢ଼ିଲେ ଏକା ଶ୍ରୀ ରାଧାକୃଷ୍ଣ ନାମ । ୨୦ ।
କାଚୁଆଳଙ୍କ ତପକରଙ୍କ ପ୍ରଭା ପ୍ରଭାତ କେଲା ।
କୁଳଟା ନାରୀ କଣାଉଥାରୀ ସଞ୍ଚାର ଭାଙ୍ଗିଗଲା ।
କେଉଁ ପୁରୁଷ ସଙ୍କେତବାସ କଗି କାନ୍ତାକୁ ଚାହିଁ ।
କାମ ପ୍ରବଳେ ମନ ଆକୁଳେ ସୁରସୁତକୁ ଚଳେ । ୨୧ ।
କଲେ ତୋ ଅଙ୍ଗ ଦାଇବ ଭଙ୍ଗ ଭାଜିଲା ନାହିଁ ଗର୍ବ ।
କଲ୍ ମୋହୋର ସୁଖ ତୋହୋର କରରେ ଏଡ଼େ ଖର୍ବ ।
କଠୋର ମାତା ଏତେ ଅବସ୍ଥା ଦେଲା ଏହୁ ହେତୁରୁ
କଲା ଅସାର ନ ଭାଙ୍ଗି ଜ୍ୱର ଭାଙ୍ଗିଲା ଯାହା ଉରୁ । ୨୨ ।
କେ ବାରନାରୀ ପୁରୁଷ ପ୍ରସରି ଚଉକତକ ଚାହିଁ ।
କରଇ ଗଢ଼ି କଣ୍ଠଇ ଛାଡ଼ ରାତ ଯିବାରୁ ପାହି ।
କେଉଁ ରସିକ ଧୂପମଶକ ସବ୍ୟେ ପଳାଇଲା ।
କାତରତରେ ବେନି ପାଶରେ କଟାକ୍ଷ ଖେଳାଇଲା । ୨୩ ।
କେଉଁ ଶଠର, ଆକୃତ ବର- ବେଶ ସବ୍ୟେ ଦଶେ ।
କୁଙ୍କୁମ ଅଙ୍ଗ ତାମ୍ବୁଳ ରଙ୍ଗ ପ୍ରକାଶେ ଗଣ୍ଡଦେଶେ ।
କପାଳେ ଶିତା ପ୍ରାନ୍ତ୍ୟେ ଅଳତା ଓଷ୍ଠେ କଜ୍ଜ୍ୱଳକାଳୀ ।
କେଉଁ ସୁକେଶୀ ଦେଖି ତା ହସି କରେ ଧଇଲ ତାଳ । ୨୪ ।
କୁଟିଳ କରି ବୋଲେ ଚତୁରୀ ବଶ୍ୟ ହେଲ କି କାଲି ।
କାହାର ଶିରେ ନ ଥିଲେ ପ୍ରତେ ଏମନ୍ତ କର୍ମ ବୋଲି ।
କଉତୁକରେ ଦର୍ପଣ କରେ ଧରି ବୋଲଇ ଚାହିଁ ।
କେମନ୍ତ ଶବ ଦଶେ ବଦନ କେମନ୍ତ ଶୋଭା ଦେହ । ୨୫ ।
କେବଳ ଏହି ବେଶ ମୋ ସହି ଆଗେ ଦେଖାଅ କନା ।
କରେ ସେ ଦୀପ ଘେନି ଏରୂପ କରନ୍ତୁ ବନ୍ଦାପନା ।
କଲ୍ ମୁଁ ଆଖି. ସଫଳ ଦେଖି ସେହୁ ହୁଅନ୍ତୁ ସୁଖୀ ।
କୁଟିଳବାଣୀ କଣ୍ଠରେ ଶୁଣି ସଙ୍କୋଚ-ପଙ୍କେ ଲଖି । ୨୬ ।
କେଉଁ ଖଣ୍ଡିତା ରତିପଣ୍ଡିତା ଦେଖି ନାୟକ ବେଶ ।
କ୍ରୋଧ ହରଷେ ବାହୁଜ ରସେ ବୋଲଇ ଆସ ଆସ ।
କାଲି କାହାର ସଙ୍ଗେ ବିହାର କଲ ତା କହ କହ ।
କେତେ ଦଶନ କରଜଚହ୍ନ ମଣ୍ଡି ହୋଇଛି ଦେହ । ୨୭ ।

Digitized by srujanika@gmail.com

କାକବଇରୀ କାକକୁ ଡର ଝିଗଲା ପ୍ରାୟେ ହୋଇ ।
କଉଁ ଭୟରେ ଧାଇଁଛ ଖରେ ହୋଟେ ପଶିବାପାଇଁ ।
କଉ ଭୂଷଣ କଥା ଭୂଷଣ ତୁମ୍ଭେ ନ ପାଅ ଲଜ ।
କମ୍ପିତ ଶ୍ରମ ପାଇ ବିଶ୍ରମ ହେବାରୁ କଉଁ କାର୍ଯ୍ୟ । ୨୮ ।
କାଳକ ଏହୁ କଥାକୁ ବହୁ କଲ ତୁମ୍ଭକୁ ଜାତ ।
କର ଯା ଗତ ଯେଉଁ ଯୁବତୀ ସଙ୍ଗେ ମଦନେ ମାତ ।
କଳ୍ପ ଲକଳା ଚନ୍ଦନଧଳା ମୁଖମଣ୍ଡଳେ ମଣ୍ଡେ ।
କ କ ହୋଇ ଯେ ବିକୃତ ଦଶେ ଲଗିଲା ମାନେ ଗଣ୍ଡେ । ୨୯ ।
କଉଁ ସୁନ୍ଦରୀ ସୁରତ ସାରି ଜାରପାଶରୁ ଆସେ ।
କରମର୍ଦ୍ଦନ ପଦ୍ମ ସମାନ ଅଙ୍ଗ ନୀରସ ଦିଶେ ।
କବରୀ ଭାର ଖସି ତାହାର ଚୁମ୍ବିଛନ୍ତି କୁକାଟିକା ।
କପାଳୁଁ କଣ୍ଟି ଲିଭି ଯାଇଛି ଗୁରୁଚନ୍ଦନ ଟୀକା । ୩୦ ।
କରଜଘାତ ଦଶନକ୍ଷତ କୁଚମଣ୍ଡଳ ଦିଶେ ।
କୀରଦଂଶନ ବିମ୍ବ ସମାନ ଅଧର ପରକାଶେ ।
କଟିବସନ ପିନ୍ଧାବଧାନ ଶିଥିଳ ହୋଇ ଖସେ ।
କେଶରୀ ଭୟେ କୁରଙ୍ଗୀ ପ୍ରାୟେ ଗୃହକୁଁ ଚଉପାଶେ । ୩୧ ।
କୁସୁମଶର ଘୋର ସମର ସଞ୍ଚାର, ଶ୍ରମଭରୁ ।
କରନ୍ତେ ଗତ ଚରଣସ୍ଖଳିତ ନୁହଇ ଅବଶରୁ ।
କନକଲତା ପବନ ସତ୍ତ୍ୱା ଲଗିଲ ପ୍ରାୟ ଚଳେ ।
କୁଟିଳଭାଷୀ ସଜନୀ ଆସି ଦେଖିଲ ଏହୁ କାଳେ । ୩୨ ।
କହିଲ ଧୀରେ କାମ ସମରେ ଥିଲ କି ସଖି ଆଜ ।
କାହାର ଜୟେ କେ ପରାଜୟେ ପାଇ ପାଇଲ ଲଜ ।
କରୁଛି ପ୍ରତେ ମନରେ ଏତେ ଏ ଗୃହ ଅନୁମାନୁ ।
କର୍କଶ ଗଦା ପୂର୍ବରୁ ମୁଦା ଗଲ ଏ ଜଙ୍ଘ ଜାନୁ । ୩୩ ।
କାହିଁ କପାଇଁ ଅଛୁ ପଳାଇ ଗଳନ ସବୁ ଜାଣି ।
କହୁ ବଢ଼ାଇ ଆଜ ଛଡ଼ାଇ ଯେମନ୍ତ ହୋର ଆଣି ।
କପଟ ଏତେ ଥାଇ ଚିତ୍ତ ତୋ ଭଲ ରେ ଚନ୍ଦ୍ରମୁଖି ।
କେହି ନ ଦେଖି ଥିଲେ ତୋ ଆଖି ତୋହ କଥାକୁ ସାକ୍ଷୀ । ୩୪ ।
କରଜଗାର ଦେହେ ଅପାର କଲ ପ୍ରସ୍ତର ପ୍ରାୟେ
କରଣୀବନ୍ଧ- ଠାରୁ କ ବନ୍ଧ ଗଲ ମାର୍ଜାର ଯାଏ ।

Digitized by srujanika@gmail.com

କହିବ କେତେ　ଏରୂପେ ଯେତେ　ସୁରତ ଅନ୍ତଗତ ।
କାମସାଗର　ଲଙ୍ଘିଣ ପାର　ପାଇବା ଦୂର ଅଛ । ୩୫ ।
କୁଳପାଳିକା　କାନ୍ତକୁ ଏକା　କରି ଅନ୍ତର ହେଲେ ।
କ୍ରମରେ କ୍ଷଣି　ତାରକା ଶଶୀ　ଅସ୍ତଦଶାକୁ ଗଲେ ।
କୁମୁଦବନ　କଲେ ଶୟନ　ହସିଲେ ପଦ୍ମମାନେ ।
କୃଷ୍ଣଚରିତ　ଗୀତ ବହୁତ　ଶୁଭିଲା ସ୍ଥାନେ ସ୍ଥାନେ ।୩୬।
କୁମୁଦ କୋଷ　ଛାଡ଼ି ସାରସ　ପାଶେ ଭ୍ରମର ମିଳି ।
କଲେ ଆଲମ୍ବ　ବିଭ୍ରବ ଚୁମ୍ବ　ଦାନ ରଙ୍ଗରେ କେଳି ।
କମଳନାଥ　ଅମରପଥ　ମଣ୍ଡି ତୋଷିଲେ ମନ ।
କଲେ ଯେ ଯାହା-　ମତେ ଉତ୍ସାହା　ହୋଇ ବ୍ୟାପାରମାନ । ୩୭
କଳା ପର୍ବତ　ନାୟିକ ନୃତ୍ୟ　କୃତ୍ୟରେ ପରବେଶ ।
କରି ଦର୍ଶନ　ସମସ୍ତ ଜନ　ଘନେ ହୋଇଲେ ତୋଷ ।
କାଠିଲିଗିରୁ　ମାଳଶାଠାରୁ　ସୁବେଶ ଶୋଭା ଦେଖି ।
କୁମର ଦାନ-　କୃଷ୍ଣର ମନ　ହେଲା ପରମ ସୁଖୀ । ୩୮ ।

ପଞ୍ଚଦଶ ଛାନ୍ଦ

ରାଗ—ବସନ୍ତ ବରାଡ଼ୀ, ମଧୁପ ଚଞ୍ଚରୀକ ବାଣୀ

କ୍ରମେ ମଧୁ ଶେଷ ହୋଇଲା ପ୍ରବେଶ ହୋଇଲା ଗ୍ରୀଷମ ସମୟେ ।
କରମାଳ-କର ମହା ଖରତର କମଳକୁମାର ପରାୟେ ।
ସୁଜନେ, କି କହିବା ମହା ତପତ ।
କରାଇଲା ନୃତ୍ୟ ପଥିକ ପଦକୁ ସଂଗ୍ରାମଭୂମି ଅଶ୍ୱ ମତ । ୧ ।
କୁଶଳ ନର୍ତ୍ତକୀ ଭ୍ରମରୀ ପରାୟେ ଭ୍ରମିଲେ ବାତଚକ୍ରମାନେ ।
କୁଟୁମ୍ବୀ-ଦୀନଜନ ମନ ପରାୟେ ସନ୍ତାପୀ ହେଲେ ଏକାଦନେ ।
ସୁଜନେ, କୃଶ ହୋଇଲା ନଦୀଜଳ ।
କାନ୍ତ ଘନରସ ବିହୀନେ ଯେମନ୍ତ ଦଶନ୍ତ ବିରହିଣୀକୁଳ । ୨ ।
କୁରଙ୍ଗନୟନା ନୟନ-ତରଙ୍ଗ ବଳି ମୃଗତୃଷ୍ଣା ଦିଶିଲେ ।
କଳାମେଘ କୋଳେ ବିଜୁଳି ପରାୟେ ବନେ ବନଅଗ୍ନି ହସିଲେ ।

Digitized by srujanika@gmail.com

ସୁଜନେ, କାହ୍ନି ତଣରାଜେ ଫୁଟନ୍ତି ।
କାମିନୀ ସୁରତକାଳେ ମନମନ ଶବଦ ପରାଯେ ଘଟନ୍ତି । ୩ ।
କୃପଣସାମନ୍ତ ସେବକ ପରାଯେ ତାପେ ଜର୍ଜ୍ଜର ସୂର୍ଯ୍ୟକାନ୍ତ ।
କାନ୍ତରହିତ କାନ୍ତା ପ୍ରାଯେ ହୋଇଲେ ସରସୀମାନେ ଦେଶଅନ୍ତ ।
ସୁଜନେ, କେବଳ ଉକ୍ତରଙ୍କ ପ୍ରାଯେ ।
କଚ୍ଛପ ମତ୍ସ୍ୟ ମଣ୍ଡୁକମାନଙ୍କର ଦୁର୍ବଳ ହୋଇଗଲା କାଯେ । ୪ ।
କମଳ ବରହେ କରବର ରହେ ମହାଗହନ ଆରେ କଣ୍ଠ ।
କର୍ଦ୍ଦମରେ ପଡ଼ ଫେନମୁଖେ ରଣ୍ଡ ଛାଡ଼ନ୍ତି ଗନ୍ଧର୍ବଦଇଁଷି ।
ସୁଜନେ, କୁଞ୍ଜ ଭିତରେ ପକ୍ଷୀମାନେ ।
କେବଳ ଯୋଗୀ ଧ୍ୟାନ କଲା ପରାଯେ ନିଷ୍ଠଳେ ରହିଲେ ମଉନେ । ୫ ।
କରିବାକୁ ପ୍ରାଣରକ୍ଷା ନିଜ ପ୍ରାଣ ପରକୁ ଦେଲା ପ୍ରାଯ ହୋଇ ।
କୋକମୃଗ ଯାଇଁ ଉଯକୁ ପକାଇ ସିଂହଗୁହାରେ ହେଲେ ଥୋଇ ।
କୋବଦେ, କୁଣ୍ଡଳୀକୁଳ ଏହିରୂପେ ।
କଳାପିକଳାପ ତଳରେ ରହିଲେ ପାଇ ତପନଙ୍କ ଆତପେ । ୬ ।
କାହିଁଗଲା ବନଲତା ଶୋଭିବନ କାନ୍ତହତ କାନ୍ତା ପରାଯେ ।
କରିଥିଲା ସିନା ବସନ୍ତ ତାହାକୁ ନବ ପଲ୍ଲବେ ତୋରାମଯେ ।
କୋବଦେ, କାଳେ ସେ ଅନ୍ତର ହୋଇଲା ।
କନ୍ଦର୍ପ ଦର୍ପ ରହିତ ହୋଇ ସଖୀ ଅଭାବେ ହୃଦରେ ଶୋଇଲା । ୭ ।
କୁଞ୍ଜେ କୁଞ୍ଜେ ବସି ଝିଙ୍କାରି ଡାକିଲେ କାମକେଳି ବାଟ ପଡ଼ିଲା,
କୁସୁମକାଣ୍ଡ ମଣ୍ଡି ହୋଇ ଅର୍ଜୁନ ବିଯୋଗୀ ହୃଦଯ ତାଡ଼ିଲା ।
କୋବଦେ, କେଉଁ ପଥିକ ତାପଦଳେ ।
କରନ୍ତେ ଗମନ ଶ୍ରମ ପାଇ ଯାଇ ବସନ୍ତି ବନ୍ଧୁପାଦତଳେ । ୮ ।
କୃପଣ ଧନ ସଞ୍ଚିଲା ପ୍ରାଯେ ମଧୁ ସଞ୍ଚିଲେ ମଧୁକରମାନେ ।
କେ ଜଳଛତ୍ର ପବନମାନ ଦେଲେ ବ୍ରାହ୍ମଣକରେ ସ୍ଥାନେ ସ୍ଥାନେ ।
ସୁଜନେ, କେଉଁ ଈଶ୍ୱର ଅନୁଗ୍ରହୀ ।
କର୍ପୂର ଚନ୍ଦନ ଅଙ୍ଗେ ବୋଳି ହୋଇ ଧାରାମଣ୍ଡିତ ପୁରେ ରହି । ୯ ।
କେ ଗୀତ କବିତ୍ୱ ବେଣୁ ବୀଣା ନୃତ୍ୟ ରଙ୍ଗେ ଦିନମାନ ହରନ୍ତି ।
କେ ବସି ଏକାନ୍ତେ କାମିନୀ ସଙ୍ଗତେ ଚନ୍ଦନ ପିଚକା ମାରନ୍ତି ।
ସୁଜନେ, କେ କରେ ନଉକା ବିହାର ।
କେ ସ୍ୱେଦଭଯରେ କରତଳୁଁ ତାଳବୃନ୍ତ ନ କରଇ ବାହାର । ୧୦ ।

Digitized by srujanika@gmail.com

କେ ଦିନଶେଷରେ ଦିନକର-କରେ ତାପ ପାଇ ଜଳେ ବୁଡ଼ଇ ।
କେ ମହାବକଳେ ବର୍ଷି ଶୀତସ୍ଥଳେ ଶୀତଳ ପବନ ଲୋଡ଼ଇ ।
ସୁଜନେ, କେତେ କହିବି ଏ ପ୍ରସଙ୍ଗ ।
କେବଳ ଶୀତକାରକ ଦ୍ରବ୍ୟ ବିନୁ ଆନ ଲୋଡ଼ଲ ନାହିଁ ଅଙ୍ଗ । ୧୧ ।
କାନ୍ତ ପ୍ରବଳ ଗୀଷ୍ମରେ ବିକଳ ହୋଇ ସକଳ ଗୋପାଙ୍ଗନା ।
କରିବେ ବୋଲି ଜଳକ୍ରୀଡ଼ା ଚଞ୍ଚଳ ହୋଇଲେ ଚଞ୍ଚଳନୟନା ।
ସୁଜନେ, କମଳା କୁଟିଳକୁନ୍ତଳା ।
କାମକେଳିକଳାକୁଶଳା ସୁଶୀଳା କେତକୀଗୌରୀ ପ୍ରେମଶୀଳା । ୧୨ ।
କରି-କୁମ୍ଭସ୍ତନା କୋକିଳ-ବଚନା କୁନ୍ଦକଳି-ଶୁଭ୍ରଦଶନା ।
କୁଟିଳଦଶନା ପ୍ରସନ୍ନବଦନା ଶ୍ରୀକୃଷ୍ଣଚନ୍ଦ୍ର ସ୍ନେହଘେନା ।
ସୁଜନେ, କୂପକ-ନାଭମ୍ବଶୋଭନା ।
କେଶରୀ-ମଧ୍ୟମା କଉତୁକ ସୀମା କୁଞ୍ଜବନ କେଳିଲୋଭନା । ୧୩ ।
କଳାକରହାସୀ, କମଳସୁବାସୀ କ୍ରୀଡ଼ା-ମାନସକଳହଂସୀ ।
କୃଷ୍ଣମନମୀନ-ଆକର୍ଷବଡ଼ଶୀ କନ୍ଦର୍ପଦର୍ପ-ଦମଶଶୀ ।
ସୁଜନେ, କାମତରଙ୍ଗିଣୀ ତରଣୀ ।
କରନ୍ତେ ଗମନ ଅତି ଶୋଭାବନ ଦିଶଇ ଧରଣୀ ସରଣୀ । ୧୪ ।
କଳରବ କରେ କନକକିଙ୍କିଣୀ ବାଜଇ ବାଜେଣୀ ନୂପୁର ।
କାମ ସହଣ୍ଡ ମଣ୍ଡାଇ ନେଲା ପ୍ରାୟେ ଶୁଭଇ ଅତ୍ୟନ୍ତ ସୁସ୍ୱର ।
ସୁଜନେ, କମଳ ବିଞ୍ଛିଲା ପରିଏ ।
କିଶଳୟ ପାଦ ପନ୍ତ ବିକାଶନ୍ତି ପଦ ପଦକେ ସୁଖମୟେ । ୧୫ ।
କାଳିନ୍ଦୀ କୂଳରେ ପ୍ରବେଶ ହୋଇଲେ ସକଳ ବ୍ରଜବାଳିକା ।
କଲେ ଅବଲୋକ କଳାରେ ନିନ୍ଦୁନ୍ତି ଦଳିତ କଜ୍ଜ୍ୱଳ କାଳିକା ।
କାମିନୀ, କଟାକ୍ଷ ପରାଏ ତରଙ୍ଗ ।
କବରୀ ପରାଏ ମହାମନୋହର କୁସୁମମାନଙ୍କର ସଙ୍ଗ । ୧୬ ।
କଳହଂସକୁଳ ସ୍ୱନ କରୁଛନ୍ତି ହଂସକନସ୍ୱନ ପରାଏ ।
କାନ୍ତା ତଂଛକୁଚ ପ୍ରାୟେ ବସିଛନ୍ତି କୋକମିଥୁନ ଏକାଠାୟେ ।
କେବଳ, ବ୍ରହ୍ମଧ୍ୟାନ ଯୋଗୀ ପରାଏ ।
କୁଳେବର ସ୍ଥିରକରି ବକମାନେ ମୀନକୁ କରିଛନ୍ତି ଲୟେ । ୧୭ ।
କମଳେ କମଳବଦନୀ ପଶନ୍ତେ କମଳେ ହୋଇଲେ ଚଞ୍ଚଳ ।
କୁବଳୟ ଅଦ କହ୍ଲାର ସହିତେ କେ ତହିଁ ନୋହିଲେ ନିଶ୍ଚଳ ।

Digitized by srujanika@gmail.com

କେବଳ, ସେ ଯାହାକୁ ଗୁଣେ ବୋଲଇ ।
କାକ କର ପାଶେ ଦେଖିଲେ ତାଙ୍କୁ ସେ ଅଧୈର୍ଯ୍ୟ ହୋଇ ଡରଲଇ ।୧୮।
(କମଳାସ୍ୟ ମୁଖ ସୁନେତ୍ର ସୁନଖ ଶୋଭାକୁ ସମ ନୋହିବାରୁ ।
କମ୍ପିଲା ସବୁର ଶରୀର ସୁମର ମଦବା ଭଲ ଲାଗଠାରୁ ।
କାଦମ୍ବ, କୁଳ ପାଶରେ ନ ରହିଲେ ।
କରିବାରୁ ଗ୍ରୀବ ଗମନ ଗୃହବାସୀ ମନରେ ଭୟକୁ ବହିଲେ ।୧୯।
କନକଲତା ନୀଳମଣି ସ୍ଥଳରେ ପବନେ ଡଳିଲା ପରିଚୟେ ।
କେ କାହାକୁ ପାଣି ପାଣିରେ ପୂରେଇ ଆନନକୁ ମାରି ପଳାୟେ ।
କେ ଜଳ, କରଇ ପଶ୍ୱାସେ ବୃଡ଼ଇ ।
କାହିଁ ଯିବୁ ବୋଲି କରି କେ ପାଣିରେ ପାଣି ଯେମନ୍ତକରି ଲୋଡ଼ଇ ।୨୦
କରେ କର ଦେଇ ଚକ୍ରବାଳ ହୋଇ କମଳ୍କୁ କମଳ ତୋଳନ୍ତି ।
କେ କରକମଳେ କମଳକୁସୁମ ତୋଳି କାହା କୁଚେ ଢାଳନ୍ତି ।
କେ ବୋଲେ, ସଖି କୁଚପନ୍ତ ଶଙ୍କର ।
କରି ଏହାଙ୍କୁ ଜଳଶାୟୀ ସମସ୍ତେ ହେଲାଇଁ ଏହାଙ୍କ କଙ୍କର । ୨୧ ।
କା ବର ମାଗିବ ମାଗିଥାଅ ଏବେ ଯେ ଯାହାର ଦୁଃଖ ଜଣାଇ ।
କେ ବୋଲେ କୃଷ୍ଣଙ୍କୁ ଏକାଳରେ ଯେବେ ଦେବେ ଆମ୍ଭ ପାଶେ ଅଣାଇଁ
କରିବା, ତାଙ୍କୁ ଯେମନ୍ତ ଜଳବିହାର ।
କହୁଁ କହୁଁ ଏହା କମଳନୟନ ବୃନ୍ଦାବନୁଁ ହେଲେ ବାହାର । ୨୨ ।
କଲେ ବିଗ୍ରହ ଗୋପିକା ଯମୁନାରେ କରୁଅଛନ୍ତି ଜଳକ୍ରୀଡ଼ା ।
କରି ଅନ୍ତର ଅଙ୍ଗବାସ ସମସ୍ତେ ଛାଡ଼ି ଅଛନ୍ତି ମନୁଁ ବ୍ରୀଡ଼ା ।
କରିବା, ସବୁର ବସନ ହରଣ ।
କଦମ୍ବ ବୃକ୍ଷରେ ଦୋଳି କରି ବସି କରିବା କଉତୁକପଣ । ୨୩ ।
କେଶବ ମନରେ ଏମନ୍ତ ବିଗ୍ରହ ସୁମରି ଜଗତପ୍ରାଣକୁ ।
କଲେ ଆଦେଶ ଅମ୍ବର ଯେମନ୍ତ ଆସ କେଳି କଦମ୍ବ ପାଦପକୁ ।
କେଶବ, ଆଜ୍ଞାରେ ପବନ ବହିଲା ।
କୁରଙ୍ଗୀନେତ୍ରୀଙ୍କ ଅମ୍ବର ଅମ୍ବରେ ଉଡ଼ାଇ ନଗରେ ଥୋଇଲା । ୨୪ ।
କୁଞ୍ଜବିନୋଦୀସ୍ୱା ବଂଶୀବଦନୀସ୍ୱା ବସିଲେ କଦମ୍ବ ଉପରେ ।
କେବଳ ନୟନ ସଖା ସଙ୍ଗେ ଯେମନ୍ତ ରହିଲା ଗୋପୀଙ୍କ ଉପରେ ।
କାମିନୀ, ମାନେ ଜଳକ୍ରୀଡ଼ା ବଢ଼ାଇ ।
କୂଳକୁ ଯାଇ ସମସ୍ତେ ଅନାଇଲେ କାହାର ପିନ୍ଧାବାସ ନାହିଁ । ୨୫ ।

Digitized by srujanika@gmail.com

କେ ଚକିତ ହୋଇ ରହିଲା ଚଞ୍ଚଳ କୁରଙ୍ଗୀ ପ୍ରାଏ କେ ଗୁହିଁଲା,
କେ ବୋଲେ ଆମ୍ଭ ଶମ୍ବରକୀଡ଼ା ସୁଖ ଅମ୍ବର କର୍ପା ନ ସହିଲା ।
କେ ବୋଲେ, କେ କଲା ଏଡ଼େ ଅବିଗୁର ।
କେ ଅଛି କାହାକୁ ପଗୁରିବା ଏହା କାହାର ତ ନାହିଁ ସଞ୍ଚାର । ୨୬ ।
କେ ବୋଲେ ପବନ ଘେନିଗଲା ଅବା କେ ବୋଲେ ହୈବ ନନ୍ଦସୁତ ।
କେ ବୋଲଇ ମୋର ମନକୁ ଅଇଲା ଆନର ନୋହେ ଏ ଚରିତ ।
କୃଷ୍ଣଚନ୍ଦ୍ର, କଉଁ ଗୋପୀ ଦେଲା ଅନାଇଁ ।
କଦମ୍ବ ବୃକ୍ଷରେ ଦୋଳି କରି ବସିଅଛନ୍ତି ନାଗର କହ୍ନାଇ । ୨୭ ।
କୋଟିଏ ଶରଦଚନ୍ଦ୍ର ଜିଣି ମୁଖ ଶ୍ରୀଅଙ୍ଗ ଅଭିନବଘନ ।
କଟିତଟେ ପୀତବସନ ବିରାଜେ ବଲାହକବେଣ୍ଟୀ ସମାନ ।
କଣ୍ଠରେ, ମୁକ୍ତାମାଳ ବକପନ୍ତି ।
କଳାପିକଳାପ କଳାପ ମୁକୁଟ ଇନ୍ଦ୍ରଧନୁ ସମ ଦିଶନ୍ତି । ୨୮ ।
କୃଷ୍ଣଙ୍କୁ ଅନାଇଁ ମହାଙ୍କୁ ପାଇ ଯେ ଯାହା ମନେ ଚେତା ହୋଇ ।
କଳହଂସୀକୁଳ ପରିଏ ସକଳ ଗୋପୀ ପଶିଲେ ଜଳେ ଯାଇ ।
କେ ବୋଲେ । କି କରିବା କହ ସଙ୍ଘାତ ।
କୁଟୁଣୀ ପ୍ରତିମା ପ୍ରାଏ କରି ଆଜ ଆମ୍ଭଙ୍କୁ କଲେ ନନ୍ଦସୁତ । ୨୯ ।
କର ଊର୍ଦ୍ଧ୍ୱ କରି ବିରଙ୍ଗମୁଖରି ଡାକିଲେ ହେ ହଟନାଗର ।
କର୍ପା ଆମ୍ଭ ନାହିଁ ନେଇ ଏଡ଼େ ହଟ କରିଛ ରସିକସାଗର ।
କୃଷ୍ଣ ହେ, କରୁଣାହୃଦ ଏବେ ହୁଅ ।
କରୁଛୁଁ ବିନତି ଗୋକୁଳଯୁବତୀ ଆମ୍ଭ ଅମ୍ବର ମାନ ଦିଅ । ୩୦ ।
କେଶବ ବୋଲନ୍ତି ଅଗୋ ଗୋପୀମାନେ ଏ ତୁମ୍ଭର କଉଁ ବଡ଼ାଇ ।
କନ୍ଦର୍ପଘର ବୁଡ଼ାଇ ବସିଅଛ ମୋତେ ଦେବ ବୋଲି ଉଡ଼ାଇ ।
କରିବା, ତୁମ୍ଭ ଆମ୍ଭର ଆଜ ନ୍ୟାୟେ ।
କଉଁ ବଡ଼ପଣେ ଚୋର ଦୋଷ ଦେଲ ଯାଉ ଏକଥା କଂସପାଏ । ୩୧ ।
କରିଅଛ ସଙ୍କଳ ଏ ଗରବ ଜଳରେ ଉଲଙ୍ଗ ହୋଇଲ,
କଂସ ପରି ମାମୁ ଥାଉଁ ଥାଉଁ ଏବେ ମୋତେ ଚୋର ବୋଲି ବୋଇଲ ।
କେ ବୋଲେ, ସବୁ ଅଛୁନ ଆମ୍ଭେ ଜାଣି ।
କଅଁଳା ପୁଅ ଦିନରୁ ପ୍ରଭାତରେ ନ ରହଇ ସର ଲବଣୀ । ୩୨ ।
କଉଁ ଅରଣ୍ୟରେ କଉଁ ଗୋପୀଠାରେ କୋହୁଛ ଉଜ୍ଜାଇକଣ୍ଠଣି ।
କେବଳ ଆଜ ପରଯନ୍ତେ ନ ଥାଇ ଯିବାଲା ବସନ ହରଣି ।

Digitized by srujanika@gmail.com

କୃଷ୍ଣ ହେ, କଲ ଏବେ ଭଲ ଉପାୟ ।
କେମନ୍ତ ହୋଇ ଗୋପେ ଆଉ ରହିବା ସ୍ନାନ ଠାବରେ ଗ୍ଳେରଭୟ । ୩୩ ।
କଦମ୍ବବୃକ୍ଷେ ପବନ ପକାଇଲ ଆମ୍ଭଙ୍କୁ କିପାଁ ଦୋଷ ଦିଅ ।
କଉତୁକେ ଆଟ୍ଟ ସୁଖେ ବସିଅଛୁଁ ଯେ ଯାହା ବାସ ଚିହ୍ନି ନିଅ ।
କହଇ, ଅନ୍ୟ ଆୟୁଧ ସବୁ ନାଠ ।
କଷ୍ଟେ କଷ୍ଟେ ଜଳୁଁ ବାହାର ହୋଇଲେ ଅବାଠମାଣ କରି ବାଠ । ୩୪ ।
କରକ ଦେଇ କାମଦେବ ମନ୍ଦିରେ ଆର କର ଉର ଉପରେ ।
କରନ୍ତି ଗମନ ଲମ୍ବାଇ ବଦନ ଲାଜକୁ ପକାଇ ପଛରେ ।
କଦମ୍ବ, ତଳରେ ହେଲେ ଯାଇଁ ଉଭା ।
କନ୍ୟାସ୍ତମ୍ଭ ପ୍ରାୟେ ସମସ୍ତେ ଦିଶନ୍ତି ଜଳେ କନକକାନ୍ତି ପ୍ରଭା । ୩୫ ।
କହନ୍ତି ଶ୍ରୀକୃଷ୍ଣ ଆଗୋ ଗୋପୀମାନେ ଏବେ ଆମ୍ଭର ବୋଲ କର ।
କଲ ଯେ ଜଳଦେବତାରେ ଅପ୍ରାଧ ଶିରରେ ଦିଅ ବେନି କର ।
କେ ବୋଲେ, ଆମ୍ଭେ କି ଜାଣୁ ଦେବତାଙ୍କୁ ।
କେବଳ ମନ ବଚନ କର୍ତ୍ତବ୍ୟରେ ଜାଣୁ ଏକା ଜଗଜେତାଙ୍କୁ । ୩୬ ।
କରୁଛୁଁ ତାହାଙ୍କୁ ନମସ୍କାର ବୋଲି ଶିରରେ ଦେଲେ ବେନି କର ।
କାଇଁଚମାଳୀୟା ଘନଶ୍ୟାମଳୀୟା ହସରେ ହୁଅନ୍ତି ଅଧୀର ।
କହିଲେ, କୁଚଶମ୍ଭୁକୁ ଜଳଶାୟୀ ।
କରବାରୁ ଏହି ବରକୁ ପାଇଲ ରହିଲ ଦିଗମ୍ବରୀ ହୋଇ । ୩୭ ।
କରୁଣାକର ନାଗର ଶିରୀଧର ଦେଲେ ଯେ ଯାହା ଅମ୍ବରକୁ ।
କନକଦର୍ପଣ ବଦନମଣ୍ଡଳ ଗଲ ପ୍ରସାଦ ଡମ୍ବରକୁ ।
କୁରଙ୍ଗ-ତରଙ୍ଗ ନୟନ ନଚାଇ ।
କଲେ ହରଷେ ଗୋକୁଳକୁ ଗମନ ଉଚ୍ଚ କୁଚ ବାସେ ଲୁଚାଇ । ୩୮ ।
କାଳିନ୍ଦୀକୂଳୀୟା କଦମ୍ବମୂଳୀୟା କେକୀପୁଚ୍ଛ ଚୂଡ଼ଚୂଳୀୟା ।
କଜ୍ଜ୍ୱଳକାଳୀୟା କାଇଁଚମାଳୀୟା ମଣିମକରକୁଣ୍ଡଳୀୟା ।
କଳିତ, ଲଳିତ ପୀତଦୁକୂଳୀୟା ।
କଳଙ୍କରହିତ କଳାକରଜିତ ସୁନ୍ଦର ମୁଖମଣ୍ଡଳୀୟା । ୩୯ ।
କୁଟିଳନୀଳଅଳକାଆବଳୀୟା ନବଳଦଣ୍ଡୀକବଳୀୟା ।
କେତେ କେତେ କଉତୁକ କରୁଥାନ୍ତି ବ୍ରଜସୁତସଙ୍ଗମେଳୀୟା ।
କଦମ୍ବ, ବୃକ୍ଷରୁ ଓହ୍ଲାଇ ବିଜୟେ ।
କୃଷ୍ଣଦାସ ମନ ପଛେ ଗୋଡ଼ାଉଛି ସେହି ରୂପକୁ କରି ଲୟେ । ୪୦ ।

Digitized by srujanika@gmail.com

ଷୋଡ଼ଶ ଛାନ୍ଦ

ରାଗ - ପାହାଡ଼ିଆ କେଦାର ।

କ୍ରମେ ଗ୍ରୀଷମ ହୋଇଲା ଶେଷ, ପ୍ରବେଶ ହେଲା ଆଷାଢ଼ ମାସ,
କାଳ କରାଳ କାଳିକା ଉଦେ ହେଲେ ଆକାଶ ଓଢ଼ ।
କଲା ନବଢ଼ କର ନାଦଘୋଷ, ଗିଳିଲା ଗଗନରଶ୍ମିଘୋଷ,
ମହା ପ୍ରବଳ ଅନ୍ଧାରେ ନ ଦେଖାଇଲା ଦଶ ସେ ।
କରାଇଲା ଅପଣା ବିଜ୍ଳୀ ପ୍ରକାଶ ସେ,
କ୍ରମେ ସଜଳ କଲା ଅବନୀ ଦେଶ ସେ ।
କୃଷିକାରକେ ହୋଇ ହରଷ, କଲେ ଯେ ଯାହା ଇଚ୍ଛାୟେ କୃଷ,
କେଦାରମାନଙ୍କରେ ପୂରିଲା ଗୀତ ଅଶେଷ ସେ । ୧ ।
କୂଳଠା ପ୍ରାୟେ କୂଳ ବୁଡ଼ାଇ, ବଢ଼ିଲେ ନଦୀ ପ୍ରବଳ ହୋଇ,
ପାଶେ କାହାକୁ ନ ଦେଲେ ଥୋଇ ଚଞ୍ଚଳ ହୋଇ ସେ ।
କୂଳପାଳିକା ପ୍ରାୟେ ଦୀର୍ଘିକା, କୂଳକୁ ରଖି ରହିଲେ ଏକା,
କୋକମିଥୁନ ଉରଜ ଘନ ରସକୁ ପାଇ ସେ ।
କମଳରେ ବୁଡ଼ିଲେ କମଳବଂଶ ଯେ,
କଲେ ଗମନ ମାନସରକୁ ହଂସ ଯେ ।
କଚ୍ଛପ, ମତ୍ସ୍ୟ, ମଣ୍ଡୂକ ମତ୍ତ, ହୋଇ ରହିଲେ ସୁଖରେ ରତ,
କ୍ରୌଞ୍ଚ ସାରସ ବଳାକା ବଂଶ ହେଲେ ଉଲ୍ଲାସ ସେ । ୨ ।
କୁଧର ବନ ଦଶିଲେ ଶୋଭା, ଲଭିଲା ବନ ଅନଳପ୍ରଭା,
କଲା ଜଗତଜନମାନଙ୍କୁ ନୟନଲୋଭା ଯେ ।
କଦମ୍ବ, ଜାତି, ମଲ୍ଲୀ, ମାଳତୀ, କେତକୀ, ଚମ୍ପା, କୁଟଜ, ଯୂଥି,
କୁସୁମ ବେଶେ ଦଶ କଲେ ଏ ମଧୁପ ସଭା ଯେ ।
କୁସୁମରୁ ସୁବାସ ଘେନି ପବନ ଯେ,
କଲେ ସଧୀରେ ସବୁ ଦଗେ ଗମନ ଯେ ।
କଲା ସଂଯୋଗିଜନେ ଶୀତଳ, ବିଯୋଗିଜନେ ହେଲେ ବିକଳ,
ଜ୍ୱର ଜର୍ଜର ଦେହକୁ ଯେଉଁ ପ୍ରକାରେ ବନ ହେ । ୩ ।
କଲେ ତାଣ୍ଡବ ମଯ୍ର ପାଣ୍ଡବ, ବିଟପାଶିରେ ମାର୍ଜାର ରବ,
କାଳକଣ୍ଠକ ଡାକ ବଢ଼ିଲା କାମ ଉତ୍ସବ ଯେ ।
କୁଳଶ ପଡ଼େ ଅତନବଡ଼େ, ପର୍ବତୁଁ ଗଣ୍ଡଶଇଳ ଝଡ଼େ,
କାମୀ କାମିନୀ ଲଗାଇ କୋଡ଼େ କରନ୍ତି ଭାବ ଯେ ।

Digitized by srujanika@gmail.com

କେଉଁ ବିଦେଶୀ ବିଦେଶରୁ ବାହୁଡ଼େ ଯେ,
କାମେ କାତର ହୋଇ ନିଶ୍ୱାସ ଛାଡ଼େ ଯେ ।
କରଇ ପୁଣି ମନେ ବିଚାର, କି କରୁଥିବ ବାନ୍ଧବୀ ମୋର ।
କର୍ମ ଅନଳେ ପଡ଼ିଲି ହେଲେ କାମ ହାବୋଡ଼େ ସେ ।୪।
କେ କେକୀ କେକା ଶୁଣି ଡାହୁକା, ହୋଇ ପଥରେ ଗମନ୍ତେ ଏକା,
ବୋଲଇ ଡକା ଉପରେ ମୋତେ ହୋଇଲା ଡଁକା ରେ ।
କାମ ଝମକ ମେଘ ଦମକ, ମନ୍ତ୍ରୁକ ମହାଡାକ ଚମକ
ଏକେଁ ଏକେଁ ଏ ପ୍ରିୟାହୃଦୟ ଚମକାଏକା ରେ ।
କାଆ ଅନାଇଁ ହୃଦୟ କମ୍ପାଇ ପୁଣି ସେ,
କ୍ରୋଧ କରି କପାଳେ ମାରଇ ପାଣି ରେ ।
କେତେକ ଚାଲଇ ବସଇ ପୁଣି, ଚିନ୍ତା କରଇ ମୂରଲୀପାଣି,
କରୁଢ଼ ହୋଇ ଦଣ୍ଡ ଦଣ୍ଡକେ ପଡ଼େ ଧରଣୀ ଯେ ।୫।
କେ ବୋଲେ ଘନାଘନକୁ ଚାହିଁ, ଏ ଘନାଘନ ରକ୍ଷିବ ନାହିଁ
କନ୍ଦରେ ଘନାଘନ ଅନୁଜସୁତକୁ ବହି ରେ ।
କି କରି କରୁଅଛୁ ଗମନ, କି କି ଦଶୁଛୁ ବକ ଦଶନ,
ଝର ପର୍ଯ୍ୟନ୍ତ ସଜଳମଧ୍ୟେ ପଡ଼ୁଛି ବୃନ୍ଦ ଚୂର ।
କି କରିବି ଏବେ ମୁଁ ପଶିବି କାହିଁ ରେ,
କାନ୍ତାକୁଚପର୍ବତକନ୍ଦର ନାହିଁ ରେ ।
କଳିତ କରି ଇନ୍ଦ୍ର କୋଦଣ୍ଡ, କରକାବଳୀ ହାବୋଡ଼ାକାଣ୍ଡ,
ସନ୍ଧି ଯେ ବିନ୍ଧି ଆସୁଅଛି ମାର ଉତ୍ପ୍ରୋଧ ନାହିଁ ରେ ।୬।
କେ ବୋଲେ କାଳୀକୁଣ୍ଡଳୀ ପ୍ରାୟେ, କଳନାଗକୁ କରିଛି ଭୟେ,
ବିଜୁଳି କପଟରେ ଅନାଅ ରସନା ଚାଲେ ଯେ ।
କାମ ଜାଙ୍ଗଳୀ ଦେବାରୁ ଚାଳି, ଆସୁଅଛି ମହାପ୍ରଖରେ ଖେଳି,
ବିଷ ବୃଷ୍ଟିରେ ଦେଉଅଛି ଜାଳି ଅତି ପ୍ରବଳେ ଯେ ।
କେ ବୋଲଇ ଏକାଳ କାଳ ପରାୟ ହେ ।
ଢୀଳ କାଳିକାଅଙ୍ଗେ କରାଇ ଭୟ ହେ ।
କରିବ ବୋଲି ବିଟପାଗୀ ଅନ୍ତ, ଗର୍ଜନ କରି ଗୋବାଇ ଦନ୍ତ,
ସମ୍ବନ ବକପନ୍ତି କପଟେ କରାଳମଧ୍ୟେ ଯେ ।୭।
କେ ବୋଲେ ସନ୍ଧୁ ପରାୟେ ଚାହୁଁ, ଚାହୁଁ ଗିଳିଲି ସୂର୍ଯ୍ୟଙ୍କୁ ଯହୁଁ,
ଚନ୍ଦ୍ରାଜଳରେ ବୁଡ଼ିଲେ ତହୁଁ ବିଯୋଗୀ ଜନ ହେ ।

Digitized by srujanika@gmail.com

କାମ ବ୍ରାହ୍ମଣ କରରେ ଦାନ, ଦେବାକୁ ହେଲେ ଜୀବନ ଧନ,
କେକୀ ଡାହୁକ ଦ୍ୱିଜଙ୍କ ଡାକ ପୂରେ ଭୁବନ ହେ ।
କେ ବୋଲେ ଏ ବନମାଳୀ ପରାୟେ ଯେ ।
କଳକଳେବରରେଁ କି ଶୋଭା ଦାଏ ଯେ ।
କେକିକଳାପ ମଘବାରୂପ, ଜନନୟନ-ଆନନ୍ଦରୂପ,
ଶ୍ରୀବୃନ୍ଦାବନରେ ଗମନ କରେ ଉଦାୟେ ହେ । ୮ ।
କଟିହରିତବାସ ବିଜୁଳି, ମୁକ୍ତାମାଳୀ ବକମଣ୍ଡଳୀ,
ମନ୍ଦମୁରଲୀଧ୍ୱନିକି କଳି ମଧୁର ଘୋଷ ହେ ।
କରି କରୁଣା ଅମୃତ ବୃଷ୍ଟି, ରକ୍ଷା କରଇ ସକଳ ସୃଷ୍ଟି,
କାହିଁ ଭଗତ ଗୃତକଚିତ୍ତ ନ କରେ ତୋଷ ହେ ।
କହିଁ ବିଦେଶୀ ଜନ-କରି ଏ ଧ୍ୟାନ ହେ ।
କଲି ହରଷେ ମନ୍ଦିରକୁ ଗମନ ହେ ।
କାମିନୀକୋଳ କରି ଭରସା, ବର୍ଷିଲେ ମହାସୁଖେ ବରଷା,
ବିବିଧ ବନ୍ଧେ ଆରମ୍ଭି ନିଧୁବନବିଧାନ ସେ । ୯ ।
କମଳ-ଦଳନୟନ ହରି, ବରଷା ଅବଲୋକନ କରି,
ଅନେକରୂପେ ଗୋପସୁନ୍ଦରୀମାନଙ୍କୁ ହରି ସେ ।
କାହା ଅଙ୍ଗରେ ଅଙ୍ଗ ଲଗାଇ, ବିଜୁଳି ଘନ ପରାୟେ ହୋଇ,
ନିବଢ଼ ଘନରସ ପ୍ରକାଶ ଅନେକ କରି ଯେ ।
କେକୀ ପରାୟେ ନାଚେ ଶିଖିଶିଖଣ୍ଡ ସେ ।
କଣ୍ଟକିତ ହେମାଳି କଦମ୍ବକାଣ୍ଡ ସେ ।
କେତେ ଶୁଭଇ ଗୃତକ ରବ, ପରାୟେ ମନମନ ବିରବ,
କଟିକିଙ୍କିଣୀ ଘୋଷ ନିର୍ଘୋଷସମ ପ୍ରଚଣ୍ଡ ସେ । ୧୦ ।
କମଣେ ବଢ଼ି ପ୍ରେମତଟିନୀ, ସୁଖସାଗରେ ମିଶିବା ପେନି
ଜ୍ଞାନକମଳ ବୁଡ଼ି ନ ରହେ ଧଇଯାଉଛି ହେ ।
କାନ୍ତା ଅଙ୍ଗରେ କରଜକ୍ଷତ, ସୁବର୍ଣ୍ଣ ଧରଣୀରେ ଯେସନ୍ତ
ନବୀନ ଇନ୍ଦ୍ର ଗୋପକଦମ୍ବ ହୋଏ ପ୍ରକଟ ଯେ ।
କାନ୍ତା ଦୟିତ ବେନି ରତିପଣ୍ଡିତ ଯେ ।
କଲେ କନ୍ଦର୍ପ ମହାଦାପ ଖଣ୍ଡିତ ଯେ ।
କେତେ କହିବି ଏହି ପ୍ରକାରେ, ସମସ୍ତ ଗୋପନାରୀଙ୍କ ପୁରେ,
ମନମୋହନ ମେଘବରନ କୃଷ୍ଣ ମଣ୍ଡିତ ସେ । ୧୧ ।

Digitized by srujanika@gmail.com

କରନ୍ତେ ଦିନେ ଦିନେ ଦୁର୍ଦ୍ଦିନ, କଳି ହୋଇ ରଜନୀ ଦିନ,
କୁସୁମଗନ୍ଧ ଘେନି ବହଇ ମନ୍ଦ ପବନ ହେ ।
କୁଞ୍ଜର ଶିରୁ ନିର୍ଝର ଝରେ, ମହୀମଣ୍ଡଳ କର୍ଦ୍ଦମ କରେ,
ଚଳନ୍ତି ନାହିଁ ଅତି ପ୍ରୟତ୍ନରେ ପଥିକଜନ ହେ ।
କାହା ଚରଣ ଖସେ କେ ଦେଖି ହସେ ଯେ ।
କେଉଁ ପଥିକ କନ୍ଦାତଟରେ ବସେ ଯେ ।
କରଇ ଚିନ୍ତା ତରଣୀ ପାଇଁ, କେହି ତରୁଣୀ ପଚ୍ଛରେ ଯାଇଁ,
କେମନ୍ତ ହୋଇ ଯିବ, ପୁଚ୍ଛନ୍ତି ଏ ଘନରସେ ଯେ । ୧୨ ।
କୃଷ୍ଣ ଭେଳରେ ହୁଅନ୍ତି ପାର, ତାହି ତ ଏଥି ନାହାନ୍ତି କର
ମୋହୋ ନାୟକ ନାହାନ୍ତି ଯାଉଛନ୍ତି ସେ ପାର ଯେ ।
କରନ୍ତେ ଅବା ଥିଲେ ଉପାୟେ, ଏବେ ଯାଅ ଯା ନଗର ଯାଏ,
ଦେଖୁ ତ ଅଛ ଅପୂର୍ବ ଅନ୍ଧକାର ଶର୍ବରୀ ଯେ ।
କହେ ଚତୁରବର ପ୍ରତିଉତ୍ତର ଯେ ।
କଲ ମୋଠାରେ ତୁମ୍ଭେ କି ଉପକାର ଗୋ ।
କହିଲ ଯେଉଁ କୋମଳ ବାଣୀ, କୃତାର୍ଥ ହେଲି କର୍ଣ୍ଣରେ ଶୁଣି,
କେବଳ ଆଜ୍ଞା କିଣିଲ ପ୍ରାଣୀ ହେଲି ତୁମ୍ଭର ହେ । ୧୩ ।
କଥା କହନ୍ତେ ବଢ଼ିଲ ସୁଖ, କାମ ବିନ୍ଧିଲ ପଞ୍ଚବିଶିଖ,
କଢ଼ାଇ ନେଲ ଚତୁରମୁଖ ରହସ୍ଥଳକୁ ଯେ ।
କଲେ ବିବିଧବନ୍ଧରେ ରତି, ମଦନ ମହାମଦରେ ମାତି,
କୁମୁଦ ଭୃଙ୍ଗ ପ୍ରାୟେ ସେ ହେଲେ ପ୍ରାତକାଳକୁ ଯେ ।
କେଉଁ କାମିନୀ କାମୀ ଅନାଇଁ କରି ଯେ ।
କହେ ସଖୀ ଆଗରେ ବାଗ୍‌ବୃତ୍ତଟି ସେ ।
କି ହୃଦ ସଖି ପୁରୁଷଙ୍କର, ଦେଖ ଦେଖିଲେ ଏ ପୟୋଧର,
କରନ୍ତି ପରସ୍ପର ପର୍ଯ୍ୟର କେମନ୍ତ କରି ଗୋ । ୧୪ ।
କହେ ସଜନୀ ଏଡ଼େ ଗୁଆଁର, ଏହା ଦେଖିଲେ କରେ ପ୍ରଚୁର,
ତୋହର କାନ୍ତଠାରୁ ବଚୁର ନାଗରୁ କିଆଁ ଗୋ ।
କାଳସାପ ତ ତାର ନତୋଦର, ଦେଖି ଅପୂର୍ବ ନେତ୍ର ମୋହୋର,
ସେ ମଧୁକର ପରାଏ ସଖି ତୁ ହେଲୁ ଚମ୍ପା ଗୋ ।
କେଉଁ ରସିକ ଅଛି ଏମନ୍ତ ହୋଇ ଯେ ।
କଣ୍ଟକେ ହୃଦରେ ଧରିବ ନେଇଁ ଯେ ।

Digitized by srujanika@gmail.com

କାହିଁ ଏମନ୍ତ ଦେଖି ତୁ ନାହିଁ, ବାହାର ଦ୍ୱାରେ ଭିତରେ କାହିଁ,
ଶୁଣି ଚତୁର ନ ଯାଇ ରହିଗଲା ଅନାଇଁ ଯେ । ୧୫ ।
କେଉଁ ପ୍ରବାସୀ ପ୍ରବାସୁଁ ଆସି, କୋଳେ ବସାଇ ପ୍ରାଣପ୍ରେୟସୀ,
କୋମଳ କରେ କହଇ ହସି ନବବୟସୀ ରେ ।
କୁଟିଳକେଶି ଚଞ୍ଚଳବେଣି, କନ୍ଦର୍ପକେଳିକଳାଲଳସି,
କୁରଙ୍ଗଦୃଶି ପଦ୍ମସୁବାସି ପୀୟୂଷହାସି ରେ ।
କୁଳପାଳିକା ମୋର କଣ୍ଠମାଳିକା ରେ ।
କଲୁ କାଳିକାକାଳେ ଛାଡ଼ିତେ ମୁଁ ଏକା ରେ ।
କର ପାଖିଲୁ ମନରେ ଦକା, ତାହା ଶୁଣିଲେ ମନ୍ଦରଟେକା
କାମ ଜୀବନ ନ ନେଲୁ ସାହା କରି କଡ଼କା ରେ । ୧୬ ।
କାମିନୀଛଡ଼ା ବଦନପୋଡ଼ା, କରିଥିଲୁ ମୁଁ କି ଘରବୁଡ଼ା,
ପ୍ରାଣ ତୁ ମୋର, କଲୁ ତୋତେ ମୋ ଅଙ୍ଗରୁ ଛଡ଼ା ରେ ।
କେ ଅବା ମୋତେ କରନ୍ତା ଲେଉଡ଼ା, କାହା ଆଗରେ ହୁଅନ୍ତି ଛିଡ଼ା,
କୃପାଣ ହୋଇ ମୋତେ କାଟନ୍ତା ମୋହର ବ୍ରୀଡ଼ା ରେ ।
କାହା ସଙ୍ଗତେ ଆଉ କରନ୍ତି କ୍ରୀଡ଼ା ରେ ।
କେବା ଛଡ଼ାନ୍ତା ମୋର କନ୍ଦର୍ପପୀଡ଼ା ରେ ।
କରୁଣା କଲେ କାଳୀ ଘଣ୍ଟଡ଼ା, ଯାମଳାର୍ଜ୍ଜୁନ ଗଛଉପୁଡ଼ା,
ଭଲ ଭଲ ଯେ ଅଘାସୁର ମସ୍ତକଫୋଡ଼ା ରେ । ୧୭ ।
କେତେ କହିବ ତାଙ୍କ ମହିମା, ମହାପ୍ରଭୁ ସେ ବିଶ୍ୱକର୍ମା,
କାହାକୁ କେଉଁ କଷ୍ଟରୁ ରଖି ନାହାନ୍ତି ଅବା ସେ ।
କୃପାସାଗର ଭକତପ୍ରିୟ, ନୁହଁନ୍ତି କାହାଠାରେ ନିର୍ଦ୍ଦୟ,
କେଉଁ କଥାରେ ତାହାଙ୍କୁ ଲକ୍ଷ୍ୟ କାହାକୁ ଦେବା ସେ ।
କୃପା ନ କଲେ କୃପାସରିତପତି ଯେ ।
କୃପାକଟାକ୍ଷୀ ଆଉ ଥିଲା କି ଗତି ଯେ ।
କାମନଦୀରେ ଯାଆନ୍ତି ଭାସି, କାହା କୋଳରେ ବସନ୍ତି ଆସି,
ଶୁଣି ରମଣୀମଣି କ୍ରୋଧରେ ବଦନ ପୋତି ଯେ । ୧୮ ।
କରକମଳେ ଚିବୁକ ଧରି, କହେ ନାୟକ ବିନୟ କରି,
ନବକିଶୋରୀ ଚମ୍ପକଗୋରୀ ବିମ୍ବଅଧରୀ ରେ ।
କୃଷ୍ଣବିହାରୀ କୃପାରୁ କରି, କଣ୍ଠ ବିଗୁର ନାହିଁ ସୁନ୍ଦରୀ,
ତୋହୋ ଅଧର ଅମୃତ ପାନ ଥିଲି ଯେ କରି ରେ ।

Digitized by srujanika@gmail.com

୨

କଂସଗମନା କଳକଣ୍ଠବଚନା ହେ ।
କାମକଷ୍ଟମୋଚନା ମୃଗଲୋଚନା ରେ ।
କେଳିକଳାପଞ୍ଚୁଶରଚନା, କପାଇଁ କରୁଥାଉ ଶୋଚନା,
ସ୍ବେଦଧନୁରେ ସହଜେ କଣିଅଛୁ ତୁ ସିନା ରେ । ୧୯ ।
କହି ଅନେକ ସ୍ନେହବଚନ, ପ୍ରସନ୍ନ କରି ରାମାରତନ,
ଆରମ୍ଭ କଲେ ଚୁମ୍ବାଳିଙ୍ଗନ ରତିବିଧାନ ଯେ ।
କେତେ କହିବ ଏହି ପ୍ରକାରେ, ମାତିଲେ ଯେ ଯହାର କ୍ରୀଡ଼ାରେ,
ବରଷାନ୍ତରୁ ଯୁଗଳ ବଞ୍ଚିଲେ, ଉତ୍ତମଜନ ଯେ ।
କହୁଅଛି ସୁଜନମାନଙ୍କୁ ଏତେ ଯେ ।
କୃପା କରିବ ମୋତେ ପ୍ରସନ୍ନଚିତ୍ତେ ହେ ।
କଅ ଅନ୍ତରେ କଲି ଯେ ଗୀତ, କେବେହେଁ ଏଥି ନ ଦେବ ଘାତ,
କବି ହେଲେ ତ ଜାଣିବ ଏଥି ଶ୍ରମହିଁ ଯେତେ ହେ । ୨୦ ।
କଲେ ଏଥିରେ କୁଟିଳ ବୁଦ୍ଧି, ଦଣ୍ଡ ଦେବେ ଶ୍ରୀକୃଷ୍ଣ ଅବଧି,
ଯେବେ ତାହାଙ୍କ ଲୀଳା ପ୍ରସିଦ୍ଧି ବୃନ୍ଦାବନରେ ହେ ।
କୁଜନ୍ମଟି ପଦ୍ମ ପ୍ରାୟେ ତା ବଂଶ, ଅବଶ୍ୟ ହୋଇଯିବେ ନିର୍ବଂଶ,
କପଟ ବୁଦ୍ଧି କରି ଯେ ନ ଦେଖିବ ମନରେ ହେ ।
କୃଷ୍ଣକଥା ଏ ରସ ମଧ୍ୟେ ପୀୟୂଷ ହେ ।
କାଳସର୍ପ ବିଷକୁ କରେ ବିନାଶ ହେ ।
କୁଟବଚନ ଏଥି ନ ଭାଷ, କେବେହେଁ ନ ପାଇବଟି ଯଶ,
କୃଷ୍ଣଭଗତ ଲୋକ ମୁଖରେ ଦେବେ ହୁତାଶ ଯେ । ୨୧ ।
କୃପଣଚିତ୍ତ ନୋହେ ଚକିତ, ଦେଖିଲେ ନାନାରୂପେ ଅଦ୍ଭୁତ
ବାଳଶ ମନ ଦ୍ରବଇ ନାହିଁ ଶୁଣିଲେ ଗୀତ ଯେ ।
କେବଳ ଖଳ ହଳ ଅନଳ, ସନ୍ତାପକୁ ଏ ଷମା ମଣ୍ଡଳ,
ମଣ୍ଡନମାନଙ୍କର ଏ ଯେନ ନୁହନ୍ତି ହିତ ଯେ ।
"କଲେ ନିନ୍ଦା ଏ ଯେନ ନାସ୍ତିକ ଜନ ଯେ ।
କାହିଁପାଇଁକି ହେବ ମନ ବିମନ ହେ ।
କରନ୍ତି ତାଙ୍କୁ ବିହି ବିଧାନ, ପରନିନ୍ଦାରେ ନେବାକୁ ଦାନ,
ମୋହୋ କହିଲେ ସେ କଥା ନିକି ହୋଇବ ଆନ ହେ । ୨୨ ।
କେବେହେଁ ନିମ୍ବ ନୋହେ ମଧୁର, ସଂଯୋଗ କଲେ ନେଇ ଶର୍କର,
କଳାକୁ କି ଛାଡ଼ଇ ଅଙ୍ଗାର ଦୁଧେ ଧୋଇଲେ ଯେ ।

Digitized by srujanika@gmail.com

କର୍ପୂର ଗନ୍ଧଚନ୍ଦନ ଦେଇ, ରସୁନଗନ୍ଧ ନୋହେ ଛିଡ଼ାଇ
କୁବୁଦ୍ଧି ନୋହେ ସୁବୁଦ୍ଧି ଯେତେ ରୂପେ କହିଲେ ଯେ ।
କଥା ଏତେହେଁ ଯେବେ ଧାଡ଼ା କରନ୍ତି ଯେ ।
କସ୍ତୁରୀକି ଖଳଙ୍କ ଜିଭେ ରଖନ୍ତି ଯେ ।
କାଠା ଯାଆନ୍ତି ସମୂଳ ହୋଇ, କାହାକୁ କଣ୍ଟ କହନ୍ତେ ନାହିଁ ।
ଉତ୍ତମ କଥାମାନ କେବେହେଁ ନିନ୍ଦା ନୁହନ୍ତି ଯେ । ୨୩ ।
କେ ବୋଲେ ଶ୍ରେଷ୍ଠ ଅଟନ୍ତି ଗରୁଡ଼—ବଇସାଠାବେ ବିଶେଷ ବଡ଼
କେ ବୋଲେ ଲେମ୍ବୁ ଚନ୍ଦ୍ର ସନ୍ଦେହ ସଙ୍ଗେ ଅଛି ହେ ।
କେ ବୋଲେ ଜଳରସନାପୁଟେ, କେ ବୋଲେ ନାରୀକେଳ-ଫଳଟେ
ଯେ ଯେତେ ବଡ଼ ସେ ତ ସଂସାରବାଟେ ପଡ଼ନ୍ତି ହେ ।
କରିବାକୁ ସମସ୍ତ ବିଷ ବିନାଶ ହେ ।
କଲି ଶ୍ରୀକୃଷ୍ଣ ନାମ ଅମୃତ ଗ୍ରାସ ହେ ।
କମଳଧର ଚଞ୍ଚଳା ପଦ, କାମିଜନଙ୍କ ସନ୍ତାପଛେଦ
ହରତାମ୍ବରମଣ୍ଡନ ମନଗୃହକଲୋଷ ହେ । ୨୪ ।
କର ଅମୃତ ଦାନ ଅନେକ, ରକ୍ଷା କରଛ ସକଳ ଲୋକ,
କାମନାରୂପୀ ନୀଳକଣ୍ଠଙ୍କ-ନାଟକାରକ ହେ ।
କାନନଧନଞ୍ଜୟନାଶକ, ଅନନ୍ତଗତ ହଳୀତୋଷକ,
ଅର୍ଜୁନ-ସୁମନସ-ବିକାଶ କରନ୍ତି ଏକ ହେ ।
କୁବଳୟସୁନ୍ଦର ଭୁବନାନନ୍ଦ ହେ !
କାହିଁପାଇଁ ମୋଠାରେ ଏ କଲି ଛନ୍ଦ ହେ ।
କରରେ ଦେଇ ଚିନ୍ତାମଣିକ, ବିନାଶ କଲି ସବୁ ଅଣିକ,
ପ୍ରଭୁ ଲକ୍ଷଣ ଏମନ୍ତ ନିକ ଆନନ୍ଦକନ୍ଦ ହେ । ୨୫ ।
କାହିଁକି ମୋତେ ସଂସାର ଲାଟ, ମଧ୍ୟରେ ପ୍ରଭୁ କଲି ସଂଘଟ,
କାହିଁକି ନ କଲି ଚରଣପଦ୍ମ କୁସୁମଲାଟ ହେ ।
କାହିଁ ଗୁଡ଼ନ୍ତି ଭଗତ ବାଟ, ଆନନ୍ଦ ହୋଇ କରନ୍ତି ନାଟ,
ଏବେ ଅନେକ ରୂପ କଳନା ଏ ପୋଡ଼ା ପେଟ ହେ ।
କେତେବେଳେ ବୋହୁତେ ଗଲି କରଟ ହେ ।
କେତେବେଳରେ ମୂର୍ଚ୍ଛନାଯୁକ୍ତ ଗୃହ ହେ ।
କେତେବେଳରେ ଅଦୃଶ୍ୟ ନଟ, କେତେବେଳରେ ବର୍ବର ଭାଟ,
କେତେବେଳରେ ପଇଡ଼ ଖୋଲା ମୁଠି ମର୍କଟ ହେ । ୨୬ ।

Digitized by srujanika@gmail.com

କଲି ଯେ ତୁମ୍ଭ ନାମ କୁସୁମ, ଯତନ କରି ମାଳା ସୁଷମ,
ତାହା ମୂଲାଇ ନେବାକୁ କେହି ନୋହିଲେ କ୍ଷମ ହେ ।
କେବଳ ମାଳାକାର ପରାୟେ, ମୁହିଁ ତ ନ ଯେନାଳି ଥୋକାଏ,
କେ ଅଛି ନେଇ ତାହା କରିବ ଏତେ ଉଦ୍ୟମ ହେ ।
କେହି ନାହିଁ ବେଷ୍ଟିତ ଧମ୍ମିଲ୍ଲବନ୍ତ ହେ ।
କେବାକୁ ଏ ମାଳ କଣ୍ଠେ ଲମ୍ବିତ ହେ ।
କରୁଛନ୍ତି ମନେ ବିଗ୍ଭର ଏତେ, ଜଗତଯାକ ଅଛନ୍ତି ଯେତେ,
ସାମବେଦୀଙ୍କ ବ୍ରତବେଶ ଏ ହେଲେ ସନ୍ତୁଷ୍ଟ ହେ । ୨୭ ।
କଲେ ତୁମ୍ଭର ରସରେ ଗୀତ, ରସଇ ନାହିଁ କାହାର ଚିତ୍ତ ।
କର୍ଣ୍ଣରେ ଶୁଣି ବୋଲନ୍ତି ରସ ବିଶେଷ ନୋହେ ତ ଯେ ।
କରି ତ ଥାନ୍ତି ଜ୍ଞାନକୁ ହତ, ମୋହ ପ୍ରମାଦରେ ହୋଇ ସମ୍ମତ,
ମୁଁ ତାଙ୍କୁ କି ବୋଲିବି ମୋହୋର ନ ଥାଇ କୃତ୍ୟ ହେ ।
କଣ୍ଠ କଣ୍ଠ ଅଛନ୍ତି ଯେତେକ ଗୁଣୀ ଯେ ।
କେତେ କହିବି ତାଙ୍କ ଚରିତ୍ର ପୁଣି ହେ ।
କେ ଶିଶୁପଶୁ କେ ମହାଫଣୀ, ବୋଧ ନୁହନ୍ତି କର୍ଣ୍ଣରେ ଶୁଣି ।
କେ ତୂଷ୍ଣୀଭୂତ ହୋଇ ରହେ କେ ପଶନ୍ତି ହାଣି ହେ । ୨୮ ।
କାହାର ହୃଦ ଦ୍ରବଇ ନାହିଁ, ଜଳଉପଳ ପରାଏଁ ହୋଇ
କେବଳ ବାହାରକୁ ତରଳ ପରାଏ ଦିଶେ ଯେ ।
କରନ୍ତି ଅଙ୍ଗେ ଅନେକ ଛାପ, କେହି ନ ଜାଣେ ଭିତର ପାପ,
ଚିତ୍ରକାରଙ୍କ ପଟ ପରାଏ ପ୍ରତ୍ୟକ୍ଷ ଦିଶେ ହେ ।
କଥା କଥାକେ କହିବାକୁ ଏ ଶଳ ଯେ,
କାମା ଦୀନକୃଷ୍ଣକୁ ଏମନ୍ତ କଲ ହେ ।
କବି ଯା କରେ ମୂର୍ଖଙ୍କୁ ସ୍ତୁତି, ଏଥିରୁ ବଡ଼ ନାହିଁ ବିପତ୍ତି,
ଏଥିକି ପ୍ରତି ଛାତରେ କାତି ମାରିବା ଭଲ ହେ । ୨୯ ।

Digitized by srujanika@gmail.com

ସପ୍ତଦଶ ଛାନ୍ଦ

ରାଗ—କଲ୍ୟାଣ ପହିଭାଳ

କ୍ରମେ ପ୍ରବେଶ ହୋଇଲା ଶରଦ । କମଳଧରେ ଦର୍ଶିଲେ ବରଦ ।
କପଟ ହୋଇଲେ ଅମୃତଦାନେ । କେବଳ ଉନ୍ମଦ ହେଲେ ଗର୍ଜନେ ।
କଳୁଷ ନଭ ଦର୍ଶିଲେ ଶୋଭା । କଲେ ପ୍ରକାଶ ପୁଷ୍ପବନ୍ତେ ପ୍ରଭା । ୧ ।
କଳୁଷ ନଦୀଜଳରୁ ତୁଟିଲେ । କମଳ କୁମୁଦମାନେ ଫୁଟିଲେ ।
କେଳି କଲେ ହଂସ କୋକ ସାରସ । କମଳିନୀମାନଙ୍କ ସଙ୍ଗେ ବିଶେଷ ।
କମଳା-ନେତ୍ର ଛଟକ ପ୍ରାୟେ । କ୍ରୀଡ଼ନ୍ତି ଶଫରୀ କମ୍ପାଇ କାୟେ । ୨ ।
କମଳାୟୁ ଦଶେ ପୁଳିନ କୂଳ । କଠିନ ହୋଇଲେ ମହୀ ଜମ୍ବାଳ ।
କୃଷ୍ଣ ଅଙ୍ଗରେ ପୀତବାସ ପ୍ରାୟେ । କେଦାରେ ପକ୍ୱଶାଳୀ ଶୋଭାପାଏ ।
କୁମାରୀ ଗୀତ ଶୁଭେ ବହୁତ । କରଇ ହରଷ ଜନଙ୍କ ଚିତ୍ତ । ୩ ।
କଉଁ ଠାରେ ଶ୍ୱେତଛତ୍ର ଅଙ୍କିତ । କମଳାୟୁ ଦଶେ ଶିଳୀନ୍ଧ୍ର ପନ୍ତ ।
କାମଦେବ-ଶ୍ୱେତ-ଚାମର ପ୍ରାୟେ । କାଶତଣ୍ଡି ଫୁଲ ଚଳନ୍ତି ବାୟେ ।
କୁସୁମବନ୍ତ ବନ୍ଧୁକ ଫୁଲ । କାନ୍ତା କାନ୍ତ ଦନ୍ତବସନ ତୁଲ । ୪ ।
କାନ୍ତ ରହିତ କାନ୍ତା ପ୍ରାୟେ ହୋଇ । କଳାପୀକଳାପ ଝଙ୍କୁ ପକାଇ ।
କେକା ଛାଡ଼ି ହେଲେ ମୌନ ବ୍ରତ । କଲେ ହଂସ ମାନସର ତ୍ୟକ୍ତ ।
କଣ୍ଠକୁ ତାର-ଗ୍ରାମରେ ଯନ୍ତ୍ରୀ । କୀରେ ଗଗନେ ଗମନ କରନ୍ତି । ୫ ।
କପର୍ଦ୍ଦୀଯାନମାନେ ହେଲେ ମତ୍ତ । କଲେ ଲୋଧ୍ରଙ୍କୁ କୁସୁମ ଜାତ ।
କୋରକିତ ହେଲେ ଅଗସ୍ତି ଦ୍ରୁମ । କଳାକର ଖଣ୍ଡ ପ୍ରାୟେ ସୁସମ ।
କୃପଣ ଲୋକ ଲୋକ ପରାୟେ । କଷ୍ଟ ପାଇଲେ ଗୃହକ ପକ୍ଷୀଏ । ୬ ।
କମଳମୋଦକ-କୁମାର-ଦର୍ଶେ । କୁମ୍ଭଯୋନି-ସୁତ ବାଦରେ ଦର୍ଶେ ।
କେତେ କହିବି ଶରଦ ବର୍ଣ୍ଣନା । କହିଲେ ଅନେକ ହୋଇବ ଘିନା ।
କମଳ ନୟନ ଦେଖିଲେ ଦିନେ । କୁମୁଦବନ୍ଧୁ ଉଦୟ ଗଗନେ । ୭ ।
କରଅଛି ସକଳ ଦିଗ ଧବଳ । କମଳାୟୁ ଦଶେ ମହୀମଣ୍ଡଳ ।
କର୍ପୂର ମୋତି ବିମ୍ପ୍ଲା ପରାୟେ । କି ଅବା କ୍ଷିତି ହେଲା କ୍ଷୀରମୟେ ।
କାହାର ଯଶ ପ୍ରକାଶ ହୋଇ । କେତେ ଶୁକ୍ଳକୁ ହେଲା ଲଗାଇ । ୮ ।
କାଦମ୍ବକୁଳ ନୋହି ଦେଖା ଦେଖି । କଳରବ କରି ହୁଅନ୍ତି ଦୁଃଖୀ ।
କୁଞ୍ଜର କୁଞ୍ଜ ନ ଥିଲା ପରାୟେ । କରାଇ ଜନମନକୁ ସଂଶୟେ ।
କେ ବୋଲେ କାହା ହୃଦକୁ ଚାହିଁ । କୁବଳୟ ନୀଳମାଳ ତୋ କାହିଁ । ୯ ।

Digitized by srujanika@gmail.com

କେ କାହା ପାଶକୁ ଏହି ସମୟେ । କରନ୍ତେ ଗତ ବେଶ କରି କାୟେ ।
କରାଇଲା ପ୍ରତିବିମ୍ବ ବାରଣ । କରେ ବାରଣକୁ ଯେହ୍ନେ ଆରଣ ।
କାହାର ପୂର ସୁଧାଲେପନ୍ରୁ । କରାଇ ତାହିଁ ପରତେ ଦୂରରୁ । ୧୦ ।
କେ କହିବ ଚନ୍ଦ୍ର ରଜନୀ ଶୋଭା । କରେ ଯେ ଉଗ୍ର ମନମଥପ୍ରଭା ।
କୃଷ୍ଣ ଦେଖି ହେଲେ ତାହାର ବଶ । କଲେ ବିସ୍ତୁର କରିବାକୁ ରାସ ।
କମଳନେତ୍ର ସୁବେଶ ହୋଇ । କଦମ୍ବ ତଳେ ବିଜେ କଲେ ଯାଇ । ୧୧ ।
କରେ ବେଣୁ ଧରି ବାଦନ୍ତି ଧୀରେ । କର୍ଣ୍ଣେ ଶୁଣି ଗୋପୀ ଆସନ୍ତି ଖରେ ।
କେ କେତେ ରୂପରେ ହୋଇଲେ ଭ୍ରମ । କହିବାକୁ ତାହା କେ ଅବା ଯମ ।
କେ ବର୍ଷ ବେଶ ହୋଇ ଯେ ଥିଲା । କେ ବନ ଆଭୋଗ ଯାଏ ନ ଗଲା । ୧୨
କାହା କବରୀ ନୋହିଥିଲା ବନ୍ଧା । କଲା ମୁରଲୀ ଧ୍ୱନି ତାକୁ ଧନ୍ଦା ।
କଜ୍ଜ୍ୱଳ ବୋଲି ଯେ କସ୍ତୁରୀ ନେଇ । କମଳଦଳନୟନେ ରଞ୍ଜଇ ।
କଜ୍ଜ୍ୱଳ କଲା କପାଳେ ଚିତା । କଲା ଉଛାଠ ତାକୁ ହତଚେତା । ୧୩ ।
କେ କଟିଭୂଷଣ କଣ୍ଠକୁ ଦେଲା । କଣ୍ଠଭୂଷଣ ଚରଣେ ଗଣ୍ଠିଲା ।
କାହାର ଏକ ନୟନେ ଅଞ୍ଜନ । କେ ଧାଇଁଲା ଖରେ ଘେନି ଚନ୍ଦନ ।
କେ ରସବତୀ କର୍ମ ଛାଡ଼ିଲା । କର୍ମ କରି କୃଷ୍ଣଶର୍ମ ଲୋଡ଼ିଲା । ୧୪ ।
କାହା କଟିତଟେ କିଙ୍କିଣୀମାଳ । କରନ୍ତେ ଗମନ ଶୁଭେ ମଞ୍ଜୁଳ ।
କନ୍ଦର୍ପ କରି ରୁଳିବାରୁ ଖରେ । କନକଘଣ୍ଟି ଚଳିଲେ ମୁଖରେ ।
କାହାର ଉଡ଼େ ବାସ ଅଞ୍ଚଳ । କାମ ପତାକା ପରାୟେ ଚଞ୍ଚଳ । ୧୫ ।
କାହା ହୃଦରେ ମୋତିମାଳ ଲମ୍ବେ । କନକ କୁମ୍ଭ ଉଚ୍ଚକୁଚ ଚୁମ୍ବେ ।
କାମ ମାଲ୍ୟକାର ଶଙ୍ଖ ପୟରେ । କରେ କି ଅଭିଷେକ ଶମ୍ଭୁଶିରେ ।
କାହାର ଝିଲମିଲ ଝଲକେ । କାମ ଚମକ ନ ରହେ ପଲକେ । ୧୬ ।
କାହାର ଘାଗୁଡ଼ି, ବଳା ନୂପୁର । କରନ୍ତେ ଗତି ହୋଇନ୍ତି ମୁଖର ।
କାମ କଉତୁକୀ ଗୋଡ଼ାଇବାରେ । କାଦମ୍ବ ନାଦ କି କରଇ ଖରେ ।
କାହାର ମଣିମୟ କୁଣ୍ଡଳ । କର୍ଣ୍ଣଦ୍ୱାରେ ଶୋଭି ମୁଖମଣ୍ଡଳ । ୧୭ ।
କାମିନୀମାନେ ହୋଇ ଯୂଥ ଯୂଥ । କରନ୍ତେ ଗମନ ନ ପାନ୍ତି ପଥ ।
କୃଷ୍ଣପାଇଁ ଏତେ ସୁବର୍ଣ୍ଣ ରଥ । କରିଛନ୍ତି ଭିଆଣ କି ମନମଥ ।
କରିବ ନାନାବନ୍ଧେ ସମର । କରେ ପ୍ରତି ରହୁବରେ ସଞ୍ଚାର । ୧୮ ।
କୁଦଳାୟ ସଙ୍ଗ ପାଇବା ପାଇଁ । କେତେ ମାର୍ଗରେ ନଦୀମାନେ ଯାଇଁ ।
କରନ୍ତି ଯେମନ୍ତ ଅଙ୍ଗକୁ ସ୍ଥିର । କୃଷ୍ଣ ଭେଟେ ଗୋପୀ ସେହି ପ୍ରକାର ।
କଙ୍କଣାକୃତ ହୋଇ ରହିଲେ । କପଟ ବେଶ ଚନ୍ଦ୍ରକୁ ଶୋହିଲେ । ୧୯ ।

Digitized by srujanika@gmail.com

କୋଟି ମଦନ ମନୋହର ବେଶ । କର ଦର୍ଶନ ହୋଇଲେ ହରଷ !
କେବଳ ଶବନାଶୀ ପ୍ରାୟେ ହୋଇ । କାହାର ପଲକ ପଡ଼ଲା ନାହିଁ ।
କେ ମହାମତ୍ତ ମୟୂରୀ ପ୍ରାୟେ । କୃଷ୍ଣମେଘ ଦେଖି ଆନନ୍ଦ ହୋଏ । ୨୦ ।
କାହା ନୟନ ତୃଷିତ ଚକୋରୀ । କାନ୍ତ ମୁଖଚନ୍ଦ୍ରେ ନିବେଶ କରି ।
କରଇ କରୁଣ ଅମୃତ ପାନ । କେବେହେଁ ମନ ନ କରଇ ଆନ ।
କେ ଚନ୍ଦ୍ରକାନ୍ତ ପରାଏ ହେଲା । କହୁଁ କହୁଁ ଅଙ୍ଗ ତରଳି ଗଲା । ୨୧ ।
କାହା ମନ ଚନ୍ଦ୍ରକାନ୍ତ ପ୍ରକାଶ । କାହା ତାରକା ତାରକା ସନ୍ତୋଷ ।
କାହା ଆନନ୍ଦ ସିନ୍ଧୁ ଉଛୁଳିଲା । କହୁଁ କହୁଁ ନେତ୍ରଜଳ ବହିଲା ।
କାହାର ତାପ ହୋଇଲା ଶାନ୍ତ । କେ ନାଗାପ୍ରାୟେ ବଢ଼ାଇଲା କାନ୍ତ । ୨୨
କେ ଅଙ୍ଗଭଙ୍ଗୀ କରି ହାଇ ମାରେ । କଣ୍ଠକଣ୍ଡୁ କରଶାଖାରେ ବାରେ ।
କେ କଟାକ୍ଷେ ଚାହିଁ ଅଳପ ହସି । କବରୀଭାର ଆନ କରି ଖୋସି ।
କରଇ କୁଚମୂଳ ପ୍ରକାଶ । କୃଷ୍ଣମାନସ କରିବାକୁ ବଶ । ୨୩ ।
କଉତୁକେ କୃଷ୍ଣ ବୋଲନ୍ତି ହସି । କି ଗୋ ଗୋପୀ ତୁମ୍ଭେ ଏଡ଼େ ସାହସୀ ।
କାହିଁପାଇଁ ଏତେ ରାତେ ଅଇଲ । କୁଳ ଶୀଳ ଲାଜ କାହିଁ ଥୋଇଲ ।
କେ ବୋଲେ ତୁମ୍ଭମାନଙ୍କୁ ଭୀରୁ । କରନ୍ତି ବରୁର ଅନାଇ ଦୂରୁ । ୨୪ ।
କେ କଲା ତୁମ୍ଭଙ୍କୁ ଏଡ଼େ ଅଜ୍ଞାନ । କହନ୍ତି ଗୋପୀ ତୁମ୍ଭ ବେଣୁସ୍ୱନ ।
କରନ୍ତା ନାହିଁ ସେ ଯେବେ ଜଞ୍ଜାଳ । କ୍ଷମା କରନ୍ତୁ ଅବାଟକୁ ବାଟ ।
କାହିଁକି ଗୃହ ପତି ଛାଡ଼ନ୍ତୁ । କାମ କୃତାନ୍ତ ମୁଖରେ ପଡ଼ନ୍ତୁ । ୨୫ ।
କର୍ଣ୍ଣେ ଶୁଣିମାତ୍ରେ ମୁରଲୀ ଗୀତ । କୁରଙ୍ଗ ପରାୟେ ହେଲୁ ମୋହିତ ।
କେଶ ବାସ ନ ସମ୍ଭାଳି ଧାଇଲୁ । କୃପିକ ପରାଏ ଭ୍ରମ ପାଇଲୁ ।
କଲୁ ଯେ ଆସି ଦର୍ଶନ ଅଙ୍ଗ । କେମେ ହୋଇଛୁ ଅନଳ ପତଙ୍ଗ । ୨୬ ।
କ୍ଷମା ତାକିଲ ଗୋପୀ ଆସ ଆସ । କରୁଛ ଏବେ କାହିଁକି ନିରାଶ ।
କଲ ଅମ୍ଭଙ୍କୁ ସବୁ ରୂପେ ନାଶ । କୃପାଳୁ ହୋଇ ଦୟା ନାହିଁ ଲେଶ ।
କାହିଁକି ଏବେ ଯିବୁ ତା କହ । କହିଛି ଅମ୍ଭଙ୍କୁ ତୁମ୍ଭ ସେନେହ । ୨୭ ।
କୃଷ୍ଣ ହସି ଅନୁରାଗ ବିସ୍ତାରି । କହିଲେ ତୁମ୍ଭେ ମୋ ପ୍ରାଣଈଶ୍ୱରୀ ।
କଣ୍ଠରେ ଅମୂଲ୍ୟ ନକ୍ଷତ୍ରମାଳୀ । କରିବା ଏବେ ଆସ ରାସକେଳି ।
କାମିନୀ ମାନେ ଶୁଣି ସନ୍ତୋଷ । କଲେ ଆରମ୍ଭ ରାସରଙ୍ଗ ବେଶ । ୨୮ ।
କେ ଧରେ ବୀଣା କେ ଧରେ ମର୍ଦ୍ଦଳ । କେ ଧରେ ରବା କାହା କରେ ତାଳ
କେ ଧରେ ଉପାଙ୍ଗ କେ ଧରେ ବଂଶୀ । କେ ହୁରମଣ୍ଡଳ ଘେନିଲା ହସି ।
କାହାର କରେ ଦବ୍ୟ ଗୃମର । କେ ଅଲଟ ଖଦ ଧରି ବାହାର । ୨୯ ।

Digitized by srujanika@gmail.com

କହ୍ନ ନୋହଇ ସେକାଳ ସମ୍ପଦ । କୋଟି ବ୍ରହ୍ମାଣ୍ଡନାଥ ଯହିଁ ଛନ୍ତ ।
କଉ କଥା ଅବା ଅପୂର୍ବ ତହିଁ । କଟାକ୍ଷେ କୋଟି କୋଟି ଲକ୍ଷ୍ମୀ ଯହିଁ ।
କୁବେର ଅଙ୍କଳାଞ୍ଚ ଯାହାର । କରନ୍ତି ସେ ପ୍ରଭୁ ବନେ ବିହାର । ୩୦ ।
କାନନ ମଧ୍ୟେ ହୋଇଲେ ପ୍ରବେଶ । କାହାର ମନରେ ନାହିଁ ବିରସ ।
କଳେବର କାନ୍ତି ଚନ୍ଦ୍ରକୁ ବଳି । କଳାକର କରେ ଉଠୁଛି ଝଳି ।
କହିବ କେଉଁ କବି ସେ ଶୋଭା । କାମବ୍ରହ୍ମ ଯହିଁ ପ୍ରତକ୍ଷେ ଉଭା । ୩୧ ।
କରମ୍ବିତ ହୋଇ ଗୋପିକା ପନ୍ତି । କୃଷ୍ଣଙ୍କୁ ବେଢ଼ି ସୁନ୍ଦର ଦିଶନ୍ତି ।
କାଳସ୍କନ୍ଧେ କି ସ୍ୱର୍ଣ୍ଣ ଆଳବାଳ । କଳାକରେ ଅବା ତାର ମଣ୍ଡଳ ।
କନକଶଳ୍କ ମର୍କତ ଲିଙ୍ଗ । କରିବାକୁ ଲସ ବଚନ ଭୃଙ୍ଗ । ୩୨ ।
କରନ୍ତି ରାସ ଅତି ଅନୁରାଗେ । କର୍ଣ୍ଣପ୍ରିୟ ହୋଏ ଗ୍ରାମବିଭାଗେ ।
କଳକଣ୍ଠକଣ୍ଠୀ ଗାବନ୍ତି ଗୀତ । କରେ ଅର୍ଥ ଅଭିନୟ ଉଦିତ ।
କରନ୍ତି ତାଳ ପାଦ ଘାତରେ । କେହୁ ଉକ୍ତା ନୋହେ ଲୟଭେଦରେ । ୩୩ ।
କମଳଦଳ-ନେତ୍ର ତାଳମୟ । କ୍ରୀଡ଼ାହେତୁ ରାସଉକ୍ତି ଉଦୟ ।
କଣ୍ଠେ ମୁକ୍ତାବଳି କୋକିଳରବ । କରେ କଙ୍କଣ ମୁଖ ଚନ୍ଦ୍ରବିମ୍ବ ।
କନ୍ଦର୍ପ ରୂପ ବସନ୍ତବାସ । କରେ ଦୀନକୃଷ୍ଣ ତାହାଙ୍କୁ ଆଶ । ୩୪ ।

ଅଷ୍ଟାଦଶ ଛାନ୍ଦ

ରାଗ—ମୁଖାରି ପଡ଼ିତାଳ

କରଛନ୍ତି ଦେବେ ଏକ ବୃଷ୍ଟି । କଳ ସୁବାସ କୁସୁମ ବୃଷ୍ଟି ।
କେ କହିବ ତାଙ୍କ ତପବଳ । କାଳେ ଅପଳକ ହେଲ ଫଳ । ୧ ।
କୃଷ୍ଣ ଗୋପଯୁବତୀଙ୍କ ରାସ । କରିଅଛନ୍ତି ସମସ୍ତଙ୍କୁ ବଶ ।
କଥନୀୟ ନୋହଇ ସେ ଶୋଭା । କରିଅଛି ଯେ ଦେବଙ୍କୁ ଉଭା । ୨ ।
କଳାକର-କିରଣ ପ୍ରକାଶ । କୁସୁମରୁ ପ୍ରକଟେ ସୁବାସ ।
କାଳିନ୍ଦୀରେ ପଡ଼ି ଗନ୍ଧବହ । କରେ ଗତି ହୋଇ ରହି ରହ । ୩ ।
କରମ୍ବିତ ହୋଇ ଗୀତବାଦ୍ୟ । କାଳକ୍ରିୟାରେ ହୋଇଛି ଭେଦ ।
କଟି କିଙ୍କିଣୀ ନୂପୁର ନାଦ । କରେ ମାନସ ମହାପ୍ରମୋଦ । ୪ ।

Digitized by srujanika@gmail.com

କାହା କଣ୍ଠ ନିନ୍ଦେ ବ୍ରହ୍ମବୀଣା । କାହା ସ୍ୱର କୋକିଳଙ୍କୁ ଜିଣା ।
କେହୁ ନୋହେ ଲଗ୍ନ ମନେ ଊଣା । କଉଁ ଗୁଣେ କେ ନୋହେ ପ୍ରବୀଣା ? ୫ ।
କେହୁ ନୋହେ ଉଚ୍ଚ ନୀଚ କୃଶ । କେହୁ ନୋହେ ସ୍ଥୂଳ ବିଶେଷ ।
କେହୁ ନୋହେ ବୟସରେ ଭାରି । କେ ନୋହନ୍ତି କୃଷ୍ଣ ମନୋହାରୀ ? ୬ ।
କାନ୍ତ କାନ୍ତେ ସମସ୍ତେ ମଣ୍ଡିତା । କାମଶାସ୍ତ୍ରେ କୁଶଳପଣ୍ଡିତା ।
କୃଷ୍ଣେ ସମସ୍ତେ ଅନୁରାଗୀ । କୃଷ୍ଣ ଅଭାବେ ବିଷୟତ୍ୟାଗୀ । ୭ ।
କେତେ ରୂପେ କେ ହୋଇଛି ବେଶ । କହିବାକୁ ସେ ଛବି ଅଶେଷ ।
କୃଷ୍ଣ ମାନସ ମାନସହଂସ । କଉଁ ଲୋକ ବା ନୋହିବ ବଶ । ୮ ।
କାହା କୁଟିଳକୁନ୍ତଳବେଣୀ । କାମ କର-କୃପାଣକୁ ଜିଣି ।
କୃଷ୍ଣସର୍ପିଣୀ ଭ୍ରମରଶ୍ରେଣୀ । କଉଁ ଗୁଣେ ଲକ୍ଷ ହେବା ଆଣି । ୯ ।
କେ କରଇ ଲୋକ ପ୍ରାଣନାଶ । କେ କରଇ ମଧୁ ଏକା ଗ୍ରାସ ।
ତାହାଠାରେ ନାହିଁ ସୁଖ ଲେଶ । କେହି ନ କରେ ମନ ଉଲ୍ଲାସ । ୧୦ ।
କବି ନ ପାଇ ଉପମାମାନ । କରୁଥାନ୍ତି ଏହାଙ୍କୁ ସମାନ ।
କାହାଠାରେ କଉଁ ସନମାନ । କରି ନ କରନ୍ତି ଅଭିମାନ । ୧୧ ।
କୁସୁମରେ ଦନ୍ତେ ମହାଶୋଭା । କରେ ମୁନିଜନ ମନ ଲୋଭା ।
କଳଧଉତ ପଦକୁ ଦେନି । କୋଟି ଝୁମ୍ପା । ମହାସୁଖଦାୟୀ । ୧୨ ।
କାଳିନ୍ଦୀକନ୍ୟା ଲହରୀ ବଳି । କପାଳତଳେ ଅଳକାବଳୀ ।
କୁନ୍ତଳରେ ଯାଇଅଛି ଝଳି । କେଶେ ସୁବର୍ଣ୍ଣ-ଝଳକମାଳୀ । ୧୩ ।
କଉଁ କାମିନୀ ଲୋଟଣୀ ଜୁଡ଼ା । କଣ୍ଠାଘରେ କରେ ଘରକୁଡ଼ା ।
କରି କେତକୀ ପାଖୁଡ଼ା ଗୋଭା । କୃଷ୍ଣମନ କାମେ କରେ ଲୋଭା । ୧୪
କା ଗୁରୁଣୀରେ ବାନ୍ଧିଛି ଗଭା । କହି ନୋହିବ ବଚନେ ସେ ଶୋଭା ।
କୃଷ୍ଣ ମନ ଯାଇଅଛି ବନ୍ଧା । କାମେ କେ-ଅବା ନ ହିବ ବାନ୍ଧା । ୧୫ ।
କାହା କପାଳେ ଗନ୍ଧ ତିଳକ । କରେ କନ୍ଦର୍ପ ଅନ୍ଧ ତିଲୋକ ।
କାମ କରବାଳ ପ୍ରାୟେ ପେଶୁ । କାହୁଁ ମନ ଭରଲାଇ ଦେଶୁ । ୧୬ ।
କଉଁ ସୁନ୍ଦରୀ ସିନ୍ଦୂର ଚିତା । କରେ ଊର୍ଦ୍ଧ୍ୱରେଖା ହତଚେତା ।
କୁଙ୍କୁମେ ସୁରକ୍ତ କରବାଳ । କାମିରକ୍ତେ ହୋଇଛି ପ୍ରବାଳ । ୧୭ ।
କାହା ନେତ୍ର ଖଞ୍ଜନ ଗଞ୍ଜନ । କଜ୍ଜଳରେ ହୋଇଛି ରଞ୍ଜନ ।
କା କା କରି ନୟନରେ ଗୁଳେ । କୃଷ୍ଣ-ପ୍ରେମ ନ ରଖଇ ତାଳେ । ୧୮ ।
କାହା ଭ୍ରୂଲତା ଭଙ୍ଗିମା ଛବି । କହିବାକୁ ଅଛି କଉଁ କବି ।
କମ୍ପେ ଅଙ୍ଗ ଯାହା ଭାବ ଭାବି । କାମ ଇନ୍ଦ୍ର କରେ ଅନ୍ତର ପବି । ୧୯ ।

Digitized by srujanika@gmail.com

କାହା କଣ୍ଠେ ଦର୍ପଣ ଝଲକ । କଳେବର ବଢ଼ାଇ ପୁଲକ ।
କରେ ସ୍ତମ୍ଭକତ ନେତ୍ର ପଲକ । କହିପାରେ ତନ୍ମଲୋକ ଲୋକ । ୨୦ ।
କାହା ନାସେ କାବ୍ୟତାର ମୋତି । କୁନ୍ଦନକୁ ଦଳି ଦଶେ ଜ୍ୟୋତି ।
କାନ୍ତି ଦନ୍ତବାସ ପ୍ରତିବମ୍ବ । କରିଅଛି ଯହିଁ ଅବଲମ୍ବ । ୨୧ ।
କାହା ହସ୍ତକ ହସ୍ତ ବଲ୍ଲରୀ । କର ମଣ୍ଡନମାନଙ୍କୁ ଧରି ।
କାମ କରପାଶ ପ୍ରାୟେ ହୋଇ । କାହା ମନ ବନ୍ଦୀ କରି ନାହିଁ । ୨୨ ।
କାହା ରଙ୍ଗ କଞ୍ଚପା କାଞ୍ଚୁଲି । କୁଚଭରେ ଉଠିଅଛି ଫୁଲି ।
କାମ ରଙ୍ଗଶାଢ଼ୀ ଘର ପ୍ରାୟେ । କଳିବାରେ ଅସଇ ଥୋକାଏ । ୨୩ ।
କଣ୍ଠେ ଲମ୍ବେ ଗଜମୋତି ହାର । କହିବାକୁ ଅତି ଅଗୋଚର ।
କି ଲୋହିତ ମେଘ ତାର ବାର । କଲି ଉଦେ ନାଭି ଅବତାର । ୨୪ ।
କାହା କଟିରେ କିଙ୍କିଣୀ ଟଳେ । କହୁଅଛି କି ଅତି ବିକଳେ ।
କୁଚ-ପର୍ବତ ଅଛି ମୁଁ ବହି । କରୁ କି ନା ନୃତ୍ୟ ରହି ରହି । ୨୫ ।
କରିଅଛି ବହି ମୋତେ ସରୁ । କର୍ମା ମୋଠାରେ କୃପା ନ କରୁ ।
କହିଲେ ତ ବୋଲ ପରିହରୁ । କାହିଁପାଇଁ ବୋଲଉ ତୁ ଭୀରୁ । ୨୬ ।
କାହା ଘାଗୁଡ଼ି ବୋଲା ହଂସକ । କଲହଂସ ପ୍ରାୟେ କରେ ଡାକ ।
କି ସେ ପାଦ ଅରବିନ୍ଦ ମିଳି । କରେ ଝଙ୍କାର ଭୃଙ୍ଗମଣ୍ଡଳୀ । ୨୭ ।
କେତେ କହିବ ଏହି ପ୍ରକାରେ । କମନୀୟ ବେଶ ନୃତ୍ୟ କରେ ।
କେତେବେଳେ ପ୍ରବନ୍ଧ ଗାବନ୍ତି । କେତେବେଳେ ଗୁମ୍ଫ ଲଗେ ପ୍ରୀତି । ୨୮
କେତେବେଳେ ଚାରପଦ ଆଦି । କେତେ କହିବ ତାହା ସମ୍ବାଦି ।
କୁଞ୍ଜ-ବିହାରୀ ରସିକ ଯହିଁ । କଉଁ କଥା ଅବା ନାହିଁ ତହିଁ । ୨୯ ।
କଉଁ ନାଦ କଉଁ ଶ୍ରୁତି ସ୍ୱର । କଉଁ ମୂର୍ଚ୍ଛନା ତାନ ନିକର ।
କଉଁ ଜାତି ଗ୍ରାମ ରାଗ ରାଗି । କୃଷ୍ଣ ଆଜ୍ଞାକୁ ନାହାନ୍ତି ଜଗି । ୩୦ ।
କଉଁ ତାଳ ଗ୍ରହ ଲୟ ମାନ । କଲା ମାନ ହୋଇଅଛି ଶୂନ୍ୟ ।
କୁନ୍ଦ କୁମୁଦ ବନ ଭାରତୀ । କରେ ଯଉଁ ପ୍ରଭୁ ସେବା ନିତି । ୩୧ ।
କହି ହୋଏ କି ସେ ପ୍ରଭୁଲୀଳା । କୃପା ନ କଲେ ସେ ପଦ୍ମଡୋଳା ।
କେତେବେଳେ ଏଙ୍କୁ ଲଙ୍ଘେ ଗିରି । କୁବଳୟ ହୁଅଇ ପଅଁରି । ୩୨ ।
କଳାନିଧି କରେ ହୋଏ ଧରି । କଇବଲ୍ୟ କି ଆଯୃତ୍ତ କରି ।
କୋଳ କରି ନିକି ବସୁନ୍ଧରୀ । କନ୍ଦର୍ପକୁ ନେବେ ଦେଖି ପାରି । ୩୩ ।
କୋଟି କୋଟି କଳ୍ପ କ୍ଷୟ ଗଲେ । କୀଡ଼ା ରଙ୍ଗ ଭଙ୍ଗ ନୋହେ ଭଲେ ।
କବି ମାନବ ଶରୀର ଧରି । କେତେ କହିବ ଅବା ବିସ୍ତାରି । ୩୪ ।

Digitized by srujanika@gmail.com

କଷ୍ଣ ପୂର୍ଣ୍ଣ କର ମନୋରଥ । କଲେ ଗୋପୀଙ୍କ ଦର୍ପ ନେପଥ୍ୟ ।
କର୍ଣ୍ଣେ ଶୁଣି ଦୀନକୃଷ୍ଣ ଦାସ । କଲା ରସକଲ୍ଲୋଳ ପ୍ରକାଶ । ୩୫ ।

ଊନବିଂଶ ଛାନ୍ଦ

ରାଗ—କେଦାର

କ୍ରୀଡ଼ା ଶେଷେ ଗୋପନାରୀ । କରମ୍ପିତ ହୋଇ କରି ।
କଳାକର-କରେ କୋମଳ ସମୀରେ ଅଙ୍ଗ ପରିଶ୍ରମ ହରି ।
ସେ କାମିନୀ । ୧ ।

କାହିଁ ମୁଖେ ସ୍ୱେଦଧାର । କେ କରଇ ଅଧାହାର ।
କେଶରାହୁ-ଦନ୍ତଘାତେ କି ଅମୃତ କରୁଁ ଅମୃତ ବାହାର ।
ସେ କାମିନୀ । ୨ ।

କାହା କରୁରି କୁରୁଲୀ । କପାଳେ ଯାଇଛି ଟଳି ।
କଣ୍ଠିତ କରି କି ସୁନ୍ଦରୀ ହରିକି କେତୁମୁଣ୍ଡ ଅଛି ଗିଳି ।
ସେ କାମିନୀ । ୩ ।

କାହା ମୁଖ ସୁବାସରେ । କାନ୍ତ ଚନ୍ଦ୍ରମା ଆଶରେ ।
କଳି କରି ଚୂର୍ଣ୍ଣ କୁନ୍ତଳ ଭ୍ରମର ଚକୋର ରହେ ପାଶରେ ।
ସେ କାମିନୀ । ୪ ।

କେ ବାସ-ମୁଖେ ସମୀର । କରଇ ମୁଖେ ସଞ୍ଚାର ।
କୁଣ୍ଡଳୀ ପରିଯେ କେ ନିଜ ଇଚ୍ଛାଯେ କଞ୍ଚୁଳି କରେ ବାହାର ।
ସେ କାମିନୀ । ୫ ।

କେ ରଙ୍ଗରେ ଶ୍ରମ ପାଇ । କରତଳେ କର୍ଣ୍ଣ ଦେଇ ।
କାନ୍ତ କଣ୍ଠକ ଆଗରେ ଥୋଇକରି ହୋଇଅଛି ଅର୍ଦ୍ଧଶାୟୀ ।
ସେ କାମିନୀ । ୬ ।

କୁବଳୟଦଳ ଶ୍ୟାମ । କଲେ କଉତୁକ କାମ ।
କାହାର କି ଭାବ କହିବାକୁ ଠାବ କାନନେ ହୋଇଲେ ବାମ ।
ସେ କାମିନୀ । ୭ ।

Digitized by srujanika@gmail.com

କରେ ଧରି ଗୋପୀ କର । କରନ୍ତି ବନ-ବିହାର ।
କହନ୍ତି ସଖୀ ଦେଖ ଦେଖ ସୁମୁଖୀ କୁଞ୍ଜବନ ମନୋହର ।
ସେ କାମିନୀ । ୮ ।
କହୁଁ ମହୀରୁହ-ଶିରେ । କପିବର ବସିବାରେ ।
କୃଷ୍ଣରଥ ପ୍ରାୟେ ଶୋଭା ପାଉଅଛି ଚାହାଁ ଚନ୍ଦ୍ରମୁଖି ଧୀରେ ।
ସେ କାମିନୀ । ୯ ।
କାହିଁ ଦ୍ୱିଜରାଜେ ବସେ । କଳ୍ପନା କର ମାନସେ ।
କରୁଣା-ସାଗର କମ୍ବୁ-ଚକ୍ରଧର-ପଦ ପରି ପରକାଶେ ।
ସେ କାମିନୀ । ୧୦ ।
କରୁଛି ତୋତେ ପ୍ରସନ୍ନ । କହ କହ ପ୍ରାଣଧନ ।
କେତେ ସୁମନେ ଏ କୁଞ୍ଜ ଦିଶୁଅଛି କହେ ସୁନ୍ଦରୀ ଗଗନ ।
ସେ କାମିନୀ । ୧୧ ।
କୁସୁମ କାଣ୍ଡକୁ ଧରି । କେମନ୍ତେ ଏ ନଗ ଶିରୀ ।
କହଇ ଚତୁରୀ ଅନୁମାନ କରି କପାଳ-କର-ବଇରୀ ।
ସେ କାମିନୀ । ୧୨ ।
କହୁଁ କୁଞ୍ଜଯାକ ପୁରି । କେତେ ବସିଛନ୍ତି ସାରୀ ।
କହେ ହେମଗୌରୀ ନିପୁରି ସୁନ୍ଦରୀ ସାରୀଫଳ ନାମ ଧରି ।
ସେ କାମିନୀ । ୧୩ ।
କୃଷ୍ଣ କାଣ୍ଡ ଶୟନରେ । କେମନ୍ତେ ଶୋଭା ଏ ଧରେ ।
କହେ ରସବତୀ ମହାବ୍ରତମତି ମାଧବ ହସନ୍ତି ଧୀରେ ।
ସେ କାମିନୀ । ୧୪ ।
କେକୀ ଉପରେ ସୁନ୍ଦର । କାହା ପରି ଅନୁସର ।
କହେ ମତିବତୀ ଗଜପତି ଗତି ସୁଦତୀ ଏ ଶକ୍ତିଧର ।
ସେ କାମିନୀ । ୧୫ ।
କହୁବାରୁ ଗୋପୀ ଛଳ । କୃଷ୍ଣ ହସି କଲେ କୋଳ ।
କୁନ୍ଦନଚମ୍ପକ ମରକତ ଜଡ଼ିଲା ପ୍ରାୟେ ଦିଶିଲା ମଞ୍ଜୁଳ ।
ସେ କାମିନୀ । ୧୬ ।
କହୁଁ କୁଞ୍ଜେ ଅନ୍ଧକାର । କହନ୍ତୁ ଦେଖ ମନ୍ଦର ।
କାହା ଭୟ ପାଇଁ ବାହାର ନୋହଇ କହେ ବାମା ଶଶଧର ।
ସେ କାମିନୀ । ୧୭ ।

Digitized by srujanika@gmail.com

କହିଲ ଭଲ ସମାନ୍ଧ । କାହିଁ ଏଥି କଉମୁଦୀ ।
କର ବଢାଇ ପ୍ରହରଣ କରଇ କଶଳୟୁ ସନ୍ଧି ଭେଦ ।
ସେ କାମିଣୀ । ୧୮ ।

କହିଲେ ହେ ପ୍ରିୟତମା । କେ ଅଛି ତୋତେ ଉପମା ।
କରବୁ ତୁ ବେଦପଢ଼କ ନବେଦ ଗୁଣମଣି ସୁଖସୀମା ।
ସେ କାମିନୀ । ୧୯ ।

କଲେ ସେଠାରୁ ବିଜୟେ । କାମିନୀ ମୋହନ ରାୟେ ।
କେ କହିବ ଶୋଭା ସୁରମୁନିଲୋଭା କାମଦେବ ରତିପ୍ରାୟେ ।
ସେ କାମିନୀ । ୨୦ ।

କହନ୍ତି ଦେଖି ତମାଲ । କୁନ୍ତଳ ସମ ମଞ୍ଜୁଳ ।
କରୁଣା ଅପାର ଏହାଠାରେ ମୋର ମିଳପଣେ ଯହୁଁ ତୁଲ ।
ସେ କାମିନୀ । ୨୧ ।

କି କହିବ ସଖୀ ତୋତେ । କହିଲେ ନ ଯିବୁ ପ୍ରତେ ।
କଳେବରଯାକ ସମାନ ଯେତେକ ପ୍ରିୟରୁ ପ୍ରିୟ ସେ ମୋତେ ।
ସେ କାମିନୀ । ୨୨ ।

କାଳିନ୍ଦୀରେ ଏହି ସ୍ୱେନ । କରଇ ସ୍ନେହ ମୋହିନୀ ।
କାଳିକା କଜ୍ଜ୍ୱଳ ଭୃଙ୍ଗ ସଖି ! କଳକଣ୍ଠ ମୋର ସୁଖଦାନୀ ।
ସେ କାମିନୀ । ୨୩ ।

କେତକୀ ତୋ ଦେହ ପରି । କରଇ ମସ୍ତକେ ତୋରି ।
କଳାକର କଳା ହାସ ସଦୃଶରୁ କୁସୁମ ମୋହର ହାରି ।
ସେ କାମିନୀ । ୨୪ ।

କାହିଁଠାରେ ମୋ ପ୍ରୀତି । କାହିଁ ପାଇଁ କୁନ୍ଦଦନ୍ତି ।
କେତୋଟି ତୋହୋର ସୁରଙ୍ଗ ଅଧର ଛବିକି ବହିଅଛନ୍ତି ।
ସେ କାମିନୀ । ୨୫ ।

କର ପାଦ ରଙ୍ଗ କଞ୍ଜ । କଶଳୟଠାରେ ଅଛି ।
କର୍ଣ୍ଣ ଅବତଂସ ହୋଇଥାଇ ତୋଷ ମଦକଳ ମଦରାକ୍ଷୀ ।
ସେ କାମିନୀ । ୨୬ ।

କେତେହେଁ କହିବ ଏହା । କମଳା ତୁ ମୋର ଯାହା ।
କେ ଅଛି କାହାକୁ ଉପମା ଦେବାକୁ ମନ ଖୋଜୁଅଛି ତାହା ।
ସେ କାମିନୀ । ୨୭ ।

Digitized by srujanika@gmail.com

କହୁ ଏମନ୍ତ ବଚନ । କର ଧୀରେ ଅଲିଙ୍ଗନ୍ ।
କନକ-ଦର୍ପଣ-ଖଣ୍ଡ ଗଣ୍ଡଦେଶେ ହସି ଦିଅନ୍ତ ଚୁମ୍ବନ ।
ସେ କାମିନୀ । ୨୮ ।
କହିଁ ତରୁତଳେ ବସି । କବରୀରେ ଫୁଲ ଖୋସି ।
କୁସୁମେଷୁ-ବେଶ କୁସୁମେ ସୁବେଶ କରନ୍ତ ଖଞ୍ଜନଦୃଶୀ ।
ସେ କାମିନୀ । ୨୯ ।
କର୍ପୂର ଚନ୍ଦନ ବୋଳି । କୁଚେ ଲେଖି ପତ୍ରାବଳୀ ।
କୁରଙ୍ଗମଦ ମକରୀ ଗଣ୍ଡେ ଲେଖି ଚାହାନ୍ତ ନୟନ ଟାଳି ।
ସେ କାମିନୀ । ୩୦ ।
କଜ୍ଜଳକେ ବନ୍ଧ କର । କହନ୍ତ ଚିବୁକ ଧର ।
କୁରଙ୍ଗ ଲକ୍ଷଣ ଦେଖି ଏ ଲକ୍ଷଣ ଆନନ୍ଦ ହେବ ସୁନ୍ଦରୀ ।
ସେ କାମିନୀ । ୩୧ ।
କଜ୍ଜ୍ୱଳ ନୟନେ ଦେଇ । କହନ୍ତ ବିନୟ ହୋଇ ।
କଲା ଯା ଏହାକୁ ସମ ଖଞ୍ଜନକୁ ମୋ ନୟନ ସୁଖ ପାଇଁ
ସେ କାମିନୀ । ୩୨ ।
କୁଶକେତୁ ଯହିଁ କାଳେ । କଲା ଏହା କୁତୂହଳେ ।
କରକମଳ ଥୋଇଲା ନେଇ ଖରେ ଶୀତଳ ପାତଳ ଜଳେ ।
ସେ କାମିନୀ । ୩୩
କାଳେ ସେ ହୋଇଲା ବୀଜ । କରିବାକୁ ସୁଖ କାର୍ଯ୍ୟ ।
କଳା ଧଳା ରଙ୍ଗ ଛଳରୂପେ ଅଙ୍ଗ ଧରିଲେ ଛଳ ଅମ୍ବୁଜ ।
ସେ କାମିନୀ । ୩୪ ।
କଲେ ନେତ୍ର ଦେଖି ଲୋଭ । କଞ୍ଜ ଶମ୍ଭୁ ପଦ୍ମନାଭ ।
କାମ-ସୃଷ୍ଟି ଜାତ ପାଳିବା ରହୁତ ଅର୍ଥେ ରଖିଲେ ପ୍ରଭବ ।
ସେ କାମିନୀ । ୩ ।
କୁସୁମଶର ବିଜୟୀ । କରିବାକୁ ହେଲା ଦାୟୀ ।
କାହୁ ପାଇଁ ଧନୁ ଶର ଧରିବ ସେ ତୋହ ପରି ସାହା ପାଇ ।
ସେ କାମିନୀ । ୩୬
କନ୍ଦର୍ପହିଁ ବଡ଼ ଧନ୍ୱୀ । କର ପାଞ୍ଚ ଫୁଲପନ୍ତି ।
କାହୁଁ ବ୍ରହ୍ମପାଏ କର ପାରେ ଜୟେ ତୋହୋ ଯେଣୁ ବାମନେତ୍ରି !
ସେ କାମିନୀ । ୩୭ ।

Digitized by srujanika@gmail.com

କୁମ୍ଭକାର କାଠ ପ୍ରାୟେ । କି ଶବ ଅଛୁ ଢୋଁଠାୟେ ।
କଟାକ୍ଷ ମାନଙ୍କେ ମାରି ତାରି ପାରୁ କରାଉ ଜୟେ ଅଜୟେ ।
ସେ କାମିନୀ । ୩୮ ।

କେତେବେଳେ ତା ବଡ଼ାଇ । କଥିରେ ପାରୁ ଛଡ଼ାଇ ।
କରୀନ୍ଦ୍ରଗମନା ଏହୁ ଯେଣୁ ସିନା ତୋ ପଛେ ଥାଇ ଗୋଁଡ଼ାଇ ।
ସେ କାମିନୀ । ୩୯ ।

କରି ତୋ ନାମ ଅଗ୍ରଣୀ । କହୁଥାନ୍ତି ଯାହା ପ୍ରାଣୀ ।
କର୍ଣ୍ଣେ ତାହା ଶୁଣି ହୃଦେ ଗୁଣି ଗୁଣି ପୁଲକଇ ପ୍ରାଣମଣି ।
ସେ କାମିନୀ । ୪୦ ।

କହି ରସଗର୍ଭ ବାଣୀ । କରେ କର ଧରି ଆଣି ।
କାନ୍ଧରେ ପକାଇ ମୁଖେ ମୁଖ ଦେଇ ଚୁମ୍ବନ୍ତି ରସିକମଣି ।
ସେ କାମିନୀ । ୪୧ ।

କାଉଁଠାରେ ଫୁଲଶେଯ । କରି ନିଜ କରେ ଉଜ ।
କାମିନୀକି କୋଳେ ଧରି କାମଭୋଳେ ପହୁଡ଼ନ୍ତି ଦେବରାଜ ।
ସେ କାମିନୀ । ୪୨ ।

କହେ ଦୀନକୃଷ୍ଣ କବି । କୃଷ୍ଣପାଦପଦ୍ମ ସେବି ।
କଳୁଷ ଅନ୍ଧାର ଅଁଳପକେ ଦୂର କରେ ଯାହା ନାମରବି ।
ସେ କାମିନୀ । ୪୩ ।

ବିଂଶ ଛାନ୍ଦ

ରାଗ—କେଦାର କାମୋଦୀ

କୁଞ୍ଜକୁଟୀରେ ଫୁଲଶେଯ ଉପରେ ।
କେଳି କରନ୍ତି କାନ୍ତ କାନ୍ତା ସଙ୍ଗରେ ଯେ ।
କହି ନୋହେ ବଚନେ ସେ କାଳ ଶୋଭା ।
କେତେ ଅବା କନ୍ଦର୍ପ କେଳିର ପ୍ରଭା ଯେ । ୧ ।

କନକଲତା ନବତମାଳେ ଜଡ଼ି ।
କାମ-ପବନଘାତେ ଯାଇଛି ଉଡ଼ି କି ।
କି ଅବା ରାଜପଟେ କୁନ୍ଦନରେଖା ।
କଳାମେଘେ ବିଜୁଳି ଦେଇଛି ଦେଖା କି । ୨ ।

Digitized by srujanika@gmail.com

କି ଚନ୍ଦ୍ରକର ଅର୍ଦ୍ଧ ଅର୍ଦ୍ଧେକ ଘଳ ।
କୁଞ୍ଚମନ୍ଦରେ ଅଛି ଶୋଭାକୁ ପାଇ ଯେ ।
କି ଅବା ମରକତପଞ୍ଜିରୀ ଅଟନ୍ତି ।
କୀର ବସନ୍ତପକ୍ଷୀ ରହେ ସଁନ୍ତତେ ଯେ । ୩ ।
କନ୍ଦର୍ପ କଉତୁକା ରଖିଛି ନେଇ ।
କେହୁ କାହିଁକି ଆଉ ନ ପାରେ ଯାଇ ଯେ ।
କୀଡ଼ନ୍ତି ନିରନ୍ତରେ ସମତ୍ୱ ହୋଇ ।
କାହିଁ ଏ ଅପୂର୍ବ ଦେଖିଲା ନାହିଁ ଯେ । ୪ ।
କରରେ କର ଉରେ ଉର ଲଗାଇ ।
କାନ୍ତା ଅଙ୍ଗରେ ମନମଥ ଲଗାଇ ଯେ ।
କୃପାଲୋଳ ଲୋଚନେ ଦେଇ ଲୋଚନ ।
କହନ୍ତି କୌଞ୍ଚସ୍ୱରେ ଗୁହ୍ୟ ବଚନ ଯେ । ୫ ।
କୁଟିଳକେଶି କଳାକରସୁହାସି ।
କି ବୋଲି ତୋତେ ମୁଁ ଡାକିବି ପ୍ରେୟସି ରେ ।
କୁସୁମଗନ୍ଧି ବୋଲି ଡାକନ୍ତି ଅବା ।
କଲେଣି ବିଧି ତାକୁ ପକାଇ ଦେବା ରେ । ୬ ।
କପାଳ ଝଳକ ତ ବୋଲିବି ନାହିଁ ।
କାଳ ଯାକ ତ ସେହି ନ ଥାଏ ରହି ରେ ।
କଳାତୋଳା ପ୍ରତିମା ନ ଦେଖି ଯହୁଁ ।
କଣ୍ଠ କଣ୍ଠ ବାହାର ନୋହିଲ ତହୁଁ ରେ । ୭ ।
କଣ୍ଠଭୂଷଣ ହାର ନାମ ନ ଥିଲେ ।
କଣ୍ଠମଣ୍ଡନା ବୋଲି ବୋଲନ୍ତି ଭଲେ ଗୋ ।
କର୍ପୂର ଚନ୍ଦନ ତ ଶୁଖିଲେ ଝଡ଼େ ।
କି ବୋଲି ବୋଲିବି ତା ହୃଦୟ ପୋଡ଼େ ଗୋ । ୮ ।
କିବା ବୋଲିବି କାମତଟିନୀ ଭେଳା ।
କୌଣସି ନାହିଁ ନଦୀ ତରିଲେ ହେଳା ରେ ।
କୃତ୍ୟ ନ ଥିଲେ ବକେ ନିର୍ଦ୍ଧନ ଧନ ।
କି କରି ଏହା ମୁଁ ବୋଲିବି ବଚନ ରେ । ୯ ।
କୁମୁଦ ଚନ୍ଦ୍ର ପ୍ରୀତି ଥୟ ନୋହଇ ।
କାହିଁ ପୁଷ୍କର କାହିଁ ପୁଷ୍କର ଯାଇ ରେ ।

Digitized by srujanika@gmail.com

କ୍ରୀଡ଼ା କରଇ ତହିଁ ଘେନିଣ ବୃକ୍ଷ ।
କି କରି ଲକ୍ଷିବ ଦେଖୁଛୁ ପ୍ରତ୍ୟକ୍ଷ ରେ । ୧୦ ।
କମଳ ସୂର୍ଯ୍ୟେ ପ୍ରୀତି ନୋହଇ କହି ।
କମଳକୁ ଛାଡ଼ିଲେ ପକାଇ ଦହି ରେ ।
କୁକର୍ମ କରିବାରେ ଏହି କୁଶଳ ।
କାନ୍ତ ଆଗେ ମାତଇ ଯେହ୍ନ ଭ୍ରମର ରେ । ୧୧ ।
କୁସୁମ ଚୁମ୍ବି ମଧୁକର ଛାଡ଼ଇ ।
କଳା ମାନବେଙ୍କ ଅନ ଫୁଲ ଲୋଡ଼ଇ ଗୋ ।
କରଇ ନାହିଁ ଆଉ ଲୋଡ଼ନ୍ତି ପ୍ରୀତି ।
କମଳ କୁଞ୍ଜରେ ସମାନ ମତି ଗୋ । ୧୨ ।
କୋଟି କୋଟି କଳ୍ପାନ୍ତେ ତୋ ଅଙ୍ଗସଙ୍ଗ ।
କେତେବେଳେହେଁ ହୋଇ ନାହିଁ ବିରଙ୍ଗ ରେ ।
କାମ ଆତୁରେ କାମୀ କାମିନୀ ଆଗେ ।
କହୁଥାନ୍ତି ଏମନ୍ତ ସୁଅନୁରାଗେ ରେ । ୧୩ ।
କେ ବୋଲେ ତୁ ମୋହୋର ପ୍ରାଣୁଁ ଅଧିକ ।
କେ ବୋଲେ ତୁ ମୋହୋର କଣ୍ଠଗ୍ରୀବକ ରେ ।
କେତେ ପ୍ରକାରେ କେତେ କହନ୍ତି ଲୋକ ।
କେହି ନାହିଁ ସଂସାର ମଧ୍ୟେ ବିବେକ ରେ । ୧୪ ।
କେତେ କହିବି ଏହି ପ୍ରକାରେ ଯେତେ ।
କୋଟି ବ୍ରହ୍ମାଣ୍ଡେ ସମ ନାହାନ୍ତି ତୋତେ ଯେ ।
କବି ସେ ସତ ମିଛ କରି କହନ୍ତି ।
କବିତ୍ୱ ଚାତୁରୀରେ ମନ ମୋହନ୍ତି ଯେ । ୧୫ ।
କଲି ଏବେ ତୋତେ ମୁଁ ବିଚିତ୍ର ବୀଣା ।
କୁଚ କନକ ତୁମ୍ବୀ ସୁକଣ୍ଠ ଗୁଣା ରେ ।
କରଜଘାତେ କରେ ଯେଉଁ ଶବଦ ।
କର୍ଣ୍ଣେ ଶୁଣିଲେ ମନ ହୋଏ ପ୍ରମୋଦ ରେ । ୧୬ ।
କେତେ ରାଗ କରଇ ହୃଦେ ପକାଇ ।
କାମ ନୃପତି ମନ ତୋଷ କରାଇ ଯେ ।
କାମ ପୂର୍ଣ୍ଣ କରଇ ରତିଦାନରେ ।
କୃତଯନ୍ତ୍ର ନୋହିବ ତୋ ସମାନରେ ଯେ । ୧୭ ।

Digitized by srujanika@gmail.com

କହନ୍ତି ସଖୀ ଶୁଣି ଶ୍ରୀକୃଷ୍ଣବାଣୀ ।
କୃପାସିନ୍ଧୁ ନାମର ଏଡ଼କ ଅଣି ହେ ।
କିମ୍ଭା ନୋହିଲେ ଦାସବତ୍ସଳବାନା ।
କରେ ପରଶମଣି ଲୁହାକୁ ସୁନା ଯେ । ୧୮ ।
କୁସୁମ ପରଶରେ ପଟ ନସ୍ତରେ ।
କହିଁ ବଡ଼ ଲୋକର ନ ବସେ ଶିଖେ ହେ ।
କହିଁ ମହତଗୁଣ ଅଛୁ ଉସ୍ମରା
କି ନ କରନ୍ତି ତାକୁ ପାବଂତାବର ହେ । ୧୯ ।
କଳାନିଧି ଅମୃତଶରୀର ହୋଇ ।
କଳଙ୍କକୁ କୋଳରେ ସ୍ନେହେ ବସାଇ ଯେ ।
କରନ୍ତି ନାହିଁ ଆନ ହେଲେ ଲକ୍ଷଣ ।
କହି ନୋହଇ ପ୍ରଭୁମାନଙ୍କ ଗୁଣ ଯେ । ୨୦ ।
କେତେ କୁମୁଦ କେତେ ତାରକାପନ୍ତି ।
କଳାକେ ଥିଲେ ଚକୋରକୁ ତୋଷନ୍ତି ।
କହିଁ ଲୋକର ନାହିଁ ମେଘକୁ ଆଶ ।
କଥିତେ ଗୃଡକରେ ଲଭଇ ଯଶ ଯେ । ୨୧ ।
କୃଷ୍ଣ କହନ୍ତି ଅରେ ଚନ୍ଦ୍ରମାମୁଖି ।
କାହିଁ କାହାକୁ ଲକ୍ଷ ଜୀବନସଖି ରେ ।
କଲେ ଅସ୍ଥି ଉପରେ ରତନ ଉଭା ।
କି ଶୋଭା ନୋହେ ନ ଠେକଇ କି ପ୍ରଭା ରେ । ୨୨ ।
କରି ତୋ ନାମ ଆଗେ ମୋ ନାମ ପଛେ ।
କହୁଅଛନ୍ତି ଯେଉଁ ଲୋକେ ପ୍ରତକ୍ଷେ ଗୋ ।
କଳିକଲୁଷ ଭବଭୟକୁ ହରି ।
କୃତାର୍ଥ ହୋଇ ଯାଉଅଛନ୍ତି ତରି ଗୋ । ୨୩ ।
କହି ଅନେକ ଅନୁରାଗ ବଚନ ।
କୋଳ କରି ସଖୀରେ ଦେଇ ଚୁମ୍ବନ ଯେ ।
କଉତୁକେ ନସଠାରୁ କଲେ ଗମନ ।
କନ୍ଦର୍ପରେ ପ୍ରସନ୍ନ ହୋଇଛୁ ମନ ଯେ । ୨୪ ।
କନକଲତା ନବତମାଳ ସଙ୍ଗେ ।
କାମମନ୍ତ୍ର ବଳରେ ଚଳାଇ ରଙ୍ଗେ କି ।

Digitized by srujanika@gmail.com

କଳାମେଘ ଆଗରେ ଉଦେ ବିଜୁଳି ।
କାନନ ଗଗନରେ ଯାଉଛନ୍ତି ଖେଳି କି । ୨୫ ।
କିବା ଅନଙ୍ଗ ନବ ଅଙ୍ଗକୁ ପାଇ ।
କରୁଁ କୁସୁମଧନୁ ଶର ପକାଇ ଯେ ।
କପର୍ଦ୍ଦୀ ଯୋଗଭଙ୍ଗ କରିବା ପାଇଁ ।
କେଳିତକି ଆଗରେ କରି ଚଳାଇ ଯେ । ୨୬ ।
କମଳକୁ କମଳା ବାଞ୍ଛିଲ ପ୍ରାୟେ ।
କାନ୍ତ କାନ୍ତା ଚରଣ ଶୋଭାକୁ ପାଏ ଯେ ।
କି ତପ କଲା ମହୀ କି ଭାଗ୍ୟବଳେ ।
କମଳ ପ୍ରଫୁଲ୍ଲିତ ହେଉଛନ୍ତି ସ୍ଥଳେ କି । ୨୭ ।
କୁସୁମିତ ବଲ୍ଲରୀ ପବନେ ଚଳେ ।
କିଶୋର କିଶୋରୀଙ୍କି ଚାମର ଢାଳେ କି ।
କେଉଁ ଲତାରୁ ଫୁଲ ପାଖୁଡ଼ା ଖସେ ।
କୁସୁମ ବରଷିଲା ପରାୟେ ଦିଶେ ସେ । ୨୮ ।
କେଉଁ ବଲ୍ଲରୀ ଫଳେ ନମ୍ରତା ହୋଇ ।
କୃଷ୍ଣ ଗୋପୀଙ୍କି ନମସ୍କାର କରଇ ଯେ ।
କେ ଚୁଲନ୍ତେ ସଖୀରେ ଉର୍ଦ୍ଧ୍ୱଗ ହୋଇ ।
କାଳିନ୍ଦି ମନରେ କି ପଦ୍ମଶ୍ରୀ ମଣାଇ ଯେ । ୨୯ ।
କହନ୍ତି କୃଷ୍ଣ ଦେଖ ସଖି ଏ ଲତା ।
କୁସୁମଭରେ ହୋଇ ମହାଶୋଭିତା ଯେ ।
କମନୀୟ ଦିଶଇ ତରୁ ଉପରେ ।
କାନ୍ତା ସୁବେଶ ଯେସନ୍ତେ କାନ୍ତ ଅଙ୍ଗରେ ଯେ । ୩୦ ।
କଉତୁକେ ଏମନ୍ତେ ବନେ ଭ୍ରମନ୍ତେ ।
କହେ ଗୋପିକା କୃଷ୍ଣ ଆଗରେ ଶ୍ରାନ୍ତେ ଯେ ।
କେମନ୍ତେ ହୋଇ ଯିବ ନ ଚଳେ ପାଦ ।
କୃଷ୍ଣ ହସି କହନ୍ତି ନ ପାଅ ଖେଦ ଗୋ । ୩୧ ।
କଳକଣ୍ଠବଚନି ! କୁନ୍ଦଦଶନି ।
କହେ ମୋହର ବସ ମନମୋହିନି ଗୋ ।
କହି ଏମନ୍ତ ଧୀରେ ବସାଇ କହେ ।
କଙ୍କର ପ୍ରାୟେ ହେଲେ ମଦନ-ଅନ୍ଧେ ସେ । ୩୨ ।

Digitized by srujanika@gmail.com

କେମନ୍ତେ ଦିଶିଲା ସେ ବେଳେ ଶ୍ରୀଅଙ୍ଗ ।
କଳା ପର୍ବତେ ଯେସନ୍ତେ କନକ ଶୃଙ୍ଗ କି ।
କି ଅବା ନୀଳମଣି ପ୍ରାସାଦ ରଚେକି ।
କଳଧଉତ କେତନ ବିରାଜେ ଯେ । ୩୩ ।
କହଇ ଦୀନକୃଷ୍ଣ କନ୍ଦର୍ପରସ ।
କରି ପାରଇ ସେ କି ଏମନ୍ତ ବଶ ହେ ।
କର ହେ ସାଧୁଜନେ ମନେ ବିଚାର ।
କାମବ୍ରହ୍ମ ସଂସାରେ କେମନ୍ତ ସାର ହେ । ୩୪ ।

ଏକବିଂଶ ଛାନ୍ଦ

ରାଗ—ଭଇରବ

କେଶବ ଅଂସରେ ବସି ମାନସରେ ବିଚାରେ ବରଜରମଣୀ ।
କଲେ କି ସ୍ନେହ ମୋତେ ବେଣୁପାଣି ।
କଲ ଦକ୍ଷିଣନାୟକ ଅନୁକୂଳ ଧନ୍ୟ ଧନ୍ୟ ମୋର ଆଣି ।
ମୁଁ ଏମନ୍ତ ।
କେତେ ନାହାନ୍ତି ବା ପ୍ରିୟତମା ।
କେହି ନୋହିଲେ କୃଷ୍ଣମନୋରମା ।
କଲେ ଫୁଲଗଭା ପ୍ରାୟେ ମୋତେ ଶୋଭା, ସୁରସିକ ସୁଖସୀମା ।
ଏ ମୋହନ । ୧ ।

କୃଷ୍ଣ ଗୋପୀଗର୍ବ ଜାଣି ତାହା ଖର୍ବ କରିବାକୁ କଲେ ଉପାୟେ ।
କହୁ ଉହାଳାଇ ପ୍ରଭୁ ଦେବରାୟେ ।
କହିଲେ ବିଜୟେ କର ଏହିଠାଏ ମାନବନ୍ତ ପ୍ରାଣପ୍ରିୟେ ।
ଗୋ ସୁନ୍ଦରି ।
କିଛି କରିବ ନାହିଁ ମନେ ଭୟ ।
ତୋଳଇ ମୁଁ କୁସୁମ ଅବଚୟ ।
କହି ଏ ବଚନ ହେଲେ ଅନ୍ତର୍ଦ୍ଧାନ ଅନ୍ତର୍ଯ୍ୟାମୀ ମାୟାମୟ ।
ସେ ମୋହନ । ୨ ।

Digitized by srujanika@gmail.com

କୃପଣ ସାମନ୍ତ ବୋଲକୁ ଯେମନ୍ତ ଆଶା କରି ଲୋଭୀ ବଞ୍ଚଇ ।
କାଳେ କଷ୍ଟକୁ ହୃଦରେ ସଞ୍ଚଇ ।
କୃଷ୍ଣ ଆଶାରେ ଗୋପୀ ସେହି ପ୍ରକାରେ ନିଶ୍ୱାସ ଦୀର୍ଘ ମୁଞ୍ଚଇ ।
ସେ ସୁନ୍ଦରୀ ।
କହୁଁ କହୁଁ କ୍ରୋଧ ହୋଏ ପ୍ରବଳ ।
କମ୍ପେ ସୁରଙ୍ଗ ବିମ୍ବ ଦନ୍ତଚେଲ ।
କୋକନଦଜିତ ନୟନୁ ଗଳିତ ସକଜ୍ଜଳ ଅଶ୍ରୁଜଳ ।
ସେ ସୁନ୍ଦରୀ ।୩ ।
କୁରଙ୍ଗୀ ସମାନ ବଢ଼ାଇ ବେଦନ ବୋଲେ ହେ କରୁଣାସଦନ ।
କିମ୍ପା ହେଲ ମୋତେ ବାମବଦନ ।
କି କହି କି କଲ ସୁଧାସମ ବୋଲ ପ୍ରଫୁଲ୍ଲ ପଦ୍ମବଦନ ।
ହେ ମୋହନ ।
କରିଥିଲି ମୁଁ ବହୁତ ଭରସା ।
କାଳେ ନାଶ କଲ ସେ ପ୍ରତିଆଶା ।
କରୁଣାବୃକ୍ଷେ ଫଳାଇଲ ପ୍ରତ୍ୟେ ନିରାଶ କରି ଦୁର୍ଦ୍ଦଶା ।
ହେ ମୋହନ । ୪ ।
କରୁଣାସମୁଦ୍ର ସମୁଦ୍ର ପରାୟେ କୂଳରେ କିମ୍ପା କରୁଛଳ ।
କୋଳ ପ୍ରାୟେ କାମଲତା ଛାଡ଼ିଲ ।
କୁସୁମ ଚୁମ୍ବିଲ ଭୃଙ୍ଗ ପ୍ରାୟେ ଭଲ ଚୁମ୍ବିଲ ମାତେ ଛାଡ଼ିଲ ।
ହେ ମୋହନ ।
କରିଥାଇ ଯାହାକୁ ସ୍ନେହପାନ ।
କାମ ଅନଳେ ଦହି ତାର ଗାନ ।
କେବଳ ଅବଧି ପ୍ରଭୁ କଲେ ବଧି ଭ୍ରମ ହେବା କେତେ ମାନ ।
ହେ ମୋହନ ।୫ ।
କାହାକୁ କହିବ କେମନ୍ତେ ସହିବ ମଦନନୃପତି ଅନୀତି ।
କୃଷ୍ଣବର୍ତ୍ମା ପ୍ରାୟେ ଯାହା ରୀତି ।
କରଇ ଯାହାକୁ ଆଶ୍ରେ ହରି ତାକୁ ସେହି ହୁଏ ସେହିମତି ।
ହେ ମୋହନ ।
କଳେବର ଜାଳିଦେଲେ କପାଳୀ ।
କି କି ପ୍ରକାରେ ହୋଏ ଭୂତାବଳୀ ।

Digitized by srujanika@gmail.com

କାମୀ କାମିନୀ ବିଚ୍ଛେଦରେ ରଜନୀ ଦିବସ ହୁଅଇ ସଳି ।
ହେ ମୋହନ । ୬ ।
କଣିଲା ଲୋକଙ୍କୁ ଏମନ୍ତ ଶୋକଙ୍କୁ ଦେବାର ତ ନୋହେ ବେଭାର ।
କଲ ପ୍ରଭୁ ହୋଇ ତ ଅବେଭାର ।
କଷ୍ଟିତ ସେବା ତ ସେନମା ଉଚିତ ଗୁଣଗ୍ରାହୀମାନଙ୍କର ।
ହେ ମୋହନ ।
କାହିଁ ଯିବି ଏ ଘୋର ବନସ୍ତରେ ।
କେହି ନାହାନ୍ତି ମୋର ସଙ୍ଗତରେ ।
କପାଳରେ କର ମାରି ଚକ୍ରଧର ଚିନ୍ତା କରଇ କାତରେ ।
ସେ ସୁନ୍ଦରୀ । ୭ ।
କୃଷ୍ଣଙ୍କୁ ନ ଦେଖି କଳାକରମୁଖୀ ଗୋପୀକଦମ୍ବ ହୋଇ ଦୁଖୀ ।
କୁଞ୍ଜେ କୁଞ୍ଜେ ପ୍ରବେଶ ହୋଇ ଦେଖି ।
କରନ୍ତି ରୋଦନ ହେ ପଦ୍ମବଦନ କାହିଁକି ଗଲ ଉପେଖି ।
ହେ ମୋହନ ।
କରି ନାହୁଁ ତ ଆମ୍ଭେ କିଛି ଦୋଷ ।
କାହିଁ ପାଇଁ କଲ ଏଡ଼େ ନିର୍ଘୃଣ ।
କରୁଣାକୃପଣ ହେଲେ ପ୍ରଭୁପଣ ଲକ୍ଷଣରେ କଉଁ ଯଶ ।
ହେ ମୋହନ । ୮ ।
କଳାବନ୍ତ ଲୋକ ସହଜେହେଁ ଶୋକ, ଦେବା କଥାରେ କୃତମୁଖ ।
କୁସୁମକୁ ଚୁମ୍ବଇ ଶିଳୀମୁଖ ।
କି କି କରି ରସ କଲିମାନେ ଗ୍ରାସ ନ ମାଡ଼ଇ ଆଉ ପାଖ ।
ସେ ମଧୁପ ।
କାକ କାଳକ ପୋଷଇ ପିକକୁ ।
କାଳେ ଅନୁଭବ କରେ ଶୋକକୁ ।
କାମ ମନୁଁ ଜାତ ହୋଇ କଉଁ ଘାତ ନ କରେ ଅବା ମଦକୁ ।
ଗୋ ସଜନି । ୯ ।
କଳାନାଗଶିଶୁ ଅଛନ୍ତି ଅମୃତ ପୟ ଦେଲେ ହୋନ୍ତି ପ୍ରବଳ ।
କେତେ ନ ଛାଡ଼ଇ ଅବା ଗରଳ ।
କୁଟିଳବଂଶହିଁ ପୁଣି ହେଲେ ସେହି ଲୋକଙ୍କୁ କରେ ବିକଳ ।
ଗୋ ସଜନି ।

Digitized by srujanika@gmail.com

କୃଷ୍ଣ ନାଗରନାଗ ସେହିମତ ।
କରେ ବକଳ ଜାଲ ଦେଇ ଘାତ ।
କାନନ ମଧ୍ୟରେ ରଜନୀଅର୍ଦ୍ଧରେ କେ କାହାକୁ ମାରେ କାତ ।
ଗୋ ସଜନି । ୧୦ ।
କହ କହ ଏହି କଥା ରହ ରହ ପଗ୍ଗରନ୍ତି ଧୀରେ ବୃକ୍ଷଙ୍କୁ ।
କହ ଦେଖିଲ ପଦ୍ମପତ୍ରାକ୍ଷଙ୍କୁ ।
କୁଳଶଙ୍ଖଦସ୍ୟୁ କାହିଁ ଗଲେ ଭସ୍ୟ କୁନ୍ତ ପ୍ରହାର ବକ୍ଷକୁ ।
ହେ ପାଦପେ ।
କୁଳ ଶୀଳ ଲଜ ଭୟ ଛାଡ଼ିଲୁଁ ।
କପଟୀୟା-କପଟରେ ପଡ଼ିଲୁଁ ।
କୁଳଛଡ଼ା ବଂଶୀ ଶବଦରେ ରସି କାମସମୁଦ୍ରେ ବୁଡ଼ିଲୁଁ ।
ହେ ପାଦପେ । ୧୧ ।
କହ ହେ କଦମ୍ବ ନ କର ବଳମ୍ବ କାହିଁ ତୁମ୍ଭ ଫୁଲମାଳୀୟା ।
କଳଧଉତ-କାନ୍ତିଦୁକୂଳୀୟା ।
କାଳିନ୍ଦୀକୂଳୀୟା କଦମ୍ବମୂଳୀୟା ବରଜସଙ୍ଗମେଳୀୟା ।
ଓସ ମୋହନ ।
କେକୀକଳାପକଳାପଚୂଳୀୟା କମନୀୟମକରକୁଣ୍ଡଳୀୟା ।
କଲେ କ ପ୍ରମାଦ ଛାଡ଼ି ଅପବାଦ ମୁଖଚନ୍ଦ୍ର ମଣ୍ଡଳୀୟା ।
ସେ ମୋହନ । ୧୨ ।
କହ ହେ ତମାଳ କୁବଳୟଦଳନେତ୍ର ଗଲେ କ ଏ ବାଟରେ ।
କାନ୍ତା ସଙ୍ଗତେ କାମ ଉଚ୍ଚାଟରେ ।
କ ବୋଲିବୁଁ ତାଙ୍କୁ କେବଳ ଅମ୍ଭଙ୍କୁ ନାଶ କଲେ କପଟରେ ।
ହେ ତମାଳ ।
କୋପ ନ ପାଳଇ ମେଘେନ୍ଦ୍ର କମଠ ।
କଲେ ସେହି ପ୍ରକାରେ ବଇକୁଣ୍ଠ ।
କେବେହେଁ ଦକ୍ଷିଣ ନୋହେ ଅଦକ୍ଷିଣ ଏବେ ଜାଣିଲୁ ସେ ଶଠ ।
ହେ ତମାଳ । ୧୩ ।
କରୁଥାଅ ନାକ ସନ୍ତାପ ଏଥିକ ତୁମ୍ଭେ ଯେ ତାଙ୍କ ମିତ୍ରପ୍ରାୟେ ।
କଳାରେ ତ ସହଜେ ସର କାୟେ ।
କର ଦ୍ଵିଜପଦ ପଦ ନାଜ ହୃଦ ଦେଶରେ ଏକା ଉଦୟେ ।

Digitized by srujanika@gmail.com

ହେ ତମାଳ ।
ଜାହା ହୃଦୟ ତ ନୋହେ କୋମଳ ।
କେହ୍ନ ଯେନୁ ନାହିଁ ଅମ୍ଭ ବକଳ ।
କର୍ମ ଅବଳଙ୍କୁ ବିରହ ବେଳକୁ ଅମୃତ ହୋଏ ଗରଳ ।
ହେ ତମାଳ । ୧୪ ।

କର ଅବଲୋକ ବୋଲନ୍ତି ଅଶୋକ ଛଡ଼ାଅ କି ନା ଆମ୍ଭ ଶୋକ ।
କଥା ନ କହୁ କର୍ମା ହୋଅ ମୂକ ।
କି ପୁଣ୍ୟଜନଙ୍କ ମହାନନ୍ଦନଙ୍କ ପ୍ରାୟେ ତୁମ୍ଭ ନାମ ଠେକ ।
ହେ ଅଶୋକ ।
କି ବୋଲିବା ଅବିବେକୀ ବହକ ।
କବାଇଲ ଯେ ଶୋକ ବିରହୀଙ୍କି ।
କି ବିଗୁର କର ଅକାରଣେ ହର ନାମ ସେ ଦେଲା କାହିଁକି ।
ହେ ଅଶୋକ । ୧୫ ।

କଷ୍ଟେ କଷ୍ଟେ ଯାଇ କ୍ରୋଧଭର ହୋଇ ବୋଇଲେ ଶୁଣ ହେ କରୁଣା !
କୃପାସିନ୍ଧୁ ଛାଡ଼ିଲେଣି କରୁଣା ।
କରି ନାହୁଁ ଦୋଷ କର ସେ ନିବଶ ଭାଙ୍ଗିଲେ ସିନ୍ଧୁ ଫୁରୁଣା ।
ହେ କରୁଣା ।
କଂଶ-ଦାସୀ ସିନା ଅମ୍ଭେ ତାଙ୍କର ।
କଲେ କିପାଇଁ ଏତେ ଅହଙ୍କାର ।
କଲେ ସୂର୍ଯ୍ୟ ନିଜ ମଣିକ ଦହଜ ନ ବୋଲାଇ ସୂର୍ଯ୍ୟଙ୍କର ।
ହେ କରୁଣା । ୧୬ ।

କହୁ କୃଷ୍ଣକଥା ମନୋଭବବ୍ୟଥା ଛଡ଼ାଇ ନ ପାରିଲେ କେହୁ ।
କାହାର ତ ତୁମ୍ଭର ଦୟା ନାହିଁ ।
କଠୋର ହୃଦୟ ହେଲେହେଁ ନିର୍ଦ୍ଦୟ ଏଥି ଅବା କାର୍ଯ୍ୟ ନାହିଁ ।
ହେ କରୁଣା ।
କେ ବୋଲଇ ତୁମ୍ଭଙ୍କୁ ଉପକାରୀ ।
କଣ୍ଠ ଶୁଖିଲଣି ବାର୍ତ୍ତା ପଚାରି ।
କଥା ପ୍ରସଙ୍ଗ ପ୍ରାୟେ କର ଶ୍ରୀରଙ୍ଗ କରିବାରୁ ଏତେ ସରି ।
ହେ କରୁଣା । ୧୭ ।

Digitized by srujanika@gmail.com

କ୍ରୋଧେ ଗଦ ଗଦ ନ ଚଳଇ ପଦ କାତରେ କମ୍ପେ କଳେବର ।
କେତେବେଳେ ବହଇ ସ୍ୱେଦନୀର ।
କେତେବେଳେ ସ୍ୱର ନୋହଇ ବାହାର କଣ୍ଠକେ ରୋମ ନାକର ।
ହେ ସୁଜନେ ।
କେତେବେଳେ କେ ମହୀରେ ପଡ଼ଇ ।
କୃଷ୍ଣନାମ ଧରି ଉଚେ ଗଡ଼ଇ ।
କେଶବ ସେନେହ ସେନବାରୁ କାମଦେହ ଅଧିକେ ପୋଡ଼ଇ ।
ହେ ସୁଜନେ । ୧୮ ।
କେ ବୋଲେ ପୂତନା-କେଶୀ-ପ୍ରାଣଘେନା କେ ବୋଲେ ହେ
ଗଛଉପୁଡ଼ା ।
କେ ବୋଲଇ ଅହେ କାଳୀଘଉଡ଼ା ।
କହୁଁ ଏତେ ଦୁଃଖ ଦେଉଅଛ ଦୁଃଖହରି ଅଘାସୁର-ପୋଡ଼ା ।
ହେ ମୋହନ ।
କେ ବୋଲଇ ହେ ତୃଣାଉଣ୍ଠିରିପା ।
କାହିଁ ରହିଲା ତୁମ୍ଭ ଅନୁକମ୍ପା ।
କଷ୍ଟ କାଳେ ଆମ୍ଭ ପାଶକୁ ନଇଲ ତାହାଙ୍କୁ ବର୍ଜିଲ କମ୍ପା ।
ହେ ମୋହନ । ୧୯ ।
କେ ବୋଲେ ମନ୍ଦରଧର ପୁରନ୍ଦରଗର୍ବଗଞ୍ଜନ ହେ ବକାରି ।
କାମିନୀଙ୍କି କାନନ ମଧ୍ୟେ ମାରି ।
କମଳପତ୍ରାକ୍ଷ ଏତେକେ ଲଭୁଛ କେଡ଼େ ବଡ଼ ଯଶ ଶିରୀ ।
ହେ ମୋହନ ।
କେତେ କେତେ କଷ୍ଟରୁ ଉଦ୍ଧରିଲ,
କଥାକେହେଁ ସବୁ ଟେକ ହରିଲ ।
କରିବର ସ୍ନାନ କୃପଣଙ୍କ ଧନ ପ୍ରାୟେ ପ୍ରଶଂସା ବାରିଲ ।
ହେ ମୋହନ । ୨୦ ।
କରିଅ ପ୍ରସନ୍ନ ଏବେହେଁ ଦର୍ଶନ ଦେଇ ପୂର୍ଣ୍ଣଚନ୍ଦ୍ରବଦନ ।
କାଳ ପ୍ରାୟେ ସୋଟିଅଛି ମଦନ ।
କରିମର୍ଦ୍ଦ ପ୍ରାୟେ କରି ଆମ୍ଭ କାୟେ କରିବ ସୁଖସଦନ ।
ହେ ମୋହନ ।

Digitized by srujanika@gmail.com

କଥାପ୍ରସଙ୍ଗ କରେ ଶାସ୍ତ୍ର ଦେଇ
କଉଁ ଲୋକ ଯଶକୁ ଅଛୁ ପାଇ ।
କନ୍ଦର୍ପ ବଢ଼ାଇ ଦେବାରୁ ଛଡ଼ାଇ କେବେହେଁ ଭଲ ନୋହଇ ।
ହେ ମୋହନ । ୨୧ ।
କଁପା କାମତରୁ କୁସୁମ ନ ଧରୁ ନିସ୍ଵଶ କୁଠାରେ କାଟିଲ ।
କାର୍ତ୍ତି ପ୍ରୀତକୁ କାହିଁକି ତୁଟିଲ ।
କଉଁ ଗୋପୀ ହେତୁ ଅପବାଦ କେତୁ ପ୍ରକଟ ପାଇ ହଟିଲ ।
ହେ ମୋହନ ।
କମଳରେ ତଇଲ ବନ୍ଦୁ ପଡ଼ ।
କହୁ କହୁ ଯେମନ୍ତ ଯାଇ ମାଡ଼ ।
କର ସେହିମତ ପହିଲ ପୀରତ ସେହିରୂପେ ଗଲ ଛାଡ଼ ।
ହେ ମୋହନ । ୨୨ ।
କେ ବୋଲେ କରୁଣାକର ନାମ ଜଣାଗଲ ଏହିଠାରେ ଗୋସାଇଁ ।
କଷ୍ଟଜଳେ ଯାହା ଦେଲ ଭସାଇ ।
କେକପୁଚ୍ଛଖୋସା କଲ ଲୋକହସା କାମ ବଇରୀ ବସାଇ ।
ହେ ମୋହନ ।
କଁପା ବୋଲଅ ସେବକବସ୍ତ୍ରଳ ।
କଣ୍ଠୁ ଘେନିଲ ନାହିଁ ମନେ ଛଳ ।
କାମିନୀ ବକୁଳ ନ ସହଇ କଳା-କଣ୍ଠ ଥିଲେ ଖମଣ୍ଡଳ ।
ହେ ମୋହନ । ୨୩ ।
କଉଁ ଗୋପୀ କାମ ସେହ ଅଶୀସମ କୃଷ୍ଣ ସେହ ଘେନି ଜଳଇ ।
କଉଁ ଗୋପୀ ତାହା ଦେଖି ଭୁଲଇ ।
କୋମଳ ପଲାଶ କରେ ଧର ନାଶ ଅର୍ଥେ ଅଳପ ଗୃଳଇ ।
ସେ ସୁନ୍ଦରୀ ।
କଉଁ ଗୋପିକା କୀର ପ୍ରାୟ ହୋଇ ।
କୃଷ୍ଣ ନାମ ସେ ଧର ନ ଛାଡ଼ଇ
କାମ ବ୍ୟାଧ କରେ ପଡ଼ ନିରନ୍ତରେ କାତରତର ହୁଅଇ ।
ସେ ସୁନ୍ଦରୀ । ୨୪ ।
କେ ବୋଲଇ ମନମୋହନଙ୍କୁ ମନ ଦେବାରୁ ମାରୁଛି ମଦନ ।
କାହିଁପାଇଁ ନୋହିଲେ ଏ କଦନ ।

Digitized by srujanika@gmail.com

କରତ ସର୍ବଦେ କରନ୍ତୁଛି କାହେ ନ ପାଇବାକୁ ସଦନ ।
ଗୋ ସଜନ ।
କସ୍ତୁରୀପୁ କରସଦ ଯେମନ୍ତ ।
କାମ କଥାହିଁ ଅମ୍ଭଙ୍କୁ ତେମନ୍ତ ।
କୃଷ୍ଣ ମନୋହର ମୂର୍ତ୍ତିକି ତାହାର ବିଗ୍ରହ ହୋଏ ସନ୍ତତ ।
ଗୋ ସଜନ । ୨୫ ।
କେ ବୋଲେ ଅନଙ୍ଗ କଲେ ଗୀ ଅନଙ୍ଗ ହରଷେ ହୋଇଲା ପ୍ରମାଦ ।
କରେ ଅଦୃଶ୍ୟ ହୋଇ କରିବାଦ ।
କୃଷ୍ଣ ସଙ୍ଗ ମନ୍ଦ ବିନୁ ଆନ ମନ୍ଦ କଲେ ଏ ନୋହଇ ଛେଦ ।
ଗୋ ସଜନ ।
କଇରବ ବାନ୍ଧବ ସଖା ସଣେ ।
କି ନ କରଇ ଅବା ତାକୁ ରଣେ ।
କଳେବରପୋଡ଼ା ମହାଘରବୁଡ଼ା ପଣରେ ଏ ଲେଖା ଜଣେ ।
ଗୋ ସଜନ । ୨୬ ।
କପର୍ଦ୍ଦୀ ଦହନ ନୟନେ ଦହନ କରି ନ କଲେ ଭଲକରି ।
କନ୍ଦର୍ପ ରହିଲା ପ୍ରେତରୂପ ଧରି ।
କୃତଘ୍ନ ଏମନ୍ତ ଯନ୍ତୁ ହୋଏ ଜାତ ତାହାକୁ ଦଅଇ ସାରି ।
ଗୋ ସଜନ ।
କେ କହିବ ତାହାର ଗୁଣଗ୍ରାମ ।
କାନ୍ତା ନାମ ଧଇଲେ ହୋଏ ବାମ ।
କାହାରି ବେଗହିଁ ନ ପାରଇ ସହି ମହାପ୍ରମାଦ ବିଷମ ।
ଗୋ ସଜନ । ୨୭ ।
କେ ଉନ୍ମାଦକ କେ ଖେଦଦାୟକ କେ ଦାହକ କେହୁ ଶୋଷଣ ।
କେ ଉଦ୍ଦୀପନକରଣେ ନିପୁଣ ।
କୁସୁମ ହେଲେହେଁ, ଏ ପଞ୍ଚ ବାଣେହେଁ ଯେନନ୍ତ ପଞ୍ଚପ୍ରାଣ ।
ଗୋ ସଜନ ।
କାହିଁ ଧରିଥାଇ ସଖୀ ଏମାନ ?
କରି ନୋହଇ ମନେ ଅନୁମାନ ।
କିମ୍ବା ସିଦ୍ଧିପଣ ଜଗତେ ଭୂଷଣ କରାଇ ଗୁରୁବଦନ ।
ଗୋ ସଜନ । ୨୮ ।

Digitized by srujanika@gmail.com

କଲେ ମାନହୀନ ଅମରରାଜନ ଚନ୍ଦ୍ର ସୂର୍ଯ୍ୟ କୁଶକେତୁକୁ ।
କେହି କି କରି ପାରିଲେ ତାହାକୁ ।
କାତ୍ୟାୟିନୀ କାନ୍ତ କରି ନେନ ଅନ୍ତ ତରନ୍ତି ଏବେ ଯାହାକୁ ।
ଗୋ ସଜନି ।
କାମିନୀକି ବହିଛନ୍ତି ଅଙ୍ଗରେ ।
କାମବଶ ନୋହିଛନ୍ତି କେ ରଙ୍ଗରେ ।
କଉତୁକ ଛଡ଼ା କାନ୍ତକୁଳବୃନ୍ଦା ଯେମନ୍ତ ବୁଲନ୍ତି ସଙ୍ଗରେ ।
ଗୋ ସଜନି । ୨୯ ।
କହୁଁ କହୁଁ ଏହା ହୋଇଲେ ଉତ୍ସାହା କୀଚକ ଧୀରନାଦ ଶୁଣି ।
କୃଷ୍ଣ ମୁରଲୀଧ୍ୱନି ପ୍ରାୟେ ମଣି ।
କୋଦଣ୍ଡ କାଣ୍ଡ ବାହାର ହେଲ ପ୍ରାୟେ ଧାଇଁଲେ ଗୋପତରୁଣୀ ।
ହେ ସୁଜନେ ।
କୁଚ ନିତମ୍ବ ଯାହାର ବିପୁଳ ।
କରାଇଲା ତାହାଙ୍କୁ ସେ ବିକଳ ।
କହେ ଦୀନକୃଷ୍ଣ ରସିକ ଅଭାବେ ଯେମନ୍ତ ଗୁଣିପଟଳ ।
ହେ ସୁଜନେ । ୩୦ ।

ଦ୍ୱାବିଂଶ ଛାନ୍ଦ

ରାଗ—ମୁଖାରୀ

କଲେ ଯାଇ ଅବଲୋକ । କେ ବୋଲେ ଏ ତ କୀଚକ ।
କଲା ଆମ୍ଭଙ୍କୁ ଉତ୍ସୁକ । ବଂଶୀ ପ୍ରାୟେକ । ସଜନି ଗୋ । ୧ ।
କେ ବୋଲେ ଏହି ସେ ବଂଶ । କେବଳ ସେ ପୀତବାସ ।
କୃପାରୁ କରି ବିଶେଷ । କରେ ଉଲ୍ଲାସ । ସଜନି ଗୋ । ୨ ।
କେ କାହାର କରଦେଶେ । କରତାଳି ମାରି ହସେ ।
କେ ଶୋକ ଆକୁଳେ ବସେ । ମନ ବିରସେ । ବିରହେ । ୩ ।
କୃଷ୍ଣ ସଙ୍ଗେ ଯହିଁ ବାଳା । କୁଞ୍ଜେ କରୁଥିଲ ଲୀଳା ।
କୀଚକନାଦେ ସେ ଭୋଳା । ହୋଇ ମିଳିଲ । ସେଠାରେ । ୪ ।

Digitized by srujanika@gmail.com

କର ତାକୁ ବିଲୋକନ । କେ ବୋଲେ ରେ ପ୍ରାଣଧନ ।
କାହିଁ ରଖିଛୁ ମୋହନ । କହ ବଦନ । ସଜନି । ୫ ।
କହ ତୁ କି ମନ୍ତ୍ର କଲୁ । ମୋହନକୁ ମୋହି ନେଲୁ ।
କି ତପସ୍ୟା କରିଥିଲୁ । କି ସୁଖୀ ହେଲୁ । ସଜନି । ୬ ।
କେ ବୋଲେ ଆରେ ସଜନି । କୃଷ୍ଣକୁ ସଙ୍ଗତେ ଘେନି ।
କଳାକଣ୍ଟରେ ଏ ରଜନୀ । ବଞ୍ଚିଲୁ ଧନି । ସଜନି । ୭ ।
କହଇ ସେ ଚନ୍ଦ୍ରମୁଖୀ । କରି ମୋତେ ମହାଦୁଃଖୀ ।
କାହିଁ ଗଲେ ସେ ଉପେକ୍ଷି । କୁଞ୍ଜରେ ରଖି । ସଜନି । ୮ ।
କେ ବୋଲେ ଆମ୍ଭଙ୍କୁ ଛାଡ଼ି । କେଶବ ସଙ୍ଗତେ ପଡ଼ି ।
ଗଲୁ ଯେ ସୁଖକୁ ଲୋଡ଼ି । ନବଳରେ ବୁଡ଼ି । ସଜନି । ୯ ।
କଲା ବହୁ ତହିଁ ଫଳ । କଲୁ ଯା ଗୋପୀ ବିକଳ ।
ପାଇଲୁ ଆମ୍ଭର ମେଳ । ଏହି ମଙ୍ଗଳ । ସଜନି । ୧୦ ।
କେ ବୋଲେ ପୁରୁଷ ପ୍ରୀତି । କେବେହେଁ ନୋହଇ ସ୍ଥିତି ।
କେତୋଟି ରଖିଅଛନ୍ତି । ପାର୍ବତୀପତି । ସଜନି । ୧୧ ।
କେ ବୋଲେ କ୍ଷୀର ସାଗର । ପରିଯେ ପୁରୁଷଙ୍କର
ହୃଦୟ ଅତି ଗମ୍ଭୀର । ନୋହଇ ସ୍ଥିର । ସଜନି । ୧୨ ।
କପର୍ଦ୍ଦୀ ଶ୍ୱେମନ୍ତ ଜୁଟେ । ଥିର ନୋହେ ଏକାଠାବେ ।
କରନ୍ତି ହରଷ କେତେ । ବିରସ କେତେ । ସଜନି । ୧୩ ।
କେ ବୋଲେ ଭାଗ୍ୟ ନ ଥିଲେ । ଭାବ ନ ରହଇ ଭଲେ ।
କି ହେବ ସୁବର୍ଣ୍ଣଫୁଲେ । ବାସ ନ ଥିଲେ । ସଜନି । ୧୪ ।
କୁସୁମଳିଟ ନ ରସେ । କି ଶୁକ କୁଟଜେ ବସେ ।
କହିଁ ବିବେକପଣ ସେ । କଥାକୁ ଆସେ । ସଜନି । ୧୫ ।
କନକ କୁମ୍ଭ ସମାନ । କୁଚରୁ କି ପ୍ରୟୋଜନ ।
ନ ହରିଲା ଯେବେ ମନ-ମୋହନ ମନ । ସଜନି । ୧୬ ।
କନ୍ଦର୍ପକାଣ୍ଡକୁ ଲକ୍ଷ । କିମ୍ପା କରନ୍ତି କଟାକ୍ଷ ।
କଲା ତ ନାହିଁ ଶ୍ରୀବକ୍ଷ । ବଶ ପ୍ରତ୍ୟକ୍ଷ । ସଜନି । ୧୭ ।
କନକକୁସୁମ ହେବ । କେଣ୍ଟୁ ସୁବାସ ନ ଥିବ ।
କି ସୁଖ ଅବା ସେ ଦେବ । ତହିଁକି ଭାବ । ସଜନି । ୧୮ ।
କାନନ ମଲ୍ଲିକା ହୋଇ । କାନନ ମଧ୍ୟରେ ଥାଇ ।
କହିଁ ସୁଖ ନ ଦଶଇ । ସୁବାସ ପାଇ । ସଜନି । ୧୯ ।

Digitized by srujanika@gmail.com

କେ ବୋଇଲେ କି ବୋଲ ସଖି । କର୍ମଠାରେ ସବୁ ଲେଖି ।
କୃଷ୍ଣ ମସ୍ତକରେ ଦେଖି । ମୟୂର-ପକ୍ଷୀ । ସଜନୀ । ୨୦ ।
କାହିଁଶ କଙ୍କଣ କରେ । କାହିଁଚମ୍ପାଲା କଣ୍ଠରେ ।
କଣଲମ୍ବି କର୍ଣ୍ଣ ଶିରେ । କେତେଁ ଆଦରେ । ସଜନୀ । ୨୧ ।
କଲେ ଏ ମାନ ମଣ୍ଡନ । କି ଦଶନ୍ତ ଶୋଭିବନ ।
କନ୍ଦର୍ପଛବି ମଣ୍ଡନ । ଜୀବଜୀବନ । ସଜନୀ । ୨୨ ।
କରନ୍ତେ କୃଷ୍ଣ ଭାବନା । କଲା ସାତ୍ତ୍ୱିକ ବେଦନା ।
କହୁଁ କହୁଁ ଗୋପାଙ୍ଗନା । ହେଲେ ବିମନା । ବିରହେ । ୨୩ ।
କେତକୀଦଳ ପରାୟେ । କାହର ଦଶିଲ କାୟେ ।
କେ ନେତ୍ରୁ ଲୁହ ପକାଏ । ଓଷ୍ଠ ସ୍ତମ୍ଭୀ ହୋଏ । ବିରହେ । ୨୪ ।
କମ୍ପେ କାହା କଳେବର । କେ ଛାଡ଼ିଲ କାହୁବାର ।
କାହ ଅଙ୍ଗୁ ସ୍ୱେଦନୀର । ବହେ ପ୍ରଖର । ବିରହେ । ୨୫ ।
କଦମ୍ବଫୁଲ ଆକାର । ଦଶିଲ କାହା ଶରୀର ।
କେ ଚେଷ୍ଟା କର ଅନ୍ତର । ହୋଇଲ ସ୍ଥିର । ବିରହେ । ୨୬ ।
କେ ଉପନ ଭାବ ପାଇ । କହେ ସଖି କାହିଁ ପାଇଁ ।
ପ୍ରାଣ ରହୁଛି ନ ଯାଇ । କଦର୍ଥି ହୋଇ । ସଜନୀ । ୨୭ ।
କେ ବୋଲଇ ଚକ୍ରବାକୀ । କଷ୍ଟ ଆମ୍ଭପାଇଁ ନାକି ।
କରିଥିଲ ଅବିବେକୀ । ବିହି ଘାତକି । ସଜନୀ । ୨୮ ।
କେ ବୋଲେ ଏ କଳାକର । କିପାଁ ଦହୁଛି ଶରୀର ।
କି ଶତ୍ରୁ ଆମ୍ଭେ ଏହାର । ଥରେ ପଚ୍ଚର । ସଜନୀ । ୨୯ ।
କେ ବୋଲେ ଗରଳ ଭାଇ । ପ୍ରାଣ ନ ନେବ କିପାଁଇ ।
କେ ଛାଡ଼େ କାହା ବଡ଼ାଇ । କୁଟିଳ ହୋଇ । ସଜନୀ । ୩୦ ।
କାହିଁକି ଔଷଧିଈଶ । ନାମ ବହିଲେ ଲୋକେଶ ।
ବିରହ-ବ୍ୟାଧି-ବିନାଶ । ନ କଲେ ଲେଶ । ସଜନୀ । ୩୧ ।
କଳଙ୍କୀ ହେଲେ ବେଭାର । କେବେହେଁ ନୋହଇ ସାର ।
କେତେ ଲୋକର କୁମର । କି ଅବେଭାର । ସଜନୀ । ୩୨ ।
କରେ ପଦ୍ମିନୀ ଦହଜ । କରେ ବାରୁଣୀ ଗ୍ରାହଜ ।
କୁହାନ୍ତି ଏ ଦ୍ୱିଜରାଜ । ନ ପାଇ ଲଜ । ସଜନୀ । ୩୩ ।
କେ ବୋଲେ ଅମୃତକର । କର୍ମକୁ ଅବା ଆମ୍ଭର ।
କଲା ବିଧାତା ଅକାର । ବର୍ଣ୍ଣ ବାହାର । ସଜନୀ । ୩୪ ।

Digitized by srujanika@gmail.com

କରବାଳ ପୁରୀ ପ୍ରାପ୍ୟେ । କରରେ କାଟୁଛୁ କାପ୍ୟେ ।
କେମନ୍ତେ ଯିବ ଏ ଭଯ୍ୟେ । କହ ଉପାୟେ । ସଜନି । ୩୫ ।
କେ ବୋଲଇ ବୃକ୍ଷପତ୍ର । ବୃକ୍ଷ ବରଷୁଅଛନ୍ତ ।
କପଟେ ସିନା ବୋଲନ୍ତ । ହୃମଦଧୀରି । ସଜନି । ୩୬ ।
କନ୍ଦର୍ପରେ ହୋଇ ବଶ । କଲେ ଗୁରୁପତ୍ନୀ ନାଶ ।
କହ କେ କରିବ ଶେଷ । ଏହାଙ୍କ ଦୋଷ । ସଜନି । ୩୭ ।
କେ ବୋଲଇ ଦୋଷାକର । ନାମ ପ୍ରସିଦ୍ଧ ଯାହାର ।
କହଁ କଥାକୁ ବଚ୍ଛର । ହେବ ଖାହାର । ସଜନି । ୩୮ ।
କେ ବୋଲେ କ ଭାଗ୍ୟବଳେ । ରାହୁକବଳରୁ ଗଲେ ।
କେତ୍ରୁ ଥିଲେ ଗର୍ଭାନଳେ । ମରନ୍ତେ ହେଳେ । ସଜନି । ୩୯ ।
କେ ବୋଲେ ଜନକ କୋଳେ । ରହିଥିଲେ ଯହିଁକାଳେ ।
କର୍ମବଳେ ନ ଜଳିଲେ । ବଡ଼ବାନଳେ । ସଜନି । ୪୦ ।
କୁମ୍ଭୀରେ ହେ ନ ଗିଳିଲେ । ମକର ମୁଖୁ ବଞ୍ଚିଲେ ।
କି ହେବ ବସି ଭାଳିଲେ । ଯେତେ ଜାଳିଲେ । ସଜନି । ୪୧ ।
କୁମ୍ଭସୁତ ଯହିଁକାଳେ । କଲେ ଜଳନିଧି ଚଳେ ।
କହୁଁ କହୁଁ ଯୋଗବଳେ । ଗଲେ ମଙ୍ଗଳେ । ସଜନି । ୪୨ ।
କୋଟି କୋଟି ଦେବତାଯ୍ୟେ । ଖାଇଲେ ନୋହିଲେ କ୍ଷୟେ ।
କ କ ହୋଇ ଉଦେ ହୋଏ । କଣା ସମୟେ । ସଜନି । ୪୩ ।
କାମାଙ୍ଗନାଶନ ହେଲ । ହୋଇ ଶିରେ କଲେ ଚୂଳ ।
କେତେ ହୋଇଲ ଗରଳ । ତେଜ ଶୀତଳ । ସଜନି । ୪୪ ।
କେ ବୋଲେ ପ୍ରଥମ ଘାଟ । ମସ୍ତକେ କଲେ ସଂଘଟ ।
କଲେ ତ ନାହିଁ ପ୍ରକଟ । ଉତ୍ତମ ବାଟ । ସଜନି । ୪୫ ।
କୃଷ୍ଣ ଅଭିସାରି-କୁଳ । କରାନ୍ତି କେତେ ବିକଳ ।
କୋକ ମିଥୁନ କମଳ । ପ୍ରମୋଦ କାଳ । ସଜନି । ୪୬ ।
କଉଶିକ ସୁଖକର । କାମକାର୍ଯ୍ୟେ ତତ୍ପର ।
କଇରବ-ବନ୍ଧୁଙ୍କର । ଗୁଣ ଅପାର । ସଜନି । ୪୭ ।
କେ ବୋଲେ ଅମୃତ ଗୋବନ୍ଦ । କଲେ ଅମୃତାରେ ଛନ୍ଦ ।
କାହିଁକି ଏହାଙ୍କ ନିନ୍ଦ । ଏକଥା ମନ୍ଦ । ସଜନି । ୪୮ ।
କହ ଏମନ୍ତ ଚଳିଲେ । କାଳିନ୍ଦୀକୂଳେ ମିଳିଲେ ।
କେ ଯାଇ ପଶିଲେ ଜଳେ । କାମ ବିକଳେ । ସଜନି । ୪୯ ।

Digitized by srujanika@gmail.com

କେ ବୋଲେ ଆଗୋ ଯମୁନା । ତୁମ୍ଭେ ହେଲେ କହକନା ।
କାହ୍ନଁଚନ୍ଦ୍ର ଗୋପାଙ୍ଗନା । ଜୀବନସେନା । ସଜନ । ୫୦ ।
କୃଷ୍ଣର ତୁମ୍ଭେ ସୁଭଗା । କେବଳ ଆମ୍ଭେ ଦୁର୍ଭାଗା ।
କଲେ ଏ ସେବ ଅଲଗା । ସୁଖଭଜଗା । ସଜନ । ୫୧ ।
କଷ୍ଟଚକ୍ରୁ-ପ୍ରଭଞ୍ଜନ । କୋଟି କନ୍ଦର୍ପ-ଗଞ୍ଜନ ।
କାମିନୀ-ନେତ୍ର-ଅଞ୍ଜନ । ମନରଞ୍ଜନ । ମୋହନ । ୫୨ ।
କରନ୍ତେ ଗୋପୀ କାରୁଣ୍ୟ । କୃପା କଲେ ନାରାୟଣ ।
ଭକ୍ତ-ମାନ-ଉଦ୍ଧାରଣ । ଗତି କାରଣ । ମୋହନ । ୫୩ ।
କାନନ ମଧ୍ୟୁଁ ବାହାର । ହୋଇଲେ ନାଗରବର ।
କରି ମନ୍ଦହାସ ଧୀର । ରଙ୍ଗ ଅଧର । ମୋହନ । ୫୪ ।
କହିଲେ ହେ ଗୋପୀମାନେ । ବଶୀ ହେଲୁ ବୃନ୍ଦାବନେ ।
କି ବର୍ତ୍ତିଥିଲ ମନେ । ଆମ୍ଭ ବହ୍ନିନେ । ସମସ୍ତେ । ୫୫ ।
କହେ ଦୀନକୃଷ୍ଣ ଦାସ । ଆହେ ପ୍ରଭୁ ପୀତବାସ ।
ତୁମ୍ଭେ ସେ ଜାଣ ଏ ରସ । ସୁଖ ନିବାସ । ମୋହନ । ୫୬ ।

ତ୍ରୟୋବିଂଶ ଛାନ୍ଦ

ରାଗ—ଆନନ୍ଦ ଭୈରବ । ପଡ଼ିତାଳ

କୃଷ୍ଣଙ୍କୁ ଦେଖି ଗୋପୀ ହେଲେ ଯାହା,
କେ କହିବ ଅବା ବଚନେ ତାହା ।
କଳାକର ଦର୍ଶନ । କଲେ କୁମୁଦ ବନ ।
କୋଟିନିଧି ପାଇଲା ମହାଦରିଦ୍ର ଜନ । ବା । ୧ ।

କମଳ ଦେଖିଲା ରବିମଣ୍ଡଳ,
କୋକିଳ ପାଇଲା ବସନ୍ତକାଳ ।
କୃଷ୍ଣମେଘ ଉଦୟେ । କେକୀ ଯେମନ୍ତ ହୋଏ ।
କୃଷ୍ଣ ଚାହିଁ ଗୋପୀଏ ସେହି ପ୍ରକାରେ ହୋଏ । ସେ । ୨ ।

Digitized by srujanika@gmail.com

କେ ବୋଲଇ ଅହେ ପଙ୍କଜମୁଖ,
କେତେ ଦେଲ ଅମ୍ଭମାନଙ୍କୁ ଦୁଖ ।
କୃପା ସାଗର ହେଲ । କର ଏ କଥା ଭଲେ ।
କୋଟି-ବ୍ରହ୍ମାଣ୍ଡନାଥ କାହିଁପାଇଁ ନୋହିଲେ । ହେ । ୩ ।

କହିଲ ଦାସୀଙ୍କଠାରେ ଏ ନବଘ,
କଉଁ ପ୍ରକାରେ ନ ରହଇ ଯଶ ।
କୃପାବନ୍ତ ହୃଦୟ । କଲେ ଏଡ଼େ ନିର୍ଦ୍ଦୟ ।
କରାଇଲ ଏ ଭୟ । କେତେ ପାଇଲ ଜୟ ? ହେ । ୪ ।

କେଶବ ବୋଇଲେ ତୁମ୍ଭ ନିମିତ୍ତେ ।
କୁଞ୍ଜବନଯାକ ବୁଲିଲି କେତେ ।
କରିବାକୁ ସୁବେଶ । କଲି କୁସୁମେ ଆଶ ।
କର୍ପା କରଛ ରୋଷ । କିଛି ନାହିଁ ମୋ ଦୋଷ । ଗୋ । ୫ ।

କହନ୍ତ ଗୋପୀ ତୁମ୍ଭେ ହେଲ ବାମ,
କାମ ଏଣେ ପୂର୍ଣ୍ଣ କଲା ତା କାମ ।
କଲି ତୁମ୍ଭକୁ କାନ୍ତେ । କେ ରଖିବ ବ୍ରହ୍ମାଣ୍ଡେ,
କାନ୍ତ ଥାଉଁ କାନ୍ତାକୁ କେହି ଦେଉଛି ଦଣ୍ଡେ । ହେ । ୬ ।

କୃଷ୍ଣ ବୋଇଲେ କିଛି ନ ବରୁର,
କରିବା ତାହା ସଙ୍ଗତେ ସମର ।
କହି କର ଏମନ୍ତ । କାଳ୍ପ କଲେ ବହୁତ ।
କାମକରେ କଳିତ କଲା ଧନୁ ତୁରିତ । ସେ । ୭ ।

କନକଗୋରୀ ଗୋପୀଙ୍କ ଶ୍ରୀଅଙ୍ଗ,
କଲେ ବଚନ ସୁବର୍ଣ୍ଣ ଶତାଙ୍ଗ ।
କୃଷ୍ଣ ହୋଇଲେ ରଥୀ । କଉଁ ଉପମା ତଥି ।
କହି ବସିଲେ ଏଥି କଥା ହୋଇବ ପୋଥି । ସେ । ୮ ।

କୃଷ୍ଣ ମେଘରେ ସ୍ଫୁରିତ ଚଞ୍ଚଳା,
କଳଧଉତେ କି ଖଞ୍ଜିତ ନୀଳା ।
କି କନକ କମଳେ । କାମୀ ଭ୍ରମର ଖେଳେ ।
କଳକଣ୍ଠେ ଡାକନ୍ତ ହେମ ବଲ୍ଲୀମାଳେ । ସେ । ୯ ।

Digitized by srujanika@gmail.com

କାମ ସମର ପ୍ରବଳ ହୋଇଲା,
କୁଞ୍ଜତ ବୀରତାକହ୍ନି ଶୁଭିଲା ।
କଟି କିଙ୍କିଣୀ ନାଦ । କିବା ସମର ବାଦ୍ୟ ।
କରରୁହ-ବିଶିଖଘାତେ ଅଙ୍ଗ ବିଭେଦ । ସେ । ୧୦ ।

କମତେହେଲେ ରତିରଙ୍ଗେ ମତ୍ତ,
କାମ ଦେଖାଇଲା ନିଜ ଯୋଗ୍ୟତା ।
କାଣ୍ଡ କାଣ୍ଡକେ ଗ୍ୟାନ । କରାଇଲା ନିଧନ ।
କେତେବେଳେ ଚେତନ । ତାହା କରଇ ଆନ । ସେ । ୧୧ ।

କେତେବେଳେ ମୁଖ ଘଣ୍ଟି ଶବଦ,
କେତେବେଳେ ଶୁଭେ କପୋତ ନାଦ ।
କେତେବେଳେ ଭିଡ଼ନ୍ତି । ମାଲ ପ୍ରାୟେ ଜଡ଼ନ୍ତି ।
କଉତୁକେ ଗଡ଼ନ୍ତି କରଘାତେ ପୀଡ଼ନ୍ତି । ସେ । ୧୨ ।

କେତେବେଳେ କର୍ଣ୍ଣେଜପ କରନ୍ତି ।
କୁତୂହଳରେ ରସନା ଗୃଳନ୍ତି ।
କେତେବେଳେ ଦଶନ—ବାସେ ଚୁମ୍ବନ ଦାନ ।
କେତେବେଳେ କର୍ଦ୍ଦନ । କମ୍ପ ହୋଏ ଜଘନ । ସେ । ୧୩ ।

କେତେବେଳେ ସାହୁ ଖାତକ ପ୍ରାୟେ,
କେ ଗୁଣେ ଦେଲେ ଦୁଇ ଗୁଣେ ପାଏ ।
କାମଶାସ୍ତ୍ରେ କୁଶଳ । କୃଷ୍ଣ ଗୋପୀପଟଳ ।
କେ କାହାକୁ ଊଣ୍ୱଳ—ରସେ ନୋହେ ଅତୁଳ । ସେ । ୧୪ ।

କି ସେ ନିଧୁବନ ବରଷାକାଳ,
କୃଷ୍ଣ ମେଘ, ଗୋପୀ ତଡ଼ିତମାଳ ।
କଣ୍ଠମୁକୁତାହାର । କିବା ସଲିଳ ଧାର ।
କଟି କିଙ୍କିଣୀ ତାର । ଧ୍ୱନି ଗର୍ଜନ ଘୋର । ସେ । ୧୫ ।

କେକୀ କଳାପ ଇନ୍ଦ୍ର ଶରାସନ,
କାନନ ଗଗନେ ମଧ୍ୟେ ଶୋଭନ ।
କାମ କୃଷିକ ଦେଖି । କଲା ମନକୁ ସୁଖୀ ।
କାଣ୍ଡ ଫାଳକୁ ଦେଲା । ଧନୁ ଲଙ୍ଗଳେ ଯୋଖି । ସେ । ୧୬ ।

Digitized by srujanika@gmail.com

କହୁଁ କହୁଁ ସୁଖନଦୀ ବଢ଼ିଲା,
କ୍ରମେ ସେ ସ୍ନେହ-ସିନ୍ଧୁରେ ପଶିଲା ।
କୃଷ୍ଣ କୁସୁମ ଶର । କଲେ ଯେଉଁ ସମର ।
କହ୍ନୁ ପାଇବ ପାର । କେଉଁ ଭବ ଈଶ୍ୱର । ତା । ୧୭ ।
କରି ଅଷ୍ଟବିଧ ନଖର କ୍ଷତ,
କଲେ ଦ୍ୱାଦଶ ଆଲିଙ୍ଗନ ଜାତ ।
କେତେ ରୂପେ ଚୁମ୍ବନ । କେତେ ସ୍ଥାନେ ପ୍ରଦାନ ।
କହିବାକୁ ସେମାନ । କଲି ନାହିଁ ମୁଁ ମନ । ହେ । ୧୮ ।
କେଶବ କାମଶାସ୍ତ୍ରରେ କୋବିଦ,
କହି କେ ବଚନେ କରିବ ଭେଦ ।
କଲେ ଯେତେକ ବନ୍ଧ । କାମଦେବଙ୍କୁ ଧନ୍ଦ ।
ନାହିଁ ରସିକବର ତା କହିବ ନିର୍ବନ୍ଧ । ସେ । ୧୯ ।
କାମସଖା ରଣେ ପଡ଼ିବା ଦେଖି,
କେତେ ରହିଲେ ସମର ଉପେଖି ।
କଲି ନେଉଛି ଯୁଦ୍ଧ । କରିବାକୁ ସଶ୍ରଦ୍ଧ ।
କଣ୍ଠର କଳିତ କରି ଅପଣାର ଆୟୁଧ । ସେ । ୨୦ ।
କୃଷ୍ଣଙ୍କୁ ରଖୁଁ କରି ଅବରୋହୀ,
କୋପଭରେ ସେ ରଙ୍ଗିଣୀ ଆରୋହୀ ।
କଲା ବିପରୀତ ରତି । କରି ବିଜୟେ ମତି ।
କୃଷ୍ଣ ହେଲେ ଭୂପତି । ଦେଖିକରି ସେ ରୀତି । ସେ । ୨୧ ।
କଳାକର କରେ ଝଲକେ ରଥ,
କୃତାର୍ଥ କରଇ ନୟନ ପଥ ।
କଳା କୁଟିଳ ବେଣୀ । କୃଷ୍ଣ ପତାକା ଜଣି ।
କଟି କିଙ୍କିଣୀ ଶ୍ରେଣୀ । ନିରନ୍ତରେ ବାଜେଣୀ । ସେ । ୨୨ ।
କପୋଳେ ଝଲକ ମାଳୀ ଝଲକେ,
କଟାକ୍ଷ ମାନକେ ଅଙ୍ଗ ପୁଲକେ ।
କର୍ଣ୍ଣେ କୁଣ୍ଡଳ ଟଳେ । କଣ୍ଠେ ଭୂଷଣ ଦୋଳେ ।
କାମ ନାଶକୁ ହେଲେ ଉତ୍ପାତ ତହିଁ ମିଳେ । ସେ । ୨୩ ।
କନକଗିରି ଅଧୋମୁଖ ହୋଇ,
କମ୍ପେ କି ସୁବର୍ଣ୍ଣ ଲତାରେ ଥାଇ ।

Digitized by srujanika@gmail.com

କର୍ଣ୍ଣେ ଶୁଣିଲା ନାହିଁ । କେବା ଦେଖିବ କାହିଁ ?
କବି ହେଲେ ସେ ଏହି କଥା ପାରଇ କହି । ସେ । ୨୪ ।
କହୁଁ କହୁଁ କାମ ହୋଇଲା ଶ୍ୟାମ ।
କୃଷ୍ଣ ହୋଇଲେ ଅତି ପୂର୍ଣ୍ଣକାମ ।
କରି ଗୋପୀଙ୍କି ବେଶ । କଲେ ମନକୁ ତୋଷ ।
କହିକରି ସେ ଯଶ । କେ ତା କରିବ ଶେଷ । ସେ । ୨୫ ।
କରୁଥିଲେ ଯେ ସମର ଶୃଙ୍ଗାର,
କେତେ ତାହାଙ୍କୁ ହେଲେ ଅଲଙ୍କାର ।
କୁଚ ପାଇଲା ହାର । କଟି ନେଲା ଅମ୍ବର ।
କରିଥିଲା ଅପାର । ରତି ରଣେ ପ୍ରଚୁର । ସେ । ୨୬ ।
କର୍ଣ୍ଣେ ଉତ୍ତମ କୁଣ୍ଡଳ ପାଇଲା,
କର୍ପୂର ତାମ୍ବୁଲ ଅଧର ନେଲା ।
କେଶ ପଛରେ ଥିଲା । କଞ୍ଚୁ ନିନ୍ଦା ପାଇଲା ।
କର ଦେଶରେ ଭଲା । କମେ ବନ୍ଧନ ଗଲା । ସେ । ୨୭ ।
କାହା ଶ୍ରୀମୁଖରେ ଦେଇ ଚୁମ୍ବନ,
କାହାକୁ ଧୀରେ କରି ଆଲିଙ୍ଗନ ।
କାହା ଚିବୁକ ଧରି । କଉତୁକ ବିସ୍ତାରି ।
କୌଞ୍ଚ ସ୍ୱରରେ କରି । କହି କୋମଳ କରି । ସେ । ୨୮ ।
କୁଞ୍ଜବନକୁ ଆସୁଥିବୁ ନିତ,
କରୁଥିବା ତୋର ମୋର ସୁରତ ।
କର୍ଣ୍ଣେ ଶୁଣି ଏ ବାଣୀ । କାନ୍ତା-କଦମ୍ବ-ମଣି ।
କଳେବର କମ୍ପାଇ କଲା ବନଗୃହାଣୀ । ସେ । ୨୯ ।
କାହା କର କରେ ଧରି ମୋହନ,
କହନ୍ତି ଶୁଣ ରେ ପଦ୍ମିଣଧନ ।
କରୁଅଛୁ ଗମନ । କୁଚେ ରଖି ମୋ ମନ ।
କରିଥିବୁ ଯତନ । କୃପା ନ କରି ଆନ । ସେ । ୩୦ ।
କୁସୁମ ଶର ମୋହ ତେଜି ବସି,
କୃଷ୍ଣ ଗୋପୀଙ୍କ ସେହ ଦେଖି ହସି ।
କାଣ୍ଡ କୋଦଣ୍ଡ କରେ । କରି ଦେଇ କ୍ଷଣରେ ।
କରେ ଇଚ୍ଛା ମନରେ କନ୍ଦାଳିବାକୁ ଥରେ । ସେ । ୩୧ ।

Digitized by srujanika@gmail.com

କୁରଙ୍ଗ ଯେସନ୍ତେ ମୃଗତୃଷ୍ଣା ଗୃହିଁ,
କନକରେଖାକୁ ପତଙ୍ଗ ପାଇ ।
କାଳେ ହୋଏ ଯେସନ୍ତ । କାମ କଥା ତେସନ୍ତ ।
କରେ ପ୍ରାଣ ସେ ହତ । କରେ ତହିଁ ମମତ । ଯେ । ୩୨ ।
କ୍ରମେ ବଦନମୁଖ ଶୋଭାକୁ ଦେଖ,
କଲେ ଗମନ ବରଜକାମିନୀ ।
କଳାକର ଆନନ୍ୟ କାନ୍ତ ଦରଶ ନିଉନ ।
କିଛି ଦୃଶ୍ୟ ହୋଅଇ ତାର ତାରକାମାନ । ସେ । ୩୩ ।
କେଳି ସୁମର ହୃଦପଦ୍ମେ ହସେ,
କୁଙ୍କୁମ ବର୍ଣ୍ଣ ଅମ୍ବର ପ୍ରକାଶେ ।
କୁଚ ଚକ୍ର ଉଲ୍ଲାସ । କାମ ତମ ବିନାଶ ।
କହେ କୃଷ୍ଣ ଏ ରସ କହୁଥିଲେ ଅଶେଷ । ଯେ । ୩୪ ।

ଚତୁର୍ବିଂଶ ଛାନ୍ଦ

ରାଗ—ଢାଳୀ

କରିବର କର ମର୍ଦ୍ଦନୁ ଅନ୍ତର ହେଲ ପଦ୍ମଲତା ପ୍ରାୟେ ।
କାମପକ୍ଷୀ ଲାଗି ନିଧୁବନ ଭାଗି ଦରଶେ କଉଁ ବଧୂକାୟେ । ୧ ।
କେଶବମୁଖରୁ ପଳାଇ ସମୁଦ୍ରରୁ ହୁଅଇ ଯେସନ୍ତେ ତରଙ୍ଗ ।
କଟାକ୍ଷ ଖେଳାଇ ଗମନ ବଳାଇ କଉଁ ଗୋପୀ ଯୂଥ ସଙ୍ଗ । ୨ ।
କେତୁମୁଣ୍ଡ ତୁଣ୍ଡ ଗ୍ରାସୁ ସୁଧାପିଣ୍ଡ ବାହାର ହେଲ ପରାୟେ ।
କାନ୍ତିରୁ ବାହାର ହେବାରୁ କାହାର ମୁଖ ନୀରସକୁ ପାଏ । ୩ ।
କୁବଳୟଦଳ ସିନ୍ଦୂରରେ ମେଳ ହେଲା ପ୍ରାୟେ କାହା ନେତ୍ର ।
କୀରଚଞ୍ଚୁ ଘାତ ବିମ୍ବଫଳ ଖ୍ୟାତ ସୁରଙ୍ଗ ଦଶନ ପତ୍ର । ୪ ।
କରିକୁମ୍ଭସ୍ତନ ଅଙ୍କୁଶର ମୁନ ଲାଗିଲେ ଯେସନ୍ତ ଦିଶେ ।
କାହାର ଉରଜ ଯୁଗଳ-କରଜଘାତରେ ଶୋଭା ପ୍ରକାଶେ । ୫ ।
କାହା ଗଣ୍ଡସ୍ଥଳ ଚୁମ୍ବନେ ତାମ୍ବୁଳ-ବୋଳ ହୋଇଛି ପ୍ରକଟ ।
କନକମନ୍ଦିରେ ରହିଲେ ମଧ୍ୟରେ ଶୋଭା ଯେସନ୍ତେ ତାମ୍ରକୀଟ । ୬ ।

Digitized by srujanika@gmail.com

କାହାର ଅମ୍ବର ନୋହେ ଆଡ଼ମ୍ବର ଡମ୍ବରୁ ମଧ୍ୟଦେଶରେ ।
କିଶଳୟପଦ ନ ଧରଇ ପଦ ମାରମଦ ଅବଶରେ । ୭ ।
କନକବଲ୍ଲରୀ ମନ୍ଦବାତେ କରି ଟଳିଲା ପରାୟେ ହୋଇ ।
କଳହଂସୀ ପ୍ରାୟେ ଚରଣ ପକାଏ ଶ୍ରୀଅଙ୍ଗକୁ ଦୋହଲାଇ । ୮ ।
କାହା ଇସିଇସି ଶ୍ରୀମୁଖକୁ ଶଶିକଳା ହାରି ପଳାଇଲା ।
କୁଧର ନରେନ୍ଦ୍ର ଶିଖରେ ପାବନ୍ଦ୍ର ଶିରେ କାନ୍ତି ଖେଳାଇଲା । ୯ ।
କାହା କଣ୍ଠହାର ସୂତ୍ରରୁ ବାହାର ହୋଇ ଗୋଟି ଗୋଟି ଖସେ ।
କୃତ୍ତିବାସ ଶିର ବନ୍ଧୁରବାନୀର ମଣ୍ଡିଲା ପରାୟେ ଦିଶେ । ୧୦ ।
କକ୍ଷେ କକ୍ଷେ ଯାଇ କୃଷ୍ଣସୁଖଦାୟୀ ଗୋପେ ପ୍ରବେଶ ହୋଇଲେ ।
କମଳ ହରଷ ଘେନି ବାସରେଶ ଉଦେ ମୂର୍ଦ୍ଧନି ଛୁଇଁଲେ । ୧୧ ।
କଉତୁକୀପଣେ କିରଣ ସଞ୍ଚାରେ ମିଳିଲେ ଗଗନପଥେ ।
କି ଛଟକେ ପ୍ରାଣ ବକଲେ ପ୍ରୟାଣ କଲେ ଉଡୁପ୍ରଜ ରଥେ । ୧୨ ।
କୃକବାକ କାକ ଚକ୍ରବାକ ଡାକ ଶୁଭିଲା ସବୁ ଆଡ଼ରେ ।
କଉଁ ରସନିଧି ବିରହେ ଅବଧି ଗାର କାଟିଲା ବାଡ଼ରେ । ୧୩ ।
କମ୍ବୁ କଟକରେ ନୀଳାଦ୍ରି ନଗରେ ପାହାନ୍ତି ଶଙ୍ଖ ବାଜିଲା ।
କମ୍ବୁ ଚକ୍ରଧର ଦେବରାଜଙ୍କର ନିଦ୍ରା ତୁରିତେ ଭାଜିଲା । ୧୪ ।
କନକପଲ୍ୟଙ୍କ କମଳାଙ୍କ ଅଙ୍କ ତେଜି ସିଂହାସନେ ବିଜେ ।
କବାଟ ଫିଟାଇ ଭୋଗ ହୋଇ ଯାଇ ଖଟିଲେ ସେବକ ଦ୍ୱିଜେ । ୧୫ ।
କୁସୁମମାଳକୁ ପକାଇ ତଳକୁ ତଡ଼ପ ଲାଗି ହୋଇଲେ ।
କାଠିଲାଗି ପାଇ ଚଉକିରେ ଯାଇଁ ସ୍ୱଧୀରେ ବିଜୟେ କଲେ । ୧୬ ।
କରି ତ୍ରିଫଳା ଜଳେ ମୁଖ ପଖାଳି କାଠିଲାଗି ସ୍ନାନ ସାରି ।
କମନୀୟ ବାସ ଲାଗି ହୋଇ ବେଶ ହେଲେ ନୀଳାଦ୍ରି କେଶରୀ । ୧୭ ।
କରେ କଟଠୀ ବାହୁଟି ମଧ୍ୟଦେଶ ରତ୍ନ ଓଡ଼ିଆଣି ଶୋହେ ।
କଣ୍ଠରେ ଶାର୍ଦ୍ଦୂଳ ନଖ କଣ୍ଠିମାଳ ଜଗଜ୍ଜନମନ ମୋହେ । ୧୮ ।
କର୍ଣ୍ଣରେ କୁଣ୍ଡଳ ଶିରେ ଦିବ୍ୟଚୂଳ ହୃଦରେ କୁସୁମମାଳ ।
କରନ୍ତି ଦର୍ଶନ ତାହା ଯେଉଁ ଜନ ଜନ୍ମ ତାହାର ସଫଳ । ୧୯ ।
କୋଟି ବ୍ରହ୍ମାଣ୍ଡରେ ଏମନ୍ତ ଠାକୁରେ ଥିବାର ଶୁଣିଛୁ କାହିଁ ।
କୁଣ୍ଠିତ ଲୋକହିଁ ପରମପଦହିଁ ଲଭନ୍ତି ଯାହାକୁ ଚାହିଁ । ୨୦ ।
କଳା ପର୍ବତରେ ବିଜୟେ ସ୍ୱଧୀରେ କରୁଣାହୃଦୟ ହୋଇ ।
କଳୁଷୀ ଲୋକଙ୍କୁ କଳମଷ-ପଙ୍କୁ ଉଦ୍ଧାର କରିବା ପାଇଁ । ୨୧ ।

Digitized by srujanika@gmail.com

କଥା ନ କହନ୍ତି ଜଗତ ମୋହନ୍ତି ସବୁଠାରେ ସମଗୁର୍ହା
କାଳଦଣ୍ଡଭୟ କରିବାକୁ କ୍ଷୟ ନାରନ୍ତିରେ ଊର୍ଦ୍ଧ୍ୱବାହା । ୨୨ ।
କରନ୍ତି ମଣୋହି ଯଉଁ ଦ୍ରବ୍ୟ ତହିଁ ମହିମା ଅତି ବଚାର ।
କୁଶକେତୁ ନେଇ ଆନନ୍ଦେ ଭସଇ ଥିଲେ ନୀଚକରସେବ । ୨୩ ।
କରୁଥିଲେ ଗତି ପରିକମା ମତି କଳାହ ସ୍ତୁତି ପରିସ୍ୟେ ।
କରନ୍ତେ ଅମିଷ ଅଦ ଦ୍ରବ୍ୟ ଗ୍ରାସ ହରବଷ୍ୟ କର୍ମକୁ ଯାଏ । ୨୪ ।
କଲେ ନିଦ୍ରା ଯହିଁ ଦଣ୍ଡପ୍ରଣାମହିଁ ଫଳ ହୋଇଅଇ ପ୍ରାପତ ।
କଳବାଦ ସ୍ତୁତ ସେନା କର ଭୃତ୍ୟମାନେ ଜୀବନ ମୁକତ । ୨୫ ।
କରିଥିଲି ଆଶ ସେ କ୍ଷେତ୍ରେ ନିବାସ କରିବାକୁ ଦୀନକୃଷ୍ଣ ।
କି ଅଭାଗ୍ୟୁଁ ତହିଁ ନ ପାରିଲି ରହି ପ୍ରଭୁ ନୋହିଲେ ସନ୍ତୁଷ୍ଟ । ୨୬ ।
କର୍ମେ ଥିଲି ଯାହା ଭୋଗ କଲି ତାହା କେ ତାହା କରିବ ଆନ ।
କରିନ କରତା କଇବଲ୍ୟଦାତା ଯେବେ ନୋହିଲେ ପ୍ରସନ୍ନ । ୨୭ ।
କଣ୍ଠରେ ଭୂଷଣ କର ତାଙ୍କ ଗୁଣ ଗାଉଥାଇ ନାମମାନ ।
କୃପଣ ଗୁଆଁର କୁବୁଦ୍ଧିକି ଦାନ ମାଗି ପାଉଥାଇ ମାନ । ୨୮ ।
କରେ ଚିନ୍ତାମଣି ପାଇଁ କର ଆଣି ନ ରହିଲି ମୋର କିଛି ।
କରଇ ବଗୁର ନେକେତେବେଳେ ସ୍ଥିର ଜୀବନ କାହିଁକି ଅଛି । ୨୯ ।
କୃଷ୍ଣ ଆଶେ କର ସୁବଦ୍ୟା ଆଚର ପାଷଣ୍ଡକୁ ଯାହା ସ୍ତୁତ ।
କୃଷ୍ଣ ଦାସ କହେ କିଛି ଭଲ ନୋହେ କେବଳ ସ୍ଥିତକି କାତ । ୩୦ ।

ପଞ୍ଚବିଂଶ ଛାନ୍ଦ

ରାଗ—ପଞ୍ଚମ ବରାଡ଼ି । ରୁକ୍ମଣୀ ଚଉତିଶା ବାଣୀରେ ଗାଇବ

କର ସାଧୁ ବିବେକ ଜନେ ମନକୁ ଏକ
କୃଷ୍ଣ କଥାକୁ ମନ ଦେଇ ।
କଂସ ତମକୁ ହଂସ ହେବ ଯେ ହୃଷୀକେଶ
ସେ କଥା କିଛି କହିବିଁ ହେ । ଅହେ ଜନେ ।
କୁଞ୍ଜବିହାରୀ ସାର ରସ ।
କେତେ ଦନ । ଗୋପେ ରହିଲେ ପୀତବାସ ।
କଂସ ନୃପତି ଭୟ କେବେଁ ନୋହିଲା କ୍ଷୟ
ଭାଳଇ ରଜନୀ ଦିବସ ହେ । ୧ ।

Digitized by srujanika@gmail.com

କରାଇଲା ହକରା   ସମସ୍ତ ସଭା ତାର-
ମାନଙ୍କୁ ଅତି ଉଲ୍ଲାହାରେ ।
କହ ତୁମ୍ଭେ ବଣ୍ଠର   ବାଳ ନନ୍ଦକୁମର
କେମନ୍ତେ ପଡ଼ିବ ମୋ କରେ ହେ । କୋବଦେ ହେ ।
କଲ ତ ଶ୍ରବଣ ସଭହେଁ ।
କଲେ ଯେତେ । ଯେତେ ଶ୍ରୀରାମ କୃଷ୍ଣ ଦୁହେଁ ।
କେଶୀ ଆଦି ମୋହୋର   ମାରି ସମସ୍ତ ବୀର
ନିଷ୍ଟିନ୍ତ ହୋଇ ଗୋପେ ରହେ ହେ । ୨ ।
କରିବ ପ୍ରାଣନାଶ   ଅଇଲେ ମୋର ପାଶ
କେ ରକ୍ଷା କରିବ ଜାଣିମା ।
କେ ତହିଁ ପ୍ରଭୃମନ   ଦେଖିବାକୁ ବଦନ
ବୋଲଇ ମଣିମା ମଣିମା । କେ ବୋଲଇ ।
ତୁମ୍ଭ ତହୁଁ କେ ଅଛି ବଡ଼ ।
କେ ବୋଲଇ । ଯେତେ ହୋଇଲେ ସେ ଗଉଡ଼ ।
କର ଆଜ୍ଞା ତୁରିତ   ଘାମୁଛୁ ଯାଉ ଦୂତ
ଦେଖିଆସୁ ସେ ତଡ଼ବଡ଼ ସେ । ୩ ।
କହେ ଯହିଁ ପଣ୍ଡିତ   ସଭାରେ ପକ୍ଷପାତ
ପ୍ରଭୁ ଆଗକୁ ଅନୁସର ।
କରେ ତହିଁକି ପ୍ରତେ   ଯହିଁ ନୃପତି ଚିତ୍ତେ
ସେହିଟି ଅବବେକ ପୁରୀ ହେ । ଆହେ ଜନେ ।
କାଲେ ସେ ଦେଖନ୍ତି ସଂଘାତ ।
କାଳଦଣ୍ଡେ । ଅବଶ୍ୟ ହୁଅନ୍ତି ସଂଘାତ ।
କାଷ୍ଟୁ ତିକ୍ତ ମଧୁର   ଦ୍ରବ୍ୟଠାରୁ ବଳୁର
ଆଦ୍ୟ ପ୍ରାନ୍ତେ ହିତ ଅହିତ ହେ । ୪ ।
କର୍ପୂର ନାରକେଳ   ଲେମ୍ବୁ କେତେ ଶୀତଳ
ପାନକୁ ମହା ସୁଖକର ।
କହୁଁ କହୁଁ ଯେମନ୍ତ   କରଇ ପ୍ରାଣ ଅନ୍ତ
ସେହି ରୂପେଟି ଖଳ ଗିର ହେ । ଆହେ ଜନେ ।
କଲା ନାହିଁ ବଣ୍ଠର ଚିତ୍ତେ ।
କୋଧ ବିନା । ପ୍ରାଣିଙ୍କି ନାଶୁଛୁ ସନ୍ତତେ ।

Digitized by srujanika@gmail.com

କେବଳ ଜ୍ଞାନ ଶୂନ୍ୟ   ଲୋକଙ୍କର ଏମାନ
ମରଣ ଚଳାଇ ଅଛନ୍ତେ ହେ । ୫ ।
କେଶରୀ ଦେଖିକରି   ଗ୍ରାମସିଂହ ଫୁକାରି
ହେଲେ ସେ ନିଜ ବଡ଼ ହୋଏ ।
କେବେହେଁ ଧନମଣି   ଆଗେ ଖଦ୍ୟୋତଶ୍ରେଣୀ
ଜ୍ୟୋତିଃ ଦେଖାଇ ଯଶ ପାଏ ହେ । ଅହେ ଜନ ।
କରନ୍ତୁ ଶ୍ରବଣ ମହିମା ।
କହୁଅଛୁ । କେମନ୍ତ ପ୍ରକାରେ ଗରିମା ।
କାଳ ଗ୍ରାସିଲେ ପ୍ରାଣୀ   କହେ ବକୃତ ବାଣୀ
ସହଜେ ତ ଏ ଦୁଷ୍ଟସୀମା ହେ । ୬ ।
କହିଲ ବଚକ୍ଷଣ—   ମାନେ ମୋଠାରୁ ଶୁଣ
ବୁଦ୍ଧିଏ ଦଶୁଅଛୁ ମୋତେ ।
କରିବ ଧନୁଯାତ   ଆଣିବ ନନ୍ଦସୁତ
ଜନକ ଜନନୀ ସହିତେ ହେ । କୋବିଦେ ହେ ।
କରି ତ ଥିବ ରଙ୍ଗ ସଭା ।
କାମପାଳ । କୃଷ୍ଣ ଦେଖି ହୋଇବେ ଲୋଭା ।
କପଟ ବୁଦ୍ଧି କରି   କରେ ଆୟୁଧ ଧରି
ଯୋଦ୍ଧାଏ ହୋଇଥିବେ ଉଭା ହେ । ୭ ।
କୁବଳୟା ଅବେଷ୍ଟା   ମାହୁନ୍ତ ଥିବ ରହି
ସିଂହଦୁଆର ଅଗ୍ରେ କରି ।
କୁଳିଶ-ହୃଦ ମାଲେ   ଉଭାରି ଥିବେ ଭଲେ
କାହା ମୁହୁଁ ବଞ୍ଚିବେ ହରି ସେ । କହ ଏହା ।
ମନ୍ଦିକ ଗୃହୁଁ ହସ ହସ ।
କରି ନିଶେ । ପକାଇ ଛାଡ଼ଇ ନିଶ୍ୱାସ ।
କଲି ପୁଣି ଆଦେଶ   ଅକ୍ରୂର ଯାଇ ଶୀଘ୍ର
ରାମକୃଷ୍ଣଙ୍କୁ ଘେନିଆସ ହେ । ୮ ।
କରି ଯୋଡ଼ ଅକ୍ରୂର   କରି ଶିର ଉପର
ବାହାର ହେଲେ ରଥେ ବସି ।
କେତେ ରୂପେ ମଙ୍ଗଳ   ହୋଇଲେ ଆସି ମେଳ
କେତେ ତା କହିବ ବିଶେଷି ହେ । ଅହେ ଜନେ ।

Digitized by srujanika@gmail.com

କେଶବ ଶ୍ରବଣ ମଙ୍ଗଳ ।
କାଟି ଯାହା । ନାମ ଧଇଲେ ଅମଙ୍ଗଳ ।
କଲେ ଗମନ କରି— ବାକୁ ତାଙ୍କୁ ଦର୍ଶନ
ତହୁଁ ନୋହୁବ କିଛୁଁ ଫଳ । ୯ ।
କର୍ମେ ଦକ୍ଷିଣ ନେତ୍ର ଅଧ ଦକ୍ଷିଣ ଗାତ୍ର
କେତେ ଆନନ୍ଦ ହୋଏ ଜାତ ।
କଲି କି ତପ କାହିଁ କଲ ତ ପାଣ୍ଡୁ ନାହିଁ
କୃଷ୍ଣଙ୍କୁ ଦେଖିବ ସାକ୍ଷାତ ସେ । କଳ୍ପାନ୍ତରେ ।
ଯୋଗିଏ ଜଗି ଯୋଗବାଟ ।
କେହୁ ପାଇ । ନାହାନ୍ତି ଅଜପାଏ ଭେଟ ।
କାହୁଁ ସୁକୃତ ବଳେ ତାଙ୍କୁ ଦେଖିବ ତୋଳେ
ବୋଲି ଆନନ୍ଦେ କରେ ନାଟ ସେ । ୧୦ ।
କନକଗିରି ଚର— ମାନଙ୍କ ମସ୍ତକର
ମୁକୁଟ ମର୍କତମଣି ଏ ।
କମ୍ବୁ ଚକ୍ରାଦ୍ୟ ଧରି ପାଦପଦ୍ମେ ଯାହାର
ଦଶନ୍ତି ମଧୁକର ପ୍ରାୟେ ସେ । କଇଲାସ—
ଶିଖରବାସୀ ପଞ୍ଚାନନ ।
କରୁଛନ୍ତି । ଯାହା ପାଦଜଳରେ ସ୍ନାନ ।
କରିବାକୁ ଅପାର ଭବସାଗରୁଁ ପାର
ଯାହା ନାମ ନଉକା-ଯାନ ସେ । ୧୧ ।
କଳେବର ଫୁଲଇ ନେତ୍ରୁଁ ନୀର ଗଳଇ
ଭାବ ଶ୍ରୀକୃଷ୍ଣ କଥାମାନ ।
କଣ୍ଠ ହୋଏ ଗଦଗଦ ଉଚ୍ଚାରି କୃଷ୍ଣ ପଦ
ପ୍ରବେଶ ହେଲେ ବୃନ୍ଦାବନ ସେ । କଲେ ଅବ—
ଲୋକନ ପାଦପଦ୍ମ ଚିହ୍ନ ।
କମ୍ବୁ, ଚକ୍ର—ପଦ୍ମରେ ହୋଇଛନ୍ତି ଶୋଭନ ।
କୁଳିଶ, ଅଷ୍ଟକୋଣ ଊର୍ଦ୍ଧ୍ୱରେଖା, ତ୍ରିକୋଣ
ଧନୁ, ଧ୍ୱଜ, ସ୍ୱସ୍ତିକ, ମୀନ ସେ । ୧୨ ।
କଳଶ, ଯବ, ବିନ୍ଦୁ ଅଙ୍କୁଶ, ଅର୍ଦ୍ଧଇନ୍ଦୁ,
ଗୋଷ୍ପଦ, ଅମ୍ବର ତ୍ରିରେଖି ।

Digitized by srujanika@gmail.com

କୁସୁମଲଚ୍ଛ ପ୍ରାପ୍ତେ   ପକାଇ ତହିଁ କାପ୍ତେ
ଭାବରେ ନ ପାରେ ଜପେଣ୍ଟି ସେ । କଷ୍ଟେ କଷ୍ଟେ ।
ଉଠି କାନ୍ତି ଦୂରକୁ ଯାଇ ।
କଳେବର । ରେଣୁରେ ହୋଇଅଛି ଘୁଇ ।
କଲେ ଅବଲୋକନ   ଜଗଜ୍ଜନଜୀବନ
ଶ୍ରୀରାମ କୃଷ୍ଣ ବେନି ଭାଇ ସେ । ୧୩ ।
କୁନ୍ଦ, ଇନ୍ଦୁ, କର୍ପୂର,   କଇରବ, ଗୋକ୍ଷୀର
କମ୍ବୁ ଶମ୍ଭୁପର୍ବତ ସର୍ବ ।
କାଶ, ସାଗର-ଫେନ   କଳଧଉତବର୍ଣ୍ଣ
ଶ୍ରୀରାମ ଲ୍ଲବାଙ୍କି ଏ ଖର୍ବ ସେ । କଟିତଟେ ।
ନୀଳପଟନୀ କାଛ ଶୋହେ ।
କଇଲାସେ । ନୀଳମେଘ ଯେମନ୍ତ ରହେ ।
କମନୀୟ ଉଷ୍ଣୀଷ   ଗୋଧନ ଦୃଷ୍ଟିା ବେଶ
ସୁର ନର କିନ୍ନର ମୋହେ ସେ । ୧୪ ।
କୋକନଦ ଅକୃତ   ଦଶେ ନୟନଜ୍ୟୋତ
ଶ୍ରୀମୁଖ ପୂର୍ଣ୍ଣଚନ୍ଦ୍ର ଜିଣି ।
କଚୁଭୁଜ ସହିତ   କଳିନ୍ଦ-କନ୍ୟା-ସୁତ
ପରାପୃ ପାଶେ ବେଣୁପାଣି ସେ । କି ଉପମା ।
ଦେବା ସେ ଶ୍ରୀଅଙ୍ଗ ଛଟାକୁ ।
କଳା ମଧ୍ୟେ । ମନ୍ଦ ନ ବଳଇ ଗୋଠାକୁ ।
କାଳିନ୍ଦୀଜଳ ପାନ   କରି ଅଇଲେ ମନ
ନ ଯିବ ଜଳଦ-ଘଟାକୁ । ୧୫ ।
କେଶରୀ କଟିତଟେ   ପୀତପଟନୀ ଘଟେ
ତହିଁ ମୋହନ ବେଣୁ ଖୋସି ।
କୋମଳ ଗୀତ ପଦେ   ପଦେ ଗାଇ ପ୍ରମୋଦେ
ଗାଈଙ୍କି ଡାକନ୍ତି ଅଶ୍ୱାସି ସେ । କହିଁ ଧେନୁ ।
ଚରଣେ ଛନ୍ଦନ୍ତି ଛନ୍ଦଣୀ ।
କରି ଜାନୁ—ଯୁଗଳେ ସଂଯୋଗ ଦୁହଣୀ ।
କାମୀ-କାମ-ଦୋହନ   କରନ୍ତି ଗୋ-ଦୋହନ
କଲଶେ ରଖି ପୁଣି ପୁଣି ସେ । ୧୬ ।

Digitized by srujanika@gmail.com

କଳା ଶ୍ରୀଅଙ୍ଗେ କ୍ଷୀର— ବିନ୍ଦୁ ପଙ୍କ୍ତି ସୁନ୍ଦର
ଦିଶେ ଗଗନ ତାରାପ୍ରାୟେ ।
କରେ କଳିତ ବାସ ମନ ନୟନ ପାଶ
ରତ୍ନ ପାଦୁକା ପଦ୍ମ ପ୍ରାୟେ ସେ । କଲା ଏହା ।
ସମୟେ ଅକ୍ରୂର ଦର୍ଶନ ।
କୃପାସିନ୍ଧୁ । ଅନାଇଁ ହୋଇଲେ ପ୍ରସନ୍ନ ।
କର ଯୁଗଳ ବେଗେ ଅତ୍ୟନ୍ତ ଅନୁରାଗେ
କୋମଳେ କଲେ ଆଲିଙ୍ଗନ ସେ । ୧୭ ।
କଣ୍ଠରୁ କହନ୍ତି କୁଶଳ ପଚାରନ୍ତି
କି କାର୍ଯ୍ୟେ ଆଇଲ ଏଥିକି ।
କର ଯୋଡ଼ି ଅକ୍ରୂର ବୋଲଇ ମୋହ ଘୋର
କି କହିବି ଅନ୍ତର୍ଯ୍ୟାମିଙ୍କି ସେ । କଂସ ପେଷି—
ଅଛି ତୁମ୍ଭଙ୍କୁ ନେମା ପାଇଁ ।
କରନ୍ତି ସେ । ଧନୁ ଉତ୍ସବ ସୁଖଦାୟୀ ।
କୂଟ କରନ୍ତି ଯେତେ ତାହା କହିବି କେତେ
ସେ ତ ମନକୁ ଥିବ ଯାଇ ସେ । ୧୮ ।
କେଶବ ହସି ଧୀରେ ବୋଇଲେ ଯିବା ଥରେ
ଦେଖିବା ମାମୁ ଧନୁଯାତ୍ର,
କଇତବ କଥାକୁ ମାମୁ ମନବ୍ୟଥାକୁ
ସବୁ ରୂପରେ ସନମତ ସେ । କହ ଯାଇଁ ।
ଗୋପରେ ତୁମ୍ଭେ ଏ ବାରତା ।
କି ବୋଲନ୍ତି । ଜନକ ଜନନୀ ଶୁଣି ତା ।
କେବେହେଁ ରାଜାଆଜ୍ଞା ନ କରିବି ଅବଜ୍ଞା
କରିବି ନାହିଁ ନିଷ୍ଠୁରତା ସେ । ୧୯ ।
କେଶୀଜୀବନହର ଆଜ୍ଞା ପାଇ ଅକ୍ରୂର
ଗୋପରେ ପ୍ରବେଶ ହୋଇଲେ ।
କଂସ ଉଲ୍ଲଟି ନେଇ ନନ୍ଦଙ୍କ କରେ ଦେଇ
ସକଳ ସନ୍ଦେଶ କହିଲେ ସେ । କେ କହିବ ।
ଶୁଣି ତା ସେ ହୋଇଲେ ଯାହା ।
କହିବାକୁ । ବଚନେ ଅସୁ ନାହିଁ ତାହା ।

Digitized by srujanika@gmail.com

କହୁଁ କହୁଁ ଗୋକୁଳ— ଯାକ ଶୁଭିଲା ଗୋଳ
ମଥୁରା ଯିବେ ବ୍ରଜନାଥ ସେ । ୨୦ ।
କେ ବୋଲେ କା କହିବା କାଲ କେମନ୍ତେ ନେବା
ଶ୍ରୀକୃଷ୍ଣ ଗଲେ ମଥୁରାକୁ ।
କୁଟିଳ ଦୁଷ୍ଟ କାମ ପୂର୍ଣ୍ଣ କରିବ କାମ
ଫୁଲ ଶରେ ବିଦାରି ବୁକୁ ଯେ । ଅଗୋ ସଖି ।
କଳାକରୁ କରିବ ଯାହା ।
କହୁ ଶେଷ । କରିବ ନାହିଁ ଶେଷ ତାହା ।
କୋକିଳ କଳ ଡାକେ ରହୁ ନୋହିବ ଲୋକେ
କାଲ କରିବ ପୁଣି ଏହା ଗୋ । ୨୧ ।
କଉତୁକ ସମ୍ବାଦ କର୍ପୂର ଚନ୍ଦନାଦ
କେହୁ ନୋହୁବେ ସୁଖକର ।
କଳେବର ବସନ ଆଶୀବିଷ ସମାନ
ହୋଇବ ମହାଭୟଙ୍କର ସେ । ଅଗୋ ସଖି ।
କ୍ରୀଡ଼ାମନ୍ଦିର ହେବ କାରା ।
କଣ୍ଠ ମୋତି—ହାର ହୋଇବ ମହାଭାର ।
କାମ ଦଶମ-ଦଶା ଭାଙ୍ଗିବ ସବୁ ଆଶା
ବୋଲି ଛାଡ଼ିଲେ ଅଶ୍ରୁଧାର ସେ । ୨୨ ।
କେ କରେ ମହାଶୋକ କେ ହୋଏ ଧକ ଧକ
କେ ଦୀର୍ଘେ ଛାଡ଼ଇ ନିଶ୍ୱାସ ।
କେ ଘନବୃତ୍ତି ପିକ ପ୍ରାୟେ ହୋଇଲା ମୂକ
କେ ବୋଲେ ଛାଡ଼ ପ୍ରତିଆଶ ସେ । କେ ବୋଲଇ ।
କୃଷ୍ଣ ସଙ୍ଗତେ ଆମ୍ଭେ ଯିବା ।
କହିଁ ସୁଖ । ପାଇବା ପାଇଁ ଗୋପେ ଥିବା ।
କୁମୁଦ ଶଶଧର ପ୍ରାୟେ ବିୟୋଗ ଅନ୍ତର
ହେଲେ ଶ୍ରୀମୁଖ ଚାହୁଁଥିବା ଗୋ । ୨୩ ।
କୃପଣ ଜନ ଧନ ଭୋଗ ନୋହିଲେ ମନ
ହୁଅଇ ଆନନ୍ଦରେ ପୂର୍ଣ୍ଣ ।
କୁତ୍ସିତ ଗ୍ରାମେ ଥିଲେ ମହାପଣ୍ଡିତ ହେଲେ
କା କା ହୋଇ ହୁଅଇ ଦୁଃଖୀ ସେ । ଅଗୋ ସଖି ।

Digitized by srujanika@gmail.com

କେଶବ ରସିକଶେଖର ।
କରୁଛନ୍ତି । ଅମ୍ଭମାନଙ୍କୁ ଏତେ ଦୂର ।
କହିଁ ଗୁଆଁର ସଙ୍ଗେ   ଧନ ବଣ୍ଟିବା ରଙ୍ଗେ
ଏକଥା କର ତ ବଗ୍ଭୁର ହେ । ୨୪ ।
କହୁ କହୁ ଏମନ୍ତ   ଛାୟାଦେବୀଙ୍କ କାନ୍ତ
ଅସ୍ତାଚଳରେ ଅସ୍ତ ହେଲେ
କାମପାଳଙ୍କ ସଙ୍ଗେ   ସୁରଭି ଧେନୁ ରଙ୍ଗେ
ଶ୍ରୀକୃଷ୍ଣ ଗୋପକୁ ଅଇଲେ ସେ । କମଶରେ ।
ମାଜଣା ବିଧି କରି ଶେଷ ।
କନକରୁଚେ । କଲେ ମଣୋହି ପୀତବାସ ।
କଥାପ୍ରସଙ୍ଗେ ବସି   ଅକ୍ରୂର ସଙ୍ଗେ ନିଶି
ଥୋକାଏ କଲେ ଅବଶେଷ ସେ । ୨୫ ।
କମନୀୟ ପଲ୍ୟଙ୍କ   ହଂସତୁଳୀ ଅଙ୍କ-
ଦେଶରେ ଯାଇ ପହୁଡ଼ିଲେ ।
କମେ ରଜନୀ ଶେଷ   ହୁଅନ୍ତେ ଅମ୍ଭଘୋଷ
ଚରଣାୟୁଧେ ରଡ଼ ଦେଲେ ସେ । କୃପାସିନ୍ଧୁ ।
ନିଦ୍ରା କାମିନୀଙ୍କି ଛାଡ଼ିଲେ ।
କଂସଦୂତ । ଅକ୍ରୂର ରଥ ସଜାଡ଼ିଲେ ।
କସେ ଗୁଣ୍ଡିଚ୍ଛ ପାତ   ପ୍ରାୟେ ଲୋକ ବହୁତ
ଦେଖୁଁ ଦେଖୁଁ ମାଡ଼ି ପଡ଼ିଲେ ସେ । ୨୬ ।
କାମପାଳ ଶ୍ରୀହରି   ପ୍ରାତ ମଣୋହି ସାରି
ରଥରେ ଯାଇଁ ବିଜେ କଲେ ।
କାନ୍ତ ଯୁବତୀମାନେ   କାନ୍ତ ଆନନ୍ଦ ମନେ
ତଳରେ ହୁଳହୁଳି ଦେଲେ ସେ । କଲେ ନନ୍ଦ ।
ଅନେକ ସାମ୍ଭାର ଭିଆଣ ।
କେତେ ରୂପେ । ସଜ ହୋଇଲେ ଗୋପଗଣ ।
କାହାକୁ ଦେବା ସମ   ସହଜେ ନିରୁପମ
କମଳନୟନ ଗହଣ ସେ । ୨୭ ।
କୃଷ୍ଣଦାସ ମାନସ   ହୋଏ ଅତି ବିରସ
ହରଷ କେତେବେଳେ ହୋଏ ।

Digitized by srujanika@gmail.com

ଯଶୋଦା ଗୋପୀଙ୍କର କଂସ ଦୁଷ୍ଟ ପାମର
କଥାମନରେ ଚିନ୍ତିବା ସ୍ନେହ ସେ । କି ନିଷ୍ଠୁର ।
ପ୍ରଭୁମାନଙ୍କର ହୃଦୟ ।
କରିଥିଲେ । କେଉଁ ପ୍ରକାରେ ସେ ଅଭୟ ।
କହୁଁ କହୁଁ ସେ ଏବେ ମଧୁପୁରକୁ ଯିବେ
ପ୍ରୀତିଠାରେ କରି ନିର୍ଦ୍ଦୟ ସେ । ୨୮ ।

ଷଡ୍‌ବିଂଶ ଛାନ୍ଦ

ରାଗ—ଭାମୋଦୀ

କୃଷ୍ଣ କଂସ ନଗର ଯିବା ଶୁଣି କାତର
ସକଳ କଳାକର-ମୁଖୀ ।
କାକୁସ୍ଥ ହୋଇ ଧୀରେ କହନ୍ତି କୋମଳରେ
କଙ୍କଣ ନୟନରେ ରଖି । ହେ କୃପାନିଧି ।
କେମନ୍ତେ ମୁଞ୍ଚିବ ତୁମ୍ଭଙ୍କୁ । କହ ଏ ବିଗ୍ଭର ଆମ୍ଭଙ୍କୁ ।
କଣ୍ଠ ମଣ୍ଡଳରେ ହୃଦୟ କମଳରେ
ଧରିଲ ଏମନ୍ତ ଦମ୍ଭକୁ ହେ । ୧ ।
କ୍ରୂର କୁସୁମଧନୁ କୃଶ କରଇ ତନୁ
କାନନ୍ତୁ ଆସିବା ସରିକି ।
କେମନ୍ତେ କରି ଦେହ ରଖିବ ସେ ଅଦେହ
ଗଲେ ମଥୁରା ନଗରୀକି । ହେ କୃପାନିଧି ।
କଲ ଯେତେ ରୂପରେ ପ୍ରୀତି । କରୁଛ କେତେକ ଅନୀତି
କମଠ ପୃଷ୍ଠପ୍ରାୟ ନ କର କୃପାମୟ
କୋମଳ ନିକେତନ ଗ୍ଭତ ହେ । ୨ ।
କାନ୍ତା କାନ୍ତ ଅଭାବେ କନ୍ଦର୍ପ ପରାଭବେ
କୁଶକୁ ଭଜଇ ବିକଳେ ।
କେବା ତାହା ନ ସହେ କଳେବରକୁ ଦହେ
ପ୍ରବଳ ଜଳନ୍ତା ଅନଳେ । ହେ କୃପାନିଧି ।
କାହାକୁ କହିବୁ ଏ କଥା । କେ ବା ଖଣ୍ଡିବ ମନବ୍ୟଥା ।

Digitized by srujanika@gmail.com

କୃପାଳୁ ହୋଇ ଯେବେ କୃପା ଛାଡ଼ ଅଭାବେ
ତୁମ୍ଭେହେଁ ପୋଡଲକ୍ଷ ମଥା ହେ । ୩ ।
କଲ ହତ ଆଦର କୁଳ ଶୀଳ ବେଭାର—
ଠାରେ ତୁମ୍ଭଙ୍କୁ ମନ ଦେଇ ।
କାଳେ ହୋଇଲ ଏବେ ଚରଣ ବେନ୍ନ ନାବେ
ଦେଲ ଲୋକ ପରାପ୍ୟେ ହୋଇ । ହେ କୃପାନିଧି ।
କୁଳିଶ ହୃଦୟ ତୁମ୍ଭର । ଚର୍କଶ ଉରଜ ଆମ୍ଭର ।
କେ କାହା ପରଶରେ କଠୋର ଭାବ ଧରେ
ଏକଥା ନୋହୁଛି ଗୋଚର ହେ । ୪ ।
କରୁଛ ତୁମ୍ଭେ ଗତ ରହୁଛି ଆମ୍ଭ ଛାତ
କେହୁ କାହାକୁ ନୋହେ ଊଣା ।
କାକ ପୋଷିଲ ପିକ ପ୍ରାପ୍ୟେ ଏ କଥା ଲୋକ
ମଧ୍ୟରେ ଯାଉଅଛି ଜଣା ହେ । କୃପାନିଧି ।
କାହାଗେ କରୁ ଗୁହାର । କଂସ ତ ଆମ୍ଭର ବଇରୀ ।
କି କହିବା ଅନୀତ କୃଷି ରଖିବା ଭିତ
କୃଷି ଯାଉଛି ଯେବେ ଚରି ହେ । ୫ ।
କଣ୍ଠରେ ଥିବା ମାଳା କାଟି ଦେଉଛି ଗଳା
କହିବାକୁ ଏ କଥା ଲାଜ ।
କେତେ ସଙ୍କଟୁ ରଖି ଏବେ ତାହା ଉପେକ୍ଷି
ଯିବାକୁ ହେଉଅଛ ସଜ ହେ । କୃପାନିଧି ।
କରେ ଲଗାଇ ବିଷବୃକ୍ଷ । କାଟିବା କଥା ନୋହେ ମୁଖ୍ୟ ।
କହୁଁ ନୀତ ନ ଜାଣ ବୋଲି ଏତେ ଦୂଷଣ
କଥାହିଁ ଭୂଷଣ କରୁଛ ହେ । ୬ ।
କି କରିଥିଲ ବିହି କି କରୁଅଛି ସେହି
କି କରୁଛ ତୁମ୍ଭେ ପ୍ରତକ୍ଷେ ।
କର୍ମ୍ମ ବାମବେଳକୁ ବିଧାତା ଅବଳକୁ
ବିଷ ଉପୁଜେ ସୁଧାବୃକ୍ଷେ । ହେ କୃପାନିଧି ।
କୃପଣଜନେ ଲୋଭୀ କହି । କେବେହେଁ କାର୍ଯ୍ୟ ପାଇ ନାହିଁ ।
କେବଳ ମାତ୍ର ଯାହା ହୁଅଇ ଅନ୍ତର୍ଦାହା
ତେଡତେବେଳାର ଫଳ ସେହି ହେ । ୭ ।

Digitized by srujanika@gmail.com

କେତେବେଳରେ ଅଖି ମିଟ୍ଟୁଣ୍ଡିବା ଉପେକ୍ଷି
କରୁଣା ବିଲୋକନ କର ।
କେତେବେଳରେ କର— ଯୋଡ଼ି କହିଲେ ଶିର
ନୁଆଁଇ ନ ଦିଅ ଉତ୍ତର । ହେ କୃପାନିଧି ।
କରନ୍ତି ପ୍ରଭୁମାନେ ଯାହା । କରି ନ ପାରେ ଆନ ତାହା ।
କେତେ ରୂପେ ମଣ୍ଡନ୍ତି କାହିଁତରେ ଦଣ୍ଡନ୍ତି
କହିବାକୁ ନ ଥାଇ ଶ୍ରାଦ୍ଧା ହେ । ୮ ।
କରିଥିଲ୍ କାମନା ସକଳ ଗୋପାଙ୍ଗନା
ତୁମ୍ଭେ ଗୋପରେ ଶୁଭେ ଥିବ ।
କଉତୁକ ହରଷ— ରସେ ପାଦ ସାରସ—
ସେବାରେ ଅମ୍ଭ ଦିନ ଯିବ । ହେ କୃପାନିଧି ।
କର୍ଲ ସେ କଥା ଆନ ବିଧି । କରୁଛ ତୁମ୍ଭେ ଏ ଅବଧି ।
କଳାନିଧିକି କରେ ଧରିବାକୁ ମନରେ
ବିଚାରିଲେ କି ହୋଏ ସିଦ୍ଧି ହେ । ୯ ।
କେତେ କେତେ ବିପତ୍ତି- ମାନଙ୍କୁ କରି ଗତି
ଯଶ ଚନ୍ଦ୍ର ଉଦେ କରିଛ ।
କୃଷ୍ଣା ନିବାଶ ଅସ୍ତ୍ର- ଗିରିନ୍ଦ୍ରର ତାହା ଅସ୍ତ୍ର
କରିବା ବିଚାର କରୁଛ । ହେ କୃପାନିଧି ।
କାମ ଅନ୍ଧକାରେ ପକାଇ । କୁକୀର୍ତ୍ତି-ପତାକା ଟେକାଇ ।
କଇତବ ଅଙ୍କୁର ସଙ୍ଗତରେ ବାହାର
ହୋଇଛ କଉଁ ସୁଖ ପାଇଁ ହେ । ୧୦ ।
କଷ୍ଟି ଭଷିଲ ଦଧି— ଫଳ ପରିଯେ ବିଧି
ଆମ୍ଭର ଅକାର ରଖିବ ।
କମଠ ନିଜ କୋଷ କଲି ପ୍ରାୟେ ସେ ବେଶ
କେବଳ ତୁମ୍ଭେ ନ ଦେଖିବ । ହେ କୃପାନିଧି ।
କର୍ମରେ ଅଛୁ ଏତେ ଯୋଗ । କରିଲୁଁ କେତେ ଦଶା ଭୋଗ ।
କୁରରୀ ପକ୍ଷୀ ପ୍ରାୟେ ଝୁରିବାକୁ ଏକାୟେ
କରାଇବ ତୁମ୍ଭ ବିଯୋଗ ହେ । ୧୧ ।
କଣ୍ଟୁ ତରିବା ପାଇଁ ପ୍ରୀତି ବୋଇତ ନେଇ
ତୁମ୍ଭ ସଙ୍ଗ-ସିନ୍ଧୁରେ ମେଲ ।

Digitized by srujanika@gmail.com

କୁଳ ଶୀଳ ବେଭାର ସବୁ ଏକପ୍ରକାର
ଅମ୍ଭର କରଣ ଅଖାଳ । ହେ କୃପାନିଧି
କଛି କାଳ ବାଣିଜ୍ୟ କଲୁଁ । କେତେ ସୁଖରେ ଧନ ନେଲୁଁ ।
କଂସଦୂତ ବିତାସ କଲା ତ ଏବେ ନାଶ
ଦେଖୁଁ ଦେଖୁଁ ଦୁଖକୁ ଗଲୁଁ ହେ । ୧୨ ।
କାହା ପାଶେ ରହିବୁ କାହାକୁ କି କହିବୁ
କେ ଜାଣିବ ଅମ୍ଭର ମନ ।
କି କି ହୋଇ ପ୍ରମାଦ ପଡ଼ିଗଲେ ବିଷାଦ
ହରି କେ ରଖିବ ଜୀବନ । ହେ କୃପାନିଧି ।
କହିବାର ଅଧିକ ସିନା । କାହିଁ କେତେ ନୋହୁଛି ସେଣା ।
କର୍ମ ଫାଟିଲା ବେଳେ କଳ୍ପତରୁ ନ ଫଳେ
ସବୁ ତୁମ୍ଭ ଭିଆଣ ସିନା ହେ । ୧୩ ।
କର୍କଟ ବେଣୁ ନଳ କଦଳୀ ଆଦି ଫଳ
ଦେବାକୁ ନାଶକୁ ଭଜନ୍ତି ।
କୁଟିଳ ହେଲେ ବହି ମହତ ପଣ୍ଡିତ ହିଁ
ବିବେକପଣକୁ ତେଜନ୍ତି । ହେ କୃପାନିଧି ।
କାଳ ଘୋଟଇ ଯେତେବେଳେ । କାହାର କୃତ୍ୟ ତେତେବେଳେ ।
କଲେ ଗଢ଼ ଆକାଶ— ମଣ୍ଡଳ ବିହାଯ୍ୟସ
ପାଶେ ପଡ଼ନ୍ତି ମହୀତଳେ ହେ । ୧୪ ।
କରି ଯାହା ଉପାୟେ ମାୟାରେ ପଡ଼ିବାୟେ
କେବଳ ଶ୍ରମ ମାତ୍ର ସାର ।
କାଳ କରଇ ଯାହା ଆନ ନୋହଇ ତାହା
ସମସ୍ତ ଅଧିକ ତାହାର । ହେ କୃପାନିଧି ।
କରଣ୍ଟି ତୁମ୍ଭଙ୍କୁ ଉଚ୍ଚାଟ । କରାଇବ କଂସକୁ ଭେଟ ।
କାହାର କି ହୋଇବ କଉଁ ଲୋକ କହିବ
କାଳେ ସେ ହୋଇବ ପ୍ରକଟ ହେ । ୧୫ ।
କେବେହେଁ ତରଙ୍ଗିଣୀ, ନରପତ, ଶୃଙ୍ଗିଣୀ
ଖଳକୁ ନ ପାଇ ବିଶ୍ୱାସ ।
କି ସୁଖ ପାଇବାକୁ କାଳସର୍ପ ମୁଖକୁ
କରୁଛ ଏମନ୍ତ ସାହସ । ହେ କୃପାନିଧି ।

Digitized by srujanika@gmail.com

କର ନଟେଶ୍ବ ଅମ୍ବର ବୋଲ । କହୁଛୁଁ ମିନା ତୁମ୍ଭ ଭଲ ।
କଳା ହେଲେ କୋକିଳ— ସରସ୍ୱତୀ ମଞ୍ଜୁଳ
କେବଳ ବରହଂଶୀ ଗଳ ଦେହ । ୧୬ ।

କୃଷ୍ଣ କହନ୍ତି ହସି ଶୁଣି ପ୍ରାଣପ୍ରେୟସୀ
କହିଲ ଯେତେ ରୂପେ ନାଥ ।
କଲି ଯେ କଥା ହିତ ବଡ଼ କରି ସମ୍ମତ
ତୁମ୍ଭ ଅମ୍ବର ସେହିମତ । ଗୋ ଗୋପୀମାନେ,
କିନ୍ତୁ ନ ବଗ୍ଧର ମାନସେ । କହୁଛୁ ଯାବା ବଧିବଶେ ।
କଉତୁକ ଦେଖିବୁ ରାଜା ଆଜ୍ଞା ରଖିବୁ
ପ୍ରବେଶ ହେବ ତୁମ୍ଭ ପାଶେ ଗୋ । ୧୭ ।

କାଳିକା କଳାକର ବନ୍ଧୁ ଲୋକ ଚକୋର
କେତେକି ଜୀବନ ସଞ୍ଚନ୍ତି ।
କେତେବେଳେହେଁ ମୀନ ନ ପାଇଲେ ଜୀବନ
ଜାଣ କି ମୁହୂର୍ତ୍ତେ ବଞ୍ଚନ୍ତି । ଗୋ ଗୋପୀମାନେ !
କିଣିଛ ଭାବରେ ଆମ୍ଭଙ୍କୁ । କହିବୁ ଅନ୍ତର ତୁମ୍ଭଙ୍କୁ ?
କୃତ୍ତିବାସ ପାର୍ବତୀ, ନ ଛାଡ଼ନ୍ତି, ପାର୍ବତୀ
ଛାଡ଼ନ୍ତି କେବେହେଁ ଶମ୍ଭୁଙ୍କୁ ଗୋ । ୧୮ ।

କର ମୁଖ ପ୍ରସନ୍ନ କରୁ ଆମ୍ଭେ ଦର୍ଶନ
ହସି ବୋଇଲେ ସଜା ଗିରୁ ।
କରୁଣା ଅପାଙ୍ଗରେ ନ ଗୃହିଲେ ରଙ୍ଗରେ
ଏହୁ ରଥରେ ବସିଥିବୁ । ଗୋ କହୁଁ ଗୋପୀ ।
କହିଲ ଆଗେ ବନମାଳୀ । କୁମ୍ଭକାରକ ଉହା ଜାଳି ।
କରଇ କି ଶୀତଳ ଦେଇ ତହିଁ ଜମ୍ବାଳ
ଏ କଥା ନ ଜାଣ କି ଭାଳି ହେ । ୧୯ ।

କେବେ ନୂଆ ଅପାଙ୍ଗ ମଣ୍ଡି ହୋଇବ ଅଙ୍ଗ
କେବେ ଶୁଣିବ ନୂଆ ବାଣୀ ।
କେବେ କୁଚ କଳଶ ଲାଗିବ ହୃଦଦେଶ
କେବେ ସୁଖ ପାଇବ ପୁଣି । ହେ କୃପାନିଧି ।
କାହିଁ କୋହିଲେ ଏ ଉତ୍ତରାହା । କହୁଛ ଆମ୍ଭଙ୍କୁ ତ ଏହା ।

Digitized by srujanika@gmail.com

କରଇ କ ପୁରୁଣ ପ୍ରୀତିମନ.ପୁରୁଣା
ହୋଇଲେ ଅତ୍ୟନ୍ତ ଯୋରେହା ହେ । ୨୦ ।
କୁଞ୍ଜବନବହାରୀ ମୋହନ ବେଣୁଧାରୀ
କୁଞ୍ଜରଗମନୀଙ୍କି ଗୃହେଁ ।
କହିଲେ କୁପୁରୁଷ— ମାନଙ୍କର ସେ ଦୋଷ
ଗୁଣ ଯହୁଁ ଜାଣନ୍ତି ନାହିଁ । ଗୋ ଗୋପୀମାନେ ।
କେଡ଼େ ମଧୁର ନବଗୁଡ଼ । କରଇ ଅବଗୁଣ ବଡ଼ ।
କାଳ ଧର୍ମକୁ ପାଇ ନିକିତେ ଗୁଣ କରଇ
ଏଠାରେ ପିତାଭାବ ଗୁଡ଼ ଗୋ । ୨୧ ।
କେତେଠେବେଳରେ ଗୁଣ— ଦ୍ରବ୍ୟର ଅବଗୁଣ
ଥିଲେହେଁ ନୋହଇ ଦୂଷଣ ।
କଳଙ୍କ ଥିଲେ ଶୀତ— କର ସବୁରି ହିତ
କପର୍ଦ୍ଦିମସ୍ତକଭୂଷଣ । ଗୋ ଗୋପୀମାନେ ।
କଳା ହେଲେ କୋକିଳ ବାଣୀ । କେତେ ଆଦରେ ତାହା ଶୁଣି ।
କୁଣ୍ଡଳୀ ପ୍ରାଣହର ହେଲେ ମଣି ତାହାର
ଗ୍ରହଣ କରିଛନ୍ତି ପ୍ରାଣୀ ଗୋ । ୨୨ ।
କୁଠଜ ଗନ୍ଧ ପିତା ଚନ୍ଦନ ହୋଇଲେ ତା
ତଳକୁ କରି ହୃଦେ ବୋଳ ।
କୁବଳୟ ଫଳ ତ ଶାମୁକରୁ ସମ୍ଭୂତ
ହେଲେ କଣ୍ଠରେ କରି ମାଳ । ଗୋ ଗୋପୀମାନେ ।
କେତେ କହିବା ତାହା ବସି । କେବଳ ଗୁଣ ଥିଲେ ରସି ।
କେହି କେହି ଆପଣା ସୁଖ ନିମିତ୍ତେ ଊଣା
ଦ୍ରବ୍ୟ ହୁଅନ୍ତି ଅଭିଳାଷୀ ଗୋ । ୨୩ ।
କରି ମନ ପୂରୁଣ କର ଏବେ କରୁଣା
ଅନାଥ ସବୁଗ ନୟନେ ।
କର ଧରି ଯେତେହେଁ କହୁଅଛୁ ସେନେହେ
ଅବଶ୍ୟ ପଡ଼ୁଥିବ ମନେ । ଗୋ ଗୋପୀମାନେ ।
କଲ୍ ଗମନ ପିଠିଆଇଁ । କରେ ଯେ ଯାହା କର୍ମ ପାଇ ।
କନକ ମହୀଧର କମଳନାଥଙ୍କର
ପ୍ରାୟେ ତୁମ୍ଭଙ୍କୁ ମନ ଦେଇ ଗୋ । ୨୪ ।

Digitized by srujanika@gmail.com

କପଟ ଗୃଢ଼ୁ ହରି   ଏମନ୍ତ କହି କରି
ଯେତେବେଳେ ବାହାର ହେଲେ ।
କନ୍ୟାଖମ୍ବ ପରାଏ   ହୋଇ ସବୁ ଗୋପୀଏ
ଅପଲକରେ ଗୃହ୍ନିଁ ଥିଲେ । ସେ କୃଶୋଦରୀ ।
ଅଦୃଶ୍ୟ ହେଲା ମାତ୍ରେ ରଥ । କପାଳରେ ମାରିଲେ ହାଥ ।
କେ ବୋଲେ ଆହେ ନାଥ   କରି ଗଲ ଅନାଥ
ହରି ସକଳ ମନୋରଥ ସେ । ୨୫ ।
କଣ୍ଠ କଣ୍ଠରେ ଗୋପୀ   ହୋଇ ମହାସନ୍ତାପୀ
ଯେ ଯାହା ମନ୍ଦରେ ପ୍ରବେଶ ।
କେ ହୁଅଇ ବିକଳ   କେ ଘୁଟେଇ ଅଶ୍ରୁଜଳ
କେ ଦୀର୍ଘେ ପକାଇ ନିଶ୍ୱାସ । ସେ କଉଁ ଗୋପୀ ।
କୃଷ୍ଣର ରୂପ ପଟେ ଲେଖି । କେତେ ହୋଇଲେ ମନେ ସୁଖୀ ।
କେ ସଙ୍ଗେ ଘେନି ସଖୀ   କହିଲା ଆରେ ପକ୍ଷୀ
କାମ ନ ଦେବ ଆଉ ରଖି ସେ । ୨୬ ।
କାଳୀଶିରମର୍ଦ୍ଦନ   ରଥ ପଛରେ ଦୀନ-
କୃଷ୍ଣ ମାନସ ଗୋଡ଼ାଇଲା ।
କରିଥିଲା ଯେତେକ   ଜନ୍ମକାଳୁ ପାତକ
କଳ୍ପିତ ମାତ୍ରେ ଛଡ଼ାଇଲା । ସେ କଲା ପୁଣି,
ମନରେ ଶରଧା ଅନେକ । କରିବେ କେତେ କଉତୁକ
କରେ ହାଣି ରଜକ—   ମସ୍ତକ ତୋଷି ଲୋକ
ଦୂର କରିବେ ବସ୍ତ୍ରଯାକ ସେ । ୨୭ ।
କୁବୁଜା କୁଜ ହରି   କୁବଳୟ ସଂହାରି
ମାହୁନ୍ତମାନଙ୍କୁ ମାରିବେ ।
କଂସ ଜୀବନ ହରି   ମାଉଁଙ୍କି ବୋଧ କରି
ଜନକ ଜନନୀ ତାରିବେ । ସେ କୃପାନିଧି,
କରାଇ ଅଜାଙ୍କୁ ରାଜନ । କରିବେ ତୋଷ ଦେବଗଣ ।
କାଳମୁଖରେ ନେଇ   କାଳଦମନ ହୋଇ
କୁମୁଦ କରିବେ କ୍ଷମଣି ସେ । ୨୮ ।
କୁବଳୟ ମଧ୍ୟରେ   କନକମୟ-ପୁରେ
ଦ୍ୱାରକା ନାମରେ କରିବେ ।

Digitized by srujanika@gmail.com

କୁନ୍ତୀ ନୃପତିସୁତା   ଆଦ ଯାଦବ ଦୁହିତା-
ମାନଙ୍କ ସଙ୍ଗେ ବନ୍ଧୁତା ଦେବ । ସେ କୃପାନିଧି ।
କୁରୁକୁଳକୁ ସଂହାରିବେ । କର୍ଣ୍ଣ ପାଣ୍ଡବଙ୍କୁ ତାରିବେ ।
କଉରବ ରମଣୀ—   ମାନଙ୍କ କର-ମଣି
କଙ୍କଣ ଅବଶ୍ୟ ଭାଙ୍ଗିବେ ସେ । ୨୯ ।
କଳକୂଳରେ ଆସି   ଅକ୍ରୂର ରଥେ ବସି
ମଥୁରା ତୋରଣରେ ରହିଲେ ।
କଂସ ନୃପତି ଆଗେ   ଅକ୍ରୂର ସେହି ଲଗେ
ପ୍ରଭୁଙ୍କ ବିଜୟ କହିଲେ । ସେ କୃପାନିଧି ।
କମଳାବର ଟିକି ଆଶ । କରନ୍ତି ଧନକୃଷ୍ଣ ଦାସ ।
କୃତାନ୍ତ-ଦଣ୍ଡ ଭୟ   ହେଲାରେ କାହିଁ ଲୟ
କାଟିବ ଭବ ଯମ-ପାଶ ସେ । ୩୦ ।

ସପ୍ତବିଂଶ ଛାନ୍ଦ

ରାଗ—ଗୁଜ୍ଜରୀ

କର୍ଣ୍ଣ ଦେଇ କୃଷ୍ଣ କଥା ଶୁଣ ସୁଜନେ
କେବଳ ମନକୁ ସ୍ଥାପି ସ୍ଥିର ଆସନେ ।
କଳାକର କରେ ଚନ୍ଦ୍ରମଣି ପରିଯେ
କଳେବର ଦ୍ରବ ଯାଉ କଲୁଷ କ୍ଷୟେ ।
କ୍ରୋଧ ମାନ ଛାଡ଼ି ଭାବଭଗତି ଘେନ
କଇବଲ୍ୟଦାମୀ ଦେବେ କୈବଲ୍ୟ ଦାନ । ୧ ।
କଂସ କଟକରେ ରାମକୃଷ୍ଣ ପ୍ରବେଶ
କରନ୍ତି ଦର୍ଶନ ଲୋକେ ହୋଇ ହରଷ ।
କେ ବୋଲେ କାହିଁ ଥିଲେ ଏ ଅପୂର୍ବ ରୂପ
କାନ୍ତି ନିନ୍ଦୁ ଅଛି କୋଟି କୁସୁମ ଚାପ ।
କାହିଁ ବହି କେତେ କାଳେ ଗଢ଼ିଲା ଏହା
କି କହିବା ଦେଖି ମନ ହେଉଛି ଯାହା । ୨ ।
କି ଅପୂର୍ବ ଏ ତରୁଣୀ କାଳିପଟଳ
କାମ ପୂର୍ଣ୍ଣ କରିବାକୁ ଆସେ ସ୍ୱର୍ଗରୁ ।

Digitized by srujanika@gmail.com

କିବା ଇନ୍ଦ୍ରଧନୁ ମଧ୍ୟଗତ ହୋଇଛି
କି ଶରଦ ମେଘ ପାଶେ ଶୋଭା ପାଉଛି ।
କାହିଁ ବିଶ୍ରାମ କରିବେ ଏ ଉତ୍ପାତ
କେ ବୋଲେ ସେ ଏହିଠାରେ ହେବ ବିଦିତ । ୩ ।
କେ ବୋଲେ ଗଙ୍ଗା ଯମୁନା ଯୁଗଳ ତୀର୍ଥ
କରିବାକୁ ମଥୁରା ଲୋକଙ୍କୁ କୃତାର୍ଥ ।
କଂସରାଜା ଘଣ୍ଟାପଥେ ଅସନ୍ତି ବହି
କଉତୁକ ପାଇ ଲୋକେ ଦେଖନ୍ତି ରହି ।
କି ଅବା କନ୍ଦର୍ପ ଇନ୍ଦ୍ରଜାଲ କରିଛି
କରାଉଛି ରୂପାଜୀଳା ପ୍ରତିମା ନାଚି । ୪ ।
କହୁଁ କହୁଁ ଏହା ଲୋକେ ପଡ଼ିଲେ ମାଡ଼ି
କାମିନୀ ଧାଇଁଲେ ଗୃହକର୍ମକୁ ଛାଡ଼ି ।
କେଶ ବାସ ଅସମ୍ଭାଳ ପଡ଼ୁଛି ଖସି
କେ କରକେ ଧରି କରେ ଦେଉଛି ଖୋସି ।
କାମବାଇ କଲା କାହା ମନକୁ ତହିଁ
କହୁଁ କହୁଁ ଗତ ବୋଲେ ଶ୍ରୀକୃଷ୍ଣ କାହିଁ । ୫ ।
କାହା ଉରଁରୁ ଅନ୍ତର ହୋଇ ସୁବାସ
କକ୍ଷମାନ କୁଚକୁମ୍ଭ ହୋଏ ପ୍ରକାଶ ।
କରେ ଧରି ଆଚ୍ଛାଦିତ କରନ୍ତି ନେଇ
କି କି ହୋଇ ଦ୍ରୁତ ଗମନେ ସେ ଖସଇ ।
କବିମନେ ଅନୁମାନ ହୁଅଇ ଏହି
କଳୁଷବାସ ଅମ୍ବର କରନ୍ତି ନାହିଁ । ୬ ।
କାବ୍ୟତାର ମୋତିହାର ଚଞ୍ଚଳ ଛଳେ
କର ଗଙ୍ଗାଧର ଅତିଶୟ ଉଛୁଳେ ।
କଲା ତା ଦର୍ଶନ ଯହିଁ ପୁରୁଷ ଆଖି
କି କହିବା ଆଖି ମଧ୍ୟେ ତାହାକୁ ଲେଖି ।
କି ତପସ୍ୟା କରିଥିଲା କେଉଁ କାଳରେ
କଲା ସେ ଶୋଭାସଦନ ତାହା ତୋଳାଁରେ । ୭ ।
କନ୍ଦର୍ପ କାନ୍ତିକୁ ଲାଜ ହେଲା ତା ଅଙ୍ଗ
କି କହିବ ନ ପାଇଲେ ତାହାର ସଙ୍ଗ ।

କୁନ୍ଦୁକ ପରାୟେ ସବୁଆଡ଼େ ଦିଶିଲ
କାଳୀ ପ୍ରାୟ ଅଙ୍ଗରୁ ଅଙ୍ଗଜ ଶୋଷିଲ ।
କୁରଙ୍ଗ ଯେମନ୍ତ ମୃଗତୃଷ୍ଣାରେ ମଲା
କମଳକୁମାର ତାକୁ ସେରୂପେ କଲା । ୮ ।
କାମ ପ୍ରଥମ ଦଶାରୁ ହେଲା ସେ ଯେତେ
କି ହୋଇବ ନବମକୁ କହ ପଣ୍ଡିତେ ।
କ୍ରମଶରେ ଯେବେ ହେବ ଦଶମ ଦଶା
କପର୍ଦ୍ଦୀ ରଖିବୁ ବୋଇଲେ କି ଭରସା ।
କୁସୁମଶରକୁ ନେନେ ଦେଲେ ସେ ଜାଳି
କଳେବରେ ଏବେ ବହୁଅଛନ୍ତି ବାଳି । ୯ ।
କାହା କୁଚ ରଇବତନନ୍ଦନୀ ପ୍ରାୟେ
କୃଷ୍ଣବାସେ ମଣି ହୋଇ ଶୋଭିକୁ ପାଏ ।
କାହା କୁଚ କମଳା ପରାୟେ ଶୋଭନ
କରଅଛି ଅଙ୍ଗୀକାର ପୀତବସନ ।
କାହା କୁଚ ପୁଲୋମତନୟା ସଦୃଶ
କରିବାରୁ ସହସ୍ର ନୟନକୁ ବଶ । ୧୦ ।
କୁଳବଧୂମାନେ ଥାଇ ବଡ଼ଛାମୁରେ
କରନ୍ତି ଅବଲୋକନ ଜଳାବଦରେ ।
କନକକାନ୍ତି ଦେହରେ ରତନବେଶ
କମ୍ପିତ ଝଲକ ହୋଏ ଦୃଶ ଅଦୃଶ ।
କହିବାକୁ ଏତେ ଆସେ ଯେ ବେଳ ରୂପ
କାର୍ତ୍ତିକ ମାସରେ ଯେସନ୍ତେ ଆକାଶଦୀପ । ୧୧ ।
କେ ମେଲା-ଗବାକ୍ଷେ ଦେଇ ସୁନ୍ଦରମୁଖ
କରନ୍ତି ଦତ୍ତ ହୃଦୟ-ମାନଙ୍କ ସୁଖ ।
କଳାନିଧି ଶ୍ୱେତମେଘୁଁ ବାହାର ପ୍ରାୟେ
କଲଙ୍କୁ ଉପମା ସୁଧାପୂରେ ଥିବା ଏ ।
କୃଷ୍ଣ ବଜାୟ ରଜନୀ କରନ୍ତି ଏହା
କାମିନେତ୍ର-ଚକୋର ହୋଇଣ ଉତ୍ସାହା । ୧୨ ।
କାହା ନେତ୍ର ଜଳା କବାଟିରେ ଚଞ୍ଚଳ
କରନ୍ତି ବଣା କରାଏ ଶୋଭା ଅଞ୍ଚଳ ।

Digitized by srujanika@gmail.com

କବିବଦନେ ଯାହାର ଉଗତ ଥିଲ
କୁତୂହଳ କରି ସେ ଏମନ୍ତ ବୋଇଲ ।
କାମ କଉତୁକୀ ବେନି ଖଞ୍ଜିନ ନେଇ
କରନ୍ତୁ କି ବନ୍ଦୀ ପଞ୍ଜରେ ପୂରାଇ । ୧୩ ।
କେତେହେଁ କହିବ ଏହି ପ୍ରକାରେ ଯେତେ
କେତେ ରୂପେ ଦେଖୁଛନ୍ତି ଯେ ଯାହା ମତେ ।
କେ ବୋଲେ ଧନ୍ୟ ଏ କଳା ଧଳା ମୂରତି
କରି ମନ୍ଦଗତି ମଣ୍ଡୁ ଅଛନ୍ତି କ୍ଷିତି ।
କୋଟି ବ୍ରହ୍ମାଣ୍ଡେ ଉପମା ଏହାଙ୍କ ନାହିଁ
କେ ହର୍ଷ ବୋଲେ ଏହାଙ୍କ ପରାୟେ ଏହି । ୧୪ ।
କହିଁ ଇନ୍ଦ୍ର ରୁଦ୍ର ଚନ୍ଦ୍ର ଏହାଙ୍କୁ ସରି
କେତେ ଲୋଚନ କଲଙ୍କ ଉଷ୍ମରୁ କରି ।
କଳ୍ପତରୁ ଚିନ୍ତାମଣି କାଷ୍ଠ ପାଷାଣ
କୁସୁମ ମାର୍ଗଣ ଦହନରୁ ଦୂଷଣ ।
କବି ଭ୍ରମ ହୋଇ ଯାହା କରନ୍ତି ଲକ୍ଷ
କଲେ ଅଜ୍ଞ ପୋଏ ତାଙ୍କ ବଚନ ମିଛ । ୧୫ ।
କହୁ ବସିଲେ ନଖରୁ ମୁଖ ସରିକି
କେ କେତେ ନିନ୍ଦା ପାଇବେ ଜାଣି ପାରିକି ।
କାମିନୀମାନଙ୍କ ମନୁ ଲାଜ ଛଡ଼ାଇ
କରାଇଛନ୍ତି ଉଭା ଯାହା ଶୋଭା ବଢ଼ାଇ ।
କଟାକ୍ଷରୁ ଜନମିଛନ୍ତି କୋଟି ଅନଙ୍ଗ
କହିଁ ସତୀ ପତିବ୍ରତ ନୋହିବ ଭଙ୍ଗ । ୧୬ ।
କି ତପସ୍ୟା କରିଥିଲେ ଗୋପଯୁବତୀ
କରୁଥିଲେ ଦରଶନ ଏରୂପ ନିତି ।
କାଖେ କୋଳେ କରି ନେଲେ ବାଳକ ଭାବ
କିଶୋର ବେଳେ ବିଚ୍ଛେଦ କଲି ଦଇବ ।
କେମନ୍ତ କରି ସେମାନେ ଧରିବେ ଧୃତି
କୋଟି ଯୁଗ ସମ ହେବ ଆଜର ରାତି । ୧୭ ।
କାମକାଣ୍ଡେ ଜରଜର ହୋଇବ ଛାତି
କଉତୁକ କଥାମାନ ହେବ ଅରାତି ।

Digitized by srujanika@gmail.com

କର୍ପୂର ଚନ୍ଦନ ବିଷସମ ମଣିବେ
କୋକିଳବଚନ ବଜ୍ରଘାତ ଗଣିବେ ।
କମଳ ନୟନ ବିଚ୍ଛେଦକୁ ଏ ଚେତେ
କଷ୍ଟାକ୍ଷେ ଅମ୍ଭ ହୃଦୟ ହେଲାଣି ନେତେ । ୧୮ ।
କହୁଁ କହୁଁ ଏହା ମଧୁପୁର ତରୁଣୀ
କରନ୍ତି ଗମନ ପ୍ରଭୁ ମୁରଳୀପାଣି ।
କମ୍ବୁଘୋଷ ଶୁଣି ରଜକକୁ ଅନାଇଁ
କହିଲେ ଅମ୍ବର କିଛି ଦେବୁ କି ଭାଇ ।
କଲେ ଏତେକ ତୋ ହାର ଆମ୍ଭର ନେଇ
କଂସରାଜ ରଙ୍ଗସଭା ଦେଖିବୁ ଯାଇଁ । ୧୯ ।
କହଇ ରଜକ ଜାତ ଗଉଡ଼ ହେଲ
କହ ଏତେ ଅସାଠବ ଦେଶେ ବଢ଼ିଲ ।
କଂସ ରାଜା ଅମ୍ବରକୁ କରିଛି ମନ
କରେ ମେଲିଅଛ ଅରଜିଲ କି ଧନ ।
କର ଯେଉଁ ରୂପ ତକା ଗୋପନଗରେ
କରୁଅଛ ତାହା ଏବେ ମଥୁରାପୁରେ । ୨୦ ।
କଣ୍ଠୀରବ ପୁରେ ଏବେ କୁରଙ୍ଗ ନାଠ
କାହା ବଳ ପାଇ ଏଡ଼େ କରିଛ ଆଣ୍ଠ ।
କହୁଛି ଏବେହେଁ ବେଳାବେଳି ଲେଉଠ
କାଳଦେବତା ସଙ୍ଗରେ ହେବଟି ଭେଟ ।
କାଳଯାକ ଦୁଧ ଦହି ଖାଅ ଛଡ଼ାଇ
କଠକେ କରିଛ ଅସି ସେହି ବଡ଼ାଇ । ୨୧ ।
କେଶବ ବୋଇଲେ ଆମ୍ଭେ ରାଜା ଭଣଜା
କରୁଅଛୁ ଆମ୍ଭ ଆଗେ ଏଡ଼େ ଡରଜା ।
କୋପେ ଗୃପୋଡ଼େ ମାଇଲେ ଛାଡ଼ିଲା ପ୍ରାଣ
କଳୁଷ ପକାଇ ପାଇଲେ ନିର୍ବାଣ ।
କୃପାନିଧି କୋପ କୃପା ଏକ ପ୍ରକାରେ
କରୁଥାଇ ଅନୁମାନ ସୁକୃତ ଦ୍ୱାରେ । ୨୨ ।
କେ କହିତ ହୋଇ ବୋଲେ କି କଲେ ଯୋଏ
କରେ ମୁଣ୍ଡ କାଟିଲେ ତ ଦେଖୁଁ ଦେଖୁଁ ଏ ।

Digitized by srujanika@gmail.com

କେ ବୋଲେ ଶୁଣି ନାହଁ କି ଏହାଙ୍କ ଗୁଣ
କବଳ କଲେ ସେ ପୂତନାର ପ୍ରାଣ ।
କଣ୍ଠ ଚିପି ତୃଣାବର୍ତ୍ତ କଲେ ବିନାଶ
କୁମାର ବୟସ କାଳୁଁ ଏଡ଼େ ସାହସ । ୨୩ ।
କଗୃଡ଼ୁ ବତ୍ସାସୁରକୁ ମାଇଲେ ବୃକ୍ଷେ
କାଳୀଶିରେ ତାଣ୍ଡବ ତ କଲେ ପ୍ରତକ୍ଷେ ।
କେଶି ତୁଣ୍ଡେ କର ଦେଇ ମନ୍ଥିଲେ ପିଣ୍ଡ
କପଟୀ ଅଘାସୁରର ଫୋଡ଼ିଲେ ମୁଣ୍ଡ ।
କରେ ଏକ ଧଇଲେ ସେ ଗୋମନ୍ତଗିରି
କୁଳିଶଧର କର୍ମରେ ଗଲାଟି ହାରି । ୨୪ ।
କାନନ-ଦହନ ପାନ କଲେ କି କରି
କୁବେରପୁଅଙ୍କୁ ଦେଲେ ଶାପୁଁ ଉଦ୍ଧାରି ।
କୃପାରେ ଅନ୍ଧକୁ ଦେଲେ ଲୋଚନ ଦାନ
କେ କହିବ ଏହାଙ୍କର ଚରିତମାନ ।
କେହି ନାହିଁ ସଂସାରରେ ବିବେକୀ ସଖି
କଅଁଳାପୁଅ କହି କି ଏହାଙ୍କୁ ଲେଖି । ୨୫ ।
କରଣି ଯାହାର ଏ ରୀତିରେ ଏମନ୍ତ
କରୁଛନ୍ତି ନୃପ ତାଙ୍କୁ କପଟେ ଅନ୍ତ ।
କହୁ ନାହାନ୍ତି ଉତ୍ତମ ଲୋକ ଏତେକ
କହିଲେ କି ହେବ ଯହିଁ ନାହିଁ ବିବେକ ।
କାଳ ଘୋଟିଲେ ପ୍ରାଣିକି ନ ଦିଶେ ବୁଦ୍ଧି ।
କରିଅଛି ବିହି ଏହା ପୂର୍ବରୁ ସିଦ୍ଧି । ୨୬ ।
କାଟିଲେ ରଜକ ବିନାଶି ବସନ ଚୁର
କୃଷ୍ଣ ରାମ ନେଲେ ପୀତ ନୀଳ ଅମ୍ବର ।
କଂସ ଗନ୍ତାଇତ ଦେଖି ସୁଖୀ ହୋଇଲା
କମନୀୟ କରି ବସ୍ତ୍ର ପିନ୍ଧାଇ ଦେଲା ।
କଲେ ଆନନ୍ଦେ ବିଜୟ ତ୍ରୈଲୋକ୍ୟଶୋଭା
କଲା ନେଇ ମାଳାକାର କୁସୁମ ଗଭା । ୨୭ ।
କେଶବେଶ କରି ରାମ ଗୋବିନ୍ଦ ଗଲେ
କୁବୁଜା ନାରୀ ଆସୁଅଛି ଦେଖିଲେ ।

Digitized by srujanika@gmail.com

କାଟେଣି ଗନ୍ଧପେଡ଼ି କୁଜ ଚରମଦେଶେ
କମଳନୟନ ପଚାରିଲେ ହରଷେ ।
କହ କହ କୁବୁଜା ତୁ କାହା ଭାରିଯା
କାହିଁକି ଘେନିଯାଉ ନାଗରୀନାରୀଙ୍କ ପୂଜା । ୨୮ ।
କହଇ କୁବୁଜା ରାଜା କଂସ ପାଇଁ ମୁହିଁ
କର୍ପୂର ଚନ୍ଦନ ଦେଇ ନିତ ସେବଇ ।
କୁଜକଳଙ୍କରୁ କରି ହେଲି ଅଶୋଭା
କେହୁ ଏହୁ ସେବନକରି ନୋହୁଲେ ବିଭା ।
କୃତାର୍ଥ ହୋଇଲି ଆଜ ତୁମ୍ଭଙ୍କୁ ଦେଖି
କେହୁ ନାହୁ ଆଉ ମୋହ ପରିଯେ ଦୁଖୀ । ୨୯ ।
କେବଳ ଏତେ ଶରଧା ହେଉଛି ମନେ
କଲା ଶ୍ରୀମୁଖ ମଣ୍ଡିବ ଚନ୍ଦ୍ରଚନ୍ଦନେ ।
କୃଷ୍ଣ ବୋଇଲେ କୁବୁଜା ତୋହର ଇଚ୍ଛା
କରଅଛି ଏହୁ ସେବନ ଦେହକୁ ତୁଚ୍ଛା ।
କହିବାର ସ୍ନେହବାଣୀ ବରଜରାଜ
କୁବୁଜା ଅଙ୍ଗରେ ପୀଡ଼ା କଲା ମନୋଜ । ୩୦ ।
କାଖରୁ ସୁଗନ୍ଧପେଡ଼ି ବାହାର କରି
କେ ବଡ଼ କେ ସାନ ହୃଦୟରେ ବିଚାରି ।
କାମପାଳ ଭାଲେ ଗନ୍ଧ ତିଳକ ଦେଲା
କାମକର କୃପାଣ କି ଚନ୍ଦ୍ର ପାଇଲା ।
କେଶବ କପାଳେ ଦେଲା ଚନ୍ଦନଟୋପା ।
କଳାମେଘୁଁ ବାହାର କି ଚନ୍ଦ୍ରଦେବତା । ୩୧ ।
କର୍ପୂର ଚନ୍ଦନ ଗନ୍ଧ କୁଙ୍କୁମ ଗୋଳି
କୃଷ୍ଣ ବାମ ଶ୍ରୀଅଙ୍ଗରେ ସ୍ପର୍ଶିରେ ବୋଳି ।
କୃପାସିନ୍ଧୁ ଦୀନବନ୍ଧୁ ହୋଇ ଫୁରୁଣା
କୁବୁଜା ଭକତି ଦେଖି କଲେ କରୁଣା ।
କମଳଚରଣ ତାର ଚରଣେ ଦେଲେ
କର ଚିବୁକରେ ଦେଇ ଟେକିଲେ କରେ । ୩୨ ।
କାହୁଁ ଗଲା କୁଜ ଲୋକେ ଦେଖି ଚକିତ
କରିଥିଲା କଉଁ କାଳେ କେତେ ସୁକୃତ ।

Digitized by srujanika@gmail.com

କାମିନୀକୁଳମଣ୍ଡନୀ କୁବୁଜା ହେଲା
କରେ ପୀତାମ୍ବର-ପୀତାମ୍ବର ଧଇଲା ।
କହିଲା ମୋ ପୁରକୁ ବିଜୟ କରିବ
କାମ ପୂର୍ଣ୍ଣ କରି ଭବକଷ୍ଟୁ ତାରିବ । ୩୩ ।
କମଳ ନୟନ ମନ୍ଦେ ହସିଲ ହୋଇ
କହିଲେ ଯିବୁ ରାଜାଙ୍କ ଭେଟ ବଢ଼ାଇ ।
କୁବୁଜାକୁ ବୋଧକରି ବିଦାୟ କଲେ
କାର୍ମୁକ ମନ୍ଦରେ ଯାଇଁ ପ୍ରବେଶ ହେଲେ ।
କରି ଅବଲୋକନ ଧନୁକୁ ବୋଇଲେ
କେତେ ବଳ ଅଛି ବୋଲି କରେ ଧଇଲେ । ୩୪ ।
କରକରେ ଇକ୍ଷୁଦଣ୍ଡ ପଡ଼ିଲା ପ୍ରାୟେ
କଣ୍ଠିତେ ଭାଙ୍ଗିଲେ କରେ ଓଟାରିବାଏ ।
କରି ଶୁଭକାର୍ଯ୍ୟ ବିଜେ ବରଜ-ବାଟ
କଲେ ଆନନ୍ଦେ ଗୋପାଳେ ଗଉଡ଼ ନାଟ ।
କେ ବେଣୁ ଶୃଙ୍ଗ କେ ମୁଖେ ବଂଶୀ ବଜାଏ
କେ ଖେମଟା ବନ୍ଧେ ଗୀତ ସୁସ୍ୱରେ ଗାଏ । ୩୫ ।
କୃତ୍ରିମ ବନରେ ଯାଇ ପ୍ରବେଶ ହେଲେ
କରି ଶୀତଳ ମଣୋହି ସୁଖେ ଶୋଇଲେ ।
କୁକ୍କୁଟେ ଡାକିଲେ ରାତି ହେଲା ପାହାନ୍ତି
କାତରେ ଜାରପୁରୁଷମାନେ ପଳାନ୍ତି ।
କୁଙ୍କୁମ ବର୍ଣ୍ଣ ଦିଶିଲା ବାସବ ଦିଗ
କରିବାକୁ ସ୍ନାନ ବିପ୍ରେ ହେଲେ ଉଦ୍‌ବେଗ । ୩୬ ।
କାକ କୋକିଳ ପତଙ୍ଗମାନଙ୍କ ଡାକ
କହୁଁ କହୁଁ ପ୍ରବଳ ହୋଇଲା ଅନେକ ।
କମ୍ବୁ ଶବଦ ଶୁଭିଲା ଦେବଙ୍କ ପୁରେ
କହେ କେ ଜାରକୁ ଯିବା ପାଇଁ ସତ୍ୱରେ ।
କଇରବେ ଶୋଇଲେ କମଳେ ହସିଲେ
କୋକମିଥୁନ ବିଯୋଗ ଦୁଃଖ ନାଶିଲେ । ୩୭ ।
କଣ୍ଟୁଆଳ ତସ୍କର ପ୍ରଭା ନିଜ୍ଜନ
କଳାକର ପ୍ରିୟରେ ହେଲେ ମଜ୍ଜନ ।

Digitized by srujanika@gmail.com

କବାଟ ଉଲଗି ହେଲ ନୀଳାଦ୍ରିପୁରେ
କୃପାସିନ୍ଧୁ ଅପହ୍ନୁତ ହେଲେ ସତ୍ୱରେ ।
କରି ନିତ୍ୟ କୃତ୍ୟ ଶେଷ ଗୋପୀବଲ୍ଲଭ
କଉତୁକେ ସାଜିଲେ ଗୋପାଳବଲ୍ଲଭ । ୩୮ ।
କର ଦେଇ ଘୁଞ୍ଚିଲ ସୁଦାମ ସ୍କନ୍ଧରେ
କ୍ରୀଡନ୍ତି ଉପବନରେ ନାନା ରଙ୍ଗରେ ।
କେ ବୋଲେ ଆସ୍ଵାମ ସ୍ୱାମ ଝସିନ୍ୟ ପସାଏ
କାଞ୍ଚନ ତାଳମ୍ବୁ ସୁକ୍ଷେତ୍ରାଦ ଥିବାଏ ।
କେତେ ରୂପେ କେତେ ପନ୍ତି ଅନ୍ତନ୍ତି ଦେଖି
କାହାର ଆହାଦ ନାହିଁ ପ୍ରସନ୍ନମୁଖୀ । ୩୯ ।
କହି ଏମନ୍ତ ବାହାର ହେଲେ ସମସ୍ତେ
କାହା କରେ ବେଣୁ ଶିଙ୍ଗା କାହାର ହସ୍ତେ ।
କଳାନିଧିଙ୍କି ନକ୍ଷତ୍ର ବେଢ଼ିଲା ପ୍ରାୟେ
କେ ଆଗେ କେ ପଛେ ମଧ୍ୟେ କୃଷ୍ଣ ବିଜୟେ ।
କେତେକେ ଛନ୍ଦେକେ ଗତିମାନ କରନ୍ତି
କୃଷ୍ଣଦାସ ମନ ଅଳପକେ ହରନ୍ତି । ୪୦ ।

ଅଷ୍ଟବିଂଶ ଛାନ୍ଦ

ରାଗ—କଳହଂସ କେଦାର

କୃଷ୍ଣ ବିଜୟ ମଥୁରା ଦାଣ୍ଡେ । କାନ୍ତି କୋଟିକାମ ଛବି ଖଣ୍ଡେ ।
ମେଘେ ଇନ୍ଦ୍ର କୋଦଣ୍ଡ ପରାୟେ କଳାପି କଳାପ ମୁଣ୍ଡେ । ହେ ଜନେ ।୧।
କପାଳରେ ଗୋରୋଚନା ଚିତା । କରେ ଊର୍ଦ୍ଧ୍ୱରେଖା ହୀତଚେତା ।
କହିଁ ପତିବ୍ରତା ରଖି ବିବେକତା ନୋହିବ ମଦନେ ମତ୍ତା ହେ । ୨ ।
କାବ୍ୟତାର ମୋତିବର ନାସେ । କବି ଉପମାକୁ ଏହି ଆସେ ।
କଳାକର କୋଳେ ମହାସୁଖଭୋଳେ ରୋହିଣୀ ରାମା କି ବସେ ହେ । ୩ ।
କର୍ଣ୍ଣେ ମଣି ମକର କୁଣ୍ଡଳ । କରେ ନିନ୍ଦଇ ରବିମଣ୍ଡଳ ।
କଲେ ଅବଲୋକ ବଳେ ହେବେ ଲୋକ ସୁରମୁନି ଆଖଣ୍ଡଳ ହେ । ୪ ।
କଣ୍ଠେ କଳିତ ନକ୍ଷତ୍ରମାଳ । କଉସ୍ତୁଭ ଶୋଭେ ବକ୍ଷସ୍ଥଳ ।
କିବା ନୀଳମଣି ସ୍ଥଳେ ଚିନ୍ତାମଣି ରମଣୀଙ୍କ ସଙ୍ଗେ ମେଳ ହେ । ୫ ।

Digitized by srujanika@gmail.com

କରେ କଙ୍କଣ ବାହେ ବାହୁଟି । କାଞ୍ଚୀମାଳା ମଧ୍ୟେ ଅଛି ଘଟି ।
କନକନାଭ ପତନୀ ପାଗ ଲମ୍ଭି ମଣ୍ଡାରେ ଯାଉଛି ଲୋଟି ହେ । ୬ ।
କଟାକ୍ଷରେ କରି ସୁଧା ବୃଷ୍ଟି । କରୁଅଛନ୍ତି କୃତାର୍ଥ ସୃଷ୍ଟି ।
କି ସୁଖ ସଂସାର ଅବତାର କର ଅଭିନବ ପରମେଷ୍ଠୀ ହେ । ୭ ।
କାମ ସବ୍ୟସାଚି ଶିକ୍ଷାଗୁରୁ । କରିଥିଲା ସେ ନେତ୍ର ପୁର୍ବରୁ ।
କରି ଅନୁମାନ ଏଥୁଁ ନୋହେ ଆନ ବାମ ଦକ୍ଷିଣେ ଗଢରୁ ହେ । ୮ ।
କିବା ସ୍ତମ୍ଭନ ମୋହନ ବଶ । କରିଛନ୍ତି ଏ ନେତ୍ରେ ନିବାସ ।
କାମ ଜୟପାଶ କଟାକ୍ଷ ପ୍ରକାଶ ମୋହ କରିବ ମହେଶ ହେ । ୯ ।
କେହୁଁ କହୁଁ ଏହା ନର ନାରୀ । କଂସ ସିଂହଦ୍ୱାରେ ବିଜେ କରି ।
କୁବଳୟ କରିବର ଦେଖି କରି ଗହିଲେ ଆଗେ ଉଭାର ହେ । ୧୦ ।
କୋମଳରେ କହିଲେ ହେ ଯନ୍ତ୍ରା । କୁବଳୟ ବଡ଼ ବଳବନ୍ତା ।
କଟେଲ ଆଉ ଥରେ ପଶନ୍ତୁ ଭିତରେ ତୋ ଉପକାର ଦଶନ୍ତା ହେ । ୧୧ ।
କହେ କର୍କଶ କରି ମାହୁନ୍ତ । କୁହାଉ ଯେ ଥାଅ ବଳବନ୍ତ ।
କେଶୀ, ଅଘା, ବକା ନାଶକଲ ଏକା ଏବେ ତ କହ ଏମନ୍ତ ହେ କୃଷ୍ଣ ।୧୨।
କୃଷ୍ଣ କହିଲେ ହସ୍ତିପାଳକ । କଥା କହୁ ତ କରିଗ୍ରାଳକ ।
କାଳପାକ ଦେଶେ ରହିଲୁ ବିଦେଶେ ଭୟାଳୁ ବ୍ରଜବାଳକୁ ।'ହେ ଯନ୍ତ୍ରା ।।
କରିବର କନ୍ଧେ ଅଛୁ ଚଢ଼ି । କହୁଅଛୁ ଏହି ଘେନି ବଢ଼ି ।
କର ଅବଲମ୍ବ କରିବାକୁ ଲମ୍ବ ହେଲେ ଉଡ଼ନ୍ତାନି ଦାଢ଼ି । ହେ ଯନ୍ତ୍ରା ।୧୪।
କର୍ଣ୍ଣେ ଯହୁଁ ଏମନ୍ତ ଶୁଣିଲା । କୋପଭରେ ମାହୁନ୍ତ କମ୍ପିଲା ।
କରାଳବଦନ ମ୍ଭଲଇ ନୟନ ଗଜ ଆଗଭର କଲା । ୧୫ ।
କ୍ରୋଧେ ମାଇଲା ମାତଙ୍ଗ ଦନ୍ତ । କଲେ ବିରସ ଗତି ଅନନ୍ତ ।
କୁଣ୍ଡଳୀ ପ୍ରବଳ ଘାତେରେ ନକୁଳ ବଞ୍ଚାଇ ରହେ ଯେମନ୍ତ । ୧୬ ।
କଣ୍ଠୀରବ ପ୍ରାୟେ ଗତି କରି । କରେ ଗୁପେଡ଼େ ମାଇଲେ ହରି ।
କରିବର ଲଞ୍ଜ ଧରି ଦେବରାଜ ପଛକୁ ନେଲେ ଓଟାରି । ୧୭ ।
କି କହିବା ସେ ସମୟ ଶୋଭା । କଟେର ଜନମନ ଅତି ଲୋଭା ।
କଶ୍ୟପତନୟ ମଧ୍ୟା ବିଳେଶୟ ଧଇଲେ ଯେମନ୍ତ ପ୍ରଭା । ୧୮ ।
କୁମ୍ଭୀରାର ରଙ୍କ ପ୍ରାୟେ ହୋଇ । କଣ୍ଠୀରବ-ବଇରୀ ବୁଲଇ ।
କୁମାର କରେ ବନ୍ଧା ହୋଇ ସୂତରେ ଗୁଞ୍ଜରି ଯେସନ୍ତେ ଭ୍ରମଇ । ୧୯ ।
କେଟେଲ ସମର ନାନା ପ୍ରକାରେ । ଦେଖୁଥିଲେ ଦେଖନ୍ତି ଅମରେ ।
କରିଣ ଅଦ୍ଭୁତ ବିରହ ସଞ୍ଜାତ ହୋଇଛନ୍ତି ଚିରନ୍ତରେ । ୨୦ ।

Digitized by srujanika@gmail.com

କେଶ ହସ୍ତ ବେଗେ ଦେଲେ ଘୁଞ୍ଚ । କ୍ରୋଧଭରେ ଦଶନ ଉପାଡ଼ ।
କୁଧରେ କୁଳିଶ ପ୍ରାୟେ ଶିରଦେଶ ଉପରେ ଶୀଘ୍ର କଚୁଡ଼ । ୨୧ ।
କରି ହତ କୁମ୍ଭୀ ହସ୍ତି ପକା । କଲେ ପ୍ରକାଶ ଜୟପତାକା ।
କରି ଅବଲୋକ ସ୍ୱର୍ଗ ମର୍ତ୍ତ୍ୟ ଲୋକମାନେ ହୋଇଲେ ଜାଠକା । ୨୨ ।

କରେ ଦଶନ ଧରି ଗୋବିନ୍ଦ । କଉତୁକେ ବଜେ ମନ୍ଦ ମନ୍ଦ ।
କୁସୁମ ବରଷି ଜୟ ଜୟ ଭାଷି ଆନନ୍ଦ ଅମରବୃନ୍ଦ । ୨୩ ।

କ୍ରମେ ରଙ୍ଗସଭାରେ ପ୍ରବେଶ କୋଟି କନ୍ଦର୍ପ ଲାବଣ୍ୟ ବେଶ ।
କୁଟିଳ ନିର୍ଦ୍ଦୟ ସରଳ ହୃଦୟ ମନ ଅନୁରୂପେ ଦୃଶ । ୨୪ ।
କାମି-କାମିନୀଙ୍କ କାମଦାତା । କଂସ ନୃପକୁ କାଳଦେବତା ।
କୁଳିଶ ପରାୟେ ମାଲଙ୍କ ହୃଦୟେ ପ୍ରକାଶନ୍ତି ଜଗନ୍ନିତା । ୨୫ ।

କେ ବୋଲଇ ଏଠାରେ ନ ଥିବା । କିଆଁ ବାଳକବଧ ଦେଖିବା ।
କାହାର ତ ଧର୍ମ ନାହିଁ ଏ ଅଧର୍ମ ସଭା ବେଗେ ଉପେକ୍ଷିବା । ୨୬ ।
କ୍ରୋଧ କରି ଜନକ ଜନନୀ । କଷ୍ଟ ଦଶା ତ ଅଛନ୍ତି ଘେନି ।
କରନ୍ତି ଚିନ୍ତା ନିଜ ଇଷ୍ଟ ଦେବତା ଆନନ କରି ଅବନୀ । ୨୭ ।

କହେ ମାଲ ବାହାସ୍ଫୋଟ ମାରି । କାହିଁ ଯିବ ଆଜ ହଲୀ, ହରି ।
କେଶରୀ ପରାୟେ କରିବରପ୍ରାୟେ ମାଇଲ ବଳିଆଁ କରି । ୨୮ ।
କର ଅମ୍ଭ ସଙ୍ଗତେ ସମର । କୃଷ୍ଣ ବୋଇଲେ ଆରେ ମୁଗ୍ଧର ।
କାଳଦେବତାକୁ ବାର୍ତ୍ତା କରିବାକୁ ତୋତେହେଁ କରିବା ଗୁର । ୨୯ ।
କହୁଁ କହୁଁ ଏମନ୍ତ ଗୁମ୍ଫର । କଲା କୃଷ୍ଣଙ୍କୁ ମୁଥ ପ୍ରହାର ।
କରି ତାହା ଶୂନ୍ୟ କଲେ ପ୍ରତିଦାନ ବ୍ରଜସିଂହ ବାରବର । ୩୦ ।

କାମପାଳ ମୁଷ୍ଟିକର ଯୁଦ୍ଧ । କଉତୁକେ ଦେଖନ୍ତି ବିବୁଧ ।
କୃପାଣ ତୋମର କିଛି ନାହିଁ, କର ମାତ୍ର କେବଳ ଆୟୁଧ । ୩୧ ।

କୃଷ୍ଣ କୃଷ୍ଣଅଗ୍ରଜ ସିଂହାଣି । କଲେ ବଚନ ମାଲବନ୍ଧାଣି ।
କଷ୍ଟନିବାରଣ ମାଲଙ୍କ ପରାଣି ଘେନିଲେ ଦେଇ ନିର୍ବାଣି । ୩୨ ।

କଂସ ନୃପତି ତାହା ଦେଖିଲା । କମ୍ପି କାତରେ କଣ୍ଠ ଶୁଖିଲା ।
କଳେବର ଘୁଞ୍ଚ ପ୍ରାଣ ଗଲା ଉଡ଼ି ଭବଭୟ ଉପେକ୍ଷିଲା । ୩୩ ।

କେଶ କେଶବ ଧଇଲେ ଯାଇଁ । କଚୁଡ଼ିଲେ ମହୀତଳେ ନେଇ ।
କୁମ୍ଭକାର କୀଟ ପ୍ରାୟେ ନନ୍ଦସୁତ ମାରଇ ସେହୁ ତାରଇ । ୩୪ ।

Digitized by srujanika@gmail.com

କୃପାସାଗର ସେ ଜଗତ୍କାନ୍ତ । କଲେ ଉଗ୍ରସେନେ ମହୀପତ ।
କହେ ଦୀନକୃଷ୍ଣ ଦାସ ସେ ଶ୍ରୀକୃଷ୍ଣ ଅଗତ ଲୋକର ଗତ ହେ । ୩୫ ।

ଊନବିଂଶ ଛାନ୍ଦ

ରାଗ—ଚନ୍ଦ୍ରାଦେଶାକ୍ଷ

କରି ଦେବତାଙ୍କ କାର୍ଯ୍ୟ କୃଷ୍ଣାନିଧି
କଇତବେ ମାଇଁକି କହିଲେ ପ୍ରବୋଧି । ୧ ।
କି କହିବ ମାଇଁ ମୋର କର୍ମ ଅଭାଗ୍ୟ ।
କରାଇଲା ନାହିଁ ମାମୁଁ ସଙ୍ଗତେ ଯୋଗ । ୨ ।
କରି ବଡ଼ ପ୍ରତିଆଶା ଅଇଲୁ ଧାଇଁ ।
କନ୍ଦୁଥିଲେ ମାମୁଁ ମୁଖ ଦେଖିବା ପାଇଁ । ୩ ।
କରିଥାଇ ମାମୁଁ ମୋତେ କେତେ ସ୍ନେହ ।
କରି ତା ଭାବନା ଦହି ହେଉଛି ଦେହ । ୪ ।
କାହାର କି ଗଲା ମାଇଁ ମୋହୋ ବାହାରେ ।
କର୍ମ ଅବଳକୁ ମୁଁ ନୋହିଲି କାହାରେ । ୫ ।
କାହିଁ ଥିଲା ଏକାଳି ଘେଉଡ଼କ ମାମୁକୁ ।
କି ହେଉଛି ଏବେଠାବେଲେ ସୁମର ବୁକୁ । ୬ ।
କରିଥିଲି ମନରେ ମୁଁ କି ମନୋରଥ ।
କୁଶକେତୁ ବଳେ ସବୁ ହେଲା ବ୍ୟର୍ଥ । ୭ ।
କି ଅପୂର୍ବ ଆଦର ସେ କରଇ ମୋତେ ।
କେତେ ରୂପେ କେତେ ଗୃହ ପେଷେ ଗୁପତେ । ୮ ।
କାଳଯାକ ଚିନ୍ତଇ ମୋ ଅପୂର୍ବ ଶୁଭ ।
କିଛି ନ ପାଇଲା ମୋହୋଠାରୁ ସେ ଲଭ । ୯ ।
କର୍ମରେ ତାହାର ନାହିଁ, ନାହିଁ ମୋ ଯଶ ।
କହି ଏମନ୍ତ ମାଇଁକି କଲେ ସନ୍ତୋଷ । ୧୦ ।
କପଟକୁଶଳ କୃଷ୍ଣ ସେଠାରୁ ଚଳି ।
କହାଇଲେ ଜନକ ଜନନୀ ଶାଙ୍କୁଳି । ୧୧ ।
କରାଇ ପରମାନନ୍ଦ ଆନନ୍ଦକନ୍ଦ ।
କହିଲେ ନନ୍ଦକୁ ବୋଧ କରି ଗୋବିନ୍ଦ । ୧୨ ।

Digitized by srujanika@gmail.com

କହିବ ଅମ୍ବାକୁ ମୋର ଦଣ୍ଡ ପ୍ରଣାମ ।
କରୁଥିବେ ଚିନ୍ତା ଏକା ମୋହୋର ନାମ । ୧୩ ।
କିଛି ଦିନ ରହି ପଛେ ହୋଇ ମୁଁ ଯିବି ।
କାଳଦମନଙ୍କୁ କାଳମୁଖରେ ଦେବି । ୧୪ ।
କୋଳ କରି ସୁବଳ ସୁଦାମ ସଖାଙ୍କୁ ।
କୋମଳେ କହିଲେ ତୁମ୍ଭେ ଯାଅ ଗୋପକୁ । ୧୫ ।
କରୁଥିବ ଯତ୍ନ ମୋର କଦମ୍ବମୂଳ ।
କ୍ରୀଡ଼ାକୁଞ୍ଜ ନିକେତନ ଯେତେକ ସ୍ଥଳ । ୧୬ ।
କମଳୀ ଧବଳୀ ହଂସୀ ବଂଶୀପ୍ରିୟାଙ୍କୁ ।
କରିବ ନାହିଁଟି ଅଯତନ ଏମାନଙ୍କୁ । ୧୭ ।
କ୍ରୋଧେ କଉଁ ସଖା ବୋଲେ ହେ ପଦ୍ମଡୋଳା ।
କାଟିଦେଲ ଏକାବେଳେ ସବୁରି ଗଳା । ୧୮ ।
କେଉଁ ବଳେ ପ୍ରାଣ ଅଛି ନ ଜାଣୁ ତାହା
କୁଶକେତୁ ହଠ ଅବା କରନ୍ତି ଏହା । ୧୯ ।
କେଶବ ବୋଇଲେ ଚିନ୍ତା କିଛି ନ କର
କେବେହେଁ ତୁମ୍ଭଙ୍କୁ ନ କରିବି ଅନ୍ତର । ୨୦ ।
କରି ରାଜଧାନୀ ଥୟି ଯିବି ଅବଶ୍ୟ ।
କୃଷ୍ଣ ବୋଲେ ବୋଧ ହେଲେ ବରଜବଂଶ । ୨୧ ।
କଷ୍ଟ କଷ୍ଟ ହୋଇ ଗୋପପୁରକୁ ଗଲେ
କଂସତମହଂସ ମଧୁପୁରେ ରହିଲେ । ୨୨ ।
କାମପାଳ ସଙ୍ଗତେ ରହିଲେ ତାଙ୍କର
କେତେଦିନ ଏମନ୍ତେ ହୋଇଲା ଅନ୍ତର । ୨୩ ।
କୁବୁଜା ଯେ ହୋଇଥିଲା ବାସକସଜ୍ଜା
କଲେ ତହିଁକ ବିଜୟ ରସିକରାଜା । ୨୪ ।
କର ପଇଠ ଉଦ୍ଧବ କରରେ ଦେଇ
କୁବୁଜା ପୁରେ ପ୍ରବେଶ ହୋଇଲେ ଯାଇଁ । ୨୫ ।
କୁବେର ଅଳକାପୁର ଶୋଭାକୁ ଜିଣି
କରନ୍ତି ମନ୍ଦିର ଅତିଶୟ ମଣ୍ଡଣି । ୨୬ ।
କମନୀୟ ଚନ୍ଦ୍ରାତପ ପାଟ ପତନୀ
କି ଶୋଭା ଦିଶନ୍ତି ଫୁଲ ଗୁମ୍ଫର ଦେନ । ୨୭ ।

Digitized by srujanika@gmail.com

କାନ୍ତମାନଙ୍କରେ ନାନା ଚିତ୍ରପ୍ରତିମା
କଥା ନ କହି ହସନ୍ତି ଯେମନ୍ତ ବାମା । ୨୮ ।
କର୍ପୂର ଚନ୍ଦନ ଛଟା ବିଜେ ବାଟରେ
କରନ୍ତି ପାଏଡ଼ା ସବୁ ରଙ୍ଗ ପାଟରେ । ୨୯ ।
କନକ ପାତ୍ରମାନଙ୍କେ ଅଗୁରୁ ଧୂପ
କେତେ କେତେ ଜଳୁଛନ୍ତି ସୁବର୍ଣ୍ଣଦୀପ । ୩୦ ।
କରିଦନ୍ତ-ପଲ୍ୟଙ୍କରେ ହଂସତୂଳୀ ତୂଳୀ
କଚ୍ଛପାମାନଙ୍କେ ମନୋହର ମୁରୁଳୀ । ୩୧ ।
କୁସୁମ ପାଖୁଡ଼ା ବିଞ୍ଚି ଖୋଲି ପକାଇ
କର୍ପୂର ତାମ୍ବୂଳ ରତ୍ନବଟାରେ ଥୋଇ । ୩୨ ।
କରରେ ସଜାଡ଼ି ଦ୍ରବ୍ୟ ଚତୁଃସମକୁ
କଉତୁକେ ଥୋଇଛନ୍ତି ପୂରାଇ ପ୍ରେମକୁ । ୩୩ ।
କୁଞ୍ଜବିହାରୀଙ୍କ ଅଙ୍ଗେ ବୋଳିବା ପାଇଁ
କୁଜ-କଳଙ୍କ ଯାଉଛି ଯାହା ଲଗାଇ । ୩୪ ।
କେଉଁ କାଳେ କି ତପସ୍ୟା କରି ସେ ଥିଲି
କୋଟି ବ୍ରହ୍ମାଣ୍ଡନାଥଙ୍କୁ ପୁରକୁ ନେଲି । ୩୫ ।
କମଳଦଳଲୋଚନ ପ୍ରବେଶ ମାତ୍ରେ
କଦମ୍ବ ପକ୍ଷେ ରୋମ ଦିଶିଲା ଗାତ୍ରେ । ୩୬ ।
କରି ଦଣ୍ଡପ୍ରଣାମ ସତ୍ବରେ ଉଠିଲି
କରଯୁଗ ଯୋଡ଼ି ବେଗେ ଶିରରେ ଦେଲି । ୩୭ ।
କଣ୍ଠଗଦ୍‌ଗଦରୁ ବାଣୀ ନ ପାରେ କହି
କଙ୍କଣ ବେନି ନୟନୁଁ ଯାଉଛି ବହି । ୩୮ ।
କଲିକରେ କଳିକର ମଣି ପରାୟେ
କଳେବର ଦ୍ରବି ଯାଇ ହେଲା ଅଥୟେ । ୩୯ ।
କୋଟି କାମ ମନୋରଥ ଯେଉଁ ମୂରତି
କେଉଁ କାମିନୀ ଦେଖିଲେ ଧରିବ ଧୃତି । ୪୦ ।
କଳାକର କରେ ଯେସନ୍ତେ ରଜନୀ ହଂସ
କୁବୁଜା ପୁରତେ କୃଷ୍ଣ ସେହି ସଦୃଶ । ୪୧ ।
କମଳ ହରଷ ଯେସନ୍ତେ ହଂସ ସମ୍ମୁଖେ
କୁବୁଜା ହୃଦୟେ ତେସନ୍ତେ ପରମ ସୁଖେ । ୪୨ ।

Digitized by srujanika@gmail.com

କମଳେ କମଳ ପଦ ଧଉତ କରି
କରାଇଲା ପଲ୍ୟଙ୍କରେ ବିଜୟ ହରି । ୪୩ ।
କୁଶକେତୁ ଯେଉଁ ପଦ ଧୋଇଲେ କରେ
କପର୍ଦ୍ଦୀ ଧଇଲେ ଯେଉଁ ଜଳ ଶିରରେ । ୪୪ ।
କରେ ଯେଉଁ ଜଳ ତିନି ଲୋକ ପବିତ୍ର
କୃତାର୍ଥ କଲା ସଗରପୁଅଙ୍କ ଗାତ୍ର । ୪୫ ।
କମଳ ନୟନ କୃଷ୍ଣ କରୁଣାବଳେ
କୁବୁଜା ସେ ପଦଜଳ ପାଇଲା ହେଳେ । ୪୬ ।
କୋମଳ ବୟସେ ପୋଷ୍ଟ ହୋଇଲା ଉଭା
କେ କହିବ କୁବୁଜାଙ୍କ ସେ କାଳ ଶୋଭା । ୪୭ ।
କଲା ମଦନମୋହନ ମନ ମୋହିତ
କେତେ ଜନ୍ମେ କରିଥିଲା କେତେ ସୁକୃତ । ୪୮ ।
କମଳନୟନ ମନ ଚଞ୍ଚଳ ଜାଣି
କହି କରି ଉଦ୍ଧବ ହୋଇଲା ମେଲାଣି । ୪୯ ।
କହୁଁ କହୁଁ ଜନମ ହୋଇଲା ଅନଙ୍ଗ
କୁବୁଜା ସଙ୍ଗରେ ରଙ୍ଗ କଲେ ଶ୍ରୀରଙ୍ଗ । ୫୦ ।
କଷ୍ଟ ଦିନ ତାହାର ପୁରରେ ରହିଲେ
କାମନା ସମ୍ପୂର୍ଣ୍ଣ କରି ବିଜୟ କଲେ । ୫୧ ।
କାମିନୀମାନଙ୍କର କଳପତରୁ
ମହିମାସାଗର ପ୍ରଭୁ ମହିମାମେରୁ । ୫୨ ।
କେତେବେଳେ ସୁମରନ୍ତି ଗୋପୀଙ୍କ ଭାବ
କୁଞ୍ଜକାନନରେ ଯେତେ ବିନୋଦ ଠାବ । ୫୩ ।
କାଳିନ୍ଦୀକୂଳ କଦମ୍ବତଳ ବିହାର
କେତେବେଳେ ହୃଦୟରୁ ନୋହେ ବାହାର । ୫୪ ।
କେତେବେଳେ ରାସକେଳି ମନରେ ପଡ଼ି
କୋଟିଏ ଗୁଣେ ସନ୍ତାପ ପଡ଼ଇ ମାଡ଼ି । ୫୫ ।
କୃମୁଦ୍ରନନ୍ଦନୀ ଭାବ କରଇ ଯାହା
କବି ହୋଇ କରି କହି ପାରିବ ତାହା । ୫୬ ।
କିଶୋର ବୟସ କାଳେ କାନ୍ତା ବିଚ୍ଛେଦ
କରାଏ ଯେମନ୍ତ କରି ମନକୁ ଖେଦ । ୫୭ ।

Digitized by srujanika@gmail.com

କୁସୁମକାଣ୍ଡ ଯେମନ୍ତ କର ହାଣଇ
କେ କହିବ ବଚନେ ତା ସେହି ଜାଣଇ । ୫୮ ।
କେବେହେଁ ଏ ଗୁଣବନ୍ତ ଲୋକଙ୍କୁ ନୋହୁ
କୃତାନ୍ତପାଶରେ ପଡ଼େ ଜୀବନ ପାଉ । ୫୯ ।
କହେ ଦୀନକୃଷ୍ଣ ଅହେ ରସିକରାୟେ
କୋଟିକେ ଗୋଟିଏ ନାହିଁ ତୁମ୍ଭ ପରାଏ । ୬୦ ।

ତ୍ରିଂଶ ଛାନ୍ଦ

ସ୍ୱର—ଭାଙ୍ଗି

କମଳନେତ୍ର କଂସକଣ୍ଠକେ ଥାଇ
କରନ୍ତ ଚିନ୍ତା କାନ୍ତାକଥା ଚିତ୍ତେଇ । ଅହା କୁନ୍ଦଦଶନା ।
କମନୀୟ ବନ୍ଧୁଳୀ-ବିମ୍ବ-ଦନ୍ତବସନା ।
କାମକାଣ୍ଡ-ଧାଡ଼ଘାତରେ ହୋଇ ବିମନା ।
କହିଁରୂପେ ବଞ୍ଚୁଥିବ ସେ ମୋ ସଙ୍ଗ ବିନା । ୧ ।
କି କଲି ବିହି ମୋତେ ତାକୁ କି କଲି
କପାଳେ ଏହି ଦଶା ଲେଖି ସେ ଥିଲି । ଅହା କନକଗୋରୀ ।
କରିବରଗମନୀ ମୋର ପ୍ରାଣ ଈଶ୍ୱରୀ ।
କଷ୍ଟ ଅନୁଭବ ଯେ କରି ନାହିଁ କିଶୋରୀ ।
କିପାଁ ଅଇଲି ତାକୁ ଛାଡ଼ି ବିଦେଶ କରି । ୨ ।
କାଳ କି ନ କରଇ କି ନୋହେ ଦେହ
କହିଁ ଦଇବ କରାଇଲି ବିରହ । ଅହା କୁଟିଳକେଶୀ ।
କରକମଳେ ଗଣ୍ଡ ଦେଇଥିବ ଯେ ବସି ।
କି ବଞ୍ଚିଥିବ ମୋହୋର ପ୍ରାଣପ୍ରେୟସୀ ।
କହ୍ନେ ଥିଲି କାମଅନଳେ ହେବାକୁ ଝାସି । ୩ ।
କରୁ ମୁଁ ଅଛୁ ଯେତେବେଳେ ଗମନ
କି ବିକଳ ହୋଇଲି ସେ ବରାଙ୍ଗନ । ଅହା କାନ୍ତାରତନ ।
କଲି ଲୋତକେ ସମ୍ପୂର୍ଣ୍ଣ ନେତ୍ର ଅଞ୍ଜନ ।
କର ଧରି ବୋଇଲି ଅହେ ବନ୍ଧୁ ଅଭିନ୍ନ ।
କି କହିବ ମୁଁ ତୁମ୍ଭେ କରୁଅଛଟି ଭିନ୍ନ । ୪ ।

Digitized by srujanika@gmail.com

କାହିଁ ପାଇଁ ରହନ୍ତୁ ପାପିଷ୍ଠ ପ୍ରାଣ
କଠିନ କ୍ରୁଦେ ଗୁଣି ସୁମୁଖୀଗୁଣ । ଅହା କୋମଳ ଅଙ୍ଗୀ ।
କୃଶଦଶାକୁ ପାଇଥିବ ରଙ୍ଗଅପାଙ୍ଗୀ ।
କାହିଁପାଇଁ ଥିବ ସେ ମନୋହର ଭ୍ରୂଭଙ୍ଗୀ ।
କାମବ୍ୟାଧ କରକୁ ହେଲା କ୍ରୀଡ଼ାକୁରଙ୍ଗୀ । ୫ ।
କଳାନିଧିକି ହସେ ଯେଉଁ ବଦନ
କରୁଥିବ ଲୋତକଜଳେ ମଜ୍ଜନ । ଅହା କୁଟିଳକେଶୀ ।
କେଉଁ ଗର୍ଭକ ବନ୍ଧୁ ନୋହୁଥିବ ସୁବେଶ ।
କେହ୍ନେ ପଡ଼ିଥିବ ତାହାର ଚରମଦେଶ ।
କାହିଁପାଇଁ ତହିଁରେ ଥିବ କୁସୁମବାସ । ୬ ।
କମ୍ପ ଯେ ଥିବ କେତେବେଳେ ତା ଅଙ୍ଗ
କେତେବେଳେ ରୋମାଞ୍ଚ ବଚନଭଙ୍ଗ । କେତେବେଳେ ରୋଦନ ।
କେତେବେଳେ ଝାଳରେ ହୋଉଥିବ କର୍ଦ୍ଦନ ।
କେତେବେଳେ ନ ରୁଚୁଥିବ ନିଜ ସଦନ ।
କଥା ଗୋଟିକେ ନାଶ କଲି ଗୁଣବଦନ । ୭ ।
କରନ୍ତା ନାହିଁ ଯେବେ ଦୂହିଙ୍କି ଭିନ୍ନ
କାହିଁକି ପ୍ରାଣବନ୍ଧୁ ହୁଅନ୍ତା ହୀନ । କିଁପା କାମ ହସନ୍ତା ।
କୋଦଣ୍ଡରେ କାହିଁକି ଫୁଲଶର ବସନ୍ତା ।
କଳକଣ୍ଠକଣ୍ଠୀ ଅଙ୍ଗକୁ କମ୍ପା ପେଷନ୍ତା ।
କଷ୍ଟସାଗରେ ଶଶିମୁଖୀ କିପାଁ ଭସନ୍ତା । ୮ ।
କର୍ପୂର ଚନ୍ଦନହିଁ ନୁହନ୍ତା ବିଷ
କୋକିଳରବ ଅବା କରନ୍ତା କିସ ? କି କରନ୍ତା ଚନ୍ଦ୍ରମା ।
କୋଳଗତେ ଥାଆନ୍ତା ଯେବେ ମୋ ପ୍ରିୟତମା ।
କାହା ଯ୍ଠର ଦେଖନ୍ତା ଅବା କଉଁ ଗାରିମା ।
କରିଛନ୍ତି ସବୁଟି ଏହା ବଚନକର୍ମ୍ମା । ୯ ।
କଳାନିଧାନୀ ନାନା ସୁବେଶ ହୋଇ
କଉତୁକରେ ଯେତେବେଳେ ଆସଇ । କାମ ଥାଇ ଗୋଡ଼ାଇ ।
କୀଶାଲୋକ ପରିଏ ଅନୁଗତକୁ ଯାଇ ।
କାନ୍ତାନୂପୁରନାଦେ ପହଣ୍ଡକୁ ମଣାଇ ।
କାହାରି ତ ନ ଥାଇ ସେ କାଳରେ ବଡ଼ାଇ । ୧୦ ।

Digitized by srujanika@gmail.com

କୁଟିଳକୁନ୍ତଳରେ ଲୋଟଣୀ ଜୁଡ଼ା
କରଇ ସବୁରୂପେ ଧଇର୍ଯ୍ୟବୁଡ଼ା । ଅହା କାମଦାୟିନୀ ।
କଲ କଉଁ ଦାଇବ ମୋର ସେ ସୁଖ ହାନି ।
କାମଦେବ କେବଳ ହେଲା ବଇରୀମାନୀ ।
କଷ୍ଟ ଦେଇ ଯାଉଛି ଏବେ ଜୀବନ ଘେନି । ୧୧ ।
କୁଟୁବକ କୁସୁମ ଗନ୍ଧରେ କରି,
କି ଶୋଭା ଦିଶୁଥାଇ କେଉଁକାଗୋଟି । ଅହା କମଳମୁଖୀ ।
କେତେ ପ୍ରକାରେ ନ କରଇ ମନକୁ ସୁଖୀ ।
କେଉଁ ଅଭାଗ୍ୟରୁ ଅଇଲ ତାକୁ ଉପେକ୍ଷି ।
କାମହସ୍ତରେ ପଡ଼ି ଏବେ ହେଉଛି ଦୁଃଖୀ । ୧୨ ।
କରି ଯେ ଥାଇ ଊର୍ଦ୍ଧ୍ୱେ ଗନ୍ଧତିଳକ,
କଲେ ଦର୍ଶନ ନ ରହଇ ବିବେକ । ଅହା କୁରଙ୍ଗନେତ୍ରୀ ।
କୃଶଉଦରୀ ମୋର କାମକଳାପଗୋତ୍ରୀ ।
କୃପାନିଧି ମୋହର ସେ ପରମପବିତ୍ରୀ ।
କ୍ଳେଶ ପାଇଲା ମୋହୋ ଲାଗି କୋମଳଗାତ୍ରୀ । ୧୩ ।
କେତେ ଜାଣଇ ହାବ ଭାବ ଚାତୁରୀ,
କଟାକ୍ଷେ ଚାହୁଁଥାଇ କେମନ୍ତ କରି । ଅହା କେଳିଲାଳସୀ ।
କାମଶର ଅଶେ ମୋହର ପାଶରେ ବସି ।
କହେ ବଙ୍କ ବଚନ ମନ୍ଦମଧୁର-ହାସୀ
କଉତୁକ ଉପରେ ସ୍ନେହ ସୁଧା ବରଷି । ୧୪ ।
କୃତାର୍ଥ ହେଲା ପ୍ରାୟେ ହୋଏ ମୋ ମନ ।
କୋଳେ ଧରି ଚୁମ୍ବଇ ଚନ୍ଦ୍ରବଦନ । ଅହା କ୍ରୀଡ଼ାକୁଶଳା
କ୍ରୀଡ଼ା କଲେ ବ୍ରୀଡ଼ା ନ ରଖି କରଇ ଲୀଳା ।
କରଚୁହ ଲାଗନ୍ତେ କମ୍ପି ହୁଅଇ ଭୋଳା ।
କୁଚମିତ କରି ଖେଳାଇ କି କରି ତୋଳା । ୧୫ ।
କୁଚମର୍ଦ୍ଦନ ଦନ୍ତଘାତକୁ ପାଇ,
କେଶରୀମଧ୍ୟା ମାଲ ପରାଜୟ ହୋଇ । ରସ ଚ୍ଛେ କରେ ଆଶ୍ଳେଷ ।
କେତେବେଳେ ପ୍ରକାଶେ ବୀର କରୁଣ ରସ ।
କେତେବେଳେ କର୍ଣ୍ଣଜପରେ ହୋଏ ପ୍ରବେଶ ।
କପୋତକୁ ଜିଣି କରଇ ହୁଁ କାର ଘୋଷ । ୧୬ ।

Digitized by srujanika@gmail.com

କେତେବେଳେ ସୁରତ ସମ୍ପତ୍ତି ପାଇ,
କେତେ ପ୍ରକାରେ ଚୁମ୍ବଦାନ ଦିଅଇ । କେତେବେଳେ ଟେକିଦଇ ।
କେତେବେଳେ କଟିଦେଶରେ ଜାନୁ ଛନ୍ଦଇ ।
କେତେବେଳେ କଷ୍ଟରମଣୀ ପରିଏ ହୋଇ ।
କରପଦ୍ମ ନେଇ ମୋହୋର ଅଙ୍ଗେ ମାରଇ । ୧୭ ।
କେତେବେଳେ କୃଷିକ ପରିଯ୍ୟେ ହୋଇ,
କରଜ-ସୀରେ ତନୁ ଭୂମି ଚିରଇ । କେତେବେଳେ କମ୍ପଇ ।
କେତେବେଳରେ ସୀତ୍କାରରେ କରଇ ନାହିଁ ।
କେତେବେଳେ ସାହୁ ଖାତକ ପରିଯ୍ୟେ ହୋଇ ।
ଦିଲେ ଚୁମ୍ବେ ସେ ଦୁଇଗୁଣ କରି ଦିଅଇ । ୧୮ ।
କରଇ ଏହିରୂପେ ଯେତେ ସେ ଭାବ,
କହିଲେ ନକି ବଚନରେ ସରିବ । କାମକଳାକୁଶଳା ।
କରିଥିଲା ପୂର୍ବରେ ଯେତେ ଯେତେ ସେ ଲୀଳା ।
କାଳ ହେଲା ସେ ଏବେ କାଟି ଦେବାକୁ ଗଲା ।
କହୁଁ କହୁଁ ପଡ଼ିଲା ନେତ୍ରୁଁ ଲୋତକମାଳା । ୧୯ ।
କହଇ ଦୀନକୃଷ୍ଣ କାନ୍ତା ବିଚ୍ଛେଦ ।
କରଇ ଯେତେରୂପେ ମନକୁ ଖେଦ । କେବା କହିବ ତାହା ।
କୁଞ୍ଜବିହାରୀଙ୍କି ପ୍ରତ୍ୟକ୍ଷେ କରନ୍ତି ଯାହା ।
କେଉଁ କାମୀ ପୁରୁଷ ସହି ପାରିବ ଏହା ।
କେତେ ସହିଥିଲେ ଏ କଷ୍ଟ ଜାନକୀନାହା ।। ୨୦ ।

ଏକବିଂଶ ଛାନ୍ଦ

ରାଗ—ବଙ୍ଗଳାଶ୍ରୀ

କଂଶାରିରଞ୍ଜନ ରାଧା ବିରହେ କନ୍ଦର୍ପ ବାଧା
ପାଇବାରୁ ଅତିଶୟ କରି ।
କଳାକର କଳାପ୍ରାୟେ କ୍ଷଣକୁ ଊଣିଲା କାୟେ
କୀରପାଠ ପ୍ରାୟେ କାନ୍ତା ନାମ ଧରି ସେ । କଞ୍ଜନେତ୍ର ।
କାରି ସମ ସଦନ ମଣନ୍ତି ।
କେଳି କଉତୁକ ଖେଳରେ ଗଣନ୍ତି । ୧ ।

କାମଅନଳ ପ୍ରବଳ   କରେ ମଳୟ ଅନଳ
କଲେ ଶୀତ ଉପଚାର ତହିଁ ।
କୋଟିଏ ଗୁଣ ତପତ   କହୁଁ କହୁଁ ହୋଏ ଜାତ
ଜଳ ଦେଲେ ଯେସନ୍ତେ ଶାମୁକକୁ ଦହି ସେ । କଞ୍ଜନେତ୍ର ।
କଷ୍ଟେ କଷ୍ଟେ ସହନ୍ତି ସେ ବାଧା ।
କ୍ରୋଧ କରୁ ବୋଲନ୍ତି ଉଦ୍ଧବ ରାଧା ସେ । ୨ ।
କମନୀୟ ଫୁଲମାଳ   ନ ବହନ୍ତି ବକ୍ଷସ୍ଥଳ
ଫଣିମଣି ସମାନରେ ଗଣି ।
କଳକଣ୍ଠ କଣ୍ଠ ଶୁଣି   କର୍ଣ୍ଣରେ ଦଅନ୍ତି ପାଣି
କାମ କୁଳଶ ଘାତ ପରାଏ ମଣି ସେ । କଞ୍ଜନେତ୍ର ।
କଳକଣ୍ଠ ଡାକିଲେ ବିଟଙ୍କେ ।
କାନ୍ତାମଣି ମଣିତ ଚେତ ଚମକେ ସେ । ୩ ।
କେତେବେଳେ ଅଭିଳାଷ   କରନ୍ତି ସୁନ୍ଦରୀ ପାଶ
କେତେବେଳେ ଚିନ୍ତାରେ ଆରତ ।
କେତେବେଳେ ସୁମରନ୍ତି   ଗୁଣ କୀର୍ତ୍ତନ କରନ୍ତି
କେତେବେଳେ ଉଦ୍‌ବେଗ ବିଭ୍ରମଚିତ୍ତ ସେ । କଞ୍ଜନେତ୍ର ।
କେତେବେଳେ କରନ୍ତି ବିଳାପ ।
କେତେବେଳେ ବ୍ୟାଧି ହୁଅଇ ଅମାପ ସେ । ୪ ।
କେଉଁ ଲୋକ କହିବ ତା   କାନ୍ତା କାନ୍ତ ବିରହତା
କେବଳ ଜାଣଇ ଏକା ମନ ।
କୁମତି ଗୁଆଁର ଜନ   ତାହାଙ୍କ ନୋହେ ଭାଜନ
ଗତ ହୋଇଛି ଯାହାର ଯଉବନ ହେ । କବିମାନେ ।
କମଳନେତ୍ର ନାଗରବର ।
କିମ୍ପା ନୋହିବେ ବିରହେ କାତର ସେ । ୫ ।
କୁଣ୍ଡଳୀ ଯେସନ୍ତେ ଥାଇ   ନିଶ୍ୱାସ ପକାଇ ସେହି
ସେହିରୂପେ ପକାନ୍ତି ନିଶ୍ୱାସ ।
କରନ୍ତି ବିଚାର ମନେ   କି କାମ୍ୟ ଘର ଜୀବନେ
ପ୍ରାଣବଲ୍ଲଭୀ ଯେବେହେଁ ନାହିଁ ପାଶ ସେ । କଞ୍ଜନେତ୍ର ।
କଷ୍ଟ ଚତୁରକେ ଲଭନ୍ତି ଯେତେ,
କବି କହିବ ତା ବଚନରେ କେତେ ସେ । ୬ ।

Digitized by srujanika@gmail.com

କାନ୍ତ କାନ୍ତାଗୁଣ ଗୁଣି ବୋଲନ୍ତି ରମଣୀମଣି
କେତେ ସୁଖ ଦଅଇ ଋତୁକେ ।
କାହିଁ ଯାଏ ଜାଣି ଦିନ କିଛି ନ ଜାଣଇ ମନ
ଏବେ କ୍ଷଣକହିଁ ନ ସରେ ସାତ୍ତ୍ୱିକେ ସେ । କୃଶୋଦରୀ ।
କାମକେଳି କଳ୍ପଲତା ଗୋରୀ ।
କଉଁ କଥାରେ କେ ତାକୁ ଅବା ସରି ସେ । ୭ ।
କାକର ସମୟେ ମୋର ଅଙ୍ଗକୁ ଅଙ୍ଗ ତାହାର
କରିଥାଇ ଉତ୍ତମ ମାଣାର ।
କିଛି ନ ବାଧଇ ଶୀତ କରଇ ସେ ବଡ଼ ହିତ
କହୁଁ କହୁଁ ସେ ସୁଖ ହେଲା ଅନ୍ତର ସେ । କୃଶୋଦରୀ ।
ଅଗୁରୁଧୂପ ପୁରରେ ବସି,
କୁଚକୁମ୍ଭ ଥାଇ ମୋ ଅଙ୍ଗେ ଜିବେଣି ସେ । ୮ ।
କୋକିଳ ବଚନ ତାର ମୁଖ ଚନ୍ଦ୍ରମା ଆକାର
ମଳୟ ପବନ ଶ୍ୱାସ ବାତ ।
କାମ ପ୍ରବଳ ମୋ ଅଙ୍ଗେ କରିବାରୁ ନାନା ରଙ୍ଗେ
ପିକବଚନୀ ମୋ ବସନ୍ତ ସାକ୍ଷାତ ସେ । କୃଶୋଦରୀ ।
ଗ୍ରୀଷ୍ମକୁ ଅତ୍ୟନ୍ତ ଶୀତଳୀ ।
କଉଁ ଗୁଣରେ ଲକ୍ଷ ମୁକୁତାମାଳ ସେ । ୯ ।
କର୍ପୂର ଚନ୍ଦନ ଅବା କାହିଁକି ଲକ୍ଷ କରିବା
ଏହି ଯେଣୁ ନ ଘେନଇ ଅଙ୍ଗେ ।
କାଳିକାକାଳ-ଚରିତ କହିଲେ ହେବ ବହୁତ
କେହି ନ ବାଧଇ ଥିଲେ ତାର ସଙ୍ଗେ । ସେ କୃଶୋଦରୀ ।
ଅମରନଗର ପରି ହୋଇ ।
କଉଶିକ-ମୁଖକୁ ମୋତେ ଦଅଇ ସେ । ୧୦ ।
କେଶେ ସୁମନସ ଶୋଭି କରେ ମୁନିମନଲୋଭି
କମନୀୟ ମୁଖ ଦ୍ୱିଜରାଜ ।
କୁଚ ଅମୃତ କଳଶ କରଇ ମୋ ମନ ତୋଷ
ପାରିଜାତକ କୁସୁମମାଳା ଭୁଜ ସେ । କୃଶୋଦରୀ ।
ଗତି ତ ସହଜେ ଗଜଗତି ।
କହିବାର ଅଡ଼ମ୍ବର ବୃହସ୍ପତି ସେ । ୧୧ ।

Digitized by srujanika@gmail.com

କଟାକ୍ଷ ଉଚ୍ଚୈଃଶ୍ରବଣ   ଅଧର ଓଷ୍ଠ ଅରୁଣ
ନଖଶ୍ରେଣୀ ତାରଗଣ ପ୍ରାୟେ ।
କଳେବର ଶୀତଳତା   ଚନ୍ଦ୍ର ଚନ୍ଦନ ସମତା
ଜାନୁ ପାଇଅଛି ରମ୍ଭା ଉପମାଏ । ସେ କୃଶୋଦରୀ ।
କାମବ୍ୟାଧି କରିବାରୁ ନାଶ ।
କଲା ଅଶ୍ୱିନୀକୁମାରଙ୍କ ସଦୃଶ ସେ । ୧୨ ।
କେତେ ଅବା ସ୍ୱର୍ଗପୁର   କୋଟି ବ୍ରହ୍ମାଣ୍ଡେ ଯାହାର
କଳେବର କାନ୍ତି ଅଛି ପୂରି ।
କବି ତା ଜାଣି ନ ପାରି   ତହିଁକି ଉପମା କରି
ରଖିବାକୁ ନିଜ ବଚନଗୃହଁଭୂମି ସେ । କୃଶୋଦରୀ ।
କଥା କଥାକେ ନିରୁପମ ।
କଉଁ ଗୁଣେ କଉଁ ନାରୀ ହେବ ସମ ସେ । ୧୩ ।
କମଳପଲ୍ଲବ ଶେଯେ   ଶୋଇ ଏବେ ଥିବ ସେ ଯେ
କୃଶ କରି କୃଶୋଦରୀ କାୟେ ।
କରମାଳୀ ଅସ୍ତକାଳେ   ଯେମନ୍ତେ ନଭମଣ୍ଡଳେ
ଶୁକ୍ଳ ଦ୍ୱିତୀୟା ଚନ୍ଦ୍ରମା ଶୋଭା ପାଏ ସେ । କୃଶୋଦରୀ ।
ଗୃହପାଶେ ବେଢ଼ି ସଖୀଗଣ ।
କରୁଥିବେ କେତେ ପ୍ରକାରେ କାରୁଣ ସେ । ୧୪ ।
କଇରବ-ନନ୍ଦନାକୁ   ଜଗଜ୍ଜନବନ୍ଦନାକୁ
କେତେବେଳେ ପକାଇ ଅଙ୍କରେ ।
କରି ଅପଲକ ଆଖି   ଚାହୁଁଥିବେ ପ୍ରିୟସଖୀ
କଉଁ ସଖୀ ବସିଥିବ ଆତଙ୍କରେ ସେ । କଉଁ ଆଳୀ ।
କରତଳେ ଦେଇ ଗଣ୍ଡପାଳି
କାଳ ନେଉଥିବ ଅହର୍ନିଶି ଭାଳି ସେ । ୧୫ ।
କେ ଉଶୀର ଖୋଳୁଥିବ   କେ ପଲ୍ଲବ ତୋଳୁଥିବ
କେ ଚନ୍ଦନ ବୋଳୁଥିବ ନେଇ ।
କେ ଅଳତେ ବାନ୍ଧୁଥିବ   କେ ପନୀର ସିଞ୍ଚୁଥିବ
ସେନ ଶ୍ୱାସ ମୁଞ୍ଚୁଥିବ ଥାଇଁ ଥାଇଁ ସେ । କଉଁ ସଖୀ ।
ଡାକୁଥିବ ଶିବ ରକ୍ଷା କର ।
କୋଳାହଳ ନାଦେ ପୂରିଥିବ ପୁର ସେ । ୧୬ ।

Digitized by srujanika@gmail.com

କି କଲି କି କଲି ବିହି କର୍ମେ ଏହା ଥିଲା ଲିହି
ପାକେ ପ୍ରତିଫଳ ହେଲା ଏହି ।
କୁମତି ଗୁଆଁର ଆଗେ ଗୁଣବନ୍ତ ଅନୁରାଗେ
ଗୁଣ ଦେଖାଇ ଯେମନ୍ତେ ହୋଏ ଦହି ସେ । କୃଶୋଦରୀ ।
କେତେ ଭାବେ କରି ମୋତେ ସୁଖୀ ।
କାଲେ ଦୁଃଖୀ ହେଲା ପୂର୍ଣ୍ଣଚନ୍ଦ୍ରମୁଖୀ ସେ । ୧୭ ।
କାମ କଳାବନ୍ତ ହୋଇ କାମିନୀଙ୍କି ଦୁଖ ଦେଇ
ବୋଲାଇ ମୁଁ ପୁରୁଷଉତ୍ତମ ।
କରିବାକୁ ବଡ଼ଲାଜ ଏଥୁଁ ଅବା କଉଁ କାର୍ଯ୍ୟ
ଜଳେ ତନ୍ତ୍ରଲ କି ଉତ୍ପଳ କୁସୁମ ସେ । କୃପାନିଧି ।
କହି ଏହା ପକାଇ ନିଶ୍ୱାସ ।
କୃପା କରି ଉଦ୍ଧବକୁ ଡାକି ପାଶ ସେ । ୧୮ ।
କହିଲେ ଗୋପକୁ ଯିବ ତାତ ମାତାଙ୍କୁ କହିବ
ଆମ୍ଭର ଶୁଭ ସନ୍ଦେଶମାନ ।
କଳାବତୀ କଳାନିଧି ଗୋପୀଙ୍କି କହିବ ବୋଧି
ତୁମ୍ଭ ଅଭାବେ ନ ସରେ ତାଙ୍କ ଦିନ ସେ । କୃଷ୍ଣବାଣୀ ।
ଶୁଣି ଉଦ୍ଧବ ଆରୋହି ରଥ ।
କଲେ ଗୋପୀଙ୍କ ଦର୍ଶନେ ମନୋରଥ ସେ । ୧୯ ।
କି ଭାଗ୍ୟ ମୋହୋର ଆଜ କରିବ ପ୍ରଭୁଙ୍କ କାର୍ଯ୍ୟ
ତେଣେ ହେବ ସାଧୁ ଦରଶନ ।
କୁଶକେତୁ ପରସନ ନୋହିଲେ ନୋହେ ଏମାନ
ସବୁଠାକୁ କର୍ତ୍ତା ପ୍ରଭୁ ଭଗବାନ ସେ । କୃଷ୍ଣଦୂତ ।
ଏହି କଥା ବିଚାରି ମନରେ ।
କଲେ ଗୋପକୁ ଗମନ ଧୀରେ ଧୀରେ ସେ । ୨୦ ।
କଦମ୍ବ ଫୁଲ ପରାଏ କଳେବର ଶୋଭା ପାଏ
ନୟନୁ ଗଳଇ ଅଶ୍ରୁଜଳ ।
କୃଷ୍ଣ କୀର୍ତ୍ତନରେ ଭୋଳ ନାନାପ୍ରକାରେ ମଙ୍ଗଳ
ଆଗେ ପ୍ରକାଶ ହୁଅଇ ମାଳମାଳ ସେ । କୃଷ୍ଣଦୂତ ।
ପ୍ରବେଶ ହୋଇଲେ ଗୋପେ ଯାଇଁ
କଲେ ରଥ ଉଭା ନନ୍ଦଦ୍ୱାରେ ନେଇ ସେ । ୨୧ ।

Digitized by srujanika@gmail.com

କୋଟିଏ ସୁବର୍ଣ୍ଣ ପାଇ   ଦରିଦ୍ର ଯେମନ୍ତ ହୋଇ
ସେହି ରୂପେ ହେଲେ ନନ୍ଦରାଣୀ ।
କଲେ ଆସନ ପ୍ରଦାନ   ନାନାରୂପେ ସନମାନ
କୃଷ୍ଣ ସମାନରେ ପୂଜା କଲେ ପୁଣି ସେ । କୃଷ୍ଣଦୂତ ।
କହି କୃଷ୍ଣସନ୍ଦେଶ ବଚନ ।
କଲେ ଶୟନରେ ନିଶି ଅବସାନ ସେ । ୨୨ ।
କେଶବ ନାମ ସ୍ମରି   ଶୟନରୁ ଉଠି କରି
ନିତ୍ୟକର୍ମ ତୁରିତେ ସାରିଲେ ।
ଯଶୋଦା-ଗୋପୀଙ୍କ ପାଶେ   ପ୍ରବେଶ ହୋଇ ହରଷେ
କୃଷ୍ଣ ଉଦନ୍ତ କହିବା ବସିଲେ ସେ । କୃଷ୍ଣଦୂତ ।
ଉଦ୍ଧବଙ୍କୁ ଦେଖି ଗୋପବାଳୀ ।
କି ଆନନ୍ଦ ହେଲେ କେ କହିବ ଭାଳି ସେ । ୨୩ ।
କଳି ସନ୍ତାପ ଅନ୍ତର   ଉକତଭେଟ ମନ୍ତର
ଭକ୍ତ ଦରଶନେ ଯେସନ୍ତେ ଯୋଗୀ ।
କାଳିକା ଉଦୟ ଦେଖି   ଯେସନ୍ତେ ଚାତକପକ୍ଷୀ
ସେହିମତ ହେଲେ ଗୋପୀ ପଦ୍ମମୁଖୀ ସେ । କୃଷ୍ଣଦୂତ ।
ଉଦ୍ଧବ ଗୋପୀଙ୍କ କଥା ଶୁଣି ।
କୃଷ୍ଣଦାସର ବଢ଼ିବ ସୁଖଶ୍ରେଣୀ ସେ । ୨୪ ।

ଦ୍ୱାବିଂଶ ଛାନ୍ଦ

ରାଗ—ଚନ୍ଦ୍ରା ଦେଶାକ୍ଷ

କୃଷ୍ଣ ଦୂତଙ୍କୁ ବସାଇ ପାଶେ ।
କଉତୁକେ ପଚାରନ୍ତି ତୋଷେ ।
କୃଷ୍ଣ କାମପାଳ   ସମସ୍ତ କୁଶଳ
କହ କହ ଆମ୍ଭଙ୍କୁ ହରଷେ । ହେ ଉଦ୍ଧବ । ୧ ।
କହ କପଟୀ ଅକ୍ରୂର କଥା ।
କରାଇଲା ଯେ ଏତେ ଅବସ୍ଥା ।
କଂସ ମହୀପତି   ଅତିହିଁ ଅନୀତି
କରି ମରିଗଲା ଦେଇ ବ୍ୟଥା । ହେ ଉଦ୍ଧବ । ୨ ।

Digitized by srujanika@gmail.com

କହ କୁବୁଜାଙ୍କ ସର୍ବଶୁଭ ।
ଉଦ୍ଧବେ ଶୁଣିମାକୁ ଯା ଦୁର୍ଲ୍ଲଭ ।
କଂସକଟକରେ ପ୍ରବେଶ ହେବାରେ
କୃଷ୍ଣ ପାଇଛନ୍ତି ଯାହା ଲଭ । ହେ ଉଦ୍ଧବ । ୩ ।
କୋମଳରେ କହନ୍ତି ଉଦ୍ଧବ ।
କୁଶଳର ମନ୍ଦିର ମାଧବ ।
କେବଳ ତୁମ୍ଭର ବିରହେ ବିଧୁର
ଭାବ-କଥାହିଁ ତାଙ୍କୁ ଅଭାବ । ଗୋ ସୁନ୍ଦରି । ୪ ।
କରି ଜପାମାଳୀ ତୁମ୍ଭ ଗୁଣ ।
କରି ଅଛନ୍ତି ଶ୍ରୀଅଙ୍ଗ କ୍ଷୀଣ ।
କହିଲେ ପରତେ ନ ଯିବ ସେ ଯେତେ
ପାଉଅଛନ୍ତି ମହାକଷଣ । ଗୋ ସୁନ୍ଦରି । ୫ ।
କାମକାଣ୍ଡଙ୍କୁ ହେବାରୁ ଲଖ ।
କଲେ ଅନ୍ତର ବିପଦ୍ସୁଖ ।
କହିଲେ ତ ପ୍ରେମ ହେଉଛନ୍ତି ଉଦ୍‌ଗମ
ପ୍ରୀତି କରିଲ ହୁଏ ଏତେ ଦୁଖ । ଗୋ ସୁନ୍ଦରି । ୬ ।
କର୍ଣ୍ଣେ ଉଦ୍ଧବ ବଚନ ଶୁଣି ।
କ୍ରୋଧେ କରି ବ୍ରଜରମଣୀ ।
କହିଲେ ସେବକ— ବତ୍ସଳଙ୍କୁ ଲୋକ
ଲୋକ ମଧ୍ୟେ ତାଙ୍କୁ ସିନା ଗଣି । ହେ ଉଦ୍ଧବ । ୭ ।
କେତେ ବିପତ୍ତିରୁ ନ ରଖିଲେ ।
କେତେ କେତେ ସୁଖ ସେ ନ ଦେଲେ ।
କର୍ମ୍ମ ଅବଳଙ୍କୁ କୁବୁଜା ଫଳଙ୍କୁ
କଂସ ନୃପତି ବଳଙ୍କୁ ଗଲେ । ହେ ଉଦ୍ଧବ । ୮ ।
କଂସ ପାଇଲା ଦୀର୍ଘ ଶୟନ ।
କାହିଁ ନଇଲେ ପଦ୍ମନୟନ ।
କହିଥିବା କଥା କରିବା ଅନ୍ୟଥା
ପ୍ରଭୁଙ୍କର ଏ ନୋହେ ଅୟନ । ହେ ଉଦ୍ଧବ । ୯ ।
କହୁଁ ଲୋକ ଆମ୍ଭେ ଗୋପନାରୀ ।
କଲେ ସେହି ସିନା ଏତେ ସରି ।

Digitized by srujanika@gmail.com

କେବେହେଁ ବିନାଶ ନ କର ଯେ ବଷ—
ବୃଷ କରେ ଲଗାଇ କର । ହେ ଉଦ୍ଧବ । ୧୦ ।
ତୃପ୍ତ ନ ଜାଣନ୍ତ କହିଁ ନୀତ ।
କଲେ ଅମ୍ଭଠାରେ ତ ଅନୀତ ।
କୁଳରୁ ଛଡ଼ାଇ ଦୁଖରେ ବୁଡ଼ାଇ
ଏଥୁଁ ପାଇଲେ କହିଁ କୀରତ । ହେ ଉଦ୍ଧବ । ୧୧ ।
କୃପାସିନ୍ଧୁ ନାମ ବହି କର ।
କାଣ୍ଣା ଦାସୀଙ୍କି କୃପା ନ କର ।
କୁସୁମ ମାର୍ଗଣ— ଠାରେ ଅମ୍ଭ ପ୍ରାଣ
ଦେଇ ରହିଲେ ମଥୁରାପୁରୀ । ହେ ଉଦ୍ଧବ । ୧୨ ।
କାର୍ଯ୍ୟ ପାଇଲେ ଯହିଁ ପୁରୁଷ ।
କାମିନୀଙ୍କି କରନ୍ତ ନିରାଶ ।
କେବେହେଁ ବିଶ୍ୱାସ ନ ପିବ ପୀୟୂଷ
ବୋଲି ଦେଲେ ସେ ସାକ୍ଷାତେ ବିଷ । ହେ ଉଦ୍ଧବ । ୧୩ ।
କୋମଳରେ ସେ କହିଲେ ଯେତେ ।
କେତେବେଳେ ନ ପିବ ପରତେ ।
କାଳେ ମନୋଭବ— କଷ୍ଟ ଅନୁଭବ
କର ଭୁଲିବ ଅନବରତେ । ହେ ଉଦ୍ଧବ । ୧୪ ।
କରାଇଲେ ଯେତେ କର ଆଶା ।
କଲ୍ସ ସେହି ପ୍ରକାରେ ଭରସା ।
କହୁଁହଁ କୋହଳ କେବଳ ହୋଇଲ
ଯେତେ୍ହେ ଶରଦେ ଗୃତକ ଦଶା । ହେ ଉଦ୍ଧବ । ୧୫ ।
କଥା ଅମୃତଠାରୁ ମଧୁର ।
କର୍ପୂରରୁ ଅତ ଶୀତକର ।
କରୁଣା କପଟ କର୍କଶର କୁଟ
ତାଙ୍କ ହୃଦୟକୁ ନମସ୍କାର । ହେ ଉଦ୍ଧବ । ୧୬ ।
କୁଜା କରରେ ଭାଙ୍ଗିଲ ଧନୁ ।
କାହିଁ ଚୁମ୍ବିଲ କା ଅମ୍ଭ ତନୁ ।
କୁଟିଳ ବଚନ ପ୍ରାୟେ ସେ ମୋହନ
ଏତେବେଳେ ଯାଉ ନାହିଁ ମନୁ ହେ । ଉଦ୍ଧବ । ୧୭ ।

Digitized by srujanika@gmail.com

କ କରନ୍ତି ବଡ଼ ପ୍ରଭୁମାନେ ।
କଛୁ ବଗୃରନ୍ତି ନାହିଁ ମନେ ।
କଲେ ଅବେଭ୍ୱର   କ ବୋଲିବେ ନର
ମାଧବନ୍ତ ବଚକ୍ଷଣମାନେ । ହେ ଉଦ୍ଧବ । ୧୯ ।
କପୈବାର କଲ ପ୍ରାପ୍ୟେ ବନ୍ଦୀ ।
କେତେ କହି ପାରନ୍ତି ସେ ଛନ୍ଦ ।
କଉଁ ନାରୀ ଦେହ   ନୋହିବ ଅଦେହ
ମୋହ ଅମୋହ ପାଶରେ ବନ୍ଧୀ । ହେ ଉଦ୍ଧବ । ୧୯ ।
କାନନରୁ କୀର ଧରି ଆଣି ।
କହି ଅନେକ ଯତନେ ଦାଣୀ ।
କ କ ହୋଇଗଲେ   ନ ଆସଇ ଭଲେ
ସେହି ପ୍ରକାରେ ମୂରଲୀପାଣି । ହେ ଉଦ୍ଧବ । ୨୦ ।
କାକ କୋକିଳକୁ ପ୍ରତପାଳ ।
କାର୍ଯ୍ୟ ପାଇଛନ୍ତି କ କହ ଭଲ ।
କୁସୁମକୁ ଅଳ   କଲ ପ୍ରାପ୍ୟେ କେଳ
ଗୋପଙ୍ଗନାଙ୍କି ଶ୍ରୀବନମାଳୀ । ହେ ଉଦ୍ଧବ । ୨୧ ।
କହିବାକୁ ଆଉ କିଛି ନାହିଁ ।
କୁଜ ପିଠି ଅଛି ସବୁ କହି ।
କୁକାର୍ଯ୍ୟ କରିବା   କେତେ ତାଙ୍କୁ ଅବା
କହିବାକୁ ଯହୁଁ ଆନ ନାହିଁ । ହେ ଉଦ୍ଧବ । ୨୨ ।
କଳଧଉତ କୁଟିଳ ହେଲେ ।
କଉଁଠାରେ ନ ବକାଇ ଭଲେ ।
କ କହିବୁ ଆମ୍ଭେ   କ ନ ଜାଣ ତୁମ୍ଭେ
ସବୁ ସୁନ୍ଦର ପ୍ରଭୁତ୍ୱ ଥିଲେ । ହେ ଉଦ୍ଧବ । ୨୩ ।
କୃତ୍ତିବାସ ହେଲେ ଦଗବାସ ।
କେହି କରନ୍ତି କ ଉପବାସ ।
କମଳନୟନ   କୁଣ୍ଡଳୀଶୟନ
କଲେ ସମସ୍ତେ ତାହାଙ୍କ ଦାସ । ହେ ଉଦ୍ଧବ । ୨୪ ।
କଉଁ ଯାନ ନ ମିଳେ ଶିବଙ୍କୁ ।
କଉଁ ଭୂଷଣ ଦୁର୍ଲ୍ଲଭ ତାଙ୍କୁ ।

Digitized by srujanika@gmail.com

କଣ୍ଠେ ଅସ୍ଥିମାଳ   ପକାଇ ସେ ଭୋଳ
ହୋଇ ଅଚେତନ୍ତ ବୃଷଭକୁ । ହେ ଉଦ୍ଧବ । ୨୫ ।
କହିବ ଅବା ତୁମ୍ଭେ ଆଶ୍ରିଶ ।
କଲେ ସେ ତୁମ୍ଭଙ୍କୁ ଏଡ଼େ କର ।
କାଖେ କୋଳେ ଧର   ନାନା ସେବା କର
ତାହାଙ୍କର ଅମ୍ଭେ ପରିଗୃହୀ । ହେ ଉଦ୍ଧବ । ୨୬ ।
କଥା ପ୍ରସଙ୍ଗେ କହିଲ ଏହା ।
କରନ୍ତୁ ସେ ଯାହା ଇଚ୍ଛା ତାହା ।
କୁମ୍ଭକାର ଜହା   ପ୍ରାୟେ ଅନ୍ତର୍ଦାହା
କଲେ କୁବ୍ଜାଙ୍କ କାମଦୁହା । ହେ ଉଦ୍ଧବ । ୨୭ ।
କୁଳ ଶୀଳ ଲଜ ଭୟ ଛାଡ଼ ।
କଇତବ ପୀରତରେ ଜଡ଼ ।
କୃପଣକୁ ଲୋଭୀ   ପ୍ରାୟେ ତାଙ୍କୁ ଲଭି
ଆଶା-ଅନଳେ ମରୁଛୁ ପୋଡ଼ି । ହେ ଉଦ୍ଧବ । ୨୮ ।
କପିଳ କୋପେ ସଗର ପୋଯ୍ୟେ ।
କରିଥିଲେ ଯେଉଁ ରୂପେ କାଯ୍ୟେ ।
କାଳେ ସେହି ରୂପେ   ହେଲୁ କାମକୋପେ
ତୁମ୍ଭେ ହୁଅ ଭଗୀରଥ ପ୍ରାୟେ । ହେ ଉଦ୍ଧବ । ୨୯ ।
କୃଷ୍ଣ-ଗଙ୍ଗା ଆଣି ବେଗେ ଦିଅ ।
କୀର୍ତ୍ତି ସମସ୍ତ ଲୋକରେ ପାଅ ।
କରୁଛୁଁ ବିନତି   ଗୋକୁଳଯୁବତୀ
ଆମ୍ଭମାନଙ୍କ ପ୍ରସନ୍ନ ହୁଅ । ହେ ଉଦ୍ଧବ । ୩୦ ।
କରେ ବିହି ଯାହାକୁ ବିବେକ ।
କହିବାର ତାହାକୁ ଅଧିକ ।
କି ନ ଜାଣ ତୁମ୍ଭେ   କି କହିବୁ ଅମ୍ଭେ
ପର ଉପକାରୀ ବଡ଼ଲୋକ । ହେ ଉଦ୍ଧବ । ୩୧ ।
କୃଷ୍ଣେ ଅଛି ତୁମ୍ଭର ଭକତି ।
କଉଁ ପ୍ରକାରେ ନ ଜାଣ ନୀତି ?
କଲେ ଧର୍ମ କର୍ମ   ଲଭି ସ୍ୱର୍ଗାଶ୍ରମ
ଶ୍ରୁତି କହୁଅଛନ୍ତି ଏହିମତ । ହେ ଉଦ୍ଧବ । ୩୨ ।

Digitized by srujanika@gmail.com

କହିବାକୁ ଏତେକ ତୁମ୍ଭଙ୍କୁ ।
କୃପା କରିବ ବାରେ ଅମ୍ଭଙ୍କୁ ।
କୃଷ୍ଣ ସତ୍ୟବାଦୀ ହେଲେ ସତ୍ୟବାଦୀ
ହୋଇ ନାଶିଲେ ଅମ୍ଭ ଦମ୍ଭଙ୍କୁ । ହେ ଉଦ୍ଧବ । ୩୩ ।
କୃଷ୍ଣ ଦାସ ଏହି ଦୈନାକର ।
କୃଷ୍ଣ ପାଇଁ ମରୁଅଛୁ ଝୁରି ।
କେତେବେଳେ ଆଣ କରାଇ ନିରାଶ
ନ କରିବ ଧର୍ମ୍ମକୁ ବିଚୁରି । ହେ ସୁଜନେ । ୩୪ ।

ଊନତ୍ରିଂଶତ୍ ଛାନ୍ଦ

ରାଗ—ଭାଗମୋଦି । ବାରମାସୀ ଚଉତିଶା ବାଣୀରେ ଗାଇବ

କହନ୍ତି ଉଦ୍ଧବ କେବେହେଁ ମାଧବ କରନ୍ତି ନାହିଁ ନିରାଶ ।
କଲେ ଶତ୍ରୁ ପ୍ରଣ କରନ୍ତି ନିର୍ବାଣ ଏ ରୂପରେ ପୀତବାସ ସେ ।
କପାଁ ତୁମ୍ଭଙ୍କୁ କରିବେ ଆନ । କାହିଁପାଇଁ କରୁଅଛ ମାନ ସେ । ୧ ।
କଂସ କେଶୀ ଆଦି ଅମର ବିବାଦୀ କାହାର କଉଁ ଭଗତ ।
କୃପାଳୁ ଏମନ୍ତ କଲେ ତାକୁ ଅନ୍ତ କରନ୍ତି ପରମଗତି ସେ ।
କଲେ ସେବା ସେ କରନ୍ତି ଯାହା । କେତେ ଦଚନେ କହିବ ତାହା ସେ ।।
କୁବୁଜା ଚନ୍ଦନ ଟିକାକେ ବନ୍ଦନ କରି ପାଇଲା ସେ ସୁଖ ।
କର୍ତ୍ତବ୍ୟ, ମନ, ବଚନ, ଦେଲା ଲୋକ କଥା କାହିଁପାଇଁ ଲେଖ ସେ ।
କୃଷ୍ଣ ମହିମା ଅତି ଅପାର । କହି କେ ଅବା ପାଇବ ପାର ସେ । ୩ ।
କଳ୍ପେ କଳ୍ପେ ଯୋଗୀ ଯୋଗବାଟ ଜଗି ଦେଖନ୍ତି ନାହିଁ ଯାହାକୁ ।
କଉଁ ଭାଗ୍ୟବଳେ ଏତେକାଳ କୋଳେ ଦେନି ଖେଳାଲ ତାହାଙ୍କୁ ସେ ।
କୃଷ୍ଣ କଲେ ଏଡ଼ିକି ସୁଦୟା । କହି କଲେ ଆମ୍ଭଙ୍କୁ ନିର୍ଦ୍ଦୟା ସେ । ୪ ।
କଉଁ ଇନ୍ଦ୍ର ଚନ୍ଦ୍ର ଅମର ନରେନ୍ଦ୍ର ତୁମ୍ଭଙ୍କୁ ହେବେ ସମାନ ।
କର୍ମ କରି କର୍ମକାଣ୍ଡ କରି ଚର୍ମ କିପାଁ କର ଅଭିମାନ ସେ ।
କୃଷ୍ଣ ତୁମ୍ଭଠାରେ କଲେ ଯାହା । କଉଁ ଲୋକ ପାଇ ନାହିଁ ତାହା ସେ । ୫ ।
କହେ କଉଁ ଗୋପୀ ବିରହରେ ତାପୀ ହୋଇ ଉଦ୍ଧବକୁ ଚାହିଁ ।
କେବଳ ଅମ୍ଭର ପରାଚେ ତୁମ୍ଭର ଅନୁଭବ ଯହୁଁ ନାହିଁ ସେ ।
କୃଷ୍ଣ କରନ୍ତି ନାହିଁ ନିରାଶ । କଲେ କରନ୍ତି ଏମନ୍ତ ବେଶ ସେ । ୬ ।

Digitized by srujanika@gmail.com

କେଶ ବାସ ଦେଖି ଦରିଦ୍ରାଣୀ ଭେକ ଆନ କେ କରିବ ଏହା ।
କୁଳ ଶୀଳ ଲଜ୍ଜା ତେଜି ଏହ୍ନ କାମୀ ପାଇଲ କହୁଲ ଯାହା ସେ ।
କୃଷ୍ଣ ସଙ୍ଗ କଲ ପ୍ରୀତିଫଳ । କରୁଅଛୁ ଏ ଏବେ ବଳଳ ସେ । ୭ ।
କାମବାଇ ଭୂତ ଲଗିବାରୁ ଚିତ୍ତ ଥୟ ହୋଇବାକୁ ନାହିଁ ।
କେତେ କେତେ ଉତପାତ କରି ଜାତ ପକାଉଅଛନ୍ତି ଦହି ସେ ।
କରିବାକୁ ନାଶ ଗୋପୀବଂଶ । କଲ ରଜନିରେ ଉଦୟ ହଂସ ସେ । ୮ ।
କର୍ପୂର ଚନ୍ଦନ କଶ୍ୟପ-ନନ୍ଦନ ବଇଶ୍ୱାନରେ ବଳିଲା ।
କାହୁଁ ଆସି ମନ୍ଦବାତ କରି ଦ୍ୱନ୍ଦ ଅନବରତେ ଜାଳିଲା ସେ ।
କଷ୍ଟ କହିଲେ ସରିବ ନାହିଁ । କହିବାକୁ ଆଉ ପ୍ରାଣି କାହିଁ ସେ । ୯ ।
କର୍ଣ୍ଣ ଅବଳାକୁ ବିରହବେଳାକୁ ହୃତହି ହୋଏ ଅହିତ ।
କାଳନ୍ଦୀ ଶୀତଳ ଜଳ କେ ଅନଳ କହିବାକୁ ଆଚମ୍ବିତ ସେ ।
କରିବାକୁ ସ୍ନାନେ ସନ୍ତାପିତ । କହ ତୁମ୍ଭେ ବଡ଼ ଭାଗ୍ୟବନ୍ତ ସେ । ୧୦ ।
କଣଳଯୂଶୂନ୍ୟ କଲ ବୃନ୍ଦାବନ ସମସ୍ତଙ୍କ ଶୂନ୍ୟ ସର ।
କାକର ପଡ଼ିଲ ପଦ୍ମବନ ହେଲ ପାପୀ ଗୋପୀଙ୍କ ଶରୀର ସେ ।
କାକପ୍ରାୟେ ଯାହା କଲୁ କୁଳ । କରୁଅଛୁ ଭୋଗ ସେହି ଫଳ ସେ । ୧୧ ।
କୋକିଳ ପରାୟେ କୁଞ୍ଜବନରାୟେ କଲେ ଯେଉଁ ଆଚରଣୀ
କୃପଣ ସେବକ ପ୍ରାୟେ ମହାଶୋକ କଲୁ ହୃଦେ ଆଭରଣ ସେ ।
କୁଶକେତୁ ହେଲେ ପ୍ରତିକୂଳ । କଳ୍ପତରୁ ନ ଦିଅଇ ଫଳ ସେ । ୧୨ ।
କର ଚିନ୍ତାମଣି କରେ ଚିନ୍ତାମଣି କାମଧେନୁ ସେହିମତ ।
କଲେ ସୁରଗୁରୁ ଏହା କରିବାର ଏମାନଙ୍କର ଅନୀତ ସେ ।
କରି କବଳ ସୁଧା ମରିବା । କିପାଁ ଅମୃତ ତାକୁ ବୋଲିବା ସେ । ୧୩ ।
କରଇ ପରଶପଥର ପରଶ ମାତ୍ରକେ ଲୁହାକୁ ସୁନା ।
କର୍ମ ଆଦରଣା କରିବାରୁ ଗୁଣା ଏମାନଙ୍କଠାରେ ସିନା ସେ ।
କେତେ କେତେ ଯେ ଅଛନ୍ତି ତୀର୍ଥ । କେ ନ କରେ ପାପୀଙ୍କି କୃତାର୍ଥ ସେ ॥
କରିବା ହରିବା କୀର୍ତ୍ତି ବିସ୍ତାରିବା ଯାହାର ଯେଉଁ ଶକତି ।
କଲେ ଆନ ଆନ ଦଶଇ ନିଉନ କହୁଅଛି ଏହା ଶ୍ରୁତି ସେ ।
କୃଷ୍ଣ କରୁଣାସମୁଦ୍ର ହୋଇ । କାହିଁପାଇଁ କୃପା କଲେ ନାହିଁ ସେ । ୧୫ ।
କଇତବ ଧାଇଁ କାଳକୂଟ ଦେଇ ପାଇଲ ଅମୃତଦାନ ।
କଳେବର ଦେଇ କ୍ଲେଶଦଶା ପାଇ ଆମ୍ଭେ ହେଲୁ ହୀନମାନ ସେ ।
କୃଷ୍ଣ କଲେ ଏମନ୍ତ ଅନୀତ । କାହାଆଗେ କହିବୁ ଏ ଚରିତ ସେ । ୧୬ ।

Digitized by srujanika@gmail.com

କେଶୀ, ଅଘା, ବକା, ଶକଟା, ଧେନୁକା ପ୍ରାଣ ନେବାକୁ ଅଇଲେ ।
କୃପାଳୁ ଏମନ୍ତ କୁବୁଜାଙ୍କ କାନ୍ତ କୃତାର୍ଥ ତାହାଙ୍କୁ କଲେ ସେ ।
କରେ ଯେ ତାହାଙ୍କୁ ଅପକାର । କରନ୍ତି ସେ ତାକୁ ଉପକାର ସେ । ୧୭ ।
କଟିରେ ଦାଉଡ଼ି ବାନ୍ଧିଥିଲେ ଭିଡ଼ି ଯାମଲାର୍ଜ୍ଜୁନ ବୃକ୍ଷେ ।
କାଷ୍ଠିତ କରଡ଼ ପରାୟେ ଉପାଡ଼ି ଦେବତା କଲେ ପ୍ରତ୍ୟକ୍ଷେ ସେ ।
କରୁଁ କରୁଁ ସେ ଅବଲୋକନ । କଲେ ସ୍ୱର୍ଗକୁ ଶୀଘ୍ର ଗମନ ସେ । ୧୮ ।
କାଳିନ୍ଦୀଜଳରେ ପାଦକମଳରେ କାଳୀ କୁଣ୍ଡଳୀ ଦଂଶିଲା ।
କି କି କରି ସ୍ତୁତି କରି ତା ଯୁବତୀ ଜଳନିଧିରେ ପଶିଲା ସେ ।
କେତେ କହିବା ତାଙ୍କ ଚରିତ । କହି ବସିଲେ ହେବ ବହୁତ ସେ । ୧୯ ।
କାଖେ କୋଳେ ଧରି କେତେ ସେବା କରି କାହିଁରେ ଆମ୍ଭେ ନୋହିଲୁ ।
କୃଷିକାର ପ୍ରାୟେ କ୍ଳେଶ କରି କାୟେ ଶ୍ରମ ଲାଭକୁ ପାଇଲୁ ସେ ।
କଳାନ୍ତର ଲୋଭେ ଗଲା ମୂଳ । କଲୁଁ ହୃଦୟ ମାତ୍ର ବିକଳ ସେ । ୨୦ ।
କେ ବୋଲଇ ଦେଇଥିଲା ଦ୍ରବ୍ୟ ପାଇ ତାଙ୍କୁ ଦେଲୁଁ ଆମ୍ଭେ ମନ ।
କମଳନୟନ କରୁଣାନିଧାନ କଷ୍ଟ କଲେ ଅବଧାନ ସେ ।
କାହିଁ ରହିଲା ଋଷିଙ୍କ ବୋଲ । କହି ସମସ୍ତ ପୁରାଣ ଭଲ ସେ । ୨୧ ।
କେତେ କଷ୍ଟେ ମଧୁମାଛି ସଞ୍ଚେ ମଧୁ ଶ୍ରମ ପାଇ ନାନା ଦୁଖେ ।
କି କି କରି ଆନ ତାହା କରେ ପାନ ହୁତାଶକ ଦେଇ ମୁଖେ ସେ ।
କାଳେ ଆମ୍ଭର ହେଲା ସେ ଫଳ । କଲା ଭୋଗ କନ୍ଦର୍ପ ଅନଳ ସେ । ୨୨ ।
କୁସୁମୁଁ ମିଳିନ୍ଦ ହରି ମକରନ୍ଦ ନାମ ବହେ ମଧୁକର ।
କୃଷ୍ଣ ଗୋପୀନାଥ ବୋଲନ୍ତି ଅନାଥ ହୋଇଲେ ଗୋପୀ ନିକର ସେ ।
କାହିଁ ଶୁଣିଛ ଏ ବିପରୀତ । କେତେ କହିବା ଏଥି ଚରିତ ସେ । ୨୩ ।
କଇରବକାନ୍ତ ବୋଲଇ ଯେମନ୍ତ ଚନ୍ଦ୍ର ତାରି କରେ ଭୋଗ ।
କେଶବ ଆମ୍ଭର କୁବୁଜା ବେଭାର ସେହିରୂପେ କଲା ଯୋଗ ସେ ।
କଇରବତାରୁ ଆମ୍ଭେ ଦୁଖୀ । କୃଷ୍ଣଚନ୍ଦ୍ର ନୟନେ ନ ଦେଖି ସେ । ୨୪ ।
କୋକମିଥୁନରୁ ବିଚ୍ଛେଦରୁ ଗରୁ କଲା ଆମ୍ଭଙ୍କୁ ଦଇବ ।
କାହା ଅଙ୍ଗସଙ୍ଗ କରିଥିଲୁ ଭଙ୍ଗ କହିଲେ ତାହା କି ହେବ ସେ ।
କଲା ନାହିଁ ତାଙ୍କ ପରି ବିହି । କାଳ ନିଅନ୍ତୁ ଦିବସେ ରହି ସେ । ୨୫ ।
କାମ୍ପେଯୋଗ ପ୍ରୀତି ଶକତ କାରତ କେବେହେଁ ରହଇ ନାହିଁ ।
କରଗତ କୀର କହିବା ମଧୁର କାନନେ ପଶିଲେ କାହିଁ ସେ ।
କେତେ କହିବୁ ତୁମ୍ଭଙ୍କୁ ଏହା । କର୍ଣ୍ଣେ ଶୁଣୁଥିବ ମାତ୍ର ଯାହା ସେ । ୨୬ ।

Digitized by srujanika@gmail.com

କୃପାକଲ ଲୋକ ନୋହିବ ବିବେକ ଆପଣାଲୋକରେ ଯେବେ ।
କାକୁସ୍ତେ କହିବା ପରେ ବୁଝାଇବା କହିଁ କାର୍ଯ୍ୟ ହେବ ତେବେ ସେ ।
କଥା କହାକରେ ଲେଖା ନୋହେ । କେତେ ଅଧର୍ମୀ ମାନିକ ରହେ ସେ ॥
କହି କୁସୁମକୁ ଫୁଟାଇ ବାସକୁ ପ୍ରବେଶ କରନ୍ତି କେହି ।
କରତା ବମନ ହେଲେ ତାହା ଆନ କରିବା କଥାହିଁ ସେହି ସେ ।
କରି ଓଷ୍ଠାର ଯହିଁ ଘୀରତ । କଷ୍ଟ ତହୁଁ ବଡ଼ ନାହିଁ କିଛି ସେ । ୨୮ ।
କୋଟି କୋଟି ଦଣ୍ଡବତ ପୁଣ୍ଡରୀକନେତ୍ରଙ୍କୁ ଆମ୍ଭ କହିବ ।
କୁବୁଜା ପାଶରେ ଥିବା ସମୟରେ ଦୁଃଖ ଏକା ନ କହିବ ସେ ।
କହୁଁ ନୋହିଲେ ତାହାଙ୍କ ବୋଲ । କଲେ ଏହା ସେ ଆମ୍ଭଙ୍କୁ ସଲ ସେ । ୨୯
କିଶୋରୀରତନ ଗୋପୀଙ୍କ ବଚନ ଶୁଣି ଉଦ୍ଧବ ହରଷ ।
କଲେ ସେ ଗମନ ତୋଷ କରି ମନ ମଥୁରା ହୋଇ ପ୍ରବେଶ ସେ ।
କୃଷ୍ଣ ଛାମୁରେ ପ୍ରବେଶ ହେଲେ । କୃଷ୍ଣଦାସଙ୍କୁ ଆନନ୍ଦ ଦେଲେ ସେ । ୩୦ ।

ଚଉସ୍ତ୍ରିଂଶ ଛାନ୍ଦ

ରାଗ—ବରାଡ଼ି, ଆଷାଢ଼ଶୁକ୍ଳ ବାଣୀରେ ଗାଇବ

କଂସ-କରିକଣ୍ଠୀରବ କେଶବ । କହନ୍ତି ପ୍ରସନ୍ନ ହୋଇ ଉଦ୍ଧବ ।
କହ କହ ଗୋପପୁର ସନ୍ଦେଶ । କେମନ୍ତ ହୋଇଛନ୍ତି ଗୋପୀବଂଶ ।
କହନ୍ତି ଉଦ୍ଧବ । କର ଅବଧାନ ପ୍ରଭୁ ମାଧବ । ୧ ।
କି କହିବ ଗୋପୀମାନଙ୍କ କଥା । କହିଲେ ଜାତ ହେବ ମହାବ୍ୟଥା ।
କେଶ ବାସ ବେଶ ଅତି ମଳିନ । କୁହୁଟୀ ସମୟେ ଯେସନ୍ତେ ନଳିନ ।
କାହାର ଶରୀର । କୃଶ-ବିପାଦୁଁ ନୋହୁଛନ୍ତି ବାହାର । ୨ ।
କାହାର ବଦନେ ନାହିଁ ପ୍ରସନ୍ନ । କାହାର ନାହିଁ ବିଷୟଦର୍ଶନ ।
କହିବାକୁ ଶକ୍ୟ ନାହିଁ କାହାର । କାହିଁକି ଥିବ ଆହାର ବିହାର ।
କେବଳ ବିରସ । କରନ୍ତି ସବୁ ହୃଦୟରେ ବାସ । ୩ ।
କାହା କଙ୍କଣ ହୋଇଛନ୍ତି କେୟୂର । କେ ଉରେ କରନ୍ତି କଙ୍କଣ ହାର ।
କେ କଣ୍ଠେ ବସାଇ ତୁମ୍ଭ ନାମକୁ । କଳେବର ଦେଇ କାମକାଣ୍ଡକୁ ।
କରନ୍ତି ଶୟନ । କାନ୍ଦିତ କରି ଫେଡ଼ନ୍ତି ନୟନ । ୪ ।
କେ ପାଇ କନ୍ଦର୍ପ ପ୍ରଥମ ଦଶା । କରନ୍ତି ତୁମ୍ଭ ଅଙ୍ଗସଙ୍ଗ ଆଶା ।
କେ ଅବା ଦ୍ୱିତୀୟ ଦଶାକୁ ପାଇ । କେବଳ ତୁମ୍ଭର ଚିନ୍ତା କରଇ ।
କେବା ସୁମରଇ । କାମ ତୃତୀୟ ଅବସ୍ଥାକୁ ପାଇ । ୫ ।

Digitized by srujanika@gmail.com

କେ କରେ ଚତୁର୍ଥେ ଗୁଣ କୀର୍ତ୍ତନ । କେ କରେ ପଞ୍ଚମେ ଉଦ୍‌ବେଗ ମନ ।
କେ ଷଷ୍ଠକୁ ପାଇ ବିଳାପ କରେ । କେହୁ ଉନ୍ମତ୍ତ ହୋଏ ସପ୍ତମରେ ।
କେହୁ ବ୍ୟାଧିବନ୍ତ । କରନ୍ତି ଅଷ୍ଟମ ଦଶା ଏମନ୍ତ । ୬ ।
କେ ନବମତ୍ଵରେ ଜଡ଼ତାକୁ ପାଇ । କେବଳ ଅଙ୍ଗ ଅବନୀରେ ଶୋଇ ।
କାହା ସାତ୍ତ୍ୱିକ ହିମଋତୁ ପ୍ରାୟେ । କମ୍ପାଉଛନ୍ତି ଏହୁ ଯେଣୁ ତା କାୟେ ।
କା ରୋମଉଦ୍‌ଗମ । କାଳିକାକାଳ କଦମ୍ବକୁସୁମ । ୭ ।
କାହାର ସ୍ୱର ହୋଇବାରୁ ହତ । କାଦମ୍ବିନୀ କାଳ-କୋକିଳ ମତ ।
କେ ତହିଁ ଶରଦଋତୁ ସମାନ । କେତକୀ ପରାୟେ ହେବାରୁ ବର୍ଣ୍ଣ ।
କେ ନିଦାଘକାଳ । କେତେ ବହୁଛନ୍ତି କଳେବରୁଁ ଝାଳ । ୮ ।
କେ ତହିଁ ହୋଇଛନ୍ତି ବରଷା ପ୍ରାୟେ । କମଳ ନେତ୍ରୁଁ ନୀର ବହିଯାଏ ।
କେତେ କହିବ ତାହାଙ୍କ ବେଦନା । କହିଲେ ଶୋକ ଜାତ ହେବ ସିନା ।
କେବଳ ଏ ଦେହ । ଉକତେ ଅବା ନ ସହଇ ଦୁଃସହ ।୯ ।
କାହା ବିରହନଦୀକି ଉଚ୍ଛଳ । କୋକିଳଗୀତକୁ କରନ୍ତି ନାଟ ।
କଳେବର ରଙ୍ଗଭୂମି ହୋଇଛି । କାମନୃପତି ସୁଖକୁ ପାଉଛି ।
କାହାର ବିରହ । କଳାକୁ କଳା କରାଉଛି ମୋହ । ୧୦ ।
କୋଳାହଳନାଦେ ମୂର୍ଚ୍ଛନ୍ତି ପୁର । କେ ଶିବଙ୍କୁ ଡାକେ ହୋଇ ଆତୁର ।
କେ ବୋଲେ ଆଗୋ ଜଳ ସିଞ୍ଚ ସିଞ୍ଚ । କେ ବୋଲେ ମନ୍ଦ ମନ୍ଦ କର ବାଞ୍ଛ
କେ ହୋଇ ବିକଳ । କହେ ସଖି ତନ୍ତ୍ରେ ଚନ୍ଦନ ଗୋଳ । ୧୧ ।
କେ ବୋଲଇ ଆଣ ଉଶୀର ଖୋଳ । କେ ବୋଲେ ଅଇଲ କି ପଦ୍ମଦଳ ।
କେ ବୋଲେ ଅଣିଛି କୁମୁଦ ନାଳ । କେ ବୋଲେ ନେଇ ଦିଅ ହୃଦସ୍ଥଳ ।
କରି ଏ ଯତନ । କଲେ ସଜନୀମାନେ ସଚେତନ । ୧୨ ।
କେ ବୋଲେ ଅରେ ପ୍ରିୟସହଚରି । କୃଷ୍ଣଚନ୍ଦ୍ର ସଙ୍ଗେ ପୀରତି କରି ।
କାଳରେ ଅରଜିଲ ଏହି ଶିକ୍ଷା । କାମଦେବର ହୋଇଲୁ ଦଇକ୍ଷା ।
କେ ବୋଲେ କି କହ । କର୍ମରେ ଲେଖା ଥିଲା ଏ ବିରହ । ୧୩ ।
କେତେ କହିବ ଏହି ରୂପେ ଗୋଳ । କେତେ ପ୍ରକାରେ ପୂରିଛି ଗୋକୁଳ ।
କୋମଳ ପବନ ହୋଇଛି କଉଡ଼ । କେ କେତେ ଅବା ଆଣୁଛନ୍ତି ଲୋଡ଼ି ।
କାସାରମାନଙ୍କେ । କମଳ ପବନ ଅବା ପାଇବ କେ ? ୧୪ ।
କର୍ପୂର ଚନ୍ଦନକୁ ଅର୍ଗ ହୋଇ । କପର୍ଦ୍ଦିମାନ ପଡ଼ିଅଛି ଯାଇ ।
କୁତ୍ସିତ ଦ୍ରବ୍ୟ ଗନ୍ଧ ବେଣାମୂଳ । କର୍ମକୁ ସେହି ହୋଇଛି ଦୁର୍ମିଳ ।
କୁସୁମମାନଙ୍କୁ । କେହି ଆଣୁନାହିଁ ନେତ୍ରପଥକୁ । ୧୫ ।

Digitized by srujanika@gmail.com

କେତେ ରୂପେ ମୂର୍ତ୍ତି ଅଛନ୍ତି ଗଢେ । କେହି ଭୋଳବାକୁ ମନ ନ ଇଚ୍ଛେ ।
କାମଦୂତକୁ ଦେଖି ଘଉଡନ୍ତି । କଣ୍ଠ ଶୁଣି କର୍ଣ୍ଣେ କର ଦିଅନ୍ତି ।
କୁଞ୍ଜବନ ହେବ । କହିଲୁ ଏହା ମୁଁ ଅଳପ କଲି । ୧୬ ।
କେବଳ ତୁମ୍ଭ ଲେକ ବୋଲି ମୋତେ । କହିଲେ ମଧ୍ୟସ୍ୱରେ ଯେତେଯେତେ
କଷ୍ଟ ପ୍ରବେଶ ହୁଅଇ କର୍ଣ୍ଣରେ । କଷ୍ଟ ରହଇ ତାହାଙ୍କ ଅଧରେ ।
କାମକର‌ଂବୀଣା । କ୍ୱଣନ ସେ କାଳେ ହୋଇବ ଊଣା । ୧୭ ।
କହିଛନ୍ତି କୋଟି ଦଣ୍ଡପ୍ରଣାମ । କହ ତୁମ୍ଭ ଆଜ୍ଞା ଆଶା ବଣାମ ।
କଉଁ ଭାଗ୍ୟରୁ ରହିଅଛୁ ପ୍ରାଣ । କରୁଣାସିନ୍ଧୁ ତୁମ୍ଭେ ତାହା ଜାଣ ।
କର୍ଣ୍ଣେ ଶୁଣି ହରି । କମଳନେତ୍ରୁଁ ପକାଇଲେ ବାରି । ୧୮ ।
କହିଲେ ଶ୍ୱାସ ପକାଇ ମାଧବ । କହିଲ ଯେଉଁ କଥା ହେ ଉଦ୍ଧବ ।
କଳ୍ପିତ ବିଚ୍ଛେଦ ଯୁଗ ଯାହାଙ୍କୁ । କାଳେ ହେଲା ଭେଟ ନାହିଁ ତାହାଙ୍କୁ ।
କଷ୍ଟ ଅବା କେତେ । କରିଛ ହେଲେ ମୋ ଆଶା କରତେ । ୧୯ ।
କରଣମାଳ-କରଣ ଯେମନ୍ତ । କେବେହେଁ ନ ଛାଡେ ମେରୁ ପର୍ବତ ।
କଶୋରୀ-ଗୋପୀଙ୍କଠାରେ ମୋ ମନ । କରିଛୁ ସେହି ରୂପେ ଅବଧାନ ।
କହୁ କହୁ ଏହା । କଲ ସିତ ଭୋଗ ରଜନୀନାହା । ୨୦ ।
କରୁଣାକର ଗୃହିଁ ଉଦ୍ଧବକୁ । କଲେ ମେଲାଣି ପୁରକୁ ଯିବାକୁ ।
କର ମଣୋହି ପହୁଡିଲେ ଯାଇଁ । କଳାକରମୁଖୀ ଗୋପୀଙ୍କି ଧ୍ୟାଇ ।
କମେ ନିଶି ଶେଷ । କୁକ୍କୁଟ ଧ୍ୱନି ଶୁଭେ ଦଶଦଶ । ୨୧ ।
କେଶୀମନ୍ଥନ ଅପହୁଡ଼ ହୋଇ । କର୍ମ ଧର୍ମ ବିଧିମତେ ବଢ଼ାଇ ।
କଲେ ବିଜୟ ବଡ଼ ଅବକାଶେ । କଲେ ଲୋକ ଦରଶନ ହରଷେ ।
କୃଷ୍ଣଦାସ କବି । କୃତାର୍ଥ ହେଲା ଏହି କାଳ ଭାବି । ୨୨ ।
କୋଟିବ୍ରହ୍ମାଣ୍ଡ ପ୍ରଭୁ ଜଗନ୍ନାଥ । କରନ୍ତି ପୂର୍ଣ୍ଣ ଜନ ମନୋରଥ ।
କଲି ମୁଁ ଏହି ହେନ ଅଭିମତ । କରିବାକୁ ରସକଲ୍ଲୋଳ ଗୀତ ।
କହିଲେ ସେ ଯେଣୁ । କରରେ ମାନ ଲେଖିଲି ମୁଁ ତେଣୁ । ୨୩ ।
କଅ ଅକ୍ଷରେ ହୋଇଛି ନିୟମ । କଥା ନୋହେ ଦିବ୍ୟ ଅଦିବ୍ୟ ସମ ।
କେତେ କଉତୁକ ଅଛନ୍ତି ଏଥି । କେବଳ କ୍ଷୀରସିନ୍ଧୁ ପ୍ରାୟେ ମନ୍ଥି ।
କର ରସ ଜାତ । କରି ଧୀଷଣା ମନ୍ଦର ପର୍ବତ । ୨୪ ।
କୋବିଦ-ଦେବମାନେ ଲଭ ସୁଖ । କରନ୍ତୁ ବାଳିଶ-ଅସୁରେ ଦୁଖ ।
କୃଷ୍ଣସେବକ ଗୋପୀଭକ୍ତ ଯାର । କରନ୍ତୁ ସେମାନେ କଣ୍ଠରେ ହାର ।
କଠୋର କୁଟିଳ । କପଟିଲୋକଙ୍କୁ ଏ ଅମଙ୍ଗଳ । ୨୫ ।

Digitized by srujanika@gmail.com

କୁଟିଳବର୍ତ୍ତାବଳରେ ଅଭୁକ୍ତ । କବନ୍ଧୁଦଅବଲମ୍ବକୁ କାନ୍ତ ।
କୋଦଦମନ ଘନାଘନ ବନ୍ଧୁ । କେବେହେଁ ନ ଦଶଇ ଇନ୍ଦ୍ରଧନୁ ।
କର ସୁବଗୁର । କବର୍ତ୍ତ ଶାନ୍ତ୍ରଜଳ ଏକାକାର । ୨୬ ।
କେବର୍ତ୍ତ ବନତା କବ ତା ପିତା । କହିବା ଲୋକ ତାର ଉପମାତା ।
କଲେ ତାକୁ ଭୋଗ ରସିକ କେତା । କେବେହେଁ ଅବା ରହଇ ଯୋଗ୍ୟତା ।
କୁମତ ଗୁଁଆର । କେବଳ ବଇମାନଭୁଇ ତାର । ୨୭ ।
କବର୍ତ୍ତ ମଳୟପବନ ମତ । କରେ ରସିକତରୁ ପଲ୍ଲବତ ।
କର୍କଶ ମୂର୍ଖ ଶୁଷ୍କତରୁ ମାନ । କେତେବେଳେହେଁ ନ ଧରଇ ପନ ।
କାମିନୀ-ବଭାବ । କରଇ ନିଜ ନପୁଂସକ ଦ୍ରବ । ୨୮ ।
କବର୍ତ୍ତ ରସ ଉତ୍ତମ ଗୋକ୍ଷୀର । କର ତହିଁ ସଙ୍ଗ ସ୍ନେହ ଶାକର ।
କର୍ଣ୍ଣଚୁଣ୍ଡରେ ଯେ କରଇ ପାନ । କହୁହିଁ ସ୍ୱାଦୁ ଜାଣଇ ସେ ଜନ ।
କୁତ୍ସିତ ଯା ବୁଦ୍ଧି । କରେ ତା ବଚନ ଆମ୍ବିଳ ଦଧି । ୨୯ ।
କବର୍ତ୍ତକୋଷେ ନାନା ଦ୍ରବ୍ୟ ଥାଇ । କହୁ ଯାର ଜ୍ଞାନଚକ୍ଷୁ ନ ଥାଇ ।
କରନ୍ତ ଯାଇ ତହିଁ ଅଧିକାର । କିଛିତ ଲାଜ ନ ଥାଇ ତାଙ୍କର ।
କାହିଁ ପଢ଼ିଗଲେ । କେବଳ ବେଭାର ସରଇ ଭଲେ । ୩୦ ।
କର ଧର କହୁଅଛୁ, ହେ ଜନେ । କୋପ ଅଭିମାନ ନ ଧର ମନେ ।
କରୁଣା ହୃଦୟ ନିରତେ ହୁଅ । କୃଷ୍ଣ କଥାରେ ଏକା ମନ ଦିଅ ।
କର ଦୀନେ ଦାନ । କହୁ କହୁ ଯିବଟି ଏ ଜୀବନ । ୩୧ ।
କେବଳ ସାଧୁସଙ୍ଗେ ସଙ୍ଗ ହୁଅ । କୁଟିଳଲୋକ-ପାଖକୁ ନ ଯାଅ ।
କୋମଳ କର କଥାମାନ କହ । କୃଷ୍ଣ ଭକ୍ତଜନ-ମନ ମୋହ ।
କୃଷ୍ଣ କର ଧ୍ୟାନ । କୃଷ୍ଣ ଚରିତମାନ କର ପାନ । ୩୨ ।
କାଳନ୍ଦୀଜଳକଲ୍ଲୋଳରଙ୍ଗୀୟ । କଦମ୍ବତଳୁଭଳି ତ୍ରିଭଙ୍ଗୀୟ ।
କଳାକମଳ-କଜ୍ଜଳକାଳୀୟ । କେକୀବରହକଳାପଚୁଳୀୟ ।
କାନ୍ତକୁଣ୍ଡଳୀୟ । କୁମୁଦବନ୍ଧୁମୁଖମଣ୍ଡଳୀୟ । ୩୩ ।
କୁଟିଳନୀଳଅଳକାବଳୀୟ । କମନୀୟବନଫୁଲମାଳୀୟ ।
କଳଧଉତକାନ୍ତଦୁକୂଳୀୟ । କିଶୋରବରଜସଙ୍ଗମେଳୀୟ ।
କୃଷ୍ଣଦାସ ମନ । କମଳଜନନିଦ୍ରକର ତପନ । ୩୪ ।

ସମାପ୍ତ

Digitized by srujanika@gmail.com

କଲ୍ଲୋଳ-କୌମୁଦୀ

ପ୍ରଥମ ଛାନ୍ଦ

ଜଗନ୍ନାଥଙ୍କ ବନ୍ଦନା—ରୂପ ବର୍ଣ୍ଣନା ଓ ଅଧିଷ୍ଠାନ, ଜଗନ୍ନାଥଙ୍କ ଅବତାରତ୍ୱ, ମତ୍ସ୍ୟ କଚ୍ଛପାଦ ତଥା କୃଷ୍ଣଙ୍କ ଅବତାରତ୍ୱ କଥନ ।

୧ । କର ମନକୁ ଏକ—ମନକୁ ଏକ କର, ଏକାଗ୍ର ଚିତ୍ତରେ । ଧୀରେ—ଚଞ୍ଚଳ ନ ହୋଇ, ସ୍ଥିର ହୋଇ । ନୀଳାଚଳ ନାୟକ—ନୀଳାଚଳ (ନୀଳଗିରି) ପତି ଶ୍ରୀ ଜଗନ୍ନାଥ; ପୁରୀ ଦେଉଳ ଯେଉଁ ସ୍ଥାନରେ ନିର୍ମିତ, ସେ ସ୍ଥାନରେ ଏକ ପର୍ବତ ଥିଲା, ତାହା ନୀଳଗିରି ବୋଲି ଖ୍ୟାତ—ତେଣୁ ଜଗନ୍ନାଥ ନୀଳାଚଳ-ପତି ।

୨ । କମନୀୟ—ସୁନ୍ଦର । କଲୁଷ—ପାପ । ସଂସାର ଶୋକ—ଜନ୍ମ, ଜରା ଓ ବ୍ୟାଧିଜନିତ ଦୁଃଖ ।

୩ । କମଳନୟନ—ପଦ୍ମ ସଦୃଶ ଚକ୍ଷୁ ଯାହାଙ୍କର ସେ । କୋଟିସୁଖଦାୟକ—କୋଟି-ଅଗଣିତ, ଅକଳନ୍ତା ସୁଖ ଦାୟକ ଅଟନ୍ତି । କଳାଡୋଳା...ପ୍ରାୟକ—ଚକ୍ଷୁର କଳାଡୋଳା ପଦ୍ମରେ ଭ୍ରମର ଲାଗି ରହିଲାପରି ଶୋଭା ପାଏ । ଚୂମ୍ବିକ—ସ୍ପର୍ଶ କଲା ।

୪ । ସୁନାର ଯେ ରାହୁରେଖା—ଅଳଙ୍କାର ବିଶେଷ, ତାର ଝଲକ-ଆନ୍ଦୋଳନ—କମ୍ପନ । ପୁଲକ—ଆନନ୍ଦରେ ରୋମାଞ୍ଚିତ; ରୋମ ଠାଆରିବା ।

୫ । ସୁରଙ୍ଗ—ଅତ୍ୟନ୍ତ ଲାଲ (ତେଣୁ ସୁନ୍ଦର) । ବିଲୋକ—ଦର୍ଶନ । ଝଟକ—ଝଲ୍‌ପଣ, ଉଜ୍ଜ୍ୱଳ ତେଣୁ ଶୋଭା । ଜଡ଼—ବିସ୍ମୟରେ କଥା କହି ପାରେ ନାହିଁ ।

୬ । ମକର କୁଣ୍ଡଳ—ମଗର ଆକାରର ଯେ କୁଣ୍ଡଳ । ଭାଲେ—କପାଳରେ, ଭାଲପଟରେ । କଟକି—ମଣିବନ୍ଧର ଅଳଙ୍କାର । ବାହୁଟି—ବାହୁର ଅଳଙ୍କାରବିଶେଷ ।

୭ । କମ୍ବୁକଣ୍ଠେ—ଶଙ୍ଖ ଆକାରର କଣ୍ଠରେ; କଉସ୍ତୁଭମଣି—ସମୁଦ୍ର ମନ୍ଥନରୁ ବାହାରିଥିବା ଅତି ଉତ୍କୃଷ୍ଟ ରତ୍ନ ବିଷ୍ଣୁଙ୍କ ଭାଗରେ ପଡ଼ିଥିଲା । ନାୟକ—ଶ୍ରେଷ୍ଠ । କଲୁଷ...ନାୟକ—ଦିନନାୟକ ସୂର୍ଯ୍ୟ ଅନ୍ଧକାରକୁ ନାଶ

Digitized by srujanika@gmail.com

କରନ୍ତି, ଏ ମଣି ଅନ୍ଧକାର ଏବଂ ପାପ ଉଭୟଙ୍କୁ ନାଶ କରେ । ଅନ୍ଧକାରକୁ—ଅନ୍ଧକାର ନିମନ୍ତେ, ଚତୁର୍ଥୀ ବିଭକ୍ତିରେ କୁ ପ୍ରତ୍ୟୟ ବା କଳୁଷରୂପ ଅନ୍ଧକାର ।

୮ । କଳିତ—ଧୃତ, ଗୃହୀତ ବା ଗଚ୍ଛିତ, ଶୋଭା ପାଇଛି । ଲଳିତ—ସୁନ୍ଦର । ତୈଲୋକ୍ୟ—ତିନିଲୋକ—ସ୍ୱର୍ଗ, ପୃଥ୍ୱୀ, ପାତାଳ; ତୈଲୋକ୍ୟ ପ୍ରୟୋଗ ମଧ୍ୟ ହୋଇପାରେ ।

୯ । କଳ୍ପବୃକ୍ଷ—ସ୍ୱର୍ଗରେ ଥାଏ । କଳାପୀ—ମୟୂର; କଳାପ—ପୁଚ୍ଛ; କଳ୍ପବୃକ୍ଷରେ ନାନା ପ୍ରକାର ଉତ୍କଳ ଶୋଭା ପାଇଲା ପରି ଜଗନ୍ନାଥଙ୍କ ଶ୍ରୀଅଙ୍ଗଯାକ ମୟୂରପୁଚ୍ଛରେ ଶୋଭା ପାଉଛି । କଳ୍ପପ୍ରଦ ବୃକ୍ଷ (କଳ୍ପ—ଇଚ୍ଛା) ।

୧୦ । କରେ—ହସ୍ତରେ ଶଙ୍ଖ ଓ ଚକ୍ର, କଷ୍ଟ—ଦୁଷ୍ଟଙ୍କ ଦ୍ୱାରା ସାଧୁମାନଙ୍କର କଷ୍ଟ । ଦୁଷ୍ଟ—ଦୁର୍ଜ୍ଜନ; କଂସାଦି । ଦୁଷ୍ଟ ମାରକ ସେ ସେ କଷ୍ଟମାରକ ଅର୍ଥାତ୍ ଦୁଷ୍ଟଙ୍କୁ ନାଶ କରି ସାଧୁଙ୍କ କଷ୍ଟ ମଧ୍ୟ ଦୂର କରନ୍ତି—ଏ ପ୍ରୟୋଗଟି ଅତି ସୁନ୍ଦର ।

୧୧ । କନକ କଙ୍କିଣୀ—ସୁନା କଙ୍କିଣୀ ଯାହା କଟିରେ ପିନ୍ଧନ୍ତି; ପୀତାମ୍ବର ଝୁଲିଥିବା ଲୁଗା ଉଭୟଙ୍କର ଧାରକ ଜଗନ୍ନାଥ ।

୧୨ । କମ୍ବୁ କଟକ—କଟକ—ନଗର; ଶଙ୍ଖକ୍ଷେତ୍ର, ପୁରୀ । ଏକ—ପ୍ରଧାନ, ଶ୍ରେଷ୍ଠ । କଉତୁକ—ପରିହାସ, ମନମୋହିଆ କଥା । ନାଗରମାନେ କଉତୁକ କଥାରେ କାଳ କଟାନ୍ତି । ଜଗନ୍ନାଥ ପୁରୀକ୍ଷେତ୍ରରେ ଶ୍ରେଷ୍ଠ ପୁରୁଷ ଓ ସେ କୌତୁକ କଥାରେ ରସିକ ଅଟନ୍ତି ।

୧୩ । କମଳନେତ୍ରୀ—କମଳନୟନ ଦେଖ । କମଳା—ଲକ୍ଷ୍ମୀ । ପ୍ରାଣନାୟକ—ପ୍ରାଣପତି, ସ୍ୱାମୀ । କଲାପବିତ—ନୀଳାଚଳ । ଲୀଳା—ଯାତ୍ରା, ଉତ୍ସବ ପ୍ରଭୃତି ।

୧୪ । କଂସ ଅନ୍ତକ—କଂସଶତ୍ରୁ । ମହାକଷ୍ଟ—ମହାର , କ୍ଲେଶ, ଦୁଷ୍ଟଙ୍କ ଅତ୍ୟାଚାର ପାପାଦି ।

୧୫ । ବ୍ରଜେ—ଗୋପରେ । ନନ୍ଦବାଳକ—ନନ୍ଦପୁତ୍ର । ପଶୁପାଳକ—ଗଉଡ଼ ।

୧୬ । କଇବଲ୍ୟ—ମୁକ୍ତି, କେବଳର ଭାବ, ଜୀବାତ୍ମା ପରମାତ୍ମାରେ ଲୀନ ହୋଇ ଏକ ହେବା । କୈବଲ୍ୟଦାୟକ—ମୁକ୍ତିଦାତା, ଜଗନ୍ନାଥ । କଂସ ଆଦି—କଂସ, ତୃଣ, ବକ, ଶକଟାଦି । ଉତ୍ସୁକ—ଉତ୍କଣ୍ଠିତ ।

୧୭ । କଚ୍ଛପ....ଜନକ—ଜଗତ୍ପିତା ଜଗନ୍ନାଥ ମତ୍ସ୍ୟ, କଚ୍ଛପାଦି ଅବତାର ଧାରଣ କରି ମର୍ତ୍ତ୍ୟରେ ଜାତ ହେଲେ । ଜଗନ୍ନାଥଙ୍କଠାରୁ ଏମାନେ ଜାତ ।

Digitized by srujanika@gmail.com

୮ । ପାତକ—ପାପ । ଜୀବ—ଜୀବନ ବା ପ୍ରାଣୀ । କୃତାର୍ଥ—ମୁକ୍ତିଜନିତ ପରମାନନ୍ଦ ପ୍ରଦାନ ।

୯ । କମଳସମ୍ଭବ—ବ୍ରହ୍ମା । ଭବ—ମହାଦେବ । ସୁରନାୟକ—ଇନ୍ଦ୍ର । ଦନୁଜପ—ଅସୁର । ଅଦ—ରାକ୍ଷସ, ଦାନବ, ଭୂତପ୍ରେତାଦି, ମାନବ ପ୍ରଭୃତି ଲୋକ ତାଙ୍କର ଲୋକ—ଭକ୍ତ ।

୧୦ । କରୁଣାସାଗର—ଦୟାନିଧି । ସାଗରଜା (ସାଗରରୁ ଜାତ)—ଲକ୍ଷ୍ମୀ । ନାୟକ—ପତି; ଲକ୍ଷ୍ମୀପତି—ଜଗନ୍ନାଥ । ଅଭୟବରଦାୟକ—ଭୟ ଶୂନ୍ୟତା ଓ ଅଭୀଷ୍ଟ ବିଷୟ ପ୍ରଦାନକାରୀ ।

୧୧ । କଷ୍ଟ—କ୍ଳେଶ, ପୀଡ଼ା । ମହୀଧର—ପର୍ବତ; କଷ୍ଟରୂପକ ମହୀଧର ପ୍ରତି ତୁମ୍ଭେ ମହୀଧରକଣ୍ଟକ—ପର୍ବତଶତ୍ରୁ ବଜ୍ରସ୍ୱରୂପୀ ଅଛ । କଲମଷବାରଣ—ପାପରୂପୀ ହସ୍ତୀ । ବାରଣ ଅନ୍ତକ—ସିଂହ; ପାପନାମ ହସ୍ତୀକି ତୁମ୍ଭେ ସିଂହସ୍ୱରୂପୀ ଅଛ, ଦୁଷ୍କୃତଗୁଡ଼ିକ ବିନାଶ କର ।

୧୨ । ଅକ୍ଷସୁର—ଅକ୍ଷପ୍ରଦ ଦେବ, ହେ ପ୍ରଭୁ ! ଅଗଣ ଅକ୍ଷପ୍ରଦ ଦେବ, ବା ଅକ୍ଷାଂରେ ସୁର କ ଦେବ ଯାହାଙ୍କର ।

ଦ୍ୱିତୀୟ ଛାନ୍ଦ

୧ । ଏକତାନ—ଏକାଗ୍ର । କଳିକଲ୍ମଷ ସଂଘାତ—କଳିଯୁଗର ପାପସମୂହ । ସଂଘାତ—ପ୍ରହାର; ପାପ ସମୂହକୁ ନାଶ କର । ସଂଶୟ—ଶଙ୍କା, ଭୟ । କାଳଦଣ୍ଡବ୍ୟଥାକୁ—ମରଣ କ୍ଳେଶକୁ, ଯମଦଣ୍ଡ ପୀଡ଼ାକୁ । କଳାକରେ—ଚନ୍ଦ୍ରଙ୍କ ଦ୍ୱାରା, ଚନ୍ଦ୍ରଙ୍କ ଦ୍ୱାରା ଅନ୍ଧକାର ନାଶ ହେଲା ପରି କୃଷ୍ଣକଥା ଶ୍ରବଣରେ ପାପ କ୍ଷୟ ହୁଏ ।

୨ । ଦନୁଜପକୁଳେ—ଅସୁରମାନଙ୍କଦ୍ୱାରା । ଦୁଃସହ—ଅସହ୍ୟ, ପୀଡ଼ାଗ୍ରସ୍ତ ହେବୁ । କୃଶକେତୁ—ବ୍ରହ୍ମା । ବିନୟ ହୋଇ—ଏକପଦ, ନମ୍ର ହୋଇ । ଅବନୀବ୍ୟଥା—ପୃଥିବୀର ପୀଡ଼ା ।

୩ । କମଳମୁଖୀ-କମଳା କଣ୍ଠମରକତମାଳା—କମଳମୁଖୀ—ପଦ୍ମମୁଖୀ; କମଳା—ଲକ୍ଷ୍ମୀ । କଣ୍ଠମରକତମାଳା—ଲକ୍ଷ୍ମୀଙ୍କ କଣ୍ଠଅଲଙ୍କାର କରିବା ହାତ; (ମରକତ—ନୀଳମଣିବିଶେଷ) ମାଳାସ୍ୱରୂପ ଯାହାଙ୍କର—କୃଷ୍ଣ, ଜଗନ୍ନାଥ । କରୁଣାକଟାକ୍ଷ—ଦୟାପୂର୍ଣ୍ଣ ଆଡ଼ଚାହାଁ ଚାହାଣି । ଦୋପପଳେ—ଦୋଷ ପଳାଇଲା ।

୪ । ପଦ୍ମଯୋନି—ବ୍ରହ୍ମା । କୋଟିକାମସ୍ୱରୂପ—କାମ ସୁନ୍ଦର ବୋଲି ଜଗତ୍ ପ୍ରସିଦ୍ଧ, ତାର ସୌନ୍ଦର୍ଯ୍ୟର କୋଟିଗୁଣ ସୌନ୍ଦର୍ଯ୍ୟ ଥିବା ରୂପ ଧର । ଦେବକୀ—ବସୁଦେବଙ୍କ ସ୍ତ୍ରୀ, କଂସର ଭଉଣୀ ।

Digitized by srujanika@gmail.com

୫ । ଶଶଧର—ଚନ୍ଦ୍ର ।

୬ । ଶ୍ରୀବତ୍ସ ପଦ—ବ୍ରାହ୍ମଣର ପଦଚିହ୍ନ ; କଳତଳଳିତ—ପ୍ରଥମ ଅଧ୍ୟାୟ ଦେଖ ।

୭ । ବାଳମୁକୁନ୍ଦ ମୂରତି—ମୁକୁନ୍ଦ—ମୁକ୍ତିଦାତା ଯେ କୃଷ୍ଣଚନ୍ଦ୍ର, ତାଙ୍କର ଶିଶୁମୂର୍ତ୍ତି । ଜନକ—ପିତା ବସୁଦେବ । ଜନନୀ—ମାତା ଦେବକୀ । ଗୋସାଇଁ—ଠାକୁର । ପାହାନ୍ତି—ପ୍ରତ୍ୟୁଷ, ଜଗୁଆଳ । କାଳନିଦ୍ରା—ମୃତ୍ୟୁବତ୍ ନିଦ୍ରା ।

୮ । ହଳହୁଳ—ଲୀଳାଖେଳାରେ । କୋମଳ ଗମ୍ଭୀର—ସ୍ନିଗ୍ଧ ଗମ୍ଭୀର । ଖାଟୁଲି—ଶୃଙ୍ଖଳ, ବେଡ଼ି । କରିବାକୁ ବଳେ—ଯାତ୍ରା କରିବାକୁ, ଗମନ କରିବାକୁ, ବାଜିଯିବା ବଳେ; ଯାତ୍ରାକାଳରେ ଜୟ ଜୟ ଧ୍ୱନିରୁ ବିଜୟଶବ୍ଦ ଯାତ୍ରା ଅର୍ଥରେ ବ୍ୟବହୃତ । ଖଟିଲେ—ସେବାକଲେ, ଯୋଗାଇଲେ ।

୯ । ଧୀରେ—କୋମଳରେ । ଖରେ—ଶୀଘ୍ରରେ । ଉଗ୍ରସେନ—କଂସର ପିତା । ଓଗାଳିଲେ—ଆଗରେ ଠିଆହୋଇ ଛାଡ଼ିଦେଲେ ନାହିଁ; ଅର୍ଗଳ ଶବ୍ଦଜ । କାଳ ହୋଇ ଦଇବ ଯୋଗେ—ଦୈବଯୋଗରେ କଣ କଣ ହୁଏ, ଦୈବଯୋଗେ କଣ ନ ହୁଏ । ହୋଇ—ହୁଅଇ । କୁମାରୀ—ଝିଅ । ସେଲଗେ—ସେହିକ୍ଷଣି । ଲଗ—ଲଗ୍ନ ଶବ୍ଦଜ ।

ଉଗ୍ରସେନ ଓଗାଳିବା ବିଷୟ ସଂସ୍କୃତ ଭାଗବତ, ବ୍ରହ୍ମବୈବର୍ତ୍ତ, ପଦ୍ମ ଓ ବ୍ରହ୍ମପୁରାଣରେ ନାହିଁ । ଜଗନ୍ନାଥ ଦାସଙ୍କ ଭାଗବତ ଓ ଅଚ୍ୟୁତାନନ୍ଦଙ୍କ ହରିବଂଶ ଦ୍ରଷ୍ଟବ୍ୟ ।

୧୦ । ପ୍ରତିଦାନ—ବଦଳ । କୁହାଁ କୁହୁଁ—ସବୁ ପୋଥିରେ; କୁଅଁ କୁଅଁ ଶବ୍ଦର ପ୍ରାଚୀନ ରୂପ । ଦଇତ—ଦୈତ୍ୟର ଅପଭ୍ରଂଶ—ଅସୁର ।

୧୧ । କ୍ରୋଧଭର—କ୍ରୋଧପୂର୍ଣ୍ଣ ହୋଇ । କାଳ—ଯମ, ଅନ୍ତକ । ଏହାର ଅଷ୍ଟମ ଗର୍ଭ—ଅଷ୍ଟମ ଗର୍ଭରୁ ଜାତ ପୁତ୍ର । ବେଳରେ—ସମୟରେ, ବଳରେ ମଧ୍ୟ ହୋଇପାରେ ।

୧୨ । ଭାଜନ—ପାତ୍ର; କନ୍ୟା କେତେବେଳେ ବାଳକ ହୋଇ ପାରିବ ନାହିଁ ।

୧୩ । ବିଧୁର—ଦୁଃଖିତ ।

୧୪ । ଭଇଲୋଚନ—ବୈଲୋଚନ ପ୍ରହ୍ଲାଦ ପୁତ୍ର, ବିଷ୍ଣୁ ମାଳତୀକନ୍ୟା ରୂପ ଧରି ପ୍ରହ୍ଲାଦ ପୁତ୍ର ବୈଲୋଚନକୁ ମାରିଥିଲେ । ମୋହିନୀ କନ୍ୟାରୂପେ ଶିବଙ୍କୁ ହରବର କରିଥିଲେ । କାତ୍ୟାୟିନୀ—ଦୁର୍ଗାରୂପ ଧାରଣ କରି ମହିଷାସୁର ନିଶୁମ୍ଭ ଅସୁରଙ୍କୁ ଚଣ୍ଡୀଯୁଦ୍ଧରେ ନାଶ କରିଥିଲେ ।

Digitized by srujanika@gmail.com

୧୫। ଶିଳେ—ଶିଳାଏ, ପଥରରେ । କାଳେ—ଉପଯୁକ୍ତ ସମୟରେ । କାଳକୁ—ଯମକୁ, ତୋ ଅନ୍ତକକୁ; କୁଲାଳଚକ୍ର—କୁମ୍ଭାର ଚକ । ଭ୍ରମିଲା—ବୁଲିଲା ।

୧୬। କେଶୀ:—କୃଷ୍ଣ ଭାଣ୍ଡୀର ବନରେ କେଶୀକୁ ହତ୍ୟା କରିଥିଲେ । ଅଘା—କୃଷ୍ଣ ପଞ୍ଚମ ବର୍ଷ ବୟଃକ୍ରମ କାଳରେ ଅଜଗରରୂପୀ ଏହାର ବିନାଶ ସାଧନ କରିଥିଲେ । ସବୁ ଗୋପବାଳକ ଏହାର ଉଦରରେ ପ୍ରବେଶ କଲା ପରେ କୃଷ୍ଣଚନ୍ଦ୍ର ସେମାନଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ତାହାର ଗର୍ଭରେ ପ୍ରବେଶ କରି ତାହାର ବିନାଶସାଧନ କଲେ । (ଭାଗବତ)

ବକାସୁର:—କୃଷ୍ଣ ମଧୁବନରେ ଏହାକୁ ନାଶ କରିଥିଲେ । ବକ କୃଷ୍ଣଙ୍କୁ ଉଦରସାତ୍ କରିଥିଲା । ତାର ପେଟ ବ୍ରହ୍ମାଗ୍ନିରେ ଜାଳି ଦେବାରୁ ସେ କୃଷ୍ଣଙ୍କୁ ବାନ୍ତକରି ପକାଇଥିଲା । ପରେ କୃଷ୍ଣଙ୍କୁ ମାରିବାକୁ ଆସିବାରୁ ସେ ତାର ଦୁଇ ପାଟିକୁ ଚିରି ତାକୁ ଦିଫାଳ କରି ଦେଇଥିଲେ ।

ଶକଟା:—କୃଷ୍ଣଙ୍କ ଜନ୍ମଦିନ ଉପଲକ୍ଷରେ ଯଶୋଦା କାର୍ଯ୍ୟରେ ବ୍ୟସ୍ତ ଥିବା ହେତୁ ପଦାର୍ଥରେ ଭରି ହୋଇଥିବା ଗୋଟିଏ ଶଗଡ଼ତଳେ କୃଷ୍ଣଙ୍କୁ ଶୁଆଇ ଦେଇଥିଲେ । କୃଷ୍ଣଙ୍କର କାନ୍ଦିଲାବେଳେ ଦୁଇଗୋଡ଼ ଶଗଡ଼ରେ ବାଜିବାରୁ ଶଗଡ଼ ଭାଙ୍ଗିଗଲା । ସେହି ଶଗଡ଼ ଅସୁରଦ୍ୱାରା ଅଧିଷ୍ଠିତ ହେବା ବିଷ୍ଣୁପୁରାଣର ଟୀକାରେ ଲିଖିତ ଅଛି ।

ତୃଣାବର୍ତ୍ତ:—ପାଣ୍ଡ୍ୟ ଦେଶର ରାଜା ସହସ୍ରାକ୍ଷ ଗନ୍ଧମାଦନ ପର୍ବତର ଅରଣ୍ୟରେ ସ୍ତ୍ରୀମାନଙ୍କ ସହ କେଳି କରୁଥିଲେ । ଦୁର୍ବାସା ଋଷି ଶିଷ୍ୟମାନଙ୍କ ସହ କୈଳାସକୁ ସେହି ପାଖଦେଇ ଯାତ୍ରା କରୁଥିଲେ । କାମବିହ୍ୱଳ ରାଜା ଋଷିଙ୍କୁ ନମସ୍କାର ନ କରିବାରୁ ଋଷି ତାଙ୍କୁ ଶାପ ପ୍ରଦାନ କରିଥିଲେ । ତୁମ୍ଭେ ଲକ୍ଷେବର୍ଷ ଅସୁର ହୋଇ ଭାରତରେ ରହିବ; ତତ୍ପରେ ଶ୍ରୀକୃଷ୍ଣଙ୍କ ପାଦସ୍ପର୍ଶରେ ଗୋଲୋକ ପ୍ରାପ୍ତ ହେବ । (ବ୍ର: ବୈ:)

ପୂତନା:—ବଳିଯଜ୍ଞରେ ବଳିକନ୍ୟା ରତ୍ନମାଳା ବାମନଙ୍କ ରୂପ ଦେଖି ତାଙ୍କୁ ମନରେ ପୁତ୍ରସ୍ନେହ କରିଥିଲା ଏବଂ ସ୍ତନ୍ୟପାନ କରାଇବାରେ ଇଚ୍ଛା କରିଥିଲା । ହରି ତା ମନକଥା ଜାଣି ତାକୁ ମାତୃରୂପରେ ଗଣାଇ ତାଠାରୁ ବିଷସ୍ତନ୍ୟ ପାନ କରି ମୁକ୍ତି ଦେଇଥିଲେ (ବ୍ରହ୍ମବୈବର୍ତ୍ତ) । ସେ ଅଘା ଓ ବକର ଭଉଣୀ । ଯେ ଯାହାରେ—ଯେ ଯାହା ଶକ୍ତି ବା କାଇଦାରେ ।

ଟାକ—ଜଗି, ଲକ୍ଷ । ତର୍କ ଧାତୁରୁ ବୋଧହୁଏ ଆସିଅଛି ।

୧୭। ଡିଆଣ—ବିଧାନ ଶବ୍ଦର ଅପଭ୍ରଂଶ । ସିହ୍ନାଣ—ଚତୁର, କୁଶଳ । ସୂତଗୃହ—ସୂତିକାଘର, ସୂତିକାଗୃହ ।

Digitized by srujanika@gmail.com

୮ । କନକ—ସୁନା । ଚାରୁ—ସୁନ୍ଦର । ଚନ୍ଦ୍ରାତପ—ଚାନ୍ଦୁଆ । ଛଟ୍—ଛିଟା ପାଣିପିଛିବା, ଜଳସେଚନ, ଘର ଶବ୍ଦ ଜ । ତୋଷ—ଶୋଭା । ଅଳକାପୁର—କୁବେରପୁର । କନ୍ୟାସ୍ତମ୍ଭ—ପ୍ରଥମ ଖମ୍ବ ।

୯ । କାମପାଳ—ବଳରାମ । କାଳିନ୍ଦୀ—ଯମୁନା (କଳା) । ସୁରସରିତ—ଗଙ୍ଗା (ଧଳା) । ମଞ୍ଜେ—ମଞ୍ଜୀରର ଅପଭ୍ରଂଶ । କବି ବଳରାମ ଓ କୃଷ୍ଣଙ୍କୁ ଗଙ୍ଗା ଓ ଯମୁନା ସଙ୍ଗେ ତୁଳନା କରି ମଞ୍ଜୀରର ଦୁଇ ତୀର୍ଥରୂପେ କହୁଅଛନ୍ତି ।

୧୦ । ଜଳରେ ସ୍ନାନ କଲେ ଅନ୍ୟ ତୀର୍ଥ (ଗଙ୍ଗା-ଯମୁନାର ସଙ୍ଗମ ପ୍ରୟାଗ ତୀର୍ଥ ପବିତ୍ର କରେ ; ଏ ତୀର୍ଥ (କୃଷ୍ଣ ବଳରାମଙ୍କ ଯୋଗ) ନାମରେ ନାନା ପାପ ନଷ୍ଟ ହୁଏ । କଇବଲ୍ୟ—ମୁକ୍ତି । ହେଳେ—ସହଜରେ । ଜଠର ଜଳେ—ପେଟଜାଳରେ । ବଇକୁଣ୍ଠ ସନ୍ତୋଷ—ନାରାୟଣ ବା ଜଗନ୍ନାଥଙ୍କର ସନ୍ତୋଷରେ । ବଇକୁଣ୍ଠ—ପରମ ପଦରେ, ପାପ-ତାପ-ଶୂନ୍ୟ ପ୍ରଦେଶରେ ।

ତୃତୀୟ ଛାନ୍ଦ

୧ । କଳାକରମୁଖୀ—ଚନ୍ଦ୍ରମୁଖୀ ।

୨ । ନିଧି—ରତ୍ନ, ସମ୍ପଦ ।

୪ । ସ୍ନେହଚିତ୍ତ—ସ୍ନେହପୂର୍ଣ୍ଣ ଚିତ୍ତ । ବିଭ୍ରମ—ଭାବବହୁଳ । ବିଭ୍ରମସ୍ତ୍ୱରଯା କାଳେ ଭୂଷାସ୍ଥାନବିପର୍ଯ୍ୟୟଃ । ମତିଭ୍ରମ ବା ଭାବବହୁଳ ହେତୁ ତରତର ହୋଇ ଅଳଙ୍କାରର ସ୍ଥାନ ବିପରୀତ ହେବା ।

୫ । କୁନ୍ତଳ—କେଶ, ବାଳ । ମାର୍ଜ୍ଜନ—ପରିଷ୍କାର । ଉଚାଟ—ଉତଲା ।

୬ । କେଶରଞ୍ଜନୀ—ପାନିଆ । କଞ୍ଜବରଗତି—ହସ୍ତିଗମନା । ଦେଲା ବିସ୍ତାରି—ଚଳାଇ ଦେଲା ଅର୍ଥାତ୍ ଭ୍ରମରେ ଶୂନ୍ୟସ୍ଥାନକୁ କେଶ ମନେ କରି ତହିଁରେ ପାନିଆ ଚଳାଇଦେଲା ।

୭ । କାନ୍ତ—ସ୍ୱାମୀ । ବିଷ ହେଲା—ଭଲ ଲାଗିଲା ନାହିଁ, ଅସହ୍ୟ ହେଲା । ଉତ୍ସାହା—ମନର ଉଦ୍‌ବେଗ, ଉତ୍କଣ୍ଠା ।

୮ । ଲୀଳା—କ୍ରୀଡ଼ା, କେଳି । ଲଳାମାତ୍ରକେ—ନିମେଷ ମଧ୍ୟରେ । ହେଳା—ତ୍ୟାଗ ।

୧୦ । କାଦମ୍ବିନୀ—ମେଘମାଳା ।

୧୧ । କଳଧଉତଲତା—ସ୍ୱର୍ଣ୍ଣଲତା । ଗମନ ଅଙ୍ଗ—ଗତି କରୁଥିବା ଅଙ୍ଗ ।

୧୨ । କବରୀ—ଜୁଡ଼ା, ଖୋସା । ଆଭାସଇ—ପ୍ରକାଶ ପାଉଛି, ଜଣା ପଡୁଛି ।

୧୩ । କଳାକର—ଚନ୍ଦ୍ର, ସିନ୍ଧୁ କଳା ଓ ଚନ୍ଦ୍ର ଧଳା ।

Digitized by srujanika@gmail.com

୧୪ । ଚରମରେ—ପିଠିରେ । କରେ ବହାର—ଖେଳୁଛନ୍ତି ।
୧୫ । ନତମ୍ବ,ବମ୍ବ—ନତମ୍ବ —କଟିଦେଶର ପଶ୍ଚାଦ୍‌ଭାଗ, ପିଚ୍ଛ । ବମ୍ବ—ବର୍ତ୍ତୁଳା କାର, ଗୋଲେଇ, ମଣ୍ଡଳ । କେଶଗ୍ରୀମଧ୍ୟ—ଫିଙ୍ଗୁକଟ ।
୧୬ । କଳହଂସ—ରାଜହଂସ ବା ହଂସ । ହଂସକ—ନୂପୁର, ହଂସ ଗମନ କଲାବେଳେ ମଧୁରଧ୍ୱନି କରେ, ଏମାନଙ୍କ ଗଣ୍ଡ ହଂସପରି, ହଂସକ ଅର୍ଥାତ୍ ନୂପୁର ଏମାନଙ୍କର ପାଦରେ ରହିଥିବାରୁ ଆନନ୍ଦରେ ରୁଣୁଝୁଣୁ ଶବ୍ଦ କରୁଛି । (ହଂସ ଇବ କାୟତି-ଶବ୍ଦାୟତେ—ହଂସପରି ଶବ୍ଦ କରିବାରୁ ହଂସକ) ।
୧୭ । ପଦନ୍ୟାସ—ପାଦନ୍ୟାସ; ମଣାଇ—ଅଭ୍ୟାସ କରି, ଚଳାଇ ।
୧୮ । କୁଚକୁମ୍ଭ—ସ୍ତନକଳଶ ।
୧୯ । କୃତ୍ତିବାସ—କୃତ୍ତି—ହସ୍ତିଚର୍ମ; ବାସ—ବସ୍ତ୍ର ଯାହାଙ୍କର—ମହାଦେବ; ସେ ଶମ୍ଭୁରୂପରେ ଲିଙ୍ଗରୂପରେ କି ଉଲଗ୍ନ ହୋଇ (ମହାଦେବ ଗଜାସୁରକୁ ମାରି ତାହାର ଚର୍ମକୁ ବସ୍ତ୍ରରୂପରେ ବ୍ୟବହାର କରିଥିଲେ) ।
୨୦ । କାବ୍ୟତାର—କାବ୍ୟ—ଶୁକ୍ର; ତାରା—ନକ୍ଷତ୍ର ଅର୍ଥାତ୍ ଶୁକ୍ର ନକ୍ଷତ୍ର । ହରଭୂଜ ସରିତ—ହରଭୂଜ-ଦେବ, ସରିତ-ନଦୀ, ଦେବନଦୀ—ସ୍ୱର୍ଗଗଙ୍ଗା, କାନ୍ତିମାଳା—ଚନ୍ଦ୍ରହାର ବା ସୂର୍ଯ୍ୟହାର, ଗୋଠ ।
୨୧ । ମଦ—ଗର୍ବ । ମଧ୍ୟମ—କଟି । ଦୃଢ—ଚଞ୍ଚଳ । ଗମନ—ଶତ୍ରୁ, ଯମ ।
୨୨ । ଜାୟାଜୀବ—ନ୍ୟାତୁଆ କେଳା (ବାଂଶଗଣୀ ଖେଳ କରି ଅର୍ଥାତ୍ ନିଜ ସ୍ତ୍ରୀକୁ ନଚାଇ ଜୀବିକାନିର୍ବାହ କରିବା ଲୋକ । ସ୍ତ୍ରୀ ତାହାର ଅବଲମ୍ବନ— ଆଶ୍ରୟ, ତା ଉପରେ ନିର୍ଭର କରି ଜୀବିକା ଅର୍ଜୁଛି । ସେହିପରି କଟି ତୋହର ଶରୀରର ପ୍ରଧାନ ଅବଲମ୍ବନ । ଖେଳ କଲାବେଳେ କେଳା ତାର ସ୍ତ୍ରୀ ଉପରେ ନିର୍ଦ୍ଦୟ ବ୍ୟବହାର କରେ, ତୁ ସେହିପରି କଟି ଉପରେ ନିର୍ଦ୍ଦୟ ବ୍ୟବହାର କରୁଛୁ ।
୨୩ । ଅଧାହାର—ତର୍ଜ୍ଜଣା, ଭର୍ତ୍ସନା ।
୨୯ । କଦମ୍ବ—ସମୂହ; କାନ୍ତାକଦମ୍ବ—ସ୍ତ୍ରୀସମୂହ ।
୩୦ । କୁମାରଙ୍କ—କୃଷ୍ଣଚନ୍ଦ୍ରଙ୍କ ।
୩୧ । ଘୁଚକତ—ବସ୍ତୁଯୁରେ ଚମତ୍କୃତ । ଛନ୍ଦନାଶ୍ରମତ—ଛନ୍ଦାଙ୍କିତ ନାରୀପରି ।
୩୩ । ଅନନ୍ତ—ଯାହାଙ୍କର ଅନ୍ତ ନାହିଁ, ସ୍ୱୟଂ ଭଗବାନ୍ ।
୩୫ । କଲ୍ପତରୁ ଅଙ୍କୁର—ସ୍ୱର୍ଗର ବାଞ୍ଛାକଳ୍ପତରୁ ଗଛ ।
୩୬ । କପର୍ଦ୍ଦୀ—ମହାଦେବ । ଅନଙ୍ଗ—ଅଙ୍ଗହୀନ । ମହାଦେବ ଯେଉଁ କାମଦେବକୁ ଭସ୍ମ କରିଦେଇଥିଲେ, ସେ ପୁଣି ନିଜର କର୍ମବଳରେ ଏତେ କାଳ ପରେ ଶରୀର ଧଇଲା କି ?

Digitized by srujanika@gmail.com

୩୮ । କମ୍ବୁ—ଶଙ୍ଖ । ମୀନ—ମାଛ । କୁଳଶ—ବଜ୍ର । ଅଷ୍ଟାଦଶ—୨୫ ଛନ୍ଦ ୧୨ । ୧୩ ପଦ ଦେଖ ।

୪୧ । କବିବାଚ—କବିଙ୍କ ବର୍ଣ୍ଣନା କରିବା ବିଷୟ ମିଳିଲା ନାହିଁ । ବିଧାତା—ଦଇବ ହତବୁଦ୍ଧି ହେଲେ ।

ଜଳରେ....ପ୍ରତିଆଶା—ପଦ୍ମ ଜଳରେ ତପସ୍ୟା କରିଥିବାରୁ ତୁଳନା ହେବାର କିଛି ଭରସା ପାଇଲା ଅର୍ଥାତ୍ ଜଳସ୍ଥ ପଦ୍ମ ଉପମାଯୋଗ୍ୟ ହୋଇପାରେ ।

୪୪ । କଳାନିଧି—ଚନ୍ଦ୍ର । ମହେଶ—ମହାଦେବ, ମହାଦେବଙ୍କୁ ଆଶ୍ରୟ କରିଥିବାରୁ କଣ୍ଠରେ ଲକ୍ଷ୍ୟ ହୋଇ ପାରେ ।

୪୫ । କଣ୍ଠୀରବ—ସିଂହ । ଶିବାଙ୍କୁ—ଦୁର୍ଗା (ସିଂହ ଦୁର୍ଗାଙ୍କର ବାହନ) । ମୁଖ, ଚକ୍ଷୁ, ପାଦ, ହସ୍ତ, ହୃଦ, ନାଭି ଆଦି ପଦ୍ମସଙ୍ଗେ ତୁଳନା ହୋଇ ପାରେ । ମୁଖ ସଙ୍ଗରେ ଚନ୍ଦ୍ର ଓ କଟି ସହ ସିଂହ ତୁଳନାଯୋଗ୍ୟ ହୋଇପାରେ ।

୪୬ । କଳାକମଳ—ନୀଳପଦ୍ମ । ମରକତମଣିମାଳ—ଇନ୍ଦ୍ରମଣି ବା ଇନ୍ଦ୍ରନୀଳମଣି

୪୭ । କଳିନ୍ଦକନ୍ୟାକମଳ—ଯମୁନାଜଳ । ଅତସୀ—ଅଗିଫୁଲ । କୁହୁକଣି—ଅମାବାସ୍ୟା ରାତି । ନବଘନ—ମେଘ । ତମସ୍ୱିନୀ—ଅନ୍ଧକାର-ସମୂହ ।

୪୮ । ଏମାନେ କୁମାରରୂପ କି କୃଷ୍ଣଚନ୍ଦ୍ରଙ୍କ ରୂପ ଦେଖି ନ ଥିବାରୁ କଳାବର୍ଣ୍ଣ ମଧ୍ୟରେ ଶ୍ରେଷ୍ଠ ହୋଇଥିଲେ ।

୪୯ । କୁନ୍ଦ—ମାଳତୀଜାତୀୟ ଧଳା ଫୁଲ । ଜୁଇ, ନଅଳୀ ଫୁଲଠାରୁ କିଛି ବଡ଼ । କୁମୁଦ—ଧଳାକଇଁ । ଗୋକ୍ଷୀର—ଗାଈଦୁଧ; ଶମ୍ଭୁପର୍ବତ—କୈଳାସ ।

୫୦ । କଳଧୌତ—ରୁପା । ସ୍ଫଟିକ—ସ୍ୱଚ୍ଛ ଶୁକ୍ଳ ପଥରବିଶେଷ, ସୂର୍ଯ୍ୟକାନ୍ତ ମଣି । ତୁଷାର—ହିମ । ଶଶଧର—ଚନ୍ଦ୍ର । କାଶ—ତଣ୍ଡିଫୁଲ ।

ଏମାନେ ଶୁକ୍ଳବର୍ଣ୍ଣ ହେଲେ ସୁଦ୍ଧା ବଳରାମଙ୍କ ରୂପ ଦେଖନ୍ତେ ଊଣା ପଡ଼ିଲେ ।

୫୨ । ଅବିବେକୀ—ବିଗ୍ରହଶୂନ୍ୟ ।

୫୩ । କବିଙ୍କୁ ବଡ଼ ଜିନଷକୁ ଅତି ସାନ ଜିନଷ ସଙ୍ଗରେ ତୁଳିବାର ଦେଖା-ଯାଏ । କାଞ୍ଚନକୁ କାଚ ସଙ୍ଗରେ, ସୁନାକୁ କାଇଁଚ ସଙ୍ଗରେ ବର୍ଣ୍ଣିଅର ତୁଳନା କଳ୍ପିବା କବିକଥା ହୋଇଥାଏ । ଏଠାରେ କବିବାଣୀ ନିଷ୍ଫଳ ହେଲା ।

Digitized by srujanika@gmail.com

୫୫ । କବି କଥାରେ ତାରତମ, ତାରତମ୍ୟ କି ଭିନ୍ନ କରେ । ଅବିପଯ୍ୟକୁ ବିପଯ୍ୟରୂପରେ ଗ୍ରହଣ କରେ, କୁବେର (କୁତ୍ସିତ ବେର କି ଶରୀର ଯାହାର) ଏପରି ଯେ ଧନାଧିପତି ତାକୁ କୋଟି କାମରୂପ ବୋଲି କହେ ।

୫୬ । କନ୍ଦର୍ପ ଯେ ଅତି ରୂପବନ୍ତ ତାକୁ କେଉଁ ପ୍ରସଙ୍ଗରେ ନିନ୍ଦା କରେ । ମିଛଫନ୍ଦା—ମିଛ ବେଉସା ।

୫୭ । କଳକଣ୍ଠ—କଳକଣ୍ଠ ଯେ କୋଇଲି ତାହାର କଣ୍ଠ ଯେ ସ୍ୱରକୁ ହେଲେ ଯେ ସହଜରେ (ନିଜ ମନକୁ ଆପେ ଆପେ) ବିନା ଯତ୍ନରେ ନିନ୍ଦେ ।

୫୮ । ଗୃହବାର ଭାବ—ଗୃହବାର ଅବସ୍ଥା ବା ଭଙ୍ଗୀ, ହାବ—ସ୍ତ୍ରୀମାନଙ୍କର ଶୃଙ୍ଗାରଭାବଜନିତ କ୍ରିୟାବିଶେଷ । “ଗ୍ରୀବାରେଚକ ସଂଯୁକ୍ତୋ-ଭ୍ରୂନେତ୍ରାଦି ବିକାଶକୃତ୍ । ଭାବାଦୀଷତ୍ପ୍ରକାଶୋ ଯଃ ସ ହାବ ଇତି କଥ୍ୟତେ ।”

୫୯ । ଦଶଶତ—ସହସ୍ର । ୬୦ । ଅନନ୍ତ—ଶେଷଦେବ ।

୬୧ । କମନୀୟ—ସୁନ୍ଦର । ବିପବୈଦ୍ୟ—ମାପୁଅ ହେଲା ।

୬୩ । କାଳକାନ୍ତାର—ଦୁର୍ଗମ ସ୍ଥାନ, ଯମର ଦୁର୍ଗମ ପଥ ବା କାଳର ବିଷମ ଓ ଦୁର୍ଗମ ଅରଣ୍ୟ । ସୁନାସୀର—ଉତ୍ତମ ଯୋଦ୍ଧା, ଇନ୍ଦ୍ର । କାଳ ସମସ୍ତଙ୍କୁ ଗ୍ରାସ କରି ରହିଅଛି, କାଳର ବିଷମ ରାଜ୍ୟରୁ ରକ୍ଷା କରିବା ନିମିତ୍ତ ଯେ ସୁନାସୀର—ଯୋଦ୍ଧା ତାକୁ ସୁନାସୀର କି ଇନ୍ଦ୍ର ସର୍ବଦା ଚିନ୍ତା କରୁଛ ।

୬୪ । ସର୍ବତୋମୁଖ—ଜଳ । କୃଷ୍ଣଚନ୍ଦ୍ର ଜଳକୁ ଜନ୍ମ ଦେଲେ । ଭଗବାନ ପ୍ରଥମରେ ଜଳ ସୃଷ୍ଟି କରିଥିଲେ:—ଅପ ଏବ ସସର୍ଜାଦୌ—ମନୁଃ । ପୁଣି ସେ ସର୍ବତୋମୁଖଙ୍କୁ—ବ୍ରହ୍ମାଙ୍କୁ ବସ୍ତ୍ରାନ୍ତରଣରେ ଭ୍ରମ କରାଇଥିଲେ ।

୬୫ । କଷ୍ଟସରିତକୁ—କଷ୍ଟ ସମୁଦ୍ରକୁ ଦୁଃଖମୟ ସଂସାରସମୁଦ୍ରକୁ ପାଥରଥ ଯେ ନୌକା । ପାଥ ଯେ ଜଳ, ଜଳର ରଥ ଯେ ନୌକା ।

୬୬ । ବାରଣକଷ୍ଟ—ବାରଣ କି ହସ୍ତୀ, ହସ୍ତୀର କଷ୍ଟ—କୁମ୍ଭୀରକୁ ମାରିବାରେ କୃପାରେ ବାରଣ କଲେ—ଦୂର କଲେ ।

୬୭ । ନାମସଙ୍ଘାତ—ନାମ ସମୂହ; (୨) ସଙ୍ଘାତ—ନରକ । କାଳେ—କୌଣସି ସମୟରେ ।

୬୮ । ବରୁଣ ଶରଣ—ସମୁଦ୍ର; (୨) ଶରଣ—ଆଶ୍ରୟ । ଅଶରଣ—ଅନାଶ୍ରିତ ।

୬୯ । ପାରିଜାତକ—କଳ୍ପବୃକ୍ଷ; କାମନା କରୁଥିବା ଲୋକମାନଙ୍କ କାମନା ପୂରଣ କରିବାକୁ କୃଷ୍ଣଚନ୍ଦ୍ର କଳ୍ପବୃକ୍ଷ ସଦୃଶ । କାମୀ—କାମନାକାରୀ । ସତ୍ୟଭାମା ପାରିଜାତ କି ଦେବମନ୍ଦାର ନିମନ୍ତେ ଜିଗର କରିବାରୁ କୃଷ୍ଣଚନ୍ଦ୍ର ନନ୍ଦନବନରୁ ପାରିଜାତ ବୃକ୍ଷ ବଳପୂର୍ବକ ଆଣିଥିଲେ ।

Digitized by srujanika@gmail.com

୨୦ । ଫଣିମଣିବର—ଅନନ୍ତ ସର୍ପ । ଶଯ୍ୟନ—ଶଯ୍ୟା ।
୨୧ । (୧) ଶଙ୍ଖାର—ଶଙ୍ଖ—ଅର, ଅର—ଚକ୍ର, ଶଙ୍ଖଚକ୍ର । (୨) ଶଙ୍ଖାର —ଶଙ୍ଖାସୁରର ଅରି—କୃଷ୍ଣଚନ୍ଦ୍ର । କୃଷ୍ଣ—ସାନକୃଷ୍ଣ ।

ଚତୁର୍ଥ ଛାନ୍ଦ

୧ । କୁରଙ୍ଗକର୍ଣ୍ଣୀ—ଘାଗରା, ଓଡ଼ିଆ ଭାଷାରେ କୁରଙ୍ଗକର୍ଣ୍ଣର ସ୍ତ୍ରୀଲିଙ୍ଗରେ କୁରଙ୍ଗକର୍ଣ୍ଣୀ । ୩ । କୁନ୍ତଳ—ବାଳ, କେଶ ।
୪ । କଟାକ୍ଷ—ବାଙ୍କ ଚାହାଣି । ଊର୍ଦ୍ଧ୍ୱରେଖା—ସୂକ ।
୫ । ତାଟଙ୍କ—କର୍ଣ୍ଣଭୂଷଣ । ଭ୍ରମରୀଫୁଲ—ଭଅଁରୀ ଥିବା କାନଫୁଲ ବା ଭଅଁର ଆକାରର କାନଫୁଲ ।
୭ । ଙ୍କଣୀ—ନାସାଆଭରଣ—ଙ୍କଣୀ ଥିବା ନଥ । ୯ । କ୍ୱଣକତ—ଶବ୍ଦ କରୁଥିବା ।
୧୦ । କଳାମେଘୀ—ମେଘବର୍ଣ୍ଣ ପରି କଳା ଶାଢ଼ୀବିଶେଷ ।
୧୧ । ମନମଥ—କାମ; ମନମଥ-ମହାନଦୀ-ତରୀ—କାମରୂପ ମହାନଦୀ ପାର ହେବା ଡଙ୍ଗାସ୍ୱରୂପ । ୧୪ । ଡୋରି—ଶୋଭାବର୍ତ୍ତୀ ।
୧୬ । ସ୍ତମ୍ଭନ—ଜଡ଼; ଯେଉଁ ମନ୍ତ୍ରଦ୍ୱାରା ଲୋକେ ଜଡ଼ ହୋଇଯାନ୍ତି । ମୋହନ —ମୁଗ୍ଧ କରିଦେବା; ବଶ—ବଶୀକରଣ, ଯାହାଦ୍ୱାରା ଲୋକଙ୍କୁ ବଶ କରାଯାଏ । ଏହି ମନ୍ତ୍ରସବୁ କଇତବରେ କ କପଟରେ ପୂତନା ରୂପରେ ଶରୀର ଧରିଛନ୍ତି । ୨୦ । ଦ୍ରୁତ—ଛଳ । ୨୧ । ଅବଧାନ—ଅଙ୍କ ।
୨୩-୨୪ । ବିଷ୍ଣୁ ଛଳନା କରି ଶିବଙ୍କୁ ସମୁଦ୍ରମନ୍ଥନ ବେଳେ ବିଷପାନ କରାଇଥିଲେ, ତାହା ଅନ୍ୟଥା ହୋଇ ନାହିଁ । ସେ ଯେଉଁ କର୍ମ କରାଇଥିଲେ, ଧର୍ମ ତାଙ୍କୁ ସମୟରେ ତାହା ଭୋଗ କ ସେହି ବିଷପାନ କରାଇଲା ।
୨୫ । ଅପ୍ରତକ୍ଷ —ଅଜଣା । ୨୭ । କଳାବଦନେ—କୃଷ୍ଣଙ୍କ ମୁଖରେ । କବଳ —ଗ୍ରାସ ।
୨୮ । କାଳଦଣ୍ଡ—ଯମଦଣ୍ଡ । ବିଷ୍ଣୁଲୋକ—ବୈକୁଣ୍ଠ ।
୨୯ । କୁମ୍ଭକାର କୀଟ—କୁମ୍ଭାରିଆ ପୋକ । ସେ ଅନ୍ୟ ପୋକସବୁ ମାରିଆଣି ତାକୁ କଛଦନ କାଳ ମାଟି ବସାରେ ରଖି ନିଜ ରୂପରେ ବଞ୍ଚାଇଦଏ ।
୩୦ । ମହତ୍ ଲୋକ ମଲ୍ଲ ପରି ହେଲେ ସୁଦ୍ଧା ନିଜର ବଡ଼ପଣ କେବେହେଲେ ଛାଡ଼ନ୍ତି ନାହିଁ ।

Digitized by srujanika@gmail.com

୩୧ । ଗଛର ଶ୍ଳୋକ ବ୍ରାଣିଲେ ମଧ୍ୟ ଗଛ ତାକୁ ଖାଇ ଦେବାରେ କେବେ ହେଳା କରେ ନାହିଁ । ସେହିପରି ପୂତନା କୃଷ୍ଣଙ୍କୁ ମାରିବାକୁ ଆସିଥିଲା; ତଥାପି କୃଷ୍ଣ ତାର ଉପକାର କଲେ ।

୩୨ । ଦଇତୁଣୀ—ଦୈତ୍ୟର ସ୍ତ୍ରୀ, ଦୈତୁଣୀ ।

୩୩ । ଶ୍ରୀରଙ୍ଗ—ଶ୍ରୀକୃଷ୍ଣ; ମେରୁଶୃଙ୍ଗରେ ଜଳମେଘ ଯେପରି ଦେଖାଯାଏ, ପୂତନା କୁଚରେ ଶ୍ରୀକୃଷ୍ଣ ସେହିପରି ଦେଖାଗଲେ । ୩୪ । କରମ୍ବିତ—ମିଶ୍ରିତ, ସମ୍ପୃକ୍ତ, ଏକାଠି । ୩୬ । ଶକଟକା—ଶକଟାସୁର । ୩୮ । ବଳ—ଶକ୍ତି ।

୩୯ । କଳେବର—ଯଶୋଗାନ; ବନ୍ଧଗଣ—ଭାଇସବୁ; ଆଭରଣ—ବସ୍ତ୍ର ।

୪୩ । ବାତ୍ୟାଯୋଗୀ—ବରବୁଢ଼ୀ । ୪୪ । ଦର୍କଘଟ—ପାଣିଆଁ । କୁହୂତିଥି—ଅମାବାସ୍ୟା । ୪୫ । ସପତ୍ର—(୨) ସାତ, ଫୁଲଡ଼ାଳ ।

୪୬ । ଅଖିଲଟା—କଟାକ୍ଷ, ଚନ୍ଦ୍ରଲତା, ଆଖି ଫେରାଇ ଜିଏ ।

୪୮ । ବନ୍ଦଣୀ—ଭଉଣୀ । ନହୁଣି—କର୍ଣ୍ଣ ଲମ୍ବା ପୁଅ, କର୍ଣ୍ଣିଲା ପୁଅ ।

୫୨-୫୩ । ଯେପରି କଳାକର (ଚନ୍ଦ୍ର) କଳା ପୂର୍ଣ୍ଣ ହେଲେ କର (କିରଣ) ବିସ୍ତାରି (ଗୃହଆଡ଼କୁ ପକାଇ) ଅନ୍ଧାର ନାଶ କରେ, ସେହିପରି କୃଷ୍ଣଚନ୍ଦ୍ରଙ୍କ ନାମ ଶୁଣି ଯାହାର ଜନ୍ମରୁ ପାତକ (ପାପ) ଥିଲା, ସେ ସବୁ କୁଆଡ଼େ ଲୁଚିଗଲା ।

୫୪ । କାଳ କେଶ ଧଇଲେ—(କାଳ ଗ୍ରାସ କଲେ)—କାଳ କବଳରେ ପଡ଼ିଲେ ଅବକାଶ ନାହିଁ—ସୁବିଧା ନାହିଁ ।

୫୫ । କାଶକୁସୁମ—ତଣ୍ଡିଫୁଲ; ତଣ୍ଡିଫୁଲ ପରି ମନକୁ ସ୍ୱଚ୍ଛ କର ।

୫୬ । କରଅରବିନ୍ଦ—ହସ୍ତପଦ୍ମ, ପାଦକଞ୍ଜ—ପାଦପଦ୍ମ, ନଳିନନେତ୍ର—ପଦ୍ମନେତ୍ର । ୫୭ । କଞ୍ଜନେତ୍ର (ବା ପଦ୍ମଲୋଚନ କୃଷ୍ଣ) ପାଦକଞ୍ଜ (ପାଦପଦ୍ମ) କରଅରବିନ୍ଦେ (ହସ୍ତପଦ୍ମରେ ଧରି) ମୁଖକଞ୍ଜ ମଣ୍ଡିଛନ୍ତି (ନିଜ ପଦ୍ମମୁଖକୁ ଶୋଭିତ କରିଛନ୍ତି) । ଅର୍ଥାତ୍ କୃଷ୍ଣ ପାଦପଦ୍ମକୁ ହସ୍ତରେ ମୁଖପାଖରେ ଧରି ନିଜେ ଆନନ୍ଦ ଅନୁଭବ କରୁଅଛନ୍ତି, ବାଳମୁକୁନ୍ଦ ମୂର୍ତ୍ତିରେ କୃଷ୍ଣରୂପ ।

୫୭ । କଞ୍ଜ—ବ୍ରହ୍ମା । କୃଷ୍ଣ ଛନ୍ତି—ଦୀନକୃଷ୍ଣ ଭଣି । ମନ୍ଦାକୃଷ୍ଣା—ଅଳ୍ପ ଶୋଷୀ ।

Digitized by srujanika@gmail.com

ପଞ୍ଚମ ଛାନ୍ଦ

୨। ଉର ଭାନୁରେ—ହାମୁଡ଼େଇବା, ହୃଷ୍ଟାଗୁଡ଼ ।

୩। କଣ୍ଠଭୂଷଣ—ହାର ପ୍ରଭୃତି । କଲବଚନ—ଦରେଷ୍ଟ ମିଠାକଥା', ମନୋହର ଭାଷା । କୋଟିଏ •ଅନଙ୍ଗ କି କୋଟିଏ କାମଦେବଙ୍କ ରୂପ ଏକାଠି କଲେ ଯେ ଶୋଭା ତାକୁ ବଳାଇଛି । ୪ । କରିକଲଭ—ହାତୀଛୁଆ; ପ୍ରାଙ୍ଗଣ—ଅଗଣା; ଚଳ ହୁଅନ୍ତ—ଗାଳି ଦଅନ୍ତ ।

୬। କଞ୍ଜଲୋଚନାସୁ—ପଦ୍ମଲୋଚନ । ଲୁହ୍ଲ—ଦୁଃଖରେ ନଇଁ ହୋଇଯିବା—"ମୁଁ ମରିଯାଏ କନା" । ମାନ—କୋପ, ରାଗ ।

୭। ନବଘନ ଶ୍ୟାମଳିଆ—ନୂଆ ମେଘଙ୍କର ସବୁଜ ବର୍ଣ୍ଣ ଯାହାଙ୍କର । ଚୂର୍ଣ୍ଣ-କୁନ୍ତଳିଆ—ଅଳକା ଭୂଷିତ । ଶଙ୍ଖାଳି—ଧନ ।

ଧାଇପରାଣକିଆ—ପୂତନାରାକ୍ଷସୀ ଦୁଗ୍ଧପାନ କରାଇଲାବେଳେ ତାର ପ୍ରାଣ ହରଣ କରିଥିଲେ, ପୂତନା ପ୍ରାଣନିଆ । ଦୂତମନ୍ଦର—କପଟ ଦରବେଶେପ, କପଟିଆ । ବାଘନଖିଆ—ବାଘନଖ ଭୂଷିତ ।

୮। କୁସୁମ ଗନ୍ଧ—ଫୁଲଗନ୍ଧ, ମସ୍ତକଭୂଷଣ । କଜ୍ଜ୍ୱଳ···ଶୋଭା—ମୋର ଚକ୍ଷୁଶୋଭା ବଢ଼ାଉଥିବା କଳା ଲୁଣ୍ଡ । କୃଷ୍ଣଙ୍କ ବର୍ଣ୍ଣ ନୀଳ ତହିଁ ତୁଳନା । କସ୍ତୁରୀର ବର୍ଣ୍ଣ କଳା ।

କୁଳ....ମାତା—ମାତା ଯଶୋଦାଙ୍କ କୁଳକୁ ଉଦ୍ଧାର କରନ୍ତା ଅଟନ୍ତି । କାହିଁରେ—କି ପଦାର୍ଥମାନ ନେଇ ।

୯। କମଳଚରଣ—କୃଷ୍ଣ । ଗୁଣକୁ—କି ଗୁଣ ପାଇଁ ଚନ୍ଦ୍ର, ଚନ୍ଦନକୁ •ପ୍ରଂଶସା କରି ହେବ ।

୧୦। ମୋତେ—କବଳୁ; କମଳନେତ୍ର କୃଷ୍ଣଙ୍କର ବାଳଲୀଳା ରଙ୍ଗ—ପିଲାଦିନ ଖେଳ କୌତୁକ, ସମୁଦ୍ରଚଢ଼ଉ ପରି କଳି ହୁଏ ନାହିଁ । ରୋଳ—ବାଡ଼ ଖୁଣ୍ଟରେ । ଖଟାଇଲେ—ବାନ୍ଧିଲେ ।

୧୧। କମଳ କୁମାର କୁମାର...କମଳ କୁମାର—କମଳରୁ ଜାତ ହୋଇଥିବା ବ୍ରହ୍ମା ତାଙ୍କର କୁମର—ମାନସପୁତ୍ର, ନାରଦ । କୁବେରଙ୍କର ଦୁଇପୁତ୍ର ନଳକୁବର ଓ ମଣିଗ୍ରୀବ ସୁରାପାନ କରି ଗନ୍ଧର୍ବ ମହିଳାମାନଙ୍କ ସହିତ ଉଲଗ୍ନ ଅବସ୍ଥାରେ ଜଳକ୍ରୀଡାରେ ମତ୍ତ ଥିଲେ, ନାରଦ ସେ ସମୟରେ ସେଠାରେ ଉପସ୍ଥିତ ହୋଇଥିଲେ । ମଦମତ୍ତ କୁବେରପୁତ୍ରଦ୍ୱୟ ତାଙ୍କୁ ସମ୍ମାନପ୍ରଦର୍ଶନ ନ କରିବାରୁ ସେ ଦୁହିଁଙ୍କି ୧୦୦ ବର୍ଷ ସ୍ଥାବର ରୂପ ଧରିବାକୁ ଅଭିଶାପ ଦେବାରୁ ସେମାନେ କୃଷ୍ଣସାନ୍ନିଧ୍ୟ ଲାଭ ପର୍ଯ୍ୟନ୍ତ ଯମଳାର୍ଜ୍ଜୁନ ରୂପରେ ଗୋପରେ ରହିଲେ ।

Digitized by srujanika@gmail.com

କଇବଲ୍ୟଦାନୀ—ମୁକ୍ତିଦାୟକ । ଲୀଳାମାତେ ମୁକ୍ତ କଲେ—ଖେଳ ଛଳରେ ବା ଅନାୟାସରେ ମୁକ୍ତ ଦେଲେ ।

୧୨ । ଶ୍ରୀରଙ୍ଗ—କୃଷ୍ଣ । ହର—ଗୈର ବର ।

୧୪ । କାଳଯାକ...ଡକା—ସବୁବେଳେ ଗୋପରେ ହୁଏ ପଡ଼ନ୍ତୁ । ଛନ୍ଦ—ଭଙ୍ଗି, କୌଶଳ । ଛୁଅ—ଉପାୟ ।

୧୫ । କିଲକିଞ୍ଚିତ—ଗର୍ବାଭିଳାଷରୁଦିତସ୍ମିତାସୂୟାଭୟକ୍ରୁଧାମ୍ । ସଙ୍କରୀକରଣଂ ହର୍ଷାଦୁଚ୍ୟତେ କିଲକିଞ୍ଚିତମ୍ । ଉଜ୍ଜ୍ୱଳନୀଳମଣି—ଶୃଙ୍ଗାରରେ ହର୍ଷ ହେତୁ ଗର୍ବ, କାମନା, ରୋଦନ, ଅଳ୍ପହାସ୍ୟ, ପରଗୁଣରେ ଦୋଷ ଦେବା, ଭୟ, କ୍ରୋଧ ମାନଙ୍କର ଏକତ୍ର ମିଶ୍ରଣରେ ଏକ ସମୟରେ ଯେ ଭାବ ଜନ୍ମେ ତାହା କିଲକିଞ୍ଚିତ ।

ମୋଟ୍ଟାୟିତ—କାନ୍ତସ୍ମରଣବାର୍ତ୍ତାଦୌ ହୃଦି ତଦ୍ଭାବଭାବତଃ । ପ୍ରାକଟ୍ୟମଭିଲାଷସ୍ୟ ମୋଟ୍ଟାୟିତମୁଦୀର୍ଯ୍ୟତେ—ଉଜ୍ଜ୍ୱଳ ନୀଳମଣି । ପ୍ରିୟର ସ୍ମରଣ ଓ ସମ୍ବାଦ ଆଦି ପାଇ ହୃଦୟରେ ସେ ଭାବ ଭାବନା କଲେ ପ୍ରବଳ ଇଚ୍ଛାର ପ୍ରକାଶ କରୁଥିବାର ଭଙ୍ଗିକୁ ମୋଟ୍ଟାୟିତ କହନ୍ତି ।

୧୬ । ପାଣି—ଜଳ, ହସ୍ତ । ଦୁଧ—ଦୁଗ୍ଧ, ସ୍ତନ ।

୧୭ । କଥାଛଳରେ...ବନ୍ଧ—କୃଷ୍ଣ ବନ୍ଧ କଥାଛଳରେ (ବନ୍ଧ—କାମବନ୍ଧ) ବା କଥାଛଳରେ; ମତେ ବନ୍ଦୀ କର । ପାଠାନ୍ତରରେ—ଦ୍ୱନ୍ଦ୍ୱ (ସ୍ତ୍ରୀ ପୁରୁଷର କଥାଛଳରେ) ମନମଥରେ—କାମରେ । କବନ୍ଧ—ଜଳ । ବନ୍ଧି—ମାଟିବନ୍ଧ; ସୁଅ ଆଗରେ ମାଟିବନ୍ଧ ନ ରହିଲା ପରି ।

୧୮ । ଆକ୍ଷେପ—ଆକ୍ରୋଶ, ଭର୍ତ୍ସନା । ଭୂପ—ରାଜା । କ ପରି—କ ଭାବରେ । କଟାକ୍ଷ—ନେତ୍ରଭଙ୍ଗୀ ।

୧୯ । ଚମ୍ପିଲା—ଜଳିଲା, ପ୍ରକାଶ ପାଇଲା । ନ ପଡ଼ିଲ ରସା—କେଉଁ ଭାଗ୍ୟରୁ ପୃଥିବୀରେ ନ ପଡ଼ିଲ । ଚନ୍ଦ୍ରପ୍ରତିମା—ଜଡ଼ ଚନ୍ଦ୍ର ପ୍ରତିମା ପରି ।

୨୦ । ଅସାର—କଲବଲ । କୁଳବତୀ—କୁଳ ସ୍ତ୍ରୀ, ସତୀ । କୁଳଟା—ଭ୍ରଷ୍ଟା । ଆଣ—ଚେନ୍ଦ ।

୨୧ । ନୀଳ ଉତ୍ପଳ—ନୀଳପଦ୍ମ, କୃଷ୍ଣଙ୍କ ବର୍ଣ୍ଣ ନୀଳହେତୁ ସେ ନୀଳଉତ୍ପଳ ରୂପେ କୁହା ହୋଇଛନ୍ତି । ପୟୋଧରକୁ—ସ୍ତନକୁ ।

୨୨ । କୃତାର୍ଥ ବାଟ—କୃତାର୍ଥ ହେବା ଉପାୟ ।

୨୩ । ନବନୀତ—ଲହୁଣୀ । ସମ୍ବଳ—ଧନ । କବଳ—ଗ୍ରାସ । କମଳେ—ଜଳରେ । କପାଳେ...ଶଇବାଳେ—ଜଳରେ ଶିଉଳି ଶୋଭା ପାଇଲା ପରି, ନୀଳ ଚୂନଚୂନିଆ ବାଳ କପାଳରେ ଶୋଭା ପାଉଛି ।

Digitized by srujanika@gmail.com

୨୪ । କଳେବର—ଦେହ । ଅମ୍ବର—ଲୁଗା । କଳିତ—ଧାରଣ, ଶୋଭିତ । ଅପାଙ୍ଗ—ନେତ୍ରକୋଣ । ଭୃଙ୍ଗ—ଭଅଁର ।

୨୫ । ଅଳକା-ବଳୟା—ଅଳକା ସମୂହ ରହିଛି ଯାହାଙ୍କର । ଭୂ-ମୁଦ—ପୃଥିବୀର ଆନନ୍ଦ ।

୨୭ । ଲୁଚ୍ଛ—ମର୍ଯ୍ୟାନ୍ତବନା । ଫୁଟିବ—ପୀଡ଼ା କରିବ ।

୨୯ । ଝୀନ—କ୍ଷୀଣ, ଅତି ସରୁ । କୌଶେୟ—ପାଟ । କାଚ୍ଛ—ଖେଟପିଟା, କାଛୁଅ । ୩୦ । କଳପେ—କଲ୍ପକାଳ । କଳିପିଲେ—ଭାବିଲେ । ଗିରିଜାନାହା—ମହାଦେବ ।

୩୨ । ଭୂଧର ପ୍ରମାଣେ—ପର୍ବତ ଉଚ୍ଚରେ । ଶିଖୀ—ନିଆଁ । କଣ ମାତ୍ରେ—ଅଳପକରେ । ୩୩ । ଭରି—କରଇ । ଅମୃତ—ଜଳ ।

୩୪ । ସଙ୍ଘାତ—ନରକ । ସଙ୍ଘାତ—ମୃତ୍ୟୁ । ସଂଘାତ—ସମୂହ ।

ଷଷ୍ଠ ଛାନ୍ଦ

୧ । କଳାକର କରେ—ଚନ୍ଦ୍ର କିରଣରେ । କଞ୍ଜନୟନ—ପଦ୍ମଆଖି—। ଅଞ୍ଜନବରଣ—କଳାବର୍ଣ୍ଣ । କାମପାଳ—ବଳରାମ ।

୨ । ନବନୀତ—ଲହୁଣୀ । ବିଗ୍ରହ କରି—ଛଡ଼ାଇ, ବିଗତ କରାଇ । ଚଳାନ୍ତ—ରଗାନ୍ତ । କୋଳକୁ—କୋଳ ପାଇଁ ।

୩ । ବସ୍ତାହା—ଅଗ୍ରହଯୁକ୍ତ, ଉତାଲ୍ଲ । କାମିକାମଦୁହା—କାମନାକାରୀର କାମଧେନୁରୂପ କୃଷ୍ଣ ବାଞ୍ଛା ପୂର୍ଣ୍ଣ କରନ୍ତି । ସୋରେହା—ଶ୍ରଦ୍ଧାବନ୍ତ ।

୪ । ନୟନମଣ୍ଡନ—ଜଗତ ଲୋକଙ୍କର ଚକ୍ଷୁର ଆନନ୍ଦଦାୟକ । ଯଶୋଦାଙ୍କୁ ମାନି—ଯଶୋଦାଙ୍କ ପ୍ରତି ମାନ (ଅଭିମାନ) କରି ।

୬ । ଛାରତର—ଅତିଚୋର, ଅତି ଉଚ୍ଛୃଙ୍ଖଳ । କଲଭ—ଛୁଆ । କରଭୂ—ଶୁଣ୍ଢ଼, ଶିଶୁ ମରକତ ରମ୍ଭା—ନେଳିଆ ରଙ୍ଗର ମଣିର ଶ୍ରେଷ୍ଠ କଦଳୀପୁଅ ।

୭ । ମଧ୍ୟମ—କଟିଭାଗ । ବିପୁଳ—ବିଶାଳ, ପୃଥୁଳ । କୁବଳୟମାଳେ—ନୀଳପଦ୍ମ ମାଳାରେ । କୋକନଦ—ରକ୍ତ ପଦ୍ମର ଥୋପା । ବାହୁଯୁଗଳ କୁବଳୟମାଳ ଓ ହାତତଳ କୋକନଦ ସଙ୍ଗରେ ତୁଳନା । କବି—ଲେଖକ । କବି—ଶୁକ୍ର ।

୮ । କଳାକରଜାତ—ଚନ୍ଦ୍ରଜଣା ; ସୁଖନିକେତନ—ସବୁ ସୁଖର ଘର, ଦେଖିଲେ ସବୁ ସୁଖ ମିଳିବ । କୌତୁକ—କୁତୂହଳ ।

Digitized by srujanika@gmail.com

୯ । କାମଧନୁଖଡ଼ା—ମଦନ ଧନୁଖଣ୍ଡା ।

୧୦ । କମଳସମ୍ଭବ—ବ୍ରହ୍ମା ; ଭବ—ମହାଦେବ । ଶ୍ରୀବନ୍ତ—ଶୋଭାବନ୍ତ—ଓଡ଼ିଆ ମତୁପ୍ ପ୍ରତ୍ୟୟରେ ସର୍ବତ୍ର ବନ୍ତ ହୁଏ— ପ୍ରାଚୀନ ପୋଥି-ମାନଙ୍କରେ ସର୍ବତ୍ର 'ବନ୍ତ' । ପଶୁରଜ୍ଜୁ—ଦଉଡ଼ି, ପଘା ।

୧୧ । ଅଗ୍ରା—ଅଗ୍ରଜ । ଜୀବକା—ବୃତ୍ତି, ବେବସା ।

୧୨ । କମଳନୟନ—ପଦ୍ମଚକ୍ଷୁ, କୃଷ୍ଣ । କାମପାଳ—ବଳଦେବ ।
ବତ୍ସାସୁର :—ବୃନ୍ଦାବନ ନିକଟରେ ବତ୍ସଚାରଣ କାଳରେ ଏକ ଦୈତ୍ୟ ବତ୍ସରୂପ ଧାରଣ କରି ବତ୍ସମାନଙ୍କ ମଧ୍ୟରେ ଚରୁଥିଲା । କୃଷ୍ଣ ତାହା ଜାଣିପାରି ତାହାର ଦୁଇଗୋଡ଼ ଧରି ବୁଲାଇ ବୁଲାଇ କଇଁଥଗଛ ଉପରେ କଚାଡ଼ି ତାକୁ ମାରି ପକାଇଥିଲେ । ୧୩ । ବକାସୁର—ପ୍ରଥମଖଣ୍ଡ ଦେଖ ।
ଅଘା—ଅଘ ଶବ୍ଦର ଅପଭ୍ରଂଶ । ପ୍ରଥମ ଖଣ୍ଡ ଦେଖ ।
କଲୁଷ—ପାପ । ସୁରପୁର—ଦେବପୁର, ସ୍ୱର୍ଗ ।

୧୪ । ବିବେକ—ବିବେକୀ, ବିଚାରଶୀଳ । ତାଳବନ ପାଳ—ବୃତକେଶୀ ଦୈତ୍ୟ, ଧେନୁକ ଅସୁର । କାଳକୁ—ଯମନିମନ୍ତ । କବଳ—ଗ୍ରାସ; ଗର୍ଦ୍ଦଭରୂପୀ ଧେନୁକାସୁରକୁ ମାରିଲେ । ଅସୁରକୁଳକୁ—ଧେନୁକର ବଂଶକୁ ।

୧୫ । କେକୀ—ମୟୂର । ଭୃଙ୍ଗ—ଭଅଁର । ଝମ୍ପାଇନ୍ତି—ଛନ୍ଦନ୍ତି । ଶାଖାଶିଶୁ—ମାଙ୍କଡ଼ଛୁଆ ।

୧୬ । ଫଳ—ଏଠାରେ ବେଲ ପ୍ରଭୃତି ଫଳର ଯୁଦ୍ଧ । ଏହା ଓଡ଼ିଆ ଭାଗବତରେ ନାହିଁ । "କ୍ୱଚିଦ୍ବିଲ୍ୱୈଃ କ୍ୱଚିତ୍କୁମ୍ଭୈଃ କ୍ୱଚାମଲକମୁଷ୍ଟିଭିଃ । ଅସ୍ପୃଶ୍ୟନେତ୍ରବନ୍ଧାଦ୍ୟୈଃ କ୍ୱଚିନ୍ମୃଗଖଗେହୟା ... ... ଏବଂ ତୌ ଲୋକସିଦ୍ଧାଭିଃ କ୍ରୀଡ଼ାଭିଶ୍ଚେରତୁର୍ବନେ । ଭା ୧୦।୧୮ ।

୧୭ । ପ୍ରଲମ୍ବ—ପ୍ରଲମ୍ବ ନାମକ ଅସୁର ଗୋପବାଳକ ରୂପ ଧରି କୃଷ୍ଣ ବଳରାମଙ୍କ ସଙ୍ଗରେ ଖେଳି ବାହୁଯୁଦ୍ଧ କଲାବେଳେ ତାଙ୍କୁ ଘେନି ଚାଲିଯିବ; କୃଷ୍ଣ ଏହା ଜାଣି ବାହୁଯୁଦ୍ଧ ନିଜ ନିଜ ମଧ୍ୟରେ ଆରମ୍ଭ କଲେ । ପ୍ରଲମ୍ବ ସଙ୍ଗରେ ବଳରାମଙ୍କୁ ଯୁଝିବାକୁ ହେଲା । ପ୍ରଲମ୍ବ କାନ୍ଧରେ ବସାଇ ବଳରାମଙ୍କୁ ନେଲାବେଳେ ବଜ୍ରମୁଷ୍ଟି ମାରି ବଳରାମ ତାର ପ୍ରାଣ ନେଇଲେ ।
କଲେ ଅବଲମ୍ବ—ଗ୍ରହଣ କଲେ; ନେଲେ ।
କରାଳଁ କରାଳ—ମହାଭୀଷଣତର; ଦାବାନଳ—ଦାବ-ବନ, ଅନଳ—ଅଗ୍ନି, ବନାଗ୍ନି । ଇଷୀକା ବନରେ ବନ ଅଗ୍ନିଦ୍ୱାରା ଗୋପ ଓ ଧେନୁସକଳ ଦଗ୍ଧ ପ୍ରାୟ ହୋଇ କୃଷ୍ଣଚନ୍ଦ୍ରଙ୍କୁ ଡାକୁଥିଲେ । ସେ ସେହି ଆତୁର ଗୋପ-ମାନଙ୍କର ଚକ୍ଷୁ ମୁଦ୍ରିତ କରାଇ ଅଗ୍ନିପାନ କରିଥିଲେ । ୧୦—୧୯ ଅଧ୍ୟାୟ ।

Digitized by srujanika@gmail.com

ପ୍ରମତ୍ତ—ଏରଣ୍ଡ ବନରେ ଅଗ୍ନି ଉଦ୍‌ଧିତ ହୋଇ ବ୍ରଜବାସୀମାନଙ୍କୁ ଗୃହଅନ୍ତ୍ର ଘେର ଦଗ୍ଧ କରିବାକୁ ଆରମ୍ଭ କଲା, ସେମାନେ ସେହି ଅବସ୍ଥାରେ କୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ, ସେ ସେହି ଅଗ୍ନିପାନ କରିଥିଲେ—୧୦—୧୨ ଅଧ୍ୟାୟ।

୧୮। କୃଶକେତୁ—ଅଘାସୁର କବଳରୁ ଗୋପାଳ ବାଳକମାନଙ୍କର ମୁକ୍ତି ଦର୍ଶନରେ ବିସ୍ମିତ ହୋଇ ବ୍ରହ୍ମା ମାୟାବାଳକରୂପୀ ଭଗବାନଙ୍କର ଅନ୍ୟ ଏକ ମନୋରମ ମହିମା ଦର୍ଶନ କରିବା ଅଭିଳାଷରେ ଗୋପବାଳକମାନଙ୍କ ସହ ଭୋଜନ କରୁଥିବାବେଳେ ବତ୍ସପାଳକଙ୍କୁ ହରଣ କରି ଅନ୍ୟ ସ୍ଥାନରେ ଲୁଚାଇଥିଲେ। ଏହା ସେ ଜାଣି ନିଜ ଶରୀରରୁ ପୁଣି ସବୁ ଜନ୍ମାଇଥିଲେ। ପ୍ରାୟ ବର୍ଷକ ପରେ ଏହା ଦେଖି ବ୍ରହ୍ମାଙ୍କ ମନରେ ଭ୍ରମ ଜାତ ହୋଇଥିଲା। (ଜଗନ୍ନାଥ ଦାସ ଭାଗବତରେ ଅନ୍ୟରୂପ ଅଛି) ସୁରପତି—ଇନ୍ଦ୍ର। ଗୋପାଳମାନଙ୍କୁ ଇନ୍ଦ୍ରଯଜ୍ଞ ଅନୁଷ୍ଠାନ କରିବାକୁ କୃଷ୍ଣ-ଚନ୍ଦ୍ର ନିଷେଧ କରିଥିଲେ। ସେଥିରେ ଇନ୍ଦ୍ର କ୍ରୁଦ୍ଧ ହୋଇ ଗୋପନଗରକୁ ଧ୍ୱଂସ କରିବା ପାଇଁ ଘୋର ବୃଷ୍ଟି କରନ୍ତେ କୃଷ୍ଣ ଗୋବର୍ଦ୍ଧନ ପର୍ବତ ଟେକି ଧରି ଗୋପାଳଙ୍କୁ ରକ୍ଷା କରିଥିଲେ। ତହିଁ ଇନ୍ଦ୍ରର ଗର୍ବ ଖର୍ବ ହୋଇଥିଲା। ଶ୍ରୀକୃଷ୍ଣ ଗୋବର୍ଦ୍ଧନ ପର୍ବତକୁ ଗୋମୃତ କହିଅଛନ୍ତି। ଉତ୍ତାଳଜାଲ—ଉତ୍ପାତ ସମୂହ, ଅତ୍ୟାଚାର। ଉଶ୍ୱାସ କରି—ଦୂର କରି, ନିଷ୍ପତ୍ତି କରି।

୧୯। କୁମୁଦ•••କନ୍ଦ—ସନ୍ଧ୍ୟା ସମୟରେ କଇଁ ଫୁଟେ, ପଦ୍ମ ମଉଳିଯାଏ। ପୀତବାସ ସୁନ୍ଦର ସୁନ୍ଦର—ସୁନ୍ଦର ପୀତବାସ (କୃଷ୍ଣ) ସୁନ୍ଦର ଅତିଶୟ ସୁନ୍ଦର ଦିଶନ୍ତି। ସୁନ୍ଦର ସୁନ୍ଦର—ଅତି ସୁନ୍ଦର। କେକୀକଳାପ-କଳାପେ—ମୟୂରପୁଚ୍ଛ ସମୂହରେ। ଉଞ୍ଚିତ—ରଚିତ, ନିର୍ମିତ। ରଞ୍ଜିତ ତାଠାରେ—ଶୋଭିତ। କାଦମ୍ବିନୀକାଳେ—ବର୍ଷା ସମୟରେ।

୨୦। କଳାକର ଅର୍ଦ୍ଧକପାଳରେ—କବିମାନେ କପାଳକୁ ଅର୍ଦ୍ଧଚନ୍ଦ୍ର ସଙ୍ଗେ ତୁଳନ୍ତି। କାମକରବାଳ—କନ୍ଦର୍ପର ଖଣ୍ଡା ପରି। ଗୁଞ୍ଜରି ମୁଣ୍ଡମାଳ—ଗୁଞ୍ଜରି ପୋକର ଖୋଳପାରେ ହୋଇଥିବା ମାଳା ଯାହାକୁ କୃଷ୍ଣଚନ୍ଦ୍ର ମୁଣ୍ଡରେ ଲଗାଇଛନ୍ତି। (ଗୁଞ୍ଜରିକୁ କାଚିଁଚ ମଧ୍ୟ କହି)। ଅରବିନ୍ଦ—ପଦ୍ମ—ଏଠାରେ ମୁଖ। ଅଳିବୃନ୍ଦ—ଭ୍ରମର ସବୁ ଗୁଞ୍ଜରିପୋକରେ ହୋଇଥିବା ମାଳ। ଝଳି—ଶୋଭା।

୨୧। କମଳ—ପଦ୍ମ, ମୁଖ। ସୁଖୋଦୟ—ଆନନ୍ଦଦାୟକ। ଯୁଗଳ ଗ୍ରହ—ଦର୍ଶିତ ସୂର୍ଯ୍ୟ ବା ସୂର୍ଯ୍ୟ ଓ ଶୁକ୍ର। କାବ୍ୟତାରକୁଁ—ଶୁକ୍ର ନକ୍ଷତ୍ରକୁଁ। ତାର—ଉଜ୍ଜ୍ୱଳ। ସୁରଙ୍ଗ ଅଧର—ଅତି ଲାଲ ଓଷ୍ଠ। ଲୋହିତ

Digitized by srujanika@gmail.com

ଅଙ୍ଗକୁ—ମଙ୍ଗଳ ଗ୍ରହକୁ (ରକ୍ତମା ସଙ୍ଗ ଯୋଗୁ) । ବଳଇ—ବଳ ପଡ଼ୁଛି ।

୨୨ । ତାରହାର—ସତାଇଶ ମୁକ୍ତାରେ ଗୁନ୍ଥା ମାଳାକୁ ତାର ବା ନକ୍ଷତ୍ରମାଳା ବୋଲ—ବା ଉଜ୍ଜ୍ୱଳ ହାର । ରାଜହଂସପନ୍ତି—ରାଜହଂସସମୂହ । କାଳନ୍ଦୀ—ଯମୁନାର ପାଣି କଳା, କୃଷ୍ଣଙ୍କ ଦେହ କଳା । ବାଳକା—ମେଘ । ନାଦ ରହିତରେ—ଚୁପ୍ ହୋଇ । ବଳାକାବଳି—ବଗ ସବୁ । ନିସ୍ୱନ—ଶବ୍ଦ ।

୨୩ । ସୁବଳୟ—ସୁନ୍ଦର କଙ୍କଣ । କୁବଳୟ—ନୀଳକଇଁ (ବର୍ଣ୍ଣର) । ଉତ୍ସବାନନ୍ଦେ—ଉଦରଭବରେ ।

ବନମାଳା:—ସବୁ ବୃକ୍ଷର ଫୁଲରେ ଉତ୍ଫୁଲ ଓ ମଧ୍ୟରେ ସ୍ଥୂଳକଦମ୍ବ ଫୁଲରେ ଶୋଭାଯୁକ୍ତ ଜାନୁପର୍ଯ୍ୟନ୍ତ ଲମ୍ବିଥିବା ମାଳାକୁ ବନମାଳା କହନ୍ତି ।

ଆଜାନୁଲମ୍ବିନୀ ମାଳା ସର୍ବର୍ତ୍ତୁକୁସୁମୋଜ୍ଜ୍ୱଳା ।
ମଧ୍ୟେ ସ୍ଥୂଳକଦମ୍ବାଢ଼୍ୟା ବନମାଳେତି କୀର୍ତ୍ତିତା ।

କୁସୁମଚୁମ୍ବିତ—ଶରୀରରେ ବନମାଳା ଥିବାରୁ ଭଅଁରସବୁ ଦେହରେ ଲଗି ରହିଥିଲେ ।

୨୪ । ବେଣୁ—ବଂଶୀ ବିଶେଷ, ବାରଅଙ୍ଗୁଳି ଲମ୍ବା ଓ ଅଙ୍ଗୁଳିଏ ଓସାରିଆ ଓ ଛଅଟି କଣା ଥିବା ବଂଶୀକୁ ବେଣୁ କହନ୍ତି ।

ପାବକାଖ୍ୟୋ ଭବେଦ୍ ବେଣୁର୍ଦ୍ୱାଦଶାଙ୍ଗୁଳଦୈର୍ଘ୍ୟଭାକ୍ ।
ସ୍ତୌଲ୍ୟେଙ୍ଗୁଷ୍ଠମିତଃ ଷଡ଼୍ଭିରେଷ ରନ୍ଧ୍ରୈଃ ସମନ୍ୱିତଃ ।

ଶୃଙ୍ଗ—ଶିଙ୍ଗା; ଅଗ ଓ ପଛରେ ସୁନା ଓ ମଝିରେ ରତ୍ନ ଜଡ଼ା ହୋଇଥିବା ଓ ମନ୍ଦ ଘୋଷଣ କରିବା ଏବଂ ବନ ମହିଷ ଶିଙ୍ଗରେ ତିଆରି ହୋଇଥିବା ।

୨୫ । ଅଗ୍ରସର କରି—ଆଗରେ ଚଳାଇ । ସୁରଭିନିକର—ଗାଈଗୋଠ । ଯଦୁଚନ୍ଦ୍ରମା—କୃଷ୍ଣଚନ୍ଦ୍ର । ବ୍ରଜଜନୟ—ଗୋପବାଳକ । ଗ୍ରହସବୁ—ନବଗ୍ରହ । କଳାନିଧାନୀ—କଳା (ନୃତ୍ୟ ଗୀତାଦି) ର ଘର; ଅର୍ଥାତ୍ କଳାକୁଶଳ । ଚକୋରୀ ଚଞ୍ଚୁଦ୍ୱାରା ଚନ୍ଦ୍ରକିରଣ ପିଇଲା ପରି ଗୋପୀମାନେ ଚକ୍ଷୁଦ୍ୱାରା କୃଷ୍ଣଶୋଭା ପିଉଛନ୍ତି ।

୨୬ । କ୍ଷୀଣବାଣ ପଞ୍ଚେ—ଶାଣୁଆ ଶରପରି । ଅରୁଣକଟାକ୍ଷ—ଲାଲଆଖି କୋଣ । ରତିଜାତ—କାମ । ସବ୍ୟସାଚିତ୍ୱ—ଦୁଇହାତରେ ବାଣ-ମାରିବା । ଦୁଇ ଅକ୍ଷିକୋଣ ଶରପରି, ଯେପରି କାମ ଦୁଇ ହାତରେ ଦୁଇ ଶର ବିନ୍ଧୁଛି ।

Digitized by srujanika@gmail.com

୨୮ । ମୋଟ୍ଟାୟିତ—ଅନୁଭବର ଅଳଙ୍କାରବିଶେଷ; ଯଥା :—

ନାୟକସ୍ୟ କଥାରମ୍ଭେ ଅଙ୍ଗଭଙ୍ଗାଦି ଜୃମ୍ଭଣେ
କର୍ଣ୍ଣକଣ୍ଡୂୟନଂ ସ୍ତ୍ରୀଣାଂ ମୋଟ୍ଟାୟିତଂ ବଦେଦ୍ ବୁଧଃ ।

୨୯ । କମଳ କୁମାର କୁମାର ଯାନକୁ—କମଳ (ଜଳ) କୁମାର (ପଦ୍ମ) ପଦ୍ମକୁମାର (ପଦ୍ମଜ—ବ୍ରହ୍ମା) ବ୍ରହ୍ମା କୁମାର (ନାରଦ) ନାରଦ ଯାନ (ମନ) । ଗୋପୀ ଏଠାରେ ଶୁଭ ସୂଚକ ପଦାର୍ଥର ଆଧାର—ଊରୁ—କଦଳୀ, କନକ କଳସ—କୁଚ କୁମ୍ଭରୂପୀ ।

୩୦ । କରନ୍ତି ଧବଳ ଗନ୍ଧସାର ଛଳ—କର୍ପୁର ଦେହକାନ୍ତିକୁ ବଢ଼ାଇ ଅର୍ଥାତ୍ ଶରୀରଯାକ କର୍ପୂର ବୋଳ; ପୀତବାସଙ୍କୁ ବେଢ଼ିଅଛେ । ପତ୍ର ବିଶେଷ ଚିତ୍ର । "ରଚୟ କୁଚୟୋଃ ପତ୍ରଂ ଚିତ୍ରଂ କୁରୁଷ୍ୱ କପୋଳୟୋଃ" ଗୀତଗୋବିନ୍ଦ । କୁବଳୟ ଫଳ—(ନୀଳକଣ୍ଠି ବେଣ୍ଟ) ଅସନମଣ୍ଡଳ—(ସ୍ତନରେ) ପତ୍ରାବଳୀ—କସ୍ତୁରୀ ବା ଚନ୍ଦନ ଓ ଅନ୍ୟାନ୍ୟ ଗନ୍ଧଦ୍ରବ୍ୟ ଦେଇ ଚିତ୍ର କରିବା କାନ୍ତିରେ ଉଜ୍ଜ୍ୱଳ । ମୁଖମଣ୍ଡଳ—ଦର୍ପଣ ପରି ସ୍ୱଚ୍ଛ । ନେତ୍ର—ଜୀବ ପ୍ରୋଷ୍ଠୀ—ସଫରୀ ମାଛ—ଦଣ୍ଡକଣ୍ଟି ମାଛ ।

୩୧ । ମନୋଭବ—କାମ । ଶ୍ରୀଫଳ—ବେଲ ।

୩୨ । ମାନସିକ—ମନରେ । ସ୍ୱୟମ୍ବର—ଇଚ୍ଛାବରଣ । ହରିତ ଅମ୍ବର—କୃଷ୍ଣ । ଫୁଲଗୃହେ—ଫୁଲଧନୁରେ । ୩୩ । କାମର ଦଶ ଦଶା—ଲୋକେ କାମପୀଡ଼ିତ ହେଲେ ଦଶ ଦଶା ଭୋଗ କରନ୍ତି:—ଲାଳସ, ଉଦ୍‌ବେଗ, ଜାଗର୍ଯ୍ୟା, ତାନବ ଜଡ଼ିମା, ବୈୟଗ୍ର୍ୟ ବ୍ୟାଧି, ଉନ୍ମାଦ, ମୋହ ଓ ମୃତି; କେତେକଙ୍କ ମତରେ ଏ ଦଶ ଦଶା ଅନ୍ୟରୂପ:—ନୟନପ୍ରୀତି, ଚିତ୍ତାସଙ୍ଗ, ସଙ୍କଳ୍ପ, ଲଜ୍ଜାହାନତା, କୃଶତା, ବିଷୟନିବୃତ୍ତି, ଉନ୍ନିଦ୍ରଭବ, ଉନ୍ମାଦ, ମୂର୍ଚ୍ଛା ଓ ମରଣ—କବିମାନେ ଦଶମ ଦଶା ବର୍ଣ୍ଣନ କରନ୍ତି ନାହିଁ । ସାହିତ୍ୟ ଦର୍ପଣରେ "ଅଭିଳାଷ, ଚିନ୍ତା, ସ୍ମୃତି, ଗୁଣ-କଥନ, ଉଦ୍‌ବେଗ, ସମ୍ପ୍ରଳାପ, ଉନ୍ମାଦ, ବ୍ୟାଧି, ଜଡ଼ତା-ମୃତି । ଲୂତା ସୂତା—ମାକଡ଼ସା ସୂତା; ନେତ୍ରକର୍ଣ୍ଣରିପୁ—ନେତ୍ର ଅଟେ କର୍ଣ୍ଣ ଯାହାଙ୍କର ସେ ସର୍ପ ତାଙ୍କର ରିପୁ—ଅନନ୍ତ, ବାସୁକି ।

୩୪ । କରୁଣା କଟାକ୍ଷ (କରୁଣା-ଦୟା, କଟାକ୍ଷ ଯାହାର) ଶ୍ରୀକୃଷ୍ଣ । କଳାକର କରେ—ଚନ୍ଦ୍ର କିରଣରେ କୁମୁଦିନୀ ବିକଶିତ ହୁଏ । କୁମୁଦିନୀ ହସ୍ତରେ ହଂସକୁ (ସୂର୍ଯ୍ୟକୁ) ଯେସନ ରଖି ଅର୍ଥାତ୍ କଳାକର କରେ—କୃଷ୍ଣଚନ୍ଦ୍ରଙ୍କ ସମ୍ମୁଖରେ ଗୋପୀମାନେ ପ୍ରସନ୍ନମନା ହୋଇଥିଲେ । ସେମାନଙ୍କଠାରେ ହଂସକୁ—ସୂର୍ଯ୍ୟକୁ ଅର୍ଥାତ୍ ଅନୁରାଗକୁ ଦେଖାଇ ବା ଚନ୍ଦ୍ରକିରଣରେ କୁମୁଦିନୀ ପ୍ରସ୍ଫୁଟିତ ହୁଏ ସେଥିରେ ପ୍ରେମରୂପକ ହଂସପକ୍ଷୀକି ରଖାଇ ।

Digitized by srujanika@gmail.com

କାମପାଳ—ବଳଦେବ । ୩୫ । କଳାପୀ—ମୟୂର । କଳାପ—ପୁଚ୍ଛ । କଳାପେ—ସମୂହରେ । କଳାପ—ଭୂଷଣ । ଅବଧ୍ୟ—ବଳ, ଗାଢ; ଅବଧି "ପାଠରେ"—ବେ-ନମଯୁକ୍ତରେ—ମୂର୍ଖରେ କଣ୍ଠା କର ।

ସପ୍ତମ ଛାନ୍ଦ

୧ । କଶୋଖ୍ୟ—ଯୁବତୀ । କର୍ପୂରଚନ୍ଦନ—କର୍ପୂର, ଚନ୍ଦନ ଯେପରି ଭୂଷଣ ହୋଇ ଲଗି ରହିଥାନ୍ତି କୃଷ୍ଣଚନ୍ଦ୍ର ସେହିପରି ସେଥିରେ ଲଗି ରହିଛନ୍ତି । କାମୀ—କାମନା କରିବା ଲୋକ, ଦୁଃଖ ଜୀବକା ଯେଉଁମାନଙ୍କର । ହରିଚନ୍ଦନ—କଳ୍ପବୃକ୍ଷ, ଇଚ୍ଛାରୂପ ଫଳ ପ୍ରଦାନକାରୀ ଅଟନ୍ତି ।

୨ । କଲ୍ଲୋଳ—ତରଙ୍ଗ । କଳ—ମଧୁରଧ୍ୱନିଯୁକ୍ତ, "କଳୋ ମନ୍ଦ୍ରସ୍ତୁ ଗମ୍ଭୀରେ ।" କେକୀ—ମୟୂର । କନକକାନ୍ତିବାସ—ସୁନାରଙ୍ଗ ଭଳି ଲୁଗା ଯାହାଙ୍କର, ପୀତବାସ । ୩ । ଜରଣୀ—ବୃଦ୍ଧା; ଦୂତୀ 'ସାଚ୍ଚହାବଗହାଦୌ ସ୍ୟୁର୍ଦୂତ୍ୟଃ ସ୍ଖଳିତଯୌବନାଃ" ରାଧାକୃଷ୍ଣଗଣୋଦ୍ଦେଶଦୀପିକା । ରଜକୀ—ପାଠ ମଧ୍ୟ ହୋଇ ପାରେ "କୃଷ୍ଣଙ୍କ ଦୂତୀମଧ୍ୟରେ କାଳଟିଙ୍କୀ ରଜକୀ ଥିଲେ । ନର୍ତ୍ତକୀ—ନୃତ୍ୟକୁଶଳା । ବେଶକାରୀ—ବେଶ କରି ଜାଣିବା ଲୋକ । କୁସୁମମାଳାକାରିକା—ଚତୁଃଷଷ୍ଟିକଳା ମଧ୍ୟରେ ମାଲ୍ୟଗ୍ରହଣ କଳାଟି ଗୋଟିଏ ।"

ଯା ଦୂତ୍ୟଃ କୁଶଳା ସର୍ବୌ ଷଡ଼୍ଗୁଣାଃ ସ୍ୟାଦିମେ ଗୁଣେ ।
ସଙ୍ଗୀତରଙ୍ଗଶାଳାୟାଂ ଯା ସଙ୍ଗ୍ୟାଃସ୍ୱକୃନ୍ତଂ ଗତାଃ ।
ମାର୍ଦ୍ଦଙ୍ଗିକ୍ୟଃ କଳାବତ୍ୟୋ ନର୍ତ୍ତକୀପ୍ରମୁଖାସ୍ତ୍ର ଯାଃ ॥

କମଳସ୍ଥାନ—ଜଳ ନ ଥିବା । ପରିଖା—ଖାଇ । ପାଣିକୂଟ—ଜଳଦୁର୍ଗ ।

୪ । ସଙ୍କେତ ସ୍ଥାନକୁ—ଭେଟଣା ସ୍ଥାନକୁ । କୁଳଟା—ଅସତୀ । କୁଜ୍‌ଝଟୀ—କୁହୁଡ଼ି । ମନୋଭେଦ—ମନ ମଙ୍ଗେଇବାରେ ସମର୍ଥ । କୋଳାହଳ—କଳକଳ ଶବ୍ଦ । ପୁରଦାହ—ପୁର ପୋଡ଼ିଲା ପ୍ରଖର ପବନ ପରି । ୫ । ଉତ୍ସବ କାଳ—ଆନନ୍ଦ ସମୟ । ଗହ୍ୱଳ—ଲୋକପୂର୍ଣ୍ଣ । ୬ । କାମରୂପୀ—ଇଚ୍ଛା ଅନୁସାରେ ରୂପ ଧରି ପାରନ୍ତି । ଯଦୁପତି—କୃଷ୍ଣ । କୈବର୍ତ୍ତି—କେଉଟ ।

୭ । ଘଟ୍ଟିଆଳ—କର ଆଦାୟ କରିବା ଲୋକ; ଘାଟ—ଘଟ୍ଟ (ଶୁଳ୍କ) କର ଆଦାୟ କରିବା ସ୍ଥାନ । ଝିଟାଟ—ବଡଲୋ ।

ଗହ୍ୱର ଗୀତ—ସୁମୂନାଦସୁର୍ଣ୍ଣେଯୁକ୍ତଂ ଗୋପୀନାଂ ନାମ ଗୀୟତେ ।
ଗୋପଗୀତମିଦଂ ଖ୍ୟାତଂ ବଦନ୍ତି ବବୃଧା ଜନାଃ ॥

Digitized by srujanika@gmail.com

୮। କଳାପମୁକୁଟ—ମୟୂରପୁଚ୍ଛରେ ମୁକୁଟ; କଳାମେଘରେ ଇନ୍ଦ୍ରଧନୁ ପରି କୃଷ୍ଣଚନ୍ଦ୍ରଙ୍କ ଶିରରେ ମୟୂରଚୂଡ଼ା। କାବ୍ୟତାର ମୋତିହାର—ଶୁକ୍ର ଗ୍ରହଯୁକ୍ତ ମୋତିହାର—୨୨ ଗୋଟି ମୁକ୍ତାଯୁକ୍ତ ହାରକୁ ତାରହାର କହି ବା ଶୁକ୍ରଗ୍ରହ ପରି ଉଜ୍ଜ୍ୱଳ ମୋତିହାର। ବଳାକା—ବଗ।

୯। ମଞ୍ଜୁଳରବ—ମନୋହର ଶବ୍ଦ; ମଧୁର ନିର୍ଘୋଷ—ମଧୁର ମେଘଧ୍ୱନି। କାଳିଦାସ ମେଘର ଧ୍ୱନିକୁ ସ୍ନିଗ୍ଧ ଗମ୍ଭୀର ନିର୍ଘୋଷ—ସ୍ନିଗ୍ଧ ଗମ୍ଭୀର ନିର୍ଘୋଷ।" ଘନରସ—ଜଳ, ଶୃଙ୍ଗାରରସ। ନୟନ ହେଲେ ଚାତକ। ମନ ହେଲା ମତ୍ତ କେକୀ, ମେଘ ଦେଖି ମୟୂର ନାଚେ।

ନୃତ୍ୟନ୍ତି ହେଲଜନେ ବପ୍ରାଃ ମୟୂରା ମେଘଦର୍ଶନେ।
କୃଷ୍ଣଙ୍କୁ ଦେଖି ମନ ସେହିପରି ନାଚିଲା।

୧୦। ଗଉରୀ—ଗୋରୀ, ଗୋରୋଚନା।' ଅବତଂସ—କର୍ଣ୍ଣଭୂଷଣ, କୁଣ୍ଡଳାଦି। "ସ୍ତମ୍ଭନ ମୋହନ ବଶ ଉଚ୍ଚାଟନ ମୂର୍ତ୍ତିବନ୍ତ କଲି ଦଇବ"—ଲାବଣ୍ୟବତୀ। ସ୍ତମ୍ଭନ—ମନରେ ଜଡ଼ତା ଆଣିବା। ମୋହନ—ମନକୁ ମୁଗ୍ଧ କରିବା। ବଶ—ନିଜର ଅଧୀନ କରିବା। ଉଚ୍ଚାଟନ—ମନରେ ବ୍ୟାକୁଳତା କରିବା ତନ୍ତ୍ରଶାସ୍ତ୍ରୋକ୍ତ କାର୍ଯ୍ୟ।

୧୧। ଗଣ୍ଡକପାଳେ—କପାଳର ମଧ୍ୟଦେଶରେ—କପାଳର ଉପରକୁ—"ଗଣ୍ଡକପୋଳେ" ମଧ୍ୟ ବ୍ୟବହାର ଅଛି। କୃକାଟିକା—ବେକ ପଛ; ଗଳାର ପଛଭାଗ; ବେକମୂଳ।

୧୨। ପାରିବତ୍ତି ଦ୍ୱାରେ—ପାରିବର୍ତ୍ତୀ—ଗୋପଗୀଙ୍କ (ପୂର୍ବେ ବୁଝାଇ ଦିଆ-ହୋଇଛି) ଦ୍ୱାରୀ। ନାଗଧ୍ୱନି ସ୍ୱର—ଏହାର ସ୍ୱରରେ ସାପମାନେ ବଶ ହୁଅନ୍ତି। (ନାଗର ଧ୍ୱନି ସ୍ୱରରେ ଯାହାର)। ୧୩। କୁଚ ହେଲା ଭୂମି ଓ ଜୀବନ ହେଲା ଜଳ। କୁରଙ୍ଗଦୃଶା—ହରିଣ ପରି ଆଖି ଯାହାର। କୁଚର ତାହା ଧର୍ମ କାର୍ଯ୍ୟ ସେ ତାହା ନ କଲେ ଅଧର୍ମ ହେବ।

୧୪। କୁବଳୟଦୃଶା—ନୀଳପଦ୍ମ ପରି ଚକ୍ଷୁ ଯାହାର। ୧୬। ବିବେକ—ବିଚାରଶୀଳ। ୧୭। ଚତୁରାଇ ପଣ—ଚତୁରତା। ଦୋୟୁର—ଦୂକର। ଲାଞ୍ଛ ଯାଇବନି— ସ୍ନେହରେ "ମୁଁ ମରିଯାଇବନି"। ୧୮। କରିବର—ହସ୍ତିର କୁମ୍ଭଉଳି ଉଚ୍ଚ ଘନ ସ୍ତନ। କେଶରୀକଟି—ସିଂହର କଟିପରି ସୂକ୍ଷ୍ମକଟି। ୧୯। ଅଙ୍ଗକାନ୍ତି—ବୋଲକରା। ମାର—କାମ। ଅମରଙ୍କୁ—ଦେବଙ୍କୁ। ଗ୍ରାସିଯାଉଛି—ନାଶ କରି ଦେଉଛି। ମଦାଳସୀ—କାମମଦରେ ଜଡ଼ୀଭୂତ—ଏଠାରେ ମଦୋନ୍ମତ୍ତ ବାଳା।

୨୦ ।କରଣି—କ୍ଷମତା। ଅମ୍ଭଙ୍କୁ ହେଲା କରିବ ନାହିଁ—ଅମ୍ଭେହିଁ କାମ ସମୁଦ୍ର ପାର କରିବାରେ ଭଙ୍ଗୀ। ୨୧। କାମଦୁହା—କାମଧେନୁ।

Digitized by srujanika@gmail.com

କନକରମ୍ଭୋରୁ—ସୁନା କଦଳୀଗଛ ପରି ଉରୁ ଯାହାର । ୨୨ । କାମ-ରୂପୀ—ଇଚ୍ଛା ଅନୁସାରେ ରୂପ ଘେନି ପାରେ । ଚୂଚକ—ବଇଚୋଇ । କଦମ୍ବକୋରକ—କଦମ୍ବକଢ଼ି । ୨୩ । କନ୍ଦୁକ—ପେଣ୍ଡୁ । ଶ୍ରୀଫଳ ସୋଦର—ବେଲ ଭଳି ।

୨୪ । କାନ୍ତିବନ୍ତ—ଶୋଭାବନ୍ତ । ମାତୁଲଙ୍ଗ—(ଚୁଚକୋ ମାତୁଲଙ୍ଗର୍ଦ୍ଧମ୍) ଟଭା । ଆରମ୍ଭ—କାର୍ଯ୍ୟ, ଉଦ୍ୟମ । ୨୫ । କୁଶଳ ରସାଳ—ପାଚିଲା ଅମ୍ବ । ତାଳକୁ—ପାଚିଲା ତାଳକୁ । ବନ୍ତାଳକୁ—(ଅଥବା ଵନ୍ତାନକୁ) ଉନ୍ନତ ଅବସ୍ଥାକୁ (ବା ଉତ୍କଳର ଶବ୍ଦର ଅପଭ୍ରଷ୍ଟ) ଉଣ୍ଟଇ—ଉତ୍କଣ୍ଠରୁ । କଳଧଉତ—ସୁନା । ହୃଦୟହରୁଆ—ମନ ହରି ନେଉଛି ଯେ ।

୨୬ । ତୁମ୍ବୀ—ଲାଉ ଖୋଳ (ଲାଉଖୋଳରେ ବୀଣା ତିଆରି ହୁଏ) । କୃପଣ—ଦୀନ । କାମ ଭଣ୍ଡାରରେ କଷ୍ଟ ନାହିଁ ଯାହା କି କୁଚ ସଙ୍ଗରେ ତୁଳା ହେବ । ୨୭ । କମଳା—ଗୋପୀ ଜଣେ କା ପ୍ରଧାନ ସ୍ତ୍ରୀ । ୨୮ । କର୍କଶ—କଠିଣ, ଦୃଢ଼ । ତେଜସ୍ୱୀ—ଦୀପ୍ତିବନ୍ତ, ଉଜ୍ଜ୍ୱଳ । ମହାରାଜା—ପ୍ରଧାନ ଅଶ୍ରୁମୁକ୍ତାଳ । ପରଜା—ଆଶ୍ରିତ ।

୩୦ । କୁସୁମଲଟ—ଭଅଁର, ଭଅଁର କଠିଣ କାଠକୁ କାଟେ ଓ କୋମଳ ଗୁଣ ହେତୁ ଫୁଲକୁ ସେବା କରେ । ୩୧ । କମଳମଣ୍ଡୂକ—ଯେପରି ବେଙ୍ଗ ପଦ୍ମର ଗୁଣ ବୁଝେ ନାହିଁ ସେହିପରି କଠିଣ ହୃଦୟର ଲୋକେ ଏ ଭାବ କାହିଁ ବୁଝିବେ । ୩୨ । ଚନ୍ଦ୍ର ଉଦେ ହେଲେ ଚନ୍ଦ୍ରମଣି ତରଳି ଯାଏ, କିନ୍ତୁ ଅକର୍ମ ଶିଳାକୁ କେତେବେଳେ ହେଲେ ପାଣି ବୁହେ ନାହିଁ । ପଦ୍ମ ତୋଳା—ସେ ଗୀତ ଗାଇଲେ ସାପ (ନାଗ, ଗୋଖର ପ୍ରଭୃତି ଉଚ୍ଚ ଜାତୀୟ ସର୍ପ) ତାର ଫଣା ଟେକେ, କିନ୍ତୁ ମାଟିଚିରଡ଼ି ସାପ (କାଣ୍ଡକାଳ ସାପ) କେବେ ତାହା ଫଣା ଟେକେ ନାହିଁ ।

୩୩ । କୁଚଛଳେ—କୁଚବ୍ୟାଜରେ, କୁଚରୂପରେ । କାବ୍ୟତାର ମୋତିହାର—ଶୁକ୍ଳ ତାରା ପରି ଉଜ୍ଜ୍ୱଳ ମୋତିହାର—ଗଙ୍ଗା ନଦୀର ଧାର ସଙ୍ଗେ ସମାନ । ଅନଙ୍ଗବଇରୀ—ମହାଦେବ ।

୩୪ । କମଳ—ପଦ୍ମ । ପାଣି—ଜଳ, ଅର୍ଥାତ୍ ମହାଦେବଙ୍କର ପାଣି ଓ ପଦ୍ମ-ପୁଷ୍ପ ଲଗି ହୁଏ । କମଳପାଣି—ପଦ୍ମସଦୃଶ ହସ୍ତ । ମହାଦେବଙ୍କର ମସ୍ତକରେ ଅର୍ଦ୍ଧଚନ୍ଦ୍ର ଥାଏ । ଅର୍ଦ୍ଧେନ୍ଦୁଶେଖର ମହାଦେବଙ୍କର ନାମ, ମହାଦେବଙ୍କର ମସ୍ତକକୁ ଅମ୍ବର କୁହାଯାଏ, ତାହାଙ୍କର ନାମ ବ୍ୟୋମ-କେଶ, କେଶ ମଧ୍ୟରେ ଚନ୍ଦ୍ର ଥାଆନ୍ତି । କରେ ଶୋଭିତ ଅର୍ଦ୍ଧଇନ୍ଦୁ—ନଖ ଚିହ୍ନ (ଅର୍ଦ୍ଧଇନ୍ଦୁ) ଅମ୍ବରେ—ଅମ୍ବରଦ୍ୱାରା ଶୋଭିତ କରେ ନାହିଁ—ଶୋଭା ପାଇ ନାହିଁ ବା "କରି ନାହିଁ" ପାଠ ମଧ୍ୟ କେତେକ ପୋଥିରେ ଅଛି ।

Digitized by srujanika@gmail.com

୩୫ । ସୋମସୂତ୍ର—ପାଦୁକା ଢ଼ାଙ୍କଣ; ପାଦୁକା ଢ଼ାଙ୍କଣ ଶିବଙ୍କର ଆଗରେ ଥାଏ । ପାଣି—ଜଳ—ଅନ୍ୟପକ୍ଷେ ହସ୍ତ । ହେଲେ ତୋଷମାନ । ପାଠାନ୍ତରରେ ହେଲେ ତୋ ଶାସନ—ଆଜ୍ଞା ।

୩୬ । ପଶୁପ—ପରସ୍ତ, ଯେ ଦେଉଳତଳ୍କୁ ବୁଝେ—ଦେଉଳରକ୍ଷକ । କାମଦେବ ହେଲେ ପରସ୍ତ ତାଙ୍କ ଅନୁଗ୍ରହରେ ନୂଆମାଳୀ—ନୂଆ ସାହଳ ବା ସାଉଳ, ମାଳୀଜାତୀୟ ଲୋକେ ସାହଳ କୁହନ୍ତି । କେଶସ୍ୱମଧମା—ସିଂହ ଜଟିପର ସବୁ କଟି ଯାହାର । ସ୍ୱୟମ୍ଭୂ—ମହାଦେବ ।

୩୭ । କନ୍ଦର୍ପକଳାକୁଶଳା—କାମକଳାରେ କୁଶଳା ବା ଚତୁର୍ । ଭ୍ରୂଭଙ୍ଗ ଗତ—ଭ୍ରୂଲତା ଚଳୁଥିବ; କଟାକ୍ଷ—"କଟାକ୍ଷୋଽପାଙ୍ଗଦର୍ଶନେ" ଗୃହ୍ବବାର ଖେଳ ହେଉଥିବ । ଦୋଳାୟିତ—ଝୁଲୁଥିବ ।

୩୮ । ବକ୍ରବାଣୀ—ବକ୍ରୋକ୍ତି, ଏକ ବାକ୍ୟରେ କଥିତ ବାକ୍ୟକୁ ଅନ୍ୟ ଅର୍ଥରେ ଯୋଜନା କରିବାକୁ ବକ୍ରୋକ୍ତି କହ । ବକ୍ରବାକ୍ୟରଚନାରମଣୀୟଃ—ଗୂଢ଼ ସୂଚିତରହସ୍ୟ ସହାସଃ ସୁଭ୍ରୂ ବା ପ୍ରବବୃତେ ପରିହାସଃ । ମାଘ । ୧୦, ୧୨ । କଲେ ତାରତମ—ପରସ୍ପର ତୁଳନା କଲେ ।

୩୯ । ଉଦ୍ଧତ—ଉଦ୍ଗର୍ବ, ଧୃଷ୍ଟ । ସ୍ନେହଗର୍ଭବାଣୀ—କଥାରୁ ସ୍ନେହ ଜଣା ପଡ଼ୁଥିବ । ଇନ୍ଦ୍ରସୁଖ—ତା ଆଗରେ କଷ୍ଟ ନୁହେ । ୪୦ । କ ମଧୁରେ—କ ମାଧୁର୍ଯ୍ୟରେ ଲେଖିବି—ମୁଁ ବା ଏଥିରେ ବ ମଧୁର ରସ ପ୍ରଦାନ କରିବ ।

ମଧୁରଂ ରସବଦ୍ ବାଚି ବସ୍ତୁନ୍ୟେବ ରସସ୍ଥିତଃ
ଯେନ ମାଦ୍ୟନ୍ତି ମଧୁପା ମଧୁନେବ ମଧୁବ୍ରତାଃ । କାବ୍ୟାଦର୍ଶ ।

ଅଷ୍ଟମ ଛାନ୍ଦ

୧ । ହଂସ ପଞ୍ଚୟେ ଗମନ—ଲକ୍ଷଣବତୀ ସ୍ତ୍ରୀମାନଙ୍କର ଗତି ହଂସ ଓ ହସ୍ତୀ ଗମନ ସଙ୍ଗେ ତୁଳନା କରାହୁଏ ।

ଅବ୍ୟଙ୍ଗାଙ୍ଗୀଂ ସୌମ୍ୟନାମ୍ନୀଂ ହଂସବାରଣଗାମିନୀମ୍ ।
ତନୁଲୋମକେଶଦଶନାଂ ମୃଦ୍ୱଙ୍ଗୀମୁଦ୍ୱହେତ୍ ସ୍ତ୍ରିୟମ୍ । ମନୁ ୩।୧୦ ।

କଳହଂସ—ରାଜହଂସ; ନିସ୍ୱନ—ଶବ୍ଦ । ହଂସକ—ନୂପୁର ବା ପାଦବଳା । ହଂସପରି ଶବ୍ଦ କରେ ବୋଲି ଏହାର ନାମ ହଂସକ । ହଂସ ଇବ କାୟତି (ହଂସପରି ଶବ୍ଦ କରେ); "ହଂସକଃ" ପାଦକଟକଃ ଇତ୍ୟମରଃ । ହାଟକବରନା—ସ୍ୱର୍ଣ୍ଣପରି ବର୍ଣ୍ଣ ଯାହାର । "ହାଟକ ରଶନା" ପାଠ କେତେ ପୋଥିରେ ଅଛି—ସ୍ୱର୍ଣ୍ଣ କାଞ୍ଚିମାଳା ବା ଗୋଠ

Digitized by srujanika@gmail.com

ଯାହାଙ୍କର—"ହାଟକ ରସନା" ପାଠ ମଧ୍ୟ ସମୀଚୀନ । ବାମ ଅବାମେ —ବାମ ଦକ୍ଷିଣ; ବାଁ ଡାହାଣକୁ ଅଣ୍ଟି ଫେରାଉଥିବ । ହରବ ଧୈର୍ଯ୍ୟବନ୍ଧ —ହୃଦୟର ଧୈର୍ଯ୍ୟ ଭାଙ୍ଗିଯାଏ ।

୨ । ବାସ—ଲୁଗା; ଉଶ୍ୱାସ କରି—ଜଣା କରି, ଖସାଇ । ଲୀଳା—ବିଳାସ, ଶୃଙ୍ଗାରଭାବଜାତ କ୍ରିୟାବିଶେଷ "ଲୀଳାଂ ବଦନ୍ତି କେଳିବିଳାସ-ଖେଳାଶୃଙ୍ଗାରଭାବପ୍ରଭବକ୍ରିୟାସୁ" ଇତି ବିଶ୍ୱଃ । ହସ୍ତ—କାମର କଳବୃକ୍ଷ ସଙ୍ଗେ ତୁଳ ହୋଇଛି । ୩ । ଅନ୍ତର—ଦୂର । କରି ଅନ୍ତର —ଅଲକ୍ଷରେ ତୁଷି । ସେହି ହସମିଶା ଅଣ୍ଟି ନାୟକ ଉପରେ ପଡ଼ାଇ ତାକୁ ଅଡ଼େଇ ନେବା ଯେ ଅନଙ୍ଗଭୂତ (କାମଭୂତ) ଲଗାଇ ଦେବା ମନ୍ତ୍ର । ଗୁଣିଆମାନେ ଗୁଣି କରି ଲୋକଙ୍କଠାରେ ଭୂତ ଲଗାଇ ପାଗଳ କରି ଦିଅନ୍ତି । ଏ ନାୟିକା ହସି ନାୟକ ଉପରେ ଆଖି ପକାଇ ତାକୁ ଟାଣି ଦେଇ ଅଡ଼େଇ ଦେବା ହେଉଛି କାମୁକକୁ କାମରେ ପାଗଳ କରିବା ମନ୍ତ୍ର ।

୪ । ଅନୁଭବ କଥା—ଅନୁଭବର ବିଷୟ । ଗୁଆଁର—ମୂର୍ଖ, ହୁଣ୍ଡା । ବ୍ୟଥା —ଦୁଃଖ । "ସହଜେ ଅତନୁଭାବ ଜାଣନ୍ତା ନାହିଁ କେହି"—କନ୍ଦର୍ପଭାବ —ଶୃଙ୍ଗାରରସ କେହି ଜାଣିଲାବାଲା ନାହାନ୍ତି । ଏ ପାଠ କେତେକ ପୋଥିରେ ଅଛି । ଏହା ମଧ୍ୟ ସମୀଚୀନ । ଛଳନ୍ତି—ଭଙ୍ଗୀ ଦେଖାନ୍ତି ବା ନବରଙ୍ଗ କରନ୍ତି ।

୫ । ଏଣୀନୟନା—ହରିଣୀନୟନା । ସୁବେଣୀ—ଭଲ ବେଣୀ ଯାହାର । ସୁବେଣୀ—ଭଲ ବେଣୀ । ସୁବାଣୀ—ମଧୁର ବାଣୀ ଯାହାର, ଉତ୍ତମ କଥା । ସୁବେଣୀ ହେଲା କନ୍ଦର୍ପଗୁପ୍ତି, ତାକୁ ଶାଣରେ ବସାଇ, ଅମୋଘ (ଅମୋଘ, ଅବ୍ୟର୍ଥ) ବିଷରେ ବିଷାଇ (ବିଷଯୁକ୍ତ କରି) ସ୍ନେହ ଦେଇ (ତେଲ ପ୍ରଭୃତି ଦେଇ, କଳଙ୍କି ନ ଲାଗିବ ଏହି ଉଦ୍ଦେଶ୍ୟରେ) କାହା ଗୁପ୍ତରେ ମାରିବାକୁ ରଖିଛି ।

ଏଠାରେ ବାଳକୁ ଭଲ କରି ପାଣିଆରେ କୁଣ୍ଡାଇ ତେଲ ଦେଇ ବେଣୀ ବାନ୍ଧିଅଛି ।

୬ । କୁନ୍ଦଦନ୍ତୀ—କୁନ୍ଦଫୁଲ ପରି ଦାନ୍ତ ଯାହାର । କାମ ପଞ୍ଚବାଣ—ପଦ୍ମ, ଅଶୋକ, ଆମ୍ବ, ନୀଳକଇଁ ଓ ନଅଳ ଏହି ପଞ୍ଚଶର କାମର ବାଣ। ସମ୍ମୋହନ, ଉନ୍ମାଦନ, ଶୋଷଣ, ତାପନ ଓ ସ୍ତମ୍ଭନ ଏ ମଧ୍ୟ ପଞ୍ଚ ବାଣ । କାମ—କାମଦେବ ତାହାର ଧନୁକୁ ଶରରେ ମୁଣ୍ଡାଇ ତାର ସବୁ ସଧ ସାରିଲା ତାର ସବୁ କାମନା (ପଞ୍ଚବାଣରେ ବିନ୍ଧିବା) ମେଣ୍ଟାଇଲା ।

୭ । କରୁଣା ଜଳଧି—କରୁଣା ସମୁଦ୍ର । "ନାମତଃ ପ୍ରସିଦ୍ଧ ପାଠ ମଧ୍ୟ ସମୀଚୀନ । ଅଭିମାନ ହେଉଛି ସ୍ନେହଗର୍ଭ ତିରସ୍କାର । ୮ । କବେ ବାସମୁଖ ସ୍ମରେ—

କୃତ୍ତକ୍ରାଗ ମୁଖରେ ପଣତ ଦେଇ, ବାସମୁଖ—ପଣତ । ଧଇର୍ଯ୍ୟ ହେଲା ପଦ୍ମ—ତାକୁ ନାଶ କରିବାକୁ ତାର କଣେଇ ଗୃହ୍ନିବା । ନୀହାରବାର—ଜାକର ସବୁର ବୃଷ୍ଟି—ବର୍ଷା ହେଲା ।

୯ । କୁବସ୍ତୁ ଲୋଭାଇ—ମନ ମନାଇ । କୃଷ୍ଣଭୃଙ୍ଗ—କଳା ଭଅଁର, କୃଷ୍ଣରୂପକ ଭୃଙ୍ଗ, କେତକୀ ପକ୍ଷେ ଭଅଁର, ଗୋପୀଙ୍କ ପକ୍ଷେ କୃଷ୍ଣ । କହଇ ... ... ଯିବ—କଳା ଭଅଁରର ଲୀଳାରେ ତୁମ୍ଭେମାନେ ତାହାର କ କେତକୀ ଫୁଲର ଶୋଭା ଯିନା ଗୃହ୍ଣିବ ।

୧୦ । ଗଣେଶ ଚତୁର୍ଥୀରେ ଚନ୍ଦ୍ର ଦର୍ଶନ କଲେ ବିପଦ ହୁଏ—ସୁଖ ଦୁର୍ଲ୍ଲଭ ହୁଏ ଓ ଦୁଃଖ ଲାଭ ହୁଏ ଏବଂ ଅପବାଦ ବହୁକାଳ ପର୍ଯ୍ୟନ୍ତ ମିଳେ ।

ପଞ୍ଚାନନଗତେ ଭାନୌ ପକ୍ଷୟୋରୁଭୟୋରପି
ଚତୁର୍ଥ୍ୟାମୁଦିତଶ୍ଚନ୍ଦ୍ରୋ ନେକ୍ଷିତବ୍ୟଃ କଦାଚନ ।

ଅକାଳ ଫଳ ଦେଖିଲେ ଲୋକ ନାଶ ହୁଏ ।

ଅକାଲେ ଫଲପୁଷ୍ପଂ ଚ ଅକାଲେ ନଦୀ ଉଚ୍ଛୁନା,
ଅକାଲେ ବୃଦ୍ଧକଣ୍ଠୈକ ହତୋ ରାଜା ହତୋ ନରଃ ।

ଏଠାରେ ବାଳକ କୃଷ୍ଣଚନ୍ଦ୍ରଙ୍କଠାରେ ଯୁବକର କାମଭାବ ପ୍ରକାଶକୁ ଅକାଳଫଳ ସଙ୍ଗେ ତୁଳନା ହେଲା ।

୧୧ । ଯାମିନୀକରମୁଖୀ—ଚନ୍ଦ୍ରମୁଖୀ । ସଉଦାମିନୀ—ବିଜୁଳି । ହେମ—ସୁନା । ଅନ୍ତରପଃ ଅନ୍ତର୍ନୃତ୍ୟକାରୀ—ଯବନିକା (ପରଦା) ମଧ୍ୟରେ ନୃତ୍ୟ କରୁଏ ଯେ, ଯାତ୍ରା ଗରଡ଼ । ଯାତ୍ରା ଗରଡ଼ ଯେପରି ପରଦା ଭିତରେ ରହି ଗୋପଲୀଳା ଦେଖାଇ ନଗରର ମନ ହରଣ କରେ ସେହିପରି ତୁମ୍ଭର ମୁଖ ବସ୍ତ୍ର ମଧ୍ୟରେ ରହି ସୁଖ ପ୍ରଦାନ କରୁଅଛି ।

୧୨ । କାଚ ପାତ୍ରରେ ଜଳ ଯେପରି ତାହାର ବର୍ଣ୍ଣ ଅନୁସାରେ ସବୁ ଲୋକଙ୍କୁ ତଳ ତଳ ଦିଶେ ସେହିପରି ସେହି ଗୋପୀର ଶରୀର ଝୀନବସନ—କ୍ଷୀଣ ଲୁଗା, ଅତି ସରୁଲୁଗା) ମଧ୍ୟରୁ ଚମ୍ପାଫୁଲ ପରି ଦିଶୁଛି । କାନନ... ମନୋରମ—ବନ ମଧ୍ୟରେ ଫୁଲ ଦେଖା ନ ଗଲେ ମଧ୍ୟ ତାର ବାସ ମନ ମୋହୁଛିଏ ।

୧୩ । କୌଣସି ଗୋପୀର ସ୍ତନ ଉପରେ ମୋତିହାର ଦେଖି କୃଷ୍ଣଚନ୍ଦ୍ର କହୁଛନ୍ତି ଯେ ସ୍ତନକୁ ପୟୋଧର (ପୟ ଜଳର ଧାରୀ) ବୋଲି ମୁଁ ଜାଣେ । କିନ୍ତୁ ଏଠାରେ ବିପରୀତ ଦେଖା ହେଲା ଯେ ସେ ମୋତିହାର ଛଳରେ ଜଳକୁ ଗ୍ରହିଛି ।

୧୪ । ଜାନୁ—ଉରୁସନ୍ଧି—ଏଠାରେ ଉରୁ ଅର୍ଥରେ, ଚିତ୍ର—ଆଶ୍ଚର୍ଯ୍ୟ । ହାତୀ ଶୁଣ୍ଢ ଗଛସବୁ ଭାଙ୍ଗିପକାଏ, କିନ୍ତୁ ପ୍ରତ୍ୟକ୍ଷରେ ଦେଖୁଛୁ ଯେ ତୁମ୍ଭେ ତୁମ୍

Digitized by srujanika@gmail.com

ଜାନୁରୂପ ତରୁଣ—ତରୁଣ କଥ ରମ୍ଭାବୃକ୍ଷେ—କଦଳୀ ଗଛରେ ମୋର ମନରୂପ ହାତୀକୁ ବାନ୍ଧିଅଛୁ ।

୧୫ । ଚନ୍ଦ୍ର ତାର କିରଣରେ ଅନ୍ଧକାର ନାଶ କରେ—ଏହା ବିଧାତାଙ୍କ ବିଧାନ କିନ୍ତୁ ତୁମ୍ଭର ବଦନରୂପ ଚନ୍ଦ୍ର ଦେଖିଲେ ଡାମ ଅନ୍ଧାର ଘୋଟିଯାଏ । ସବୁ ବିଷୟରେ ତୁମ୍ଭଠାରେ ବୈଲକ୍ଷଣ୍ୟ ଦେଖିଲି ।

୧୬ । କନକଲତା—ସୁନାଲତା (ଦେହ) । କମଳ କୋଳରେ—ପଦ୍ମ କ୍ରୋଡ଼ରେ (ମୁହଁରେ) ଏ ବେନି ଇନ୍ଦୀବର—ଦୁଇଟା ନୀଳପଦ୍ମ (ଦୁଇଆଖି) ଶ୍ରବଣେ—ଶୋଭାପାଏ । କୁନ୍ଦକଳି—କୁନ୍ଦଫୁଲର କଢ଼ି (ଦାନ୍ତ) । ବନ୍ଧୁଜୀବକ—ବନ୍ଧୁଲି ଫୁଲ (ଅଧର, ଓଷ୍ଠ) । କୋକନଦ—ରକ୍ତପଦ୍ମ ବା ରଙ୍ଗକଇଁ—ହାତ ଲେଉ଼ (କବି ଏଠାରେ ହାତଲେଉ଼ ଗୁଲ ହେତୁ କୋକନଦ ସଙ୍ଗେ ତୁଳନା କରିଅଛନ୍ତି—ଅନ୍ୟ କବିମାନେ ଚକ୍ଷୁକୁ କୋକନଦ ସଙ୍ଗେ ତୁଳନା କରିଅଛନ୍ତି । କଶ୍ଚିତ୍ କୋକନଦଚ୍ଛବିସ୍ୟ ସକ୍ଷଣେ ନେତ୍ରେ ସ୍ୱୟଂ ଉଚ୍ୟତଃ । ଉତ୍ତରରାମ । ୫ । ୩୬ ।

ନୀଳନଳିନାଭମପି ତନ୍ୱି ତବ ଲୋଚନଂ ଧାରୟତି କୋକନଦରୂପଂ
—ଗୀତଗୋବିନ୍ଦ । ୧୦ । ୪ ।

ଗନ୍ଧଫଳୀ—ଚମ୍ପାକଢ଼ି (ଅଙ୍ଗୁଳି) ଏ ଲତା—ଦେହଲତା ଉପରୁ ବଳି ପଡୁଛି—ଅତିଶୟୋକ୍ତି ଅଳଙ୍କାର ।

୧୭ । କଳେବର—ଦେହ, କନ୍ଦର୍ପର ଦିଗ୍‌ବିଜୟ କରିବା ରଥ । ଲଳିତ ନିତମ୍ବ—ମନୋହର ନିତମ୍ବ (କଟି) ରଥର ଚକ୍ର । ବିଭ୍ରମ ଅମ୍ବର—ଉଲ୍ଲଗା ଅବଲମ୍ବ (ଆଶ୍ରୟ) କରନ୍ତି । ଏ ରଥରେ ବସି କାମ ସମସ୍ତଙ୍କୁ ମନ୍ତ୍ରି ପକାଉଛି, ହଇରାଣ କରି ପକାଉଛି ।

୧୮ । ସ୍ୱାଧୀନଭର୍ତ୍ତୃକା—ସ୍ୱାମୀ ଯାହାର ବଶରେ ଥାଏ ଏହିପରି ଯେ ନାୟିକା । ପରସନ—ପ୍ରସନ୍ନ । ୧୯ । କୁନ୍ଦଫୁଲ, ଇନ୍ଦୁ—ଚନ୍ଦ୍ର ଅତି ଧଳା—ହାସ ମଧ୍ୟ ଧଳା—ତହୁଁ । କବି ହାସକୁ ସେମାନଙ୍କ ସଙ୍ଗେ ତୁଳନା କରନ୍ତି । "ଯଶସି ଧବଳତା ବର୍ଣ୍ଣ୍ୟତେ ହାସକୀର୍ତ୍ତ୍ୟୋଃ । ଅପାଙ୍ଗ—ନେତ୍ରକୋଣ । ପୀୟୂଷ—ଅମୃତ ।

୨୦ । କାନ୍ତି—ଅଙ୍ଗଲାବଣ୍ୟ—ନିର୍ମଳ ଜଳ । କେଶ ହେଲା ଶିଉଳି । ବଦନ—ମୁଖ, କମଳ—ପଦ୍ମ । ନୟନ ଯୁଗଳ—ଦୁଇ ଆଖି, ଶଫରୀ—ଦାଣ୍ଡିକିରି ମାଛ । କୁଚ—ସ୍ତନ, ଚକ୍ରବାକ—ଚକ୍ରଥ । ନଖ ହେଲା କହ୍ଲାରକ—ଧଳାକଇଁ ବା ପାଣିଶିଉଳି ଫୁଲ ସମସ୍ତଙ୍କ ମନ ହରୁଛି, କବିମାନେ ଏପରି ତୁଳନା କରିଥାଆନ୍ତି ।

୨୧ । ଅବଗାହନ—ସ୍ନାନ । ପଦୋଧି—ସମୁଦ୍ର । କୃପଣ ଯେପରି ତଳେ ପୋତା ଧନ ଛାଡ଼େ ନାହିଁ ସେହିପରି ଲଜ୍ଜା ଟିକିଏ ଛାଡ଼ୁ ନାହିଁ । ୨୨ । ସୁଶ୍ରେଣୀ—

Digitized by srujanika@gmail.com

ସୁନ୍ଦର କଣ୍ଠ ଯାହାର । କଳକଣ୍ଠବାଣୀ—କୋକିଳ ପରି କଥା ଯାହାର । କାମତରଙ୍ଗିଣୀ—କାମନଦୀ । ତରଣି—ନୌକା । 'କଶେରୁ ରତନ—କଶେରୁଶ୍ରେଷ୍ଠ । କର୍ଣ୍ଣଧାର—ମଙ୍ଗଧରା, ମଙ୍ଗୁଆଳ, କାଣ୍ଡାରୀ । ଉଡ଼ୁ—ଭେଳା ।

୧୩ । ବିରଜନାୟିକା—ଗୋପନାରୀ । କାମକେଳିକଳାପଟୁତାକା—କାମକ୍ରୀଡ଼ା-କୁଶଳା । କାଳିକାବେଳେ—ମେଘସମୟରେ । କଣ୍ଟକୀଫଳ—ପଣସ । ୧୪ । ପୟଃପେଟି—ପଇଡ଼ । ହୃଦୟ ଘନରସ—ତାହା ଭିତର ପାଣି । ଅନ୍ତର—ହୃଦ । କରକା—କୁଆପଥର । ଦ୍ରବୀଭୂତ—ତରଳ । ପଇଡ଼ର ଉପର ଟାଣ ହେଲେହେଁ ଭିତରେ ମଧୁର ରସ ଥିବାରୁ ସମସ୍ତେ ଆଦର କରନ୍ତି, ତୋର ହୃଦୟ କୁଆପଥର ପରି ଟାଣ ହେଲେ ମଧ୍ୟ ପଚ୍ଛକୁ ତରଳଯାଏ ।

୧୫ । ରକ୍ତପଙ୍କ ଉଦ୍ୟମୋଚନା—କାମର ଉଦ୍ୟମକୁ ଦୂର କରିବ । ସୁମନସଋତୁ—ବସନ୍ତକାଳ । କଳକଣ୍ଠ—ଡାହୁକ, ଡାହୁକ କଣ୍ଠର ବଚନ ପରି ବଚନ ଯାହାର । ଡାହୁକ କଣ୍ଠରୁ ବସନ୍ତକାଳରେ ଶବ୍ଦ ଶୁଣାଯାଏ ନାହିଁ । ମୌରବ କାହିଁକି ହେଲୁ । ଅମ୍ବୁଧର—ବର୍ଷା । ଆଣି—ଟାଣ, ଗର୍ବ, ଦମ୍ଭ । ୧୬ । ମାର୍ଗଣ—ମାଗନ୍ତା ଲୋକ, ଯାଚକ । କଞ୍ଜ—ଚନ୍ଦ୍ର । ଚନ୍ଦ୍ରକୁ ଦେଖି ପଦ୍ମ ମୁଦ ହୋଇଗଲା ପରି ତୁ ମତେ ଦେଖି ମୁହଁ ଲୁଚାଇ ନେଉଛୁ । କଟାକ୍ଷ କରିବା—ଚାହିଁବା ।

୧୭ । କୁଟିଳ—କୁଞ୍ଚିତ, କୁଞ୍ଚିଆ, ଭଙ୍ଗ ଥିବା । କୁନ୍ତଳ—ବାଳ । ନୀଳାମେଘ...ମିଶ—କାଳିଆ ମେଘପରି ଅମ୍ବର—ବସନ, ଶାଢ଼ୀ (କଳା) । କନକ—ସୁନା । କେତକ—କେତକୀଫୁଲ । ଆଡ଼ମ୍ବର—ଶୋଭା, ଜାକଜମକ । କୁରଙ୍ଗମଦ—କସ୍ତୁରୀ (କଳା)—କଜ୍ଜ୍ୱଳ (କଳା) ଏସବୁ କଣ ତୋର ଦେହକୁ ଶୋଭା କି ଜାକଜମକିଆ ହୋଇ ନାହାନ୍ତି । ୧୮ । କୃଷ୍ଣ ମସୀବିନ୍ଦୁ—କଳା କଜ୍ଜ୍ୱଳଟୋପା । ଇନ୍ଦୁ—ଚନ୍ଦ୍ରରୂପ—ଅର୍ଦ୍ଧଚିବୁକକୁ ମଣ୍ଡିଛି—ଅର୍ଦ୍ଧ ଚିବୁକରେ ଶୋଭା ପାଉଛି । ଚନ୍ଦ୍ରଙ୍କ ଶରୀରରେ କୃଷ୍ଣଚିହ୍ନ ଯେପରି ତାଙ୍କର ଶୋଭାକୁ ବଢ଼ାଏ, ଏଠାରେ ମସୀବିନ୍ଦୁ ଚିବୁକର ଶୋଭାକୁ ବଢ଼ାଉଅଛି । "ମଳିନମପି ହିମାଂଶୋଃ ଲକ୍ଷ୍ମ ଲକ୍ଷ୍ମୀଂ ତନୋତି" ଶକୁନ୍ତଳା । (କୃଷ୍ଣ ଶଶୀବିନ୍ଦୁ—କଳା ଚନ୍ଦ୍ରବିନ୍ଦୁ, ଏ ପାଠ ମୁଦ୍ରିତ ଗ୍ରନ୍ଥମାନଙ୍କରେ ଅଛି । ପୋଥିମାନଙ୍କରେ ନାହିଁ ।) କପର୍ଦ୍ଦୀବଇରୀ—କପର୍ଦ୍ଦୀ—ମହାଦେବ, ଶତ୍ରୁ—କାମଦେବ । କଳାବତୀ—କଳା ଏଠାରେ ଉଭୀରେ ପ୍ରୟୋଗ ହୋଇଅଛି—ଚଉଷଠି କଳାକୁଶଳା ହୋଇ । କଳାବନ୍ତ—କଳାକୁଶଳଠାରେ ଓ କାଳିଆଠାରେ । ତୋର ଲୀଳା—ଶୃଙ୍ଗାର ଲୀଳା । ବଳାଇବୁ—ଚଳାଇବୁ ।

Digitized by srujanika@gmail.com

୨୯ । ଶ୍ରଦ୍ଧାବତୀ—ଅନୁରାଗବତୀ । କୁରୁଣ୍ଟକ—ଦାସକେରଣ୍ଟା ଫୁଲ । ଦୋହଦ —ପୁଷ୍ପୋଦ୍‌ଗମ ଔଷଧ, ବୃକ୍ଷ ଲତାମାନଙ୍କରେ ଅସମୟରେ ଫୁଲ ଫଳ ଜନ୍ମାଇବା କ୍ରିୟାବିଶେଷ, କେହ କେହ କହନ୍ତି—ଦୋହଦ ଅଲଙ୍ଗନଂ ଚୈବ ଦୋହଦଶ୍ଚୁମ୍ବନଂ ତଥା । କୁରୁଣ୍ଟକଃ କୋଳବାନେ କଦମ୍ବ ଶ୍ଚୁମ୍ବନେ ତଥା । କୁରୁଣ୍ଟକ ଅଲିଙ୍ଗନରେ ଓ କଦମ୍ବ ଚୁମ୍ବନରେ ବିକସିତ ହୁଏ ।

ଅନ୍ୟମାନେ କହନ୍ତି :—ସ୍ତନାଭ୍ୟାଂ ପୀଡ଼ିତଃ ସଦ୍ୟଃ ପୁଷ୍ପିତଶ୍ଚ କୁରୁଣ୍ଟକଃ ।
ପ୍ରଫୁଲ୍ଲୋ ଜାୟତେ ଯୁକ୍ତଃ କଦମ୍ବକରଜକ୍ଷତୈଃ ।।

ସ୍ତନପୀଡ଼ା କ ଅଲିଙ୍ଗନରେ କୁରୁଣ୍ଟକ ଫୁଲ ଫୁଟେ; ନଖର ଅଘାତରେ କଦମ୍ବ ଫୁଲ ଫୁଟେ । ମନମଥ—ପ୍ରେମବାଧା । ମଞ୍ଜିଷ୍ଠା—ମଞ୍ଜୁଆଟି । ନୀଳୀ କୁସୁମ୍ଭ ମଞ୍ଜିଷ୍ଠାଃ ପୂର୍ବରାଗୋଽପି ଚ ତ୍ରିଧା ।

ମଞ୍ଜିଷ୍ଠାଦିଭେଦରେ ପୂର୍ବରାଗ (ମିଳନର ପୂର୍ବରୁ ଦେଖା ଶୁଣାରୁ ଅନୁରାଗ ହୃଦରେ ଜନ୍ମି ଯେଉଁ ଦଶା ପ୍ରାପ୍ତି ହୁଏ ତାହା) ତିନପ୍ରକାର; ହୃଦୟରେ ଥିବା ଯେଉଁ ପ୍ରେମ ବେଶି ବଢ଼େ ନାହିଁ କି ଗୁଳିଯାଏ ନାହିଁ ତାକୁ ନୀଳୀ ରାଗ କୁହାଯାଏ । ଯେଉଁ ପ୍ରେମ ଶୋଭା ପାଏ ଓ ଗୁଳିଯାଏ ତାକୁ କୁସୁମ୍ଭ ରାଗ କହ । ଯେଉଁ ପ୍ରେମ ଗୁଳି ନ ଯାଇ ଅତି ଶୋଭା ପାଉଥାଏ ଅର୍ଥାତ୍ ସଦା ବୃଦ୍ଧି ପାଏ, ତାକୁ ମଞ୍ଜିଷ୍ଠା ରାଗ କହ—"ସାହିତ୍ୟ ଦର୍ପଣ" ।

ନୀଳୀରାଗ—ଚନ୍ଦ୍ରାବଳୀ ଓ ମୁକୁନ୍ଦଙ୍କ ମଧ୍ୟରେ । କୁସୁମ୍ଭରାଗ—କୃଷ୍ଣ ଓ ଶ୍ୟାମଳାଦି ଯୂଥଙ୍କ ମଧ୍ୟରେ । ମଞ୍ଜିଷ୍ଠାରାଗ—ରାଧା ମାଧବଙ୍କ ମଧ୍ୟରେ ।

ମଞ୍ଜିଷ୍ଠାରାଗର ଲକ୍ଷଣ—

ଅହାର୍ଯ୍ୟୋଽନନ୍ୟସାପେକ୍ଷୋ ଯଃ କାନ୍ତ୍ୟା ବର୍ଦ୍ଧତେ ସଦା ।
ଭବେନ୍ମାଞ୍ଜିଷ୍ଠରାଗୋଽସୌ ରାଧାମାଧବୟୋର୍ଯଥା—
ଉଜ୍ଜ୍ୱଳ ନୀଳମଣି ।

୩୦ । କଳା ଜଳଧର ବୃଷ୍ଟି—କଳା ମେଘର ଜଳବିନ୍ଦୁ । ନଭତାର—ଆକାଶର ତାରା ଯେପରି ଗଣି ହୁଏ ନାହିଁ ସେପରି ସେ ଜଳ ହୁଏ ନାହିଁ ।

୩୧ । କମଳ—ପଦ୍ମ । କୁମୁଦ—କଇଁ । ପୁଷ୍ପବନ୍ତ—ଚନ୍ଦ୍ର, ସୂର୍ଯ୍ୟ, "ଏକୟୋକ୍ତ୍ୟା ପୁଷ୍ପବନ୍ତୌ, ଦିବାକରନିଶାକରୌ—ଅମର । କୈବଲ୍ୟ ଦାୟକ—ମୋକ୍ଷଦାତା । ଦକ୍ଷିଣନାୟକ—ବହୁ ନାରୀପ୍ରିୟ—"ଅନେକମହିଳାସୁ ସମରାଗୋ ଦକ୍ଷିଣଃ କଥିତଃ" । ସିହାଣ—ସନ୍ଧାନ୍ ଶବ୍ଦର ଅପଭ୍ରଷ୍ଟ—ଚତୁର, କୁଶଳ । ବିଷୟରେ—ସଂସାର ବିଷୟରେ ।

ନବମ ଛାନ୍ଦ

୧ । ଭବଭୟ—ଜନ୍ମଭୟ ବା ସଂସାରଭୟ, ଆଧିଦୈବିକ, ଆଧ୍ୟାତ୍ମିକ ଓ ଆଧିଭୌତିକ—"ଭବ ଜନ୍ମନ ସଂସାରେ" କାଳଦଣ୍ଡ ବ୍ୟଥାରୁ—(କାଲୋ ଦଣ୍ଡଧରଃ) ଯମର ଦଣ୍ଡ ବ୍ୟଥାରୁ—ଯମଦଣ୍ଡ ଭୟ—ମରଣ । କମଳ ଶତେ ଖୁର—ଶଏ ଖୁର ପଦ୍ମ ।

୨ । ପରିହରି—ଛାଡ଼ି । ନାଠ—ନାହୁଁଆ । ୩ । ଫଣୀ—ସର୍ପ । କୁଟିଳ—ମନ୍ଦ ବା ଖଳ । ଆବଳୀ—ସମୂହ । ମରକତ ଶମ୍ଭୁ—ନୀଳବର୍ଣ୍ଣ ମଣିନିର୍ମିତ ମହାଦେବଙ୍କୁ ଇନ୍ଦୀବର (ନୀଳପଦ୍ମ) ମାଳାରେ କି ଶୋଭା ବଳି କି ? ମହାଦେବଙ୍କର ଅଙ୍ଗମାନଙ୍କରେ କାଳିଆ ସର୍ପମାନେ ଗୁଡ଼ାଇ ହୋଇଥାନ୍ତି ଏଠାରେ କୃଷ୍ଣଙ୍କ ଶରୀରକୁ ନୀଳମଣିନିର୍ମିତ ଶମ୍ଭୁରୂପରେ ବର୍ଣ୍ଣନା କରୁଅଛନ୍ତି ।

୪ । କଜ୍ଜ୍ୱଳ ପର୍ବତ—କଳା ପର୍ବତରେ କଳା ମେଘ ପରି କୃଷ୍ଣଙ୍କ ଅଙ୍ଗରେ କାଳୀ ଶୋଭା ପାଇଲା । ଏ ରଙ୍ଗ—କୌତୁକ । ଉତ୍ତମ ଅଙ୍ଗରେ—ମୁଣ୍ଡରେ । ତାଣ୍ଡବ—ନୃତ୍ୟ । ଶ୍ରୀରଙ୍ଗ—କୃଷ୍ଣ । ୫ । କାଦମ୍ବିନୀ—କଳାମେଘ । କେକୀ—ମୟୂର । ଭଙ୍ଗିରେ—ଲୀଳାରେ ।

୬ । ଅଳୀ—ସଖୀ । ୭ । କନକକୁସୁମ—ଚମ୍ପା । ଶୂଳୀ—ମହାଦେବ । ୮ । ମଉଳି—ମୁଣ୍ଡ । ୯ । ନିରସ୍ତଳକ—ବନ୍ଦାପନାକୁ; ବନ୍ଦନା ବା ପ୍ରଣାମକୁ । "ଅନବଳେ" ପାଠ ମଧ୍ୟ ଗ୍ରହଣୀୟ । ତହୁଁ...ବଳକ—କୃଷ୍ଣଙ୍କଠାରୁ ବଳ ଆଉ କେହି ନାହିଁ; ଅତଏବ ସ୍ତ୍ରୀପକ୍ଷ ବଳର ଅର୍ଥ ଅନ୍ୟ କୌଣସି କାଳେ ବା ଅନ୍ୟ କାହାଦ୍ୱାରା ଟିକି ହୋଇ ପାରିବ କି ।

୧୦ । ଚନ୍ଦ୍ରମଉଳି—ଶିବ । ସେ ସିହାଣ୍ଟି କଳଳ—ସେ ସିହାଣ କି କୃଷ୍ଣଙ୍କ ଚତୁରତା କଳ ହେବ କି ।

୧୧ । କୃପାକଟାକ୍ଷୀ—ଦୟାପୂର୍ଣ୍ଣ ଦୃଷ୍ଟି ଯାହାଙ୍କର । ସୁଖ ସଙ୍ଗାଳି—ସୁଖଧନକୁ । ଗୋମନ୍ତ ପର୍ବତ—ଗୋବର୍ଦ୍ଧନ ପର୍ବତ ।

୧୨ । କଣ୍ଠମରକତମାଳି—ସେ ମୋ କଣ୍ଠର ମରକତ—ନୀଳମଣିମାଳା, ଗଳାମାଳା ।

୧୩ । ଗୁଆର—(ପାମର ଶବ୍ଦର ଅପଭ୍ରଂଶ) ନିର୍ବୋଧ, ମୁର୍ଖ । କଳାମେଘ-ବର୍ଣ୍ଣ—କୃଷ୍ଣ । କଲେ ଅଭୟ—ତାକୁ ନ ମାରି, ଆଉ ଭୟ ନାହିଁ କହିଲେ । ଶରଣ—ଗୃହ—"ଶରଣଂ ଗୃହରକ୍ଷିତ୍ରୋଃ"; ବରୁଣଦେବ ଶରଣରେ—ସମୁଦ୍ରରେ ।

Digitized by srujanika@gmail.com

୧୫ । କଳନ୍ଦନନ୍ୟା—କାଳନ୍ଦୀ, ଯମୁନା । କାରଣ୍ଡବ—ଏକପ୍ରକାର ପାଣିହଂସ, ତାହାର ବର୍ଣ୍ଣ କାକବର୍ଣ୍ଣ ପରି, ପାଦ ଲମ୍ବା ଓ ସେ କାଳିଆ । କୋକ—ଚକ୍ରବାକ, ଚକୁଆ । କଞ୍ଜ—ପଦ୍ମ । କୁମୁଦ—କଇଁ । କୁବଳୟ—ନୀଳକଇଁ, କମଳା କ ଲକ୍ଷ୍ମୀଙ୍କର ମୁଖ (ପଦ୍ମ)—ହସ (କୁମୁଦ) ନେତ୍ର (କୁବଳୟ) ପରି କାଳନ୍ଦୀରେ ଏମାନେ ଶୋଭା ପାଇ ମନ ଓ ଚକ୍ଷୁକୁ ହରିଲେ ।

୧୬ । ତଟନିକଟ—କାଳନ୍ଦୀ କୂଳରେ ବୃନ୍ଦାବନ । କନ୍ଦର୍ପ ସଙ୍ଗୀତ ମନ୍ଦିର—କାମଦେବର ସଙ୍ଗୀତମନ୍ଦିର; ନୃତ୍ୟ, ଗୀତ ଓ ବାଦ୍ୟର ଶାଳା । ଫୁଲ-ଫୁଟିଲା ଲତାସବୁ ପବନରେ ହଲୁଥିବାରୁ ନର୍ତ୍ତକୀ ପରି ନାଚ କରୁଅଛନ୍ତି । କୁହୁକଣ୍ଠ—କୋକିଳ । କଳକଣ୍ଠ—ତାହୁକ ।

୧୭ । କୁଟିଳକୁନ୍ତଳା—କୁଞ୍ଚିତ କେଶ ଯାହାର । କାମକେଳିକଳାକୁଶଳା—ଶୃଙ୍ଗାରବିଦ୍ୟାରେ କୁଶଳା । କୁନ୍ଦକଳିକଉରଦନା—ଯାହାର ଦନ୍ତ କୁନ୍ଦକଢ଼ିକୁ ଜିଣିଛି । କେଶରୀମଧ୍ୟମା—ସିଂହ କଟି ପରି ସରୁ କଟି ଯାହାର । ବନ୍ଧୁଳୀଦଶନବସନା—ବନ୍ଧୁଲୀଫୁଲ ପରି ଦଶନବସନ (ଦାନ୍ତକୁ ଘୋଡ଼ାଏ ଯେ) ଓଷ୍ଠ ଯାହାର । କଉଷେୟହୀନବସନା—ଅତି ସରୁ ପାଟଲୁଗା ଯାହାର, ଯେ ଅତି ସରୁ ପାଟ ପିନ୍ଧେ ।

୧୮ । କୁରଙ୍ଗଲୋଚନା—ହରିଣନୟନା । କୁଟିଳକଟାକ୍ଷା—ଆଖିକୋଣରେ ଚାହେଁ ଯେ । ରସିକମୀମୋକ୍ଷା (ରସକମୀ ମୁଖ୍ୟା)—ଶ୍ରେଷ୍ଠ ରସିକା । କନ୍ଦର୍ପଦର୍ପବିମୋଚନା—କାମପୀଡ଼ାକୁ ଦୂର କରେ ଯେ । ଉତ୍ସୁକା—ଉତ୍କଣ୍ଠିତା, ବ୍ୟାକୁଳ ହେଲେ ।

୨୦ । ଗାଠ—କର, ମୂଲ୍ୟ, ବାଟଗୁଳିବାରେ କରମୂଲ, ଏହା ଅତି ବିପରୀତ କଥା, ସଂସାରରେ ଏହା ଦେଖା ନାହିଁ । ଲେଖା ହୁଏ—ତୁଳା ହୁଏ ।

୨୧ । ହଟ—ତମାସା । ଲଟ—କୌତୁକ ।

୨୨ । ଗୋଳ କରିବା ଭଲ ବୋଲି ସେ ବୋଧ କରୁଛଏ । କରମିତ—ମେଳ । ପଦ୍ମ କୋଳରେ ଭଅଁର ବନ୍ଦୀ ହୁଏ, ସେ ତାହା ଶ୍ରଦ୍ଧା ମନେ ଓ ତାହା କୋଳରେ ତାହାର ନିଦ ବଢ଼େ । ସେପରି କୃଷ୍ଣଙ୍କୁ ବାହୁପାଶରେ ବାନ୍ଧିଲେ ଯେ ସେ ଭୟ କରିବେ ତାହା ନୁହେ ବରଂ ଅଧିକ ସୁଖଭୋଗ କରିବେ ।

୨୩ । ସଣ୍ଣ—ସୁନ୍ଦର । ଗଞ୍ଜ—କଠିଣ (ଘନ ଶବ୍ଦର ଅପଭ୍ରଂଶ) । କରରୁହ—ନଖ । ବଡ଼ାଇ ମୁଦିବା—ଗବ ଗବ କରିବା । ହାତୀ ଆଖୁ ଭଲ ପାଏ ବୋଲି ପ୍ରସିଦ୍ଧ । ହାତୀ ଆଖୁରସ ପାଇଲେ ଯେପରି ଆଖୁକ୍ଷେତକୁ ଦଳେ,

Digitized by srujanika@gmail.com

ଗୃହ ଧପାଳେ; ସେହିପରି କୃଷ୍ଣଙ୍କ ଗର୍ବ ଜଣ ଖର୍ବ କରିବ ସେ ସେଇଥିଲାଗି ନିଜ ମନ ବଳାଇବେ ।

ଦଶମ ଛାନ୍ଦ

୧ । କୁମୁଦନନ୍ଦନୀ—ରାଧା—ଶ୍ରୀମତୀ କୁମୁଦବନରୁ ଜାତ ହୋଇଥିଲେ । ଭୃଙ୍ଗ—ଭଅଁର—ରାଧା ପଦ୍ମିନୀ କନ୍ୟା, "ପଦ୍ମିନୀ ପଦ୍ମଗନ୍ଧା ଚ ସାର-ଗନ୍ଧା ଚ ଚକ୍ଷିଣୀ । ତାଙ୍କ ଦେହରୁ ପଦ୍ମଗନ୍ଧ ବାହାରୁଥିବାରୁ ଭଅଁର-ମାନେ ଉଡ଼ୁଥିଲେ ।

୨ । ବାମା :—(ବମତି ସ୍ନେହଂ—ଯେ ସ୍ନେହ ବିତରଣ କରେ ବା ବାମଃ କାମୋଽସ୍ତି ଅସ୍ୟାଂ—ଶୃଙ୍ଗାରରସସଂସ୍ଥା । ରମା ପାଠ ମଧ୍ୟ ସମୀଚୀନ (ରମତେ ଇତି ରମା—ସେ କେଳିପରା) । ନିରୁପମା—ଯାହାର ତୁଳନା ନାହିଁ, ଅତୁଳନୀୟା । ମଦନମୋହନ—ଯେ ନିଜ ରୂପରେ ମଦନକୁ ମୋହିଦିଏ । ତାଙ୍କର ପ୍ରିୟତମା ଓ ସୁଖସୀମା—ପ୍ରୀତିର ମୂଳହେତୁ ।

୩ । ଶଇବାଳ—ଶିଉଳ । ୪ । ପରିମଳ—ମନୋହର ଗନ୍ଧ ।

୫ । କୁରଙ୍ଗ ଚଞ୍ଚଳ—ହରିଣ ଆଖିରୁ ଚଞ୍ଚଳ । ସୁରଙ୍ଗ ଅଞ୍ଚଳ—ଚକ୍ଷୁକୋଣ ଅତି ଲାଲ । ବିଶିଖ—ତୀର, ଶର; ମହାତୀକ୍ଷ୍ଣ—ଅତିତୀକ୍ଷ୍ଣ; ମୁନିଆ ।

୬ । ଚଳ—ଖସା (ନେଳି ଓ ଅଳ୍ପ ଲାଲରଙ୍ଗ ମିଶା ବର୍ଣ୍ଣର) ମଞ୍ଜୁଳ—ମନୋହର । "ପ୍ରତିଭାଷା" ପାଠ ମଧ୍ୟ ହୋଇ ପାରେ ।

୮ । ହୀରସାର—ଉତ୍କୃଷ୍ଟ ହୀରା ।

୯ । ନବଲସୁ—ନୂତନ ପଦ୍ମ (କଅଁଳିଆ ପଦ୍ମ) । ବିମ୍ବ—କଇଁଚିକାକୁଡ଼ି ବା ଗୋଲୁଖିଆ ଫଳ । ବନ୍ଧୁକ—ଦଧିଲୀ । ଜରଇ ବିଡମ୍ବ—ଉପହାସ କରେ, ତୁଚ୍ଛ କରେ (ଅନୁକରଣ କରେ ମଧ୍ୟ ଅର୍ଥ ହେବ) । ମୁଖବିମ୍ବେ—ମୁଖମଣ୍ଡଳରେ (ମୁଖ ଚନ୍ଦ୍ରଙ୍କ ସଙ୍ଗେ ତୁଳନା) କ୍ରୀଡ଼ାରସ—ଲୀଳାରସ (ଚନ୍ଦ୍ରଙ୍କର ରସ—ମୁଖରେ ଲୀଳା) ଅଧର ଚୁମ୍ବନ କରେ—ଏଠାରେ ତାହା ମୁଖବିମ୍ବରେ ଲୀଳାରସକୁ ସ୍ପର୍ଶ କରୁଛି—ଧାରଣ କରୁଛି । ମୁଖ-ବିମ୍ବରେ ଅଧର ଶୋଭା ପାଉଛି, ତାହାର ତୁଳନା ନାହିଁ ।

୧୦ । କେତକୀ—କେତକୀ ଫୁଲ (ସଂସ୍କୃତରେ କେତକ) । ଗୋରା—ହଳଦିଆ ଧଳା । ଡୋର—ଶୋଭା । କୋମଳେ—କୋମଳତାରେ; ମୃଦୁତାରେ ଶିରୀଷପୁଷ୍ପବ୍ଧୀ । କବିମାନେ ଶିରୀଷପୁଷ୍ପକୁ ଅତି କୋମଳରୂପେ

Digitized by srujanika@gmail.com

ବର୍ଣ୍ଣନା କରିଅଛନ୍ତି । କୃଶ......ଧସ୍ର—ମନଦାହୀ, ମନମୁଗ୍ଧ । ୧୨ । କମ୍ବୁ—ଶଙ୍ଖ ହେଲା କଣ୍ଠ । କରପତ୍ର—ହାତ ଲେଡ଼ ବା ପାପୁଲି; ଶତପତ୍ର —ପଦ୍ମ; କରଜ—ନଖ । ୧୩ । କରିକୁମ୍ଭ—ହାତୀଶୁଣ୍ଢ; ହେମସମ୍ପୁଟକ— ସୁନା ଫରୁଆ । ତାଳଫଳ—ପାଚିଲା ତାଳ । ରସାଳ—ରସଯୁକ୍ତ ।

୧୪ । କାମକର .. .. ବଳ—ମଦନର କାଳିଆ ହାତ ଅଧର ପରି ସ୍ତନଠାରୁ ନାଭି ପର୍ଯ୍ୟନ୍ତ ଲୋମସବୁ ଶୋଭା ପାଉଛି । ସିଂହ ଓ ଡମ୍ବରୁ ମଧ୍ୟରୁ ତାଙ୍କ କଟି ଅଧିକ ସରୁ । ମଧ୍ୟ—ଅଣ୍ଟା । ପୁଳିନ—ବାଲିକୂଦ, ପାଣିକୂଳ, “ତୋୟୋତ୍ଥିତଂ ତତ୍ ପୁଳିନମ୍” ବିପୁଳ ବା ବିଶାଳ ଅର୍ଥରେ । ୧୫ । କନକ କଦଳୀ—ସୁନା କଦଳୀଗଛ । କାମ ଉଦ୍ଦୀପନ ବଢ଼ାଇ ବଦନ—ଅତି ଶୀଘ୍ର ଶୃଙ୍ଗାରରେ ଉଦ୍ଦୀପନ ଭାବକୁ ବଢ଼ାଏ, ଅତିଶୀଘ୍ର କାମକୁ ଉତ୍ତେଜିତ କରେ ।

୧୬ । କମଳକୁଁ—ପଦ୍ମ (ଏଠାରେ ରକ୍ତପଦ୍ମ) ଅରୁଣ—ଲାଲ । ଗଜପତି— ଐରାବତ । ମନ୍ଦାକ୍ଷ—ଲଜ୍ଜା । ହସ୍ତୀ ଗମନଠାରୁ ତାଙ୍କର ଗତି ସୁନ୍ଦର ।

୧୮ । କୁଳବଧୂ..ଉଜ୍ଜ୍ୱଳ—କୁଳ ସ୍ତ୍ରୀ ଯେପରି ନିଜ ପିତୃ ଓ ପତିକୁଳର ଗୌରବ ବଢ଼ାଏ, ସେହିପରି ଯମୁନା ତାର ଦୁଇ କୂଳର ଶୋଭା ବଢ଼ାଏ ।

୧୯ । କମଳ—ଜଳ, କୃଷ୍ଣଭକ୍ତର ହୃଦୟ ପରି ନିର୍ମଳ ଜଳ । ୨୦ । କରଜ ରଞ୍ଜନୀ—ନହୁରୁଣୀ, ଯେଉଁଥିରେ ନଖ କଟା ହୁଏ । ପୁନର୍ଭବ—ନଖ, ପୁନର୍ଜନ୍ମ । ଯେପରି ନଖକୁ ନହୁରୁଣୀ କାଟେ ସେହିପରି ଏ ଯମୁନା ଜଳ ପୁନର୍ଜନ୍ମକୁ କାଟିଦିଏ । ଏଠାରେ ସ୍ନାନ କଲେ ଲୋକ ମୁକ୍ତ ଲଭେ ।

୨୧ । କରିଣୀ—ହସ୍ତିନୀ, ହାତୁଣୀ । ହସ୍ତିନୀ ଯେପରି ତା ଶୁଣ୍ଢରେ ପଦ୍ମକୁ ଧରିଥାଏ, ସେହିପରି ଏହାର ବକ୍ଷରେ ବହୁତ ପଦ୍ମ ଫୁଟିଛି । କାଳୀ— ସର୍ପବିଶେଷ, ତା ଦେହରେ ଯେପରି ଚକ୍ର ଥାଏ ଏହାର ବକ୍ଷରେ ଚକ୍ରବାକ ପକ୍ଷୀ (ଚକୁଆ ପକ୍ଷୀ) ଅଛି । ଘନରସକୁ—ବିପୁଳ ଶୃଙ୍ଗାରକୁ ଓ ଜଳକୁ ।

୨୨ । ପକ୍ଷିଣୀ—ଦୁଇଦିନ ଏକରାତ—“ଆଗାମୀ ବର୍ତ୍ତମାନାହ୍ୱା ଯୁକ୍ତାୟାଂ ନିଶି ପକ୍ଷିଣୀ—ଦୁଇଦିନର ମଧ୍ୟବର୍ତ୍ତୀ ରାତିକୁ ପକ୍ଷିଣୀ କହି । ବେନି ତଟ —ଦୁଇଦିନ ସଙ୍ଗରେ ତୁଳନା ଏକରାତି—ଯମୁନା ପାଣିକୁ ତହୁଁ ପକ୍ଷିଣୀ ରୂପେ କବି ଉତ୍ପ୍ରେକ୍ଷା କରିଛନ୍ତି । ସୁରସରଣୀ—ଦେବତାଙ୍କ ବାଟ— (ସୁରବର୍ତ୍ମ) ଆକାଶ । ଉଡ଼ୁ—ଭେଳା, ଚନ୍ଦ୍ର । ତରଣି—ସୂର୍ଯ୍ୟ ଓ ନୌକା ଗମନାଗମନ କରୁଅଛନ୍ତି ।

Digitized by srujanika@gmail.com

୨୩ । ପ୍ରୋଷିତପ୍ରିୟତମା—ପ୍ରୋଷିତ କ ପ୍ରବାସରେ ଥିବା ପ୍ରିୟତମ ସ୍ୱାମୀ ଯାହାର—ସେ ଯେପରି ଦୁଃଖିତ ଥାଏ—ସ୍ୱାମୀ ଆସିଲେ ପ୍ରସନ୍ନ ହୁଏ ସେହିପରି ଯମୁନା ପ୍ରୋଷିତଭର୍ତ୍ତୃକା ପରି ମଳିନ ହୋଇଥିଲା, କୃଷ୍ଣ ଅଙ୍ଗ ସଙ୍ଗରୁ ପ୍ରସନ୍ନଚଳା ହେଲା । ଯଥା:—

"ନାନା କାର୍ଯ୍ୟବଶାଦ୍ ଯସ୍ୟ ଦୂରଦେଶଗତଃ ପତିଃ,
ତଦାନାଗମଦୁଃଖାର୍ତ୍ତା ଭବେଦ୍ ପ୍ରୋଷିତଭର୍ତ୍ତୃକା"

୨୪ । ବାସକସଜ୍ଜା:—ନିଜ ଗୃହକୁ ଉଲ୍ଲରୂପେ ସଜାଇ ଓ ନିଜେ ଭଲରୂପେ ବେଶଭୂଷା ହୋଇ ଯେ ପ୍ରିୟକୁ ଅପେକ୍ଷା କରିଥାଏ ସେ ବାସକସଜ୍ଜା :—

"କୁରୁତେ ମଣ୍ଡନଂ ଯସ୍ୟାଃ ସଜ୍ଜିତେ ବାସବେଶ୍ମନି,
ସା ତୁ ବାସକସଜ୍ଜା ସ୍ୟାତ୍ ବିଦିତପ୍ରିୟସଙ୍ଗମା ।"

ପ୍ରସନ୍ନ ପଦ୍ମମୁଖ—ପଦ୍ମ ଯମୁନାରେ ଫୁଟିଅଛି । ପ୍ରସନ୍ନ ହୋଇଛି ପଦ୍ମରୂପ ମୁଖ ।

୨୫ । ସୁବର୍ଣ୍ଣନୀଳରଞ୍ଜନ—ଇନ୍ଦ୍ରନୀଳମଣି । କନକ. . ସ୍ଥଳରେ—ଇନ୍ଦ୍ରନୀଳମଣି (ଯମୁନା ଜଳ) ମଧ୍ୟ ସ୍ଥାନରେ ସୁନାର ଗିଲ୍ଟି ବା ଲେପ (ଗୋପୀମାନଙ୍କର ଅଙ୍ଗ) ଦିଆଗଲା । ୨୭ । ବୃଚରୂପ ଶିବଙ୍କୁ ଜଳଶାୟୀ (ଅଭିଷେକ) କରିଲେ । ୨୮ । ମହାମଦକଳଛାନ୍ଦେ—ଅତିଶୟ ମଦଯୁକ୍ତ ସୁମଧୁର ଧ୍ୱନିରେ ।

୩୦ । କଟାକ୍ଷସୂତ୍ର—ଡୋରି । ପ୍ରେମ ହେଲା ବଡ଼ଶ—ବଂଶୀ କଣ୍ଟା, କୃଷ୍ଣଙ୍କର ମନ ହେଲା ମାଛ । କରନ୍ତି ଆକର୍ଷ—ଟାଣି ନିଅନ୍ତି । ଆଖିର ଅଡ଼ ଚାହାଣୀରେ ପ୍ରେମ ଉପୁଜାଇ କୃଷ୍ଣଙ୍କର ମନକୁ ହରଣ କରନ୍ତି ।

୩୧ । ବଇକୁଣ୍ଠ—ବସ୍ତ୍ର, ଏଠାରେ କୃଷ୍ଣଚନ୍ଦ୍ର, ଗୋପୀମାନେ ଅତି ସ୍ନେହରେ କୃଷ୍ଣଙ୍କୁ କଣ୍ଠରେ ହାର ପରି ଲଗାଇ ଦିଅନ୍ତି । ସାରଣୀ—ଏକ ପ୍ରକାର ଖେଳଣା । କର୍ଣ୍ଣିଥ ପ୍ରଭୃତିରେ ଏହା ତାଆର କରି ଦଉଡ଼ି ଲଗାଇ ଘୂରାଇ ଖେଳନ୍ତି । ଯେପରି ସାରଣୀକୁ ହାତବାହାର ଛାଡ଼ି ପୁଣି ହାତରେ ଧରି ନିଅନ୍ତି ସେହିପରି କୃଷ୍ଣଚନ୍ଦ୍ରଙ୍କୁ ହାତରେ ଧରି ଗୋପୀମାନେ ସ୍ନେହରେ ଉପରକୁ ଫୋପାଡ଼ି ଦେଇ ପୁଣି ହାତରେ ଧରୁଥିଲେ ।

୩୨ । ପାଦପରାଗ—ପାଦରେଣୁ । ବଇରାଗ ପାଇ—ବିରକ୍ତ ପାଇ । ଚଳଇ—ଗାଳି ଦିଅଇ । ୩୩ । କଳାନ୍ତରେ···ଦୁର୍ଲଭ—କଳି କଳି ବସି ଯୋଗୀମାନେ ଯୋଗମାର୍ଗ ଅଭ୍ୟାସ କରି ଯାହା ପାଆନ୍ତି ନାହିଁ । ବେଦପତି ବ୍ରହ୍ମା । ଯୋଗୀ ଓ ବ୍ରହ୍ମାଙ୍କଠାରୁ ଗୋପୀମାନେ ଶ୍ରେଷ୍ଠ ଭକ୍ତ । ଯୋଗୀଙ୍କ

Digitized by srujanika@gmail.com

ଯୋଗ, ବ୍ରହ୍ମାଙ୍କର ସ୍ତୁତରେ ସେ ବଶ ହୁଅନ୍ତି, କିନ୍ତୁ ଗୋପୀଙ୍କ କୌତୁକ ଭାବରେ ସେ ବଶ ହୁଅନ୍ତି ।

୩୫ । ଦଣ୍ଡଧର—ରାଜା । ଦଣ୍ଡବ୍ୟଥା—ଶାସ୍ତି ।

ଏକାଦଶ ଛାନ୍ଦ

୨ । ହିମଋତୁ—ଶୀତ ଋତୁ—ମାର୍ଗଶୀର ଓ ପୌଷ । ୭ । ଦ୍ରୁଣକେତୁ ଆସନ—ବ୍ରହ୍ମାଙ୍କ ଆସନ—ପଦ୍ମ । ଶ୍ରୀନିବାସ—ଲକ୍ଷ୍ମୀଙ୍କ ବାସସ୍ଥାନ—ପଦ୍ମ । କୃଷ୍ଣ କରେ ଥାଇ—(ଶଙ୍ଖ, ଚକ୍ର, ଗଦା) ପଦ୍ମ ବିଷ୍ଣୁଙ୍କର ହସ୍ତରେ ଥାଏ । ନାଥ ଦିନେଶ—ସୂର୍ଯ୍ୟ ପଦ୍ମର ପତି । ବ୍ରହ୍ମା, ଲକ୍ଷ୍ମୀ, ସୂର୍ଯ୍ୟ ଓ ବିଷ୍ଣୁ କେହି ପଦ୍ମକୁ ତୁଷାରପୀଡ଼ାରୁ ରକ୍ଷା କରି ପାରିଲେ ନାହିଁ । "କିଂ ବାନ୍ଧବେନ ରବିଣା ହରିଣା ଚ କିଂ ବା ଲକ୍ଷ୍ମ୍ୟା ଚ କିଂ ଚ କମଳୋଦରଜେନ କିଂବା । ଏତସ୍ୟ ଶୁଦ୍ଧଚରିତସ୍ୟ ସରୋରୁହସ୍ୟ ନୈଷା ତୁଷାରଜନିତା ଶମିତା ବିପତ୍ତିଃ ।"

୧୧ । କଳାକର—ଚନ୍ଦ୍ର । ବିରହରେ କର୍ପୂର ଚନ୍ଦନ ଅଗ୍ନିପରି, ଚନ୍ଦ୍ର ବିଷପରି ଓ ମଳୟ ପବନ ମଧ୍ୟ ଖରାପ ଲାଗେ । "ଚନ୍ଦନ ଗରଳ ସମାନ । ଶୀତଳ ପବନ ହୁତାଶନ ଜ୍ଞାନ । ହେଉଛି ସୁଧାନିଧି ସୁର । ନିକୁଞ୍ଜ ବୈଠକ ସୁବନ ଝୁର" ବିଦ୍ୟାପତି । ୧୨ । କ୍ଷୀର କାରସମ ନା ହେବିନୁ ଲେହ । ବିଦ୍ୟାପତି ।

୧୪ । କଞ୍ଜନୟନ—ବିଷ୍ଣୁ । କଞ୍ଜ—ବ୍ରହ୍ମା । କଞ୍ଜଭିନ—ସୂର୍ଯ୍ୟ । ୧୬ । କଞ୍ଜନେତ୍ରୀ—ପଦ୍ମାକ୍ଷୀ—ନାୟିକା । ୧୮ । ଶୀତ କାଳରେ ସୂର୍ଯ୍ୟଙ୍କର ଦକ୍ଷିଣାୟନ ହୁଏ । ୨୩ । ଚିତ୍ରଭାନୁ—ଅଗ୍ନି । ୨୪ । କାନ୍ତ—ମନୋହର । ୨୭ । ବିପରୀତ—ବିପରୀତ ରତି; ପୁରୁଷାୟିତ । ୨୮ । ତିଳ ତଣ୍ଡୁଳ—ତିଳତଣ୍ଡୁଳ ଆଲିଙ୍ଗନ ବିଶେଷ, ଯେଉଁଥିରେ ସ୍ତ୍ରୀ ପୁରୁଷଙ୍କର ଶରୀରଦ୍ୱୟ ଖସା ଓ ଗହଳ ପରି ମିଶାମିଶି ହୋଇଯାଏ ।

"ଅସକୃଦପି ବିଗାଢ଼ାଶ୍ଳେଷ ଲୀଳାଂ ବିତନ୍ୱନ୍ । ଜନୟତି ଉଭୟବାହ୍ୟବ୍ୟତ୍ୟୟଂ ସ୍ପର୍ଦ୍ଧୟେବ । ମିଥୁନମଥ ମିଥୋଙ୍ଗେ ଲୀୟତେ ନିସ୍ତରଙ୍ଗଂ ନିଗଦିତ ତିଳପୂର୍ବଂ ତଣ୍ଡୁଳଂ ତନ୍ମୁନୀନ୍ଦ୍ରୈଃ" ରତିରହସ୍ୟ ।

Digitized by srujanika@gmail.com

୩୦ । ନିଶାର—ଶୀତଲୁଗା । ୩୧ । ସୁପାଚ—ରେଛେଇ. । ୩୨ । ମନ୍ଦର ଭେଦ—ଜଳାକବାଟି । ୩୪ । ଦୟନ୍ତୀ—ନିଅଁ ଉମ୍ଭେଇ । ୩୫ । ଅଗୁରୁ ଧୂପଘୁରେ—ଅଗୁରୁ ଚନ୍ଦନର ଧୂଅଁ ଦେଲ ଘରେ ।

"ଦ୍ୱୌ ଜାନୁର୍ଦ୍ଦିବା ଭାନୁଃ କୃଶାନୁଃ ସନ୍ଧ୍ୟୟୋ ର୍ଦ୍ୱୟୋଃ
ଏବଂ ଶୀତଂ ମୟା ନୀତଂ ଜାନୁଭାନୁକୃଶାନୁଭିଃ ।"

୩୬ । ଭାନୁ—ସୂର୍ଯ୍ୟ । ହୁତାଶନ—ଅଗ୍ନି । ୩୭ । ପୋଡ଼କୁକ୍ଷ—ସତ୍ୟାନାଶିଆ ପୀଡ଼ା । ୩୯ । କେଁପେଯୁ—ଯାଠଲୁଗା । କଭଯ—ଶବ୍ଦଟି "ଶୀତଲୁଗା ଜାଗା", କବଯର ଅର୍ଥ ଶୀତଲୁଗା ଯାହା କପିଳେଶ୍ୱର ବିଦ୍ୟାଭୂଷଣ ଏବଂ ଗୋପୀନାଥ ନନ୍ଦ ଲେଖିଛନ୍ତି, ତାହାର ସେ ଅର୍ଥରେ ବ୍ୟବହାର ଅନ୍ୟତ୍ର ଲକ୍ଷିତ ହେଉ ନାହିଁ । ଶିରସ୍ତ୍ରାଣ—ଟୋପି ବା ପଗଡ଼ି । ୪୨ । ନିଶାର—ଶୀତ ଲୁଗା । ଶୀତ୍ରହାରୀ—ଶୀତ ଲୁଗା ଓ ଉତ୍ତମ ଜନପଦ ।

୫୮ । ତନୁନଶାର—ଶରୀରରୂପକ ଶୀତବସ୍ତ୍ର । କୃଷ୍ଣ ଭ୍ରମର—"ଲକ୍ଷ୍ମ୍ୟା ସୁଖେଷବଚପଦଃ ସତତାନୁରାଗୀ । ଗୋପାଙ୍ଗନାବଦନପଙ୍କଜ କୃଷ୍ଣଭୃଙ୍ଗଃ ।" ୬୩ । ଦକ୍ଷିଣ ନାୟକ—ଅନେକ ସ୍ତ୍ରୀଙ୍କଠାରେ ଯାହାଙ୍କର ସମାନ ଅନୁରାଗ ଲକ୍ଷିତ ହୁଏ ତାହାଙ୍କୁ ଦକ୍ଷିଣନାୟକ କହନ୍ତି । "ଅନେକ-ମହିଳାସୁ ସମରାଗୋ ଦକ୍ଷିଣଃ କଥିତଃ ।" ଇତି ସା: ଦ: ।

୬୮ । ଅଇରାବତ—ନାରଙ୍ଗ ଫଳ । ୬୯ । ଅଦୃଷ୍ଟଲଜା—ବାଳକା । ୭୪ । କିଙ୍କର—ଦାସ । ୭୬ । ଫୁଲଲଟ—ଭଅଁର । ମହତକାଠ—ଶାଳ, ପିଆଶାଳ ପ୍ରଭୃତି ଟାଣୁଆ କାଠ । ୭୮ । ଆସାନ—ଆଶ୍ୱାସନା, ମୃଦୁ ବ୍ୟବହାର ।

"ବନ୍ଧନାନ୍ୟପି ଭବନ୍ତି ବହୂନି ପ୍ରେମରଜ୍ଜୁକୃତବନ୍ଧନମନ୍ୟତ୍ ।
ଦାରୁଭେଦନପଟୁର୍ପି ଷଡ଼ଙ୍ଘ୍ରି ର୍ନିଷ୍କ୍ରିୟୋ ଭବତି ପଙ୍କଜବଦ୍ଧଃ ।।

୮୨ । ପରଭବ ସହନ୍ତ—ଭର୍ତ୍ସନା ଶୁଣନ୍ତି, ଯଥା ଗୋପୀମାନଙ୍କର । ଭକ୍ତପାଦ ବହନ୍ତି—ଯଥା ଭୃଗୁଙ୍କର ପାଦକୁ ହୃଦଦେଶରେ ଧାରଣ କରିଛନ୍ତି । ୮୭ । କମ୍ବୁକଣ୍ଠୀ—ଶଙ୍ଖପରି କଣ୍ଠ ଯାହାଙ୍କର, ଏହିପରି ଗୋପୀମାନେ । ତ୍ରିରେଖା ବିଶିଷ୍ଟ କଣ୍ଠ ଯାହାର "କମ୍ବୁଗ୍ରୀବା ତ୍ରିରେଖା ସ୍ୟାତ୍" । କଣ୍ଠହାର—ଗୋପୀଙ୍କର କଣ୍ଠଭୂଷଣ ଅର୍ଥାତ୍ କୃଷ୍ଣ ।

୯୦ । ଅବଲମ୍ବନ—ଆଶ୍ରୟ ଗ୍ରହଣ । ୯୧ । ଅର୍ଦ୍ଧଚନ୍ଦ୍ର—ନଖରେଖା, ନଖକ୍ଷତ । ନୀବୀ—କଷ୍ଟି । ୯୨ । ସଞ୍ଚାର—ଗମନ ।

Digitized by srujanika@gmail.com

ଦ୍ୱାଦଶ ଛାନ୍ଦ

୧ । କୁସୁମ ସମୟ—ବସନ୍ତ କାଳ । କାମଦେବ ଦୂତ—କୋକିଳ । ମହାମତ୍ତ—ପାଗଳ ହୋଇ ବା ଉନ୍ମତ୍ତ ହୋଇ । ପଞ୍ଚମସ୍ୱର—କୋକିଳ ପଞ୍ଚମ ସ୍ୱରରେ ଗାଏ । "କୋକିଳୋ ରୌତି ପଞ୍ଚମମ୍" ନାରଦ । ଶରୀରର ପଞ୍ଚ ଅବୟବରୁ ନିଃସୃତ ହୁଏ ବୋଲି ଏହା ପଞ୍ଚମ ନାମରେ କଥିତ, ଯଥା—"ବାୟୁଃ ସମୁଦ୍‌ଗତୋ ନାଭେରୁରୋହୃତ୍‌କଣ୍ଠମୂର୍ଦ୍ଧସୁ । ବିଚରନ୍ ପଞ୍ଚମସ୍ଥାନ-ପ୍ରାପ୍ତ୍ୟା ପଞ୍ଚମ ଉଚ୍ୟତେ ।" କୁସୁମବିଶିଖ—ଫୁଲଶର ।

୨ । ପଞ୍ଚ ପ୍ରାଣ—ପ୍ରାଣ, ଅପାନ, ସମାନ, ଉଦାନ ଓ ବ୍ୟାନ ଏହି ପଞ୍ଚ ଶରୀରର ପ୍ରାଣବାୟୁ ।

୩ । ଫୁଲଫୁଟିଲା ମାଧବୀଲତା ଧନୁ ହୋଇଅଛି ଓ ଭ୍ରମରକଦମ୍ବ—ଭ୍ରମର ସବୁ । ଗୁଣ—ଦଉଡ଼ି, ରଜ୍ଜୁ । ମୌର୍ବୀ ରୋଲମ୍ବମାଳା ଧନୁରଥ ବିଶିଖାଃ କୌସୁମାଃ ପୁଷ୍ପକେତୋଃ—ସାଃ ଦଃ ୬ମ ପରିଚ୍ଛେଦ । ବସନ୍ତ ସଖା କି ସହାୟ ହୋଇ ପୁଷ୍ପସବୁ ଫୁଟାଇ । କିଂଶୁକ—ପଳାଶଫୁଲ । ପାଟ-କରବାଳ—ପାଟଖଣ୍ଡା ଅର୍ଥାତ୍ ପ୍ରଧାନ ଖଣ୍ଡା ।

୪ । ରଙ୍ଗକୋପ—ନାଲି ଛାପ । କେଶର—ନାଗେଶ୍ୱର । କିଶଳୟ—ନୂତନ ପତ୍ର । କରୁଣା—ଲାଣ୍ଡିଆ । (ଲେମ୍ବୁଜାତୀୟ ଗଛ) । କେଶର—ବଉଳ । ଗନ୍ଧଧୂପ—ଝୁଣାଗଛ, ଶାଳଗଛ । ଶଙ୍ଖୁଆ—ଶଙ୍ଖବାଦ୍ୟକାର । ଷଟ୍‌ପ—ଭ୍ରମର ।

୫ । ପ୍ରୟାଣ—ଯାତ୍ରା, ଗମନ । କୁସୁମବାଣରାଏ—ମଦନ । ପ୍ରାଣସଖା ମେଳେ—ପ୍ରାଣବନ୍ଧୁ ବସନ୍ତ ସଙ୍ଗରେ । "ପ୍ରାଣି ସଖା" ପାଠ ସମୀଚୀନ ନୁହେ । ସନ୍ତାପ—ଶୋକ ।

୬ । ତୋତ୍ରଏ—ଅତି ବେଗରେ । "ଅତି ଶୋଭିବନ୍ତ" ଏହି ଅର୍ଥ ଖଟୁ ନାହିଁ । କପାଳୀ—ମହାଦେବ । କଳେବର ତାଳ...ଶିବା—ମହାଦେବଙ୍କର ସମାଧି ଭଙ୍ଗଦ୍ୱାରା ପାର୍ବତୀଙ୍କୁ ପତ୍ନୀରୂପରେ ଗ୍ରହଣ କରାଇବାକୁ ମଦନ ଇନ୍ଦ୍ରଙ୍କ ଦ୍ୱାରା ଅନୁରୁଦ୍ଧ ହୋଇଥିଲେ । ମଦନ ବସନ୍ତକୁ ସଙ୍ଗରେ ନେଇ ମହାଦେବଙ୍କର ତପସ୍ୟା ସ୍ଥାନରେ ରହି ଅବସର ଖୋଜୁଥିଲେ, ପାର୍ବତୀ ମହାଦେବଙ୍କ ସେବାରେ ସେ ସମୟରେ ନିଯୁକ୍ତ ଥିଲେ । ଯେତେବେଳେ ପାର୍ବତୀ ମହାଦେବଙ୍କୁ ମାଲ୍ୟ ପ୍ରଦାନ କଲେ ସେତେବେଳେ ମଦନ ସମ୍ମୋହନ ବାଣ ଯୋଜନା କରି ମହା-ଦେବଙ୍କର ମନକୁ ବିଚଳିତ କରିଦେଇଥିଲେ । ମହାଦେବ ଦେଖିଲେ ଯେ

Digitized by srujanika@gmail.com

ଏହା କନ୍ଦର୍ପର କାର୍ଯ୍ୟ, ତହୁଁ ତାହାକୁ କୋପଦୃଷ୍ଟିରେ ଚାହିଁବାରୁ ସେ ଭସ୍ମସାତ୍ ହୋଇଗଲା । ପରେ ପାର୍ବତୀଙ୍କ ତପସ୍ୟାରେ ପ୍ରୀତ ହୋଇ ମହାଦେବ ତାହାଙ୍କୁ ସ୍ୱଅର୍ଦ୍ଧଅଙ୍ଗରେ ବହିଲେ । କାମର ବଳ ଦେଖି; ମହାଦେବ ତାହାକୁ ଜାଳି ଦେଲେହେଁ ସେ ପାର୍ବତୀଙ୍କୁ ତାହାଙ୍କ ସଙ୍ଗରେ ଯୋଡ଼ିଲା ।

୭ । ଛାୟାଦେବୀକାନ୍ତ—ସୂର୍ଯ୍ୟ "ଛାୟା ସୂର୍ଯ୍ୟପ୍ରିୟା" ଇତି କୋଷଃ । ବିଶ୍ୱ-କର୍ମାଙ୍କ ଝିଅ ଓ ସୂର୍ଯ୍ୟଙ୍କ ସ୍ତ୍ରୀ ସଂଜ୍ଞା ବାପଘରକୁ ଯିବାପାଇଁ ସୂର୍ଯ୍ୟଙ୍କୁ କହିବାରୁ ସୂର୍ଯ୍ୟ ମନାକଲେ । ତହୁଁ ସେ ନିଜର ଛାୟାକୁ ପତିସ୍ଥଳରେ ରଖି ପିତାଙ୍କ ଘରକୁ ଯାଇଥିଲେ । ତେଣୁ ସୂର୍ଯ୍ୟଙ୍କର ପତ୍ନୀଙ୍କ ନାମ ଛାୟା । ବିଶ୍ୱକର୍ମା ନିଜ କନ୍ୟା ସଂଜ୍ଞାଙ୍କୁ ସୂର୍ଯ୍ୟଙ୍କୁ ଅର୍ପଣ କରିଥିଲେ । ସୂର୍ଯ୍ୟଙ୍କର ପ୍ରଚଣ୍ଡ ତେଜ ସହି ନ ପାରି ସଂଜ୍ଞା ପିତାଙ୍କୁ ନିଜ ଦୁଃଖ କହିଥିଲେ । ତ୍ୱଷ୍ଟା କି ବିଶ୍ୱକର୍ମା ସୂର୍ଯ୍ୟଙ୍କ ଉପରେ ଆରୋହଣ କରି ସୂର୍ଯ୍ୟଙ୍କର ପ୍ରଭାମଣ୍ଡଳକୁ ଛେଦନ କରିଥିଲେ । ଅତଏବ କାମଦେବର ଏଥିରେ କରଣି ପ୍ରକାଶ ପାଉଛି । ତାହା ହେତୁରୁ ସୂର୍ଯ୍ୟଙ୍କର ତେଜ କମ ହୋଇଗଲା । କମଳପତ୍ରାକ୍ଷ—ପଦ୍ମଲୋଚନ ।

୮ । ବ୍ରହ୍ମଲୋକେ ଲଗାଇଛି ଶିଖାକୁ—ତାହାର କରଣି ବ୍ରହ୍ମଲୋକ ଯାଏ ଯାଉଛି ।

ଭୂତବାଧ ଇତ୍ୟାଦି—ଭୂତ ଲାଗିଲେ ଲୋକ ଯେପରି ପାଗଳ ପରି ହୁଏ ସେହିପରି । ଅନଙ୍ଗଭୂତରେ ବାଧିତା ଯାହାକୁ ବାଇ କରୁଛି ସଖା ବସନ୍ତ ଖଳବୁଦ୍ଧିରେ ତାହାକୁ ଅସ୍ୱାଭାବିକ ଭାବରେ ବଢ଼ାଇ ଦେଉଛି ବା ତେଜାଇ ଦେଉଛି ।

୯ । କଉତୁକୀ—କଉତୁକକାରୀ ବା କାନ୍ତକୁ କି ନାୟକକୁ କୌତୁକ କି ବହୁପ୍ରକାରେ ସୁଖ ଓ ବିଳାସରେ ମତାଏ । ବିଯୋଗୀଘାତକୀ—ବିରହୀକୁ ନାଶ କରେ । ବସନ୍ତବରନ—ହଳଦିଆ ବର୍ଣ୍ଣ । କାନ୍ତକୁ......ବଶେବନ୍ତ—ପତିକୁ ପତ୍ନୀଠାରେ ଓ ପତ୍ନୀକୁ ପତିଠାରେ ବଶ କରାଏ । କୁଞ୍ଜର-ଗମନୀ—ଗଜଗମନୀ ।

୧୦ । ପକ୍ଷ୍ମଳାକ୍ଷା—ଯାହାର ଅକ୍ଷିପତାରେ ଦୀର୍ଘ ଘନ ଲୋମ ଥାଏ; ତହୁଁ ମନୋହର । ପୂରୁଣା କରି—ମନ ପୂରଣାରେ ଅର୍ଥାତ୍ ମନ ଠିକରେ ।

୧୧ । ହେମନ୍ତ କୁସୁମବନ୍ତ ହୋଇଅଛି—ବୃନ୍ଦାବନ କୁସୁମବନ୍ତ ହୋଇଅଛି । କାନ୍ତ ବିଦେଶରୁ...ପାଇବେ ଶୋ—ହେ ରମ୍ଭୋରୁ ! କାନ୍ତ ଅର୍ଥାତ୍ କୃଷ୍ଣ ବିଦେଶରୁ ଫେରିଲେ ବୃନ୍ଦାବନ ଶୋଭା ପାଇବ ବା 'ଶୋଭା ପାଇବେ' ପାଠ ଗ୍ରହଣ କଲେ କାନ୍ତ ବିଦେଶରୁ ଆଇଲେ ରମ୍ଭୋରୁମାନେ ସବିଶେ ଶୋଭା ପାଇବେ ।

Digitized by srujanika@gmail.com

୧୨ । କେବଳ ଅକାଶେ ଯଥିଏ ସ୍ୱପ୍ନ ଇତ୍ୟାଦ :—ଗୋପୀମାନେ ବୃନ୍ଦାବନରୁ ଗଲାବେଳେ ଶୂନ୍ୟରେ ଯାହା କଲା ପରି ବୋଧ ହେଉଛି । କେବଳ ଅକ୍ଷିରେ ଦେଖିବାର ହେଲା । ନନ୍ଦନରୁ—ନନ୍ଦନ କାନନରୁ ଅପ୍ସରା-ମାନେ ଗମନ କରନ୍ତି, ଏଠାରେ ଗୋପୀମାନେ ଗମନ କରିବାରେ ଅପ୍ସରାମାନଙ୍କୁ ଚୋର ବ ଶୋଭାରେ ବଳିପଡ଼ୁଛନ୍ତି ।

୧୩ । ତୁଳାଦଣ୍ଡରେ ତୁଳିବାରେ ଅପ୍ସରାମାନେ ଲଘୁ ହେବାରୁ ସ୍ୱର୍ଗକୁ ଉଠିଗଲେ । ଗୋପୀମାନଙ୍କୁ କଳାବରେ କ କାଖିରେ ସରି ନୋହିଲେ । ରମ୍ଭା—ଅପ୍ସରା, କଦଳୀ ଗଛ । ରମ୍ଭା ଅପ୍ସରା କଦଳୀ ନାମ ଛଳରେ ଗୋପୀମାନଙ୍କର ଜାନୁରେ ତୁଲ ହୋଇ ଜୀବନକୁ ସାର୍ଥକ କରୁଅଛି ।

୧୪ । ସୁରେଶ ଆସନ—ଇନ୍ଦ୍ରଙ୍କର ବାହନ । କଚ୍ଛ ପ୍ରକାଣ୍ଡ ଥିବାରୁ—ହାତୀର ଗତିର ଶୋଭା ରଖିବାକୁ କଚ୍ଛ ଅଶା ପୋଷିଥିବାରୁ । ଐରାବତ ଗୋପୀ-ମାନଙ୍କର ଗତିରେ ଲଜ୍ଜିତ ହୋଇ ଇନ୍ଦ୍ରଙ୍କୁ ଆଶ୍ରୟ କଲା । "କଚ୍ଛ ଗନ୍ଧ ଅର୍ପିଥିବାରୁ" ଏ ପାଠ ପାଷଖଣ୍ଡ ପୋଥିରେ ଅଛି । ଏହି ପାଠ ମଧ୍ୟ ସମୀଚୀନ । କଳହଂସ—ରାଜହଂସ— । ବିଧି—ବ୍ରହ୍ମା । କେତେବେଳେ... ମୃଗାଂଶ—ଚନ୍ଦ୍ର କେତେକ ପରିମାଣରେ ମୃଗ ଅଂଶ ପାଇଥିବାରୁ କପର୍ଦ୍ଦୀ କ ମହାଦେବ କରେ କ ହସ୍ତରେ ତାଙ୍କ ଡମ୍ବରୁ ଧରି ମୁଣ୍ଡରେ ଚନ୍ଦ୍ରକୁ ଅବତଂସ ଭୂଷଣ କରି ଧୀରେ ନାଚନ୍ତି ।

୧୫ । କୁଚ ସଦୃଶରୁ...ନିକେତନ—କୁଚ ମେରୁ ତୁଲ୍ୟ ଉଚ୍ଚ । ନିକେତନ—ଗୃହ । ପାଞ୍ଚଜନ୍ୟ—କୃଷ୍ଣଙ୍କ ଶଙ୍ଖର ନାମ । କୁଟିଳକେଶୀ—କୁଞ୍ଚିତ-କେଶୀ । ଚକ୍ରକେଶା—ମନୋହରକେଶଧାରଣୀ । ଗୋପୀମାନଙ୍କର କୁଚତୁଲ୍ୟ ମେରୁ, କଣ୍ଠତୁଲ୍ୟ ପାଞ୍ଚଜନ୍ୟ, ବଚନ ତୁଲ୍ୟ ସୁଧା ବ ଅମୃତ । ଉଚ୍ଚତାରେ ମେରୁକୁ, ଶୋଭାରେ ପାଞ୍ଚଜନ୍ୟକୁ, ମଧୁରତାରେ ସୁଧାକୁ ସେମାନଙ୍କର ଯଥାକ୍ରମେ କୁଚ, କଣ୍ଠ ଓ କଥା ବଳି ପଡ଼ିଅଛି ।

୧୬ । ପାରିଜାତକ—ସ୍ୱର୍ଗମନ୍ଦାର, ତାକୁ ମଣ୍ଡି ହେବା ଦେବତାଙ୍କ ବୃଥା । ସେହି ପାରିଜାତକ କେତେ ତପସ୍ୟା କରି ଗୋପୀମାନଙ୍କର ହାସ ସଙ୍ଗରେ ସମାନ ହୋଇଛି ଅର୍ଥାତ୍ ଦେବତାମାନଙ୍କର ପାରିଜାତ ବସ୍ତୁ ନେଇ ବଡ଼ାଇ କରିବା ବୃଥା; କାରଣ ତାହାଠାରୁ ଅଧିକ ଶୋଭାବନ୍ତ ପଦାର୍ଥ ମର୍ତ୍ତ୍ୟରେ ଅଛି । କ୍ଷଣକାନ୍ତ—ବିଜୁଳି । କାଦମ୍ବିନୀ—ମେଘ । କାନ୍ତକ ......ହେତୁ:—ବିଜୁଳି ଶୋଭାରେ ହାରିଯିବାରୁ ମେଘର କୋଳରେ ଲୁଚି ଲୁଚି ତରତର ହେଉଛି, ତହିଁ ନିଜର କାନ୍ତି ଦେଖାଇ ନ ଦେଖାଇଲା ପରି ଜଣାଯାଉଛି ।

୧୭ । କଳଧରତ—ସୁନା । ଅନଳେ......ଦହିଲା—ଲାଜ ପାଇ ସୁନା ନିଆଁରେ ପୋଡ଼ି ହେଲା । ଅମରଧରଣୀଧାରେ—ଅମର ଧରଣୀ ଯେ ସ୍ୱର୍ଗ ତାର

Digitized by srujanika@gmail.com

ଧାରରେ କି ସୀମାରେ ନଷ୍ଟ ହୋଇ ବହୁଛି । "ଅମରଧରଣୀଧରେ" ଏହି ପାଠ ମଧ୍ୟ ସମୀଚୀନ । ଅମରଧରଣୀଧରେ—ମେରୁ ପର୍ବତରେ । ଶୂନ୍ୟଗତ—ଆକାଶଗତ ।

୧୮ । କେବଳ......ନ ବର୍ତ୍ତିନ୍ତ—'ବନାଶ୍ଚଯ୍ୟଂ ନ ବର୍ତ୍ତନ୍ତେ କବତା ବନତା ଲତା' ଇତ । ବିରଚିତ କରିଅଛି—ବିଧାନ କରିଅଛି । ମର୍ତ୍ତ୍ୟ ଗୋପୀଙ୍କ ଶୋଭା ସଙ୍ଗରେ ସ୍ୱର୍ଗ ପଦାର୍ଥ ତୁଳନା କରିବା ବୃଥା, କିନ୍ତୁ କାବ୍ୟରେ ବର୍ଣ୍ଣନା କଲାବେଳେ ଅନ୍ୟ ସହିତ ତୁଳନା କରିଯାଏ ବୋଲି ଏହା କରିଗଲି ।

୧୯ । କନକବଲ୍ଲରୀ—ସୁନାଲତା । ସୁନାର ଲତା ନାନା ପ୍ରକାରର ଫୁଲ ଧରି ଝୁଲିଲେ ଯେପରି ଶୋଭା ପାଆନ୍ତି, କାମକଳାବତୀ କି କନ୍ଦର୍ପକଳାକୁଶଳା ଅର୍ଥାତ୍ ହାବଭାବାଦିଯୁକ୍ତା ଗୋପୀମାନେ ସେହିପରି ଝୁଲିବାରୁ ମନ ଓ ନୟନକୁ ମୋହୁ ଅଛନ୍ତି ।

୨୦ । କାଳନ୍ଦୀ—ଯମୁନା । ପରିମଳ—ଗନ୍ଧ । ଶୀତଳ—ଶୀତଳତା । ପବନ କାଳନ୍ଦୀର ଶୀତଳତା ଓ ଫଲଗନ୍ଧର ଭରରେ ଅସ୍ତେ ଅସ୍ତେ ଚଳୁଛି । କୁରଙ୍ଗମଦ—କସ୍ତୁରୀ । କନ୍ଦର୍ପ ଉଦ୍ଦୀପନ—କାମ ବଢ଼ାଇବା । ଭ୍ରମର ଝଙ୍କାରକୁ ଧନୁର ଟଙ୍କାର ସହିତ ସମାନ କରୁଛି । ୨୧ । କପୋତ ପକ୍ଷୀର ନାଦକୁ କାମର ଅହଙ୍କାରପୂର୍ବକ ତର୍ଜ୍ଜନା କି ତିରସ୍କାର ସହିତ ତୁଳନା କରୁଅଛି । କେ ରତିକୂଜିତ କଥା—ଶୃଙ୍ଗାରକାଳୀନ ଶବ୍ଦ କପୋତହୁଙ୍କାର ପରି । ଗୁଣନ୍ତି—ମନେ ମନେ ଅନୁଭବ କରନ୍ତି । କୁଞ୍ଜର—ଗଜ ।

୨୨ । କିଂଶୁକ—ପଳାଶ । କୁରୁବକ—ଦାସକେରଣ୍ଡା । (ରକ୍ତଶୋଣେ କୁରୁବକେ, ପୀତେ କୁରୁଣ୍ଟକଃ) । କରୁଣା—ଲେମ୍ବୁଜାତୀୟ ବୃକ୍ଷବିଶେଷ । କେଶର—ନାଗେଶ୍ୱର । କେଶର—ପୁନ୍ନାଗ ବା ଜାଫ୍ରାନ କେଶର । କୁବେଲ୍ଲୀ—କୁବୁବେଲୀ (ଧଳା) । ହେମକେତକୀ—ସ୍ୱର୍ଣ୍ଣ ବର୍ଣ୍ଣର କେତକୀ । ନରବୀର—କନିଅର । କରଜ—ଡାଳିମ୍ବ । କୁତମାଳ —ସୁନାରି ।

୨୩ । କାନ୍ତ......ନାଗେଶ୍ୱର—କାନ୍ତ ବିରହରେ ଏ ନାଗେଶ୍ୱର ସର୍ପଶ୍ରେଷ୍ଠ ରୂପେ ଆଚରଣ କରେ ଅର୍ଥାତ୍ ମର୍ମକୁ ପୀଡ଼ା ଦଏ ।

୨୪ । ଉତ୍ତମବାସ—ଉତ୍ତମ ଗନ୍ଧ । ଛନ୍ଦ—ନଷ୍ଟ । କୃଷ୍ଣରେ—କାଳଆ ବର୍ଣ୍ଣରେ । ବିରହଭୋଗରେ—ବିପ୍ରଲମ୍ଭ ଶୃଙ୍ଗାରରେ । କାମ ତମାଳ— କାମର ଖଣ୍ଡା ।

୨୫ । କିଂଶୁକ—ପଳାଶ । ଅର୍ଦ୍ଧଚନ୍ଦ୍ରବାଣ—ଏକ ପ୍ରକାର ଶର; ଯାହାର ମୁଖଟା ଅର୍ଦ୍ଧଚନ୍ଦ୍ର ପରି । କାନ୍ତ......ମହାରଙ୍ଗମୟେ—କାନ୍ତକୁ ପାଇବାରେ

ଆକୁଳା ହେବା ନାରୀର ସବ ଶବ୍ଦ ତାହାର ଉକ୍ତିରେ ନଜେଁ ଅତ ଲୁଲ ହୋଇଛି । ବିୟୋଗିନୀ—ବିରହିଣୀ । ପଲାଶ—ମାଂସଭକ୍ଷକ ।

୨୬ । କନକ କୁସୁମ—ଚମ୍ପାଫୂଲ । ଅବଗୁଣେ—ଅଶୁଭ ଫଳ ହେତୁ, ଦୋଷହେତୁ । ଅବିବେକ ପଣେ—ମୂର୍ଖ ଶରୀରରେ । କାଳ……କୁସୁମ କଳାପ—ସମୟରେ ମଧ୍ୟ ଫୂଲସବୁ ଜନ୍ମାଏ, ଅସମୟରେ ଦୋହଦ ଲକ୍ଷଣ ।

୨୭ । ନେତ୍ରସୁଖଶାଳ—ଚକ୍ଷୁର ସୁଖସ୍ଥଳ, ଚକ୍ଷୁପ୍ରୀତିକର । ରସାଳ—ଆମ୍ବ । କାନ୍ତ…:ରସାଳ—କାନ୍ତ କୋଳରେ ନ ଥିଲେ ସୁଦ୍ଧା ଏ ରସମୟୀ ହୁଏ ଅର୍ଥାତ୍ ବଢ଼େ । ରସାଳକୁ କବି ନାୟକରୂପେ ଏଠାରେ ଗ୍ରହଣ କରିଅଛନ୍ତି । ଧନ୍ୟ ଏ ନାରୀ—କାନ୍ତ ବିନା ମଧ୍ୟ ବଢ଼େ—ଏହାର ପ୍ରକୃତି ଉଦାସ । କୋକିଳଠାରୁ ସବୁର ସ୍ନେହପାତ୍ର—କୋଇଲିଠାରୁ ସମସ୍ତେ ଏହାକୁ ସ୍ନେହ କରନ୍ତି; ଏ ନଜେ କାହାର ଅନିଷ୍ଟ କରେ ନାହିଁ । କାମକରେ……ମାନ—କନ୍ଦର୍ପ ହସ୍ତରେ ପଡ଼ି ବି ଶର ହେଲେ ସ୍ତ୍ରୀମାନଙ୍କର କେବଳ ବାମ କା ପ୍ରତିକୂଳ ଆଚରଣ କରେ ।

୨୮ । ଅପୂର୍ବ କରୁଣା—କରୁଣା ପୂର୍ବରେ ଅକାର ଦେଲେ ଅକରୁଣା—ନିର୍ଦ୍ଦୟ । ମାଧବୀ—ପୁଷ୍ପବିଶେଷ । ମାଧବୀ—ବୃନ୍ଦା ସଖୀ ବା ଲକ୍ଷ୍ମୀ ।

୨୯ । 'ବକ୍ର ବାଣୀ' ପାଠ "ବକ୍ର ଭାବ" ଠାରୁ ସମୀଚୀନ । ଗୃହୀତ ପାଠ ସ୍ଥାନରେ ବକ୍ର ବାଣୀ ପଢ଼ନ୍ତୁ । କାମଦୂତୀ—କୋଇଲି । ବୁଧମାନେ—ପଣ୍ଡିତମାନେ । କୃତମାଳ—(କୃତା ମାଲ୍ୟାସ୍ୟପୁଷ୍ପୈଃ) ପୁଷ୍ପମାଳ ପିନ୍ଧିବା ଅର୍ଥରୁ—ଏ କାମ ଅବନୀପତିର—ରାଜାର ସୁନାରୀ—ସ୍ତ୍ରୀ ।

୩୦ । କରିଛି..ମାଳାକୁ—ସୁଷମ—ସୁନ୍ଦର ତପନୀୟ କଣ୍ଠମାଳାକୁ—ସୁନା କଣ୍ଠମାଳାକୁ କପଟରେ କୁସୁମ—ଫୁଲ କରିଛି । ହେତୁ ମୃଣ୍ମୟ—ସ୍ୱର୍ଣ୍ଣପର । ସ୍ୱର୍ଣ୍ଣସୁଧା ଲଗିବାକୁ ଲୋଭ, କରିବାରୁ ମୃଣ୍ମୟ ଶାସ୍ତି ପାଇଥିଲା ସେହିପରି । ୩୧ । ନଅଳ—ନିଅଁ ସବୁ, ଅଗ୍ନିରାଶି ତହିଁ ଅଗ୍ନିଗୃହ । ନ କରଇ ଅଶୋକ ?—ଦୁଃଖିନୀ କରେ । କେଶବ ପ୍ରସାଦେ—କୃଷ୍ଣଙ୍କ ଅନୁଗ୍ରହରେ । କାମ ଅପ୍ରମାଦ—କନ୍ଦର୍ପପୀଡ଼ା ନ ଥିବାରେ । ପୁନ୍ନାଗ—ବୃକ୍ଷ, ପୁରୁଷଶ୍ରେଷ୍ଠ । ପୁରୁଷ ସର୍ପ—ଅଣ୍ଡିରା ସାପ ।

୩୨ । କରଙ୍କୀ—ତାଳମ୍ବ ଫଳ; ଗଢ଼ିଲୁ—ଯୋଗାଇଲୁ ବା ଲଗିଲୁ ।

୩୪ । ପ୍ରତି ଅଙ୍ଗ…ତୁଳକୁ—ସଙ୍ଗରେ ସମାନ ହେବା ଅଙ୍ଗ ଗୋଷ୍ଠୀ କରି । ଆଣିଲୁ—ଟାଣିଲୁ, ଏଠାରେ ଧଇଲା ।

୩୫ । ବନଭ୍ରମଣି—ବନବୃକ୍ଷ । ସଂସାରତରଙ୍ଗିଣୀ—ଭବନଦୀ ।

Digitized by srujanika@gmail.com

ତ୍ରୟୋଦଶ ଛାନ୍ଦ

୧ । କଳଙ୍କରହିତ—ଅକଳଙ୍କ । କଳାକରଜିତବଦନୀ—ଚନ୍ଦ୍ରଜିଣା ମୁଖ ଯାହାର; କଳଙ୍କଶୂନ୍ୟ ଚନ୍ଦ୍ରଜିଣାମୁଖ ଯାହାର । ସୁରସବନ୍ତା—ରସଯୁକ୍ତା, ରସମୟୀ । କାହାରିହିଁ ନାହିଁ କିଛି ଚିନ୍ତା—କେତେକ ପୋଥିରେ ମଧ୍ୟ ଅଛି "ମନେ ନାହିଁ ଚିନ୍ତା" ଏ ପାଠ ସ୍ୱୀକୃତ ପାଠରୁ ସମୀଚୀନ । 'କେଳି କଳାପ' କୌଣସି ପୋଥିରେ ନାହିଁ ।

୨ । ସୁମନରେ—ଫୁଲମାନ ।

୩ । କୃତମାଳ କଢ଼ି—ସୁନାରୀ ଫୁଲକଢ଼ି । ମାଣିକ୍ୟଫୁଲ—ଫୁଲବିଶେଷ । କର୍ଣ୍ଣିକାର—କନିଅର । କର୍ଣ୍ଣିକା—କଣିକା । ତାରତର—ଉଜ୍ଜ୍ୱଳତର ।

୪ । ମଲ୍ଲିକଢ଼ି ହେଲା ମୋତିମଣି "ସେ ହେଲା ନାସା ଅଭରଣ—ଦଣ୍ଡି ବା ନୋଲକ । କି ତୋଷ ନୋହୁଛି—କି ଶୋଭା ନୋହୁଛି । ଅଦେହ—କାମଦେବ ।

୫ । କାଳୀରମଣ—ମହାଦେବ । କାମିନୀଙ୍କି ପକାଇବେ ତଳେ—ପାର୍ବତୀଙ୍କୁ ଅଳ୍ପ ଶୋଭା ଦେଖି ତଳେ ପକାଇ ଦେବେ ଅର୍ଥାତ୍ ମହାଦେବ ପାର୍ବତୀଙ୍କୁ ସ୍ୱଦେହରେ ଧାରଣ କରିଥାନ୍ତି—ଗୋପୀମାନଙ୍କ ଶୋଭା ଦେଖି ତାଙ୍କୁ ଆଉ ଶରୀରରେ ନ ବହି ତଳେ ପକାଇ ଦେବେ । ବଳେ କୃଷ୍ଣବିହାରୀ ଧରିବେ—କୃଷ୍ଣବିହାରୀ ବଳେ ହେବେ—ଗୋପୀମାନଙ୍କୁ କୁଞ୍ଜରେ ରମଣ କରିବାକୁ ବଳେ ହେବେ ।

୬ । କଜ୍ଜ୍ୱଳବରନ କାହ୍ନାର—କୃଷ୍ଣଚନ୍ଦ୍ର ବୃନ୍ଦାବନକୁ ବାହାରିଲେ । କୁଳଛଡ଼ା ..ଧରିବେ—ହାତରେ ବଂଶୀ ଧରି—ଯେ ଗୋପୀମାନଙ୍କୁ କୁଳରୁ ଛଡ଼ାଇ ଅଣେ ।

୭ । ଅଭିରାମ—ସୁନ୍ଦର । କାମଧେନୁ—କାମଧେନୁ ଯେପରି ଇଚ୍ଛାନୁସାରୀ ଫଳ ପ୍ରଦାନ କରେ, ସେପରି ସେ କାମନାକାରୀଙ୍କର ଅଭୀଷ୍ଟ ପ୍ରଦାନ କରନ୍ତି । ତପ୍ତ ତିମିର—ତ୍ରିତାପ ଓ ତ୍ରିପାପ ଜନିତ ଯେ କଷ୍ଟରୂପ ଅନ୍ଧକାର ତାକୁ ଦୂର କରିବାରେ ପୀୟୂଷଭାନୁ—ସୁଧାକର, ଚନ୍ଦ୍ର ।

୮ । କଳାକରକୁ...ବାଳେ—ଚନ୍ଦ୍ରଙ୍କୁ ନକ୍ଷତ୍ରସମୂହ ବେଢ଼ିଲା ପରି କୃଷ୍ଣଙ୍କୁ ଗୋପବାଳକମାନେ ବେଢ଼ିଛନ୍ତି ।

୯ । ସନ୍ଧି—ସନ୍ଧାନ କରି, ଯୋଜନା କରି । ଅଲଟ—ବଡ଼ ବିଚଣା । କୃପା... ସତୃଷ୍ଣ—କୃଷ୍ଣଙ୍କର କୃପାଦୃଷ୍ଟି ପାଇଁ ଗୋପୀମାନେ ଲାଳସାଯୁକ୍ତ । ଉଷ୍ମ—ତେଜ, କୋପ । ସରାଗେ—ରାଗରେ, କ୍ରୋଧରେ ।

Digitized by srujanika@gmail.com

୧୦ । କାମଚ୍ଛବୀ ଫୁଲପଶୀ—କନ୍ଦର୍ପ ଯଷ୍ଟିକର ଫୁଲଫଣୀ—ଫୁଲଶର । କଣ୍ଠୁର—ବାଇିତଙ୍କ ।

୧୧ । କୁଳଦେବତା—ଆଦ୍ୟାଶକ୍ତି, ଯୋଗମାୟା । ଅସତନ—ଅଶୋଭ୍ୟ, ସ୍ୱର୍ଗ ପକାଇଲେ । ଦର୍ପ।...ଅନ୍ତର୍ଦାହ—ହୃଦୟ ଦଗ୍ଧ କଲ ।

୧୨ । କେହ୍ଲ—କପଟ । କୁନ୍ତ—ପଞ୍ଚଶିଖ୍ଯା ବାଣ । ୧୩ । କୁଚକୁମ୍ଭିରେ—କୁଚ ହେଲ ମହାଦେବ ତାଙ୍କୁ ଛୁଇଁ ।

୧୫ । କନକବରଣୀ—ସୁନାଗୋରୀ । କୁମ୍ଭୀକୁମ୍ଭଯୁଗ—କୁମ୍ଭୀ-ହସ୍ତୀ, କୁମ୍ଭ—ଘଟ, ହସ୍ତୀର ଘଟ (କୁଚ) ସଦୃଶ କୁଚ ଯାହାର । ସାତଅଶ୍ୱ—ସୂର୍ଯ୍ୟ (ସପ୍ତାଶ୍ୱ) । ଚରମାଚଳ—ଅସ୍ତାଚଳ, ଅସ୍ତଗିରି ।

୧୬ । କଳାକରକଳା—ଚନ୍ଦ୍ରକଳା । ଦ୍ୱିଜଙ୍କୁ—ପକ୍ଷୀଙ୍କୁ । କୋକ—ଚକ୍ରବାକ ।

୧୭ । ବାରବଧୂ—ବେଶ୍ୟା । କଧୁବନ—ରଞ୍ଜ । ଅନୁରାଗବତୀ—ସ୍ନେହାକୁଳ । ନିଶାମୁଖଦ୍ୟୋତ—ସନ୍ଧ୍ୟା ଶୋଭା । ଅଳେ—ଗୃହରେ । ସଙ୍କେତସ୍ଥଳ—ଠିକଣା ଥାନ ।

୧୮ । ରବଦୀପ—ସୂର୍ଯ୍ୟ ହେଲ ଦୀପ । ଦେବଦୀପ—ଚକ୍ଷୁ । ଶୃଙ୍ଖଳା—ଶାଙ୍କୋଳି । କୁଳଟା—ବେଶ୍ୟା । ନେତ୍ରସୁଖମାଳା—ଚକ୍ଷୁର ଆନନ୍ଦଦାତା ।

୧୯ । କଉଶିକ—ବିଶ୍ୱାମିତ୍ର, ପେଚ୍ଚ । ରଘୁତିଳକ—ରାମଚନ୍ଦ୍ର । ରାମଚନ୍ଦ୍ର ତାଡ଼କା, ଖର, ଦୂଷଣାଦିଙ୍କୁ ମାରି ଯଜ୍ଞବିଘ୍ନ ଦୂର କରିବାରେ ବିଶ୍ୱାମିତ୍ରଙ୍କ ମନରେ ଆନନ୍ଦ ପ୍ରଦାନ କରିଥିଲେ । ସେହିପରି ଏ ରାତ୍ରି ପେଚଙ୍କୁ ଆନନ୍ଦ ପ୍ରଦାନ କରେ । ଅଥବା......ନିବିଡ଼ମୟେ—ସର୍ବବ୍ୟାପୀ ବିଷ୍ଣୁ ସବୁଠରେ ବ୍ୟାପିଥାନ୍ତି । ଅଚ୍ଛିଦ୍ର—କୌଣସିଠାରେ ନିବିଡ଼ମୟ—ଘନ, ଲଗି ଲଗି ରହିବା । ଯେପରି ବିଷ୍ଣୁ ସବୁଠାରେ ବ୍ୟାପିଥାନ୍ତି—କୌଣସି ସ୍ଥାନକୁ ଛାଡ଼ି ରହନ୍ତି ନାହିଁ ଓ ସର୍ବଦା ଲଗିଥାନ୍ତି ସେହିପରି ଅନ୍ଧକାର ସର୍ବତ୍ର ବ୍ୟାପିଛି, କୌଣସି ସ୍ଥାନ ଛାଡ଼ି ନାହିଁ ଓ ଘନ ବା ଲଗି ଲଗି ରହିଛି । କାଳ—ଯମ । ବିକରାଳ—ଭୟଙ୍କର । କୃଷ୍ଣ ଅଭିସାରିକା—କାନ୍ତ ଉଦ୍ଦେଶ୍ୟରେ ଯେଉଁ ନାୟିକା ସଙ୍କେତ ସ୍ଥାନକୁ ଯାଏ ସେ ଅଭିସାରୀ । ସେ ଦୁଇପ୍ରକାର; କୃଷ୍ଣପକ୍ଷରେ କୃଷ୍ଣଅଭିସାରିକା ଓ ଶୁକ୍ଳପକ୍ଷରେ—ଶୁକ୍ଳ ଅଭିସାରିକା । ନେତ୍ରଫଳ—ଚକ୍ଷୁର ସୁଖଦାୟକ । ନିଶାଚରଙ୍କୁ—ରାକ୍ଷସଙ୍କୁ । ପ୍ରବଳ—ଭୀଷଣ ।

୨୦ । ପୁଷ୍ପବନ୍ତେ—ଚନ୍ଦ୍ର ଓ ସୂର୍ଯ୍ୟ । ହରିବା—ହରାଇବା । ତମକୁ—ଅନ୍ଧକାରକୁ । ତମ—ରାହୁ । ପୋଥ—ପୋଥି—ବସ୍ତୁତ ।

Digitized by srujanika@gmail.com

୨୧ । ରଜା—ଚନ୍ଦ୍ର । କୁମୁଦ ବିକାଶ—କଇଁ ଫୁଲ ଫୁଟାଇ । ତମ—ଅନ୍ଧକାର । ଦୀନଲୋକ—ଦରିଦ୍ର । ତାପ—ପୀଡ଼ା, ବିଟପୀ—ବୃକ୍ଷ । ସ୍ତ୍ରୀ । ଭ୍ରାନ୍ତ—ଭୟ କଲ । ନିବର୍ତ୍ତି—ବନ୍ଦ କଲ ।

୨୨ । କଳସୂତ୍ର—ମଣିବିଶେଷ । ବିଷ୍ଣୁପଦେ—ଆକାଶରେ, ସେ କଳଙ୍କ ଛଳରେ ଯାମିନୀ ସ୍ତ୍ରୀକୁ କୋଳରେ ଧରିଲା ପରି ବୋଧ ହେଉଛି । କଳ-ଧଉତ ଫଳକ—ସୁନା ଖଡ୍ଗର ପତ୍ର ବା ଫଡ଼ । କାମଦେବ—କନ୍ଦର୍ପ, କାମୀ ଲୋକଙ୍କୁ ମାରିବା ନିମନ୍ତେ ସୁନାଖଣ୍ଡା ହାତରୁ ଛାଡ଼ି ସେଠାରେ ଥୋଇଅଛି ।

୨୩ । କଳାକଉଶା ଚନ୍ଦ୍ରାତପ—କଳାକନାର ଚାନ୍ଦୁଆ ମଧରେ ରଜତଗିରି—କୈଳାସ ନାୟକ ମଧମଣି ହୋଇଅଛି କି । ଚନ୍ଦ୍ରଙ୍କର ଅନ୍ଧକାରମୟ ଆକାଶ ମଧରେ ଥିବା ଶୋଭା । କଉତୁକରେ—କୌତୂହଳରେ । ତାର—ନକ୍ଷତ୍ରସବୁ । ଶୁଦ୍ଧ ଦର୍ପଣ—ରୁପା ଦର୍ପଣ । କବି ପାରକୁ—କବି ବର୍ଣ୍ଣନାର ଶେଷ ସୀମାକୁ । କଳେବର—ଶରୀର । ଦ୍ରବ—ଜଳ ରୂପରେ ।

୨୪ । କଳାନିଧି—ଚନ୍ଦ୍ର । ବ୍ରୀଡ଼ା—ଲଜ୍ଜା । କାମକାଣ୍ଡଖଣ୍ଡେ—କାମଶର ସମୂହରେ । କଳାକର—ଚନ୍ଦ୍ର ।

୨୫ । ଗତାଗତ—ଶୃଙ୍ଗାରଭାବରେ ଯିବା ଆସିବା; ଉଦୟ ଓ ଉଦ୍‌ବେଗ । କାମ ଗୁଆଁର ରସିକ ତୁଲେ—ମୂର୍ଖ ରସିକ ସଙ୍ଗେ ଥାଏ ବା ତାଙ୍କର ସଙ୍ଗେ ସମାନ । କରବାଳ—ଖଣ୍ଡା ।

୨୬ । ଲେଖ—ପତ୍ର, ଚିଠି । ଏକାନ୍ତେ—ଏକୁଟିଆ ହୋଇ । କେତକୀ ଦଳ ମଧରେ—କେତକୀ ଫୁଲ ପାଖୁଡ଼ାରେ । ବିଗ୍ରହ—ଶରୀର । ପାଷାଣ—ପଥର ।

୨୭ । କୋକିଳ ଭାରତୀ—କୋଇଲି କୁହୁ କୁହୁ ରବ । ଶ୍ରୁତି—କାନ । ମନ୍ଦ ପବନ—ଦକ୍ଷିଣା ପବନ । ଶ୍ୱାସ—ପ୍ରାଣ । ବଦନ୍ତି—କଥା ।

୨୮ । କାଲିପରି—ଆଗାମି କାଲିର ବା ତହିଁ ଆରଦିନ । ପ୍ରେମଦାସ—ତୁମ୍ଭ ପ୍ରେମରେ ଦାସ ହୋଇଅଛି ଯେ । କରି......ଯନ୍ତ୍ରା—ତୁମ୍ଭେ ତାଙ୍କ ହୃଦୟକୁ ଯନ୍ତ୍ରା କରି ଅର୍ଥାତ୍ ତାଙ୍କ ହୃଦୟରେ ତୁମ୍ଭ ହୃଦୟକୁ ରଖି । ଅହନ୍ତା—ଶତ୍ରୁତା ।

୨୯ । କୁସୁମକାଳେ—ବସନ୍ତ ଋତୁରେ । କାମିନୀ କୃତାନ୍ତ—ସ୍ତ୍ରୀର ଯମ ।

୩୦ । ଦୟିତ—ଅଧୁର ଓ ନାୟକ । କଲ ବିଦିତ—ଜଣାଇଲ । ବଧୂ—ସ୍ତ୍ରୀ । କୁଳଶରୁହିଁ—ବଜ୍ରରୁହିଁ; ଗଳଥା—ତଣ୍ଟିଆ, ଧକ୍କା, କାମ ବଶ ହେଲେ ।

୩୨ । ଏଥି ମୁଁ ମଲି—ଏଠାରେ କାନ୍ତବିରହ ହେତୁ ମଲି । ତୋତ୍ତୋ...ଗଲି—ମୁଁ ତୋ ପଛେ ପଛେ ଯାଉଛି । ନୃହଇ ବଳି—ବଳକାରକ ନୁହେ ।

Digitized by srujanika@gmail.com

୩୨ । କଣ୍ଠମଣ୍ଡନ ମୁକ୍ତାମାଳୀ— କଣ୍ଠଭୂଷଣ ମୁକ୍ତାର ମାଳା ।
୩୩ । ବସନ୍ତ ପଞ୍ଚମୀ—ହଳଦିଆ ଶାଢ଼ୀ, କଳାକର ପ୍ରିୟାପାଦ—ପୂର୍ଣ୍ଣ ରାତ୍ର । କାମପ୍ରିୟତମା—ରତି ।
୩୪ । ଅପ୍ରମାଦେ—ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଭାବରେ । ଭବଜଳ—ସଂସାରସମୁଦ୍ର ।

୦

ଚତୁର୍ଦ୍ଦଶ ଛାନ୍ଦ

୧ । କୁସୁମକାଳ—ବସନ୍ତ ସମୟ । ଦୋଳଲୀ ପ୍ରତେ—ଜଣାଇଲି । କୃଷ୍ଣ...... କଦାଚିତେ—କୃଷ୍ଣ ଯାହାକୁ କେବେ ସେ ସମୟରେ ଆଲିଙ୍ଗନ ଦେଇ ନ ଥିଲେ । ଅନଙ୍ଗଅନଳେ—କାମ ଅଗ୍ନିରେ ଦେଲି, ଜଳିଲି । "ହେଲି" ପାଠ ସମୀଚୀନ ନୁହେ ।

୨ । ସୁତନୁ—ସୁନ୍ଦର ଶରୀର ଯାହାର ଏପରି ସ୍ତ୍ରୀ । ଦୟିତ—କାନ୍ତ । ତନୁକୁ ତନୁ—ଶରୀରକୁ କ୍ଷୀଣ କଲି । ଦନୁ—କପୋଳ । କଙ୍କଣ—ଅଶ୍ରୁ, ଲୁହ । କୁସୁମବାଣ—କନ୍ଦର୍ପ । ଅନ୍ତରେ—ହୃଦରେ ।

୩ । ଆଙ୍ଗେ—ଅଙ୍ଗରେ । ଅଗେ—ଦଗରେ, କାମ—କନ୍ଦର୍ପ, ଇଚ୍ଛା । ପାଶେ—କଷ୍ଟରେ ।

୪ । କମଳ—ଜଳ, କ୍ଲେଦକ । ରଙ୍ଗେ—କୌତୁକରେ । ଧାନୁକୀ—(ଧନୁକୀ, ଧାନୁଷ୍କ ଶବ୍ଦ) ଧନୁର୍ଦ୍ଧର । ଏଠାରେ ନାୟିକା ବାସକସଜ୍ଜା ।

୫ । କରୁଣ—ଦୁଃଖ, କ୍ରନ୍ଦନ । କରଜ—ନଖ । ମହୀମଣ୍ଡଳ—ପୃଥିବୀଭୂଷା । ଏଠାରେ ନାୟିକା କଳହାନ୍ତରିତା ।

୬ । ମାନବଲ୍ଲୀ—ଅଭିମାନରୂପ ଲତା । ପାଣି—ଜଳ, ହସ୍ତ । କପୋଳରେ ପାଣିଦେଇ ବସିବା—(ଅଭିମାନ ସୂଚାଉଅଛି)—ସେହି ଅଭିମାନକୁ ଲତା କରି ତାକୁ ପାଣି ଦେଇ ବଢ଼ାଇବା ଏଠାରେ ବକ୍ରବାଣୀ । ପରିଭବ—ଦୁରବସ୍ଥା, କଲବଲ ।

୭ । ପାଣ୍ଡୁର—ପାଉଁଶିଆ ବର୍ଣ୍ଣ, ଶେତା । ଦୀନ—ଦୀନତା । ଦୂଷଣ କରୁ—ଦୋଷ ଦେଖାଇ । କୁରରୀ—ପକ୍ଷିବିଶେଷ, "ଉତ୍କ୍ରୋଶ କୁରରୌ ସମୌ" ।

୮ । କାମତୁରଙ୍ଗ—କନ୍ଦର୍ପର ଘୋଡ଼ା । ତରଙ୍ଗ—ନୃତ୍ୟ, ଢେଉ । ରସିକ—ସବୁ ଯୋଥିରେ ରସିକା ।

୯ । ଗଜପତି ପଦବୀ—ଗଜରାଜ ଯାଉଥିବା ପଥ । ୧୦ । ଚୁମ୍ବାଲିଙ୍ଗନ—ଚୁମ୍ବନ ଓ ଆଲିଙ୍ଗନ ।

Digitized by srujanika@gmail.com

୧୧ । କୁସୁମକାଣ୍ଡ—କନ୍ଦର୍ପ । କୁସୁମକାଣ୍ଡେ—ଫୁଲବାଣ ସମୂହରେ । ଅଣି—ଦମ୍ଭ, ଗର୍ବ । କଣ୍ଠଭୂଷଣ—ହାର ପ୍ରଭୃତି । କାଞ୍ଚି—ଗୋଠ, ଚନ୍ଦ୍ରହାର । ୧୨ । ଉଜ୍ଜ୍ୱଳରସେ—ଶୃଙ୍ଗାରରସରେ । ଉଜ୍ଜ୍ୱଳ ଗତି—ଚନ୍ଦ୍ରକଳା । ମେନ୍ଦୁରେ—ଦର୍ପରେ ।

୧୩ । ମାନସ ସଦନେ ମଦନଗନ୍ଧ—ମନ ଘରକୁ ବନ୍ଧୁ ନାହିଁ । କାନ୍ତତନୁ—ପ୍ରିୟଦେହ । ଧନୁବଲ୍ଲୀ—ଧନୁଲତା । ରଣ କରଣ—କାମ । ସୁରଙ୍ଗ—ସୁପୁଞ୍ଜ । ପୁରୁଷଭାବ ଧରି—ପୁରୁଷାୟିତରେ । ବିବିଧ ବନ୍ଧ—ସୁରତ ବନ୍ଧରେ । ବାସନ୍ତୀ—ବସନ୍ତକାଳରେ । ୧୪ । କରେ.......କଳାନିଧି—ଚନ୍ଦ୍ର ଯୋଗର କର୍ଣ୍ଣ ଫୁଲକୁ ଅନଙ୍ଗ ଦିଏ, କୃଷ୍ଣ ସେହିପରି ବହୁରୂପ ହୋଇ । ତାଙ୍କୁ ହରି ବହୁତ କରି—ଗୋପୀ ଗୋଟିକେ କୃଷ୍ଣ ଗୋଟିଏ ହୋଇ ବୋଧ ହେଲେ । ସେଲମ୍ବ—ଭଅଁର । ଦୁକୂଳ—ପାଟଲୁଗା ।

୧୫ । ସୁରଲତା—ସୁରସର କାରଣ । ସମ୍ବାଦ ଦେବା ପାଇଁ—ଖୋଜ ଦେବା ପାଇଁ । ୧୬ । ଉପ୍ରୋଧେ—କାମ ଅନୁରୋଧରେ; କାମ ଖାତିରରେ ବା କାମବଶଗୁଲୁ ଦୃଷ୍ଟି ଦେଇ । ସଶ୍ରଦ୍ଧେ—ଶ୍ରଦ୍ଧାରେ ମୋତେ ତାକୁ ଦେବୁ—ମୋତେ ରତିକୁ ଦେବୁ, ମୋତେ ରତିଦାନ ଦେବୁ । ଅକାଶ-କୁସୁମ—ଚନ୍ଦ୍ର । ରସ—ସୁଧା; ଚନ୍ଦ୍ରଙ୍କର ରସ ଭଅଁର ପାଏ ନାହିଁ ବା ଅକାଶ କୁସୁମ, ମିଥ୍ୟା ଫୁଲର ରସ ଭଅଁର ପାଏ ନାହିଁ; ଅମେ କପଟ ଦେବୁ ।

୧୭ । ଚଞ୍ଚଳ—ଚପଳ । କଳ—ମଧୁରବାଣୀ । କୋକ—ଚକ୍ରବାକ, ଚକୁଆ, ସକାଳେ ଚକ୍ରବାକ ଚକ୍ରବାକୀର ମିଳନ ହୁଏ । ୧୮ । ପ୍ରୟାଣ—ଗମନ । ଘନବାହନ—ଶ୍ୱେତମେଘର ଗୃହଗତ ବାହନ । ପ୍ରିୟାପ୍ରାଣନାୟକ—ସୂର୍ଯ୍ୟ । ୧୯ । ସୁଗନ୍ଧବହ—ପବନ । କଳକୂଜିତ—ଅବ୍ୟକ୍ତ ମଧୁର ଶବ୍ଦ । ରତିହୁଙ୍କୃତି—ରତିକାଳରେ ହୁଁ ହୁଁ ଶବ୍ଦ । କାକବଇରୀ—ପେଚା । କୋଟେ—ବୃକ୍ଷ କୋଟରରେ ।

୨୦ । ଗୋଧନ ପ୍ରତିପାଳକ—ଗଉଡ଼ । ଶିଞ୍ଜିତ—ଅଳଙ୍କାର ଯଥା ବଳୟାଦିଙ୍କ ଶବ୍ଦ । "କୃଙ୍କଣାନାଂ ତୁ ଶିଞ୍ଜିତଂ" । ଘନେ—ଉଚ୍ଚ ସ୍ୱରରେ । ଶୟନ—ଶଯ୍ୟା । ସୁଖଧାମ—ଶ୍ରୀକୃଷ୍ଣ । କୀରସାରିକା—ଶୁଆ ସାରୀ । ୨୦ । କଟୁଆଳ—ନଗରରକ୍ଷକ, ଚୌକିଆ । ତସକର—ଚୋର । କୁଳଟା—ଭ୍ରଷ୍ଟା । ନିଶାଭିସାରୀ—ରାତିରେ ଲୁଚି କରି ଯେ ପ୍ରିୟ ନିକଟକୁ ଯାଏ । ସଙ୍କେତ-ବାସ—ଠିକଣା ଗୃହ । ସୂରସୂତ—ସୂର୍ଯ୍ୟଙ୍କର ସାରଥି ଅରୁଣ । ଉଳେ—ଗାଳିଦିଏ ।

Digitized by srujanika@gmail.com

୨୧ । ଜଳେ......ଗର୍ବ—ଜନତାଗର୍ଭରୁ ଜଣ୍ୟପଙ୍କ ଔରସରେ ତାର ଜନ୍ମ । ତାଳ ନ ହେବାରୁ ଜନତା ତାକୁ ଜନ୍ମ ଦେଇଥିଲେ ବୋଲି ତାର ଗର୍ବ ନ ଥିଲା । ତାକୁ ଅନ୍ତରୁ ମଧ୍ୟ ଜହନ୍ତି । "ତୁ ନିଜ ସଉତୁଣୀ କଦ୍ରୁର ଦାସୀ ହୁଅ ।" ସେ ଏହି ଅଭିଶାପ ଦେଇଥିଲା । ଦେବଙ୍କ ନିକଟରେ ଜନତାର ଏପରି ବୃଦ୍ଧି ହେଲା । ଜଳୁ ନ ଥାଇ ମୁଦ୍ଧା ତୋର ଗର୍ବ ଏତେ । ଖର୍ବ—ଊଣା । କଳ୍ପ....ତରୁ—ତର କି ଫଳ ନ ଲାଗି ତରୁ ଲାଗିବାଦ୍ୱାରା ଅସାର କି ମନ୍ଦ କଲୁ ।

୨୩ । ବାରନାରୀ—ବେଶ୍ୟା । ଧୂପଗନ୍ଧ—ଧୂଆଁ ପାଇବା ମଶା ଯେପରି ପଳାଏ ।

୨୪ । ଶଠ—ଧୂର୍ତ୍ତ ।

ପ୍ରିୟଂ ବକ୍ତି ପୁରୋଽନ୍ୟତ୍ର ବିପ୍ରିୟଂ କୁରୁତେ ଭୃଶମ୍ ।
ନିଗୂଢ଼ମପରାଧଞ୍ଚ ଶଠୋଽୟଂ କଥିତୋ ବୁଧୈଃ ।

କୁଙ୍କୁମ—କାଶ୍ମୀରଦେଶଜ ଗନ୍ଧଦ୍ରବ୍ୟ ବିଶେଷ, ବର୍ଣ୍ଣ ପୀତରକ୍ତ, ଶରୀରରେ ଲେପ ଦିଅନ୍ତି । କପାଳେ....କାଳୀ—ଅଳତା ପ୍ରାୟେ କପାଳେ ଚିତା ଶୋଭାପାଏ । "କପାଳେ ଚିତା ପ୍ରାୟେ ଅଳତା" ଗ୍ରହଣ କଲେ କପାଳରେ ଚିତା ଓ ପାଦରେ ଅଳତା ଅର୍ଥ ହୁଏ "ପ୍ରାୟେ ଅଳତା" ପାଠ ସବୁ ପୋଥିରେ ଓ ମୁଦ୍ରିତ ଗ୍ରନ୍ଥମାନଙ୍କରେ ଅଛି; କିନ୍ତୁ ପାଦକୁ ତାହା ମର୍ଦ୍ଦନ କରିବାକୁ ହେବ । ଓଷ୍ଠେ କଜ୍ଜଳ କାଳୀ—ଓଷ୍ଠ ତଳକୁ କଳା ଗାର ଦିଆଯାଏ ।

୨୫ । କୁଟିଳ—ବକ୍ରତା । ବକ୍ତ୍ର—ମୁଖ । ୨୬ । ସଙ୍କୋଚପଙ୍କେ—ଲଜ୍ଜାରୂପକ ପଙ୍କରେ ।

୨୭ । ଖଣ୍ଡିତା—ପାର୍ଶ୍ୱମେତି ପ୍ରିୟୋ ଯସ୍ୟା ଅନ୍ୟସମ୍ଭୋଗଚିହ୍ନିତଃ ।
ସା ଖଣ୍ଡିତେତି କଥିତା ଧୀରୈରୀର୍ଷ୍ୟାକଷାୟିତା ।

ଅନ୍ୟସ୍ତ୍ରୀ ସମ୍ଭୋଗଚିହ୍ନଯୁକ୍ତ ହୋଇ ଯେଉଁ ନାରୀର ପତି ନିକଟରେ ପଡ଼ନ୍ତି ସେହି ନାରୀକୁ ଖଣ୍ଡିତା କହନ୍ତି ଓ ସେ ଈର୍ଷ୍ୟାରେ ଅଧୀର ହୋଇଥାଏ । ବାହ୍ୟ ରସେ—ବାହ୍ୟାଡ଼ୁଅ ଭାବ, ଅନ୍ତରଭାବ କିନ୍ତୁ ଅନ୍ୟରୂପ ।

୨୮ । ଦାଢ଼ିବଇଣ୍ଡ—ଯେତେ । ଭଟିଲ—ପଳାଇଲା । ବିଶ୍ରମ—(ବିଶର୍ମ) ଲଜ୍ଜାହୀନ—ନିର୍ଲଜ୍ଜ ।

୩୦ । କରମର୍ଦ୍ଦନ—ହାତ ଦଳ ଦେଉଥିବା । ୩୧ । କୀରଦଂଶନ—ଶୁଆଖିଆ । ୩୨ । କୁସୁମଶର...ଶ୍ରମହରୁ—କନ୍ଦର୍ପର ତୀକ୍ଷ୍ଣ ଯୁଦ୍ଧ ଶ୍ରମଜନିତରେ ପରିଶ୍ରମ ହେବୁ । କନକଲତା—ସ୍ୱର୍ଣ୍ଣଲତା ପବନ ବାଜିଲେ ଯେପରି ଚଞ୍ଚଳ ହୁଏ, ସେହିପରି ।

Digitized by srujanika@gmail.com

୩୪ । କର୍କଶ...ଜାନୁ—ଏ ଜଙ୍ଘ ଓ ଜାନୁ ସମରପୂର୍ବରୁ କଠୋର ଗଦାରୂପେ ମୁଦାଗଲା—ଗୃହୀତ ହେଲା ବା ଏ ଜଙ୍ଘ ଜାନୁ କାମଯୁଦ୍ଧରେ କଠୋର ଗଦା ହେଲେ, ଯୁଦ୍ଧ ପୂର୍ବରୁ ଏପ୍ରକାର ମୁଦା ହୃଦ କ ଶୋଭା ପାଇଲା ।

୩୫ । ଚତୁଷ୍ଠୀବନ୍ଧ...ଯାଏ—ଚତୁବନ୍ଧଠାରୁ ମାର୍ଜାରବନ୍ଧ ପର୍ଯ୍ୟନ୍ତ—୬୪ ବନ୍ଧ ଯଥା—ଗଜ, ସିଂହ, ଅଶ୍ୱ, ହରିଣ, ବୃଷ, ବାୟସ, କୁକ୍କୁଟ, ମାର୍ଜାର ବନ୍ଧ ଇତ୍ୟାଦି; ବାତ୍ସାୟନ କାମସୂତ୍ର ଦ୍ରଷ୍ଟବ୍ୟ ।

୩୬ । କୁଳପାଳିକା—କୁଳବଧୂ । ୩୭ । ପାତ୍ର—ପଦ୍ମ ୧ ଅଲମ୍ବ ବିଭାବ—ନାୟକ ବା ନାୟିକା । ବିଭାବ—ଯାହା ଦ୍ୱାରା ରସ ଉଦ୍ଦୀପିତ ହୁଏ, ସେ ଦୁଇ ପ୍ରକାର—ଆଲମ୍ବନ ଓ ଉଦ୍ଦୀପନ । କମଳନାଥ—ସୂର୍ଯ୍ୟ । ଅମର-ପଥ—ଆକାଶ ।

୩୮ । ନୀଳାଚଳପତିନାୟକ—ଜଗନ୍ନାଥ ; ନିତ୍ୟକୃତ୍ୟରେ—ନିତ୍ୟରେ । କାଠିଲ୍ଲିତ—ଦନ୍ତଧାବନ । ମାର୍ଜନା—ସ୍ନାନ ।

ପଞ୍ଚଦଶ ଛାନ୍ଦ

୧ । ନରମ କରେ—ସୂର୍ଯ୍ୟକିରଣ । ଖରତର—ପ୍ରଚଣ୍ଡ, ତୀକ୍ଷ୍ଣ । କମଳ-କୁମାର—ଜଳକୁମାର—ଅଗ୍ନି । ବର୍ଣ୍ଣଇଲା...ଅଶ୍ୱପଥ—ଯୁଦ୍ଧ ଭୂମିରେ ଘୋଡ଼ା ପଡ଼ ତଡ଼ଲା ଭୂଇଁରେ ପଥିକଙ୍କୁ ନଚୁଇଲା ।

୨ । କୁଶଳ ନଭିକା ଜଳଧି ପକ୍ଷୀରେ—ଉଲ୍ଲ ବଇଁଶବଂଶୀର ବାଉଁଶ ଉପରେ କୁଳଇ ପଡ଼ । "ଅତ୍ୟନ୍ତ ବାତୋଲ୍ଲଙ୍ଘ ବାତ୍ୟାଦି"—ଲୁଭୁଅଦାର; ବାତଚକ୍ର—ବାତାବର୍ତ୍ତି, ଖଣ୍ଡିଆରୂଢ଼ । କୁଟୁମ୍ବୀ...ଢଳେ—ବନ୍ଧୁ-ପରିବାର ଥିବା ଦୁଃଖୀ ଲୋକର ମନ ପରି ଦିବସ ତାତିଗଲା । ଦାନ୍ତ ଘନରସ—ତୁହିନ ମେଦଜଳ, ପତ୍ରର ଶୃଙ୍ଗାର; ନଦୀମାନେ ବିରହିଣୀ ସ୍ତ୍ରୀ ପରି ଶୁଖିଗଲେ ।

୩ । ମୃଗତୃଷ୍ଣା—ମରୀଚିକା; ହରିଣନୟନା ସ୍ତ୍ରୀ ଆଖିର ଖେଳାରୁ ଜଣା ଦେଖାଗଲେ । ହସିଲେ—ଶୋଭା ପାଇଲେ । ତୃଣରାଜ—ବାଉଁଶ, ତାଳ । ମନମନ—"କାମିନୀ ସୁରତକାଲେ ବ୍ୟତ୍ୟୋର୍ମାରଂଚ ସଂଯୁତମ୍ । ତସ୍ମିନ୍ ଶବ୍ଦଂ ଚ କୁର୍ବୀତ ମନ୍ମନନ୍ତଂ ବଦେଦହ" (ଅସ୍ଫୁଟ କଥା) ।

୪ । କୃପଣ...ସୂର୍ଯ୍ୟକାନ୍ତ—କୃପଣ ପ୍ରାର୍ଥୀନ୍ତର ଗୃହର ଯେପରି ଦୁଃଖରେ ଦଗ୍ଧ ହୁଏ ସେହିପରି ସୂର୍ଯ୍ୟକାନ୍ତ ମଣି ସୂର୍ଯ୍ୟଙ୍କ କିରଣରେ ଦଗ୍ଧ ହୁଏ (ଜଳି ଉଠେ) । କାନ୍ତ...ବେଶଅନ୍ତ—ସ୍ୱାମୀ ବିରହରେ ସ୍ତ୍ରୀମାନେ

Digitized by srujanika@gmail.com

ବେଣୁବୈନ୍ୟ ହେଲେପରେ ବଡ଼ ବଡ଼ ପୋଖରୀ ଶୁଖି ଗାଡ଼ିଆ ପରି ହେଲେ । "ବେଣବଃ ପଲ୍ୱଳଂ ଗୃଲସବେ ।" ବେଣବ—ଗଡ଼ିଆ, ବେଣୁବୈନ୍ୟ । ଭକ୍ତରଙ୍କ—ଭଗବାନଙ୍କ ଭକ୍ତ—ଯେ କି ନିଜର ଆହାର ପ୍ରତି ଅସ୍ଥା ନ ରଖି କୃଶ ହୋଇଥାନ୍ତି; ତାଙ୍କପରି ମାଛ ଧରିଛ ବେଙ୍ଗମାନଙ୍କର ଦେହ ଦୁର୍ବଳ ହେଲା ।

୫ । ଜମଳବରଦେ—ଜଳ ଅଭାବରେ । ମହାଗହନ—ବେଶି ଗହନଥ ବଣ । ଗର୍ବିବଇସ୍ତ—ଘୋଡ଼ାର ଶବ୍ଦ । ୬ । ପରକୁ—ଅନ୍ୟକୁ, ଶତ୍ରୁକୁ । କୋକ—ବୃକ, ହେଟା । ସ୍ତଇ—ଅସ୍ତ ହେଲେ । କୋବଦେ—ପଣ୍ଡିତମାନେ । କୁଣ୍ଡଳୀକୁଳ—ସାପଯାକ "ଫଣୀ ମୟୂରସ୍ୟ ତଳେ ନିଷୀଦତି" ର, ସଂ । କଳାପୀକଳାପ—ମୟୂରପୁଚ୍ଛ; ଅତପେ ତପତ୍ରଂ—ଖରାରେ ଛତା ପରି ।

୭ । ଶୋଭବନ—ସୌନ୍ଦର୍ଯ୍ୟ । କାନ୍ତଦନ୍ତକାନ୍ତା—ପଦ୍ମମୂର୍ତ୍ତ୍ୟରେ ପଡ଼ୀ ପରି । ବୈଚିତ୍ର୍ୟ—ଶୋଭାମୟ, ଉଜ୍ଜ୍ୱଳମୟ । କନ୍ଦର୍ପ... ଶୋଭିଲା—କାମ ବଡ଼ନ୍ତ ମିଳ ଅଭାବରେ ଦର୍ପଛଡ଼ା ହୋଇ ମାନବ ହୃଦରେ ଶୋଇ ପଡ଼ିଲା; କାମଭାବ ମନୁଷ୍ୟ ମନରେ ଜାଗିଲା ନାହିଁ ।

୮ । ଅର୍ଜୁନ—ବୃକ୍ଷବିଶେଷ । କୃଷ୍ଣକାଣ୍ଡ—ଫୁଲସବୁ । ତାପବଳେ—ଉତ୍ତାପ ଖରା ଯୋଗୁଁ । ବହୁପାଦ—ବରଗଛ "ନ୍ୟଗ୍ରୋଧୋ ବହୁପାଦ୍ ବଟଃ" ।

୯ । ପବନପାନେ—ସୁର୍ଯ୍ୟବନ୍ତ ଲୋକମାନେ "ଧବନଂ ପ୍ରସୂତଃ ପୁତଃ" । ଧାରାମଣ୍ଡିତସ୍ଥରେ—ଜଳଯନ୍ତ୍ର ଘରରେ ।

୧୦ । ସ୍ୱେଦ—ଝାଳ । ତାଳବୃନ୍ତ—ବିଚଣା । ୧୧ । ଶୀତକାରକ—ଥଣ୍ଡା ଜନକ ।

୧୨ । କାନ୍ତ—ସୁନ୍ଦର । ୧୩ । କୃଶକ, ନିତମ୍ବରେ ଗଣ୍ଡି । କେଶରୀ-ମଧ୍ୟମା—ସିଂହକଟି । କନ୍ଦର୍ପ...ଶଶୀ—କନ୍ଦର୍ପର ଗର୍ବରୂପ ଅନ୍ଧକାରର ଚନ୍ଦ୍ର; କାମଦୁଃଖନାଶକାରୀ । କାମତରଣୀ—କାମନଦୀ ପାର ହେବା ପାଇଁ ନୌକା । ଧରଣୀସରଣୀ—ଭୂମିର ବାଟ ।

୧୪ । କଂଳହବ୍ କରେ—କଣି କଣି ଶବ୍ଦ କରେ । କାମପହର୍ଣ୍ଣ—ଜଗନ୍ନାଥଙ୍କର ପହଣ୍ଡପରି କାମଦେବଙ୍କର ପହଣ୍ଡ, ଧୀର ଗମନ । କଣଲସ୍ଥ ପଦାଗ୍ର—କର୍ଣ୍ଣିଳଆ ପଦାଗ୍ର ପାଦଯାକ ।

୧୫ । କଳରେ—କାଳନ୍ଦୀ ନଈର ଜଳାରଙ୍ଗ; ନିନ୍ଦୁଛି ଦଳିତ କଜ୍ଜଳ ଭାଲଭା—ଦଳା ହୋଇଥିବା କଜ୍ଜଳର ଜଳାକୁ ନିନ୍ଦୁଛି । କବରୀ—ଜୁଡ଼ାରେ ଫୁଲ ଥିଲା ପରି ।

Digitized by srujanika@gmail.com

୯ । କମଳେ—ଜଳରେ । କମଳେ—ପଦ୍ମପାକ । କୁବଳୟ—ନେଳିଆ ବର୍ଣ୍ଣ । କହ୍ଲାର—ଧଳାବର୍ଣ୍ଣ । ୧୦ । କନକଲତା—ସ୍ୱର୍ଣ୍ଣଲତା, ଗୋପୀ । ନୀଳମଣି ସ୍ଥଳରେ—କାଳିନ୍ଦୀରେ । ଅନଙ୍ଗକୁ ମାର—ମୂର୍ତ୍ତିକୁ ପ୍ରାଣ ଫୋପାଡ଼ । ଜଳଙ୍କର—ପାଣିକୁଆ । ପାଣିରେ ପାଣି—ହାତରେ ପଣ ଧର ।

୧୧ । ଚକ୍ରବାଳ—ମଣ୍ଡଳ କର । କମଳଂ—ଜଳକୁ । କୃତପନ୍ତ—ସ୍ତନସାଙ୍କ ହେଲେ ଶିବ । ୧୩ । ଅନ୍ତର ଅଙ୍ଗବାସ—ଦେହକୁ ଲୁଗା ଛଡ଼ । ବ୍ରୀଡ଼ା—ଲଜ୍ଜା ।

୧୪ । ଜଗତପ୍ରାଣ—ପବନ । ଅମ୍ବର—ଲୁଗା । ଅମ୍ବରେ—ଆକାଶରେ । ୧୫ । ସଖା—କୃଷ୍ଣ । ୧୬ । ଶମ୍ବର—ଜଳ; ଏହା—ଏଠାରେ । ସଞ୍ଚାର—ଗମନ ।

୧୮ । ଅଭିନବ ଘନ—ନୂଆ ମେଘ ପରି । ବଳାହକବଲ୍ଲୀ—ବିଜୁଳିପରି (ମେଘଲତା) । ୧୯ ।, ମନ୍ଦାକ୍ଷ—ଲଜ୍ଜା । ତୋଷ—ଚଞ୍ଚଳ । ସଙ୍ଘାତ—ସଙ୍ଗାତ । କୁଟ୍ଟିଣୀ ପ୍ରତିମା—ଗୋପାଙ୍ଗନା କୁଟ୍ଟଣୀ ପରି ।

୩୦ । ଅମ୍ବରମାନ—ଲୁଗାଯାକ । ୩୪ । ନାଟ—କଥା । ଅବାଟମାନ—ଅବାଟରେ । ୩୫ । କରଜ—ଗୋଟିଏ ହାତ । ଉର—ସ୍ତନ । ଲମ୍ବାଇ ବଦନ—ମୁହଁ ତଳକୁ ପୋତି । କନ୍ୟାସ୍ତମ୍ଭ—ଚଢ଼ ପ୍ରତିମା ।

୩୬ । ଜଗଦ୍ବିତା—କୃଷ୍ଣ । ୩୭ । ନଗମୂର୍ତ୍ତି—ଲଳିତା; ଦୁର୍ଗା । ୩୮ । କନକ-ଦର୍ପଣ ବଦନ—ସୁନା ଦର୍ପଣ ପରି ମୁହଁ । ପ୍ରସାଦ ଡମ୍ବରକୁ—ପ୍ରସନ୍ନତାର ପ୍ରକାଶକୁ; ବିଶେଷ ପ୍ରସନ୍ନ ହେଲୁ । କୁରଙ୍ଗ ତରଙ୍ଗନୟନ—ମୃଗର ଚଞ୍ଚଳ ଦୃଷ୍ଟି ପରି ଆଖି ।

୪୦ । ଅଳକାଆବଳିଅ—ଅଳକ ସମୂହ ବେଢ଼ି ରହିଅଛି । ଲବଣୀକବଳିଅ—ଲହୁଣୀ ଖାଉଥିବା ।

ଷୋଡ଼ଶ ଛାନ୍ଦ

୧ । କାଳକବଳ—ଯମପୁର ଭକ୍ଷଣ । ବଳାହକା—ମେଘ । ନିର୍ଘାତ—ବଜ୍ର ଘନ । ନିର୍ଘୋଷ—ଗର୍ଜନ, ଘଡ଼ଘଡ଼ । ଗିଳିଲା ଟିକର ଶିଖର—ପର୍ବତର ଶିଖର ମାଡ଼ି ବସିଲା । ବଲ୍ଲୀ—ଲତା, ବିଜୁଳି । କେଦାର—କ୍ଷେତ୍ର ।

Digitized by srujanika@gmail.com

୨ । କୂଳଟା—ଭ୍ରଷ୍ଟା ସ୍ତ୍ରୀ । କୂଳ—ବଂଶ, ନଦୀର କୂଳ । କୂଳପାଳକା—କୂଳାଙ୍ଗନା ପକ୍ଷ । ଦୀର୍ଘିକା—ପୋଖରୀ । କୋକ ମିଥୁନ—ଚକୁଆ ଚକୋଇ ତାହାର ସ୍ତନପର ହେଲେ । ଘନରସକୁ—ମେଘଜଳକୁ; ଶୃଙ୍ଗାର ରସକୁ । ଜମଳରେ—ଜଳରେ । କମଳବଂଶ—ପଦ୍ମ ସମୂହ । ମାନସରକୁ—ମାନସସରୋବରକୁ । ରତ—କ୍ରୀଡ଼ା । କ୍ରୌଞ୍ଚ—ଖଡ଼ବଗ । ସାରସ—ହଂସ । ବାଳାକା—ବଗ । ଉଲ୍ଲାସ—ଆନନ୍ଦତ ।

୩ । ଭୂଧର—ପର୍ବତ । ବନ ଅନଳଫୁଲ୍ଲ—ପର୍ବତରୁ ଅଗ୍ନିର ତେଜ । କୂଟଜ—ଗିରିମଲ୍ଲୀ, ପିତାକୋରୁଆ । ମଧୁପବୃନ୍ଦ—ଭ୍ରମରଯାକ, ମହୁଆ-ମାନେ । ଜ୍ୱର.... ବନ—ପାଣିଛିରୁଆଙ୍କୁ ବନ୍ଦଳ ଓ ଜ୍ୱର ନ ଥିଲା ଲୋକଙ୍କୁ ଥଣ୍ଡା କଲା ପରି ବର୍ଷାକାଳର ପବନ ବିରହୀମାନଙ୍କୁ ଭଲ ଲାଗିଲା ନାହିଁ ଏବଂ ସଂଯୋଗୀମାନଙ୍କୁ ଭଲ ଲାଗିଲା ।

୪ । ମଧ୍ୟପାଣ୍ଡବ—ମୟୂର, ଅର୍ଜୁନ "ଅର୍ଜୁନଃ କକୁଭେ ପାର୍ଥେ କାର୍ତ୍ତବୀର୍ଯ୍ୟ ମୟୂରକେ" । ତାଣ୍ଡବ—ନୃତ୍ୟ । କଟୁପିଣ୍ଡିରେ—ଗଛ ଉପରେ । ମାର୍ଜ୍ଜାର ରବ—ବିରାଡ଼ି ଶବ୍ଦ । କାଳକଣ୍ଠକ—ଡାହୁକ । କୁଳିଶ—ବଜ୍ର । ଅନ୍ତ-ନବଢ଼େ—ଘନ ବନ ମଧ୍ୟରେ । ଗଣ୍ଡଶୈଳ ଝଡ଼େ—ବଡ଼ ବଡ଼ ପଥର ଖଣ୍ଡ ଝଡ଼ରେ ଚଡ଼କ ପରି ପର୍ବତରୁ ଗଡ଼ି ପଡ଼େ । ହେଳେ—ସହଜରେ ।

୫ । କେକୀକେକା—ମୟୂରଡାକ । ଡାହକା—ଡାହୁକୀ । ଚାମରଧମକ—ଚାମର ଧମକ । ମେଘଦମ୍ଭ—ମେଘଗର୍ଜ୍ଜନ । ମଣ୍ଡୂକ—ବେଙ୍ଗ । ଡମକ ଠେକା—ଡମକ ଛନ୍ଦାଏ ।

୬ । ଘନାଘନ—ମେଘ । ଘନାଘନ—ମତ୍ତହସ୍ତୀ । ଘନାଘନ......ଇନ୍ଦ୍ର—ତାଙ୍କର ଅନୁଜ କୃଷ୍ଣ ତାଙ୍କ ପୁଅ କନ୍ଦର୍ପ (ପ୍ରଦ୍ୟୁମ୍ନ) । ବକଧାରନ—ବଗ ହେଲା ଦାନ୍ତ । କନ୍ଦର—ଗୁହା । ଜଳଡ କର—ଧର । କୋଦଣ୍ଡ—ଧନୁ । କରକାବଳୀ—କୁଆପଥରଯାକ । ହାବୋଡ଼ା କାଣ୍ଡ—ଗୋଡ଼ବାଣ ।

୭ । କାଳୀକୁଣ୍ଡଳୀ—ଏ ଯେଉଁ କଳା ମେଘ ସେ କାଳୀ ସର୍ପିଣୀ ପ୍ରାୟେ । କଳାନାଗକୁ—କୃଷ୍ଣସର୍ପକୁ । ମେଘରେ ବିଜୁଳି ମାରୁଛି ତାକୁ କବଳ କରୁଛନ୍ତି ସେ ସର୍ପିଣୀ । ରସନା—ଜିହ୍ୱା । ଗୃଢେ—ଲୁଚିଏ । କାମ ଭାଙ୍ଗଲି—କନ୍ଦର୍ପ ସେ ଗାରଡ଼ୁଆ; ସାପୁଆକେଳା । ବିଷ—ଗରଳ, ଜଳ । ଏକାଳ କାଳ ଫଣିଏ—ଏ ବର୍ଷାକାଳ ଯମଧର । କାଳ କାଳିକା—କୃଷ୍ଣ ବା ଭୀଷଣ କାଳିକା ଦେବୀଙ୍କ ଅଙ୍ଗରେ ବା ମେଘଦେହରେ ଲୋକର ଭୟ ଜନ୍ମାଏ । ବିଯୋଗୀ—ବିରହୀ । ଅନ୍ତ—ନାଶ । ସ୍ୱନ—ଶବ୍ଦ

Digitized by srujanika@gmail.com

କରୁଥିବା ବର୍ତ୍ତମାନଙ୍କ ସ୍ଥଳରେ ଦାନ୍ତ ଶୁଖାଇବା । କମଳମଧ୍ୟେ—ଦେଖିବାକୁ ଉପଯୁକ୍ତ ହୋଇଅଛି ।

୮ । କାମ......ଦାନ—ପର୍ବ ହେଲେ ଲୋକେ ବ୍ରାହ୍ମଣଙ୍କୁ ଦାନ ଦିଅନ୍ତି । ଏଠାରେ ବିଯୋଗୀମାନେ କାମରୂପ ବ୍ରାହ୍ମଣ ହାତରେ ଜୀବନରୂପ ଧନ ଦାନ ଦେଲେ । ଦ୍ୱିଜ—ପକ୍ଷୀ ଓ ବ୍ରାହ୍ମଣ । କେକାକଳାପ—ମୟୂରପୁଚ୍ଛ । ମଘବାଚାପ—ଇନ୍ଦ୍ରଧନୁ । ଜନନୟନ ଆନନ୍ଦରୂପ—ଲୋକଙ୍କ ଚକ୍ଷୁର ଆନନ୍ଦକାରୀ ।

୯ । କଟିହିରତବାସ—ବିଜୁଳି ହେଲା କଟିର ହଳଦିଆ ଲୁଗା । ତ ଜଳ ଜଳନା—ତୁଳନାକର । ଘୋଷ—ଗର୍ଜନ । କରୁଣାଅମୃତବୃଷ୍ଟି—ଦୟାରୂପ ଜଳ ବର୍ଷା କର । ନିଧୁବନ—ରତି । ୧୦ । କମଳଦଳ ନୟନ—ପଦ୍ମନେତ୍ର ପରି ବିଶାଳ ଚକ୍ଷୁ । ହରି—କୃଷ୍ଣ । ହର—ହରଣ କର । ବିଜୁଳି ହେଲା ଗୋପୀ, ଘନ ହେଲା କୃଷ୍ଣ । ଘନରସ—ଜଳ ଓ ଶୃଙ୍ଗାର । ଶିଖିଶିଖଣ୍ଡ—କୃଷ୍ଣଙ୍କର ମସ୍ତକରେ ଥିବା ମୟୂରପୁଚ୍ଛ । ମନମନ ରବ—ରତିକାଳରେ ମନ୍ମଥଶବ୍ଦ । ପ୍ରଚଣ୍ଡ ନିର୍ଘୋଷ—ଘଡ଼ଘଡ଼ି ।

୧୧ । ପ୍ରେମତଟିନୀ—ପ୍ରେମରୂପ ନଦୀ । ଜ୍ଞାନକମଳ—ଜ୍ଞାନରୂପ ପଦ୍ମ ବୁଡ଼ି-ଯାଏ । ନିରନ୍ତର—ନଖଘାତ । ସୁବର୍ଣ୍ଣ ଧରଣୀ—ନାରୀର ଅଙ୍ଗ । ଇନ୍ଦ୍ରଗୋପ-କଦମ୍ବ—ସଧବାଙ୍କର ବୋଳୁମାନଙ୍କ ପ୍ରକଟ—ପ୍ରକାଶପାଏ । ଦୟିତ—ସ୍ୱାମୀ; କୃଷ୍ଣ । ମହାତାପ—ବାମର ପନ୍ଥା ।

୧୨ । ଦୁର୍ଦ୍ଦିନ—ଝଡ଼ବର୍ଷା ଦିନ । କଳ ନୋହିଲ—ଜଣାଯାଏ ନାହିଁ । କୁଧର ଶିରୁ—ପର୍ବତ ଶିଖରରୁ । ପଥିକଜନ—ବିଦେଶୀ । ତରଣୀ—ନୌକା । ଘନରସେ—ଜଳରେ ଓ ନବଢ଼ ଶୃଙ୍ଗାର ରସରେ (ନଇକୁ ଲକ୍ଷ୍ୟକରି) । କୁମ୍ଭବେଳା—କୁମ୍ଭରୂପ ନୌକା—ଏଠାରେ ଶୃଙ୍ଗାର ସୂଚିତ । ତାହିଁ ......କର—ଏଠାରେ ତାହା ଯୋଗାଡ଼ ନାହିଁ । ନିଜ ଘରକୁ ନେଇ ତା ସଙ୍ଗେ ରମଣ କରିବାକୁ ଡାକୁଅଛି । ତହିଁରେ ପଥିକ ତୁଷ୍ଟ ହେବ ।

୧୩ । ଶର୍ବରୀ—ରାତି । ୧୪ । ଚତୁର ମୁଖ—ବିଧାତା । ରହସ୍ଥଳକୁ—ଏକାନ୍ତ ସ୍ଥାନକୁ । କୁମୁଦ ଭୃଙ୍ଗ—ସଖୀଲେ କଇଁରୁ ଭ୍ରମର ପରି ବିଚ୍ଛେଦ ହେଲା । ବାର୍ତ୍ତା—କଥା । ପଦୁର—ପାଦ ଓ ଜଳ । ଘୂଙ୍ଗୁର—ଦୁଣ୍ଡ୍ରା ।

୧୫ । କଳକା—ପୀଡ଼ା । ୧୬ । କୃପାଣ—ଖଣ୍ଡା, ବାଁଡ଼ା ହେଲା ଖଣ୍ଡା । କାଳୀ ଗଉଡ଼ା—କାଳୀୟ ସାପକୁ ଦମନ କରିଥିବା କୃଷ୍ଣ । ୧୮ । କୃପା ସରିତ ପତି—ଦୟାସାଗର । କୃପାକଟାକ୍ଷୀ—ଦୟାଯୁକ୍ତ କଟାକ୍ଷ ପକାଉ-ଥିବା ନାରୀ ।

Digitized by srujanika@gmail.com

୧୯ । କଳକଣ୍ଠ—କୋକିଳ ପର କଣ୍ଠ । କେଳିକଳାପ-ସୁଖରଚନା—ସମସ୍ତ କ୍ରୀଡ଼ାସୁଖ ସର୍ଜ୍ଜନା କରୁଥିବା ନାୟିକା । ୨୦ । ଘାତ—ଦୋଷ । ଅବଧି—ପର୍ଯ୍ୟନ୍ତ । ୨୧ । ଯେବେ......ବୃନ୍ଦାବନରେ—ବୃନ୍ଦାବନରେ ତାଙ୍କ ମହିମା ଥିବା ଯାକେ । ହୃତ୍କଞ୍ଜ ପଦ୍ମ—ହୃଦୟରେ ପଦ୍ମ ନାଶ ହୋଇ ପର । କାଳସର୍ପ ବିଷବୃ—ଭ୍ରମରୁଷ ସାପର ବିଷ ବା କାଳୀୟନ୍ତ ନାଗର ବିଷ ।

୨୨ । ବାଳଣ—ମୂର୍ଖ । ଷମାମଣ୍ଡଳମଣ୍ଡନମାନଙ୍କର—ପୃଥିବୀସାଗର ଭୂଷଣ ଯେ । ପଣ୍ଡିତଙ୍କର ସନ୍ତାପ ବଢ଼ାଇବାକୁ ଦୁର୍ଜ୍ଜନମାନେ ବିଷ ଓ ଅଗ୍ନି ଅଟନ୍ତି । ଖଳ—ଦୁର୍ଜନ । ହଳ—ହଳାହଳ, ବିଷ । ଏ ସେନ—ଏଣୁକରି । ହିତ—ମଙ୍ଗଳକାଂକ୍ଷୀ । କଲେ........ବିମନ—ନାସ୍ତିକ ଲୋକମାନେ ନିନ୍ଦା କଲେ ମନରେ କାହିଁକି ମୋର ଦୁଃଖ ହେବ । ୨୩ । ଶାକର —କନ୍ଦ ।

କର୍ପୂରଧୂଳୀରଚିତାଳବାଳଃ କସ୍ତୂରିକାକୁଙ୍କୁମଲିପ୍ତଦେହଃ ।
ସୁବର୍ଣ୍ଣକୁମ୍ଭୈଃ ପରିଷିଚ୍ୟମାନୋ ନିଜଂ ଗୁଣଂ ମୁଞ୍ଚତି କିଂ ପଲାଣ୍ଡୁଃ ॥
ଶର୍କରା ଶତଭାରେଣ ନିମ୍ବବୃକ୍ଷଂ ପ୍ରରୋପୟେତ୍ ।
ପୟସା ସିଚ୍ୟତେ ନିତ୍ୟଂ ନ ନିମ୍ବୋ ମଧୁରାୟତେ ॥

କସ୍ତୁରୀକ..........ରଖନ୍ତି—କସ୍ତୁରୀକ ଭିତରେ ରଖିଲେ ଭିତ ଛାଡ଼ିଯାଏ ।

କସ୍ତୂରିକାଂ ରଚୟତି ମୃଗନାଭିସଂସ୍ଥାଂ ସୋଽସ୍ୟଂ ଯଶସ୍ତଦପି ହାରିତମେବ ଧାତା ।
ସା ସୂଚକସ୍ୟ ରସନାଗ୍ରଗତା ଯଦି ସ୍ୟାତ୍ତନ୍ମଲିନଂ ସ ଚ ତଥୈବ ବିଭୋଗୀ ଭୁଜଙ୍ଗାତ୍ ।

୨୪ । କ୍ଷ୍ୱେଡ଼—ବିଷ । ଗରୁଡ଼ ବଇରୀ—ସାପ । ଚନ୍ଦ୍ର—କର୍ପୂର । ଖଳ ରସନାପୁଟେ —ଦୁର୍ଜନମାନଙ୍କର ଜିଭରେ । ନାରୀନେତ୍ର ପ୍ରକଟେ—ସ୍ତ୍ରୀଲୋକଙ୍କର ନେତ୍ର କଟାକ୍ଷରେ । ସଂସାର ବୀଟେ—ଯେଉଁ ବିଷ ବଡ଼ ସେ ସଂସାରରେ ପଡ଼ିଛି ବାଛିନାଅ ।

କେଚିଦ୍ ବଦନ୍ତି ବିଷମସ୍ତି ଭୁଜଙ୍ଗଦଂଶେ
କେଚିଦ୍ ବଦନ୍ତି ବନିତାଧରପଲ୍ଲବେଷୁ ।
କେଚିଦ୍ ବଦନ୍ତି ଖଳଜନରସନାଗ୍ରଭାଗେ
ଦର୍ପୂରିଲେମ୍ପୁପରପୂରିତ ନାରିକେଳେ ॥

ବିଷ—ଗରଳ । ଅମୃତ—ସୁଧା, ଜଳ । କମଳଧର—ପଦ୍ମ ହାତରେ ଧରିଅଛନ୍ତି ଯେ । ଚଞ୍ଚଳାପଦ—ଲକ୍ଷ୍ମୀଙ୍କର ବାସସ୍ଥାନ, ଲକ୍ଷ୍ମୀ ବିଷ୍ଣୁଙ୍କର ହୃଦୟରେ ବାସ କରନ୍ତି । କାମୀଜନଙ୍କ ସନ୍ତାପଚ୍ଛେଦ—କାମନାକାଂକ୍ଷୀ ଲୋକଙ୍କର ଦୁଃଖନାଶକ । ହରିତାମ୍ବରମଣ୍ଡନ—ପୀତବସ୍ତ୍ରରେ ମଣ୍ଡି ହୋଇଅଛନ୍ତି ।

Digitized by srujanika@gmail.com

ମନସ୍ପୃତକ ତୋଷ—ମନ ଯେ ହେଲା ମୃତକ ତାହାର ଆନନ୍ଦଦାତା । ମେଘ-ପକ୍ଷରେ—କମଳଧର—ଜଳଧର । ଚଞ୍ଚଳପଦ—ବିଜୁଳି ରହିବା ସ୍ଥାନ, କାମୀଜନଙ୍କର ସନ୍ତାପ ଚ୍ଛେଦ—ବର୍ଷାକାଳରେ କାମୀମାନେ ତାଙ୍କର କାମିନୀଙ୍କ ସହିତ ମିଳିତ ହୁଅନ୍ତି, ତହିଁ ତାଙ୍କର ଦୁଃଖନାଶ ହୁଏ । ନିରତ ଅମ୍ବର ମଣ୍ଡନ—ନିରନ୍ତର ଯେ ଆକାଶକୁ ବ୍ୟାପିଛୁ, ନୀଳମଣି ସଦୃଶ ଯେ ଅକାଶ ତାକୁ ଶୋଭା କରୁଛୁ ଯେ—ଅର୍ଥାତ୍ ମେଘ ଆକାଶରେ ବ୍ୟାପିଛୁ । ମନ ମୃତକ ତୋଷ—ମନରୂପ ମୃତକର ତୋଷକାରୀ ।

୨୫ । ଅମୃତ ଦାନ—ମୁକ୍ତିଦାନ, ସୁଖ । କାମନାରୂପୀ—ଇଚ୍ଛାରୂପୀ ; ନିଜର ଇଚ୍ଛା ଅନୁସାରେ ବହୁବିଧ ରୂପ ଗ୍ରହଣ କରି ଅବତୀର୍ଣ୍ଣ ହୋଇଅଛୁ ବା ଭକ୍ତର କାମନାରୂପ ଧାରଣ କରି । ନୀଳକଣ୍ଠକନାଟକାରକ—ଶିବଙ୍କର ନୃତ୍ୟକାରୀ—ଶିବ ତୁମ୍ଭର ନାମ ଉଚ୍ଚାରଣ କରି ଉନ୍ମତ୍ତ ହୋଇ ନୃତ୍ୟ କରନ୍ତି । କାନନ ଧନଞ୍ଜୟ ନାଶକ—ବ୍ରଜରେ ବନଅଗ୍ନିକୁ ଭକ୍ଷଣ କରିଥିଲ । ଅନନ୍ତ ଗତ—ଅସୀମ ଗତ, ସର୍ବତ୍ର ତୁମ୍ଭର ଗତ । ଅନନ୍ତ ଗତ—କି ବାସୁକି ଉପରେ ଶୟନ କର । ହଳୀତୋଷକ—ବଳରାମଙ୍କ ଆନନ୍ଦକାରୀ । ଅର୍ଜୁନ...କରଣେ ଏକ—ପାଣ୍ଡୁପୁତ୍ର ଅର୍ଜୁନଙ୍କର ସାରଥି ହୋଇ ମନକୁ ସୁଖୀ କରିବାରେ ପ୍ରଧାନ ଅଟ । ଲବଙ୍ଗଳୟ ସୁନ୍ଦର—ନୀଳ ବର୍ଣ୍ଣ ସବୁ ବର୍ଣ୍ଣ ବୋଲି ସୁନ୍ଦର । ଭୁବନାନନ୍ଦ—ସଂସାରର ଆନନ୍ଦ-ଦାୟକ । ମେଘପକ୍ଷେ ଅମୃତ—ଜଳ । କାମନାରୂପୀ—ନିଜଇଚ୍ଛାରେ ବହୁରୂପ ଧାରଣ କଲେ । "ଜାନାମି ତ୍ୱାଂ ପ୍ରକୃତିପୁରୁଷଂ କାମରୂପଂ ମଘୋନଃ" ନୀଳକଣ୍ଠକ ନାଟକାରକ—ମୟୂରକୁ ନଚାଏ, "ନୃତ୍ୟନ୍ତି ଭୋଜନେ ବିପ୍ରାଃ ମୟୂରାଃ ମେଘଦର୍ଶନେ" । କାନନଧନଞ୍ଜୟନାଶକ—ବନର ଅଗ୍ନି ନିଭାଇ ଦିଏ । ଅନନ୍ତଗତ—ଆକାଶରେ ଗମନ କରେ । ହଳୀ ତୋଷକ—ବର୍ଷି ହଳିଆ ମନ ଖୁସି କରାଏ । ଅର୍ଜୁନସୁମନସବିକାଶ—ଅର୍ଜୁନ ଗଛରେ ଫୁଲ ଫୁଟାଏ । ଚିନ୍ତାମଣି—ଅମୂଲ୍ୟ ନିଧି—ଯାହାକୁ ଧରି ଯାହା ଇଚ୍ଛା କରିବ ତାହା ମିଳିବ । ଅର୍ଣ୍ଣବ—ଗର୍ବିକୁ । ଆନନ୍ଦକନ୍ଦ—ଆନନ୍ଦର ମୂଳ କାରଣ ।

୨୬ । ଲଟ—ଧନ୍ଦା । କଲ ସଘଟ—ଯୋଜନା କଲ, ସ୍ଥାପନ କଲ । ଙ୍କ ଙ୍କେ—କ ନମିତ୍ତ । ଲୁଣ୍ଠୁମଲଟ—ଉଅଁର । ବୋହୁଡେ ଗର୍ଲ କର୍ତ୍ତ—ଜାହାକରେ ତାକ ଗଲ ପରି, ସେ ଯେପରି ଚଳିବା ବୁଲିବା ଥାନ ନ ଦେଖି କ୍ଳାନ୍ତ ହୋଇଥାଏ ସେହିପରି କେତେବେଳେ କିଂକର୍ତ୍ତବ୍ୟବିମୂଢ଼ (କଣ କରିବ ବିଗୁରଶୂନ୍ୟ) । ମୂର୍ଖ ନାୟକ ଗୃହ—ମୂର୍ଖ ପ୍ରଭୁର ଭୃତ୍ୟ—ଘୋର ଅପମାନ ଓ ତିରସ୍କାର ସହିବାକୁ ହୁଏ । ଅଦୃଷ୍ଟେ ନଟ—ନଟ ଯେପରି

ରଙ୍ଗମଞ୍ଚରୁ ଅଦୃଶ୍ୟ ହୁଏ ସେହିପରି ସମୟ ସମୟରେ ଜନବୁଦ୍ଧେଶ ହେବାକୁ ପଡ଼େ । ବଧୀର ବ୍ୟକ୍ତି ପାଖରେ ଗାଉଥିବା ଭାଟ । ବଧୀର ବ୍ୟକ୍ତି ଭାଟର ଗାନ ଶୁଣିବାକୁ ଅକ୍ଷମ । ତେଣୁ ଭାଟର ପରିଶ୍ରମ ବୃଥା । (ଦୀନକୃଷ୍ଣଙ୍କ ଅପ୍ରୟୋଜନ କୃଷ୍ଣଭକ୍ତିକୁ ଲୋକେ ଆଦର କରୁ ନ ଥିଲେ) । ପଇଡ଼ ଖୋଳ୍ପ ମୁଠି ମର୍କଟ—ମାଙ୍କଡ଼ ଯେପରି କଷି ପଇଡ଼ ଖୋଳକୁ ମୁଠାରେ ଧରି ତାକୁ ନାମୁଡ଼ି ତା ଭିତର ପାଣି ପିଏ, ପାଣି ବୋହିଯାଏ ତାର ପେଟ ପୂରେ ନାହିଁ, ସେହିପରି ଦରିଦ୍ର ହୋଇ ଯାହା କଷ୍ଟ ପଦାର୍ଥରେ ପେଟ ପୂରେଇବାରେ ଜଳବଳ ହୁଏ ।

୧୭ । ନାମକୁସୁମ......ସୁରମ—ନାମରୂପ ଫୁଲରେ ଯତ୍ନ କରି ସୁନ୍ଦର ମାଳା କ କାବ୍ୟ ରଚନା କଲି । ମାଳାକାର—ମାଳୀ । ବେଷ୍ଟିତ—ବେଢ଼ିଥିବା ଧମ୍ମିଲ୍ଲବନ୍ତ—ସଯତ୍ନ କେଶ ଥିବା—ପୁଷ୍ପାଦିଯୁକ୍ତ ବନ୍ଧନ କେଶ ଥିବା ଲୋକ । ସାମବେଦୀଙ୍କ ବ୍ରତ—ଲକ୍ଷ୍ମୀ "କେଶାନ୍ତଃ ଷୋଡ଼ଶେ ବର୍ଷେ" ମନୁଃ—ସାମବେଦୀମାନଙ୍କର ୧୬ ବର୍ଷ ବୟସରେ ଗୋଦାନବ୍ରତ ହୁଏ (ଗୋ—କେଶ; ଦାନ—କର୍ତ୍ତନ) ।

୧୮ । କୃତ୍ୟ—ଅଧିକାର । ଗୁଣୀ—(ପରିହାସୋକ୍ତି) ଗୁଣବନ୍ତ । ଶିଶୁପଶୁ—ଛୁଆଛନ୍ଦୁ, ନିର୍ବୋଧ । ମହାଫଣୀ—ମହାସର୍ପ—କ୍ଷପଣ ।

୧୯ । ଜଳଜପୂଳ—ଜଳରେ ପଦ୍ମ । ଶଲ—ଶଲ୍ୟପରି ଯନ୍ତ୍ରଣାଦାୟକ ।

ସପ୍ତଦଶ ଛାନ୍ଦ

୧ । କମଳଧରେ—ଜଳଧରେ, ମେଘମାନେ । ବିଶଦ—ନିର୍ମଳ । କୃପଣ... ଗର୍ଜନେ—ଅମୃତ କ ଜଳ ଦେବାରେ କୃପଣ ହେଲେ ଅର୍ଥାତ୍ ମେଘ ବର୍ଷିଲେ ନାହିଁ । ଉଦ୍ଭବ ହେଲେ—ଜନ୍ମ ଜନ୍ମାଇଲେ । ଦ୍ୱିଜ—ବଗ । ପୁଷ୍ପବନ୍ତେ—ଚନ୍ଦ୍ର ଓ ସୂର୍ଯ୍ୟ । ୨ । କଲୂଷ—ମଳ । ସାରସ—ବଗ । କାମିନୀମାନଙ୍କ—ନିଜ ସ୍ତ୍ରୀଙ୍କ ସଙ୍ଗେ । କମଳାନେତ୍ର—ଲକ୍ଷ୍ମୀଙ୍କ ଚକ୍ଷୁ, ହରିଣୀ ଚକ୍ଷୁ । (କମଳ ଗୋଟିଏ ପୋଥିରେ ଅଛି) । କମଳ—ମୃଗ ତାର ସ୍ତ୍ରୀ କମଳା । ଛଟକ ଚଞ୍ଚଳ ଗତି । ଶଫରୀ—ଦଣ୍ଡକେରୀ ମାଛ । କାୟ—ଦେହ ।

୩ । ପୁଳିନ—ନଦୀ ବା ସମୁଦ୍ରତୀରସ୍ଥ ବାଲୁକାମୟ ସ୍ଥାନ, ବାଲିପଠା । ଜମ୍ବାଳ—କାଦୁଅ । ପୀତବାସ—ହଳଦିଆ ଲୁଗା । କେଦାର—ଧାନ-କିଆରୀ । ପକ୍ୱଶାଳୀ ପାଚିଲା ଧାନ । ୪ । ଝିଲ୍ଲୀମନ୍ତ୍ର—ଝିଙ୍କାରୀ । କାମ-ଦେବ...ବାଦ୍ୟେ—ମଦନ ରାଜାର ଧଳା ଚଅଁର ପରି । ଢାଙ୍କୁଣୀ—

Digitized by srujanika@gmail.com

ଖର୍ଫୁଲ୍ ପବନରେ ହଲୁଛୁ । ବନ୍ଧୂକ—ବଧୂଲି । କାନ୍ତାକାନ୍ତ ଦନ୍ତବସନ ତୁଲ—ସ୍ତ୍ରୀର ସୁନ୍ଦର ଦନ୍ତବସନ ବ ଓଷ୍ଠତୁଲ୍ୟ (ବନ୍ଧୁକଂଅଧରୀ)

"ତୁଲାଂ ଯଦାରୋହତି ଦନ୍ତବାସସା" କୁମାରସମ୍ଭବ ।

୫ । କାନ୍ତ...ତ୍ୟକତ—ସ୍ୱାମୀହୀନ ସ୍ତ୍ରୀପକ୍ଷ କଲାପୀ—ମୟୂର ଶରୀରରୁ ପୁଚ୍ଛ ପକାଇ ଓ ସ୍ୱଧ୍ୱନି ଛାଡ଼ି ଚୁପ୍ ହୋଇ ରହୁ (ମେଘକାଳରେ ମୟୂର ଧ୍ୱନି କରେ) ମାନସରୋବରକୁ ଛାଡ଼ଲେ (ହଂସ ଶରଦରେ ମାନସରକୁ ଛାଡ଼ିଦେଇ ଆସନ୍ତି)। ତାର...ଯନ୍ତ୍ରୀ—ଉଚ୍ଚସ୍ୱରରେ ଶବ୍ଦ କରଇ । କୀରେ—ଶୁଆମାନେ ।

୬ । କପର୍ଦ୍ଦିଯାନ—ବୃଷଭ । କ୍ଷୋଧିତରୁ—ବୃକ୍ଷବିଶେଷ, କୋରକିତ ହେଲେ—କଢ଼ିହେଲେ । କଳାକର ଖଣ୍ଡ—ଚନ୍ଦ୍ରଙ୍କର ଖଣ୍ଡ ପରି । କୃପଣ ଲୋକ—କୃପଣର ଶ୍ରୀକର ପରି, ମେଘ କୃପଣ ପରି ଅଳ୍ପ ଜଳ ବର୍ଷିବାରୁ ।

୭ । କମଳମୋଦକ-କୁମାର—ପଦ୍ମର ବନ୍ଧୁ ସୂର୍ଯ୍ୟ ତାହାଙ୍କର ପୁତ୍ର ଯମ—ତାହାର ଦିଗରେ—ଦକ୍ଷିଣ ଦିଗରେ କୁମ୍ଭମୁନିସୁତେ—ଅଗସ୍ତି ତାରା । କମଳନେତ୍ର—ଶ୍ରୀକୃଷ୍ଣ । କୁମୁଦବନ୍ଧୁ—ଚନ୍ଦ୍ର ।

୯ । କାଦମ୍ବକୁଳ—ରାଜହଂସମାନେ । କୁଞ୍ଜରକୁଞ୍ଜ—ହାତୀର ଦାନ୍ତ "କୁଞ୍ଜୋ-ଽସ୍ତ୍ରିୟାଂ ନିକୁଞ୍ଜେଽପି ହନୌ ଦନ୍ତେଽପି ଦନ୍ତିନାମ୍"—ବିଶ୍ୱ । କୁବଲୟ ଫଳମାଳ—ମୁକ୍ତାହାର ।

୧୦ । କରାଇଲ ପ୍ରତିବିମ୍ବ ବାରଣ—ଛାଇ ଦେଖି ଚଳୁ ନାହିଁ । ବାରଣକୁ—ହାତୀକୁ ଅଙ୍କୁଶ ରଖିଲା ପରି । ଆରଣ ଅଙ୍କୁଶ । ସୁଧାଲେପରୁ...ଦୂରକୁ—ଚୂନ ଲିପା ଥିବାରୁ ଜଣାଯାଏ ନାହିଁ ।

୧୧ । ଉତ୍ତ...ପ୍ରଭ—କାମର ବସ୍ତ୍ରର ପ୍ରଭାବ ।

୧୨ । କାଦନ୍ତ—ବଜାନ୍ତ । ଆଭୋଗ—ପୂର୍ଣ୍ଣତା, ବେଶ ପୂର୍ଣ୍ଣ କରି ପାରିଲା ନାହିଁ ।

୧୩ । କବରୀ—ଜୁଡ଼ା । ଧନ୍ଦା—ବଣା, ଧନ୍ଦି । କମଳଦଳନୟନେ—ପଦ୍ମପତ୍ର ପରି ଆଖିରେ । କଲା ଉଚ୍ଚାଟ—ଉଚ୍ଚାଟ ହୋଇ ହତଜ୍ଞାନ ହେଲା ।

୧୪ । କୃଷ୍ଣଶର୍ମ—କୃଷ୍ଣଙ୍କର ସଙ୍ଗସୁଖ । ୧୫ । କନ୍ଦର୍ପକରୀ—କାମର ହାତୀ (ସ୍ତ୍ରୀଲୋକମାନେ) ମୁଖରେ—ଶବ୍ଦ କରି । ବାସ ଅଞ୍ଚଳ—ପଣନ୍ତ ।

୧୬ । କନକ କୁମ୍ଭ...ଚୂମ୍ବେ—ସୁବର୍ଣ୍ଣ କୁମ୍ଭ ପରି ଉଚ୍ଚ କୁଚରେ ମୋତିମାଳ ଲଗିଛି । କାମ...ଶମ୍ଭୁଶିରେ—କାମ ହେଲା ମାଳୀ, ସେ ଶଙ୍ଖରେ ଦୁଧ ପୂରେଇ କୁଚଶମ୍ଭୁର ଅଭିଷେକ କରୁଛି । କାମଦ୍ୟୁମକ—କାମର ଦାଉ, ପଲକେ—କ୍ଷଣକରେ ।

୧୭ । କାମ କଉତୁକୀ—କାମକଉତୁକରେ । କାଦମ୍ବ—କଳହଂସ । ୧୮ । ସୁବର୍ଣ୍ଣରଥ—ସ୍ତ୍ରୀମାନେ ହେଲେ ସୁନାରଥ । ପ୍ରବଳ ରତ୍ନବରରେ—

Digitized by srujanika@gmail.com

ପ୍ରତ୍ୟେକ ରଥରେ ଚଢ଼ି । ୧୯ । ଭୂବଳୟ—ସମୁଦ୍ର । ଦକ୍ଷିଣାବୃତ୍ତ ଗୋଲ ହୋଇ ଖଣ୍ଡ ଆକାରରେ । ପରିବେଶ—ମଣ୍ଡଳ ।

୨୨ । ତାରକା—ଆଖିପୁଅ । ତାରକା ସନ୍ତୋଷ—ତାରାପରି ଫୁଲ ଉଠିଛି ।

୨୩ । କରଶାଖାରେ କର୍ଣ୍ଣକଣ୍ଡୂ—ଅଙ୍ଗୁଳିରେ କାନ କୁଣ୍ଡାଇଲା । ୨୫ । କବରୀଭର—କୁଡ଼ାକୁ ଓଲଟାଇ । ୨୬ । କୁରଙ୍ଗ—ମୃଗ । ଅନଳ ପତଙ୍ଗ—ନିଆଁରେ ପତଙ୍ଗ ପଡ଼ିଲା ପରି । ୨୯ । ଉପାଙ୍ଗ—ବାଦ୍ୟବିଶେଷ । ରବା—ବୀଣା ବିଶେଷ (ରୁଦ୍ରବୀଣା) ।

୩୧ । କଳାକର କରେ—ଚନ୍ଦ୍ର କିରଣରେ । ୩୨ । କରମ୍ବିତ—ମଣ୍ଡଳ ହୋଇ । କାଳସ୍କନ୍ଧ—ତମାଳଗଛ । ଆଲବାଳ—ଗଛମୂଳ ମଣ୍ଡା ବା ମଳା । କରିବାକୁ...ଭଙ୍ଗ—ତୁଳନା କରିବାକୁ ବଳ ପଡ଼ୁଛି । ୩୩ । ଗ୍ରାମ—ସ୍ୱରସମୂହ । କଳକଣ୍ଠକଣ୍ଠ—କୋଇଲି କଣ୍ଠ ପରି କଣ୍ଠ ଯାହାର । ଅଭିନୟ କୁଞ୍ଚିତ—ଅଙ୍ଗଭଙ୍ଗୀରେ ଧ୍ୱନି । ୩୪ । କମଳଦଳନେତ୍ର—ଶ୍ରୀକୃଷ୍ଣ । ବସନ୍ତବାସ—ପୀତବସନ ।

ଅଷ୍ଟାଦଶ ଛାନ୍ଦ

୧ । ସୁବାସ—ସୁଗନ୍ଧ । ଅପଲ୍ଲକ—ଚକ୍ଷୁ ପତା ନ ପଡ଼ିବା । ୨ । ଉଭା—ଠିଆ, ସେମାନେ ଠିଆ ହୋଇ ଦେଖୁଛନ୍ତି । ୩ । ଗନ୍ଧବହ—ପବନ ; ପବନ ଗନ୍ଧ ବହନ କରି ଓ କାଳନ୍ଦୀ ଜଳର ଶୀତଗୁଣ ଗ୍ରହଣ କରି ଅସ୍ତେ ଅସ୍ତେ ଗମନ କରୁଛି ।

୪ । ଚାରୁବାଦ୍ୟ—ସୁନ୍ଦର ବାଜା । କାଳକ୍ରିୟାରେ—ତାଳରେ; "ତାଳଃ କାଳକ୍ରିୟାମାନମ୍" । କରମ୍ବିତ ହୋଇ—ମିଶି, ଏକାଠି ହୋଇ । ହୋଇଛି ଭେଦ—ଭିନ୍ନ ଜଣାପଡ଼ୁଛି । ପ୍ରମୋଦ—ହର୍ଷ । ୫ । ବ୍ରହ୍ମବୀଣା—ନାରଦଙ୍କର ବୀଣା । ଲୟ—ଗୀତ, ବାଦ୍ୟ ଓ ପାଦବିନ୍ୟାସର କାଳକ୍ରିୟାର ସମତା "ତାଳଃ କାଳକ୍ରିୟାମାନଂ ଲୟଃ ସାମ୍ୟମ୍" ମାନ—ସଙ୍ଗୀତର ତାଳବିଶେଷ । ପ୍ରବୀଣ—ପଣ୍ଡିତ । ୬ । କୃଶ—କ୍ଷୀଣ, ଅତି ସରୁଆ । ପୃଥୁଳ ବିଶେଷ—ବେଶୀ ମୋଟା । ଭର—ଅଧିକ ।

୭ । କାନ୍ତକାନ୍ତେ—ଶୋଭାର ମନୋହାରିତାରେ (କାନ୍ତ-ମନୋହର, ଏଠାରେ ମନୋହାରିତା ଅର୍ଥରେ) । ୮ । ଅଶେଷ—କହିଲେ ସେ ଶୋଭା ସରିବ ନାହିଁ । କୃଷ୍ଣ ମାନସହଂସ—କୃଷ୍ଣଙ୍କର ମନ ହେଲା ମାନସରୋବରର ହଂସ ।

Digitized by srujanika@gmail.com

୯ । କାମଜର ଗୁପତଚ—କାମହାତରେ ଥିବା ଗୁପ୍ତି । କୃଷ୍ଣସର୍ପିଣୀ ଭ୍ରମର-ଶ୍ରେଣୀ—କାଳଅନ୍ତୀ ନାଗୁଣୀ ଓ ଭ୍ରମରଶ୍ରେଣୀକୁ କେଉଁ ଗୁଣରେ ତୁଳନା କରିବା । ୧୦ । କେ—କାଳଅନ୍ତୀ ନାଗୁଣୀ । କେ—ଭ୍ରମର ।

୧୨ । କଳଧୌତ ପଦ୍ମ—ସୁନାପଦ୍ମଶ୍ରୀ । ଏକୋଟିଙ୍ଗୁମା—ପାଟଫୁଲର କୋଟିଏ କୋଟିଏ ଥୋପା ସୁଖ ଦେଉଅଛୁ । ୧୩ । କଳନ୍ଦ···ବଳ—ଯମୁନା ଲହରୀ ବଳ·ଦଉଛୁ । ଅଳକାବଳ—ଚୂନଚୂନଅ ବାଳ । କୁନ୍ତଳ—ଛାଡ଼ା ଭଳକୁ ଥିବା ବାଳ । ଝଲ—ଶୋଭା ପାଉଛୁ । ଝଲଚ—ଅଳକାରେ ହଲୁଥିବା ସୁନାପଟୀ ।

୧୪ । କେଶଟଣୀ—ଓଲଟା ଖୋସା ହୋଇଥିବା ଜୁଡ଼ା । ତୋଷ—ଶୋଷ । ତୋଷ—ଚଞ୍ଚଳ । ୧୬ । କରବାଳ—ଖଣ୍ଡା । ୧୭ । ଊର୍ଦ୍ଧ୍ୱରେତା ହତଚେତା—ଶିବଙ୍କୁ ହତଜ୍ଞାନ କରେ । କୁସୁମେ···ପ୍ରବଳ—ସେ ଗନ୍ଧ ଚଳକ ଖଣ୍ଡାପରି ହୋଇଛି; ତହିଁରେ ଫୁଲ ଥିବାରୁ ନୀଳ ହୋଇଛି; କାମୀଙ୍କ ରକ୍ତରେ ଲାଲ ହେବାପରି ଜଣାପଡ଼ୁଛି ।

୧୮ । ଖଞ୍ଜନ ଗଞ୍ଜନ—ଖଞ୍ଜନ ପକ୍ଷୀକୁ ନିନ୍ଦା କରୁଅଛି । ୧୯ । ପବି—ବଜ୍ର ।

୨୦ । ଦର୍ପଣ ଝଲକ—କାଚ ଲାଗିଥିବା ଝଲକ (କାନର ଅଳଙ୍କାର) । କଳେବର···ପୁଲକ—ଦେହ ଟଙ୍କାରୁ ଉଏ । କରେ ସ୍ତବଡ···ପଲକ—ଦେଖିଲେ ଆଖିପତା ପଡ଼ୁନାହିଁ ।

୨୧ । ନାସେ—ନାକରେ । କାବ୍ୟତାର ମୋତି—ଶୁକ୍ରତାରା ପରି ଉଜ୍ଜ୍ୱଳ ମୋତି । କୁନ୍ଦନକୁ···ଜ୍ୟୋତି—ସୁନା ଅପେକ୍ଷା ତୋଷ ଦଶ । ଦନ୍ତ-ବାସ ପ୍ରତିବମ୍ବ—ଓଠର ଛବି ଥିବାରୁ ।

୨୨ । ହସ୍ତକ ହସ୍ତବନ୍ଧଶ୍ରୀ—ହାତ ଅଙ୍ଗୁଠି । କରମଣ୍ଡନମାନଙ୍କୁ—ବୀଣା ସହିତ ବା କଙ୍କଣାଦି । କରପାଶ—ହାତରେ ଥିବା ପାଶ ପରି । ୨୩ । ରଙ୍ଗ କତପା—ନାଲି ଲୁଗା । କାମ..ପ୍ରାୟେ—ନାଲି ଲୁଗାରେ ତଆରି ହୋଇଥିବା କାମର ଘରପରି ।

୨୪ । ଲେହତ...ବାର—ନାଲି କାମ୍ବୁଲୀ ମେଘପରି ହେଲା—ତହିଁ ଉପରେ ପଡ଼ିଥିବା ଗଜମୋତିହାର ତାରାପରି ହେଲା । ନାଲି ମେଘରେ ପଡ଼ିଥିବା ତାରାମାନେ ଉଦ୍ବେ ହୋଇ ନାଭକୁ ଖସି ପଡ଼ୁଛନ୍ତି କି ?

୨୮ । ପ୍ରବନ୍ଧ—ଗୀତ । ଛାୟା ଲାଗେ ପ୍ରୀତି—ପ୍ରେମର ଛାୟା ଲାଗେ ।

୨୯ । ଚିତ୍ରପଦ—ନାନାରଙ୍ଗର ଗୀତ ।

୩୨ । କୁବଳୟ—ସମୁଦ୍ର ।

୩୫ । ନେପଥ୍ୟ—ଭୂଷଣ, ବେଶଭୂଷା ପିନ୍ଧିଲେ ।

Digitized by srujanika@gmail.com

ଊନବିଂଶ ଛାନ୍ଦ

୨ । ଅଧାହାର—ବଗୁର ବା ତର୍କଶ୍ୱା । ଅମୃତକରୁ—ଚନ୍ଦ୍ରଙ୍କଠାରୁ ।

୩ । ପୂର୍ଣ୍ଣମୀ ହର—ପୁନେଇଁ ଜହ୍ନ । କେଳୁମୁଣ୍ଡ—ରାହୁ । ୪ । ଦୃଷ୍ଟି କୁନ୍ତଳରୁ ଭ୍ରମର ଓ କୁଣ୍ଡଳକୁ ଚକୋର ସଂହତ ଉତ୍ପ୍ରେକ୍ଷା କରାହୋଇଛି । ଭ୍ରମର ପଦ୍ମମୁଖର ସୁବାସ ପାଇଁ ଚକୋର ମୁଖକାନ୍ତି ଚନ୍ଦ୍ରମା ଜ୍ୟୋତ୍ସ୍ନା ପାଇଁ କଳି କରି ଏଠାରେ ରହିଅଛନ୍ତି କି ?

୫ । ବାସମୁଖେ—ଲୁଗା ଦେଇ । କୁଣ୍ଡଳୀ—ସାପ କାଣ୍ଡସ୍ପର୍ଶ ଗନ୍ଧ ପରି କାଷଲ୍ଲ ବାହାର କରେ । ୬ । କାଞ୍ଚୀ—ଅଣ୍ଟାସୂତା । କଟକ—ଖଡ଼୍ । ଅର୍ଦ୍ଧଶାୟୀ—ଟେକ ହୋଇ ଶୋଇଛି । ୭ । କୁବଳୟଦଳଶ୍ୟାମ—ନୀଳକଇଁ ପତ୍ରର ବର୍ଣ୍ଣପରି ସୁନ୍ଦର ଶ୍ରୀକୃଷ୍ଣ । ବାମ ହେଲେ—ପ୍ରତିକୂଳ ହେଲେ ।

୯ । ମସ୍ତକୁହଶିରେ—ଗଛ ଅଗରେ । କପିବର—ହନୁମାନଙ୍କୁ । କୃଷ୍ଣରଥ ପ୍ରାନ୍ତେ—କପିଧ୍ୱଜ ରଥ ପରି । ୧୦ । ଦ୍ୱିଜରାଜ—ପକ୍ଷୀଶ୍ରେଷ୍ଠ । କମ୍ବୁ ଚକ୍ରଧର ପଦ—ଶଙ୍ଖଚକ୍ରଧାରୀ ବିଷ୍ଣୁଙ୍କ ବାହନ ଗରୁଡ଼ । ୧୧ । ସୁମନେ—ଫୁଲରେ ଓ ଦେବତାରେ । ଗଗନ—ଦେବତାମାନେ ଆକାଶରେ ଥାନ୍ତି ।

୧୨ । କୁସୁମକାଣ୍ଡକୁ—କାଣ୍ଡପରି ଫୁଲ ଏବଂ ଫୁଲଶର । କପାଳକରବଇରୀ—କପାଳ (ବ୍ରହ୍ମାଙ୍କ) କରରେ ହସ୍ତରେ ଯାହାଙ୍କର—ସେ ଶିବ ତାଙ୍କ ବଇରୀ କାମ । ୧୩ । ସାରଫଳ—ଚଉପଟ, "ଅଷ୍ଟାପଦଂ ସାରଫଳମ୍"

୧୪ । କୃଷ୍ଣ କାଣ୍ଡ ଶୟନରେ—ପିପ୍ପଳୀ ଗଛର ଗଣ୍ଡି ଶୋଇପଡ଼ି । ମହାବ୍ରତମତି—ଭୀଷ୍ମ, ସେ ଶରଶଯ୍ୟା କରିଥିଲେ ।

୧୫ । କେକୀ...ସୁନ୍ଦର—ମୟୂର ଉପରେ ସୁନ୍ଦର ଦିଶୁଛି । ଗଜପତିଗତି—ହସ୍ତି-ଗମନା । ଶକ୍ତିଧର—କାର୍ତ୍ତିକେୟ, ସେ ମୟୂର ଉପରେ ସୁନ୍ଦର ଦିଶନ୍ତି ।

୧୬ । କୁନ୍ଦନ·ପଟେ—ସୁନା ପଟରେ । ୧୭ । ମନ୍ଦର—ବାସ । ୧୮ । କଉମୁଦୀ—ଜ୍ୟୋତ୍ସ୍ନା ଓ ଗଦା । କଣଳସ୍ଥ ସନ୍ଧି ଭେଦ—କଅଁଳିଆ ପତରର ଅନ୍ଧ ସନ୍ଧିରେ ପ୍ରହାର କରୁଅଛି ।

୧୯ । ବେଦପଢନ୍ତ—ବ୍ରହ୍ମାଙ୍କୁ । ନବେଦ—ହତଜ୍ଞାନ । ୨୧ । କୁନ୍ତଳ ସମ ମଞ୍ଜୁଳ—ବାଳପରି ସୁନ୍ଦର । ୨୨ । କଳେବରଯାକ ସମାନ—ଦେହ ସଙ୍ଗରେ ଯାହା ତୁଳନା କରାଯାଏ, ସେ ସବୁ । ୪ । କଳାକର କଳା—ଚନ୍ଦ୍ରଙ୍କର କିରଣ । ହାରି—ହାର । ୨୫ । ·କଂଶଳସ୍ଥ—କଅଁଳିଆ ପତ । ୨୬ । ଅବତଂସ—କର୍ଣ୍ଣଭୂଷଣ । ମଦନ୍ଜଳା—କାମରେ ବିକଳର ।

୨୮ । କନକ......ଗଣ୍ଡଦେଶେ—ସୁନା ଦର୍ପଣଖଣ୍ଡ ପରି ଗଣ୍ଡଦେଶରେ ।

Digitized by srujanika@gmail.com

୨୯ । କବରୀରେ—ଜୁଡ଼ାରେ । କୁସୁମେ ବେଶ କୁସୁମେ ସୁବେଶ—ଢାମପର ସୁନ୍ଦର ଶ୍ରୀକୃଷ୍ଣ ଫୁଲରେ ଗୋପୀଙ୍କର ବେଶ କରନ୍ତି । ଖଞ୍ଜନଦୃଶା—ଗୋପୀ । ୩୦ । ପତ୍ରାବଳୀ—ଛିଟା, କୁରଙ୍ଗମଦ—କସ୍ତୁରୀ । ମକରୀ—ମକରୀକା—ଚିତାପାଟି ।

୩୧ । କୁରଙ୍ଗଲକ୍ଷଣ—ମୃଗାଙ୍କ, ଚନ୍ଦ୍ର । ମୁଖରେ କଳଙ୍କ ନ ଥିଲା—ବର୍ତ୍ତମାନ ଚିତାପାଟି ହେବାରୁ କଳଙ୍କଯୁକ୍ତ ହେଲା । ପ୍ରଥମରେ ଚନ୍ଦ୍ର ମୁଖଠାରୁ ହାରିଥିଲା, ବର୍ତ୍ତମାନ ମୁଖରୁ ନିଜ ପରି କଳଙ୍କଯୁକ୍ତ ହେବାର ଦେଖି ସୁଖୀ ହେଲା । ୩୨ । କଜ୍ଜଳ—କଳାଯୁକ୍ତି ହେବାରୁ (ଖଞ୍ଜନ) ଗୁଳାକଳା ଚଢ଼େଇର ଡେଣା ପରି ହେଲା ।

୩୩ । ୩୪ । କୁଟକେତୁ... ..ଅମ୍ବୁଜ—କୃଷ୍ଣ ଆଖି ଗଢ଼ିଲାବେଳେ ଶୀତଳ ପାଣିରେ ହାତ ଧୋଇଲେ । ଆଖିରେ କଳା, ଧଳା, ନାଲି ତିନୋଟି ରଙ୍ଗ ଥିଲା । ତେଣୁ ତାହାର ସେହି ରଙ୍ଗ ଥିବାରୁ କଳା, ଧଳା ଓ ନାଲି ପଦ୍ମ ହେଲା । ୩୫ । କଞ୍ଜ—ବ୍ରହ୍ମା—ରଜ, ନାଲି । ଶିବ—ତମ, କଳା; ବିଷ୍ଣୁ—ସତ୍ତ୍ୱ, ଧଳା । କାମର ସୃଷ୍ଟିର ସର୍ଜନା, ପାଳନା ଓ ବିନାଶ କରିବା ପାଇଁ ଆଖିରେ ବ୍ରହ୍ମା, ଶିବ, ବିଷ୍ଣୁ (ରଜ, ତମ ଓ ସତ୍ତ୍ୱ) ଙ୍କର ତୁଳନାରେ ନାଲି, କଳା ଓ ଧଳା ତିନୋଟି ରଙ୍ଗ ରହିଅଛି । ଜାତ—ସର୍ଜନା । ହୃତ—ବିନାଶ । ଅର୍ଥେ—ପାଇଁ । ପ୍ରତିଭ—ତୁଳନା ।

୩୬ । ଫୁଲପତ୍ରୀ—ଫୁଲଶର । ବାମନେତ୍ରି—ଟେଢ଼ା କାମିନି । ୩୮ । କୃମ୍ଭକାର ଟୋକ ଯେଉଁ ପୋକ ମାରେ, ତାକୁ ନିଜ ରୂପରେ ପୁଣି ବଞ୍ଚାଏ, ସେହିପରି ତୁ କଟାକ୍ଷରେ ରଖୁ ଓ ମାରୁ । ତା ବଢ଼ାଇ—କନ୍ଦର୍ପ ଗର୍ବ । ୪୦ । ଅଗ୍ରଣୀ—ଆଗରେ, ପ୍ରଥମରେ । ୪୧ । ଗର୍ଭ—ରସପୂର୍ଣ୍ଣ । ୪୨ । ଉଜ—ଉଜ୍ଜ୍ୱଳ, ତେଜ ।

ବିଂଶ ଛାନ୍ଦ

୧ । କେଳିତପ୍ରଭ—ରତିପ୍ରଭବ । ୨ । କନକଲତା—ସୁନାଲତା, ଗୋପୀ । ନବତମାଳେ—ନଜା ତମାଳଗଛରେ, ଶ୍ରୀକୃଷ୍ଣଙ୍କ ଦେହରେ । ରାଜାପଟେ—ନେଳିଆ ପାଟଶାଢ଼ୀ । କୁନ୍ଦନରେଖା—ସୁନାଧଡ଼ି । ୩ । ବ ଚନ୍ଦ୍ର କରେ...ପାଇ—କୁଣ୍ଡରେ ଅଧେ ଚନ୍ଦ୍ରକିରଣ ପଡ଼ିଅଛି ଓ ଅଧେ ଛାଇ ହୋଇଅଛି । ମରକତ ପଞ୍ଜରୀ—ମରକତ ମଣିର ପଞ୍ଜୁରୀ ମଧ୍ୟରେ । କୀର—ଶୁଆ, ନେଳିଆ । ବସନ୍ତ—ହଳଦୀ ବସନ୍ତ, ହଳଦିଆ ।

Digitized by srujanika@gmail.com

୪ । ନିରନ୍ତର—ସର୍ବଦା । ୫ । ଉର—ସ୍ତନ । କାନ୍ତାଅଙ୍ଗରେ ମନମଥ ଜଗାଇ—ଚନ୍ଦ୍ରଗୃଳନା ଭଳି—ମସ୍ତକଠାରୁ ପାଦ ପର୍ଯ୍ୟନ୍ତ ପ୍ରଥମ ପକ୍ଷ ଓ ଅପର ପକ୍ଷ ପାଦରୁ ଶିର ପର୍ଯ୍ୟନ୍ତ କାମ ଜନ୍ମାଇବାର ସ୍ଥାନ ଅଛି । ତାରୁ ସ୍ପର୍ଶାଦିରେ କାମଭାବ ନାରୀ କାୟାରେ ଜନ୍ମାଇ ।

ଅଙ୍ଗୁଷ୍ଠେ ପଦଗୁଲ୍ଫଜାନୁଜଘନେ ନାଭୌ ଚ ବକ୍ଷଃସ୍ଥଳେ ।
କକ୍ଷାକଣ୍ଠକପୋଳଦନ୍ତବସନେ ନେତ୍ରାଳକେ ମୂର୍ଦ୍ଧନି । ଇତ୍ୟାଦ୍ୟସ୍ୟ ।

କୃପାଲୋଳ—କରୁଣା ବା କାରୁଣ୍ୟ ଭରରେ ଚଞ୍ଚଳ । କ୍ରୌଞ୍ଚସ୍ୱର—କ୍ରୌଞ୍ଚ ପକ୍ଷୀର ସ୍ୱର, ମଧୁର କରୁଣ ସ୍ୱରରେ ।

୬-୯ । ପ୍ରେୟସି—ତୋତେ କଣ ଦେବାକୁ ଡାକିବ । ଫୁଲମାଳ ତ ପରେ ପକାଇ ଦିଅନ୍ତି, ତିଳକ ତ ଅଲକ୍ଷଣ ରହେ, କଲାଜୋଳା ପ୍ରତିମା ତ ଦେଖି ହେଉ ନାହିଁ । ହାରର ତ ନାମ କଣ୍ଠଭୂଷଣ; କଣ୍ଠମଣ୍ଡନା ନାମ ତହୁଁ ଯୋଗାଉ ନାହିଁ, କର୍ପୂର ଶୁଖିଲେ ଝଡ଼ିପଡ଼େ, ତେଣୁ ତ ଲୋକେ କାମ ସରିଲେ ପଚାରନ୍ତି ନାହିଁ । ୧୦ । ଯାହୁଁ ପୂର୍ବର ଯାହୁଁ ଭାସ୍କର ପାଇ—ଯାହୁଁ ଆକାଶ ଯାହୁଁ ଜଳ—ଆକାଶରେ ସୂର୍ଯ୍ୟ, ଜଳରେ ପଦ୍ମ । ଦୁଷ—ତାର । କମଳକୁ—ଜଳକୁ । ଭ୍ରମଳ—ଭ୍ରମର । ୧୨ । କୁଟଜ—ପିତା କୁଡ଼ୋଇଫୁଲ, ଗିରିମଲ୍ଲୀ ।

୧୪ । କଣ୍ଠଗ୍ରୀବକ—କଣ୍ଠଭୂଷଣ, କଣ୍ଠହାର । ୧୬ । କଳ ଏବେ......ପ୍ରମୋଦ—ସୁନ୍ଦରୀ ତୁ ଗୋଟିଏ ଅଦ୍ଭୁତ ବୀଣା ହେଲୁ, ତୋହରି ସ୍ତନ ହେଲା କନକତୁମ୍ବୀ—ସୁନାଲାଉ; ସୁକଣ୍ଠ—ତୋହର ସୁନ୍ଦର କଣ୍ଠ ହେଲା ବୀଣାର ତାର ସବୁ (କଣ୍ଠର ଶିରା ସବୁ ହେଲା ତାର) କରଜଘାତ—ନଖ କ୍ଷତରେ । ପ୍ରମୋଦ— ହର୍ଷ ।

୧୭ । କେତେ ରାଗ—କେତେ ସ୍ନେହ, କେତେ ସ୍ୱର । କୃତଯନ୍ତ୍ର—ମନୁଷ୍ୟକୃତ ବାଦ୍ୟଯନ୍ତ୍ର । ୧୮ । ଦାସବତ୍ସଳବାନା—ଭୃତ୍ୟସ୍ନେହରେ ବଶୀଭୂତ ହେବା ଧର୍ମ ଯାହାଙ୍କର । ପରଶମଣି—ପରଶୁ ପଥର । ୧୯ । ଭସ୍ମ—ବିଭୂତି । ଉନ୍ମତ୍ତ ବା ଏ ଗୁଣ ଅଛି ତାକୁ ମହାଦେବ କ୍ଷୟରରେ ବୋଲି କହନ୍ତି ।

୨୦ । କଳାନିଧି—ଚନ୍ଦ୍ର, ଅମୃତ ଶରୀର । କଳଙ୍କକୁ—କଳାଚିହ୍ନ, ଶଶାଙ୍କ, ତାକୁ ହୃଦୟରେ ଚନ୍ଦ୍ର ଧରିଛନ୍ତି । କରନ୍ତି ନାହିଁ ଆନ ହେଲେ ଲକ୍ଷଣ ଶୁଭଲକ୍ଷଣଯୁକ୍ତ ହେଲେହେଁ ପଦାର୍ଥକୁ ମର୍ଯ୍ୟାଦା କରନ୍ତି ନାହିଁ । ଆନ—ମର୍ଯ୍ୟାଦା । ୨୧ । କଳାକେ—ଷୋଳକଳା ମଧ୍ୟରୁ କଳାଏ ଥିଲେ । ଚକୋର—ପକ୍ଷୀବିଶେଷ, ଯେ ପକ୍ଷୀ ଚନ୍ଦ୍ରକିରଣ ପାନରେ ତୃପ୍ତ ହୁଏ । କହିଁତେ ଯଶ—ଗୃହକକୁ ଅଳପ ଜଳ ଦେଇ ମେଘ ଯଶ ପାଏ । ୨୨ । ଉଭା—ଉଡ଼ିତ । ପ୍ରଭୃ—କେତ୍ୟାଣ ।

Digitized by srujanika@gmail.com

୨୫ । କନକଲତା—ସୁନାଲତା ଏଠାରେ ରାଧା । ନବତମାଳ—ଏଠାରେ କୃଷ୍ଣ । କାନନଗଗନ—ବନରୂପ ଆକାଶରେ । ୨୬ । କପର୍ଦ୍ଦୀ—ମହାଦେବ । କେଳଣ୍ଠ—ରଣ୍ଡ । ୨୭ । କମଳରୁ କମଳ—ପଦ୍ମରୁ ପଦ୍ମ । ଏଠାରେ ଚରଣ ପଦ୍ମ ହେଉଛି । ପୃଥିବୀ କି ତପ କଲା ସେ ଜଳରେ ଫୁଟିବା ପଦ୍ମ ସ୍ଥଳରେ (ଶୁଷ୍କ ଭୂମିରେ) ଫୁଟିଲା ।

୨୮ । କୁସୁମିତ ବଲ୍ଲରୀ—ଫୁଲ ଫୁଟିଥିବା ଲତା । କିଶୋର କିଶୋରୀଙ୍କୁ—ରାଧାକୃଷ୍ଣଙ୍କୁ । ୨୯ । ନମ୍ରତା—ନଇଁପଡ଼ । ତର୍ଯ୍ୟକ—ବଙ୍କ, ବଙ୍କା । ପଦ୍ମଣ୍ଡ ମଣ୍ଡାଇ—ପାଦ ଗୃଳନ କରାଇ । ୩୧ । ଶ୍ରାନ୍ତେ—କ୍ଳାନ୍ତରେ ।

୩୨ । କଳକଣ୍ଠବରମୀ—କୋକିଳଭ୍ରପୀ । ୩୩ । କଳାପର୍ବତ—ଏଠାରେ ଶ୍ରୀକୃଷ୍ଣ । କନକ ଶୃଙ୍ଗ—ସୁନାର ପର୍ବତଶୃଙ୍ଗ—ନାୟିକା । ନୀଳମଣି ପ୍ରାସାଦ—ନୀଳମଣିପଥରରେ ତିଆର ହେବା ଅଟ୍ଟାଳିକା । ନିକେତନ—ଗୃହ ।

ଏକବିଂଶ ଛାନ୍ଦ

୧ । କେଶବ ଅଂଶରେ—କୃଷ୍ଣଙ୍କର ସ୍କନ୍ଧରେ । ମାନସରେ—ମନରେ । ଦକ୍ଷିଣ ନାୟକ—ବହୁକାନ୍ତାପ୍ରିୟ । ଅନୁକୂଳ—ସ୍ନେହ । ଫୁଲଗଭା—ଫୁଲମାଳ ।

୨ । ଦେବରାୟେ—କୃଷ୍ଣଚନ୍ଦ୍ର । କୁସୁମ ଅବଚୟ—ପୁଷ୍ପ ସଂଗ୍ରହ, ଫୁଲ ତୋଳିବା ।

୩ । କୃପଣ ସାମନ୍ତ—କୃପଣ ସାଆନ୍ତ । ଲେଙ୍କା—ଲେଙ୍କା ଭୃତ୍ୟ । ମୁଷଇ—ଘୁଡ଼ାଇ । ଦନ୍ତଚେଳ—ଓଷ୍ଠ । କୋକନଦାଙ୍କିତ—ରକ୍ତପଦ୍ମାଙ୍କିଣା । ୪ । କୁରରୀ—ପକ୍ଷିବିଶେଷ "ଉଚ୍ଚୈଃକୋଶନ୍ତୁରରୀ ସମୌ"; କ୍ରନ୍ଦନଶୀଳ ପକ୍ଷୀବିଶେଷ (A wailing bird) । କଦନ—ପୀଡ଼ା । କି କହୁ ଇତ୍ୟାଦି—ଅମୃତମୟ କଥା କହି କଣ କଲ । କରୁଣା...ଦୁର୍ଦ୍ଦଶା—କେବଳ ମନ୍ଦଦଶା ଦୟାର ବୃକ୍ଷରେ ନିରାଶକୁ ପ୍ରତ୍ୟକ୍ଷ ଫଳାଇଲୁ ବା "ଫଳାଇଲ" ଏ ପାଠ ଗ୍ରହଣ କଲେ 'ହେ କୃଷ୍ଣ କରୁଣାବୃକ୍ଷରେ କି ତୁମ୍ଭଠାରେ ପ୍ରତ୍ୟକ୍ଷରେ ନିରାଶକୁ ଫଳାଇଲ ଏ କି ଦୁର୍ଦ୍ଦଶା ମୋହର ।'

୫ । କୋଳ—ଶୂକର, ବରାହ, । କେବଳ—କେଦେମାଣ—ପ୍ରଭୁ ଅନ୍ୟାୟ କଲେ ଶାଢି ଅଳଙ୍କରେ ଅନ୍ୟଥା ହୁଏ । ୬ । କୃଷ୍ଣବର୍ତ୍ମା—ଅଗ୍ନି । କପାଳୀ—ମହାଦେବ । ଭୁଜାବଳି—ପ୍ରେଚଣ୍ଡ । ପାଠାନ୍ତରରେ

Digitized by srujanika@gmail.com

"କ କ ପ୍ରକାରେ ହୋଇ କୁତ ବଳ" କେଉଁ ପ୍ରକାରରେ ବଳ ପଡ଼ ଭୁକ୍ତ ହୁଏ ଶଳ—ଶବ୍ଦ ।

୮ । କାହିଁକି—କେଉଁ ସ୍ଥାନକୁ । ୯ । କଳାବନ୍ତ—କାଳିଆ । କୃଷ୍ଣମୁଖ—ଅଗଭର । ଶିଳୀମୁଖ—ଭ୍ରମର । ଭ୍ରମର କାଳିଆ, କୃଷ୍ଣ କାଳିଆ, ଭ୍ରମର ଯେପରି ଫୁଲରୁ ରସ ଗ୍ରହଣ କରି ଆଉ ଫୁଲ ନିକଟକୁ ଆସେ ନାହିଁ ସେହିପରି ମତେ କୃଷ୍ଣ କଲେ ।

ମନ୍ମଥ—ମନରୁ କାମ ଜାତ ହୁଏ ବୋଲି ତାର ନାମ ମନସିଜ—ସେ ମନରୁ ଜାତ ହୋଇ ମନକୁ ପୀଡ଼ା ଦିଏ । କାମର କଣ୍ଠ କାଳିଆ—ସେ ଦୁଃଖ ଦିଏ; କୋଇଲି କାଳିଆ ସେ କାନକୁ କଷ୍ଟ ଦିଏ ।

୧୦ । କଳାନାଗ—କାଳସର୍ପ ନାଗ । ପୟ—ଦୁଗ୍ଧ, ତାକୁ ଦୁଧ ଖାଇବାକୁ ଦେଲେ ମଧ୍ୟ ବିଷ ଛାଡ଼େ ନାହିଁ କିନ୍ତୁ ତାର ବିଷ ବଢ଼େ (ସର୍ବଥୋଽପି ଭୁଜଗଃ ପୟସା ନ ବଶ୍ୟସ୍ତତ୍ପାଳକାନପି ହନ୍ତି ବଳେନ ସିଂହଃ । ଦୁଷ୍ଟଃ ପରୈରୁପକୃତସ୍ତଦନନ୍ତକାରୀ ବିଶ୍ୱାସଲେଶ ଇହ ନୈବ ବୁଧୈର୍ବିଧେୟଃ ।) ସେ କାଳିଆ—କଷ୍ଟ ଦିଏ । କୁଟିଳ ବଶହିଁ—ମନ୍ଦସ୍ୱଭାବ ବଶରୁ ଅର୍ଥାତ୍ ଦଂଶନ କରିବାରେ ଲୋକଙ୍କ ଦେହ (ସନ୍ନିପାତରେ) ପାଣି କରିଦିଏ—ନାଶ କରେ । ୧୧ । ପଦ୍ମପତ୍ରାକ୍ଷକୁ—ପଦ୍ମପତ୍ରତୁଲ୍ୟ ଅକ୍ଷି ଯାହାର—କୃଷ୍ଣଚନ୍ଦ୍ରଙ୍କୁ ।

୧୨ । ଜଳଧରଜିତକାନ୍ତ—ମେଘାବର୍ଣ୍ଣର, ହଳଦିଆ । କେକିକଳାପକଳାପଚୂଳୀଅ—ମୟୂରପୁଚ୍ଛସମୂହ ଶିରରେ ଯାହାଙ୍କର ।

୧୩ । କୁବଳୟଦଳ—ନୀଳକଇଁ ପତ୍ର । କୋଷ—ଖମ୍ବ । କମଠ—କଇଁଛ । ବଇକୁଣ୍ଠ—କୃଷ୍ଣ । ଦକ୍ଷିଣ—ଅନ୍ୟର ଅଭିପ୍ରାୟ ଅନୁଯାୟୀ ଯେ କାର୍ଯ୍ୟ କରେ, ଯେ ସମସ୍ତଙ୍କୁ ସନ୍ତୁଷ୍ଟ କରେ । ଅଦକ୍ଷିଣ—ବାମ, ପ୍ରତିକୂଳ ।

୧୪ । କରୁଥାଅ ନିଜ ଇତ୍ୟାଦି—ହେ ତମାଳ, ତୁ ଆମ୍ଭର ଦଶା ଦେଖି ଦୁଃଖ କରୁ ନାହୁଁ ; କାରଣ ତୁ ତାଙ୍କର ମିତ୍ର—ବର୍ଣ୍ଣରେ ଉଭୟ ସମାନ କଳା; ସେ ବ୍ରାହ୍ମଣ ପାଦକୁ ହୃଦୟରେ ବହୁଛନ୍ତି । ତୁ ପକ୍ଷିର ବସା ଦେହରେ ଧରୁଛୁ, ସେ କଠିଣ ହୃଦୟ, ତୁ ମଧ୍ୟ କଠିଣ । ଗରଳ—ବିଷ ।

"ବିଷମପ୍ୟମୃତଂ କ୍ୱଚିଦ୍ ଭବେଦମୃତଂ ବା ବିଷମୀଶ୍ୱରେଚ୍ଛୟା ।" (ରଘୁ ୮-୪)

୧୫ । ହେ ଅଶୋକ ! ତୁମ୍ଭେ ଆମ୍ଭ ଶୋକ ଦୂର କର, ତୁମ୍ଭେ ମୂକ କିଆଁ ହେଲ; ତୁମ୍ଭ ନାମ କଣ ରାକ୍ଷସଙ୍କ ନାମ ପୁଣ୍ୟଜନ ପରି; ମଙ୍ଗଳନନ୍ଦନଙ୍କ ନାମ ମଙ୍ଗଳଙ୍କ ପରି ହେଲା । ରାକ୍ଷସମାନେ ପ୍ରକୃତରେ ଅପୁଣ୍ୟଜନ ଓ ମଙ୍ଗଳ ଅମଙ୍ଗଳକାରୀ ଅଟନ୍ତି । ତୁମ୍ଭେ ସେହିପରି ନାମ ଧରି ଶୋକଦାୟକ ଅଟ । ବିରହୀଙ୍କି ଦୁଃଖ ଦେଉଛ ଯେ ବରଂ ତାକୁ କାହିଁକି ବିଗ୍ରହଜନ କହିବା ।

Digitized by srujanika@gmail.com

କାହିଁକି ନିମିତ୍ତ ତାକୁ ଭଗବାନ ବୃଥାରେ ନିନ୍ଦନାମ ଦେଲେ । ଏହା ହରଙ୍କର ଦୋଷ, ନିନ୍ଦର ନୁହେଁ ।

୧୬ । କରୁଣା—ପୁଷ୍ପବୃକ୍ଷ ବିଶେଷ । ଫୁରୁଣା ମନର ଉତ୍‌ଫୁଲ୍ଲଭାବ, ପ୍ରମୋଦ । କଟଳେ...ସୂର୍ଯ୍ୟଙ୍କର—ସୂର୍ଯ୍ୟ ସୂର୍ଯ୍ୟକାନ୍ତମଣିକୁ ନିଜର ତାପରେ ଜଳାଏ, ସେ ସୂର୍ଯ୍ୟକାନ୍ତମଣି ଯେପରି ସୂର୍ଯ୍ୟଙ୍କର, ସେହିପରି କୃଷ୍ଣ ଆମ୍ଭଙ୍କୁ କଷ୍ଟ ଦେଲେ ସୁଦ୍ଧା ଅମ୍ଭେ ତାଙ୍କର । ୧୭ । ମନୋଭବବ୍ୟଥା—କାମପୀଡ଼ା । କଥା-ପ୍ରସଙ୍ଗ—ବାତୁଳ ବା ନିର୍ବୋଧ । ଶାରଙ୍ଗ—କୃଷ୍ଣ ।

୧୮ । କ୍ରୋଧେ ଗଦଗଦ...ପଡ଼ଇ—ନ ଚଳଇ ପଦ—ସ୍ତମ୍ଭ; କମ୍ପେ କଳେବର—ବେପଥୁ; ବହେ ସ୍ୱେଦନୀର—ସ୍ୱେଦ; ସ୍ୱର ନୁହଇ ବାହାର—ସ୍ୱରଭଙ୍ଗ; କଣ୍ଟକେ ରୋମନିକର—ରୋମାଞ୍ଚ; ମଳିନରେ ପଡ଼ଇ—ବୈବର୍ଣ୍ଣ୍ୟ; ନାମ ଧରି ଉଚେ—ଅଶ୍ରୁ; ଅଧିକେ ଭୋଳଇ—ପ୍ରଳୟ ଅବସ୍ଥା । ଅଷ୍ଟସାତ୍ତ୍ୱିକ ଅବସ୍ଥା ପ୍ରକାଶ ପାଉଛି । ୧୯ । ଗନ୍ଧ—ଯାମାଳାର୍ଜୁନ ଗଛ ।

୨୦ । ମନ୍ଦରଧର—କୂର୍ମ ଅବତାର ହୋଇ, ସମୁଦ୍ରମନ୍ଥନ ବେଳରେ ମନ୍ଦରକୁ ପୃଷ୍ଠରେ ଧରିଥିଲେ । ପୁରନ୍ଦର ଗର୍ବଗଞ୍ଜନ—ଇନ୍ଦ୍ରଗର୍ବକୁ ଖର୍ବ କରିଥିଲେ । କରିବର...କାହଲ—ହାତୀର ଗାଧୋଇବାରେ କିଛି ଫଳ ନାହିଁ ପୁନର୍ବାର ଅସି ମାଟିରେ ଗଡ଼ିହୋଇ ଶରୀର ଅପରିଷ୍କାର କରେ, ସେ ଯେପରି ସ୍ନାନରେ ପ୍ରଶଂସା ଲଭେ ନାହିଁ; କୃପଣ ଧନ ରଖି ବ୍ୟୟ କରେ ନାହିଁ—ତା ଧନରେ ସେ ଯେପରି ପ୍ରଶଂସା ପାଏ ନାହିଁ, ସେହିପରି ତୁମ୍ଭେ ଆମ୍ଭଙ୍କୁ ବର୍ତ୍ତମାନ ହୀନସ୍ତା କରି ତୁମ୍ଭର ପ୍ରଶଂସାକୁ ଛାଡ଼ିଲ ।

୨୧ । କରିମର୍ଦ୍ଦ—ସିଂହ ଯେପରି ହସ୍ତୀକୁମ୍ଭ ବିଦାରଣ ପୂର୍ବକ ସୁଖରେ ହସ୍ତୀ ଉପରେ ଅବସ୍ଥିତ କରେ, ସେହିପରି ତୁମ୍ଭେ ଆମ୍ଭର ଶରୀରକୁ ନଖକ୍ଷତାଦିରେ ବିଦାରଣ କରି ମଦନପ୍ରତାପ ଦୂରପୂର୍ବକ ସୁଖର ସ୍ଥାନ କରିବ । କଥାପ୍ରସଙ୍ଗରେ—ପାଗଳ ହାତରେ । କନ୍ଦର୍ପ ବଢ଼ାଇ ଦେବାକୁ କହାଇ—ତୁମ୍ଭେ ଆମ୍ଭଙ୍କୁ ଛାଡ଼ିଯିବାରୁ କନ୍ଦର୍ପପ୍ରତାପ ବଢ଼ୁଛି, ଏହା ତୁମ୍ଭର କେତେବେଳେ ଭଲ ନୁହେଁ ।

୨୨ । କାମତରୁ—କାମରୂପକ ବୃକ୍ଷ । ଅପବାଦ କେତୁ—ନିନ୍ଦାପତାକା, ନିନ୍ଦା ସଙ୍କେତ । ପଦ୍ମପତ୍ରରେ ତେଲ ପଡ଼ିଲେ ଯେପରି ପତ୍ରସାକ ବ୍ୟାପିଯାଇ ଖସିପଡ଼େ, ପତ୍ରରେ ଲାଗିରହେ ନାହିଁ, ସେହିପରି ତୁମ୍ଭେ ଆମ୍ଭ ସାଙ୍ଗରେ ପ୍ରୀତିକରି ଛାଡ଼ି ଚାଲିଗଲ । ୨୩ । କଳକଣ୍ଠ—ପାରା । ଖମଣ୍ଡଳ—ଆକାଶ ମଣ୍ଡଳ ।

୨୪ । କାହିଁ...ଜଳଇ—କୃଷ୍ଣଙ୍କଠାରେ ସ୍ନେହ କରି କେଉଁ ଗୋପୀ କନ୍ଦର୍ପର ବିଷଦନ୍ତ ବା ଗରଳତୁଲ୍ୟ ସ୍ନେହରେ ଜଳି ଯାଉଛି । କୋମଳ ପଳାଶ—କଅଁଳିଆ ପତ୍ର । କୀର—ଶୁଆ ।

Digitized by srujanika@gmail.com

୨୫ । କମ୍ବୁରଶ୍ମୁ—ଶଙ୍ଖାର । କରପଦ୍ମ—କରତ । ୨୬ । ଯେ ବୋଲି...ପ୍ରସାଦ —ମହାଦେବ ଅନଙ୍ଗକୁ-କାମଦେବକୁ ଅନଙ୍ଗ—ଦେହଶୂନ୍ୟ କଲେ—ଯେ କି ତାହା ପ୍ରସାଦ କି ବିପଦ ହେଲା । ସେ ଅଦୃଶ୍ୟ ହୋଇ ବାଦ କରେ । ଏ ନୋହିଲ ଛେଦ—ପ୍ରମାଣ ଯାଏ ନାହିଁ । କଇରବବାନ୍ଧବ—ଚନ୍ଦ୍ର । କ..ରଣେ—କାମକୁ ମଞ୍ଜ କରେ । ମଦନ ଲୋକଙ୍କ ଶରୀରକୁ ତାର ଦାହରେ ପୋଡ଼ିଦିଏ ଓ ଭଲ କରି ସ୍ନେହକୁ ବ୍ୟଗ୍ରବିଭାବାଗ୍ନି ନାଶକରେ ।

୨୭ । କପର୍ଦ୍ଦୀ—ମହାଦେବ । ଦହନନୟନେ—ଅଗ୍ନିନେତ୍ରରେ, ସେ କଣ୍ଠରେ ପ୍ରେତରୂପ ଧରି ରହିଲା । କାନ୍ତାନାମ—ରତିନାମ, ବାମ—ବିପକ୍ଷ ଅର୍ଥାତ୍ ରତି ଇଚ୍ଛା କଲେ ଲୋକ କନ୍ଦର୍ପପୀଡ଼ା ଅନୁଭବ କରେ । ମହା-ପ୍ରମାଦ ବିଷମ—ଅତ୍ୟନ୍ତ ଦୁଃଖକର, ବିପଦ ଦିଏ ।

୨୮ । ଦେ...ନଗୁଣ—ସଂମୋହନ, ଉନ୍ମାଦନ, ଶୋଷଣ, ତାପନ ଓ ସ୍ତମ୍ଭନ ଏହି ପାଞ୍ଚବାଣ କାମଦେବଙ୍କର । ମୋହକ, ଉନ୍ମାଦକ, ଖେଦଦାୟକ, ଦାହକ, ଶୋଷଣ ଓ ଉଦ୍ଦୀପନକାରଣ ରୂପେ ପଞ୍ଚଶରକୁ ଗ୍ରହଣ କରିଅଛନ୍ତି । କୁସୁମ ହେଲେହେଁ—ଅରବିନ୍ଦ, ଅଶୋକ, ଚୂତ, ନବମଲ୍ଲିକା ଓ ନୀଳୋତ୍ପଳ ଆଦି ଫୁଲ ହେଲେହେଁ ପଞ୍ଚପ୍ରାଣ—ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ । ଶୁଭ୍ରବଦନ—ବ୍ରହ୍ମା, କ୍ରିୟାସିଦ୍ଧି—କାର୍ଯ୍ୟ ସାଧନ ।

ଧନୁଃ ପୌଷ୍ପଂ ମୌର୍ବୀ ମଧୁକରମୟୀ ଚଞ୍ଚଲଦୃଶାମ୍
ଦୃଶଂ କୋଣୋ ବାଣଃ ସୁହୃଦପି ଜଡ଼ାତ୍ମା ହିମକରଃ ।
ତଥାପ୍ୟେକୋଽନଙ୍ଗସ୍ତ୍ରିଭୁବନମପି ବ୍ୟାକୁଳୟତି
କ୍ରିୟାସିଦ୍ଧିଃ ସତ୍ତ୍ୱେ ବସତି ମହତାଂ ନୋପକରଣେ । ୧ ।
ବିପକ୍ଷଃ ଶ୍ରୀକଣ୍ଠୋ ଜଡ଼ତନୁରମାତ୍ୟଃ ଶଶଧରଃ
ବସନ୍ତଃ ସାମନ୍ତଃ କୁସୁମମିଷବଃ ସୈନ୍ୟମବଲାଃ ।
ତଥାପି ତ୍ରୈଲୋକ୍ୟଂ ଜୟତି ମଦନୋ ଦେହରହିତଃ
କ୍ରିୟାସିଦ୍ଧିଃ ସତ୍ତ୍ୱେ ବସତି ମହତାଂ ନୋପକରଣେ । ୨ ।

୨୯ । ସେ କାମଦେବ ଅମରରାଜନ (ଇନ୍ଦ୍ର) ଚନ୍ଦ୍ର, ସୂର୍ଯ୍ୟ ଓ କୁଶକେତୁ (ବ୍ରହ୍ମା) ସମସ୍ତଙ୍କର ଗର୍ବକୁ ଖର୍ବ କରିଛନ୍ତି । ଏମାନଙ୍କୁ କନ୍ଦର୍ପ ମଦରେ ଘାରି ଦେଇଅଛି; ଇନ୍ଦ୍ର ଗୌତମୀଙ୍କ ଲୋଭରେ ସହସ୍ରାକ୍ଷ ହେଲେ, ଚନ୍ଦ୍ର ଗୁରୁପତ୍ନୀ ହରଣ କରି ପକ୍ଷେ କ୍ଷୀଣଦଶା ଲଭିଲେ; ସୂର୍ଯ୍ୟ ସଞ୍ଜ୍ଞାଙ୍କ ହେତୁ କ୍ଷୀଣତେଜା ହେଲେ, ବ୍ରହ୍ମା ସ୍ୱଶରୀରରୁ ଶତରୂପା—(ସାବିତ୍ରୀ) ନାମଧେୟ କନ୍ୟାଙ୍କୁ ଜାତ କରାଇଥିଲେ—ସେ ସେହି କନ୍ୟା ରୂପରେ ମୁଗ୍ଧ ହୋଇ ତାର ସଙ୍ଗେ ରମଣ କରିଥିଲେ । (ମତ୍ସ୍ୟପୁରାଣ ୪ର୍ଥ ଅଧ୍ୟାୟ

Digitized by srujanika@gmail.com

ଦ୍ରଷ୍ଟବ୍ୟ) । ଯାତ୍ୟାମିନୀକାନ୍ତ—ମହାଦେବ । ନେତ୍ରଅନ୍ତ—ଚକ୍ଷୁରେ ଜାଳଦେଇ । କାମିନୀକ—ପାର୍ବତୀଙ୍କୁ । କପାଳୁକ ଛଡ଼ା—ଅମଙ୍ଗଳ ବସ୍ତୁରେ ପ୍ରୀତ ହେଉ ସେ ମଙ୍ଗଳକର ବସ୍ତୁକୁ ଛାଡ଼ିଅଛନ୍ତି । କାନ୍ତକୁଳ-ଚୂଡ଼ା—ପ୍ରିୟ ଦ ସତୀଙ୍କ କୁଳକୁ ନାଶ କରିଥିଲେ—ଦକ୍ଷପ୍ରଜାପତି ଓ ତତ୍ପୁତ୍ରମାନଙ୍କୁ ନାଶ କରିଥିଲେ ବା ନିଜର କୁଳଧର୍ମକୁ ନାଶ କରି ଶ୍ମଶାନରେ ବୁଲନ୍ତି ।

୩୦ । କୀଚକ—ଛିଦ୍ର ଥିବା ବାଉଁଶ । କୋଦଣ୍ଡ ଦଣ୍ଡ ବ୍ୟାହାର—ଧନୁର ଶର ବାହାରିଲା ପରି ଅନୀଶିଖ । ନିତମ୍ବ—ସ୍ତ୍ରୀର ପଶ୍ଚାଦ୍ଭାଗ, ପିଚ୍ଛ; ବିପୁଳ—ବଡ଼, ଗୋଲ । ବିକଳ—ଶୀଘ୍ର ଯାଇ ଦେଇ ନାହିଁ । ରସିକ ଅଭାବେ ଯେମନ୍ତ ଗୁଣପଠଳ—ଗୁଣଗ୍ରାହୀ ନ ଥିଲେ ଯେପରି ଲୋକ ବିକଳ ହୁଏ ସେହିପରି ସେମାନେ ବିକଳ ହେଲେ ।

ଦ୍ୱାବିଂଶ ଛାନ୍ଦ

୨ । ଏହି ବାଉଁଶ ଓ ସେ ବଂଶୀ ଏକ ପଦାର୍ଥ, କିନ୍ତୁ କୃଷ୍ଣଙ୍କ କୃପାରୁ ସେ ଅମୃତ ଉଲ୍ଲାସ କରେ । ୭ । କଳାକର ଏ ରଜନୀ—ଏ ଚନ୍ଦ୍ରଣୀ ରାତ୍ର ।

୧୧ । କେତୋଟି ରକ୍ଷିଅଛନ୍ତି—କେତେ ପରିମାଣରେ ରକ୍ଷି ଅଛନ୍ତି ।

୧୨ । କ୍ଷୀଣସାଗର—କ୍ଷୀରସାଗର ଗମ୍ଭୀର ଓ ଅସ୍ଥିର, ସେହିପରି ପୁରୁଷହୃଦୟ ଗମ୍ଭୀର—ତାହା ଭିତର କଥା ଜାଣିବା କଠିଣ ଓ ତାହା ଚଞ୍ଚଳ ଅଟେ ।

୧୩ । କପର୍ଦ୍ଦୀ—କଉଡ଼ି । ଜୂତେ—ଜୁଆଖେଳରେ, ଯେପରି ଜୁଆଖେଳରେ କଉଡ଼ି ସ୍ଥିର ନୁହେଁ—ତାର ପଡ଼ିବାରେ ଲୋକ ଦୁଃଖ ଓ ସୁଖ ପାଏ, ସେହିପରି ପୁରୁଷ ହୃଦୟ ।

୧୪ । କୁସୁମଲିଟ—ଭ୍ରମର, ଫୁଲରେ ଗନ୍ଧ ନ ଥିଲେ ଭ୍ରମର ବସେ ନାହିଁ, କିନ୍ତୁ ସେ ପଲାଶ ଓ କୁଢ଼େଇଫୁଲରେ ବସେ; ସେ ବିବେକପଣ କେଉଁ କଥାରୁ ଆସେ—ଅର୍ଥାତ୍ ବୃଥା (କିଂଶୁକ—ପଲାଶ । କୁଟଜ—କୁଢ଼େଇଫୁଲ)

୧୯ । କାନନମଲ୍ଲିକା—ବନମଲ୍ଲୀ ।

ଏକେନୈବ ସୁବୃକ୍ଷେଣ ପୁଷ୍ପିତେନ ସୁଗନ୍ଧିନା ।
ବାସିତଂ ତଦ୍ବନଂ ସର୍ବଂ ସୁପୁତ୍ରେଣ କୁଳଂ ଯଥା ॥

୨୧ । କଣଳସ୍ତୁ—କର୍ଣ୍ଣ ଲମ୍ବ ଚକ୍ଷୁ । ୨୨ । ଜୀବଜୀବନ—ପ୍ରାଣର ପ୍ରାଣ, କୃଷ୍ଣଚନ୍ଦ୍ର ।

୨୩ । ସାତ୍ତ୍ୱିକ ବେଦନା—ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ବେପଥୁ, ସ୍ୱରଭଙ୍ଗ, ବୈବର୍ଣ୍ଣ୍ୟ, ଅଶ୍ରୁ ଓ ପ୍ରଳୟ ଏହି ଆଠ ଅବସ୍ଥାର ପୀଡ଼ା । ୨୪ । କେତକୀଦଳ—କେତକୀ ଫୁଲ ପାଖୁଡ଼ାପରି ଶ୍ୱେତ—ବୈବର୍ଣ୍ଣ୍ୟ । ଦ୍ୱେ ନେତ୍ର ଲୁହ—ଅଶ୍ରୁ; କଦମ୍ବ ଫୁଲ ଆକାର—ରୋମାଞ୍ଚ—ରୋମ ଠାକୁରିଯାଏ ।

Digitized by srujanika@gmail.com

୨୬ । ଚେଷ୍ଟା—ଯିବା, ଆସିବା ପ୍ରଭୃତି କାର୍ଯ୍ୟ । ୨୭ । ତପନସ୍ତବ—ତାପ ।
କଦର୍ଥ—କୁତ୍ସିତ, ସାନ । ୨୮ । ଚକ୍ରବାକୀ କଷ୍ଟ—ସ୍ୱାମିବିଚ୍ଛେଦ ।

୨୯ । କଳାକର—ଚନ୍ଦ୍ର ।

ତବ କୁସୁମଶରତ୍ୱଂ ଶୀତରଶ୍ମିତ୍ୱମିନ୍ଦୋ-
ର୍ଦ୍ୱୟମିଦମଯଥାର୍ଥଂ ଦୃଶ୍ୟତେ ମଦ୍‌ବିଧେଷୁ ।
ବିସୃଜତି ହିମଗର୍ଭୈରଗ୍ନିମିନ୍ଦୁର୍ମୟୂଖୈ-
ସ୍ତ୍ୱମପି କୁସୁମବାଣାନ୍ ବଜ୍ରସାରୀକରୋଷି । ଶକୁନ୍ତଳା

୩୦ । ସମୁଦ୍ରରୁ ଚନ୍ଦ୍ର, ଗରଳ ଆଦିଙ୍କ ଜନ୍ମ, ତେଣୁ ଚନ୍ଦ୍ର ଗରଳର ଭାଇ, ସେଥି-ହେତୁ ଗରଳର ଧର୍ମ୍ମ ତାଠାରେ ଅଛି । କୁଟିଳ—ବଙ୍କ ହୋଇ, ଏଠାରେ ପୂର୍ଣ୍ଣଚନ୍ଦ୍ରକୁ ବୁଝାଉ ନାହିଁ । ୩୧ । ଔଷଧୀଇଶ—ଚନ୍ଦ୍ରଙ୍କର ନାମ । ଲୋକେଶ—ବ୍ରହ୍ମା । ୩୨ । କଳଙ୍କୀ—କଳଙ୍କଯୁକ୍ତ—ଶଶ ହୃଦୟରେ ଅଛି । କେତେ ଲୋକର କୁମର—ଅର୍ଥାତ ସାଗରର ପୁତ୍ର ବା ଅତ୍ରିଙ୍କ ପୁତ୍ର ।

୩୩ । ପଦ୍ମିନୀ—ପଦ୍ମବନକୁ ପୋଡ଼ି ପକାଏ । ପଦ୍ମିନୀ କନ୍ୟାକୁ କଷ୍ଟ ଦିଏ । ବାରୁଣୀ···ଗ୍ରାହକ—ପଶ୍ଚିମ ଦିଗକୁ ଆଶ୍ରୟ କରେ, ମଦ୍ୟ ପାନ କରେ । ଦ୍ୱିଜରାଜ—ବ୍ରାହ୍ମଣଶ୍ରେଷ୍ଠ, ଚନ୍ଦ୍ର ।

୩୪ । ଅମୃତକର—ଚନ୍ଦ୍ରଙ୍କର ନାମ । ତାଙ୍କର କିରଣ ଅମୃତ, ଯାହାଦ୍ୱାରା ଲୋକ ଜୀବନ ପାଏ—ବର୍ତ୍ତମାନ ଆମ୍ଭ କର୍ମ୍ମରୁ ଅମୃତକର ଏ ଶବ୍ଦରୁ "ଅ" କାର ବର୍ଣ୍ଣ ଗଲା; ତେଣୁ "ଚନ୍ଦ୍ର ମୃତକର" ହେଲା । ସେ ବର୍ତ୍ତମାନ ପୋଡ଼ି ମାରୁଛି ।

୩୫ । କରବାଳଯୁବତୀ—ଛୁରୀ । କରରେ—କିରଣରେ । ୩୬ । ଋକ୍ଷପତି—ନକ୍ଷତ୍ରମାନଙ୍କ ପତି—ଚନ୍ଦ୍ର । ରୁକ୍ଷ—ତୀବ୍ରତା, ଉଗ୍ରତା ବା ଅଗ୍ନି । ହିମଦୀଧିତି—ଶୀତଳକିରଣ, ଚନ୍ଦ୍ର । ୩୭ । ଗୁରୁପତ୍ନୀ—ତାରା, ଚନ୍ଦ୍ର ଗୁରୁ—ବୃହସ୍ପତିଙ୍କର ପତ୍ନୀ ତାରାଙ୍କୁ ହରଣ କରି ଗୃହରେ ରଖିଥିଲେ ।

୩୮ । ଦୋଷାକର—ଦୋଷା—ରାତ୍ରିକୁ କରନ୍ତି ଯେ—ଚନ୍ଦ୍ର, ଅନ୍ୟ ଅର୍ଥରେ ଦୋଷର ଆକର—ଖଣି—ଦୋଷପୂର୍ଣ୍ଣ । ୩୯ । ରାହୁର ମୁଣ୍ଡକାଟ ହେଲା ବୋଲି—ମୁଣ୍ଡ ରାହୁ ନାମ ଧରିଲା—ଗଣ୍ଡି କେତୁନାମ ଧରିଲା—ଯଦିଚ ମୁଣ୍ଡକାଟ 'ନ' ହୋଇଥାନ୍ତା ଅର୍ଥାତ୍ ଶରୀରରେ ଥାଆନ୍ତା ତେବେ ରାହୁ ଚନ୍ଦ୍ରଙ୍କୁ ଗିଳିଲାବେଳେ ଚନ୍ଦ୍ର ଆଉ ଗଳି ପଡ଼ନ୍ତା ନାହିଁ, ତାର ଗର୍ଭର ଅଗ୍ନିରେ ପୋଡ଼ି ଜଳି ଯାଆନ୍ତା ।

୪୦ । ଜନକ—ସାଗର । ବଡ଼ବାନଳ—ବଡ଼ବାଗ୍ନି—ସମୁଦ୍ରରେ ଥିବା ଅଗ୍ନି ।

୪୧ । ଯେତେ ଜାଳିଲେ—ଯେତେ ଆମ୍ଭଙ୍କୁ ପୋଡ଼ିଲେ ।

Digitized by srujanika@gmail.com

୪୨ । କୁମ୍ଭସୁତ—ଅଗସ୍ତି । ଜଳନିଧି—ସମୁଦ୍ର । କଲେ ଚଳେ—ଗ୍ରାସ କଲେ ।

୪୩ । ଦେବତାମାନେ ଚନ୍ଦ୍ରଙ୍କର ଷୋଳକଳାରୁ କୃଷ୍ଣପକ୍ଷରେ ପ୍ରତିଦିନ ଏକ ଏକ କଳା ପାନ କରନ୍ତି, କିନ୍ତୁ ଚନ୍ଦ୍ର ଶେଷ ପାଆନ୍ତି ନାହିଁ, କଳାଏ ବାକି ରହେ, ପୁଣି ଶୁକ୍ଳପକ୍ଷରେ ସେ ବୃଦ୍ଧି ପାଇ ପୂର୍ଣ୍ଣିମୀରେ ପୂର୍ଣ୍ଣକଳା ପ୍ରାପ୍ତ ହୁଅନ୍ତି ।

"ତଂ ଚ ଦେବ ସୋମଂ ପଶୂର୍ଦେବାଃ ପର୍ଯ୍ୟାୟେଣାନୁପୂର୍ବଶଃ"

୪୪ । କାମାଙ୍ଗନାଶନ—ଶିବ, ମସ୍ତକରେ ଚନ୍ଦ୍ରଙ୍କୁ ଧାରଣ କଲେ । ଚୂଳ—ଚୂଡ଼ା । ଗରଳ କ ବକ୍ଷରେ କେବଳ ପରମାଣରେ ଥିଲା ପଡ଼ିଲା ।

୪୫ । ପ୍ରମଥନାଥ—ପ୍ରମଥମାନଙ୍କର ରାଜା, ଶିବ । ଉତ୍ତମଭାବ ପ୍ରକାଶ କଲେ ନାହିଁ—ମୁଣ୍ଡରେ ବନ୍ଧିବାରୁ ହିମସ୍ତକୁ ଧ୍ୱଂସ କଲା ।

୪୬ । କୃଷ୍ଣାଭିସାରୀ—ରମଣାଭିଳାଷରେ କୃଷ୍ଣଙ୍କ ସମୀପକୁ ଲୁଚି କରି ଯିବା ଗୋପୀମାନେ । କୃଷ୍ଣପକ୍ଷରେ କୃଷ୍ଣାଭିସାରୀ । ଶୁକ୍ଳପକ୍ଷରେ ଶୁକ୍ଳାଭିସାରୀ । କୋକମିଥୁନ—ଚକୁଆ ଓ ଚକୋଇ ପକ୍ଷୀ ।

୪୭ । କାମକାର୍ଯ୍ୟେ ତପୂର—କନ୍ଦର୍ପସଖା । କଉଶିକସୁଖକର—ପେଚକର ମନରେ ସୁଖ ଦିଅନ୍ତି ଯେ ।

୫୧ ; ସୁରଭିଜଗା—ଗାଈରଖା । ସୁଭଗା—ପଞ୍ଚସୁହାଗୀ ।

୫୨ । କଳ୍ପିତରୁପ୍ରଭଞ୍ଜନ—ଦୁଃଖ ହେଲା ଗଛ, ତାକୁ ନାଶ କରନ୍ତା ଅଟନ୍ତି କୃଷ୍ଣ ।

ଚତୁର୍ବିଂଶ ଛାନ୍ଦ

୧ ୫ । ଚନ୍ଦ୍ରଙ୍କୁ କୁମୁଦ, କୋଟିନିଧିକୁ ଦରିଦ୍ର, ସୂର୍ଯ୍ୟଙ୍କୁ ପଦ୍ମ, ବସନ୍ତକୁ କୋକିଳ, କଳାମେଘକୁ ମୟୂରୀ ଦେଖିଲେ ଯେପରି ଆନନ୍ଦ ହୁଅନ୍ତି ଗୋପୀମାନେ କୃଷ୍ଣଚନ୍ଦ୍ରଙ୍କୁ ଦେଖି ସେହିପରି ଆନନ୍ଦିତ ହେଲେ । କୃପାର ସାଗର ହେବେ ଏକଥା କି କରି ଯୋଗାଏ । କୃଷ୍ଣଚନ୍ଦ୍ର କୋଟିବ୍ରହ୍ମାଣ୍ଡନାଥ ହୋଇ କି ନିମିତ୍ତ କୃପାସାଗର ହେଲେ ନାହିଁ ।

୬ । ପ୍ରେମକେ କାଣ୍ଡ—ପ୍ରତ୍ୟେକ ପ୍ରେମ ଶର ହେଲା ।

୭ । କଳିତ କଣ୍ଠ—ଧରିଲା । ୮ । ଶତାଙ୍ଗ—ରଥ ।

୯ । ଚଞ୍ଚଳା—ବିଜୁଳି । କଳଧଉତ—ସୁନା । ହେମବଲ୍ଲରୀ—ସୁନାଲତା ।

୧୦ । କୂଜିତ—ରଥଚାଳର ମନମନ ଶବ୍ଦ, ବୀରତାକ ହେଲା । କରରୁହ—ନଖ, ସେ ହେଲା ବିଶିଖ—ଶର ।

୧୧ । କାଣ୍ଡ କାଣ୍ଡକେ—ପ୍ରତି କ୍ଷରରେ । ଝେଡେବେଳେ··ଅନ—ଚେତନାଶୂନ୍ୟ କରିଏ । ୧୨ । ମୁଖ ରାଣ୍ଡୀ ଶବଦ ଓ କପୋତନାଦ—ଅକ୍ଷାପ୍ରକାର

Digitized by srujanika@gmail.com

ଉଡ଼କାଳର ଶବ୍ଦ ଯଥା—ହୁଂକାର, ସ୍ତନିତ, କୂଜିତ, ରୁଦିତ, ସୂତ୍କୃତ, ଦୂତ୍କୃତ, ଫୂତ୍କୃତ । ଏଠାରେ ମୁଖଶାଖୀ ଶବ୍ଦ (ମୁଖ ମଧ୍ୟ ଶବ୍ଦିକାରୁ ଯେ ଶବ୍ଦ ହୁଏ) ତାହା ସୂତ୍କୃତ ।

"ଉଷ୍ଣାତୁର୍ମୁଖେଣ କୂଜିତଂ ଫୂତ୍କୃତମ୍" ବାତ୍ସାୟନ ।"

ମୁଖ ଭିତରୁ ଫୂତ୍କୃତ ଓ କୂଜିତ ହୁଏ । ଏଠାରେ କପୋତନାଦ କୂଜିତ । ଫୂତ୍କୃତ :—ଯଦା ବଦ୍ଧେନ ଜିହ୍ୱାମୂଲେନ ଚ ତତ୍ ଫୂତ୍କୃତଂ "କାମସୂତ୍ରର ଜୟମଙ୍ଗଳଟୀକା"; ମୁହଁ ମେଲା ହୋଇଥିବା ବେଳେ ଜିହ୍ୱାମୂଳର ଶବ୍ଦ ଫୂତ୍କୃତ । ଜର୍ଜ୍ଜନ୍ତ—ମିଶି ଯାଆନ୍ତି ।

୧୩ । କର୍ଣ୍ଣଜପ—କର୍ଣ୍ଣର ବାଳରେ ମୁଖବାୟୁ ଦେବାକୁ ଅର୍ଥାତ୍ ଫୁଙ୍କିବାକୁ କର୍ଣ୍ଣରେ କଥା କହିବା ଛଳରେ କର୍ଣ୍ଣଜପ ବୋଲି କବି କହନ୍ତି । ରସନା ସ୍ଫୁରନ୍ତି—କର୍ଣ୍ଣରେ ଜିହ୍ୱା ଚଳାଇ ଦିଅନ୍ତି । ଦଶନବାସେ—ଓଷ୍ଠରେ । କଦର୍ଥନ—ପୀଡ଼ା ।

୧୪ । ଉଜ୍ଜ୍ୱଳରସେ—ଶୃଙ୍ଗାର ରସରେ । ନୋହେ ଅତୁଳ—ସମାନ ।

୧୫ । ନିଧୁବନ—କାମକ୍ରୀଡ଼ା । ତଡ଼ିତ—ବିଜୁଳି, କଣ୍ଠର ମୁକ୍ତାହାର ହେଲା ଜଳଧାର । କଟି କିଙ୍କିଣୀ ତାର ଧ୍ୱନି—କଟିମେଖଳାର ଉଚ୍ଚ ଶବ୍ଦ—ମେଘର ଘୋର ଗର୍ଜନ ।

୧୭ । କେକୀ କଳାପ—ମୟୂରପୁଚ୍ଛ । ଶରାସନ—ଧନୁ । କାନନ ଗଗନ—ବଣରୂପ ଆକାଶ ।.ଂକୃଷିକ—ଚଷା; କାଣ୍ଡ ହେଲା ଫାଳ, ଧନୁ ହେଲା ଲଙ୍ଗଳ ।

୧୮ । ଅଷ୍ଟବିଧ କରଜଘାତ—ନଖକ୍ଷତ ହେଉଛି ଅଠ ପ୍ରକାର; ଯଥା—ଅଚ୍ଛୁରିତକ, ଅର୍ଦ୍ଧଚନ୍ଦ୍ର, ମଣ୍ଡଳ, ରେଖା, ବ୍ୟାଘ୍ରନଖ, ମୟୂରପଦକ, ଶଶପ୍ଲୁତକ, ଉତ୍ପଳପତ୍ର । ଆଲିଙ୍ଗନ—୧୨ ପ୍ରକାର, ଯଥା :—ପ୍ରଥମାବସ୍ଥାରେ ସ୍ପୃଷ୍ଟକ, ବିଦ୍ଧକ, ଉଦ୍ଘୃଷ୍ଟକ, ପୀଡ଼ିତକ; ଦ୍ୱିତୀୟ ଅବସ୍ଥାରେ—ଲତାବେଷ୍ଟିତକ, ବୃକ୍ଷାଧିରୂଢ଼କ, ତିଲତଣ୍ଡୁଳକ, କ୍ଷୀରନୀରକ; ତୃତୀୟ ଅବସ୍ଥା :—ଉରୂପଗୂହନ, ଜଘନୋପଗୂହନ, ସ୍ତନାଲିଙ୍ଗନ, ଲଲାଟିକା । ଚୁମ୍ବନଦାନ—ନାନାସ୍ଥାନରେ ପ୍ରଧାନତଃ ଲଲାଟ, ଅଳକ, କପୋଳ, ନୟନ, ବକ୍ଷ, ସ୍ତନ, ଓଷ୍ଠ, ମୁଖ ମଧ୍ୟରେ (ଅନ୍ୟାନ୍ୟ ମତରେ—ଅନ୍ୟାନ୍ୟ ସ୍ଥଳରେ) । ଗୂଢ଼କ, ଉଚ୍ଛୂନକ, ପ୍ରବାଳମଣି, ଖଣ୍ଡାଭ୍ରକ, କୋଳଚର୍ବିତ ଇତ୍ୟାଦି ।

୧୯ । କୋବିଦ—ପଣ୍ଡିତ । ବନ୍ଧ ଯଥା—ବାଡ଼ବକ, ମାର୍ଜାରକ, ଐଭକ, ହରିଣକ୍ରମ ପ୍ରଭୃତି । ଧନ୍ଦ—ବୃଦ୍ଧି ବଣାର ବିପରୀ । ନିବନ୍ଧ—ବ୍ୟବସ୍ଥା, ରଚନା । ୨୦ । କାମସଖା—ପିକ । କେତେ ରହିଲା—ବହୁକାଳ ରହିଲା ।

Digitized by srujanika@gmail.com

ସଞ୍ଚୁଶ—ଶଙ୍କା । ଜନିତ କରି—ଧରି । ଅପଶାର ଆୟୁଧ—ଏଠାରେ ଶୃଂଗ ।

୨୧ । କୃଷ୍ଣଙ୍କ ରଥୁଁ କରି ଅବରୋହ—କୃଷ୍ଣଙ୍କ ରଥୁଁ—ଶରୀରର ଉପରୁ ତଳକୁ ଆସି । ଚନ୍ଦିଣୀ—ରଥ । କୃଷ୍ଣଙ୍କ ଶରୀର ଯେ ହେଲା ରଥ ସେଥିରେ ଚଢ଼ି ।

୨୨ । କଳାକର କରେ—ଚନ୍ଦ୍ର କିରଣରେ ଗୋପୀର ମୁଖ ଓ ଶରୀରର ଧବଳତା କୃଷ୍ଣଙ୍କ ଶରୀରରେ ପ୍ରତିବିମ୍ବିତ ହୋଇ ଫୁଟୁଛି ।

୨୩ । ଝୁଲକ ମାଳୀ—ଅଳଙ୍କାର ତଳେ ଛୋଟ ଛୋଟ ସୁନାପତର ମାଳା କପାଳରେ ଶୋଭା ପାଉଛି । ଭୂଷଣ—କଣ୍ଠୀ, ହାର, ଗୁଞ୍ଜମାଳ ପ୍ରଭୃତି । ଉତ୍ପାତ—ଅମଙ୍ଗଳ ଘଟଣା । ୨୪ । କନକ ଗିରି—ସ୍ୱର୍ଣ୍ଣ ପର୍ବତ, କୁଚ । ସୁବର୍ଣ୍ଣଲତା—ନାରୀର ଶରୀର ।

୨୬ । ଝାମ—(କ୍ଷାମ ଶବ୍ଦର ଅପଭ୍ରଂଶ) କ୍ଷୀଣ; ଅବଶ, ମୋହ । ୨୮ । କ୍ରୌଞ୍ଚ ସ୍ୱର—କୋମଳ ମଧୁର ସ୍ୱର । ୨୯ । କାନ୍ତାକଦମ୍ବ ମଣି—ସ୍ତ୍ରୀ ସମୂହର ପ୍ରଧାନ । ୩୧ । କୁସୁମଶର—(କନ୍ଦର୍ପ)....ଥରେ—ମୋହ ସ୍ତବ୍ଧ, ଧନୁଶର ଧରି କାଶରେ ହାତ ଦେଇ ଆଉ ଥରେ କଠାଳିବାକୁ (ନିର୍ବନ୍ଧ କରିବାକୁ) ମନରେ ଇଚ୍ଛା କଲା ।

୩୨ । କୁରଙ୍ଗ—ହରିଣ । ମୃଗତୃଷ୍ଣା—ମରୀଚିକା, ହରିଣୀ ନାଚ । କନକରେତା —ଅଗ୍ନି । କାଳେ ହୁଏ ଯେମନ୍ତ—ସମ୍ମୁଖରେ ଯେପରି ହୁଏ—ନାଶ ହୁଏ । ମମତ—ଚିନ୍ତିତ ହେଲେ । ୩୩ । ବିଦନମୁଖ—ପ୍ରଭାତ । କଳାକର କଉନ—ଚନ୍ଦ୍ରମୁଖ—ଚନ୍ଦ୍ରର ଶୋଭା ସକାଳେ ଊଣା ପଡ଼େ, ଏଠାରେ ଗୋପୀମାନଙ୍କର ମୁଖଶୋଭା କିଛି ଊଣା ହେଉଛି । ପଦ୍ମ ସକାଳେ ପ୍ରଫୁଲ୍ଲ ହୁଏ—ଗୋପୀ ପକ୍ଷରେ ରତି ସୁମରି ହୃଦରେ ଆନନ୍ଦ ହୁଏ । ଭାରି ତାରକାମାନେ—ଉଜ୍ଜ୍ୱଳ ନକ୍ଷତ୍ରମାନ କିଛି ଦେଖା ଯାଉଛନ୍ତି—ଗୋପୀ ପକ୍ଷରେ ଚକ୍ଷୁର ତାରକାର ଶୋଭା କିଛି ଦେଖା ଯାଉଛି ।

୩୪ । କୁଙ୍କୁମ...ପ୍ରକାଶେ—ସକାଳେ ଅରୁଣ ବର୍ଣ୍ଣ ଆକାଶରେ ଦେଖାହୁଏ । ପକ୍ଷାନ୍ତରେ ଲୁଗାରେ କୁଙ୍କୁମ ରଙ୍ଗ ଦେଖାଯାଉଛି । କୁଚଚକ୍ରଉଲ୍ଲାସ —ସକାଳେ ଚକ୍ରବାକର ଆନନ୍ଦ ହୁଏ (ରାତିରେ ତାର ପ୍ରିୟା ସଙ୍ଗେ ବିଚ୍ଛେଦ ହୋଇଥିବା ହେତୁ); ପକ୍ଷାନ୍ତରେ କୁଚ ପୀଡ଼ାରୁ ମୁକ୍ତ ପାଇବାରୁ ହର୍ଷ ପାଇଲା । (ବା ନଖକ୍ଷତାଦିର ରକ୍ତିମାବର୍ଣ୍ଣ ଧାରଣ କରିଥିବା) କାମତମ ବିନାଶ—କାମରୂପ ଅନ୍ଧକାର ଦୂର ହେଲା ।

ଚତୁର୍ବିଂଶ ଛାନ୍ଦ

୧। କଳେବର ଜର—ମତ୍ତହସ୍ତୀର ଶୁଣ୍ଡ। ମର୍ଦ୍ଦନ—ଧର୍ଷଣରୁ, ପୀଡ଼ାରୁ। ଅନ୍ତର—ଛନଛନ। କାମସିନ୍ଧୁଲଗେ—କାମରୂପ ସମୁଦ୍ରରେ (ସମୁଦ୍ରରେ ଫେନ ଫୁଟିଥାଏ "ସରହୁଦଧିଗତଂ ଫେନକେଦାରିବଳ୍ଲଭ") ବଧୂକାନ୍ତ—ନାୟିକା ଶରୀର, ନିଧୁବନ—ରମଣ (ନିନାଃଶେଷେଣ ଧୂକନଂ—ହସ୍ତ-ପାଦାଦ୍ୟ ଚାଳନଂ, ନଖଦନ୍ତାଦି କ୍ଷତରେ) ଭଗି—ଛନଛନ ଦିଶୁଛି।

୨। କେଶରୀ—ସିଂହ। ଚମୂରୁ—ମୃଗବିଶେଷ। ତରଙ୍ଗ—ଚଞ୍ଚଳ। ୩। କେତୁତୁଣ୍ଡ ମୁଣ୍ଡ—ରାହୁ। ସୁଧାପିଣ୍ଡ—ଚନ୍ଦ୍ର। ୪। କୁବଳୟଦଳ—ନୀଳୋତ୍ପଳ ପାଖୁଡ଼ା। ନୀଳରକ୍ତ ନେତ୍ର। କୀରଚଞ୍ଚୁ—ଶୁଆଥଣ୍ଟ। ବିମ୍ବ—ଗୋଲ୍ଲୁଡ଼ିଆ ଫଳ। ଦଂଶନପଦ—ଓଷ୍ଠ। ୫। କରିକୁମ୍ଭ ସ୍ତନ... ଦିଶେ—ହସ୍ତୀର କୁମ୍ଭ ହେଲା ସ୍ତନପରି। କେତେ ପୋଥିରେ "କରିକୁମ୍ଭ ମୂଳ" ଅଛି—ଏଠାରେ ହାତୀ କୁମ୍ଭର ଉପରିଭାଗ ବୁଝିବ। "କରିକୁମ୍ଭ ଛନ୍ଦ" ଗୋଟିଏ ପୋଥିରେ ଅଛି "କରିକୁମ୍ଭରେ ଅଙ୍କୁଶର ମୂନ ଲାଗି ଯେମନ୍ତ ଛନ୍ଦ ଦିଶେ। ଉରଜ—ସ୍ତନ। କରଜ—ନଖ।

୬। ପ୍ରକଟ—ପ୍ରକାଶ। କନକ ମହୀରେ—ସୁନା ଭୂଇଁରେ। ଛାମୁକାଠ—ସାଧବଘର ବୋହୂ। ୭। ଅମ୍ବର—ବସ୍ତ୍ର। ଡମ୍ବରୁ ମଧ୍ୟଦେଶରେ—ଡମ୍ବରୁ ମଧ୍ୟପରି ସୂକ୍ଷ୍ମ କଟିରେ। ନୁହେ ଆଡ଼ମ୍ବର—ଶୋଭା ପାଉ ନାହିଁ। ମାରମଦ ଅବଶିଷ୍ଟରେ—କନ୍ଦର୍ପର ମଦରେ ଅବଶ ହୋଇଥିବାରୁ—ମଦାଳସୀ ହେତୁ। କିଶଳୟ ପଦ—ପଲ୍ଲବ ପଦରୁ, ପଦ ନ ଧରଇ—ପାଦ ଧରୁ ନାହିଁ କି—ଅର୍ଥାତ୍ ପଲ୍ଲବ ପବନରେ ହଲିଲା ପରି ଏଠାରେ ଟଳିଲା ପଦ ଦେଖାଯାଉଛି।

୮। କନକବଲ୍ଲରୀ—ସୁନାଲତା। ୯। ଜାହା...ଶୈଳାଇଲା—ଇଷି ଇଷି କରୁଥିବା ମୁଖକୁ ଦେଖି ଚନ୍ଦ୍ରକଳା ହାରି ପଳାଇଲା। (ଏଠାରେ ଦନ୍ତର ଶୋଭା ବା ମୁଖର ଶୋଭା ଯେ କି ଚନ୍ଦ୍ରଙ୍କୁ କଳଙ୍କଯୁକ୍ତ ଦେଖି ଗର୍ବରେ ଘୃଣାସୂଚକ ଇଷି ଇଷି କରୁଛି)। ଭୂଧର ନରେନ୍ଦ୍ର—ପର୍ବତ ରାଜା, ହିମାଳୟ; ଶିଖରେ—ଶୃଙ୍ଗରେ; ପାରୀନ୍ଦ୍ର—ସିଂହ ସ୍ୱରୂପୀ ମହାଦେବ ଶିରେ—ମସ୍ତକରେ ରହି ଶୋଭା ଦେଖାଇଲା—ଅର୍ଥାତ୍ ମହତ୍ ବ୍ୟକ୍ତି ଆଶ୍ରୟ ଧରି ନିଜ ଶୋଭା ଦେଖାଇଲା ବା ମହାଦେବଙ୍କ ଶିରରେ ରହି କାନ୍ତି ଦେଖାଇବା ଚନ୍ଦ୍ର ସୁନ୍ଦରୀମୁଖ ନିକଟରେ ହାରିଯିବାର ସୂଚନା।

୧୦। କଣ୍ଠହାର—ଏଠାରେ ମୁକ୍ତାହାର। କୃତ୍ତିବାସ—ମହାଦେବ। ବସୁନ୍ଧରା—ଗଙ୍ଗା (ଏ ଅର୍ଥରେ ଏଠାରେ ପ୍ରଯୁକ୍ତ ହୋଇଅଛି) ବା ବସୁନ୍ଧରା ଠେକରୁ ଜଳ ପଡ଼ିଲା ପରି।

Digitized by srujanika@gmail.com

୧୧ । ବାସରେଶ—ସୂର୍ଯ୍ୟ । ଉଦେ ମୂର୍ଦ୍ଧନି—ଉଦୟଗିରିର ଶିଖରରେ । ୧୨ । ସଞ୍ଚାଣ—ବାଜପକ୍ଷୀ । ଉଡ଼ୁପଥ—ଉଡ଼ୁ ନକ୍ଷତ୍ରମାନେ ପଥ ବା ପକ୍ଷ ଯାହାଙ୍କର ଏପରି ଯେ ଚନ୍ଦ୍ର ସେ ପକ୍ଷୀତୁଲ୍ୟ ହୋଇଲେ—ଯେ ରଥରେ ପ୍ରୟାଣ କଲେ—ଚାଲିଗଲେ । "ଉଡ଼ୁପତ ରଥେ"—ଏହି ପାଠ ଗୋଟିଏ ପୋଥିରେ ଅଛି—ଚନ୍ଦ୍ର ରଥରେ ଗଲେ ବା ଉଡ଼ୁପ ବା ନକ୍ଷତ୍ରମାନଙ୍କ ରକ୍ଷକ "ଉଡ଼ୁପାନି ଭାରଯୁକ୍ତ—ଉଡ଼ୁପକ—ଚନ୍ଦ୍ର ।" ଖ, ଚ, ର ପାଠ କୌଣସି ପୋଥିରେ ନାହିଁ ।

୧୩ । କୃକବାକ—କୁକୁଡ଼ା; ଅବଧ୍ୟଗାବ—କାନ୍ତ ଅସିବା ସମର୍ଯ୍ୟ କଲବା ନିମନ୍ତେ ଗାରଟିଏ କାନ୍ଥରେ ପକାଇଲା । ୧୪ । କମ୍ବୁ କଣ୍ଠକରେ—ଶଙ୍ଖ ଯେପରେ । ନୀଳାଦ୍ରି ନଗରେ—ନୀଳାଚଳ ପୁରରେ । କମ୍ବୁଚକ୍ରଧର—ଶଙ୍ଖଚକ୍ରଧର । ଦେବରାଜ—ଜଗନ୍ନାଥ ।

୧୫ । କମଳାଙ୍କ ଅଙ୍କ—ଲକ୍ଷ୍ମୀଙ୍କ କୋଡ଼ । ଦ୍ଵିଜେ—ବ୍ରାହ୍ମଣମାନେ ।

୧୬ । ଉତ୍ତରୀ—ଉତ୍ତମ ବସ୍ତ୍ର । ଦ୍ଵାଠିଲାଗି—ଦାନ୍ତଅଣି କରିବା ପାଇଁ । ୧୭ । ନିଫଲ ଜଳେ—ହରଡ଼ା, ବାହାଡ଼ା ଓ ଅଁଳା ଜଳ (ତ୍ରିଫଳା) । କେତେକ କହନ୍ତି—"କର୍ପୂରଂ ଚନ୍ଦନଂ ଚାପି ଅଗୁରୁ ଚ ଫଲଂ ତ୍ରିକଂ" । କମନୀୟ ବାସ—ସୁନ୍ଦର ଲୁଗା । ନୀଳାଦ୍ରିକେଶରୀ—ନୀଳାଚଳ ସିଂହ, ଜଗନ୍ନାଥ । ୧୮ । ଓଢ଼ିଅଣି—କଟିମେଖଳା । ୧୯ । ଶାର୍ଦ୍ଦୂଳ ନଖ—ବାଘନଖ । ଦିବ୍ୟଚୂଳ—ସୁନ୍ଦର କେଶ ।

୨୨ । ସମଦୃଷ୍ଟି—ସମଦର୍ଶୀ । ୨୩ । ଭୂଶଜେଠି—ବ୍ରହ୍ମା । ଥିଲେ ନୀଚକର ପଥ—ନୀଚ ଲୋକର ହାତରେ ଥିଲେ ଶୁଦ୍ଧ । ୨୪ । କରୁଥିଲେ...ମତ—ସେଠାରେ ଗମନ ପ୍ରଦକ୍ଷିଣ କରିବା ରୂପେ ଜାଣିବାକୁ ହେବ । ୨୫ । ଦଣ୍ଡ ପ୍ରଣାମ—ସାଷ୍ଟାଙ୍ଗ ଦଣ୍ଡବତ । କଳନ୍ଦ—ଭାର୍ଯ୍ୟା । ୨୬ । ନୋହିଲେ ସନ୍ତୁଷ୍ଟ—ଭକ୍ତ ପ୍ରତି ସ୍ନେହ କଲେ ନାହିଁ । ୨୭ । କଇବଲ୍ୟଦାତା—ମୁକ୍ତିଦାତା । ୨୮ । ଗୁଆଁର—ମୂର୍ଖ (ପାମର ଶବ୍ଦ) । ୨୯ । ଚିନ୍ତାମଣି—ରତ୍ନ, ଯାହା ଧରି ଲୋକ ଇଚ୍ଛାମତ ଫଳ ଲାଭ କରେ—ଜଗନ୍ନାଥ ॥

ପଞ୍ଚବିଂଶ ଛାନ୍ଦ

୧ । ତମ—ଅନ୍ଧକାର । ହଂସ—ସୂର୍ଯ୍ୟ । ହୃଷୀକେଶ—କୃଷ୍ଣଚନ୍ଦ୍ର ।

୨ । ହକାରି—ଡାକରି । ସଭାଚାରୀ—ସଭାପଣ୍ଡିତ, ସଭାସଦ୍ । ଇଚ୍ଛାହାରେ—ଆବେଗରେ ।

୪ । ପକ୍ଷପାତ—ଗୋଟିଏ ପାଖକୁ ଧରି ।

Digitized by srujanika@gmail.com

ସତ୍ତ୍ୱାୟୁଂ ଯୋ ବଦେତ୍ ତଥଂ ମୋହାଲ୍ଲୋଭାଦ୍ ଭୟାଦ୍ ଭ୍ରମାତ୍
ସପ୍ତଭିଃ ପୂର୍ବଜୈଃ ସାର୍ଦ୍ଧଂ ନରକଂ ଯାନ୍ତି ରୌରବମ୍ ।

ଅଶା—ଇଚ୍ଛା, ଅଭିପ୍ରାୟ । ପ୍ରତେ—ପ୍ରତ୍ୟୟ, ବିଶ୍ୱାସ । ଅବିବେକ ମୂଢ଼—ମୂର୍ଖମୂଢ଼ । ସଙ୍ଘାତ—ନରକ । କାଳଦଣ୍ଡ—ଯମଦଣ୍ଡ । ସଂଘାତ—ମୃତ୍ୟୁ । କଟୁ...ଅମୃତ—ଯେ ଦ୍ରବ୍ୟ ଖାଇବାକୁ କଟୁ ବା ପିତା ତାହାର ଫଳ ଶେଷକୁ ଭଲ; କିନ୍ତୁ ଯାହା ଖାଇବାକୁ ମିଠା, ତା ଫଳ ଭଲ ନୁହେଁ ।

୫ । କର୍ପୂର, ଉଷୁମପାଣି ଓ ଲେମ୍ବୁ ଏକାଠି ପିଇବାକୁ ଭଲ ଲାଗେ; କିନ୍ତୁ ଅଳ୍ପ ସମୟରେ ଯେପରି ସନ୍ନିପାତ ଆଣି ଜୀବନ ନାଶ କରେ, ସେହିପରି ଦୁଷ୍ଟ ଲୋକର କଥା ମିଠା ତାହାର ଫଳ ବିଷମୟ । ଏମାନେ...ଅଗତେ—ଏ ସବୁ ମରଣକୁ ଆଗରେ ଚଳାଏ । ୬ । ଗ୍ରାମସିଂହ—କୁକୁର । ଦିନମଣି—ସୂର୍ଯ୍ୟ । ଖଦ୍ୟୋତଶ୍ରେଣୀ—ଜୁଳୁଜୁଳିଆ ପୋକ ସବୁ । କରୁଛ... ଗାରିମା—କଂସ କୃଷ୍ଣଙ୍କ ମହିମା ଶୁଣିଛୁ, କିପରି ତାର ଗାରିମା କହୁଛୁ, କାଳ ନିକଟ ହେଲେ ଲୋକ ଏପ୍ରକାର ବଢ଼ା କଥା କହେ, କଂସ ତ ଏକେ ଦୁଷ୍ଟ, ତାକୁ ପୁଣି କାଳ ଘୋଟିଛି । ବିଚକ୍ଷଣମାନେ—ପଣ୍ଡିତ-ମାନେ । ଧନୁଯାତ—ରଙ୍ଗସଭା । ୭ । କାମପାଳ—ବଳଦେବ । ୮ । କୁବଳୟ—ହସ୍ତୀ ବିଶେଷ । କୁଳଶହୃଦ—ବଜ୍ରପରି ହୃଦୟ ଯାହାର । ଜଭିର—ଠିଆ ହୋଇଥିବେ । ଗିଳ—ଡାକ । ୯ । କର ଶିର ଉପରେ—ନମସ୍କାର କରି । କେଶବ ଶ୍ରବଣ ମଙ୍ଗଳ—କେଶବ ନାମ ଶ୍ରବଣର ମଙ୍ଗଳ-କର । ଜାହି...ଅମଙ୍ଗଳ—ଯା ନାମ ଧଇଲେ ଅମଙ୍ଗଳ ଦୂର ହୁଏ । ୧୦ । କଳାନ୍ତରେ—ପୂର୍ବକଳ୍ପରେ । ୧୧ । କନକ ଗିରିଚର—କନକ ଗିରି—ମେରୁ—ଚର—ଦେବତାମାନଙ୍କ ମସ୍ତକର ମୁକୁଟମଣି—ମଜ୍ଜୁଳର ନୀଳମଣି—କୃଷ୍ଣଚନ୍ଦ୍ର । କମ୍ବୁଚକ୍ରାବଧର—କୃଷ୍ଣ । କଇଳାସ ଶିଖରବାସୀ ପଞ୍ଚାନନ—କୈଳାସବିହାରୀ ଶିବ । ପଦ ଜଳରେ ସ୍ନାନ—ଗଙ୍ଗା ଶିବଙ୍କର ମସ୍ତକରେ ବହୁଅଛି ।

୧୨ । ଦୀନକୃଷ୍ଣ, ଶ୍ରୀ କୃଷ୍ଣଚନ୍ଦ୍ରଙ୍କର ପାଦପଦ୍ମ ଚିହ୍ନକୁ ୧୮ ପ୍ରକାର ବୋଲି କହୁଅଛନ୍ତି । ଭକ୍ତି ରସାମୃତ ସିନ୍ଧୁର ଟୀକାରେ ଜୀବ ଗୋସ୍ୱାମୀ ୧୬ ଷ ପ୍ରକାର ନିର୍ଦ୍ଦେଶ କରିଅଛନ୍ତି । ତନ୍ମଧ୍ୟରେ ଜମ୍ବୁ, ଚକ୍ର, ଗୃହୀତ ହୋଇ ନାହିଁ । ରୂପ ଗୋସ୍ୱାମୀ ଶ୍ରୀ ରାଧାକୃଷ୍ଣଗଣୋଦ୍ଦେଶଦୀପିକାରେ ଶଙ୍ଖ, ଚକ୍ରକୁ ଗ୍ରହଣ କରିଅଛନ୍ତି ଅଧିକନ୍ତୁ ସେ ଛତିକୁ ଚିହ୍ନରୂପେ ଗ୍ରହଣ କରିଅଛନ୍ତି । କୁଳିଶ—ବଜ୍ର । ଅଷ୍ଟକୋଣ—ଆଠକୋଣିଆ ଚିହ୍ନ, ହୀରା । ଧନୁ—ଇନ୍ଦ୍ରଧନୁ । ଧ୍ୱଜ—ପତାକା । ସ୍ୱସ୍ତିକ—ମଙ୍ଗଳକର ଚିହ୍ନ ବିଶେଷ ।

୧୩ । ଯବ—ଯବ ଧାନ । ବିନ୍ଦୁ—ବୋଧହୁଏ କର୍ମଫଳ ଅର୍ଥରେ ଗୃହୀତ । ଅଙ୍କୁଶ—ଅଙ୍କୁଡ଼ । ଗୋଷ୍ପଦ—ଗୋରୁଖୁରା । କୁସୁମଲିଟ—ଭ୍ରମର ।

Digitized by srujanika@gmail.com

ଫକାଇ ଡହଁକାସ୍ତେ—ଭୂମିରେ ପଡ଼ି । ଉପେକ୍ଷି—ଛାଡ଼ି । ୧୪ । ଜଇରବ —କହି । ଶମ୍ଭୁପର୍ବତ—କୈଳାସ । ପର୍ବ—ପୂର୍ଣ୍ଣିମାସନ୍ଧି । ଜଳଧରଭ— ଚୂଡ଼ା । ଛବଙ୍କ ଏ ଗର୍ବ—ଶୋଭାକୁ ଏ ଭୂଷା । ପଟ୍ଟନୀ—ବସ୍ତ୍ର । ଉଷ୍ଣୀଷ— ପାଗ ।

୧୫ । କୋକନଦ—ରକ୍ତପଦ୍ମ । ସୁରତ୍ନ ସରିତ—ଦେବନଦୀ, ଗଙ୍ଗା । କଳିନ୍ଦକନ୍ୟା—ଯମୁନା । ଛଟା—ଶୋଭା । ଜଳଦ ଘଟାକୁ— ମେଘସମୂହକୁ ।

୧୬ । କେଶରୀ କଟିତଟେ—ସିଂହ କଟିପରି ସୂକ୍ଷ୍ମ କଟି ଯାହାଙ୍କର—କୃଷ୍ଣଚନ୍ଦ୍ର । ପୀତ ପଟ୍ଟନୀ—ପୀତବସ୍ତ୍ର । ଘଟେ—ଶୋଭାପାଏ, ଯୋଗାଏ । ପ୍ରମୋଦ —ହର୍ଷ । ଅଣ୍ଟାସି—କର୍ଷଁ ନେଇ । ଛନ୍ଦଣୀ—ଦଉଡ଼ି । ଦୁର୍ହଣୀ —ଠେଙ୍ଗା । କାମୀକାମଦୋହନ—କାମନାକାରୀର କାମ—ଇଚ୍ଛାଫଳ ପ୍ରଦାନକାରୀ ଅର୍ଥାତ୍ କାମଧେନୁ ।

୨୦ । କେଶୀ ଜୀବନ ହର—କେଶୀ ଦୈତ୍ୟର ପ୍ରାଣଘେନା, କୃଷ୍ଣ । ଉର୍ଲ୍ଲୀ— ଆଜ୍ଞାପତ୍ର, ସନ୍ଦେଶ, ଖବର । ବ୍ରଜନାହା—ବ୍ରଜନାଥ, କୃଷ୍ଣ । ୨୧ । ବୁକୁ—ଛାତି । ଶେଷ—ଅନନ୍ତ ନାଗ ।

୨୨ । କୌତୁକ ସମ୍ବାଦ—ଆନନ୍ଦକାରୀ । କଳେବରବସନ—ପିନ୍ଧା ଲୁଗା । ଆଶୀବିଷ—ସର୍ପ । କାରା—ବନ୍ଦୀଘର । କାମଦଶମ ଦଶା—ମୃତ୍ୟୁ ।

୨୪ । କୁତ୍ସିତ...ଦୁଃଖୀ—

କୁଗ୍ରାମବାସଃ କୁଜନସ୍ୟ ସେବା କୁଭୋଜନଂ କ୍ରୋଧମୁଖୀ ଚ ଭାର୍ଯ୍ୟା ।
ମୂର୍ଖଶ୍ଚ ପୁତ୍ରୋ ବିଧବା ଚ କନ୍ୟା ବିନାଗ୍ନିନା ଷଟ୍ ଦହନ୍ତେ ଶରୀରମ୍ ॥

୨୫ । ଛାୟାଦେବୀଙ୍କ କାନ୍ତ—ସୂର୍ଯ୍ୟ । କାମପାଳ—ବଳରାମ । ସୁରଭି—ଗାଈ । ମାଜଣା ବିଧି—ସ୍ନାନାଦି । କଥା ପ୍ରସଙ୍ଗ—ବାର୍ତ୍ତା, କଥାବାର୍ତ୍ତା । ୨୬ । ହଂସତୂଳତୂଳୀ—ହଂସର କୋମଳ ପରରେ ନିର୍ମିତ ହୋଇଥିବା ଶେଯ । ଆତ୍ମଘୋଷ—ଆପଣା ଶବ୍ଦ । ଚରଣାୟୁଧ—କୁକୁଡ଼ା । ନିଦ୍ରା ଭାମିନୀଙ୍କି— ନିଦ୍ରା ସ୍ତ୍ରୀକୁ ।

୨୭ । କାନ୍ତ ଯୁବତୀମାନେ—ସୁନ୍ଦରୀ ନାରୀମାନେ । କାନ୍ତ—ନାୟକ । ଗହଣ —ସଙ୍ଗର ଲୋକମାନେ । ଚନ୍ଦ୍ରବାଦ୍ୟେ—ଚନ୍ଦ୍ରବାଦ୍ୟର । ମଧୁପୁର— ମଥୁରା । ପ୍ରୀତିଠାରେ—ପ୍ରୀତିପାତ୍ରଙ୍କଠାରେ ।

ଷଷ୍ଠବିଂଶ ଛାନ୍ଦ

୧ । କାଲୁଷ୍ଟ—ଅଜ୍ଞାନ, ଜଡ଼ ହୋଇ । କଙ୍କଣ—ଜଳ, ଲୋତକ, । ୨ । କମଠପ୍ରାୟ କଠିନ । କୋମଳନିକେତନ—କୋମଳତାର ଗୃହ, ଭ୍ରମର

Digitized by srujanika@gmail.com

ହୃଦୟ କୋମଳ । ସ୍ୱାମୀର ବିରହଯନ୍ତ୍ରଣାରେ ସ୍ତ୍ରୀ ଦିନକୁ ଦିନ କୃଶ ହୋଇଯାଏ ଓ ଶେଷରେ ତାହା ସହି ନ ପାରି କାଁରେ ଝାସ ଦିଏ ।

୫ । କବୁଛ...ଉଣା—ତୁମର ହୃଦୟ କଠୋର, ତୁମ୍ଭେ ଗୃହ ଯାଉଛ, ଆମ୍ଭର ସ୍ତବ ରହୁଛି, ସେ ମଧ୍ୟ କଠୋର । କେହି କାହାକୁ ଊଣା ନୁହନ୍ତି । କାକ...ଜଣା—କାଉ ବହୁତ ଆଶା କରି କୋଇଲକୁ ଆଦରରେ ପୋଷିଥାଏ, କିନ୍ତୁ କୋଇଲି ବଡ଼ଗଲେ ତାକୁ ଛାଡ଼ି ଚାଲିଯାଏ । ସେହିପରି ତୁମ୍ଭେ ଅମ୍ଭଙ୍କୁ ଛାଡ଼ି ଚାଲିଯାଉଛ । କି କହିବା...ଚରି—କୃଷି ରଖିବା ଲାଗି କୃଷି ରଖିବାକୁ ଦିଆ ହୋଇଥାଏ, ସେ ଯେବେ କୃଷି ଖାଇଯାଏ ଅର୍ଥାତ୍ କୃଷି ଅଙ୍କୁରକୁ ମାଡ଼ିଯାଏ, ତେବେ ସେ ଅନ୍ୟାୟ କଥା କାହାକୁ କହିବାକୁ ହେବ । ହେ କୃଷ୍ଣଚନ୍ଦ୍ର, ତୁମ୍ଭେ କଂସର ଉପଦ୍ରବରୁ ଅମ୍ଭଙ୍କୁ ରକ୍ଷା କରିବା ଲୋକ—ତୁମ୍ଭେ ଅମ୍ଭଙ୍କୁ ନାଶ କରି ଗଲେ ତାହା ଆଉ କାହାକୁ କହିବୁଁ । ଲଗୁ—ବ୍ୟାକୁ, ହୁଡ଼ା ।

୬ । କରେ......ମୁଖ୍ୟ—"ବିଷବୃକ୍ଷୋଽପି ସମ୍ବର୍ଦ୍ଧ୍ୟ ସ୍ୱୟଂ ଛେତ୍ତୁମସାମ୍ପ୍ରତମ୍"

୭ । କି କଲି......ସୁଖାବୃକ୍ଷେ—ଦଇବ କି ସୁଖ ଦେଇ ନ ଥିଲା, ବର୍ତ୍ତମାନ ତୁମ୍ଭଙ୍କୁ ଅମ୍ଭଠାରୁ ଅନ୍ତର କରି କି ବା ଦୁଃଖ ନ ଦେଉଛି, ତୁମ୍ଭେ କୃପାନିଧି ହୋଇ ବିଧିର ପ୍ରତିକୂଳ ଆଚରଣ କରି ପାର କିନ୍ତୁ ତୁମ୍ଭେ ବିଧିର ସହାୟ ପ୍ରଦାନ କରି ଚାଲି ଯାଉଛ । "କର୍ମାୟତ୍ତଂ ଫଳଂ ପୁଂସାଂ ବୁଦ୍ଧିଃ କର୍ମାନୁସାରିଣୀ" ପୂର୍ବଜନ୍ମକୃତ କାର୍ଯ୍ୟ ଫଳରେ ଲୋକେ ସୁଖ ଦୁଃଖ ଭୋଗ କରନ୍ତି । ସେ ଯେତେବେଳେ ବଳହୀନ ଅର୍ଥାତ୍ ତାହାର ଫଳ ସେ ସୁଖଭୋଗ କରୁ ନାହିଁ—ବିଧାତା କି ଭାଗ୍ୟର ବାମ ବେଳକୁ ଅର୍ଥାତ୍ ଯେତେବେଳେ ଭାଗ୍ୟ ପ୍ରତିକୂଳ ସେତେବେଳେ ଅମୃତ ଗଛରେ ବିଷ ଫଳେ, ତୁମ୍ଭେ ସୁଖଦାତା ହୋଇ ଦୁଃଖ ପ୍ରଦାନ କରିବାକୁ ବସିଛ । କୃପଣ......ସେହ—ଲୋକେ ରଙ୍କ କୃପଣ ଲୋକକୁ କହି ଅର୍ଥାତ୍ ଅଭାବ ଜଣାଇ କୌଣସି କାଳରେ କିଛି ଫଳ ପାଏ ନାହିଁ । ଅନ୍ତର୍ଦାହ—ମନରେ ଅତ୍ୟନ୍ତ ଦୁଃଖ ତାହାର କେବଳ କହିବାବେଳେ ହୁଏ ।

୮ । ସାହା—ବଳ । ୧୦ । ନିରାଶ ଅସ୍ତଗିରିରେ—ଅମ୍ଭମାନଙ୍କୁ ନିରାଶ କରିବା ଅସ୍ତାଚଳରେ । ଅସ୍ତ—ଦୂର । ତାହା—ଯଶରୂପ ଚନ୍ଦ୍ର । ଉଇତବ—କଟାଣି ।

୧୧ । ଦଧିଫଳ—କଇଁଥଫଳ । କରି......ରଖିବା—ହାତୀ ଯେପରି କଇଁଥ-ଫଳର ଶସଗୁଡ଼ିକ ଖାଇ ଖାଲି ଖୋଳ ପକାଇଦିଏ ସେହିପରି ଅମ୍ଭେମାନେ ଜୀଇଁଥିବୁଁ କିନ୍ତୁ ଅମ୍ଭମାନଙ୍କର ଜୀବନର ସାରସବୁ ସବୁ ଚାଲିଯିବ । ଭମଠ.....ଦେଖିବେ—ଦଣ୍ଡିଛ ନିଜ ନିଜ ଉମ୍ବୁରଡ଼ିକ ପଙ୍କରେ ଘୋଡ-

Digitized by srujanika@gmail.com

ଦେଇ ଦୂରକୁ ଚାଲିଯାଏ । ସେହିପରି ତୁମ୍ଭେ ଆମ୍ଭମାନଙ୍କୁ ଏଠାରେ ବନ୍ଦୀ କରି ଚାଲିଯିବ, କିନ୍ତୁ ଆମ୍ଭର ସାନ୍ତ୍ୱନା ବେଶ ଦେଖିବ ନାହିଁ । କୁରରୀ— ପକ୍ଷୀବିଶେଷ,କ୍ରନ୍ଦନଶୀଳ ପକ୍ଷୀ, କପୋତ ଜାତୀୟ; ଉତ୍କ୍ରୋଶ କୁରରୌ ସମୌ'' ଇତ୍ୟମରଃ । କୁରରୀପକ୍ଷୀ ପ୍ରାଚୟ...ବିୟୋଗ—ତୁମ୍ଭ ବିରହ ଏ ଶରୀରକୁ ଝୁରିବା ହେତୁ କୁରରୀ ପକ୍ଷୀ ପ୍ରାୟ କରାଇବ ।

୧୨ । ଭବାମ୍ବୁ—ସଂସାର ଦୁଃଖରୁ । ବୋଇତ—ଜାହାଜ । ପ୍ରୀତି ହେଲା ବୋଇତ, ତୁମ୍ଭ ସଙ୍ଗ ହେଲା ସମୁଦ୍ର । କୂଳ...ଏକପ୍ରକାର—କୁଳଶୀଳ ଏକପ୍ରକାର ତ୍ୟାଗ କଲୁଁ । ଅମ୍ବର...ଅମ୍ଭାନ୍ତ—ସେହି ପ୍ରୀତି ବୋଇତରେ ଆମ୍ଭର ପିନ୍ଧା ବସନକୁ ପାଲ କଲୁଁ । ଅମ୍ବରକୁ ମଧ୍ୟ ଟେକି ଧଇଲୁଁ ଅର୍ଥାତ୍ ଲଜ୍ଜା ଆଦି ଛାଡ଼ିଲୁଁ । କଂସଦୂତ—ଅକ୍ରୂର—ସେ ବତାସ ହେଲା, ସେ ପ୍ରୀତି ବୋଇତକୁ ନାଶ କଲା ।

୧୩ । ସେନ୍ଧା—ସହାୟ, ରକ୍ଷକ । ୧୪ । କର୍କଟ......ଭଜନ୍ତି—କଙ୍କଡ଼ା, ବାଉଁଶ, ନଳଫଳ, କଦଳୀ ପ୍ରଭୃତି ଫଳ ବେଳକୁ ଅର୍ଥାତ୍ ଫଳଲା ପରେ ମରନ୍ତି ।

ବେଣୁନଳକର୍କଟକାଶରମ୍ଭାବନାଶକାଲେ ଫଳମୁଦ୍ଵହନ୍ତି ।
ଏବଂ ନରାଣାଂ ବିପରୀତକାଲେ ଦ୍ୟୂତଂ ଚ ମଦ୍ୟଂ ଚ ପରସ୍ତ୍ରିୟଞ୍ଚ ॥

କୃତ୍ୟ—କର୍ତ୍ତବ୍ୟ, କରଣି । ବିହାୟସ—ପକ୍ଷୀ ।

୧୫ । କେବେହେଁ.........ବିଶ୍ୱାସ—''ନଦୀନାଞ୍ଚ ନଖୀନାଞ୍ଚ ଶୃଙ୍ଗିଣାଂ ଶସ୍ତ୍ରପାଣିନାମ୍ । ବିଶ୍ୱାସୋ ନୈବ କର୍ତ୍ତବ୍ୟଃ ସ୍ତ୍ରୀଷୁ ରାଜକୁଳେଷୁ ଚ'' । କେତେ 'ରାଜକୁଳେଷୁ ଚ' ପାଠ କରନ୍ତି । ତରଙ୍ଗିଣୀ—ନଦୀ । ନରପତି ରାଜା । ଶୃଙ୍ଗିଣୀ—ଶିଙ୍ଗ ଥିଲା ଜନ୍ତୁ । କାଳସର୍ପ—କାଳୀୟନ୍ତୀ ନାଗ; ଏଠାରେ କଂସ । ସରସ୍ୱତୀ—ବଚନ । ମଞ୍ଜୁଳ—ମନୋହର । ଶଲ— ଶୂଳ, ଯନ୍ତ୍ରଣାଦାୟକ ।

୧୬ । କଲୁ......ସେହିମତି—ସେ କଥା ବଡ଼ ହିତ କରି ସମ୍ମତ କଲୁଁ, ତୁମ୍ଭ ଆମ୍ଭର ସେହିମତ—ତୁମ୍ଭେ ଯେପରି କହୁଛ ତୁମ୍ଭ ଆମ୍ଭର ଭାବ ସେହିପରି ।

୧୭ । ସ୍ତୋକ—ଚାତକ । ମେଘବିନା ଚାତକ, ଚନ୍ଦ୍ର ବିନା ଚକୋର କେତେ ଜୀବନ ରଖନ୍ତି କି ? ଜୀବନ—ଜଳ । କୃତ୍ତିବାସ ଓ ଶମ୍ଭୁ—ମହାଦେବ ।

୧୯ । ଅପାଙ୍ଗରେ—କଟାକ୍ଷ, ନେତ୍ରପ୍ରାନ୍ତ । କୁମ୍ଭକାରକ—କୁମ୍ଭାର । ଉହା— କୁମ୍ଭାର ଚୁଲ୍ଲୀ । ଜମ୍ବାଲ—ପଙ୍କ ।

ଅନ୍ତର୍ଗତା ମଦନବହ୍ନିଶିଖାବଳୀ ଯା ସା ବାଧତେ କିମିହ ଚନ୍ଦନଚର୍ଚ୍ଚିତେନ ।
ଯା କୁମ୍ଭକାରପବନୋପରିପଙ୍କଲେପସ୍ତାପାୟ କେବଳମସୌ ନ ଚ ତାପଶାନ୍ତ୍ୟୈ ।

୨୦ । ବସ୍ତାହା—ଅଗ୍ରହଯୁକ୍ତ । ଫୁର୍ବ୍ରୁଣା—ଉତ୍ଫୁଲ୍ଲ, ଆନନ୍ଦିତ । ସୋରେହା— ଛିଦ୍ରାଯୁକ୍ତ, ଅବାଉ । ୨୧ । କୁଞ୍ଜରଗମନୀ—ଗଜଗମନୀ । ନବଗୁଡ଼—

Digitized by srujanika@gmail.com

ନୂଆ ଗୁଡ଼ ପୁରୁଣା ହେଲେ ଭଲ ଗୁଣ କରେ, କିନ୍ତୁ ପିତା ଲାଗେ, ଗୁଣ ସମ୍ବନ୍ଧରେ ପିତା ଲାଗିବାରୁ ଧରିବା ଭଲ ନୁହେ ।

୨୩ । କୁଣ୍ଡଳୀ—ସାପ । କୁବଳୟ ଫଳ—ମୁକ୍ତା, ଶାମୁକାରୁ ସମ୍ଭୂତ—ଜାତ ।
କରୀନ୍ଦ୍ରଜୀମୂତବରାହଶଙ୍ଖମତ୍ସ୍ୟାହି ଶୁକ୍ତ୍ୟୁଦ୍ଭବବେଣୁଜାନି ।
ମୁକ୍ତାଫଳାନି ପ୍ରଥିତାନି ଲୋକେ ତେଷାନ୍ତୁ ଶୁକ୍ତ୍ୟୁଦ୍ଭବମେବ ଭୂରି ॥

୨୪ । କନକମହୀଧର—ମେରୁ । କମଳିନାଥ—ସୂର୍ଯ୍ୟ, ମେରୁର ଚାରିପାଖରେ ସବୁବେଳେ ସୂର୍ଯ୍ୟ ବୁଲନ୍ତି । ୨୫ । କନ୍ୟାଗମ—ପ୍ରତିମା । ଅପଲକରେ—ଅଖିପତା ନ ପକାଇ । ୨୬ । କଷ୍ଟ କଣ୍ଠରେ—ଅତି କଷ୍ଟରେ ।

୨୭ । କାଳୀୟର ମର୍ଦ୍ଦନ—କୃଷ୍ଣଚନ୍ଦ୍ର, କବିଙ୍କର ଭାବଭୋଳା ମନ କୃଷ୍ଣଚନ୍ଦ୍ରଙ୍କର ରଥ ପଛରେ ଯାଇଥିଲା ଓ କାଳର ପାପ ସବୁ ଛଡ଼ାଇଲା । ହାଣି ରଜକ ମସ୍ତକ—କୃଷ୍ଣଚନ୍ଦ୍ର ମଥୁରାରେ ପହଞ୍ଚି କଂସର ଧୋବାକୁ ଲୁଗା ମାଗିଲେ—ସେ ଭର୍ତ୍ସନା କରି କହିବାରୁ ତାକୁ ଚାପୋଡ଼େ ମାରି ତାର ପ୍ରାଣ ନେଲେ । ଜୁର—ବଳାତ୍କାରରେ ହରଣ କରିବେ ଓ ତଦ୍ଦ୍ୱାରା ଲୋକଙ୍କୁ ସନ୍ତୋଷ କରିବେ ।

୨୮ । କୁବ୍ଜା—ମାଲ୍ୟଶୀରୁ ହାତରେ ଯଳଖେଇ ଦେଇ ସୁନ୍ଦର ରୂପ ଦେଇ-ଥିଲେ । କୁବଳୟ—କଂସର ହସ୍ତୀ । ଜନକ ଜନନୀ—ବସୁଦେବ ଓ ଦେବକୀଙ୍କୁ କଂସର ବନ୍ଧନରୁ ଉଦ୍ଧାରିବେ । କାଳଦମନ—କାଳଯବନ—ଯବନଙ୍କର ରାଜା, ଅତ୍ୟନ୍ତ କ୍ଷମତାଶାଳୀ ଥିଲା, ସେ ଯାଦବମାନଙ୍କର ଶତ୍ରୁ, ତାକୁ କୃଷ୍ଣଚନ୍ଦ୍ର ଯୁଦ୍ଧରେ ପରାଜିତ କରିନା ଅସମ୍ଭବ ମଣି ଚାଲାକି କରି ମୁଚୁକୁନ୍ଦ ଶୋଇଥିବା ଗହ୍ୱରକୁ ନେଇ ଯାଇଥିଲେ । ମୁଚୁକୁନ୍ଦ ଦୃଷ୍ଟିରେ ସେ ଜଳି ଯାଇଥିଲା । କୁମୁଦ—'କୁ'ର ମୁଦ—ପୃଥିବୀର ଆନନ୍ଦ । ଜୃମ୍ଭଣ—ପ୍ରକାଶ ।

୨୯ । କୁବଳୟ—ସମୁଦ୍ର । କନକମୟ—ସ୍ୱର୍ଣ୍ଣମୟ । କୁଣ୍ଡୀ ନୃପତିସୁତା—କୁଣ୍ଡୀ ନଗରର ରାଜା ଯେ ଭୀଷ୍ମକ ତାଙ୍କ ଦୁହିତା—ରୁକ୍ମିଣୀ । ରାଜଦୁହିତାମାନଙ୍କ—ଲକ୍ଷଣା, ସତ୍ୟଭାମା, ଶୈବ୍ୟା, ସୁଶୀଲା, ଜାମ୍ବବତୀ ପ୍ରଭୃତି । କୁରୁ-କୁଳକୁ—ଦୁର୍ଯ୍ୟୋଧନାଦିଙ୍କୁ । ପାଣ୍ଡବଙ୍କୁ—ଯୁଧିଷ୍ଠିରାଦିଙ୍କୁ । କଜ୍ଜଳପର—ରାକ୍ଷସ ଜାତିର । ମନ୍ତ୍ରିମାନଙ୍କର—ଶତ୍ରୁମାନଙ୍କର । ରମଣୀ—ସ୍ତ୍ରୀ । କଙ୍କଣ—କରଭୂଷଣ ଅର୍ଥାତ୍ ସେମାନଙ୍କ ପତିକୁ ମାରିବେ ବା କରଭୂଷଣ ରମଣୀମାନଙ୍କ—ରାକ୍ଷସ ସ୍ତ୍ରୀଙ୍କ, କରମଣି କଙ୍କଣ—ହସ୍ତର ମଣି କଙ୍କଣ ଅକଣ୍ୟ ହରିବେ ।

୩୦ । କୃତାନ୍ତଦଣ୍ଡ—ଯମଦଣ୍ଡ । ଭବତମପାଶ—ସଂସାର ଅନ୍ଧକାରରୂପ ଫାଶ ଦୂରୀକରିବ ।

Digitized by srujanika@gmail.com

ସପ୍ତବିଂଶ ଛାନ୍ଦ

୧ । ସୁର ଅସନେ—ସ୍ଥିର ସ୍ଥାନରେ—ଅର୍ଥାତ୍ ନାସାଗ୍ରରେ ବା ଭ୍ରୂମଧ୍ୟରେ । ଝାଙ୍କାକାର...ଯଥେ—ଚନ୍ଦ୍ରଙ୍କର କିରଣରେ ଚନ୍ଦ୍ରମଣି ଗଳଗଳ ହୋଇ ବୃ ଝର୍ଥାରେ ଏ ଶରୀର ପାପଯନ୍ତ୍ର ଦେଖିବା ନିମିତ୍ତ ଦ୍ରବି ଯାଉଛି ।

୨ । କୈବଲ୍ୟ—ମୋକ୍ଷ । କଂସ କଟକରେ—କଂସ ନଗରରେ, ମଥୁରାରେ । କୁସୁମଶର—କନ୍ଦର୍ପ, କାମ । ୩ । ତରୁଣ—କ୍ଷୁଦ୍ର । ସମ୍ମାଗତ—ଧରିପାଇ । ଇନ୍ଦ୍ରଧନୁ—ରାମଚନ୍ଦ୍ର; ଶରଦ ମେଘ—ଲକ୍ଷ୍ମଣ ; ଶରଦ କାଳରେ ମେଘ ଶୁଭ୍ର, ସେଥିରେ ଇନ୍ଦ୍ରଧନୁ ପଡ଼ିଲେ ରାଷ୍ଟ୍ର ଉତ୍ପାତ ବ ଉପଦ୍ରବ ହେବ ।

୪ । ଘଣ୍ଟାପଥ—ରାଜଦାଣ୍ଡ । ଇନ୍ଦ୍ରଜାଲିକରାଟ—ପ୍ରଧାନ କୁହୁକିଆ ବା ମାୟାକାରୀ । ୫ । ଉରବୁ—ଛାତିରୁ । କୃତ୍ତିବାସ...ନାହିଁ—କୃତ୍ତିବାସ ଯେ ଶିବ ସେ ଅମ୍ବର ବହନ୍ତି ନାହିଁ—କି ବସ୍ତ୍ର ବ୍ୟବହାର କରନ୍ତି ନାହିଁ । "ଏଠାରେ କୃତ୍ତିବାସ କହି" ଅମ୍ବର କହିବାରେ ଜଣାପଡ଼ୁଛି ଯେ ମହାଦେବ କୃତ୍ତିବାସ ଅମ୍ବରବାସ ନୁହନ୍ତି—କୃତ୍ତିବାସ—ଦିଗମ୍ବର, ଉଲଗ୍ନ, ଏଠାରେ କୁଚ ଶିବଙ୍କ ସଙ୍ଗରେ ତୁଳା ହୋଇଅଛି ।

୬ । କାବ୍ୟତାନ୍—ଶୁକ୍ରତାରା ପରି ଉଜ୍ଜ୍ୱଳ ମୋତିହାର, ଚମ୍ପକଲତା ସ୍ଥଳରେ । କର...ଉଚ୍ଚଲେ—ଗଙ୍ଗାଧର—ଶିବଙ୍କ—ଜ-ଉ—ମସ୍ତକର । ଅତଏବ ଉଚ୍ଚଲେ—ଉଲ୍ଲସି 'ଉଠୁଛି । ହାର ଗଙ୍ଗାରୂପରେ ଧରା ହୋଇଅଛି । 'କରେ' ମଧ୍ୟ କେତେକ ପୋଥିରେ ଅଛି । ସଦନ—ଘର । କୁଚ ହେଲା ଶିବ ତାଙ୍କ ମସ୍ତକରେ ହାରରୂପ ଗଙ୍ଗା ଖେଳୁଛି କି ?

୮ । କୁହୁକ—ମାୟା । କାଳୀ—କାଳୀ ଦେବୀ । ଅଙ୍ଗଜ—ରକ୍ତ, ଶୋଣିତ । ଶୋଷିଲେ—ହରିଲେ । କମଳକୁମାର—ଜଳରୁ ଜନ୍ମ ଚନ୍ଦ୍ର । ତାକୁ ହେମନ୍ତ କଣ୍ଠ—ଯେମନ୍ତ ମାଳା ହେମନ୍ତ ହୃଦରେ ଧରିଲେ । ୯ । କାମ ପ୍ରଥମ ଦଶା—ଅଭିଳାଷ । ନବମ ଦଶା—ଜଡ଼ତା ।

"ଅଭିଳାଷଶ୍ଚିନ୍ତା ସ୍ମୃତିଗୁଣକଥନୋଦ୍‌ବେଗସମ୍ପ୍ରଳାପାଶ୍ଚ ।
ଉନ୍ମାଦୋଽଥ ବ୍ୟାଧିର୍ଜଡ଼ତା ମୃତିରିତି ଦଶାତ୍ର କାମଦଶାଃ ॥

ଦଶମ ଦଶା—ମୃତ୍ୟୁ । କପର୍ଦ୍ଦୀ—ମହାଦେବ । 'ରକ୍ଷିବୁ ବୋଇଲେ—ଯେବେ ରକ୍ଷିବୁ ବୋଲି କହନ୍ତି ।

୧୦ । ରଇବତ ନନ୍ଦିନୀ—ରେବତୀ । କୃଷ୍ଣବାସେ—କଳା ଲୁଗାରେ । ପୁଲୋମ ତନୟା—ଶଚୀ । ସହସ୍ରନୟନ—ଇନ୍ଦ୍ର, ଅସଂଖ୍ୟ ଲୋକଙ୍କ ଦୃଷ୍ଟି । ୧୧ । ବଳକ୍ଷିପୂରେ—ପଦ୍ମାକରର ଉପର ଭାଗ । ଜଳାଞ୍ଚଳରେ—ଝଲଦା

Digitized by srujanika@gmail.com

ଜଳାର ରନ୍ଧ୍ରରେ, ଜଳା ବାଟରେ । ରଞ୍ଜନବେଶ—ରତ୍ନ ଅଳଙ୍କାର । ଝଲକ—ଦାଉ ଦାଉ ଝଟକିବାରୁ । ଦୃଶ ଅଦୃଶ—କେତେବେଳେ ଜଣାପଡ଼େ କେତେବେଳେ ଜଣାପଡ଼େ ନାହିଁ ।

୧୨ । ମେଲ୍ଲ ଗବାକ୍ଷେ—ଜଳାକବାଟରେ । ଦଶ ହୃଦୟମାନଙ୍କୁ—ତାହାଠାରେ ଅର୍ପିତ ଲୋକଙ୍କ ହୃଦୟକୁ ସୁଖ ପ୍ରଦାନ କରୁଛି । ସୁଧାସୁର—ଚନ୍ଦ୍ରମା ଘର । କୃଷ୍ଣ ବଜାୟୁ ରଜନୀ—କୃଷ୍ଣଚନ୍ଦ୍ରଙ୍କର ମଥୁରାଦ୍ୱାରରେ ଉପସ୍ଥିତ ହେଲା ଜ୍ୟୋତ୍ସ୍ନା ରାତି । ଚକୋର ଚନ୍ଦ୍ରକିରଣ ପାନ କଲା ପରି ନାଗରୀମାନେ ତାହା ଦେଖିବାକୁ ଆଗ୍ରହଯୁକ୍ତ ହୋଇଛନ୍ତି । ୧୩ । ଶୋଭ ଅଞ୍ଚଳ—ଶୋଭାର ସ୍ଥାନ । କରିବଦନେ—ଗଣେଶଙ୍କଠାରେ । ବାମ କକ୍ଷକୁ—ବାମ କୁକ୍ଷିତଳରେ । ବେନି ଖଞ୍ଜନ—ଦୁଇଟି ଖଞ୍ଜନ ପକ୍ଷୀ ଚକ୍ଷୁ । ପଞ୍ଜରୀରେ—ଜଳାକବାଟ ପଛରେ ।

୧୫ । କରି......ମିଛ—ଇନ୍ଦ୍ର ସହସ୍ରଚକ୍ଷୁ, ରୁଦ୍ରଙ୍କ ଶରୀରରେ ଭସ୍ମ—ପାଉଁଶ; ଚନ୍ଦ୍ରଙ୍କ ଦେହରେ କଳଙ୍କ; କଳ୍ପତରୁ—କାଠ; ଚିନ୍ତାମଣି—ପଥର; କୁସୁମମାର୍ଗଣ—କାମ, ଦହନରୁ ଦୂଷଣ; ଶିବଙ୍କ ଚକ୍ଷୁରେ ଦଗ୍ଧ ହେବାରୁ ଦୋଷଯୁକ୍ତ, ଯାହା କବିମାନେ ତୁଳନା କରନ୍ତି ତାକୁ ଯୋଏ—ରାମ କୃଷ୍ଣ ତୁଚ୍ଛ କଲେ ।

୧୮ । କମଳ ନୟନ......କେତେ—କୃଷ୍ଣ ବରହ ଅଗରେ ବଳ, ବଜ୍ର ସରୁ ବେଶି ପୀଡ଼ାଦାୟକ ନୁହନ୍ତି । ୨୦ । ଅପାଟବ—ମୂର୍ଖ, ଅବାଗିଅ । ମେଳଅଏ—ନଯଉଁମାନେ ରଜାଙ୍କ ବବୁଲରେ ମିଳିତ ହୁଅନ୍ତି ।

୨୧ । କଣ୍ଠୀରବ—ସିଂହ । ୨୨ । ତରଜା—ତର୍ଜନା, ଭର୍ତ୍ସନା । କଳୁଷ ପକାଇ—ପାପ ଛାଡ଼ି । ନିର୍ବାଣ—ମୁକ୍ତି । କୃପାନିଧି.....ଦ୍ୱାରେ—କୃଷ୍ଣଚନ୍ଦ୍ରଙ୍କର କୋପ ଓ ଦୟାରେ ଲୋକ ମୁକ୍ତି ପାଏ ।

୨୪ । କୁଳିଶଧର—ବଜ୍ରଧାରୀ, ଇନ୍ଦ୍ର । କୁବେରପୁଅ—ନଳକୁବର ଓ ମଣିଗ୍ରୀବ । ଅଚ—ସୁଦାମା । ୨୫ । କାନନ ଦହନ—ବନ ଅଗ୍ନି । ୨୬ । ବରଣି—ଶତ୍ରୁ, ମହିମା । ୨୭ । ଗନ୍ତାଇତ—ଗନ୍ତାଘରିଆ, ସରଘରିଆ । ଭମଣୀୟ—ସୁନ୍ଦର । ତ୍ରୈଲୋକ୍ୟ ଶୋଭା—କୃଷ୍ଣଚନ୍ଦ୍ର ।

୨୮ । ଗନ୍ଧପେଡ଼ି—ସୁଗନ୍ଧ ଦ୍ରବ୍ୟର ପେଡ଼ି । ଚରମ—ପିଠି । ନାଗରୀ ନାରୀଙ୍କ ଧୁରା—ଶ୍ରେଷ୍ଠା ନାରୀ । ୨୯ । ନିୟୋଗୀ—ସେବାକାରିଣୀ । କଳଙ୍କ—ଦୋଷ । ୩୦ । ରୁକ୍ଷା—ଖାଲି, ମଣ୍ଡନ ହୋଇ ନାହିଁ । ମନୋଜ—କାମ ।

୩୧ । କାମକର...ପାଇଲା—ଏଠାରେ ଭାଲ ହେଲା ଚନ୍ଦ୍ର, ତଳକ ହେଲା କନ୍ଦର୍ପ ହାତ ଖଣ୍ଡା । ୩୨ । କରକରେ—ହାତକରେ ଚିବୁକ ଧରି ଅନ୍ୟ ହାତରେ ଟେକିଲେ । ୩୩ । ପୀତାମ୍ବର—କୃଷ୍ଣ । ପୀତାମ୍ବର—

Digitized by srujanika@gmail.com

ତୂଳବଥ ଲଗା । ଭବ ଚଷ୍ଟୁ—ସଂସାର ସକ୍ଷଣାରୁ । ୩୪ ଚାର୍ମୁଚ—ଧନୁ । ୩୫ । କମ୍ରୀକରେ—ହାତ ହାତରେ । ଚରଳଗୃହ—କୃଷ୍ଣଚନ୍ଦ୍ର । ୩୭ । କୁଞ୍ଜମବନ—ବଗିଚ୍ଛ । ଶୀତଳ ମନୋହର—ଖଇ ଉଖୁଡ଼ା ପ୍ରଭୃତି ଅପକ୍ୱ ସାମଗ୍ରୀ । ଭାରପୁରୁଷ—ଲମ୍ପଟ । ବାସବତଗ—ସୂର୍ଯ୍ୟଭଗ । ୩୯ । ଚୋକମ୍ପଥନ—ଚକ୍ରଅ ଚକୋର ।

୩୮ । ଭଣ୍ଡଅଳ—ଚନ୍ଦ୍ରବଅ । ଉପଭଣ୍ଡ—ଗୈର । ପ୍ରଭ୍ର—ପ୍ରଭ୍ରବ, ଜଳ । ଜଳାଭର ପ୍ରିୟୁତରେ—ସନ୍ଧିତରମାନେ, ଏଠାରେ ପେଚ୍ଚ ପ୍ରଭୃତି । ଉଲ୍ଲଗିଜଲେ—ଫିଟାଇଲେ । ଅପଜୃତ୍ତ—ନନ୍ଦ୍ରାତ୍ୟାଗ । ଗୋପାଳବଲ୍ଲଭ—ଭୋଗବଶେଷ । ସୁବଳ ଓ ସୁଦାମ—କୃଷ୍ଣଙ୍କ ଦୁଇ ସଖା । ଉପବନ—ବଗିଚ୍ଛ । ଆରାମ—ବଗିଚ୍ଛ । ରାମସୈନ୍ୟ—ରାମଚନ୍ଦ୍ରଙ୍କ ସମରର ସୈନ୍ୟ । କଞ୍ଚନ, ତାଳମ୍ବ ଓ ସୁଷେଣ ଏସବୁ ମର୍କଟ ସେନାପତି । କଞ୍ଚନ, ତାଳମ୍ବ ଓ ସୁଷେଣ—ଏମାନେ ସବୁ ଗଛ—ସୁଷେଣ "କୃଷ୍ଣପାକଫଳାବର୍ଗସୁଷେଣାଃ କରମର୍ଦ୍ଦକେ ।" ପନ୍ତ—ପଂକ୍ତି, ଧାଡ଼ି । ଅନ୍ଦାବ—ସାହସ ।

ଅଷ୍ଟାବିଂଶ ଛାନ୍ଦ

୧ । କଳାପିକଳାପ—ମୟୂରପିଚ୍ଛ । ୨ । ଉର୍ଦ୍ଧ୍ୱରେତା—ଯୋଗୀ, ମହାଦେବ । ବବେକିତା—ବଗ୍ୟରଣୀଳର ଧର୍ମ । ୩ । ରୋହଣୀ—ଚନ୍ଦ୍ରଙ୍କ ସ୍ତ୍ରୀ, ଉପର ପୀତବର୍ଣ୍ଣ ଅର୍ଥାତ୍ ଗୌରବର୍ଣ୍ଣ ହେତୁ ଏପରି ତୁଳନା ।

୪ । ମଣିମକରକୁଣ୍ଡଳ—ମଣିନିର୍ମିତ ମଗର ଆକାରର କୁଣ୍ଡଳ । ଲେଖ—ଲୁଭ୍ୟ । ସୁର—ଦେବତା ବା ସୂର୍ଯ୍ୟ । ଆଖଣ୍ଡଳ—ଇନ୍ଦ୍ର ।

୫ । ନକ୍ଷତ୍ରମାଳା—ସତାଇଶ ଗୋଟି ମୁକ୍ତାହାର ଗୁନ୍ଥା ମାଳାକୁ ନକ୍ଷତ୍ରମାଳା କହି । "ସା ଚୈ ନକ୍ଷତ୍ରମାଳା ସ୍ୟାତ୍ ସପ୍ତବିଂଶତମୌକ୍ତିକୈଃ" କଉସ୍ତୁଭ ତା ମଧ୍ୟରେ ବକ୍ଷସ୍ଥଳରେ ଶୋଭା ପାଉଅଛି । କବା....ମେଳ—ନୀଳମଣି ପଥରର ଭୂଇଁରେ ଚନ୍ଦ୍ରରମଣୀ ତାରାମାନଙ୍କ ସଙ୍ଗରେ ମିଳନ ହୋଇଅଛି—ଏଠାରେ କୃଷ୍ଣଚନ୍ଦ୍ରଙ୍କର ଶରୀର ନୀଳମଣି ବର୍ଣ୍ଣ, କଉସ୍ତୁଭ ଚନ୍ଦ୍ର ତୁଲ୍ୟ, ମୁକ୍ତାମାଳା ତାରାଗଣ ।

୬ । କାଞ୍ଚୀମାଳା—ଚନ୍ଦ୍ରହାର ବା ସୂର୍ଯ୍ୟହାର, କଟିମେଖଳା । ଘଟି—ଯୋଗାଉଛି । କନକନିଭ—ସୁନା ପରି; ପାଗଲୁଣ୍ଠି—ପଗଡ଼ିର ଫେର ବା ପଞ୍ଝକନା ।

୭ । ସୃଷ୍ଟି—ସଂସାରର ଲୋକ । ପରମେଷ୍ଠୀ—ବିଧାତା । ବ......ପରମେଷ୍ଠୀ—ହେ ପରମେଷ୍ଠୀ—ବିଧାତା, ତୁମ୍ଭେ କି ନୂତନ ସୁଖ ସୃଷ୍ଟି କି ପ୍ରକାଶ କଲ ।

Digitized by srujanika@gmail.com

୮। ଦାମ ଚେଷ୍ଟ ସର୍ବାଙ୍ଗ (ଯେ ବୃକ୍ଷବାଡରେ ସମାନସ୍ୱରରେ ବାଣ ମାରି ପାରେ) ସେ ଶିକ୍ଷାଗୁରୁ ଦେଇ ଅଛିର। ସୁମନ—ଭଲ ଭକ୍ତଦେବା। ମୋହନ—ମୂର୍ଖ ଭକ୍ତଦେବା। ମହେଶ—ମହାଦେବ।

୧୦। କୁବଳୟ—କଂସର ହାତୀ। ଉଭାବ ନହଲେ—ଠିଆ ହୋଇ ରହିଲେ।

୧୧। ଯନ୍ତା—ହାତୀ ମାହୁନ୍ତ। ୧୩। ଭରି ଗୃଳନ—ଚଳାଇ, ଡାକାଇ। ୧୫। କରାଳ—ଭୟଙ୍କର। ୧୬। ମାତଙ୍ଗ—ହସ୍ତୀ। ଯନନ୍ତ—କୃଷ୍ଣଚନ୍ଦ୍ର। କୁଣ୍ଡଳୀ—ସର୍ପ। ୧୭। କଣ୍ଠୀରବ—ସିଂହ। ୧୮। କଶ୍ୟପତନୟ—ଗରୁଡ଼। କାଳେଶୟ—ସର୍ପ। ପ୍ରଭା—ତେଜ।

୧୯। କୁମ୍ଭକାରଚକ୍ର—କୁମ୍ଭାର ଚକ। କଣ୍ଠୀରବ କରଣ୍ଡା—ହାତୀ। ଗୁଞ୍ଜର—ଭ୍ରମରଜାତୀୟ ପକ୍ଷୀ। ୨୦। କରି ଅବଲୁଣ୍ଠ.....ନିରନ୍ତରେ—ସେମାନେ ନିଜ ମଧ୍ୟରେ ଅତ୍ୟନ୍ତ ଅସ୍ପର୍ଶ ବିରହ ଭାବ କରାଇ ଲଗାଲଗି ହୋଇ ରହି ଏହା ଦେଖୁଅଛନ୍ତି। ସେମାନେ ଏପରି ଆଗ୍ରହରେ ଦେଖୁଅଛନ୍ତି ଯେ ପରସ୍ପର ମଧ୍ୟରେ ଯେପରି କି ବିରତ ଜନ୍ମିଛି, ତେଣୁ କାହା ସଙ୍ଗରେ କଥାବାର୍ତ୍ତା କରି ପାରୁ ନାହାନ୍ତି।

୨୧। କୁଧର—ପର୍ବତ। କୁଳଶ—ବଜ୍ର। ୨୨। କୁମ୍ଭୀ—ହାତୀ। ହସ୍ତିପକ—ମାହୁନ୍ତ। ୨୩। ଦଶନ—ହାତୀଦାନ୍ତ। ଅମରବୃନ୍ଦ—ଦେବତାମାନେ।

୨୪। ୨୫। କୁଟିଳକଟାକ୍ଷିତା.....

ମଲ୍ଲାନାମଶନିର୍ନୃଣାଂ ନରବରଃ ସ୍ତ୍ରୀଣାଂ ସ୍ମରୋ ମୂର୍ତ୍ତିମାନ୍
ଗୋପାନାଂ ସ୍ୱଜନୋଽସତାଂ କ୍ଷିତିଭୁଜାଂ ଶାସ୍ତା ସ୍ୱପିତ୍ରୋଃ ଶିଶୁଃ।
ମୃତ୍ୟୁର୍ଭୋଜପତେର୍ବିରାଡବିଦୁଷାଂ ତତ୍ତ୍ୱଂ ପରଂ ଯୋଗିନାଂ
ବୃଷ୍ଣୀନାଂ ପରଦେବତେତି ବିଦିତୋ ରଙ୍ଗଂ ଗତଃ ସାଗ୍ରଜଃ।

ଲୋକମାନଙ୍କର ଭାବନାନୁଯାୟୀ କୃଷ୍ଣଚନ୍ଦ୍ର ଦେଖା ହେଲେ। କାଳଦେବତା—ଯମ।

୨୬। ଉପେକ୍ଷିବା—ଛାଡ଼ିବା। ୨୭। ଆନନ କରି ଅବନ—ମୁହଁକୁ ତଳକୁ ପୋତି। ୨୮। କାହାଃସ୍ଫୋଟ ମାରି—ବାହୁରେ ଫୁଟକା ମାରି। ହଲୀ—ବଳରାମ। ହରି—କୃଷ୍ଣ।

୨୯। ମୁଖର—ଖଳ। ୩୦। ଚାଣୂର—କଂସର ଅସୁରମାଲ। ବ୍ରଜସିଂହ—ବୀରବର କୃଷ୍ଣଚନ୍ଦ୍ର।

୩୧। ମୁଷ୍ଟିକ—କଂସର ଅସୁରମାଲ। ତୋମର—ଅସ୍ତ୍ରବିଶେଷ। ରାମପାଳ—ବଳରାମ। ବିବୁଧମାନେ—ଦେବତାମାନେ। କୃପାଣ—ଖଣ୍ଡା।

୩୨। କୃଷ୍ଣ ଅଗ୍ରଜ—ବଳରାମ। ସିଂହାଣ—ଚତ୍ୱର। ଜଞ୍ଜାଳବାରଣ—ଭବଦୁଃଖ ଦୂରକାରୀ କୃଷ୍ଣ। ନିର୍ବାଣ—ମୋକ୍ଷ।

୩୪। କୁମ୍ଭକାର.....ତାରଣ—୪ ଛାନ୍ଦ ୨୯ ପଦର ଟୀକା ଦେଖ। ୩୫। ଉଗ୍ରସେନ—କଂସପିତା।

Digitized by srujanika@gmail.com

ଊନବିଂଶ ଛାନ୍ଦ

୧ । ଦେବନ୍ଦ୍ରାଙ୍କ କାର୍ଯ୍ୟ—ଅସୁର ନାଶ । କରୁଣାନିଧି—ଦୟାସାଗର, କୃଷ୍ଣ । ଛଇଡବେ—କପଟରେ । ପ୍ରବୋଧ—ସାନ୍ତ୍ୱନା କର ।

୨ । ମୋହୋ ବାହାରେ—ମୋ ଛଡ଼ା । ବାହାରେ—କୌଣସି ଲୋକର ବା କୌଣସି ବିଷୟର । ୬ । ଅକାଳଚଡ଼କ—ଅସମୟରେ ବଜ୍ର । ଗୂଢ଼—ଗୁପ୍ତ । ୭ । କୃଶକେତୁ—ବିଧି, ବ୍ରହ୍ମା । ବିଅର୍ଥ—ବୃଥା । ୮ । ଚର—ଦୂତ । ପେଶେ—ପଠାଏ । ୯ । ଅପୂର୍ବ ଶୁଭ—ଅଶ୍ରୁତ ଶୁଭ—ଯାହା କେବେ ଦେଖାଯାଇ ନାହିଁ ବା 'ଅ' ପୂର୍ବରେ ଥିବା ଶୁଭ ଅର୍ଥାତ୍ ଅଶୁଭ ।

୧୨ । ଆନନ୍ଦକନ୍ଦ—ଆନନ୍ଦର ମୂଳ କାରଣ; କାରଣ ସେ ସ୍ୱୟଂ ସଚ୍ଚିଦାନନ୍ଦ ହେତୁ ସଦା ଆନନ୍ଦମୟ । ପରମାନନ୍ଦ—ଅତି ଆନନ୍ଦ ।

୧୩ । ଅମ୍ବାଙ୍କୁ—ମାତାଙ୍କୁ । ୧୪ । କାଳଦମନ—କାଳଯବନ; ମୁଚୁକୁନ୍ଦ ଦୃଷ୍ଟିରେ ତାକୁ କୃଷ୍ଣଚନ୍ଦ୍ର କପଟରେ ମରାଇଥିଲେ । ୧୯ । କୃଶକେତୁ—ବ୍ରହ୍ମା । ୨୧ । ବରଜବଂଶ—ଗୋପାଳମାନେ । ୨୨ । କଂସତମହଂସ—କଂସ ହେଲା ଅନ୍ଧକାର—ତାର ହଂସ—ସୂର୍ଯ୍ୟ ଶ୍ରୀକୃଷ୍ଣ । ୨୩ । ତାଙ୍କର ରହିଲେ—କୃଷ୍ଣ ରହିଲେ ।

୨୪ । ବାସକସଜ୍ଜା—ସୁବେଶିତ ହୋଇ ନାୟକଙ୍କ ଗୃହ ରହିବା ନାୟିକା ।

୨୫ । କରପଇଠ—ହାତଭରି । ୨୬ । କୁବେର—ଅଳକାପୁର—ଧନପତି ଯେ କୁବେର ତାଙ୍କର ସୁନ୍ଦରପୁର ଯେ ଅଳକା । ମଣ୍ଡିଣି—ସୁସଜ୍ଜିତ, ଭଲ ସଜାଇବା । ୨୭ । ଚନ୍ଦ୍ରାତପ ପାଟପତନି—ଚାନ୍ଦୁଆର ପାଟ-ଲୁଗା ।

୨୮ । ଛେଚ—ସୁଗନ୍ଧ ଜଳସେଚନ; ଚନ୍ଦନପାଣି ପ୍ରଭୃତି ଛିଞ୍ଚା । ପାଏଡ଼ା—ଦେବତା ଓ ରାଜା ବଜେ ହେବା ସମୟରେ ବାଟରେ ପକାଇବା ଲୁଗା ।

୨୯ । କରଦନ୍ତ—ହସ୍ତିଦାନ୍ତ । ହଂସୁଲୀତୂଳୀ—ହଂସଲୋମରେ ନିର୍ମିତ ତୋଳାଇ ବା ହଂସଲୋମରେ ତୋଳାଇ ପରି କୋମଳ ତୋଳାଇ, କାରଣ ହଂସୁଲୀ ହଂସତୂଳୀର ଅପଭ୍ରଂଶ । କେଷର—ଫୁଲର କେଶର ବା ନାଗେଶ୍ୱର ଫୁଲର କେଶର । ମୁଚୁଳୀ—ମାଣ୍ଡି, ରଙ୍ଗଅ ।

୩୨ । ଝୋଲ—ପାତଳ ଗନ୍ଧର । ଚତୁଃସମ—ଚନ୍ଦନ, ଅଗୁରୁ, କସ୍ତୁରୀ, କୁଙ୍କୁମ ଏହି ଚାରି ପଦାର୍ଥ । ୩୪ । ଯାହା—କୃଷ୍ଣଙ୍କ ଅଙ୍ଗ । ୩୬ । କଦମ୍ବ......ମାଳେ—ଦେହର ଲୋମ ଟାଙ୍କୁର ଉଠିଲା ।

Digitized by srujanika@gmail.com

୩୮। ଚକ୍ଷଣ—ଅଶ୍ରୁଜଳ, ଲୁହ। ୩୯। କଳାକରେ—ଚନ୍ଦ୍ରଙ୍କ ସ୍ଥାନ। କଳାକରମଣି—ଚନ୍ଦ୍ରମଣି। ୪୦। କୋଟିକାମ ମନୋରଥ—କୋଟିଏ କାମଙ୍କ ମୂର୍ତ୍ତିର ଶୋଭା ମିଶିଲେ ଯେ ମୂର୍ତ୍ତିର ଭାବ ମନରେ ଆସେ ସେପରି ମୂର୍ତ୍ତି କୃଷ୍ଣଙ୍କର।

୪୧। କଳାକରକରେ—ଚନ୍ଦ୍ରଙ୍କ କିରଣରେ। ରଜନୀହଂସ—ନିଶାହଂସ। କୈରବ—ଧଳାକଇଁ। ୪୨। ହଂସ—ସୂର୍ଯ୍ୟ। ୪୩। କମଳେ—ଜଳରେ। କମଳାପାଦ—ପଦ୍ମପାଦକୁ। ୪୪। ବ୍ରହ୍ମା କୃଷ୍ଣଚନ୍ଦ୍ରଙ୍କ ପାଦ ଧୋଇଥିଲେ ଯେଉଁ ଜଳରେ, ସେହି ଜଳ ମହାଦେବ ମସ୍ତକରେ ଧାରଣ କରିଥିଲେ—ତା-ନାମ ଗଙ୍ଗା; ସେ ଜଳ କପିଳମୁନିଙ୍କ ଚକ୍ଷୁର ଅନଳରେ ଦଗ୍ଧ ହୋଇ ଯାଇଥିବା ସଗରରାଜାଙ୍କ ପୁତ୍ରମାନଙ୍କୁ ଉଦ୍ଧାର କରିଥିଲା। ୪୫। ରଙ୍ଗ—ଶୃଙ୍ଗାର ଖେଳ।

୪୬। କୁମୁଦନନ୍ଦିନୀ—ରାଧା। କିଶୋରବୟସ—ନୂତନ ଯୁବା। ୪୮। କୁସୁମବାଣ—କାମଦେବ। ୪୯। କୃତାନ୍ତ—ଯମ। ୫୦। ରସିକରାଜେ—ରସିକଶ୍ରେଷ୍ଠ କୃଷ୍ଣଚନ୍ଦ୍ର।

ବିଂଶ ଛାନ୍ଦ

୧। କମଳନେତ୍ର—ପଦ୍ମସଦୃଶ ଚକ୍ଷୁ ଯାହାଙ୍କର—କୃଷ୍ଣଚନ୍ଦ୍ର। କଂସକଟକେ—ମଥୁରାରେ। ଚିତ୍ତେଇ—ମନେ କରି। କୁନ୍ଦଦଶନା—କୁନ୍ଦଫୁଲର ପାଖୁଡ଼ା ପରି ଦାନ୍ତ ଯାହାର ଏପରି ସେ ରାଧା। କମନୀୟ—ସୁନ୍ଦର। ବନ୍ଧୁଲୀ ବିମ୍ବ-ଦନ୍ତବସନା—ବନ୍ଧୁଲୀ ଫୁଲ ଓ ଗୋବୁଖିଆ ଫଳ ପରି ଓଠ ଯାହାଙ୍କର। କାମକାଣ୍ଡଧାଡ଼ି ଘାତରେ—ମଦନବାଣର ବାରମ୍ବାର ଆଘାତରେ। ଧାଡ଼ି—ଶ୍ରେଣୀ ବା ଆକ୍ରମଣ।

୨। କନକଗୋରୀ—ସୁନାପରି ଗୌର ବର୍ଣ୍ଣ ଯାହାର। ୩। କୁଟିଳବେଣୀ—ବାଳରେ ଯାହାର ଭଙ୍ଗ ଅଛି।

୪। ଲୋତକ—ଲୁହ। ପଦ୍ମଦଳ ନେତ୍ର—ପଦ୍ମଫୁଲର ପାଖୁଡ଼ାସଦୃଶ ଚକ୍ଷୁ। ଅଚ୍ଛନ୍ନ—ଆବୃତ। ବର୍ଷାରେ ପଦ୍ମଦଳର ଶୋଭା ନଷ୍ଟ ହେଲାପରି ଲୁହରେ ନେତ୍ରର ଶୋଭା ନଷ୍ଟ ହେଲା। ୫। ରଙ୍ଗଅପାଙ୍ଗୀ—ଲାଲବର୍ଣ୍ଣ ହୋଇଥିବା ଆଖିର ଶେଷଭାଗ ଯାହାର। "ଚଳ ଅପାଙ୍ଗୀ ପାଠରେ—ଚଞ୍ଚଳ ହୋଇଛି ନେତ୍ରପ୍ରାନ୍ତ ଯାହାର। ଭ୍ରୂଭଙ୍ଗୀ—ଭ୍ରୂକୁର ନାଚ। କ୍ରୀଡ଼ା କୁରଙ୍ଗୀ—କଉତୁକ ନିମନ୍ତେ ହରିଣୀ। କଳାନିଧି......ବଦନ—ଯେଉଁ ମୁଖ ଶୋଭାରେ ଚନ୍ଦ୍ରଙ୍କୁ ଜିଣିଛି।

Digitized by srujanika@gmail.com

୬। ଗର୍ଭକ—ଖୋପାଭିତରେ ଥିବା ମାଳା, କେଶଭୂଷଣ ପୁଷ୍ପ। ନେତ୍ର—ଛପତ୍ର। ଚରମଦେଶ—ପିଠି।

୭। କମ୍ପ, ରୋମାଞ୍ଚ, ସ୍ୱରଭଙ୍ଗ, ଅଶ୍ରୁ, ସ୍ୱେଦ ଆଦି ସାତ୍ତ୍ୱିକ ଦଶା ତାର ହେଉଥିବ। ଚତୁରବଦନ—ବ୍ରହ୍ମା। ୮। କଳକଣ୍ଠକଣ୍ଠୀ—କୋଇଲି କଣ୍ଠ ପରି କଣ୍ଠ ଯାହାର। ଶଶିମୁଖୀ—ଚନ୍ଦ୍ରମୁଖୀ, ରାଧା।

୯। ବିଚିତ୍ରକର୍ମା—ବିଧାତା। ୧୦। କଳାନିଧାନୀ—କଳା ବିଦ୍ୟାରେ କୁଶଳା।

୧୧। କୁନ୍ତଳ—ବାଳ। ବିଜୟମାନୀ—ଜୟ କରିବାରେ ଅଭିମାନୀ ହେଲ।

୧୨। କୁରୁବକ—ନାଲି ଦାହେବେରଣ୍ଡାଫୁଲ। "ତତ୍ର ଶୋଣେ କୁରୁବକଃ ତତ୍ର ପୀତେ କୁରଣ୍ଟକଃ"। ଗଭ୍ଭ—ପୁଷ୍ପଗୁଚ୍ଛ। "ତୋରା" ପାଠରେ—ଉଜ୍ଜ୍ୱଳତାରେ।

୧୩। ମୋର କାମକଳାପ ଗାତ୍ରୀ—ମୋର ଶୃଙ୍ଗାର କାମନା ଅର୍ଥାତ୍ ଇଚ୍ଛାର ବିଷୟ ସବୁ ଗାତ୍ରରେ ଯାହାର; "କାମକଳା କଳାପଗାତ୍ରୀ"—ପାଠରେ—ଶୃଙ୍ଗାରକଳା ସମୂହ ଗାତ୍ରରେ ଅଛି ଯାହାଙ୍କର।

୧୪। ହାବ ଓ ଭାବ—ଯୌବନେ ସତ୍ତ୍ୱଜାସ୍ତାସାମଷ୍ଟାବିଂଶତିସଂଖ୍ୟକାଃ।
ଅଲଙ୍କାରସ୍ତତ୍ର ଭାବହାବହେଲାସ୍ତ୍ରୟୋଽଙ୍ଗଜାଃ। ସାଃ ଦଃ

ସ୍ତ୍ରୀମାନଙ୍କର ସ୍ୱାଭାବିକ ଶରୀରଶୋଭାଜନକ ଧର୍ମସବୁ।

ଭାବ—ନିର୍ବିକାରାତ୍ମକେ ଚିତ୍ତେ ଭାବଃ ପ୍ରଥମବିକ୍ରିୟା। ସାଃ ଦଃ। ବିକାରଶୂନ୍ୟ ହୃଦୟରେ ପ୍ରଥମ ବିକାରକୁ ଭାବ କହନ୍ତି।

ହାବ—ଭ୍ରୂନେତ୍ରାଦିବିକାରୈସ୍ତୁ ସମ୍ଭୋଗେଚ୍ଛାପ୍ରକାଶକଃ।
ଭାବ ଏବାଲ୍ପସଂଲକ୍ଷ୍ୟବିକାରୋ ହାବ ଉଚ୍ୟତେ।

ଭ୍ରୂ, ଚକ୍ଷୁ ପ୍ରଭୃତିର ବିକାରରେ ସମ୍ଭୋଗ ଇଚ୍ଛା ପ୍ରକାଶ କରିବା ଓ ଭାବରୂପ ଅଳ୍ପ ପ୍ରକାଶ ହେବା ବିକାରକୁ ହାବ କହନ୍ତି।

୧୫। ବ୍ରୀଡ଼ା—ଲଜ୍ଜା। କରରୁହ—ନଖ।

କୁଟ୍ଟମିତ—କେଶସ୍ତନାଧରାଦୀନାଂ ଗ୍ରହେ ହର୍ଷେଽପି ସମ୍ଭ୍ରମାତ୍।
ପ୍ରାହୁଃ କୁଟ୍ଟମିତଂ ନାମ ଶିରଃକରବିଧୂନନମ୍।

କେଶ, ସ୍ତନ ଓ ଅଧରଗ୍ରହଣରେ ଏବ ନାୟକ ସ୍ପର୍ଶହେତୁ ଆନନ୍ଦରେ ଓ ଉତ୍ପାଦଜନିତ ତ୍ରାସରୁ ମସ୍ତକ ଓ ହସ୍ତଚାଳନକୁ କୁଟ୍ଟମିତ କହନ୍ତି।

୧୬। କେଶରୀମଧ୍ୟା—ସିଂହକଟି। ଅଶ୍ଳେଷ—ଆଲିଙ୍ଗନ। ୧୭। ବରରମଣୀ—ସ୍ୱସ୍ତିନୀ। ୧୮। କରଜସୀରେ—ନଖଲଙ୍ଗଳରେ। ତନୁ—ଶରୀର।

ଆଦୌ କୁନ୍ତଳକର୍ଷଣଂ ନୟନୟୋରାଚୁମ୍ବନଂ ଗଣ୍ଡୟୋର୍ଦନ୍ତେନାଧରପୀଡ଼ନଂ ହୃତଂ ମୁଷ୍ଟ୍ୟା ଚ ନାଭୌ ଭଗେ। କୁଚୌ ଦଷ୍ଟକପୋଳଗଣ୍ଡଯୁଗଳଂ ଶ୍ରୋଣୀଷୁ ଚୈତାନଖାନ ସୀମନ୍ତେ ଲିଖନଂ ନଖୈର୍ବିରଚିତଂ ଗୃଷ୍ଟଗାଢ଼ଂ ତତଃ।

୨୦। ଜାନକୀନାଥ—ରାମଚନ୍ଦ୍ର, କୃଷ୍ଣଚନ୍ଦ୍ର।

Digitized by srujanika@gmail.com

ଏକତ୍ରିଂଶ ଛାନ୍ଦ

କଳାକର କଳାପ୍ରାୟେ—ଚନ୍ଦ୍ର ଏକ କଳାରେ ରହିଲେ ଯେପରି କ୍ଷୀଣ ଦେଖାଯାନ୍ତି ସେପରି ଅତିକ୍ଷୀଣ ।

୧ । କୀରପାଠ ପ୍ରାୟେ—ଶୁଆ ପଢ଼ିଲା ପରି । କାନ୍ତ—ବନ୍ଧୁବୃନ୍ଦ । ସଦନ—ଗୃହ । ଖେଦ୍ଭ, ଖେଦିଭ—ଦୁଃଖ । କାମ...ଚଳ୍ପ—କାମଅଗ୍ନିରେ ଶୀତଳ ପ୍ରୟୋଗ କଲେ ମଳୟ ପବନ ତାକୁ ପ୍ରବଳ କରେ—ଅର୍ଥାତ୍ ପବନ ଯୋଗରେ ସେ ବଢ଼ିଯାଏ । ଜଳ...ବହ୍ନ—ଜଳନ୍ତା ଶାମୁକା ବା ସିପରେ ପାଣି ପଡ଼ିଲେ ଯେପରି ବେଶୀ ଜଳେ ।

୪ । ଫଣୀମଣି—ସର୍ପଶ୍ରେଷ୍ଠ । କଳକଣ୍ଠକଣ୍ଠ—କୋକିଳସ୍ୱର । ପାଣି—ହାତ । କୁଳିଶ—ବଜ୍ର । କଳକଣ୍ଠ—କୋଇଲି ବା ପାରା । ବଟଙ୍କ—ପାମ୍ବଡ଼ି, କପୋତପାଳିକା । କାନ୍ତାମର୍ଦ୍ଦିମଣି ଚ—ନାୟିକାର ସୁରତକାଳୀନ ଅସ୍ପଷ୍ଟ ବାଣୀ—"ମଣିତ ରତକୂଜିତମ୍ ।"
ସୀତ୍କୃତାନି ମଣିତଂ କବୁଣୋକ୍ତିଃ ସ୍ନିଗ୍ଧମୁକ୍ତମଲମର୍ଥ ବଚାଂସି ।
ହାସଭୂଷଣରବାଶ୍ଚ ରମଣ୍ୟାଃ କାମସୂତ୍ରପଦତାମୁପଜଗ୍ମୁଃ ।
ଶିଶୁପାଳବଧ —୧୦-୭୫ ।

୫ । ଖଞ୍ଜନ—ପକ୍ଷୀ । ୭ । କୁଣ୍ଡଳୀ—ସାପ । ୮ । କାକର ସମୟ—ଶୀତଦିନ । କିଶୋରୀ—ଶୀତଲଗ୍ନା । ଅଗୁରୁ ଧୂପପୂରରେ—କେଳିଗୃହରେ ଅଗୁରୁଚନ୍ଦନର ଧୂପ ଦିଆ ହୁଏ । ବାତ୍ସାୟନ କାମସୂତ୍ରର ସାଧାରଣ ଅଧିକରଣ ଦ୍ରଷ୍ଟବ୍ୟ । ୯ । ଶ୍ୱାସବାତ—ନିଶ୍ୱାସ ପବନ ।

୧୦ । କାଳକାଳ—ବର୍ଷାକାଳ । ଅମରନଗର—ସ୍ୱର୍ଗ । କଉଶିକ—ଇନ୍ଦ୍ର ।

୧୧ । ସୁମନସ—ଫୁଲ । ଦ୍ୱିଜରାଜ—ଚନ୍ଦ୍ର । ଆଡ଼ମ୍ବର—ସମାରମ୍ଭ ।

୧୨ । କଠାଘ—ଗୃହିଣୀ ବା । ଉଚ୍ଚୈଃଶ୍ରବଣ—ଇନ୍ଦ୍ରଙ୍କ ଅଶ୍ୱ, ଉଚ୍ଚୈଶ୍ରବା ପରି ଚଞ୍ଚଳ । ଅରୁଣ—ସୂର୍ଯ୍ୟଙ୍କ ରଥସାରଥି—ଛଳ । ରମ୍ଭା—କଦଳୀ । ଅଶ୍ୱିନୀକୁମାରଙ୍କ ସଦୃଶ—ସ୍ୱର୍ଗବୈଦ୍ୟତୁଲ୍ୟ । ଅଶ୍ୱିନୀକୁମାର ବ୍ୟାଧିରୁ ମୁକ୍ତ କରନ୍ତି, ରାଧା କାମବ୍ୟାଧିରୁ ମୁକ୍ତ କରିବେ ।

୧୩ । ତତ୍ପରିକ ଉପମା କର—ସ୍ୱର୍ଗସ୍ଥ ପଦାର୍ଥ ଓ ସ୍ୱର୍ଗନାରୀଙ୍କ ସହିତ ତୁଳନା କର ।

୧୪ । କମଳପଲ୍ଲବ—ପଦ୍ମପତ୍ର । କୁଙ୍କୁମ—ଶୀଘ୍ର । କିରଣମାଳୀ—ସୂର୍ଯ୍ୟ । ନଭୋମଣ୍ଡଳ—ଆକାଶ । ଶୁକ୍ଳ ଦ୍ୱିତୀୟା ଚନ୍ଦ୍ରମା—ଅତି କ୍ଷୀଣଚନ୍ଦ୍ର । କରୁଣ—ରୋଦନ ।

୧୫ । କଇରବନନ୍ଦନାକୁ—ଶ୍ରୀରାଧାଙ୍କୁ । ଜଗତ୍ଜନବନ୍ଦନାକୁ—ଜଗତ୍ପୂଜ୍ୟାଙ୍କୁ । ଅଙ୍କ—କୋଳ । ଅପଲକ—ପଲକ ନ ପଡ଼ାଇ ନିର୍ନିମେଷ ଚକ୍ଷୁ ।

Digitized by srujanika@gmail.com

ଅତଙ୍କରେ—ବିପଦରେ । ଅଳୀ—ସଖୀ । ଗଣ୍ଡପାଳୀ—ଗଣ୍ଡସ୍ଥଳ, ଗାଲ । ଅହର୍ନିଶି—ଦିନରାତ ।

୧୨ । ଉଶୀର—ବେଣାଚେର । ପଲ୍ଲବ—ପଦ୍ମପତ୍ର । ଆଲଟ—ଏକପ୍ରକାର ବିଞ୍ଚଣା । ଘନାର—ସୁବାସଜଳ । ୧୭ । ପାକେ—ଶେଷ ଅବସ୍ଥାରେ, ପରିଣାମରେ । ୧୮ । କଳାବନ୍ତ—ସୁଚତୁର । ଉଦ୍ଧବ—ସମ୍ବନ୍ଧରେ କୃଷ୍ଣଚନ୍ଦ୍ରଙ୍କର ପିତୃବ୍ୟ, ଦୂତର କାର୍ଯ୍ୟ କରିଥିଲେ । ୧୯ । ସନ୍ଦେଶ—ବାର୍ତ୍ତା, ବାଣୀ । ୨୦ । କୃଷ୍ଣକେତୁ—ବ୍ରହ୍ମା ।

୨୧ । କଦମ୍ବଫୁଲ ପରାଏ—ରୋମାଞ୍ଚିତ । ମଙ୍ଗଳ—ମଙ୍ଗଳ ଗୀତ ।

୨୩ । ଉଦନ୍ତ—ବାର୍ତ୍ତା ।

୨୪ । ଭୁକ୍ତ—ଅନ୍ନ । କାଲକା—ମେଘ । ସୁଖଶ୍ରେଣୀ—ସୁଖସବୁ ।

ଦ୍ୱାତ୍ରିଂଶ ଛାନ୍ଦ

୪ । କୁଶଳର ମନ୍ଦର—କୁଶଳର ଆଧାର—କୁଶଳଘର । ବିଧୁର—ଦୁଃଖିତ ।

୬ । "ପ୍ରେମେ ଉଦଗମ" କେତେକ ପୋଥିରେ ଅଛି । ପ୍ରେମଇ ଉଦ୍‌ଗମ ମଧ୍ୟ କେତେକ ପୋଥିରେ ଅଛି—ପ୍ରେମ ଥାଇଁର ଉଠୁଛି ବା ଜାତ ।

୭ । ସେବକବତ୍ସଳ—ଭୃତ୍ୟଙ୍କୁ ଯେ ଭଲ ପାଆନ୍ତି । ମଧ୍ୟେ ଦିନା ତାଙ୍କୁ ଅଗ ଗଣି— ଖଣ୍ଡିଏ ପୋଥିରେ ଅଛି ।

୮ । କୁବୁଜା ଫଳକୁ—କୁବୁଜାର ମଙ୍ଗଳ ନିମନ୍ତେ । ବଳକୁ ଗଲେ—ବଳରେ ଗଲେ । 'କାଳକୁ' (ମୃତ୍ୟୁକୁ) ଦୁଇଖଣ୍ଡ ପୋଥିରେ ଅଛି । ବଧକୁ କେବଳ ଗ ଓ ଚ ।

୯ । ଦୀର୍ଘଶୟନ—ମୃତ୍ୟୁ (ମହାନିଦ୍ରା) । ଅୟନ—ମାର୍ଗ ।

୧୨ । କୁସୁମମାର୍ଗଣ—କାମଦେବ । ୧୩ । ପୀୟୁଷ—ଅମୃତ ।

୧୪ । ମନୋଭବ—କାମ ।

୧୫ । ଶରଦେ ଗୃତକଦଣା—ଶରତ୍ କାଳର ମେଘ ବର୍ଷେ ନାହିଁ—ତାକୁ ଆଶା କରି ଯେପରି ଗୃତକ ହୁଏ, ସେହିପରି ଆମ୍ଭେ ହେଲୁ ।

୧୬ । କରୁଣା...କୂଟ—ଦୟା, କପଟତା ଓ କଠିନତାର ଗୃହ ।

୧୮ । ବିଚକ୍ଷଣ—ପଣ୍ଡିତ । ୧୯ । କଏବାର (କଇରବାକୁ)—ସ୍ତୁତି । ବନ୍ଦୀ—ଭାଟ । ଛନ୍ଦି—ବାନ୍ଧି । କଉଁ...ବନ୍ଦୀ—କାମଦେବର ମୋହ କରିବା ଅମୋଘ (ଅମୋଘ) ର ଅବ୍ୟର୍ଥ ଫାଶରେ ବନ୍ଦୀ ନ ହେବ ।

୨୦ । କାନନ—ବଣ । କୀର—ଶୁଆ । ୨୩ । କଳଧଉତ—ସୁନା । କୁଟିଳ—ବଙ୍କା । ୨୪ । କୃତ୍ତିବାସ—ମହାଦେବ । ଦିଗବାସ—ଲଙ୍ଗଳା । କମଳ-ନୟନ—ବିଷ୍ଣୁ । କୁଣ୍ଡଳୀଶୟନ—ଅନନ୍ତସର୍ପକୁ ଶଯ୍ୟା କରିଥିଲେ ।

Digitized by srujanika@gmail.com

୨୬ । ଅହୀରୀ—ଗଉଡ଼ୁଣୀ । ୨୭ । କୁବୁଜାଙ୍କ କାମଦୁହା—କୁବୁଜାଙ୍କ କାମଧେନୁ—କୃଷ୍ଣ (କୁବୁଜାର କାମନା ପୂରଣ କରିଥିଲେ) ।

୨୮ । କଇତବ—କପଟ । ୨୯ । କପିଳ...ପ୍ରସନ୍ନ ହୁଅ—ସଗରପୁତ୍ରମାନେ ପିତାଙ୍କ ଯଜ୍ଞର ଅଶ୍ୱ ଖୋଜି ଖୋଜି କପିଳଙ୍କ ଆଶ୍ରମରେ ପହଞ୍ଚିଲେ । ଇନ୍ଦ୍ର ଭୟରେ ସଗରଙ୍କ ଅଶ୍ୱକୁ କପିଳଙ୍କ ଆଶ୍ରମର ପଛରେ ବାନ୍ଧି ଦେଇଥିଲେ । ସଗର ପୁତ୍ରମାନେ କପିଳଙ୍କୁ ଚୋର ମନେ କରି ଅପମାନ କରିବାରୁ କପିଳ କ୍ରୋଧାଗ୍ନିରେ ସେମାନଙ୍କୁ ଭସ୍ମୀଭୂତ କରିଥିଲେ । ପରେ ସଗରଙ୍କ ବଂଶଧର ଭଗୀରଥ ତପସ୍ୟାବଳରେ ଗଙ୍ଗାକୁ ମର୍ତ୍ତ୍ୟକୁ ଆଣିଥିଲେ । ସେହି ୬୦ ସହସ୍ର ସଗରପୁତ୍ରମାନେ ଗଙ୍ଗାଜଳ ସ୍ପର୍ଶରେ ମୁକ୍ତ ହୋଇଥିଲେ । ଏଠାରେ ଭାବ ହେଲା କପିଳ—ତାହାର କୋପରେ ଆମ୍ଭେମାନେ ସଗର ପୁତ୍ରଙ୍କ ପରି ହେଲୁ । ତୁମ୍ଭେ ଭଗୀରଥଙ୍କ ପରି ହୋଇ ଗଙ୍ଗାରୂପ କୃଷ୍ଣଙ୍କୁ ଆଣି ଆମ୍ଭଙ୍କୁ ଦିଅ । ଆମ୍ଭେମାନେ ଏହି ସଙ୍କଟରୁ ମୁକ୍ତ ପାଇବୁଁ ଓ ତୁମ୍ଭର ଭଗୀରଥଙ୍କ ପରି କୀର୍ତ୍ତି ରହିବ ।

୩୧ । ବିବେକ—ବିଚାରଶୀଳ । ତାହାଙ୍କୁ ଅର୍ଥିବ—ତାହାକୁ ବୃଥା ।

୩୨ । ଶ୍ରୁତି—ବେଦ । ୩୩ । ସତ୍ୟବାଦୀ—ସତ୍ୟବକ୍ତା ଓ ନାଦ ।

ତ୍ରୟସ୍ତ୍ରିଂଶ ଛାନ୍ଦ

୧ । ନିର୍ବାଣ—ମୋକ୍ଷ । ୨ । ଅମରବିବାଦୀ—ଦେବତାଙ୍କ ଶତ୍ରୁ । ଅନ୍ତ—ନାଶ । ପରମଗତି—ମୋକ୍ଷ । ୪ । କହ...ନିର୍ଦ୍ଦୟ—ତୁମ୍ଭେମାନେ କହ "କୃଷ୍ଣ ଆମ୍ଭମାନଙ୍କ ପ୍ରତି ନିର୍ଦ୍ଦୟ ବ୍ୟବହାର କଲେ ।"

୫ । କର୍ମ୍ମକରି...ଅଭିମାନ—କର୍ମକାଣ୍ଡର କର୍ମର ଚର୍ମ 'କି ଚରମ ସୀମାକୁ ଲାଭ କରି କଥିଁ ତୁମ୍ଭେମାନେ ମାନ କରୁଛ ବା କର୍ମକାଣ୍ଡର କର୍ମ କରି କରି ଶେଷରେ କି ନିମିତ୍ତ ଅଭିମାନ କରୁଅଛ । କର୍ମକାଣ୍ଡ—(ଏହି ପାଠ କେବଳ ମୁଦ୍ରିତ ପୁସ୍ତକଦ୍ୱୟରେ ଅଛି, କୌଣସି ପୋଥିରେ ନାହିଁ । ତେଣୁ ଏ ପାଠ ଅଯୁକ୍ତ) କେଳିସମୂହ ।

୮ । କଳା...ହଂସ—ଚନ୍ଦ୍ର ସୂର୍ଯ୍ୟପରି ଶରୀର ପୋଡ଼ିବାକୁ ଲାଗିଲେ ।

୯ । କାଶ୍ୟପନନ୍ଦନ ବଇରୀ—ଗରୁଡ଼ଶତ୍ରୁ, ସାପ । କ୍ଷ୍ୱେଡ଼ରୁ—ବିଷରୁ । ମନ୍ଦ ବାତ—ପୋଡ଼ା ପବନ । ଜାଳିଲୁ—ପୋଡ଼ିଲୁ । ଅନିଳ ଅନଳ ହେଲା ।

୧୧ । କଣ୍ଟକଯୁ—କଣ୍ଟାଳିଆ ପଥ । ବୃନ୍ଦାବନ ସମ୍ପଦ ଯେ କଣ୍ଟାଳିଆ ପଥ, ତାକୁ ଶୂନ୍ୟ କଲୁଁ ଓ ସବୁ ସମ୍ପତ୍ତି ଯେ ଥିଲା ତାକୁ ମଧ୍ୟ ଶୂନ୍ୟ କଲୁଁ ବା ବୃନ୍ଦାବନକୁ କଣ୍ଟକଯୁ ଶୂନ୍ୟ କଲୁଁ ଓ ସବୁସମ୍ପତ୍ତିକି ଶୂନ୍ୟ କଲୁଁ ।

Digitized by srujanika@gmail.com

ତାକର—ହିମ, ଶିଶିର, ଏଠାରେ ବିରହଦୁଃଖ । ହିମରେ ପଦ୍ମବନ ନଷ୍ଟ ହୁଏ; ପଦ୍ମବନରୂପ ଗୋପୀଙ୍କ ଶରୀର ତାକରରୂପ ବିରହଦୁଃଖରେ ନଷ୍ଟ ହେଲା । କାକ...ଫଳ—କାଉ କୋଇଲିକି ପୋଷେ, କୋଇଲି ତାକୁ ଛାଡ଼ି ଚାଲିଯାଏ । କାଉ ଯେପରି ନିଜ କୁଳ ଛାଡ଼ି କୋଇଲିଠାରେ ଅନୁରାଗ କରେ ଓ ପଛେ ଦୁଃଖ ପାଏ, ସେହିପରି ଆମ୍ଭେମାନେ କୁଳ ଛାଡ଼ି କୃଷ୍ଣଙ୍କୁ ଭଲ ପାଇବାର ଫଳ ପାଇଲୁଁ ।

୧୨ । କୁଞ୍ଜବନଗେହେ—କୃଷ୍ଣ । ଆଭରଣ—ଅଳଙ୍କାର, ଅଙ୍ଗୀକାର । ଦୂଷଣଦେଲୁ—ଦେବ, ବଧାଡା । ପ୍ରତିକୂଳ—ବାମ ।

୧୩ । କର ଚିନ୍ତାମଣି...ସେହିମତି—ହାତରେ ଥିବା ଚିନ୍ତାମଣି (ଯେ ଅଭୀଷ୍ଟ ଫଳ ପ୍ରଦାନ କରେ); ଚିନ୍ତାମଣି କରେ—ପ୍ରଧାନ ବା ଅତିବଡ଼ ଚିନ୍ତା ଆଣିଦିଏ । କାମଧେନୁ—କାମଦୁହା (ଯେ ଇଚ୍ଛାନୁରୂପ ଫଳ ଦିଏ) ସେ ମଧ୍ୟ ସେହିପରି ଚିନ୍ତା ଆଣି ଦିଏ । ଅନୀତ—ଅବୈଧ୍ୟର, ଅନୁଚିତ । କବଳ—ଗ୍ରାସ, ଭୋଜନ । ସୁଧା—ଅମୃତ । ଅମୃତ ଖାଇ ମୃତ ହେଲେ କିପାଁ ତାହା ନାମ ଅମୃତ ହେବ ।

୧୪ । ପରଶପଥର—ସ୍ପର୍ଶମଣି । କର୍ମ...ପିନା—ଲୋକ କର୍ମକୁ ଆଦରି ଦୁଃଖ ସହିଲେ । ଚିନ୍ତାମଣି, କାମଧେନୁ, ଅମୃତାଦି ନିଷ୍ଫଳ ହେଲେ ।

୧୬ । କଲେ ଆନ ଆନ—ଅନ୍ୟଥା କଲେ । ଶ୍ରୁତି—ବେଦ । କଇତବ ଧାଇ—କୂଟ ଅଭିସନ୍ଧି ଥିବା ଧାଇ ପୂତନା । ଜାଲକୂଟ—ବିଷ । ଅମୃତ-ଦାନ—ମୋକ୍ଷ । କଳେବର ଦେଲୁ—ଅଙ୍ଗ ପ୍ରଦାନ କଲୁ, ଆତ୍ମସମର୍ପଣ କଲୁ । କୃଶଦଶା—କ୍ଷୀଣତା ।

୧୭ । କୁବୁଜାଙ୍କ କାନ୍ତ—ଅସୁନ୍ଦରୀ କୁବୁଜାର ସ୍ୱାମୀ । ତାଙ୍କଠାରେ ସବୁ ବିପରୀତ କଥା । ଆମ୍ଭେ ସୁନ୍ଦରୀ, ଆମକୁ ଛାଡ଼ି କୁବୁଜା ସହ ରମଣ କଲେ ଓ ସ୍ୱଶତ୍ରୁ କେଶୀ ପ୍ରଭୃତି ଅସୁରଙ୍କୁ ମୁକ୍ତି ଦେଲେ ।

୧୮ । କରଡ଼—ବାଉଁଶଗଜା (ବଂଶାଙ୍କୁର) । ଯାମଳାର୍ଜ୍ଜୁନ ବୃକ୍ଷକୁ ଦେବତା କ କୁବେରଙ୍କ ପୁତ୍ରଦ୍ୱୟ ନଳକୁବର ଓ ମଣିଗ୍ରୀବ କଲେ ।

୨୦ । କୃଷିକାର—ଚଷା । ତାହେ—ଦେହକେ । କଳନ୍ତର—ସୁଧ । ଲାଭମୂଳ—ମୂଳଧନ । ଏଠାରେ କୃଷ୍ଣଚନ୍ଦ୍ରଙ୍କ ପ୍ରୀତି ଅଶାରେ କିନ୍ତୁ ମୂଳ କି ଆମର ଶରୀର ସେ ନଷ୍ଟ ହେଲା ।

୨୧ । କେ......ମନ—ଲୋକେ ଦାନ କରିଥିଲେ ତାର ଫଳ ପାଏ, ସେଥି ହେତୁ ତାଙ୍କଠାରେ ମନ ସମର୍ପଣ କରିଥିଲୁ । କରୁଣାନିଧାନ—କରୁଣା-ସାଗର, କୃଷ୍ଣ । ଅବଧାନ—ଅନୁଗ୍ରହ, ଏଠାରେ ପ୍ରଦାନ । ଋଷିଙ୍କ—ଦୁର୍ବାସାଦି ଋଷିଙ୍କ । ପୁରାଣ—ପୁରାଣବଚନ ଠିକ୍ ବୋଲି ତୁମ୍ଭେ କହ ନା ପ୍ରାଚୀନ ଲୋକଙ୍କ କଥା ସିଦ୍ଧ ତାହା ଅନ୍ୟଥା ହୁଏ ନାହିଁ ।

Digitized by srujanika@gmail.com

୨୨ । ଅନ—ଅନ୍ୟଲୋକ । ହୁତାଶନ—ଅଗ୍ନି । କନ୍ଦର୍ପ ଅନଳ—କାମ ଅଗ୍ନି ।

୨୩ । କୁସୁମ—ଫୁଲକୁ । ମିଳିନ୍ଦ—ଭ୍ରମର । ମକରନ୍ଦ—ପୁଷ୍ପରସ, ମଧୁ । ହରି—ହରଣ କରି । ମଧୁକର—ଭ୍ରମର । ଅର୍ଥାତ୍ ଫୁଲରୁ ମଧୁ ହରଣ କରି ମଧୁକର ନାମ ବହେ । ମଧୁକରର ଅର୍ଥ "ମଧୁ କରୋତି ତଚ୍ଛୀଳଃ ।" ପୁଷ୍ପମାନଙ୍କରୁ ମଧୁ ନେଇ ଏକତ୍ର ସଂଗ୍ରହ କରିବା ସେ । ନିକର—ସମୂହ ।

୨୪ । କଇରବ କାନ୍ତ...ଦେଖି—କୁମୁଦର ସ୍ୱାମୀ ଚନ୍ଦ୍ର ଯେପରି କୁମୁଦକୁ ଛାଡ଼ି ତାରା କ ନକ୍ଷତ୍ରମାନଙ୍କୁ ଭୋଗ କରନ୍ତି ସେହିପରି ଗୋପୀନାଥ କୃଷ୍ଣଚନ୍ଦ୍ର ଗୋପୀଙ୍କୁ ଛାଡ଼ି କୁବ୍ଜା ସହିତ ରମଣ କଲେ । କୁମୁଦ ଚନ୍ଦ୍ରଙ୍କୁ ଦେଖିବାକୁ ପାଏ, କିନ୍ତୁ ଆମେ କୃଷ୍ଣଙ୍କୁ ଦେଖିବାକୁ ପାଉନାହୁଁ, ତେଣୁ ଆମେ କୁମୁଦଠାରୁ ଦୁଃଖିନୀ ।

୨୫ । କୋକ...ମିଥୁନ—ଚକୁଆ ଚକୋଇଙ୍କର ରାତ୍ରିରେ ବିଚ୍ଛେଦ ହୁଏ, କିନ୍ତୁ ଦିବସରେ ମିଳନ ହୁଏ । ଆମେ ତାଙ୍କଠାରୁ ହୀନ ହେଲୁଁ । ଦିନରେ ଦେଖିବାର ମଧ୍ୟ ବିହି କଲା ନାହିଁ । ଯାତ୍ରା...ଉଙ୍ଗ—କେଉଁ ଦମ୍ପତିଙ୍କ ସୁରତ କ୍ରିୟାରେ ବାଧା ଦେଇଥିଲୁଁ ବୋଲି ଏ ଦଶା ହେଲା । ଦ୍ରୌପଦୀ ଯୁଧିଷ୍ଠିରଙ୍କ ରମଣକାଳରେ ଅର୍ଜୁନ କାର୍ଯ୍ୟବଶରେ ସେ ଘରକୁ ଯାଇଥିବାରୁ ଅନେକ ବର୍ଷ ରତିସୁଖରୁ ବଞ୍ଚିତ ହୋଇଥିଲେ ।

୨୬ । କାର୍ଯ୍ୟ ଘେନା..ନାହିଁ—ସପ୍ରୟୋଜନ ଅର୍ଥାତ୍ ଫଳ କ ଲାଭ ଆଶାରେ ପ୍ରୀତି, ଶତ୍ରୁ ଓ କାର୍ଯ୍ୟ ଅଲକ୍ଷଣସ୍ଥାୟୀ । କୀର—ଶୁଆ । ୨୭ । ବିବେକ—ବିଚାରଶୀଳ । କାରୁସ୍ଥ—ବିନୀତ ହୋଇ । ୨୮ । କର ଓଳାର—ବଲାଇ କର ।

୨୯ । ପୁଣ୍ଡରୀକନେତ୍ରଙ୍କୁ—ପଦ୍ମଲୋଚନ କୃଷ୍ଣଙ୍କୁ । କୁବ୍ଜା...କହିବ—ଗୋପୀମାନେ ଅଭିମାନରେ କହୁଅଛନ୍ତି । କୁବ୍ଜା ଆଗରେ କହିଲେ ଆମ୍ଭଙ୍କ ବଡ଼ ମାନ୍ୟ ହେବ । କଲେ ସଲି—ଅତି ଯନ୍ତ୍ରଣା ଦେଲେ ।

ଚତୁସ୍ତ୍ରିଂଶ ଛାନ୍ଦ

୧ । କଂସକରୀକେଶରୀରବ—କଂସ ହେଲା ହାତୀ, ତା ପ୍ରତି କେଶରୀରବ କ ସିଂହ-ହେଲେ କୃଷ୍ଣଚନ୍ଦ୍ର, କଂସମାରକ ।

୨ । ଉତ୍କଣ୍ଠି—ଉତ୍କଣ୍ଠା । ନଳିନ—ପଦ୍ମ । କୃଶ ବିଷାଦୁଁ—କ୍ଷୀଣତା ଦୁଃଖରୁ ।

୩ । ପ୍ରସନ୍ନ—ପ୍ରସନ୍ନତା, ମନପୂର୍ଣ୍ଣ । କେଉଁ ଦର୍ଶନେ—ଚକ୍ଷୁ ପ୍ରଭୃତି ଇନ୍ଦ୍ରିୟ ସ୍ୱକାର୍ଯ୍ୟ କରି ପାରିଲେ ନାହିଁ, ମତି ବିହ୍ୱଳ ହୋଇଅଛି ।

Digitized by srujanika@gmail.com

୪ । କଙ୍କଣ—ହାତବଳା । କେୟୂର—ବାଜୁ । ଖରେ—ଛାଟରେ । ଶରତ୍ସବେ ଅଛି ଶୁଣିଯାଉ ଅଛନ୍ତି । ୫, ୬ ଓ ୭ ପଦର ଅର୍ଥ ନିମ୍ନ ମୂଳ ଟୀକା ଦେଖ । ୮—୯ । କାଳକାଳ—ବର୍ଷା ସମୟ । କାଦମ୍ବିନୀ... ମତ—ବର୍ଷାକାଳରେ କୋଇଲର କଣ୍ଠ ପଡ଼ିଯାଏ । କେତକୀ...ବର୍ଣ୍ଣ—ରଙ୍ଗ ଧଳା ପଡ଼ିଯାଏ ।

୧୦ । ବୃନ୍ଦା—କୌଣସି ଗୋପୀର ନାମ ହେଉ । ଉତ୍କଟ ନର୍ତ୍ତକୀ—ବଡ଼ ନର୍ତ୍ତକୀ । କୋକିଳ ଗୀତକୁ—କୋକିଳ ଗୀତ ସାଙ୍ଗକୁ (ବା କୋକିଳଗୀତ ନିମନ୍ତ) ନାଚ କରୁଛି । କଳେବର—ଦେହ । ରଙ୍ଗଭୂମି—ନୃତ୍ୟଶାଳା । ଏଥିରେ କାମରାଜ ସୁଖଭୋଗ କରୁଛି । କଳାକୁକଳା—ନିମ୍ନପକ୍ଷ ଭଳିଆ ।

୧୧ । ଚନ୍ଦ୍ର—କର୍ପୂର । ୧୪ । କାସାର—ପୋଖରୀ । ୧୫ । କପର୍ଦ୍ଦ—କଉଡ଼ି । ଦୁର୍ମିଳ—ମିଳୁ ନାହିଁ । ୧୬ । କାମଦୂତ—କୋଇଲି । ୧୭ । କ୍ୱଣନ—ଶବ୍ଦ ।

୧୮ । ଅଙ୍ଗ-ଅଙ୍ଗ-ବିଶ୍ରାମ—ତୁମ୍ଭ ଅଙ୍ଗରେ ଆଶା ରଖି ବିଶ୍ରାମ କରୁଛନ୍ତି ।

୨୦ । କିରଣମାଳୀ—ସୂର୍ଯ୍ୟ । ରଜନୀନାଥ—ଚନ୍ଦ୍ର ।

୨୨ । ଅପହୃତ—ନିଦ୍ରାରୁ ଉଠି । ୨୪ । ନୋହେ ବାକ୍ୟ—ସଂସ୍କୃତ ନୁହେଁ । ଅବାକ୍ୟ ସମ—ପ୍ରାକୃତ ତୁଲ୍ୟ । ଧୀଷଣା—ବୁଦ୍ଧି । ୨୫ । କୋବିଦ ଦେବ—ପଣ୍ଡିତମାନେ ହେଲେ ଦେବତା ପରି । ବାଳିଶ—ମୂର୍ଖ ହେଲେ ଅସୁର । ଗୋପୀଭକ୍ତି—ଗୋପୀମାନଙ୍କର ଯେ ଭକ୍ତି ଅର୍ଥାତ୍ କାମାନୁଗା । "ଗୋପୀଙ୍କ ଭକ୍ତିକି ଭକ୍ତି ପ୍ରେମଭକ୍ତି ପାଇ" ରହସ୍ୟମଞ୍ଜରୀ ।

୨୭ । କୁଟିଳବର୍ଣ୍ଣାବଳରେ ଅଙ୍କୁର—ଏ କାବ୍ୟ ସ୍ଥାନେ ସ୍ଥାନେ ବକ୍ରବାଣୀରେ ଅଙ୍କଯୀକର । କବି...ଜାତ—କବିର ହୃଦୟରେ ଗହଣ ନିମନ୍ତ ଏହା ଜାତ ହୋଇଅଛି । କୋବିଦ—ପଣ୍ଡିତ, ତାଙ୍କ ମନ ହେଲା ଘନାଘନ—ବର୍ଷାକାଳ ।

୨୮ । ବିଭବ—ବିଶିଷ୍ଟ ଭବ ବା ଗୃହସ୍ଥ । କାବ୍ୟ କାନ୍ତାସମ୍ମିତ ବୋଲି ପ୍ରସିଦ୍ଧ । କାନ୍ତା ଯେପରି ମନ ହରଣ କରେ ସେହିପରି କାବ୍ୟ । ଏ କାବ୍ୟ ଅନ୍ୟ ସୁବୁଦ୍ଧିଙ୍କ କଥା ଦୂରେ ଥାଉ ନପୁଂସକର ହୃଦୟକୁ ମଧ୍ୟ ତରଳାଇ ଦେବ । ୩୩ । କୁମୁଦବନ୍ଧୁ—ଚନ୍ଦ୍ର ।

୩୪ । ଜଳଧରତ—ସୁନା । ଦୁକୂଳ—ପାଟଲୁଗା । ଉଦ୍ଦୀପକର—ପଦ୍ମଫୁଲକୁ ବିକାଶ କରେ ଅର୍ଥାତ୍ ଫୁଟାଏ ଯେ । ତପନ—ସୂର୍ଯ୍ୟ । ଏଠାରେ ମନ ହେଲା ପଦ୍ମ, କୃଷ୍ଣଚନ୍ଦ୍ର ହେଲେ ସୂର୍ଯ୍ୟ ।

ମହାରାଜା ଶ୍ରୀ ରାମଚନ୍ଦ୍ର ଉତ୍କଳ ଷ୍ଟିମ ଏସିଷ୍ଟ ପ୍ରେସରେ
ଶ୍ରୀ ବିଧୁଭୂଷଣ ମିଶ୍ରଙ୍କ ଦ୍ୱାରା ମୁଦ୍ରିତ—୧୯୫୩ ।

Digitized by srujanika@gmail.com

ମୁଦ୍ରାକର
ଶ୍ରୀ ବଧୂଭୂଷଣ ମିଶ୍ର
ମହାରାଜା ଶ୍ରୀରାମଚନ୍ଦ୍ର
ଉତ୍କଳ ସୁଜଭର୍ଷିଂ ପ୍ରେସ,
କଟକ

Digitized by srujanika@gmail.com